ସକାଳ ନିଶ୍ଚୟ ଆସିବ

ଅଜିତ କୁମାର ତ୍ରିପାଠୀ

Digitized by PPRACHIN, SOA

ସକାଳ ନିଶ୍ଚୟ ଆସିବ

Digitized by PPRACHIN, SOA

Digitized by PPRACHIN, SOA

ସକାଳ ନିଶ୍ଚୟ ଆସିବ

ଅଜିତ କୁମାର ତ୍ରିପାଠୀ

ବିଦ୍ୟାପୁରୀ ॥ କଟକ

Digitized by PPRACHIN, SOA

SAKALA NISCHAYA ASIBA
By Ajit Kumar Tripathy
Published by Vidyapuri, Cuttack 753 002

ISBN 81-7411-260-X

ପ୍ରଥମ ପ୍ରକାଶ ଫେବୃୟାରୀ ୧୯୯୯

ପ୍ରକାଶକ
ପୀତାମ୍ବର ମିଶ୍ର
ବିଦ୍ୟାପୁରୀ
ବାଲୁବଜାର, କଟକ ୭୫୩୦୦୨

ପ୍ରଚ୍ଛଦ
ଅସୀମ ବସୁ

ଲିପିସଂଯୋଜନ
ବିଦ୍ୟାଶ୍ରୀ ଡିଟିପି ସେଣ୍ଟର
ଆଲାମଚାନ୍ଦ ବଜାର, କଟକ ୭୫୩୦୦୨

ମୁଦ୍ରଣ
ରୟାଲ ହାଫ୍‌ଟୋନ୍ କୋ, କଟକ

ମୂଲ୍ୟ ଟ ୭୦.୦୦

Digitized by PPRACHIN, SOA

ଉତ୍ସର୍ଗ

ସତ୍ୟ ଯେତେ କଠୋର ଓ ଅପ୍ରିୟ ହେଲେ ହେଁ ତାକୁ କହିବାର ସତ୍‌ସାହସ, ସତ୍ୟକଥନ ଯେତେ ଦୁର୍ଭାଗ୍ୟ ଆମନ୍ତ୍ରଣକାରୀ ହେଉନା କାହିଁକି, ତାକୁ ସହିବାର ଧୈର୍ଯ୍ୟ ଏ ଉଭୟ ଯାହାଙ୍କ ପାଖରେ ଥିଲା ଅକଳନ ଓ ଅପରିସୀମ, ମୋର ପରମପୂଜ୍ୟ ଚିରନମସ୍ୟ ଗୁରୁ ସ୍ୱର୍ଗୀୟ ଅଧ୍ୟାପକ **ଡକ୍ଟର ଶ୍ରୀରାମଚନ୍ଦ୍ର ଦାଶ**ଙ୍କ ପଦତଳେ ମୋର ଏଇ "ସକାଳ ନିଶ୍ଚୟ ଆସିବ" ଗଳ୍ପପୁସ୍ତକଟି ଅର୍ପଣ କଲି ।

ଅଜିତ କୁମାର ତ୍ରିପାଠୀ

Digitized by PPRACHIN, SOA

Digitized by PPRACHIN, SOA

ଭୂମିକା

ଗ୍ଲାନିର ଅମରାବତୀରେ ସକାଳ

ସକାଳ ନିଶ୍ଚୟ ଆସିବ । ଅନ୍ତତଃ ସେଇ ସ୍ୱପ୍ନରେ ଆମେ ବିତାଇ ଦେଇପାରିବା! କାଳ, ଅନ୍ତହୀନ ରାତି ହୋଇଚାଲୁ ଗଭୀରରୁ ଗଭୀରତର, ନ ଦିଶୁ ତାରା, ନ ମିଳୁ ସତ୍ୟର ଅବଲମ୍ବନ ସାରା ଜୀବନ । ଏବେ ସ୍ୱପ୍ନ ଦେଖୁଚେ, ସତକୁ ସତ ଯଦି ସକାଳ ଆସି ଠିଆ ହୋଇଯାଏ ସାମ୍ନାରେ ଦିନେ, ଚିହ୍ନି ହେବନି ବୋଧେ । ଆମର ଏ ନୀରନ୍ଧ୍ର ଅନ୍ଧକାରକୁ କ'ଣ ଆସି ନ ଥିଲା ଆଲୋକରେଖା, ଏବେବି କ'ଣ ନାହାନ୍ତି ଆମର ଅନ୍ତହୀନ ରାତିରେ ଅପାଂକ୍ତେୟ ଅସଂଖ୍ୟ ସକାଳ ? ଆମେ ଠିକ୍ ସମୟରେ କ'ଣ ଚିହ୍ନିଚେ ସେମାନଙ୍କୁ ? ଚିହ୍ନିଥିଲେ ତମକୁ ବହି ଲେଖିବାକୁ ପଡ଼ନ୍ତାନାହିଁ କି କହିବାକୁ ପଡ଼ନ୍ତାନାହିଁ, ''ସକାଳ ନିଶ୍ଚୟ ଆସିବ'' ।

ତମର 'ଅଦୃଶ୍ୟ ପୋଷାକ' ପଢ଼ିଲାବେଳେ ଯୋଉ ଅନ୍ଧାର ରାତିରେ ମୁଁ ବାଟ ଖୋଜି ଖୋଜି ପାଇ ନ ଥିଲି, ସେଇ ଅନ୍ଧାରରାତି ଏଠି ବି ଅଛି, ଯା'କୁ ପଢ଼ିଲାବେଳେ ବି ବାଟ ପାଇନି । ବାଟ ନ ପାଇଲେ କ'ଣ ହେଲା, ମୁଁ ଭାବିପାରୁଚି ଯେ ଅନ୍ଧାରକୁ ଅନ୍ଧାରରେ ହିଁ ଦୂର କରାଯାଇପାରେ— ଅନ୍ଧାରର ମୁହଁ ସାମ୍‌ନାରେ ତମେ ଯଦି ଥୋଇଦିଅ ଅନ୍ଧାରର ଦର୍ପଣ, କେବେ ଦିଶିଯିବ କାଳେ ଆଲୁଅର ମୁହଁ । ସେଇଆ କରିଥିଲେ ଗ୍ୟାଲିଲିଓ ବ୍ରେଖ୍‌ଟ୍‌ଙ୍କ 'ଗ୍ୟାଲିଲିଓ' ନାଟକରେ ସତ୍ୟକୁ ବଞ୍ଚାଇବା ପାଇଁ ମିଛ କହିଛନ୍ତି ଗ୍ୟାଲିଲିଓ, ବୃହତ୍ତର ସତ୍ୟର ପ୍ରତିଷ୍ଠା ପାଇଁ ବ୍ୟକ୍ତିଗତ ପ୍ରତ୍ୟୟକୁ ପ୍ରତ୍ୟାହାର କରି ନେଇଛନ୍ତି । ସୂର୍ଯ୍ୟ ପୃଥିବୀ ଚାରିଆଡ଼େ ବୁଲେ ? ଆଜ୍ଞା ହଁ । ପୃଥିବୀ ହିଁ ଅନ୍ତରୀକ୍ଷର କେନ୍ଦ୍ର ?— ଆଜ୍ଞା ହଁ । ତମେ ଏଯାଏଁ ଯାହା କହିଥିଲ ସେ ସବୁ ମିଛ ? ଆଜ୍ଞା ହଁ । ତମେ ମୂର୍ଖ ?— ଆଜ୍ଞା ହଁ । ତମେ ଧର୍ମଦ୍ରୋହୀ, ପାଷଣ୍ଡ ? ଆଜ୍ଞା ହଁ ।

ଆଜ୍ଞା ହଁ, ଆପଣ ସୁନ୍ଦର, ଆପଣଙ୍କ ପୃଥିବୀ ସୁନ୍ଦର, ଆପଣଙ୍କ ନାମ ଗ୍ରାମ, ଘରଦ୍ୱାର, ଭିତର ବାହାର ସବୁ ସୁନ୍ଦର । ଏହି ସ୍ୱୀକାର ଭିତରେ ରହିଯିବ ସତ୍ୟର ଗୋଟେ ଧାର, ଯାହା ଦିନେ କାଟି ଖଣ୍ଡଖଣ୍ଡ କରିଦେବ କାପୁରୁଷର ଆତ୍ମସନ୍ତୋଷକୁ । ସତ୍ୟର ଧାରଟି ହୁଏତ ଦିଶୁନାହିଁ— ଅନ୍ଧାରରେ ସେ ଧାରଟି

Digitized by PPRACHIN, SOA

ବି କଳାରଙ୍ଗର ବେଶ ପିନ୍ଧୁଚି ଆତ୍ମଗୋପନ କରି ରହିବା ପାଇଁ । ସେଇତ ସତ୍ୟର ଅନ୍ଧାରରେ ଅନ୍ଧାର ହୋଇ ରହିବାର କଳା । ଆତ୍ମଗୋପନ କରି ରହି ଦିନେ ସତ୍ୟର ଅସ୍ତ୍ର ଉଠିବ । ସେତିକିବେଳେ ଅନ୍ଧାରକୁ ଚାହିଁ ଲୋକେ ଭାବିବେ ଏଥିରେ କୋଉଠି ଥିଲା ଏ ତେଜ ଆଲୁଅର ? ସେତେବେଳକୁ କିନ୍ତୁ ସକାଳ ହୋଇ ସାରିଥିବ, ଅମରାବତୀର ସକାଳ । କିନ୍ତୁ ସେ ଅମରାବତୀଟି ଆମର କଳ୍ପଲୋକ ନା ଆମ ପୃଥିବୀରେ ସତକୁ ସତ ଆମେ କେବେ ଗଢ଼ିପାରିବା ସେ ଅମରାବତୀକୁ ଆମର ଅସଂଖ୍ୟ ଭଗ୍ନ ଓ ଭ୍ରଷ୍ଟ ସ୍ୱପ୍ନକୁ ଏକାଠି କରି ? ଆମର ଗ୍ଳାନିର ଅମରାବତୀ ଏବେ ମଧ୍ୟ ପ୍ରତି ନିମିଷରେ ଗଢ଼ାଚାଲିଛି, ଭାଙ୍ଗି ବି ଚାଲିଚି ପ୍ରତି ନିୟତ । ଆମେ କେହି ତାକୁ ଇଚ୍ଛା କରି ଗଢୁନେ କି ଇଚ୍ଛାକରି ଭାଙ୍ଗୁନେ । ଆପେ ଆପେ ଗଢ଼ିହେବାର ଓ ଭାଙ୍ଗିଯିବାର ଗୋଟେ ଲୟ ଆସି ରହିଚି ଆମର ସାମାଜିକ ସନ୍ଦର୍ଭରେ । ସେଇ ଲୟଟିକୁ ମନେ ପକାଇଦେବା ପାଇଁ ଅଜିତ ଗପ କହୁଚନ୍ତି ଆପଣଙ୍କୁ । ଗପ ଶୁଣିଲାବେଳେ ଆପଣ ନିଜକୁ ବିଲ୍‌କୁଲ୍ ପାସୋରି ଦେଇ ବସିଚନ୍ତି । ଭାବୁଚନ୍ତି ଇଏ କୋଉଠିକାର କଥା, ଏମିତି ପୁଣି ହୁଏ, କି ହାସ୍ୟାସ୍ପଦ ଅବସ୍ଥା, କି ମାରାତ୍ମକ ଘଟଣା ! ଏଗୁଡ଼ା ସବୁ ହେଲେ ହେଉଥିବ ଅନ୍ୟ କୋଉ ଆଡ଼େ, ଦକ୍ଷିଣରେ କି ଉତ୍ତରରେ, ବିହାର କି ମହାରାଷ୍ଟ୍ର କି ତାମିଲ୍‌ନାଡୁ କି ଉତ୍ତରପ୍ରଦେଶରେ, ଏଥିରେ ଜଣେ ହେଲେ ବି ଓଡ଼ିଆ ନାହାନ୍ତି । ଆହା, ଆମ ରାଜ୍ୟଟି କେତେ ଭଲ । ଏତିକିବେଳେ ଦିଶିବ ସେ ଅନ୍ଧାରର ଦର୍ପଣରେ ଅନ୍ଧାରର ମୁହଁ । ଥରେ ସେ ମୁହଁକୁ ଦେଖିଦେଲାପରେ ଆପଣ ଆଉ ଚରିତ୍ରମାନଙ୍କର ଠିକଣା ଖୋଜିବେ ନାହିଁ, ମୁହଁ ଲୁଚାଇବାପାଇଁ ଅନ୍ତରାଳଟିଏ ଖୋଜିବେ, ଆପଣଙ୍କ ସାମ୍ନାରେ ଯାଉଥିବେ ଆପଣଙ୍କର ଭାଇବନ୍ଧୁ ଜ୍ଞାତି ଭିନ୍ନ ଭିନ୍ନ ନାଁ ନେଇ ଭିନ୍ନ ଭିନ୍ନ ବେଶରେ । ଆପଣଙ୍କ ରାଜ୍ୟଟିକୁ ଅଲଗା କରି ଦେଖିବାର ଆଉ ଉପାୟ ନ ଥିବ । 'ସକାଳ ନିଶ୍ଚୟ ଆସିବ'ରେ ଏହି ଯାଦୁକରୀ କଥକତାର ଅନିବାର୍ଯ୍ୟତାକୁ ଭୋଗିବେ ପାଠକ ।

ଅଜିତଙ୍କ କାହାଣୀରେ ଏହି ଭୋଗିବାର ସନ୍ତ୍ରାସ ଅତି ତୀବ୍ର । ଏଠି ବ୍ୟଙ୍ଗ ଆଉ ବ୍ୟଙ୍ଗ ହୋଇନାହିଁ । ସତ୍ୟକଥନର ନିର୍ମମ ଜ୍ୱାଳା ବ୍ୟଙ୍ଗର ପ୍ରତ୍ୟକ୍ଷ ଲାଞ୍ଛନାକୁ ଅସ୍ୱୀକାର କରି ସ୍ୱୟଂପ୍ରଭ ଶିଖା ହୋଇ ଠିଆହୋଇଚି । ବାଗାଡ଼ମ୍ବର ପରିତ୍ୟାଗ କରି ଅଜିତ ସିଧାସଳଖ କଥା କହୁଚନ୍ତି । ଇଙ୍ଗିତ ବା ଠାରରେ ବାଣୀ ଫୁଟିନି ଯେତେବେଳେ, ମୂଳ କଥାକୁ ହାଣିଦେଇଚନ୍ତି ଛାତିରେ । ସେତକ ସେ କରିପାରିଚନ୍ତି ଏଇଥିପାଇଁ ଯେ ସତ୍ୟ ସହିତ ତାଙ୍କର ପ୍ରତ୍ୟୟର ପ୍ରୟୋଗ ଏଯାଏଁ ଚାଲିଚି । ଅନୁଭବର ଗୂଢ଼ସ୍ତରରେ କିଏ ନଜାଣେ ଯେ ଆମେ ନିଜଠାରୁ ଛୋଟ ହୋଇସାରିଚୁ ।

Digitized by PPRACHIN, SOA

ଆମେ ଭାସିଚାଲିଚୁ ଏଇ ଭରସାରେ ଯେ କିଏ ଜଣେ ଆମକୁ ଉଦ୍ଧାର କରିବ ଏ ଭୟଙ୍କର ପ୍ରବାହରୁ । ହେଲେ କିଏ ଏକ୍ କହିପାରିଚି, ଆମ ଭିତରେ କେତେ ଜଣ ଅଛନ୍ତି ଯିଏ ନିଜ ଆଖିରେ ଦେଖିଥିବା ବିଡ଼ମ୍ବନାକୁ ବର୍ଣ୍ଣିପାରିବେ ? ନିଜ ଆଖିର ଅସତ୍ୟକୁ ହାସ୍ୟାସ୍ପଦ ଓ କରୁଣ କରି ଠିଆ କରାଇ ଦେଇପାରିବେ ସମସ୍ତଙ୍କ ଆଗରେ ?

ଅଜିତ ଏକଥା କହିପାରିଚନ୍ତି, କହିଚାଲିବେ ସ୍ପୃହା ଅଛି ବୋଲି ନୁହେଁ । ସେ ପଡ଼ିଯାଇଚନ୍ତି କଥକତାର ସେଇ ଅନିର୍ବାଯ୍ୟତାର କବଳରେ, ଯାହା ମୂକ ମୁହଁରେ ବାଣୀ ଫୁଟାଏ । ଥରେ ସେ ବାଣୀ ଫୁଟିଲେ କଥା କହିବା ବନ୍ଦ ହୁଏ ନାହିଁ, କେହି ଶୁଣିଲା କି ନ ଶୁଣିଲା ସେଥିକି ନ ଥାଏ ନିଘା । କହି କହି ପାଟି ଥକିଗଲେ ଘଡ଼ିଏ ମନମାରି ଥିର ହୋଇ ବସିବା, ପୁଣିଥରେ ଝାଡ଼ିଝୁଡ଼ି ହୋଇ ଉଠିପଡ଼ି ଆରମ୍ଭ କରିବା ଅନର୍ଗଳ ସେ ଗପ, ବାହାରୁ ସେଥିରୁ ସମାଜକୁ ବଦଳାଇବା ପାଇଁ ଉପାୟ କି ବାହାରୁ ସେଥିରୁ ସମାଜର ଶତ୍ରୁ ପାଇଁ ମାରଣାସ୍ତ୍ର, କି ହୋଇଯାଉ ସେ କାଲି ସକାଳକୁ କିମ୍ବଦନ୍ତୀର ଅର୍ଦ୍ଧସତ୍ୟ । ଚାଲିଥାଉ ସେ କାହାଣୀ, ନ ସରୁ କେବେ । ସେଇ ଆମର ଅର୍ଘ୍ୟଦାନ ସାମୂହିକ ସ୍ୱପ୍ନକୁ ସେ କେବେ ସତ ନ ହେଉ ପଛେ ।

ହଁ, ଅଜିତ, 'ସକାଳ ନିଶ୍ଚୟ ଆସିବ' । ଗ୍ଲାନିର ଅମରାବତୀରେ ସେ ସକାଳ ଯଦି ଦିଶେ ଟିକେ ଅସ୍ୱଚ୍ଛ ଓ ପାଂଶୁଳ, କ୍ଷତି କ'ଣ ?

ଶିବରାତ୍ରି, ହର ପ୍ରସାଦ ଦାସ

ତା ୧୪.୨.୧୯୯୯

Digitized by PPRACHIN, SOA

ନିଜକଥା

ସ୍ୱାମୀ ଶିବାନନ୍ଦଜୀ ମହାରାଜ ଶିଷ୍ୟମାନଙ୍କୁ ବେଳେବେଳେ ଗୋଟିଏ ଗପ କହୁଥିଲେ । ସହରରେ ରହି ବେପାର ବଣିଜ କରୁଥିବା ପୁଅକୁ ଗାଁରେ ରହୁଥିବା ତା' ବାପା ଥରେ ଲେଖିଲା ଚିଠିଟିଏ । ଘରଖର୍ଚ୍ଚ ପାଇଁ ଗାଁକୁ ମାସକୁ ଦଶ ଟଙ୍କା ଲେଖାଏଁ ପଠାଇବା ପାଇଁ ସେଥିରେ ଥିଲା ନିର୍ଦ୍ଦେଶ । ଗାଁର ପୋଷ୍ଟ ମାଷ୍ଟର ଚିଠିଟି ପଢ଼ି ୧୦ ଡାହାଣକୁ ଆଉ ଗୋଟିଏ ଶୂନ୍ ଲଗାଇଦେଲେ ଏବଂ ଦଶଟଙ୍କାକୁ କରିଦେଲେ ଶହେଟଙ୍କା । ଚିଠିଟି ପାଇବା ପରେ ପୁଅ ବାପା ପାଖକୁ ମାସକୁ ଶହେଟଙ୍କା ପଠାଇବାରେ ହେଳା କଲା ନାହିଁ । ପୋଷ୍ଟମାଷ୍ଟରବାବୁ ସେଥିରୁ ନବେ ଟଙ୍କା ପକେଟସ୍ଥ କରନ୍ତି ଏବଂ ବାପାକୁ ଦିଅନ୍ତି ମାତ୍ର ଦଶ ଟଙ୍କା ।

ପୋଷ୍ଟମାଷ୍ଟରଙ୍କ ଲୋଭ କିଛି ମାସ ପରେ ହେଲା ପ୍ରଚଣ୍ଡତର । ସେ ବାପାକୁ ଡାକି ବୁଝାଇଲେ ଦଶ ଟଙ୍କାରେ ଘରଖର୍ଚ୍ଚ ଆଉ ଚଳୁନାହିଁ । ଏଥର ପୁଅକୁ ଲେଖିଲେ ସେ ଅଧିକ ଟଙ୍କା ପଠାଇବ । ବାପା ପୁଅକୁ ଏଥର ଲେଖିଲା ମାସକୁ କୋଡ଼ିଏଟଙ୍କା ପଠାଇବାକୁ । ପୋଷ୍ଟମାଷ୍ଟରବାବୁ ଚିଠିରେ ଲଗାଇଦେଲେ ୨୦ ଡାହାଣକୁ ଆଉଗୋଟିଏ ଶୂନ୍ । ଚିଠିପାଇ ପୁଅ ପଠାଇଲା ମାସକୁ ୨୦୦ ଟଙ୍କା, କିନ୍ତୁ ବାପା ପାଇଲା ମାତ୍ର କୋଡ଼ିଏ ଟଙ୍କା । ଏହିପରି ପୋଷ୍ଟମାଷ୍ଟରଙ୍କ ଆୟ ନବେ ଟଙ୍କାରୁ ବଢ଼ି ମାସକୁ ହୋଇଗଲା ଏକ ଶହ ଅଶୀ ଟଙ୍କା ।

ଦିନେ ପୋଷ୍ଟମାଷ୍ଟରଙ୍କ ଉପରିସ୍ଥ କର୍ମଚାରୀ ପୋଷ୍ଟାଲ ଇନ୍ସପେକ୍ଟର ପରିଦର୍ଶନରେ ଆସି ଲକ୍ଷ୍ୟକଲେ ଯେ ପୋଷ୍ଟମାଷ୍ଟରବାବୁ ଚଳୁଛନ୍ତି ଅତ୍ୟନ୍ତ ବିତ୍ତଶାଳୀ ଓ ଐଶ୍ୱର୍ଯ୍ୟବାନ୍ ଭାବେ । ଗାଁଲୋକଙ୍କଠାରୁ ପୋଷ୍ଟମାଷ୍ଟରଙ୍କ ଚଳଣି ଓ ଢଙ୍ଗଢାଙ୍ଗ ବିଷୟରେ ସେ ବୁଝିଲେ । ତାଙ୍କର ସନ୍ଦେହ ହେଲା । ପୋଷ୍ଟମାଷ୍ଟରଙ୍କର ନିଶ୍ଚୟ ବେଶ୍ କିଛି ଉପୁରି ଆୟ ଅଛି ।

ମନିଅର୍ଡ଼ର ଯେଉଁମାନଙ୍କ ପାଖକୁ ଆସେ ସେମାନଙ୍କୁ ସେ ଗୋପନୀୟ ଭାବେ ଡାକି ପଚାରି ବୁଝିଲେ । ମାସକୁ କୋଡ଼ିଏ ଟଙ୍କା ପାଉଥିବା ବାପାଟି କହିଲା ଯେ ସେ କୋଡ଼ିଏ ଟଙ୍କା ମାତ୍ର ମାଗିଥିଲା ଏବଂ ତାହା ପାଉଛି । ପୋଷ୍ଟ ଅଫିସ୍‌ର ଭାଉଚର ଓ ରେଜିଷ୍ଟର ଇତ୍ୟାଦିରୁ ଜଣାଗଲା ଯେ ଆଗରୁ ମାସକୁ ଶହେ ଟଙ୍କା ଆସୁଥିଲା । ଏବେ ଦୁଇଶହ ଟଙ୍କା ଲେଖାଏଁ ଆସୁଛି । ସହରକୁ

Digitized by PPRACHIN, SOA

ଆସି ଇନ୍‌ସପେକ୍ଟରବାବୁ ପୁଅକୁ ପଚାରି ବୁଝିଲେ ଏବଂ ତା ପାଖରେ ଥିବା ଚିଠି ଦୁଇଟି ପଢ଼ି ଜାଣିପାରିଲେ ଯେ ଏ ସବୁ ପୋଷ୍ଟମାଷ୍ଟରବାବୁଙ୍କ କାରସାଦି ।

ପୋଷ୍ଟାଲ ଇନ୍‌ସପେକ୍ଟରଙ୍କ ଅନୁସନ୍ଧାନ ପରେ ପୋଷ୍ଟମାଷ୍ଟର ଚାକିରିରୁ ବହିଷ୍କୃତ ହେଲେ । ଆମ ଗଣତାନ୍ତ୍ରିକ ରାଷ୍ଟ୍ର ଓ ପ୍ରଶାସନରେ ନାଗରିକମାନେ ହେଲେ ବାପା ଓ ପୁଅ । ନାଗରିକମାନେ ନାନା ଭାବେ ପ୍ରତ୍ୟକ୍ଷ ଓ ପରୋକ୍ଷ ଟିକସ ଦିଅନ୍ତି । ସେଥିରୁ ସରକାରୀ କର୍ମଚାରୀମାନେ ଦରମା ପାଆନ୍ତି ଏବଂ ସେହି ଅର୍ଥରୁ ହିଁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ହୋଇଥାଏ । ନାଗରିକମାନଙ୍କ ଅର୍ଥ ସେହିମାନଙ୍କ ପାଖକୁ ନିରାପତ୍ତା, ବିଭିନ୍ନ ସେବା ଓ ଉନ୍ନୟନମୂଳକ କାର୍ଯ୍ୟକ୍ରମ ଜରିଆରେ ପହଞ୍ଚାଇବା ପାଇଁ ସରକାରୀ ବିଭାଗୀୟ ମନ୍ତ୍ରୀ ଓ କର୍ମଚାରୀମାନଙ୍କର ସୃଷ୍ଟି, ଯେପରିକି ପୋଷ୍ଟମାଷ୍ଟରଙ୍କ ଚାକିରିର ସୃଷ୍ଟି ହୋଇଥିଲା ଲୋକଙ୍କ ଚିଠିପତ୍ର, ପାର୍ଶଲ ଓ ମନିଅର୍ଡର ଅନ୍ୟ ଲୋକଙ୍କ ପାଖେ ପହଞ୍ଚାଇବା । କିନ୍ତୁ କାହାଣୀର ପୋଷ୍ଟମାଷ୍ଟରବାବୁ ଯେପରି ଚାଲାକି କରି ଅର୍ଥ ଆତ୍ମସାତ୍ କରୁଥିଲେ, ଏବେ ସେହିପରି ଅନେକ ରାଜନୀତିଜୀବୀ, ସରକାରୀ କର୍ମଚାରୀ ଓ ବେସରକାରୀ ଅନୁଷ୍ଠାନ ପ୍ରବଳଭାବେ ବାଟମାରଣା, ଉପୁରି ଓ ଅର୍ଥ ଆତ୍ମସାତରେ ଲିପ୍ତ ଅଛନ୍ତି । ଉନ୍ନୟନ ଓ ସମାଜମଙ୍ଗଳ କାର୍ଯ୍ୟଗୁଡ଼ିକର ଅର୍ଥ-ବିନିଯୋଗ ଯେତିକି ବଢୁଛି, ବାଟମାରଣା କରୁଥିବା ଲୋକେ ସେହି ପରିମାଣରେ ଅଧିକ ଲାଭବାନ୍ ହେଉଛନ୍ତି, ଠିକ୍ ଯେପରି ପୁଅ ବାପକୁ ଶହେ ଟଙ୍କାକୁ ବଢ଼ାଇ ଦୁଇଶହ ଟଙ୍କା ପଠାଇଲାବେଳେ ପୋଷ୍ଟମାଷ୍ଟରଙ୍କ ଉପୁରି ଆୟ ମଧ୍ୟ ହୋଇଗଲା ଦ୍ୱିଗୁଣିତ ।

ଗୋଟିଏ ପାର୍ଥକ୍ୟ କିନ୍ତୁ ଏବେ ଦେଖାଯାଇଛି । ଏବେ କାହାଣୀଟିରେ ପୋଷ୍ଟାଲ ଇନ୍‌ସପେକ୍ଟରଙ୍କ ଭୂମିକା ତୁଲାଉଥିବା କେତେକ ରାଜନୈତିକ ଓ ପ୍ରଶାସନିକ ଉପରିସ୍ଥ କର୍ମକର୍ତ୍ତା ଅଧସ୍ତନ କର୍ମଚାରୀମାନଙ୍କ ସହ ହାତମିଳାଇ ଲୁଟ୍‌ରେ ଭାଗୀଦାର ହେଉଛନ୍ତି । ବେଳେବେଳେ ଦୁର୍ନୀତିନିବାରଣ ଦାୟିତ୍ୱରେ ଥିବା କର୍ମକର୍ତ୍ତାବୃନ୍ଦଙ୍କ ମଧ୍ୟରୁ ଅନେକେ ଏହି ଭାଗୀଦାରୀ ପ୍ରଥାର ଅଂଶବିଶେଷ ହୋଇ ଯାଉଛନ୍ତି । ତେଣୁ ବାପ-ପୁଅ ପୂର୍ବଭଳି ରାତି ଅନିଦ୍ରା । ଏଣେ ମୁଗୁରା ପଛ ମେଲା ।

ତେବେ ଏ ଦିଗରେ ବାପ-ପୁଅଙ୍କର କର୍ତ୍ତବ୍ୟ କ'ଣ ? ଏକଥା ମଧ୍ୟ ଗୋଟିଏ ଗଳ୍ପଛଳରେ ଶିବାନନ୍ଦ ମହାରାଜ ଶିଷ୍ୟମାନଙ୍କୁ କହିଛନ୍ତି । ଜଣେ ବାପା ଓ ତାର ଛୋଟପୁଅ ଗୋଟିଏ ଅନ୍ଧାର ବଖରାରେ ବସିଥିଲେ ।

ପୁଅ ପଚାରିଲା''ବାପା ମୋତେ ଏ ଅନ୍ଧାରକୁ ଡର ଲାଗୁଛି । ଆମେ କେମିତି ଏ ଅନ୍ଧାର ଦୂର କରିବା'' ?

ବାପା ଉତ୍ତର ଦେଲା ''ପୁଅ, ମହମବତିଟିଏ ଜଳାଇଦେ'' ।

Digitized by PPRACHIN, SOA

ପୁଅ ମହମବତି ଜଳାଇଦେଲା, ପଚାରିଲା – "ଏବେ ଅନ୍ଧାର ଚାଲିଗଲା ନା ବାପା" ?

ବାପା 'ହଁ' କଲା । ପୁଅ ସଙ୍ଗେ ସଙ୍ଗେ ମହମବତିଟି ଲିଭାଇଦେଲା । ପୁଣି ଚାରିଆଡ଼େ ଅନ୍ଧାର । "ବାପା, ଅନ୍ଧାର ହୋଇଗଲା । ମୋତେ ଡର ମାଡୁଛି ।"

ବାପା କହିଲା – 'ମହମବତିଟି ଜଳାଇଦେ ପୁଅ' । ପୁଅ ଆଉଥରେ ମହମବତିଟି ଜାଳିଦେଲା । 'ଏଥର ଅନ୍ଧାର ଚାଲିଗଲା ବାପା' ପୁଅଟି ଖୁସିହୋଇ କହି ଉଠିଲା ।

କିଛି ସମୟ ପରେ ଅନ୍ଧାର ଚାଲିଗଲା ବୋଲି ଖୁସି ହୋଇ ପୁଅଟି ପୁଣି ବତି ଲିଭାଇଦେଲା । ଅନ୍ଧାର ଆଉଥରେ ବିରାଜମାନ ହେଲା ।

ଏଥର ବାପା କହିଲା – "ପୁଅ, ଅନ୍ଧାର ଯେତେବେଳଯାଏ ଅଛି, ତୁ ବତିଟି ଜଳାଇ ରଖିବୁ । ତୁ ଅନ୍ଧାର ଚାଲିଗଲା ବୋଲି ବତିଟି ଲିଭାଇଦେଲେ ଅନ୍ଧକାର ଆଉଥରେ ମାଡ଼ି ଆସିବ । ଯେତେବେଳେ ସୂର୍ଯ୍ୟ ଉଦୟ ହେବ, ସକାଳ ଆସିବ ସେତେବେଳେ ତୋର ଆଉ ମହମବତିର ଆବଶ୍ୟକତା ପଡ଼ିବ ନାହିଁ" ।

ଆଜିର ଏ ଅନ୍ଧକାର ତ ଦିନେ ଅପସରି ଯିବ । ସକାଳ ନିଶ୍ଚୟ ଆସିବ । ତେବେ ବାଳୁତ ସାନପୁଅ ଭଳି ଆମେ ମହମବତିଟି ଥରକୁଥର ନ ଲିଭାଇ ଚାଲୁନୁ ଜଳାଇ ରଖିବା । ଅନ୍ଧାର ଯେତେ ଘନୀଭୂତ ହେଉ, ଝଡ଼ଝଞ୍ଜା ଯେତେ ଆସୁ, ଆମେ ନିଜ ନିଜ ବତିକୁ ଲିଭିବାକୁ ଦେବାନାହିଁ । ଯଦି କୌଣସି କାରଣରୁ କେତେବେଳେ ବତି ଲିଭିଯାଏ, ତାକୁ ତୁରନ୍ତ ପୁଣି ଜଳାଇରଖି ଅନ୍ଧକାରକୁ ଦୂରେଇ ରଖିବା । ପଡ଼ୋଶୀର ବତି ମଧ୍ୟ ଯେପରି ନ ଲିଭିଯାଏ, ଲିଭିଗଲେ ପୁଣି ଯେପରି ଜଳି ଉଠେ ଏ କଥା ମଧ୍ୟ ଦେଖିବା । ତା' ନ ହେଲେ ଆଜି ଯେଉଁମାନେ କାହାଣୀ-ବର୍ଣ୍ଣିତ ପୋଷ୍ଟମାଷ୍ଟର ଭୂମିକାରେ ଅଭିନୟ କରି ଆମ ଆଖିରେ ଆଙ୍ଗୁଠି ଗେଞ୍ଜି ଆମକୁ ଲୁଟ୍ କରୁଛନ୍ତି ଏବଂ ଯେଉଁମାନେ ଇନ୍ସପେକ୍ଟରଙ୍କ ଭୂମିକାରେ ମଧ୍ୟ ଲୁଟ୍‌ରେ ଭାଗୀଦାର ହେଉଛନ୍ତି, ସେମାନଙ୍କୁ ଦେଖିବା କେମିତି, ସେମାନଙ୍କ ପ୍ରତି ସାବଧାନ ହେବା କେମିତି, ସେମାନଙ୍କୁ ପ୍ରତିରୋଧ କରିବା କେମିତି ? ସକାଳ ଆସିଲାବେଳ ପର୍ଯ୍ୟନ୍ତ ଆମେ ତ ହାତଗୋଡ଼ ଯୋଡ଼ି ବସିରହିଲେ ଚଳିବ ନାହିଁ । ମୋ କାହାଣୀଗୁଡ଼ିକ ଯଦି ପାଠକମାନଙ୍କୁ ସେମାନଙ୍କ ବତି ଜଳାଇରଖି ସ୍ୱାମୀ ଶିବାନନ୍ଦଜୀ ମହାରାଜଙ୍କର କାହାଣୀ-ବର୍ଣ୍ଣିତ ପୋଷ୍ଟମାଷ୍ଟର ଭୂମିକାରେ ଏବେ ଅବତୀର୍ଣ୍ଣ ହୋଇଥିବା ଚରିତ୍ରମାନଙ୍କୁ ଚିହ୍ନିବାରେ ସାହାଯ୍ୟ କରେ, ତେବେ ପରିଶ୍ରମ ସାର୍ଥକ ହେଲାବୋଲି ମନେ କରିବି । ଆଜି ପାଇଁ ଏତିକି ।

ଭୁବନେଶ୍ୱର   ଅଜିତ କୁମାର ତ୍ରିପାଠୀ

୧୫.୨.୯୯

Digitized by PPRACHIN, SOA

କୃତଜ୍ଞତା

ମୋର ସର୍ବପ୍ରଥମ କୃତଜ୍ଞତା ବନ୍ଧୁ ଗାଳ୍ପିକ କବି ସ୍ୱନାମଧନ୍ୟ ନାଟ୍ୟକାର ଶ୍ରୀ ସରୋଜ ମିଶ୍ରଙ୍କୁ । ଏ ପୁସ୍ତକ ପ୍ରକାଶନ ଦିଗରେ ତାଙ୍କର ଭୂମିକା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ।

ସାହିତ୍ୟାନୁରାଗୀ ଓ ଓଡ଼ିଆ ସ୍ୱାଭିମାନର ପୂଜାରୀ ବିଦ୍ୟାପୁରୀର ଶ୍ରୀ ପୀତାମ୍ବର ମିଶ୍ରଙ୍କ ନିକଟରେ ମୁଁ କୃତଜ୍ଞ, ମୋର ପ୍ରଥମ ବହି 'ଅଦୃଶ୍ୟ ପୋଷାକ' ଭଳି ଏ ବହିଟିର ମଧ୍ୟ ପ୍ରକାଶନ ହାତକୁ ନେଇଥିବାରୁ ।

ଏଥର ମଧ୍ୟ ମୋର ପ୍ରଚ୍ଛଦ ଚିତ୍ର ଆଙ୍କିଛନ୍ତି ବିଶିଷ୍ଟ ଶିଳ୍ପୀ, କଳାକାର ଓ ନାଟ୍ୟନିର୍ଦ୍ଦେଶକ ଶ୍ରୀ ଅସୀମ ବସୁ । ମୁଁ ତାଙ୍କୁ ଅନ୍ତରର ଗଭୀରତମ ପ୍ରଦେଶରୁ କୃତଜ୍ଞତା ଜଣାଉଛି ।

ସାମାଜିକ ସମ୍ମାନ ଓ ଆର୍ଥିକ ସ୍ୱଚ୍ଛଳତାର ପ୍ରତୀକ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ପ୍ରଥମ ଶ୍ରେଣୀର ଅଫିସର ପଦବୀକୁ ଚାକିରି ଆରମ୍ଭର ସାତବର୍ଷ ପରେ ତ୍ୟାଗ କରି ସୃଜନଶୀଳ ସାହିତ୍ୟ ରଚନା ଓ ମୁକ୍ତବୃତ୍ତ ସାମ୍ବାଦିକତାକୁ ଜୀବିକା ଭାବେ ଆଦରିନେଇଥିବା ମୋର ମଧୁରସଂପର୍କୀୟ ଅନୁଜ ଶ୍ରୀମାନ ବିଭୂତି ମିଶ୍ରଙ୍କର ଗଳ୍ପ ଓ ନିର୍ଭୀକ ଫିଚରଲେଖାଗୁଡ଼ିକ ମୋତେ ବିଶେଷ ଅନୁପ୍ରାଣିତ କରିଥିଲା, ସମ୍ବାଦପତ୍ର ଜରିଆରେ କିଛି ସର୍ବଜନଧର୍ମୀ ଲେଖା ପ୍ରକାଶ କରିବାପାଇଁ । ମୁଁ ସେଥିପାଇଁ ବିଭୂତିଙ୍କ ନିକଟରେ ଋଣୀ ।

ବିଭିନ୍ନ ସମ୍ବାଦପତ୍ର ଓ ପତ୍ରିକାରେ ମୋ ଗଳ୍ପଗୁଡ଼ିକ ପଢ଼ି ଯେଉଁମାନେ ମୋତେ ଟେଲିଫୋନ୍ ଯୋଗେ, ପତ୍ରଯୋଗେ କିମ୍ବା ସଂପାଦକଙ୍କୁ ପତ୍ର ଯୋଗେ ଶୁଭେଚ୍ଛା ଦେଇ ଉତ୍ସାହିତ ଓ ଅନୁଗୃହୀତ କରିଛନ୍ତି, ମୁଁ ସେମାନଙ୍କ ନିକଟରେ କୃତଜ୍ଞ ।

ଯେଉଁ ଦୈନିକ ସମ୍ବାଦପତ୍ର, ସାପ୍ତାହିକୀ ତଥା ପତ୍ରିକାମାନଙ୍କରେ ଏ ଗଳ୍ପଗୁଡ଼ିକ ପ୍ରକାଶିତ ହୋଇଥିଲା, ଯଥା– ସମାଜ, ପ୍ରଜାତନ୍ତ୍ର, ଧରିତ୍ରୀ, ସମୟ, ସମ୍ବାଦ, ଅନୁପମ ଭାରତ, ଉତ୍କଳିକା, ଝଙ୍କାର, ଆବର୍ତ୍ତ ପ୍ରଭୃତି, ସେମାନେ ମୋତେ ଉତ୍ସାହିତ କରିଥିବାରୁ ଏବଂ ଲେଖାଗୁଡ଼ିକ ଏ ପୁସ୍ତକରେ ପ୍ରକାଶିତ ହେବାକୁ ଅନୁମତି ଦେଇଥିବାରୁ ସେମାନଙ୍କ ନିକଟରେ ମୁଁ ଚିରକୃତଜ୍ଞ ।

Digitized by PPRACHIN, SOA

ଅଧୁନା ଓଡ଼ିଆ ସାହିତ୍ୟର ଯଶସ୍ୱୀ କବି, ଅନ୍ୟତମ ଶ୍ରେଷ୍ଠ ଗଦ୍ୟଲେଖକ ଓ ପ୍ରବୀଣ ସାହିତ୍ୟ ସମାଲୋଚକ, ସମସ୍ତଙ୍କର ଅତିପ୍ରିୟ ଓ ପରିଚିତ ହର ଭାଇ ଏ ପୁସ୍ତକଟିର ଭୂମିକାରେ ଯାହା ଲେଖିଛନ୍ତି, ସେଥିରେ ଥିବା ଉଦ୍ଦାମ ପ୍ରାଣବତ୍ତା ଓ ସଂକ୍ରମଣୀୟ ଭାବୋଚ୍ଛ୍ୱାସ ମୋତେ ବାସ୍ତବିକ ଅଭିଭୂତ କରିଛି । ଏ ବହିରେ ସେ 'ଭୂମିକା'ଟି ସତେ ଯେମିତି ଗ୍ରାମଶୂକରୀ ଗଳାରେ ଗଜମୁକ୍ତାର ହାର । ଏହି ମୁକ୍ତାହାରଟି ପିନ୍ଧାଇ ଦେଇଥିବାରୁ ହରଭାଇଙ୍କୁ ମୋର ଅଶେଷ କୃତଜ୍ଞତା ।

ଲେଖାଟି ସରିଲା ପରେ ତା'ର ପ୍ରଥମ ଓ ସଂଶୋଧିତ ଶୁଦ୍ଧ ପ୍ରତିଲିପି ପ୍ରସ୍ତୁତି କରିବା, ସମ୍ବାଦପତ୍ର ତଥା ପତ୍ରିକାକୁ ଲେଖାଗୁଡ଼ିକ ଯଥାସମୟରେ ପଠାଇବା ପାଇଁ ଶ୍ରୀ ମାଧବାନନ୍ଦ ପଣ୍ଡାଙ୍କ ଅକୁଣ୍ଠ ସାହାଯ୍ୟ ପାଇଁ ମୁଁ ଋଣୀ । ଅନେକ ସମୟରେ ଗଳ୍ପଗୁଡ଼ିକର ବିକ୍ଷିପ୍ତ ଚିନ୍ତାଧାରାକୁ ସଜାଡ଼ିନେବା ଦିଗରେ ତାଙ୍କର ପ୍ରସ୍ତାବ ମୋ ପାଇଁ ଅତ୍ୟନ୍ତ ଉପଯୋଗୀ ହୋଇଛି । ମୁଁ ତାଙ୍କ ନିକଟରେ ଗଭୀରଭାବେ କୃତଜ୍ଞ ।

'ଅଦୃଶ୍ୟ ପୋଷାକ' ମୋର ପ୍ରଥମ ଗଳ୍ପସଂକଳନର ସୁଧୀ ପାଠକବୃନ୍ଦଙ୍କ ନିକଟରେ ମୁଁ ଋଣୀ । ଆଶାକରେ ସେମାନେ ମୋର ଏ ବହିଟିକୁ ଆଦରରେ ଆପଣେଇ ନେବେ ।

ବିନୟାବନତ

ଅଜିତ କୁମାର ତ୍ରିପାଠୀ

Digitized by PPRACHIN, SOA

ସୂଚୀ

ସକାଳ ନିଶ୍ଚୟ ଆସିବ	୧
ପ୍ରଭାତ ଫେରି	୭
କାହାକୁ କହିବେ ନାହିଁ	୧୩
ପରାଜୟ	୧୯
ଅନ୍ୟ ଆରୁଣି	୨୫
ଚତୁର୍ଥ କାଉଣ୍ଟର	୩୦
ସମାଜ ସଂରକ୍ଷଣ	୩୩
ଏକୁ ଆରେକ ବଳିଆର	୩୬
ଡାକବଙ୍ଗଳା	୪୧
ବାଟମାରଣା	୪୮
କାର୍ଯ୍ୟବ୍ୟସ୍ତ	୫୩
ନିଲମ୍ବନ	୫୯
ସାରିଡନ୍	୬୨
ରାଜନୀତି	୬୮
ଟାଇଟାନିକ୍	୭୫
ନାରୀ ଜାଗରଣ	୮୨
ଶୃଗାଳର ପୁଚ୍ଛ	୮୫
ମତିମାନ୍ ନ ପ୍ରକାଶୟେତ୍	୮୮
ରକ୍ତଚାପ	୯୩
ଶାନ୍ତି ନଗର	୯୭
ଜନ ଅଦାଲତ	୧୦୩
ବାବୁ ସୁନ୍ଦରଲାଲ	୧୦୭
ସର୍ବୋଦୟ ଯୋଜନା	୧୧୩
ପରାଜିତ କାଳିଦାସ	୧୧୮

Digitized by PPRACHIN, SOA

ନଥି ଓ ପିଟିସନ	୧୨୨
ଜ୍ୟେଷ୍ଠ ସନ୍ତାନ	୧୨୯
ଅକ୍ଟୋପସ୍	୧୩୪
ସନ୍ଧିକାଳ	୧୪୧
ଭାଗ୍ୟ ନିୟନ୍ତା	୧୪୫
କାଳ, ଅକାଳ ଓ ମହାକାଳ	୧୫୬
ନବବଧୂ	୧୫୯
ବସନ୍ତ ଉତ୍ସବ	୧୬୪
ରାଜସାକ୍ଷୀ	୧୬୮
ସ୍ତନ୍ୟପାନ	୧୭୨
ବାପ ପୁଅ ରାତି ଅନିଦ୍ରା	୧୭୭

✲

Digitized by PPRACHIN, SOA

ସକାଳ ନିଶ୍ଚୟ ଆସିବ

ଆପଣ ଯାହାକୁ ପଚାରନ୍ତୁ, ଉପରୁ ତଳ ଯାଏ ସମସ୍ତେ ସମସ୍ୟା ଘେରରେ । କିଏ ଜଣେ କହିଥିଲେ ସମସ୍ୟା ନ ଥିଲେ ଜୀବନର ସ୍ୱାଦ ଚାଖି ହୁଏନା, କିନ୍ତୁ ଏଇ ସମସ୍ୟା ବେଳେ ବେଳେ ମଣିଷକୁ କେତେ ଯେ ଅଣନିଶ୍ୱାସୀ କରିପକାଏ । ଭାବିଲାବେଳକୁ ହାତ ପାଆନ୍ତାରେ ସମୟ ନ ଥାଏ ।

ବିଚାରପତି ଚାକିରି କାଳରେ ଅନେକ ଅନୁଭୂତି । ହେଲେ ଏଇ ଆଠ ମାସ ହେଲା ପିଲାଛୁଆ ସଂସାରକୁ ଛାଡ଼ି ଦୂରରେ ରହିବା କେତେ ଯେ କଷ୍ଟକର ଆଉ ଦୁର୍ବିସହ ତାହା ଅଙ୍ଗେ ଅଙ୍ଗେ ହୃଦ୍‌ବୋଧ କରିସାରିଲେଣି ନ୍ୟାୟମୂର୍ତ୍ତି ସିୟାରାମ ଶରଣ ଝା । ଅବଶ୍ୟ ପାଖେ ପାଖେ ପିଅନ ଅର୍ଦ୍ଦଳି । କିନ୍ତୁ କେମିତି କାହିଁକି ସବୁକାମ ଭିତରେ ମନେ ପଡ଼େ ତାଙ୍କର ଛୋଟିଆ ପରିବାର । ପରିବାରରେ ରହିଲେ ଦିନରେ ସୂର୍ଯ୍ୟ ଆଲୋକ ଭଳି ଜଣାଯାଏ । ପରିବାରରୁ ଦୂରେଇ ରହିଲେ ଆବଶ୍ୟକତାଟି ବୋଧ ହୁଏ ଗଭୀର ଭାବରେ ।

ସ୍ତ୍ରୀଙ୍କର ଜିଦ୍ । ପିଲା ଦୁହିଁଙ୍କର ପାଠ ପଢ଼ା । ଅଧା ବର୍ଷରୁ ଅନ୍ୟ ଏକ ବିଶ୍ୱବିଦ୍ୟାଳୟକୁ ଟ୍ରାନ୍‌ସଫର କଲେ ପିଲାଙ୍କର କ୍ଷତି । ଏଣୁ ଅମରାବତୀ ରାଜ୍ୟରେ ସେମାନେ ରହୁଛନ୍ତି ପୂର୍ବଭଳି ।

ଆଦବକାଇଦା, ଚାଲିଚଳନ ଓ ସିଦ୍ଧାନ୍ତରେ ନ୍ୟାୟମୂର୍ତ୍ତି ସିୟାରାମ ଶରଣ ବେଶ୍ ଦୃଢ଼ । ନ୍ୟାୟ ଦେବାରେ ନିର୍ଭୟ । ନିର୍ଭୀକ ଭାବରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ମକଦ୍ଦମାରେ ରାଜ୍ୟ ଶାସକଗୋଷ୍ଠୀର କେତେକ ଦୁର୍ନୀତିଗ୍ରସ୍ତ ମନ୍ତ୍ରୀଙ୍କ ବିରୋଧରେ ଲାଗ୍ ଲାଗ୍ କଟୁ ମନ୍ତବ୍ୟ ପ୍ରଦାନ କରି ସେ ହୋଇଥିଲେ ଅମରାବତୀ ରାଜ୍ୟରେ ଖୁବ୍ ଚର୍ଚ୍ଚିତ ।

ହଠାତ୍ ବଦଳି ଆଦେଶ ମିଳିଥିଲା ସାରଙ୍ଗଗଡ଼ ରାଜ୍ୟର ଉଚ୍ଚ ନ୍ୟାୟାଳୟକୁ । ନିଜର ଚିରାଚରିତ ସ୍ୱଭାବବଶତଃ କାହାକୁ ଭ୍ରୂକ୍ଷେପ ନ କରି ସାରଙ୍ଗଗଡ଼ ରାଜ୍ୟର ଉଚ୍ଚ ନ୍ୟାୟାଳୟର ବିଚାରପତି ଭାବରେ ଯୋଗ ଦେଲା ଦିନରୁ ଅସଂଖ୍ୟ ବାକିଆ ପୁରୁଣା ମକଦ୍ଦମାର ଫଇସଲା କରୁ କରୁ ଆଠମାସ ଭିତରେ ମାତ୍ର ଥରେ ଯାଇଛନ୍ତି ସେ ଅମରାବତୀ ରାଜ୍ୟ । ଅତି ଦରକାର ପଡ଼ିଲେ ଫୋନରେ କଥା ହୁଅନ୍ତି ସ୍ତ୍ରୀ ପ୍ରୀତିନନ୍ଦାଙ୍କ ସହ ।

Digitized by PPRACHIN, SOA

ଜଣେ ସଚ୍ଚୋଟ, ନିଷ୍ଠାପର ଓ ନିର୍ଭୀକ ବିଚାରପତିଙ୍କୁ ବୋଧହୁଏ ଆଜିର ରାଜନୈତିକ କରାମତିର ସାମନା କଲେ ପ୍ରଥମେ ବଦଳିରେ ହିଁ ହେବ ତାର ପରିପ୍ରକାଶ । ସ୍ଥାନାନ୍ତର ହିଁ ଅସୁବିଧା ଉପୁଜାଉଥିବା ଲୋକ ବିପକ୍ଷରେ ମୂଳଅସ୍ତ୍ର ବୋଲି ବଦ୍ଧ ଧାରଣା ରହିଯାଇଛି ପ୍ରଶାସନର । ଏଣୁ ଉଚ୍ଚ ନ୍ୟାୟାଳୟକୁ ଉନ୍ନୀତ ହେବା ପୂର୍ବରୁ ସ୍ଥାୟୀ ଭାବରେ ଦୁଇ ବର୍ଷ ସେ କେଉଁଠି ହେଲେ ରହିନାହାନ୍ତି ବିଚାରପତି ଭାବେ । ଏଇଥିପାଇଁ ଅନେକ ମାନ ଅଭିମାନ ରାଗ ରୁଷା ହେଉଛି ତାଙ୍କ ଘରେ । ବଦଳି ଥରେ ହେଲେ ପାରିବାରିକ ଜୀବନର କେତେ ଅଡୁଆରେ ପଡ଼ିବାକୁ ହୁଏ – ଆଉ ସେ ଅଡୁଆସୂତାକୁ ସଜାଡୁ ସଜାଡୁ କେତେ ଯେ ସମୟ ଅପଚୟ ହୁଏ । ପୁଣି ଗୋଟେ ବଦଳି ପରୱାନା ଆଗକୁ ଝୁଲୁଥାଏ । ଏହି ଅସୁବିଧା ଯିଏ ଅଙ୍ଗେ ନ ଲିଭେଇଛି ସେ କ'ଣ ବୁଝିବ ? ଏବେ ଉଚ୍ଚ ନ୍ୟାୟାଳୟକୁ ଉନ୍ନୀତ ହେଲେ ମଧ୍ୟ ବଦଳିରୁ ନିସ୍ତାର ନାହିଁ ।

ଶୀତ ରାତି । ବାହାରେ ଟପ୍ ଟପ୍ କାକର । କାଲିର ଏକ ଗୁରୁତ୍ୱପୂର୍ଣ୍ଣ ମର୍ଡରକେସ୍ ରାୟର ଶେଷ ପୃଷ୍ଠାର ଟାଇପ୍ କରାଯାଇଥିବା ବିବରଣୀକୁ ତନ୍ନ ତନ୍ନ କରି ପରୀକ୍ଷା କରୁ କରୁ ଢେର ବେଳ ଗଡ଼ିଗଲାଣି । କାନ୍ଥ ଘଣ୍ଟାରୁ ଇଲେକ୍ଟ୍ରୋନିକ୍ ଶବ୍ଦ । ସେତେବେଳକୁ ରାତି ଦୁଇଟା । ତଥାପି ନିଦ ଲାଗୁନି । ସିୟାରାମ ଶରଣ ମୁହଁ ଉପରେ ଦୁଇ ପାପୁଲି ଥୋଇ ଏବକାର ନ୍ୟାୟାପାଳିକା ସଂସ୍ଥା ବିଷୟରେ ଭାବୁଛନ୍ତି, ହଠାତ୍ କଲିଂବେଲ୍ – ଚଉକିଦାର ସେତେବେଳକୁ ଉଠି ବାହାର ଲାଇଟ୍ ଦେଇସାରିଥାଏ । ଆଗନ୍ତୁକ ଲୋକଟିର ଅନୁନୟ କରୁଣ ନିବେଦନ ସିୟାରାମ ଶରଣ କାନରେ ପଡୁଥାଏ । ଚଉକିଦାର କିନ୍ତୁ ନଛୋଡ଼ବନ୍ଧା । ଲୋକଟିର ଦେହ, ପୋଷାକ ସବୁ ଅଣ୍ଡାଳି ସାରିଥାଏ ସେତେବେଳକୁ । ଏଡ଼େ ପାଟିରେ କହୁଥାଏ ଥରକୁ ଥର । 'ନାଇଁ ଏତେ ରାତିରେ ଦେଖା ହେଇପାରିବନି କାଲି ଆସନ୍ତୁ' ।

ନାଇଟ୍‌ଗାଉନ୍ ଗଳାଇଦେଇ ସିୟାରାମ ଶରଣ କୋଠରି ବାହାରକୁ ଆସି ଲୋକଟିକୁ ପାଦତଳୁ ମୁଣ୍ଡଯାଏଁ ଦେଖିଲେ । ଆଗରୁ ଚିହ୍ନିଲା ପରି ଲାଗିଲାନି । ଚଢ଼ାଗଳାରେ ସିୟାରାମ ଶରଣ ପଚାରିଲେ, "କ'ଣ କାମ, ଏତେ ରାତିରେ ମତେ ଡାକିବାର ଉଦ୍ଦେଶ୍ୟ" ଲୋକଟା ବରଡ଼ାପତ୍ର ପରି ଥରୁଥାଏ । କଥା କହିବାକୁ ଚେଷ୍ଟା କରୁଥାଏ । ହେଲେ କହିଲା ବେଳେ ବି ଦାନ୍ତର ବ୍ୟବଧାନ ଭିତରୁ ଠକ୍ ଠକ୍ ଶବ୍ଦରେ ତାର ଅଧା ତଣ୍ଟି ଅଠା ଅଠା ସ୍ୱର ଅଟକି ଯାଉଥାଏ । ସିୟାରାମ ଶରଣ ବିନ୍ଦୁ ବିସର୍ଗ କିଛି ବୁଝିପାରିଲେ ନାହିଁ । ରାଗ ସତେଯେମିତି ମୁଣ୍ଡକୁ ଉଠିଗଲା । କ୍ରୋଧରେ ଜର୍ଜ୍ଜରିତ ତାଙ୍କ ମୁଖମଣ୍ଡଳ ଲାଲ ହୋଇଗଲା ।

Digitized by PPRACHIN, SOA

"ବନ୍ଦ କର ଏ ଅଭିନୟ । ସିଧା ସିଧା ବାହାରିଯାଅ । ଜାଣ, କୋଉଠି ତମେ ପହଞ୍ଚିଛ ? ଯାଅ ବାହାରିଯାଅ" ।

ଝା ସାହେବଙ୍କର ଉଚ୍ଚ ସ୍ୱରରେ ଗର୍ଜନ ତର୍ଜନ ଶୁଣି ଛାନିଆ ହୋଇ ଭୁସ୍ କରି ତଳେ ପଡ଼ିଗଲା ଲୋକଟି । ଧାଇଁ ଆସିଲେ ଦରୱାନ ଓ ପିଅନ୍ । ସିୟାରାମ ଶରଣ ମଧ୍ୟ ସାହାଯ୍ୟ କଲେ । ମୂର୍ଚ୍ଛିତ ବ୍ୟକ୍ତିକୁ ସେବା ଶୁଶ୍ରୁଷା କଲେ ସମସ୍ତେ । ଧିରେ ଧିରେ ଲୋକଟିର ଚେତା ଫେରିଆସିଲା । ଆଶ୍ୱସ୍ତ ହେଲେ ସିୟାରାମ ଶରଣ ।

ପ୍ରକୃତରେ ଲୋକଟିର କିଛି ଗୁରୁତର ବିପଦ ପଡ଼ିଛି– ଖୁବ୍ ତୀକ୍ଷ୍ଣ ଅନ୍ତର୍ଦୃଷ୍ଟି ନିକ୍ଷେପ ସେ ତାକୁ ଚାହିଁଲେ, ମୁଣ୍ଡରେ ତାର ବିନ୍ଦୁ ବିନ୍ଦୁ ଝାଳ । ପୁଣି ଏତେ ଶୀତରେ, ଏତେବେଳେ କ'ଣ ମଣିଷ ଦେହରେ ସ୍ୱେଦ ବିନ୍ଦୁ ଆସିପାରେ । ମୁଣ୍ଡରେ ହାତ ଥାପି ସେ ନିଜେ ପରୀକ୍ଷା କଲେ, ବିଶ୍ୱାସ କଲେ ଯେତେ ଶୀତ ହେଲେ ବି ପରିସ୍ଥିତିର ତାଡ଼ନାରେ ଜଣେ ଘର୍ମାକ୍ତ ହେବା ସମ୍ଭବ ।

ନିର୍ଦ୍ଦେଶ ଅନୁସାରେ ଗରମ ଚା' ଟିକିଏ ଆଣି ଘର ଭିତରୁ ପୂଜାରୀ ଆସି ଆଗନ୍ତୁକଟିକୁ ପିଆଇ ଦେଲା । ବେଶ୍ ସାକ୍ଷମ ହେବା ପରେ ପରିଚୟ ମାଗିଲେ ସିୟାରାମ ଶରଣ । ଚେତା ଫେରିପାଇ ଲୋକଟି ବ୍ୟଗ୍ର ଉଲ୍ଲସିତ ଭାବେ ଜଜ୍‌ସାହେବଙ୍କ ମୁଖମଣ୍ଡଳକୁ କିଛି ସମୟ ନୀରବରେ ଚାହିଁ ସାନ୍ତ୍ୱନା ପାଇବାଭଳି ଉପଲବ୍ଧି କଲା । କ୍ଷଣକେ ଯେମିତି ସେ ବଳ ପାଇଲା ।

ସାର୍ ! ମୁଁ ମଣିରାମ ଦୁବେ, ମୁଁ ଆରଡ଼ିଆ ଜିଲ୍ଲାର ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ । ବଡ଼ ବିପଦରେ ପଡ଼ିଛି ସାର୍ । ଜିଲ୍ଲା ପୋଲିସ ମୋ ପିଛା ଧରିଛି । ଲୁଚି ଲୁଚି ମୁଁ ଗଭୀର ଅନ୍ଧାର ରାତିରେ ଆପଣଙ୍କଠାରୁ ସାହାଯ୍ୟ ପାଇବା ଆଶାରେ ଦୌଡ଼ି ଆସିଛି ସାର୍ ।

ମୁଁ ଜାଣେ ଆପଣହିଁ ମତେ ସାହାଯ୍ୟ କରିବେ । ମତେ ବିଶ୍ୱାସ କରନ୍ତୁ ମୁଁ ନିର୍ଦ୍ଦୋଷ । ଚମକିପଡ଼ିଲେ ସିୟାରାମ ଶରଣ । ଏ ଜଣେ ନିଜ ଜାତିର ଲୋକ । ପ୍ରତ୍ୟୟ ନ ଆସୁ ଥିଲା । ଏମିତି ପରିସ୍ଥିତି ଜଣେ ଜିଲ୍ଲାସ୍ତରୀୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କର ଘଟିବ । ଆଶ୍ଚର୍ଯ୍ୟର ସୀମା ରହିଲାନି । ଘଟଣାଟିର ସଂପୂର୍ଣ୍ଣ ବିବରଣୀ ଜାଣିବାକୁ ସେ ଉତ୍ସୁକ ହେଲେ ।

ସନ୍ଦେହ ବି ଆସୁଥାଏ, ଲୋକଟି କ'ଣ ଛଳନା କରୁଛି ? ତଥାପି ଅନୁସନ୍ଧିତ୍ସୁ ମନ ତାଙ୍କର ହୋଇ ଉଠୁଥିଲା ବ୍ୟଗ୍ର ଓ ଆହୁରି ଜଟିଳ । କିନ୍ତୁ ଆସ୍ତେ ଆସ୍ତେ ବିଶ୍ୱାସର ଆତ୍ମପ୍ରତ୍ୟୟ ଦୁବେଙ୍କ ସପକ୍ଷରେ ଯାଉଥାଏ । ସିୟାରାମ ଶରଣଙ୍କର

Digitized by PPRACHIN, SOA

ଏତେ ବର୍ଷର ନ୍ୟାୟମୂର୍ତ୍ତି ଭାବରେ ଅଭିଜ୍ଞତା । ହୁଏତ ଲୋକଟିକୁ ଚିହ୍ନିବାରେ ଭୁଲ ନ ହୋଇ ପାରେ । ପ୍ରଶ୍ନ ପରେ ପ୍ରଶ୍ନ ପଚାରି ଚାଲିଥାଆନ୍ତି ସିୟାରାମ ଶରଣ – ଉତ୍ତର କରୁଥାଆନ୍ତି ଦୁବେ ସଂପୂର୍ଣ୍ଣ ସଂଭ୍ରମ, ନରମ୍ ଶୈଳୀରେ ।

ଶିଳ୍ପପତି ହରିଶ ଜାଜୋଡିଆ ଜିଲ୍ଲାର ନାମଜାଦା ସଂଭ୍ରାନ୍ତ ବିତ୍ତଶାଳୀ ବ୍ୟକ୍ତି । ରାଜନୈତିକ ବ୍ୟକ୍ତିଠାରୁ ଆରମ୍ଭ କରି ସହରର ବିଜ୍ଞ ବ୍ୟକ୍ତିବିଶେଷ ସମସ୍ତେ ତାଙ୍କରି ନିର୍ଦ୍ଦେଶ ଦ୍ୱାରା ପରିଚାଳିତ । ଶୁଣାଯାଏ ତାଙ୍କ ପୃଷ୍ଠପୋଷକତା ବିନା ନେତାମାନଙ୍କର ସ୍ଥିତି ଅସମ୍ଭବ । ତାଙ୍କ ବଡ଼ ବୋହୂର ଏକ ଅସ୍ୱାଭାବିକ ପରିସ୍ଥିତିରେ ମୃତ୍ୟୁ ହେଲା ବାଥ୍‌ଟବ୍‌ରେ । ପୋଲିସ୍ ରିପୋର୍ଟରେ କିନ୍ତୁ ସ୍ଥାନ ପାଇଲା ପିଲାଦିନରୁ ତା'ର ବାତ ବେମାରୀ ଥିଲା । ବାତ ମାରିବାରୁ ଶ୍ୱାସ ରୁଦ୍ଧ ହୋଇ ବାଥ୍‌ଟବ୍‌ରେ ମୃତ୍ୟୁ ଘଟିଛି । କିନ୍ତୁ ପୋଷ୍ଟମର୍ଟମ ରିପୋର୍ଟ ଥିଲା ସଂପୂର୍ଣ୍ଣ ଭିନ୍ନ । ପରେ ଅନ୍ୟ ଏକ ବରିଷ୍ଠ ଡାକ୍ତରଙ୍କଠାରୁ ଏକ ସୁହାଇଲା ଭଳି ଡାକ୍ତରୀ ମାଇନା ରିପୋର୍ଟ ଅଣାଯାଇଥିଲା ।

ଟିକିନିଖି ତଦନ୍ତ କରି ଦୁବେଙ୍କର ହୃଦ୍‌ବୋଧ ହୋଇଥିଲା ଯେ ପୋଲିସ ଅର୍ଥ ଲାଳସାରେ ମିଛର ଆଶ୍ରୟ ନେଇ କେସ୍‌ଟିର ଫାଇନାଲ ରିପୋର୍ଟ କରି ଫାଇଲ୍ ବନ୍ଦ କରିବାକୁ ଆବେଦନ କରିଥିଲା । ପ୍ରଥମେ ଜାଜୋଡିଆ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ପ୍ରଚୁର ଅର୍ଥଲୋଭ ଦେଖାଇ ତାଙ୍କୁ ପ୍ରଭାବିତ କରିବାକୁ ଉଦ୍ୟମ କରିଥିଲା । ପୋଲିସ ଓ ରାଜନୈତିକ ମହଲରୁ ମଧ୍ୟ ବେଶ୍ କିଛି ଚାପ ପ୍ରୟୋଗ ହୋଇଥିଲା । କିନ୍ତୁ ତାଙ୍କର ବିବେକ ଓ ନୈତିକ ମନୋବଳ ପାଖରେ ଅର୍ଥ, ରାଜନୈତିକ ଚାପ, ଧମକ, ବାହୁବଳ ସବୁ ଯେମିତି ନିଷ୍କ୍ରିୟ । ଗଭୀର ଆତ୍ମବିଶ୍ୱାସ ସହ ମାମଲାଟିର ପୁଙ୍ଖାନୁପୁଙ୍ଖ ତଦନ୍ତ କ୍ରାଇମ୍‌ବ୍ରାଞ୍ଚ ହାତକୁ ଦେବାକୁ ଦୁବେ ସ୍ପଷ୍ଟ ନିର୍ଦ୍ଦେଶ ଦେଲେ । ସମସ୍ତେ ବିରକ୍ତ ଓ ଆତଙ୍କିତ । ଏ ବିଚାରପତି ନିଜକୁ କ'ଣ ବୋଲି ଭାବୁଛି ବୋଲି କଥା ଶୁଣାଗଲା । ଶ୍ରୀ ଝା ଶୁଣୁଥିଲେ ଗଭୀର ମନଯୋଗ ସହ ଦୁବେଙ୍କ କଥାକୁ । ଦୁର୍ଭାଗ୍ୟ ସରି ନ ଥିଲା ଏତିକିରେ ।

ବିପଦ ସାଙ୍ଗସାଥୀ ନେଇ ଆସିବା ପରି ଆଉ ଗୋଟେ ମକଦ୍ଦମାର ବିଚାର ତାଙ୍କ କୋର୍ଟରେ ପଡ଼ିଲା । ଛଅ ମାସ ତଳେ ଆରାଡିଆ ଏସ୍.ପି. ମହମ୍ମଦ ନିମିତ୍ତ ସାଲଧାନାଙ୍କ ଘରେ ତାଙ୍କର ସରକାରୀ ରିଭଲଭର ଓ ସାତ ରାଉଣ୍ଡ ଗୁଳି ଚୋରି ହୋଇଗଲା । ଅତ୍ୟନ୍ତ ଆଶ୍ଚର୍ଯ୍ୟର କଥା ଏହି ଯେ, ଚୋର ଆଉ କୌଣସି ମୂଲ୍ୟବାନ ଜିନିଷରେ ହାତ ମାରି ନ ଥିଲା । ଚୋରିଦିନ ରାତିରେ ଶ୍ରୀ ସାଲଧାନା ଓ ତାଙ୍କ ପରିବାର ସମସ୍ତେ ଘରେ ଉପସ୍ଥିତ ଥିଲେ । କିନ୍ତୁ

Digitized by PPRACHIN, SOA

ଝରକା ରେଲିଂ ଭାଙ୍ଗି ଚୋର ଆସି କେବଳ ଏହି ବନ୍ଧୁକ ଆଉ ଛଅଟି ଗୁଳି ନେଇ ଚାଲିଗଲା । କେହି ଜାଣିପାରିଲେ ନାହିଁ !

ଯେଉଁ ବଖରାର କାଚ ଆଲମିରାରେ ଏହି ବନ୍ଧୁକ ରଖାଯାଇଥିଲା ସେଠାରେ ଶୋଇଥିଲେ ଜମିର ସାଲଧାନାଙ୍କ ଘରେ ରହି ପାଠପଢୁଥିବା ତାଙ୍କ ସାନଭାଇ ଓ ବଡ଼ପୁଅ । ଏ ଚୋରି ମାମଲାଟି "କେଶ୍ ଟୁ—ନୋ କ୍ଲୁ" ଭାବେ ଫାଇନାଲ ରିପୋର୍ଟ ପାଇଁ ଦୁବେଙ୍କ କୋର୍ଟକୁ ଆସିଲା । ସମସ୍ତେ ବିବରଣୀ ପଢ଼ି ତାଙ୍କର ଦୃଢ଼ ଧାରଣା ହେଲା ସାଲଧାନା ସାହେବଙ୍କ ଘରର କେହି ଭିତଲଭରଟି ହୁଏତ ବିକ୍ରି କରି ଦେଇଛି କିମ୍ବା ତାଙ୍କ ପୁଅ ବା ଭାଇଙ୍କଠାରୁ ସେଇଟି କେହି ବାହାରେ ଜବରଦସ୍ତ ଛଡ଼ାଇ ନେଇଛି । ପରେ ଗୋଟିଏ ଚୋରିର ଗଳ୍ପ ପ୍ରସ୍ତୁତ କରି ସରକାରୀ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଓ ଦଣ୍ଡରୁ ଖସିବାକୁ ଚେଷ୍ଟା କରୁଛନ୍ତି ସାଲଧାନା । ଅନୁସନ୍ଧାନରେ ସନ୍ଦେହ ପ୍ରକାଶ କରି ଦୁବେ ଆଦେଶ ଦେଲେ ଏ କେସ୍‌ଟିକୁ ମଧ୍ୟ କ୍ରାଇମ୍‌ବ୍ରାଞ୍ଚ ଅନୁସନ୍ଧାନ କରୁ ।

ଏହାପରେ ବିପଦ ଘନେଇ ଆସିବାର ଆଶଙ୍କା ନେଇ କେତେକ ବନ୍ଧୁକଠାରୁ ସାମାନ୍ୟ ଆଭାସ ପାଇଥିଲେ ଦୁବେଜୀ । ଖବର ମିଳିଲା, ସହରର ଗୋଟିଏ ରୂପଜୀବି ସ୍ତ୍ରୀଲୋକ ଏତଲା ଦେଇଛି ଯେ ଦୁବେ ତାକୁ ତିନିଦିନ ତଳେ ସନ୍ଧ୍ୟାବେଳେ ମାଳବ୍ୟ ପାର୍କର ଏକ ନିଛାଟିଆ ଯାଗାରେ ଏକୁଟିଆ ପାଇ ବଳାତ୍କାର କରିଛନ୍ତି । ୱାରେଣ୍ଟ ଆସିବା ପୂର୍ବରୁ ଜଣେ ବନ୍ଧୁଙ୍କଠାରୁ ଖବରପାଇ ଜିଲ୍ଲା ଜଜ୍‌ଙ୍କୁ ସେ ଦେଖାକଲେ । ଜିଲ୍ଲା ଜଜ୍ ରୋକ୍‌ଠୋକ୍ ଭାବରେ ସାହାଯ୍ୟ କରିପାରିବେ ନାହିଁ ବୋଲି କହିଲେ ।

"ଛଦ୍ମବେଶରେ ତିନୋଟି ଗାଡ଼ି ବଦଳାଇ ଏବେ ମୁଁ ଆସି ପହଞ୍ଚିଲି । ଆପଣ ସାର୍ ଓ ଜଘନ୍ୟ ସାରଙ୍ଗରାଜ୍ୟର ଲୋକ ନୁହଁନ୍ତି । ମୁଁ ଆପଣଙ୍କ ଅମରାବତୀ ରାଜ୍ୟରେ ସୁନାମ ଶୁଣିଛି । ଆପଣ ହିଁ ମୋତେ ନ୍ୟାୟ ଦେଇପାରିବେ ସାର୍ । ଆପଣଙ୍କ ଘରେ ଆଜି ରାତିଟା ରହିଗଲେ କାଲି ସକାଳୁ ମୁଁ ଉଚ୍ଚ ନ୍ୟାୟାଳୟରେ ଆଗୁଆ ଜାମିନ ପାଇଁ ଆବେଦନ କରିବି ।" ଦୁବେ ଏତିକି କହି ଝା ସାହେବଙ୍କ ଗୋଡ଼ ଦୁଇଟି ଧରି ପକାଇ ଜୋର୍‌ରେ କାନ୍ଦି ଉଠିଲେ ।

ନ୍ୟାୟମୂର୍ତ୍ତି ଝା ସାହେବ ଆଶ୍ଚର୍ଯ୍ୟ ଚକିତ ହୋଇ ଦୁବେଙ୍କ କଥା ଶୁଣୁଥିଲେ । ପରେ ପ୍ରକୃତିସ୍ଥ ହୋଇ କହିଲେ, "ବ୍ୟସ୍ତ ହୁଅନାହିଁ ଦୁବେ । ଠିକ୍ ସମୟରେ ଆସିଛ । ନିଶ୍ଚିନ୍ତରେ ବିଶ୍ରାମ ନିଅ ।" ରାତି ଯେତେ ଅନ୍ଧାର ହେଲେ ବି ସକାଳ ନିଶ୍ଚୟ ଆସିବ ।"

Digitized by PPRACHIN, SOA

ନ୍ୟାୟମୂର୍ତ୍ତି ଝା ସାହେବଙ୍କର ଏ ଅଭୟ ପ୍ରତିଶ୍ରୁତି ବାଣୀରେ ଦୁବେ ଆଶ୍ୱସ୍ତ ହେଲେ । ଆଉଥରେ ତାଙ୍କ ପାଦଛୁଇଁ ପ୍ରଣାମ କଲେ । ବଡ଼ ପାଟିରେ କହି ଉଠିଲେ । ''ସକାଳ ନିଶ୍ଚୟ ଆସିବ ସାର, ସକାଳ ନିଶ୍ଚୟ ଆସିବ । ଏ ଅନ୍ଧାର ଆଉ ବେଶୀ ସମୟ ନୁହେଁ ସାର୍ । ସକାଳ ନିଶ୍ଚୟ ଆସିବ ।''

ଝା ସାହେବ. ଲକ୍ଷ୍ୟ କରୁଥିଲେ । ଆନନ୍ଦ ଓ କୃତଜ୍ଞତାର ଆତିଶଯ୍ୟରେ ଦୁବେଜୀଙ୍କ ଦୁଇ ଆଖିରୁ ଝରିଆସୁଥିଲା ଦୁଇଟୋପା ଲୁହ । ଏ ଅଶ୍ରୁ କିନ୍ତୁ ପୂର୍ବର ଅସହାୟ ରୋଦନ ପାଇଁ ନୁହେଁ । ଏ ଅଶ୍ରୁଥିଲା ଆଶ୍ୱାସନା ଓ ନିରାପତ୍ତା, କୃତଜ୍ଞତା ଓ ଆଶ୍ୱସ୍ତିର । ନ୍ୟାୟମୂର୍ତ୍ତି ଝା ଦେଖିପାରୁଥିଲେ ଆଗକୁ, ଆହୁରି ଆଗକୁ । ଯେତେବେଳେ ଏଇଭଳି ସଚ୍ଚୋଟ ଓ ନିର୍ଭୀକ ନାଗରିକ, କର୍ମଚାରୀ, ଆରକ୍ଷୀ ତଥା ବିଚାରପତିମାନଙ୍କର ଆଖିରୁ ବୋହି ଆସୁଥିବା ଲୁହର ବନ୍ୟାରେ ଭାସିଯିବେ ସାରଙ୍ଗଗଡ଼ର ଯେତେକ ଅହଂକାରୀ, ଦୁରାଚାରୀ, ନଷ୍ଟ, ଦୁଶ୍ଚରିତ୍ର, ଦୁର୍ନୀତିଗ୍ରସ୍ତ ନେତୃବୃନ୍ଦ ଓ ତାଙ୍କ ସଙ୍ଗେ ସେମାନଙ୍କର ପଦଲେହନକାରୀ, ଅତ୍ୟାଚାରୀ ଉଦ୍ଧତ କର୍ମଚାରୀ ବୃନ୍ଦ । ଉଦଜାନ ବୋମାଠାରୁ ଆହୁରି ଶକ୍ତିଶାଳୀ ହେବ ସେଇ ତତଲା ଲୁହ । ପୃଥିବୀର ବୃହତ୍ତମ ସଜୀବ ଆଗ୍ନେୟଗିରିର ଲାଭାଠାରୁ ହେବ ଅଧିକ ଉତ୍ତପ୍ତ ଓ ଅଧିକ ଧ୍ୱଂସକାରୀ । ସେଇ ଉତ୍ତପ୍ତ ଲାଭାର ଅରୁଣିମାରେ ଦିଗ୍‌ବଳୟ ହୋଇଉଠିବ ସ୍ୱର୍ଣ୍ଣାଭ । ଉଦିତ ହେବେ ନୂତନ ଯୁଗର ସୂର୍ଯ୍ୟ ।

Digitized by PPRACHIN, SOA

ପ୍ରଭାତ ଫେରି

ସେଦିନ ଭୋର ଚାରିଟା ବେଳକୁ ଭାଙ୍ଗିଗଲା ରଜତବାବୁଙ୍କ ନିଦ ।

ରାସ୍ତାରେ ଉଚ୍ଚସ୍ୱରରେ ମାଇକ୍ ବଜାଇ ଦେଶପ୍ରେମ ଗୀତ ଶୁଣାଇ ଚାଲିଗଲା ଗୋଟିଏ ଜିପ୍ । ରଜତବାବୁ ଚେଷ୍ଟାକଲେ ମନେ ପକାଇବାକୁ ।

ଆଜି ଜାନୁଆରୀ ଛବିଶ ନୁହେଁ, ଅଗଷ୍ଟ ପନ୍ଦର ନୁହେଁ କି ଅକ୍ଟୋବର ଦୁଇ ମଧ୍ୟ ନୁହେଁ । ତେବେ ଏ ଗୀତ– 'ଏ ମେରେ ବତନ କେ ଲୋଗୋଁ'' । 'ସାରେ ଜହାଁସେ ଆଚ୍ଛା' ବା ''ହମ ଲାଏହେଁ ତୁଫାନ ସେ'' ଇତ୍ୟାଦି କାହିଁକି ମାଇକ୍‌ରେ ?

ସରକାରଙ୍କ ପ୍ରଚାର ବିଭାଗର ଜଣେ ଯୁଗ୍ମନିର୍ଦ୍ଦେଶକ ଦୁଇମାସ ତଳେ ଆସି ରହିଛନ୍ତି ତାଙ୍କ ସାହିରେ ଭଡ଼ା ନେଇ । ତେଣୁ ବୋଧେ ପ୍ରଚାର ବିଭାଗ ଗାଡ଼ି ଉଚ୍ଚସ୍ୱରରେ ବାଜା ବଜାଇ ଏଇ ସାଇରେ ଆଜି ତିନିଥର ମାରିଲା ପଇଁତରା । ଆଗରୁ ବୋଧେ ଏ ଗଳିକୁ ପ୍ରଚାର ଗାଡ଼ି କେବେ ଆସୁଥିଲା ବୋଲି ମନେହେଲା ନାହିଁ ରଜତବାବୁଙ୍କର । ମଣିଷ ଶୋଇପାରୁଥିଲା ଶାନ୍ତିରେ ।

ଅଧଘଣ୍ଟାଏ ବିଛଣାରେ ଏପଟ ସେପଟ କଡ଼ ଲେଉଟାଇଲାପରେ ରଜତ ତାଲୁକଦାର ଉଠିଆସିଲେ ବାହାରକୁ । ଆଖିକୁ ଆଉ ନିଦ ଆସିଲା ନାହିଁ । ନଜର ଦେଲେ ଦୈନିକ ସମ୍ବାଦପତ୍ରଟି ଉପରେ । ବଡ଼ ବଡ଼ ଅକ୍ଷରରେ ବକ୍ସ ବିଜ୍ଞାପନ । ଆଜି ରାଜ୍ୟରେ ଜାତିଦ୍ୱେଷ ନିବାରଣ ଦିବସ ପାଳିତ ହେଉଛି । ରାଜ୍ୟର ମହାନ୍ ଲୋକପ୍ରିୟ ନେତା ଦୁର୍ଗାମାଧବ ଚାନ୍ଦ୍‌ଙ୍କର ଗତବର୍ଷ ଜାତିଦ୍ୱେଷରୁ ଉତ୍ପନ୍ନ ଦଙ୍ଗାରେ ମୃତ୍ୟୁ ଘଟିଥିଲା । ଜାତିଗତଦ୍ୱେଷ ଭେଦାଭେଦ ଦୂରକରିବା ପାଇଁ ଦୁର୍ଗାମାଧବ ବାବୁ ହୋଇଥିଲେ ଶହୀଦ । ତେଣୁ ତାଙ୍କରି ସ୍ମୃତିରେ ତାଙ୍କର ମହାପ୍ରୟାଣ ଦିବସକୁ ଜାତିଦ୍ୱେଷ ନିବାରଣ ଦିବସ ରୂପେ ପାଳିତ ହେଉଛି ।

ସମ୍ବାଦପତ୍ରରୁ ଜଣାଗଲାଯେ ରାଜ୍ୟସରକାର ଆଜି ବିଭିନ୍ନ ମିଟିଂ, ବକ୍ତୃତା, ପ୍ରତିଯୋଗିତା, ପ୍ରବନ୍ଧ ପ୍ରତିଯୋଗିତା କବିତା ପାଠୋତ୍ସବ, କ୍ରୀଡ଼ା ପ୍ରତିଯୋଗିତା ଆଦିର ବ୍ୟାପକ ଆୟୋଜନ କରାଇଛନ୍ତି । ପ୍ରାତଃ ଭ୍ରମଣରେ ବାହାରି ତାଲୁକଦାର ବାବୁ ଦେଖିଲେ ଆଉ ଗୋଟିଏ ଦୃଶ୍ୟ ।

ରାଜଧାନୀରେ ହୋଇଥିଲା ଏକ ବଡ଼ ପ୍ରଭାତଫେରିର ଆୟୋଜନ । ପ୍ରାୟ ପାଞ୍ଚହଜାର ସ୍କୁଲ ଛାତ୍ରଛାତ୍ରୀଙ୍କ ଏକ ଶୋଭାଯାତ୍ରା । ହାତରେ ବିଭିନ୍ନ ରଙ୍ଗର

Digitized by PPRACHIN, SOA

ପତାକା, ବ୍ୟାନର ଓ ପ୍ଲାକାର୍ଡ଼ । ''ଦୁର୍ଗାବାବୁ ଅମର ରହେ, ଜାତିଦ୍ୱେଷର ବିଲୋପ ହେଉ'' । ''ଜାତିଦ୍ୱେଷ ମୂର୍ଦ୍ଧାବାଦ'' ''ମଣିଷ ମଣିଷ ଭାଇ ଭାଇ'' । ''ବ୍ରାହ୍ମଣ ହରିଜନ ଭାଇ ଭାଇ'' ।

ମାଇକ୍‌ରେ ଜଣେ ଅଧିକାରୀ ଡାକ ଦେଉଥିଲେ– ''ଜାତିଭେଦ''– ଶୋଭାଯାତ୍ରାରେ ଛାତ୍ରଛାତ୍ରୀମାନେ ଉତ୍ତର ଦେଉଥିଲେ– ''ଦୂରହେଉ-ଦୂରହେଉ'' ।

ଡାକ ଆସୁଥିଲା । ''ଦେଶର ଶତ୍ରୁ ଆଜି କିଏ ଆଜି କିଏ?'' ଉତ୍ତର ଆସୁଥିଲା– 'ଜାତି ଦଙ୍ଗା କରାଏ ଯିଏ– କରାଏ ଯିଏ ।''

ଡାକ ଆସୁଥିଲା, ''ଇନ୍‌କିଲାବ-ଇନ୍‌କିଲାବ'' ଉତ୍ତର ଦିଆଯାଉଥିଲା– ''ଜିନ୍ଦାବାଦ ଜିନ୍ଦାବାଦ'' ''ଦୁର୍ଗାବାବୁ– ଅମର ରହେ– ଅମର ରହେ''

''ଦୁର୍ଗା ଚାନ୍ଦଙ୍କୁ ମାଇଲା କିଏ ? ମାଇଲା କିଏ ?'' ଉତ୍ତର ଆସୁଥିଲା– ''ଜାତିଦ୍ୱେଷ ବଢ଼ାଏ ଯିଏ– ବଢ଼ାଏ ଯିଏ ।''

ରଜତବାବୁ ଭାବୁଥିଲେ । ସକାଳ ସାଢ଼େ ପାଞ୍ଚରୁ ଏଇ ଚାରି ପାଞ୍ଚ ହଜାର ସ୍କୁଲ ଛାତ୍ର ନିଶ୍ଚୟ ଆସିଥିବେ ଖାଲି ପେଟରେ । ଶୋଭାଯାତ୍ରା ସଙ୍ଗେ କୌଣସି ପାଣିଗାଡ଼ି ନାହିଁ । ଘଣ୍ଟାଏଖଣ୍ଡେ ଛିଡ଼ା ହୋଇ ଧାଡ଼ି ସଜାଡ଼ିଲା ପରେ ଏଇ ଛାତ୍ରଛାତ୍ରୀମାନେ ବାହାରିଛନ୍ତି, ଜାତିଦ୍ୱେଷ ଦୂର କରିବା ପାଇଁ । ତିନିଘଣ୍ଟା ଖାଲିପେଟରେ ବିନା ଜଳଖିଆରେ ବିନା ପାଣିରେ ଖରାରେ ବୁଲିଲାପରେ ଫେରିଯିବେ ନିଜ ନିଜ ସ୍କୁଲକୁ । ତା'ପରେ ନିଜ ନିଜ ବ୍ୟବସ୍ଥାରେ ଘରକୁ ଯିବେ । କୌଣସି ଇଂରାଜୀ ମିଡ଼ିୟମ ସ୍କୁଲ ବା ତଥାକଥିତ ପବ୍ଲିକ୍ ସ୍କୁଲ୍‌ର ଛାତ୍ର କିନ୍ତୁ ନ ଥିଲେ ଏ ଶୋଭାଯାତ୍ରାରେ ।

ରଜତ ତାଲୁକଦାର ବାବୁଙ୍କ ମନଟା ବିଦ୍ରୋହ କରିଉଠିଲା । ରାଜଧାନୀରେ ଏ ନିରୀହ ପ୍ରାଇମେରୀ ସ୍କୁଲ୍‌ର ଛାତ୍ରଛାତ୍ରୀଙ୍କୁ ଭୋକିଲା ପେଟରେ ରାସ୍ତାରେ ବୁଲାଇଲେ କ'ଣ ପୋଲିଓ ହଟିଯିବ, ଏଡ଼୍‌ସ ନିର୍ମୂଳ ହେବ, ନିଶା ସେବନ ଲୋପ ହେବ ? ଜାତୀୟ ଏକତା ପ୍ରତିଷ୍ଠିତ ହେବ । ଜାତି ଦ୍ୱେଷ ଦୂର ହେବ । ନାରୀ ଅତ୍ୟାଚାର ବନ୍ଦ ହେବ, ଶିଶୁ ଶ୍ରମିକ ପ୍ରଥା ଦୂରହେବ, ଅସ୍ପୃଶ୍ୟତା ଦୂରହେବ, ରାମରାଜ୍ୟ ପ୍ରତିଷ୍ଠିତ ହେବ ? ରାଜ୍ୟସାରା ଏମିତି ସ୍କୁଲପିଲାଏ ଅତ୍ୟାଚାରିତ ହେଉଥିବେ ଆଜି ।

ଯେଉଁମାନେ ରାମରାଜ୍ୟ ପ୍ରତିଷ୍ଠା ପଥରେ ପ୍ରତିବନ୍ଧକ, ନାରୀ-ଉତ୍ପୀଡ଼କ, ଅସ୍ପୃଶ୍ୟତା-ବ୍ୟାଧିର ଜୀବାଣୁବାହକ, ଜାତୀୟ ଐକ୍ୟର ଶତ୍ରୁ, ଏଡ଼୍‌ସ୍ ବ୍ୟାଧିର ପରିବାହକ, ବେଶ୍ୟାବୃତ୍ତିର ପୃଷ୍ଠପୋଷକ, ମଦ୍ୟପାନର ଉପଭୋକ୍ତା ସେମାନେ

Digitized by PPRACHIN, SOA

ଶେଯରେ ଶୋଇ ଶାନ୍ତିରେ ଘୁଙ୍ଗୁଡ଼ି ମାରୁଥିବେ । ଛ'ରୁ ଚଉଦବର୍ଷ ଯାଏ ସ୍କୁଲ ପୁଅଝିଅମାନେ ଭୋକିଲା ପେଟରେ ଅଣନିଶ୍ୱାସୀ ହୋଇ କିଏ ହାୱାଇ ଚଟି ପିନ୍ଧି, କିଏ ଖାଲି ପାଦରେ ଚାରି କିଲୋମିଟର ବୁଲିବେ, ଗର୍ଜନ ଛାଡ଼ିବେ ।

ମୁଣ୍ଡବୁଲାଇ ପଡ଼ିଗଲେ ପିଲାଟିକୁ ପ୍ରାଥମିକ ଚିକିତ୍ସା ଦେବାକୁ ସାଙ୍ଗରେ ଡାକ୍ତରଟିଏ ନାହିଁ କିମ୍ବା ଆମ୍ବୁଲାନ୍ସଟିଏ ନାହିଁ ।

ପ୍ରାତଃଭ୍ରମଣ ବେଳେ ସେଦିନ ରଜତବାବୁ ସ୍ଥିର କଲେ ସେ ନିଶ୍ଚୟ କିଛି କରିବେ ଏ ବିଷୟରେ । ଅନ୍ତତଃ ସ୍ୱାଧୀନ ଦେଶର ନାଗରିକ ଭାବରେ ତାଙ୍କର ମୌଖିକ ପ୍ରତିବାଦ ଜଣାଇବାର କ୍ଷମତା ଅଛି ।

ସେ ଚାରିବର୍ଷ ହେଲା ଅବସର ଗ୍ରହଣ କରିଛନ୍ତି । ପେନ୍ସନ, ଗ୍ରାଚୁଇଟି ଓ ପ୍ରଭିଡେଣ୍ଟ୍ ଫଣ୍ଡ୍ ଆଦି ଯେଭଳି ମିଳିବା କଥା ସବୁ ମିଳିଛି । ତେଣୁ ସରକାରଙ୍କୁ ଆଉ ଭୟ ନାହିଁ । ତାଙ୍କ ନାମରେ ଆଉ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରିବ ନାହିଁ ।

ସନ୍ଧ୍ୟାବେଳେ ହୋଇଥିଲା ଗୋଟିଏ ସାଧାରଣ ସଭାର ଆୟୋଜନ । ଦୁର୍ଗାମାଧବ ଚାନ୍ଦଙ୍କ ସ୍ମୃତିଚାରଣ ଓ ତାଙ୍କର ଅମର ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯିବା ସହ ଦେଶରୁ ଜାତିଦ୍ୱେଷ ନିବାରଣ ପାଇଁ ଏକ କମନ୍ ଆକ୍ସନ ପ୍ଲାନ ବା ମିଳିତ କାର୍ଯ୍ୟଯୋଜନା ଆରମ୍ଭ କରାଯିବାର ବ୍ୟବସ୍ଥା ହୋଇଥାଏ । ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥିବୃନ୍ଦଙ୍କ ଭାଷଣ ପରେ ରଜତବାବୁ ସଭାପତିଙ୍କ ଅନୁମତି ନେଇ କିଛି କହିବାକୁ ଠିଆହେଲେ । ''ମାନନୀୟ ସଭାପତି ମହୋଦୟ– ମୋର ଦୁଇଟି ପଏଣ୍ଟର ଏକ ଛୋଟ ଆକସନ୍ ପ୍ଲାନ୍ ଅଛି । ପ୍ରଥମ ପଏଣ୍ଟ୍ ହେଲା ଆଜି ଦିନରେ ପିଲାଙ୍କ ପ୍ରଭାତଫେରି ବନ୍ଦ ହେଉ । ଛୋଟ ପିଲାଏ ଜାତିଦ୍ୱେଷ କରନ୍ତି ନାହିଁ । ସେମାନଙ୍କର ଏ ଦିଗରେ ସଚେତନତା ବୃଦ୍ଧି ହେବାର ଆବଶ୍ୟକତା ନାହିଁ । ସେମାନଙ୍କୁ ଯେଉଁ କଷ୍ଟ ଦିଆଯାଉଛି ତାହା ପ୍ରଥମେ ରୋକାଯାଉ ।

ଦ୍ୱିତୀୟ କାର୍ଯ୍ୟକ୍ରମ ହେଲା ଶ୍ରାଦ୍ଧଦିବସ ପାଳନ ନାଁରେ ଏ ପ୍ରହସନ ବନ୍ଦ ହେଉ । ଦୁର୍ଗାମାଧବ ଚାନ୍ଦ ଆମ ଗାଁରେ ଜଣେ ବଡ଼ ଜମିଦାର ଥିଲେ । ତାଙ୍କ ହଳିଆ ମାଧବ ମିଞ୍ଜାର ସାନବୋହୂ ସୁବାସିନୀ ତାଙ୍କ ଘରକୁ କାମ କରିବାକୁ ଆସେ । ଶ୍ରୀମତୀ ଚାନ୍ଦ ବାପଘରକୁ ଯାଇଥିଲାବେଳେ ଦିନେ ଘରକୁ ଡକାଇ ଦୁର୍ଗାମାଧବବାବୁ ମଦ ନିଶାରେ ସୁବାସିନୀ ଉପରେ ଜଘନ୍ୟ ବଳାତ୍କାର କଲେ । ତା ମୁହଁ ବନ୍ଦ କରିବା ପାଇଁ ତା' ଶ୍ୱଶୁରକୁ ହଜାରେ ଟଙ୍କା ଦେଇଥିଲେ ।

ସୁବାସିନୀର ବର ସେତେବେଳେ ଚାରିମାସ ହେଲା ଦାଦନ ଶ୍ରମିକ ଭାବେ ଯାଇଥିଲା ବାହାରକୁ । ସୁବାସିନୀ ଗର୍ଭବତୀ ହେବାର ଜଣାଗଲାରୁ ତା'କୁ ଗର୍ଭପାତ

Digitized by PPRACHIN, SOA

କରାଇବା ପାଇଁ ମାଧବ ମିଞ୍ଚାକୁ ଆଉ ଚାରିହଜାର ଟଙ୍କା ଦେଇଥିଲେ ଦୁର୍ଗାବାବୁ । ଜଣେ ଅନଭିଜ୍ଞ କ୍ୱାକ୍ ଦ୍ୱାରା ଏ ବେଆଇନ୍ ଗର୍ଭପାତ ହେଲାବେଳେ ସୁବାସିନୀ ପ୍ରାଣତ୍ୟାଗ କଲା । ସୁବାସିନୀର ଶ୍ୱଶୁର ମାଧବ ମିଞ୍ଚା ଓ ତା'ବାପା ଆସି ଦୁର୍ଗାମାଧବବାବୁଙ୍କ ଘରେ ପାଟିତୁଣ୍ଡ କଲେ । ଗୁଣ୍ଡାଙ୍କ ଦ୍ୱାରା ମାଡ଼ ମରାଇ ସେମାନଙ୍କୁ ଘରୁ ବିଦା କରିଦେଲେ ଦୁର୍ଗାବାବୁ । ଅବହେଳିତ, ଶୋଷିତ ଓ ଦଳିତଙ୍କ ଉପରେ ଅତ୍ୟାଚାର ହେଲା ବୋଲି ମିଞ୍ଚାପଡ଼ାରୁ ତିନିଶହ ଲୋକ ଆସିଲେ ତା'ପରଦିନ ଠେଙ୍ଗା, ଲାଠି, ଟାଙ୍ଗିଆ, ଫାର୍ଶା, କଟୁରୀ ଧରି । ଏଇ ମିଞ୍ଚାମାନେ ବହୁଦିନ ହେଲା ଦୁର୍ଗାମାଧବବାବୁଙ୍କ ବିଶ୍ୱସ୍ତବାହିନୀରେ ଥିଲେ । ଏମାନେ କେତେ ଘର ଉଜାଡ଼ିଛନ୍ତି, କେତେ ଗାଁରେ ନିଆଁ ଲଗାଇଛନ୍ତି ତାର ଇୟତ୍ତା ନାହିଁ । ଏମାନଙ୍କୁ ସାତଖୁଣ ମାଫ୍‌ଥିଲା । ଏମାନଙ୍କ ସହାୟତାରେ ଦୁର୍ଗାବାବୁ ଜିତୁଥିଲେ ନିର୍ବାଚନ ପରେ ନିର୍ବାଚନ ।

ଏଥର କିନ୍ତୁ ବାବୁ ଦୁର୍ଗାମାଧବ ଚାନ୍ଦ ଏହା ଆଶଙ୍କା କରି ନ ଥିଲେ । ତେଣୁ ପ୍ରସ୍ତୁତ ନ ଥିଲେ । ତାଙ୍କର ପ୍ରାୟ ଶହେଜଣ ଲାଠିଆଳ କଲେ ଏ ଆକ୍ରମଣର ମୁକାବିଲା । ଲାଠିଆଳମାନଙ୍କୁ ନୈତିକ ସମର୍ଥନ ଦେବା ପାଇଁ ତାଙ୍କ ମଝିରେ ବାବୁ ନିଜେ ଛିଡ଼ା ହୋଇଥିଲେ । ତାଙ୍କ ହାତରେ ମଧ୍ୟ ଥିଲା ଗୋଟିଏ ଖଣ୍ଡା । ଲାଠିମାଡ଼ରେ ମୁଣ୍ଡ ଫାଟି ପ୍ରଚୁର ରକ୍ତସ୍ରାବ ହୋଇ ତାଙ୍କର ମୃତ୍ୟୁ ହେଲା । ଏ ଗୋଳମାଳରେ ଜାତିଦ୍ୱେଷ ବା ଜାତିଦଙ୍ଗାର ପ୍ରଶ୍ନ କିଛି ନ ଥିଲା । ଦୁର୍ଗାମାଧବ ଚାନ୍ଦଙ୍କ ସମର୍ଥକମାନେ ପୋଲିସ୍‌ରେ ଖବର ଦେଲେଯେ ସବର୍ଣ୍ଣ ଓ ହରିଜନମାନଙ୍କ ସଶସ୍ତ୍ର ସଂଘର୍ଷକୁ ଏଡ଼ାଇବାକୁ ଯାଇ ନିରସ୍ତ୍ର ଦୁର୍ଗାମାଧବ ଚାନ୍ଦ ସେମାନଙ୍କୁ ବୁଝାଇବାକୁ ସେମାନଙ୍କ ମଝିରେ ମହାତ୍ମାଗାନ୍ଧୀଙ୍କ ଭଳି ଛିଡ଼ା ହୋଇଗଲେ । ଜାତି ଜାତି ମଧ୍ୟରେ ଶାନ୍ତି ଓ ସୌହାର୍ଦ୍ଦ୍ୟ ପ୍ରତିଷ୍ଠା ପାଇଁ ଲାଠିମାଡ଼ରେ ସେ ଶହୀଦ ହୋଇଗଲେ । ଏହି ରିପୋର୍ଟକୁ ଭିତ୍ତିକରି ରାଜ୍ୟ ସରକାର ନିଷ୍ପତ୍ତି ନେଲେ ଦୁର୍ଗାବାବୁଙ୍କ ସ୍ମୃତିରେ ତାଙ୍କ ମହାପ୍ରୟାଣ ଦିବସକୁ ଜାତିଦ୍ୱେଷ ନିବାରଣ ଦିବସରୂପେ ପାଳନ କରିବାକୁ । ମୁଁ ତାଙ୍କର ଗାଁ ଲୋକ । ଜାତିଦ୍ୱେଷ ନିବାରଣ କରିବା ପାଇଁ ଦୁର୍ଗାମାଧବ ଚାନ୍ଦଙ୍କର କୌଣସି ଅବଦାନ ନାହିଁ । ତେଣୁ ଏ ଦିବସ ପାଳନ ନ କରାଯାଉ ।

ମୃତ୍ୟୁ ପରେ ଶହୀଦ ବୋଲାଇବାପାଇଁ ଦୁର୍ଗାମାଧବ ବାବୁଙ୍କ ପକ୍ଷର ବା ଦଳର କୌଣସି ଦାବୀ ଗ୍ରହଣୀୟ ନୁହେଁ । ସେ ଜଣେ ମାନ୍ୟଗଣ୍ୟ ନେତା ଥିଲେ । କ୍ଷମତା ରାଜନୀତିରେ ସେ ଅତ୍ୟନ୍ତ ସଫଳ ଥିଲେ । ନାନା ଗୁରୁତ୍ୱପୂର୍ଣ୍ଣ ପଦବୀରେ ଅବସ୍ଥାପିତ ହୋଇଥିଲେ । କିନ୍ତୁ ତାଙ୍କର ଜାତିଦ୍ୱେଷ ବା ଦଙ୍ଗା

Digitized by PPRACHIN, SOA

ଦୂର କରିବାପାଇଁ କୌଣସି ଭୂମିକା ନାହିଁ । ବରଂ ସେ ଦଳିତ ଜାତିମାନଙ୍କର ଶୋଷକମାନଙ୍କ ମଧ୍ୟରୁ ଜଣେ ମୁଖ୍ୟ ପୁରୋଧା ଥିଲେ । ତେଣୁ ଇତିହାସ ଉପରେ ଏ ନିଷ୍ଠୁର ଉପହାସ ବନ୍ଦ ହେଉ । ସତ୍ୟର କଣ୍ଠରୋଧ ନ ହେଉ । ସତ୍ୟ ଜାଣିଥିବା ସବୁ ଲୋକେ ଦିନେ ଇହଧାମ ତ୍ୟାଗ କରିବେ । ଏ ସରକାରୀ ଉତ୍ସବ ସେତେବେଳକୁ ଏକ ପରମ୍ପରାରେ ପରିଣତ ହୋଇଥିବ । ଲୋକେ ବାଜା ବଜାଇ ବଜାଇ ଦୁର୍ଗାମାଧବ ବାବୁଙ୍କୁ ବର୍ଷ ପରେ ବର୍ଷ ଜାତିଦ୍ୱେଷ ନିବାରଣ କ୍ଷେତ୍ରରେ ମହାନ୍ ନେତା ଭାବେ ଏବଂ ମହାତ୍ମାଗାନ୍ଧୀଙ୍କ ଦ୍ୱିତୀୟ ଅବତାର ରୂପେ ଚିତ୍ରଣ କରିବାର ସମ୍ଭାବନା ରହିଛି ।

ସେଦିନ ଅତ୍ୟନ୍ତ ଉଦ୍‌ବୁଦ୍ଧ ଭାବେ ରଜତବାବୁ କହିଚାଲିଥିଲେ । ଜାତିଦ୍ୱେଷ ନିବାରଣ ଦିବସ ଶ୍ରୀ ଚୈତନ୍ୟଙ୍କ ଜନ୍ମତିଥିରେ ପାଳିତ ହେଉ । ତାଙ୍କ ପ୍ରଚାରିତ ବୈଷ୍ଣବଧର୍ମ ପ୍ରଥମଥର ପାଇଁ ସମସ୍ତ ଦଳିତ ଅସ୍ପୃଶ୍ୟ ଲୋକମାନଙ୍କୁ ମୁକ୍ତହସ୍ତରେ ନିମନ୍ତ୍ରଣ ଦେଇଥିଲା । ସେମାନଙ୍କୁ ଧର୍ମର ମୁଖ୍ୟସ୍ରୋତରେ ସାମିଲ କରିଥିଲା । ତେଣୁ ଜାତିଦ୍ୱେଷର ମୂଳୋତ୍ପାଟନ ଯଦି କୌଣସି ରାଜ୍ୟର ପ୍ରକୃତ ଲକ୍ଷ୍ୟ ହୁଏ ତେବେ ବୈଷ୍ଣବ ଧର୍ମର ପରିପ୍ରସାର ହେଉ । ସେଥିପାଇଁ ସରକାର ସମସ୍ତ ସାହାଯ୍ୟ ଯୋଗାଇ ଦିଅନ୍ତୁ । ଭକ୍ତି ଆନ୍ଦୋଳନର ଉନ୍ମେଷ ତଥା ପ୍ରବର୍ତ୍ତନରେ ସଦା ନିୟୋଜିତ ଥିବା ପ୍ରମୁଖ ପ୍ରଭାବଶାଳୀ ଶତ ଶତ ଅନୁଷ୍ଠାନ ଯେଉଁମାନେକି ଜାତି ଧର୍ମ ଭେଦାଭେଦର ବାଛ ବିଚାରରୁ ଅନେକ ଊର୍ଦ୍ଧ୍ୱରେ ରହି ଯୁଗ ଯୁଗ ଧରି ସମନ୍ୱୟର ଧ୍ୱଜା ଉଡ଼ାଇ ଚାଲିଛନ୍ତି, ଯେପରି ବ୍ରାହ୍ମସମାଜ, ରାମକୃଷ୍ଣ ମିଶନ, ଚିନ୍ମୟ ମିଶନ, ଆର୍ଯ୍ୟ ସମାଜ, ଦିବ୍ୟଜୀବନ ସଂଘ, ଗାୟତ୍ରୀ ଯୁଗନିର୍ମାଣ ଯୋଜନା ଆଦି ଅନୁଷ୍ଠାନ । ସେମାନେ କେହି ତ ଜାତିଭେଦରେ ବିଶ୍ୱାସ ରଖନ୍ତି ନାହିଁ । ସେମାନଙ୍କୁ ଯଥେଷ୍ଟ ଅନୁଦାନ ଦେଇ ଲକ୍ଷ ଲକ୍ଷ ସଂଖ୍ୟାରେ ଏହି ତଥାକଥିତ ଅସ୍ପୃଶ୍ୟ ଦଳିତମାନଙ୍କୁ ସେମାନଙ୍କ ସଂଘଭୁକ୍ତ କରାଯାଉ । କେବଳ ପ୍ରଭାତଫେରି ଯଥେଷ୍ଟ ନୁହେଁ ।

ଯେଉଁମାନେ ଏକାଠି ପୂଜା କରନ୍ତି ସେମାନେ ଏକତ୍ର ରୁହନ୍ତି ଓ ମିଳିମିଶି ଯାଆନ୍ତି । ଯେଉଁମାନେ ଏକାଠି କ୍ଷମତା ଉପଭୋଗ କରନ୍ତି ସେମାନେ କଳହ କରନ୍ତି, ମିଳିମିଶି ରୁହନ୍ତି ନାହିଁ । ସେହିପରି ବୁଦ୍ଧଧର୍ମ, ଶିଖଧର୍ମ, ଜୈନଧର୍ମ, ଇସ୍‌ଲାମ ଓ ଖ୍ରୀଷ୍ଟଧର୍ମର ଏଭଳି ପ୍ରଗତିବାଦୀ ସଂସ୍ଥାମାନଙ୍କୁ ସାହାଯ୍ୟ ଯୋଗାଇ ସେମାନଙ୍କ ମଧ୍ୟରେ ଥିବା ଜାତିଦ୍ୱେଷର ମୂଳୋତ୍ପାଟନ କରାଯାଉ । ନହେଲେ ମୌଳବାଦୀ ସଂସ୍ଥାମାନେ ସନ୍ତ୍ରାସବାଦୀଙ୍କ ସହ ହାତ ମିଳାଇ ଏଥିରୁ ଫାଇଦା ଉଠାଇବେ । ସେମାନେ ସନ୍ତ୍ରାସବାଦକୁ ଉତ୍ସାହିତ କରିବେ । ସ୍ଲୋଗାନ, ସେମିନାର,

Digitized by PPRACHIN, SOA

ସିଂପୋସିୟମ, ପ୍ରଭାତଫେରି, ବକ୍ତୃତା ପ୍ରତିଯୋଗିତା, ପ୍ରବନ୍ଧ ପ୍ରତିଯୋଗିତା, ସ୍ଥାନ ସଂରକ୍ଷଣ ପାଇଁ ତର୍କ ବିତର୍କ ଇତ୍ୟାଦି ଯେତେ ସଂଖ୍ୟାରେ ଆୟୋଜନ କଲେ ମଧ୍ୟ ଜାତିଦ୍ୱେଷ ଦୂର ହେବ ନାହିଁ । ଜାତିଆଣ ଭାବର କୌଣସି ରାଜନୈତିକ ସମାଧାନ ନାହିଁ । କାରଣ ରାଜନୀତିରୁହିଁ ଏଥିର ସୃଷ୍ଟି ଓ ପରିପୁଷ୍ଟି । ଦଳୀୟ ଗଣତନ୍ତ୍ର ଓ ନିର୍ବାଚନ ଯେତେଦିନଯାଏ ଚାଲିଥିବ ସ୍ଥାନ ସଂରକ୍ଷଣ ସେତେଦିନଯାଏ ରହିବ । ଜାତିଦ୍ୱେଷକୁ କେବଳ ବଞ୍ଚାଇ ରଖାଯିବ ନାହିଁ, ବରଂ ପରିପୁଷ୍ଟ କରାଯିବ ଭୋଟ ପାଇବା ପାଇଁ । ଜାତିଦ୍ୱେଷର ସାମାଜିକ ଓ ଆଧ୍ୟାତ୍ମିକ ନିବାରଣ ସୂତ୍ର ଖୋଜି ବାହାର କରିବାକୁ ହେବ ଏବଂ ଏଥିପାଇଁ ମଧ୍ୟ ସରକାର ଆଗେଇ ଆସିବା ଉଚିତ ।

ଊନବିଂଶ ଶତାବ୍ଦୀରେ ନବଜାଗରଣରେ ଉନ୍ମେଷ ଯେଭଳି କୁସଂସ୍କାରକୁ ଦୂର କରି ଆମକୁ ନୂତନତ୍ୱର ଆଲୋକରେ ଆଲୋକିତ କରିଥିଲା, ସେପରି ଆସନ୍ତୁନା ଏକ ନୂଆ ଧାର୍ମିକ ଓ ସାଂସ୍କୃତିକ ଆନ୍ଦୋଳନ ପାଇଁ ନିଜକୁ ପ୍ରସ୍ତୁତ କରିବା—ନହେଲେ ଆଜିର ଜାତିଦ୍ୱେଷ କାଲିର ଧର୍ମଦ୍ୱେଷରେ ପରିଣତ ହେବ ଏବଂ ଆମର ଛୋଟ ବଡ଼ ଦଙ୍ଗା ପାଇଁ ପାକିସ୍ଥାନ କିମ୍ବା ଯୁକ୍ତରାଷ୍ଟ୍ର ଆମେରିକା ଆମକୁ ଆନ୍ତର୍ଜାତିକ ସ୍ତରରେ ଅପଦସ୍ଥ କରିବେ ।

ରଜତବାବୁ ମଞ୍ଚରୁ ଓହ୍ଲାଇ ଆସିଲେ । ଏଭଳି ଏକ ଓଜସ୍ୱିନୀ ବକ୍ତୃତା ପାଇଁ କେହି ସତର୍କ ନ ଥିଲେ, ନ ହେଲେ ହୁଏତ ପଚା ଅଣ୍ଡା, ଛିଣ୍ଡା ଚପଲ, ବିଲାତି ବାଇଗଣ ନେଇ ଲୋକେ ପ୍ରସ୍ତୁତ ଥାନ୍ତେ । ସେଦିନ ମୁଖ୍ୟ ଅତିଥିଙ୍କ ଭାଷଣ ଆରମ୍ଭ ହେଲାବେଳକୁ ହଲ୍ ଟି ପ୍ରାୟ ଖାଲି ।

Digitized by PPRACHIN, SOA

କାହାକୁ କହିବେ ନାହିଁ

ବୈଠକ ନିଶ୍ଚୟ ଗୁରୁତ୍ୱପୂର୍ଣ୍ଣ । ଆଗକୁ ରୌପ୍ୟ ଜୁବୁଲି ଉତ୍ସବ ।

କରମଣ୍ଡଳ ପ୍ରତିଭାପୂଜା ପରିଷଦର ସମସ୍ତ ସଭ୍ୟ ଉପସ୍ଥିତ । ଚାଲିଛି ଜୁବିଲି ପ୍ରସ୍ତୁତି କମିଟିର ବୈଠକ ।

ଗତ ଚବିଶ ବର୍ଷ ଧରି ଏହି ପରିଷଦ ରାଜ୍ୟରେ କାବ୍ୟ କବିତା, ଉପନ୍ୟାସ, କ୍ଷୁଦ୍ରଗଳ୍ପ, ପ୍ରବନ୍ଧ, ଚାରୁକଳା, ନୃତ୍ୟକଳା, ସଂଗୀତ, ଅଭିନୟ, ନାଟକ, ଚଳଚ୍ଚିତ୍ର ଇତ୍ୟାଦି କ୍ଷେତ୍ରରେ ଆନ୍ତର୍ଜାତୀୟ ଓ ଜାତୀୟ ସମ୍ମାନ ଲାଭ କରିଥିବା ଏବଂ ପ୍ରାଦେଶିକ ସ୍ତରରେ ସୁନାମ କରିଥିବା ଶିଳ୍ପୀ ଓ କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରିଛି । ସେମାନଙ୍କ ପାଇଁ ଆୟୋଜନ କରିଛି ସଚିତ୍ର ସୁନ୍ଦର ମାନପତ୍ର ଓ ଆର୍ଥିକ ପୁରସ୍କାର । ରାଜ୍ୟର କ୍ଷମତା ରାଜନୀତି, ପ୍ରଶାସନ, ତଥା ସଂସ୍କୃତି କ୍ଷେତ୍ରରେ ବିରାଜୁଥିବା ପୁରୋଧାମାନଙ୍କ ଗହଣରେ ପ୍ରତିବର୍ଷ ଏକାଧିକ ସମ୍ବର୍ଦ୍ଧନା ସଭାର ଆୟୋଜନ ବେଶ୍ ପୁଲକିତ କରିଛି ଅନେକଙ୍କୁ ।

କେବଳ କଳା କାହିଁକି, ସ୍ୱାଧୀନତା ସଂଗ୍ରାମ, ଶିଳ୍ପ, ବିଜ୍ଞାନ, କାରିଗରି, ବୈଷୟିକ ବିଦ୍ୟା, ବାଣିଜ୍ୟ, ବ୍ୟବସାୟ ପରିଚାଳନା, ଶିକ୍ଷା, କୃଷି, ମତ୍ସ୍ୟଚାଷ, ପଶୁପାଳନ, ସାଂବାଦିକତା, ପର୍ଯ୍ୟଟନ, ସମବାୟ, ବନବିଜ୍ଞାନ, ଚିକିତ୍ସା, ଶ୍ରମ ମଙ୍ଗଳ, ଆଇନସେବା ଇତ୍ୟାଦି କ୍ଷେତ୍ରରେ ରାଜ୍ୟପାଇଁ ଯେଉଁମାନେ ସୁନାମ ଆଣିଛନ୍ତି ସେଇ ପ୍ରତିଷ୍ଠିତ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରିବା ସଙ୍ଗେ ସଙ୍ଗେ ନୂତନ ଉଦୀୟମାନ ପ୍ରତିଭାଙ୍କୁ ମଧ୍ୟ ଉତ୍ସାହିତ କରାଯାଇଛି ।

ଅନୁଷ୍ଠାନଟିର ସୁନାମ ବଢ଼ିଛି । ଅନୁରୂପ ଭାବରେ ବାଦ ବିବାଦ ମଧ୍ୟ ମଝିରେ ମଝିରେ ନାନା ଅପ୍ରୀତିକର ପରିସ୍ଥିତିକୁ ଟାକୁ ଟାଣି ନେଇଛି । କଳନା କରିବସିଲେ, ପ୍ରୀତିପ୍ରଦ ପ୍ରଶଂସା ଛଡ଼ା ସତ-ମିଛର ମନ୍ଦ ଛିଟା ନିଷ୍ଠାବାନ କର୍ମଠ କର୍ମୀଙ୍କୁ ମଧ୍ୟ ବଦନାମ କରିଛି । ତାର ଗୋଟାଏ ଘୋଟାଏ ଦୃଷ୍ଟାନ୍ତ ଭାବି ବସିଲେ, ଅନୁଷ୍ଠାନ ଯେ ବଞ୍ଚିଛି, ଆଶ୍ଚର୍ଯ୍ୟ ଲାଗେ । ଶ୍ରୀ ରଙ୍ଗରାଜନ କାହିଁକି ଶ୍ରୀ ମୁଥାୟାଙ୍କ ଠାରୁ ଦୁଇବର୍ଷ ପରେ କବିତା ପାଇଁ ସମ୍ବର୍ଦ୍ଧିତ ହେଲେ, ଭାରତନାଟ୍ୟମ ନୃତ୍ୟଗୁରୁ ଲକ୍ଷ୍ମୀ ଆମ୍ମା କାହିଁକି ନୃତ୍ୟାଙ୍ଗନା ଜାନକୀଦେବୀଙ୍କଠାରୁ ତାଲିକାରେ ତିନିସ୍ଥାନ ତଳେ ରହିଲେ । ମଞ୍ଚ ଅଭିନେତା ଓ ଅପେରା ଅଭିନେତା ଅଭିନେତ୍ରୀଙ୍କୁ କାହିଁକି ପ୍ରଥମ ସାତବର୍ଷ ଉପେକ୍ଷା କରି କେବଳ ଚଳଚ୍ଚିତ୍ର ଅଭିନେତା ଓ ଅଭିନେତ୍ରୀଙ୍କୁ

Digitized by PPRACHIN, SOA

ପ୍ରାଧାନ୍ୟ ଦିଆଗଲା ? ଅନେକ ଝଡ଼ ତର୍କ ବିତର୍କ ମନୋମାଳିନ୍ୟ ଆଉ ବେଳେ ବେଳେ ସଂସ୍କୃତି ବିଭାଗରୁ କଡ଼ା ତାଗିଦ୍ ବି ସଂସ୍ଥାଟିକୁ କମ୍ ଆଲୋଡ଼ିତ କରିନାହିଁ । ଉତ୍ସବମାନଙ୍କରେ ପ୍ରଧାନ ଅତିଥି ଓ ସମ୍ମାନିତ ଅତିଥି କାହାକୁ କରାଯିବ ସେମାନଙ୍କ ପାଇଁ ରାଜ୍ୟ ସଂସ୍କୃତି ମନ୍ତ୍ରୀଙ୍କ ଠାରୁ ଅନୌପଚାରିକ ଭାବେ ସମ୍ମତି ନିଆଯିବା ପାଇଁ ହୋଇଛି ବହୁବାର ଚାପ ପ୍ରୟୋଗ । ସମ୍ବର୍ଦ୍ଧନା ମଞ୍ଚକୁ ଯଦି କେବେହେଲେ ସରକାରୀ କାର୍ଯ୍ୟକ୍ରମର ସମାଲୋଚନା ପାଇଁ ପ୍ରୟୋଗ କରାଯାଏ ତେବେ ବାର୍ଷିକ ଅନୁଦାନ ବନ୍ଦ କରି ଦିଆଯିବ ବୋଲି ଆସିଛି ମୌଖିକ ଓ ଲିଖିତ ଧମକ । କ୍ଷମତାର ବିଭିନ୍ନ ସୋପାନରେ ଥିବା ଅଧିକାରୀ, ନେତୃବୃନ୍ଦଙ୍କୁ ସମ୍ବର୍ଦ୍ଧନାର ପରିସର ମଧ୍ୟକୁ ଆଣିବା ପାଇଁ କରାଯାଇଛି ଅନୈତିକ ଚାପ ପ୍ରଦାନ । ସମ୍ବର୍ଦ୍ଧନାରେ ପକ୍ଷପାତିତାର ଅଭିଯୋଗରେ ଦୁଇଥର ହାଇକୋର୍ଟରୁ ରହିତାଦେଶ ଅଣାଯାଇ ମଞ୍ଚ ଉପରେ ଛାଟି କରାଯାଇଛି ।

ସବୁଠୁଁ ମଜା କଥା ହେଲା ପୁରସ୍କାର ଓ ସ୍ୱୀକୃତିର ପରିମାଣ ଓ ମୂଲ୍ୟ ଯେତେ କମ୍ ହେଉନା କାହିଁକି ସେଥିପାଇଁ ଲଢ଼େଇର ଯେପରି ଅନ୍ତନାହିଁ ।

ଆଉ ଗୋଟିଏ ପ୍ରକାରର ଅସୁବିଧା ଦେଖାଦେଇଛି ଏଇ ଚାରି ପାଞ୍ଚ ବର୍ଷ ହେଲା ।

ଅଭିମାନୀ ଶିଳ୍ପୀ, କଳାକାର ଓ ସମାଜସେବୀମାନେ ପୁରସ୍କାର ଓ ସମ୍ବର୍ଦ୍ଧନାକୁ ବେଳେ ବେଳେ ପ୍ରତ୍ୟାଖ୍ୟାନ କରିଛନ୍ତି । ଏହି ପ୍ରତ୍ୟାଖ୍ୟାନଗୁଡ଼ିକ ନୀରବ ହେଲେ ତ କଥା ନ ଥିଲା । କିନ୍ତୁ ପ୍ରତ୍ୟେକ ପ୍ରତ୍ୟାଖ୍ୟାନର କାରଣ ବୁଝାଇବାକୁ ଯାଇ ଗୁଡ଼ିଏ ଅପରିଷ୍କାର ଅନ୍ତର୍ବସ୍ତ୍ରର ସାର୍ବଜନୀନ ଓ ସ୍ପଷ୍ଟ ଦିବାଲୋକରେ କରାଯାଇଛି ଧୁଲେଇର ଆୟୋଜନ । ଯୋଗ୍ୟତା ବା ଅଯୋଗ୍ୟତାର ମାପକାଠି, ପୁରସ୍କାର ପଛରେ ଲୁଚିରହିଥିବା ତଥାକଥିତ ବା ପ୍ରକୃତ ନେଣଦେଣ, ବେପାରର କୁତ୍ସିତ ରୂପକୁ ପ୍ରକାଶିତ କରାଯାଇଛି । ଜଣେ ଜଣେ ଲେଖକଙ୍କର ପ୍ରଥମ ବା ଦ୍ୱିତୀୟକୃତି କାହିଁକି ପୁରସ୍କୃତ ଓ ସମ୍ବର୍ଦ୍ଧିତ ନ ହୋଇ ଚତୁର୍ଥ କୃତି ପର୍ଯ୍ୟନ୍ତ ତାଙ୍କୁ ଅପେକ୍ଷା କରିବାକୁ ହେଲା, ଏ ପ୍ରସଙ୍ଗ ବି ଉଠାଯାଇଛି ।

ଧରନ୍ତୁ ଅଭିଯୋଗ ହୋଇଛି ଯେ ପ୍ରଶାସକମାନଙ୍କ ମଧ୍ୟରୁ ଯେଉଁମାନେ ଲେଖିଛନ୍ତି ସେମାନେ କେବଳ ପୁରସ୍କାର ପାଇଛନ୍ତି, କିନ୍ତୁ ଅଧ୍ୟାପକମାନଙ୍କ ମଧ୍ୟରେ ଯେଉଁମାନେ ଲେଖନୀ ଚାଳନା କରୁଛନ୍ତି ସେମାନଙ୍କୁ ଉପେକ୍ଷା କରାଯାଇଛି । କଳା ଓ ସଂସ୍କୃତି କେବଳ ସାଗର ତଟବର୍ତ୍ତୀ ଜିଲ୍ଲାମାନଙ୍କର ସୀମାବଦ୍ଧ ରହିଗଲା ।

ଦଳିତ, ଅବହେଳିତ, ନିଷ୍ପେଷିତ ଅତ୍ୟାଚାରିତ, ଦୁର୍ବଳ, ସାମାଜିକ ଓ ଅର୍ଥନୈତିକ ଅନଗ୍ରସର ଗୋଷ୍ଠୀମାନଙ୍କ ପାଇଁ ଅନେକ କବିତା, ସାହିତ୍ୟ, କଳା ସୃଷ୍ଟି କରାଯାଇଛି

Digitized by PPRACHIN, SOA

କିନ୍ତୁ ସେମାନଙ୍କ ମଧ୍ୟରୁ ଯେଉଁ ପ୍ରତିଭାମାନେ ଅଛନ୍ତି ସେମାନଙ୍କର କୌଣସି ସ୍ୱୀକୃତି ଓ ଆଦର ନାହିଁ । ରାଜ୍ୟ-ସରକାରଙ୍କର ଅନୁଦାନ ଲାଭ କରିବା ହେତୁ ଏହି ପରିଷଦର ସମ୍ବର୍ଦ୍ଧନାରେ ମଧ୍ୟ ସଂରକ୍ଷଣନୀତି ଲାଗୁ ହେବାକୁ ବାଧ୍ୟ ଏଭଳି ମଧ୍ୟ ଏକ ନାରା ଉଠିଛି କିଛି ବର୍ଷ ହେଲା । ଚବିଶ ବର୍ଷ ମଧ୍ୟରେ ଏହି ଶ୍ରେଣୀର କେତେକଜଣ ପତିଭାଙ୍କୁ ସମ୍ମାନିତ କରାଯାଇଛି । ତା'ଉପରେ ବିଧାନ ସଭାରେ ଦୁଇଥର ପ୍ରଶ୍ନ ମଧ୍ୟ ଆସିଛି । ବାଧାବନ୍ଧନ, ପୁଷ୍ପଗୁଚ୍ଛ, ପଚାଅଣ୍ଡା, ମାଟି କାଦୁଅ ଫିଙ୍ଗା ସତ୍ତ୍ୱେ କରମଣ୍ଡଳ ପ୍ରତିଭାପୂଜା ପରିଷଦ ତା କାର୍ଯ୍ୟକ୍ରମ ଚାଲୁରଖିଛି ।

ଚତୁର୍ବିଂଶ ବୈଠକ ଦୁଇଦିନ ଧରି ଚାଲିଛି । ପ୍ରଥମେ ପ୍ରସ୍ତାବ ଆସିଲାଯେ ଯେଉଁ ପ୍ରତିଭାମାନଙ୍କୁ ଗଲା ଚବିଶ ବର୍ଷ ମଧ୍ୟରେ ସମ୍ବର୍ଦ୍ଧିତ ଓ ପୁରସ୍କୃତ କରାଯାଇଛି ସେମାନଙ୍କୁ ଡାକି ଆଉଥରେ ସମ୍ମାନିତ କରାଯିବ ସେମାନଙ୍କର ବିଜ୍ଞାନ ସାହିତ୍ୟ ଓ କଳା କ୍ଷେତ୍ରରେ ଲେଖନୀ ଚାଲୁ ରହିଥିବା ଯୋଗୁଁ । ପ୍ରବଳ ବିରୋଧ କରି ଜଣେ କହିଲେ, ଏଥିମଧ୍ୟରେ କେତେଜଣ ସମ୍ବର୍ଦ୍ଧିତ ଓ ପୁରସ୍କୃତ ପ୍ରତିଭାଙ୍କ କୃତି ସେମାନଙ୍କର ନିଜସ୍ୱ ନୁହେଁ ବୋଲି ଜଣାଗଲାଣି । ଆଉ କେତେଜଣଙ୍କ ନାମରେ ଇତିମଧ୍ୟରେ ଗୁରୁତର ଯୌନ ବିଶୃଙ୍ଖଳା ଓ ବ୍ୟଭିଚାରର ସତ୍ୟ ବା ମିଥ୍ୟା ଅଭିଯୋଗ ହୋଇ କୋର୍ଟମାନଙ୍କରେ ବିଚାରାଧୀନ ରହିଛି । କେତେଜଣଙ୍କ ଘରେ ଚଢ଼ାଉ ହୋଇ ହିରୋଇନ୍ ଆଦି ନିଶାଦ୍ରବ୍ୟ ଓ କୋଟି-କୋଟି ଟଙ୍କାର କଳାଧନ ଜବତ ହେଲାଣି । ବିଭିନ୍ନ କ୍ଷେତ୍ରରେ ଅନ୍ୟ କେତେକ ସମ୍ବର୍ଦ୍ଧିତ ପ୍ରତିଭା ଏଥିମଧ୍ୟରେ କ୍ଷମତା ରାଜନୀତିରେ ଯୋଗ ଦେଇ ଘୋର ବିବାଦୀୟ ହୋଇପଡ଼ିଛନ୍ତି । ସେମାନଙ୍କର ରଚନା ବା କାର୍ଯ୍ୟାବଳୀ ଏବେ ଅନୁଧ୍ୟାନ କଲେ ସେଥିରେ କେତେଦୂର ଆନ୍ତରିକତା ଓ ପ୍ରତିବଦ୍ଧତା ଥିଲା ତାହା ଜଣାପଡୁଛି । ସେମାନଙ୍କର ଆଉ କେତେକ ତଥାକଥିତ ଯୁଗାନ୍ତକାରୀ ପଦକ୍ଷେପ କିଭଳି ଭବିଷ୍ୟତର ରାଜନୀତି ଜୀବନକୁ ଦୃଷ୍ଟିରେ ରଖି ନିଆଯାଇଥିଲା ତାହା ମଧ୍ୟ ସ୍ପଷ୍ଟ ହୋଇଯାଇଛି । ଏଭଳି କ୍ଷେତ୍ରରେ ସେମାନଙ୍କୁ ଆଉ ଥରେ ସମ୍ବର୍ଦ୍ଧନା ମଞ୍ଚକୁ ଆଣିବା ମାନେ ପଚାଅଣ୍ଡା ଓ ସଢ଼ା ବିଲାତି ବାଇଗଣକୁ ସଶ୍ରଦ୍ଧ ଆମନ୍ତ୍ରଣ କରିବା ସଙ୍ଗେ ସମାନ ।

ଶେଷରେ ଏକ ନିଷ୍ପତ୍ତି ନିଆଗଲା । ରୌପ୍ୟ ଜୁବିଲି ବର୍ଷ କେବଳ ସେହିମାନେ ସମ୍ବର୍ଦ୍ଧିତ ହେବେ ଯେଉଁମାନେ କି ଆସନ୍ତା ପଚିଶ ବର୍ଷରେ ରାଜ୍ୟ ପାଇଁ ସୁନାମ ଆଣିବେ । ଅର୍ଥାତ୍ ଏ ବର୍ଷ କେବଳ ନୂତନ ପ୍ରତିଭାମାନଙ୍କୁ ହିଁ ସମ୍ବର୍ଦ୍ଧିତ କରାଯିବ ।

ଏହିଭଳି ଚାରିଜଣ ପ୍ରତିଭାମାନଙ୍କୁ ଚିହ୍ନଟ କରିବା ପାଇଁ ଏକ ସବ୍‌କମିଟି ଗଠିତ ହେଲା । ବଛା ବଛା ପଚାଶଟି ବିଭିନ୍ନ ନାମ ମଧ୍ୟରୁ ସବ୍‌କମିଟି ବାଛି ଠିକ୍ କଲେ

Digitized by PPRACHIN, SOA

ଏଇମାନଙ୍କ ନାମ । ସବ୍‌କମିଟିର ସଭ୍ୟ ସି.ଗୋପାଳନ୍‌ଙ୍କୁ ଦାୟିତ୍ୱ ଦିଆଗଲା ଏହି ପ୍ରତିଭାମାନଙ୍କୁ ଦେଖାକରି ସେମାନଙ୍କର ସାଫଲ୍ୟ ଓ ଉଜ୍ଜ୍ୱଳ ସମ୍ଭାବନା ବିଷୟରେ ତଥ୍ୟ ସଂଗ୍ରହ କରିବେ ଏବଂ ସମ୍ବର୍ଦ୍ଧନା ଉତ୍ସବ ପାଇଁ ସେମାନଙ୍କର ସମ୍ମତି ଆଣିବେ ।

ପ୍ରଥମେ ସି.ଗୋପାଳନ ଶ୍ରୀମତୀ ବତ୍ସଳା ନେଦୁଦ୍‌ଚେଳିୟାନ୍‌ଙ୍କ ସଙ୍ଗେ ନିଯୁକ୍ତି ଠିକ୍ କରି ତାଙ୍କୁ ଦେଖାକଲେ । "ଆପଣଙ୍କର ସମସ୍ତ ପ୍ରକାଶିତ କବିତାର ମୁଁ ଜଣେ ଗୁଣମୁଗ୍ଧ ପାଠକ– ଗଲା ତିନିବର୍ଷ ମଧ୍ୟରେ ଅନେକ ପତ୍ରିକା ଓ ସଂବାଦପତ୍ରରେ ଆପଣଙ୍କର କବିତା ପ୍ରକାଶିତ ହୋଇଛି । ଆଧୁନିକ କବିତାରେ ନବେ ଦଶକରେ ଯେଉଁ ପରିବର୍ତ୍ତନର ମୋଡ଼ ଦେଖାଦେଇଛି ସେ ବିଷୟରେ ଆପଣଙ୍କଠାରୁ ଆମେ କିଛି ଶୁଣିବାକୁ ଇଚ୍ଛା କରୁଛୁ । ପ୍ରତିଭାପୂଜା ପରିଷଦ ଆପଣଙ୍କୁ ଏକ ଉଦୀୟମାନ ପ୍ରତିଭା ଭାବେ ସଂବର୍ଦ୍ଧିତ କରିବ । ଆପଣ ପାଞ୍ଚ ଦଶ ମିନିଟ୍ ସଂବର୍ଦ୍ଧନାର ଉତ୍ତର ଦେବେ ।"

ନାରୀକବି ବତ୍ସଳା କିଛିସମୟ ନିରୁତ୍ତର ରହି କହିଲେ– ସତ୍ୟ ବେଶୀଦିନ ଲୁଚି ରହିବ ନାହିଁ ଏକଥା ମୁଁ ଜାଣିଥିଲି । କିନ୍ତୁ ମୋର ବିଶ୍ୱାସ ଆପଣ ଏକଥା କାହାକୁ କହିବେ ନାହିଁ । ମୋ ମାତୃଭାଷା ଅଲଗା । ଆପଣଙ୍କ ଭାଷା ଉପରେ ମୋର ଦଖଲ ବହୁତ କମ୍ । ଇଂରାଜୀ ମିଡ଼ିୟମରେ ମୋର ସମସ୍ତ ଶିକ୍ଷା । ମୋ ପତି ଅଜୟ ମାଧବନ ଆୟାରହିଁ ଏ ସମସ୍ତ କବିତାର ଲେଖକ । ସେ "ଅଜ୍ଞେୟ" ଛଦ୍ମନାମରେ କବିତା ଲେଖନ୍ତି । ଏବେ ତିନିବର୍ଷ ହେଲା ମୋ ନାମରେ ମଧ୍ୟ କବିତା ଲେଖୁଛନ୍ତି । ମୁଁ କବିତାର ଧାର ଧାରେ ନାହିଁ । ବତ୍ସଳା ଆୟାର ପରିବର୍ତ୍ତେ ମୋର ବିବାହ ପୂର୍ବର ସାଂଗିଆରେ କବିତା ଲେଖାହେଉଛି । ଆପଣ ମୋତେ ବାଧ୍ୟ କରି ଅପଦସ୍ଥ କରନ୍ତୁ ନାହିଁ । ଆମେ ତ କାହାରି କିଛି କ୍ଷତି କରୁନାହୁଁ । ତେଣୁ ଆପଣ ଏକଥା ଆଉ କାହାକୁ କହିବେ ନାହିଁ ।"

ସଂଗୀତ ସମାଲୋଚକ ପ୍ରସାଦ ଶେଖରନଙ୍କୁ ଖୋଜି ବାହାର କରିବା ବେଶ୍ ସମୟସାପେକ୍ଷ ହେଲା । ଅନେକ ଚେଷ୍ଟାପରେ ଜଣାଗଲା ଯେ ତାଙ୍କ ନାମରେ ଆସୁଥିବା ଲେଖାଗୁଡ଼ିକ ବିଭିନ୍ନ ପ୍ରେସ୍‌କୁ ସାମ୍ବାଦିକ ଡି.ବିଜୟ ରାଘବନ ପଠାଉଥିଲେ । ତେଣୁ ଡି. ବିଜୟ ରାଘବନଙ୍କ ଘରେ ହୁଏତ ପ୍ରସାଦଙ୍କୁ ଦେଖା ମିଳିବ । ବିଜୟ ଶେଖରନଙ୍କ ଘରେ ଯାଇ ପ୍ରସାଦଙ୍କ କଥା ପଚାରିଲେ ଗୋପାଳନ୍ । ପ୍ରସାଦବାବୁ ଯେତେବେଳେ ଡ୍ରଇଁ ରୁମ୍‌ରେ ଆସି ବସିଲେ ଗୋପାଳନଙ୍କର ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ । ପ୍ରସାଦବାବୁଙ୍କ ବୟସ ମାତ୍ର ଚାରିବର୍ଷ । ସେ କିନ୍ତୁ ଗଲା ଦୁଇବର୍ଷ ହେଲା ଅନେକ ଅଡ଼ିଓ କ୍ୟାସେଟ୍, ଭିଡ଼ିଓ କ୍ୟାସେଟ ଓ କଂପ୍ୟାକ୍ଟ ଡିସ୍‌କର ଅତ୍ୟନ୍ତ ବିଜ୍ଞ ଓ ମନୋଜ୍ଞ ରିଭିଉ କରୁଛନ୍ତି ।

Digitized by PPRACHIN, SOA

ବିଜୟ ରାଘବନ କିଛିସମୟ ପରେ ଆସି ଏ ସନ୍ଦେହ ମୋଚନ କଲେ । ଖବରକାଗଜର ଷ୍ଟାଫ୍ ପ୍ରତିନିଧି ହେଲେ ଦରମା ଛଡ଼ା ଅଧିକ କିଛି ମିଳେ ନାହିଁ । କିନ୍ତୁ ଏପରି ସଂଗୀତ ଓ ନାଟକ ରିଭିଉ ଆଉ କାହା ନାଁରେ ପ୍ରକାଶିତ ହେଲେ ବିଲ୍ କରି ଦୁଇପଇସା ଅଧିକ ଆୟ କରିହୁଏ । ଭବିଷ୍ୟତ ପାଇଁ ମୋ ପୁଅର ନିଯୁକ୍ତି ପାଇଁ ବାରଦ୍ୱାର ଶୁଣ୍ଢିପିଣ୍ଡା ହେବାକୁ ପଡ଼ିବ ନାହିଁ । ବି.ଏ. ପାସ୍ ନ କରୁଣୁ ସେ ପନ୍ଦରବର୍ଷର ଅଭିଜ୍ଞ ସ୍ତମ୍ଭକାର । ସରକାରଙ୍କଠାରୁ ଆକ୍ରେଡ଼ିସନ ବା ଅଧିସ୍ୱୀକୃତି ପାଇଯିବାରେ କିଛି ଅସୁବିଧା ନାହିଁ । ଶୁଣିଥିଲି ଯେ କରମଣ୍ଡଳର ଜଣେ ଡି.ପି.ଆର୍.ଓ. ଏହିପରି ନିଜର ଦୁଇପୁଅ ଓ ଗୋଟିଏ ଝିଅଙ୍କୁ ଅଧିସ୍ୱୀକୃତି ଦେବା ପାଇଁ ସଫଳ ହୋଇଥିଲେ । ଆପଣ ଦୟାକରି ଏକଥା କାହାକୁ କହିବେ ନାହିଁ ।

ତାପରେ ଖୋଜା ହେଲା ଚଳଚ୍ଚିତ୍ର ସମୀକ୍ଷା କ୍ଷେତ୍ରରେ ଉଦୀୟମାନ ପ୍ରତିଭା ପୂର୍ଣ୍ଣିମା ରାମେଶ୍ୱରମ୍‌ଙ୍କୁ । ଖବର ନେବାରେ ଜଣାଗଲା ସେ ଖ୍ୟାତନାମା ଚଳଚ୍ଚିତ୍ର ବିତରକ ଓ ନିର୍ମାତା ଜୟେନ୍ଦ୍ରନ୍ ରାମେଶ୍ୱରମ୍‌ଙ୍କ ଝିଅ । ସି.ଗୋପାଳନ୍ ଯଥା ସମୟରେ ପହଞ୍ଚିଲେ ଜୟେନ୍ଦ୍ରନ୍‌ଙ୍କ ଘରେ । ଜୟେନ୍ଦ୍ରନ୍‌ଙ୍କ ସହ କୌଣସି ସାକ୍ଷାତ ସମ୍ଭବ ନଥିଲା । କାରଣ ସେ ମାସକୁ ଦଶଦିନ୍. ବମ୍ବେରେ ତ ଆଉ ଦଶଦିନ ଦିଲ୍ଲୀରେ ଥାଆନ୍ତି । ବାକି ସମୟତକ ତାଙ୍କର ଷ୍ଟୁଡ଼ିଓରେ କଟେ । ତେବେ ପୂର୍ଣ୍ଣିମାକୁ ମଧ୍ୟ ଦେଖାମିଳିଲା ନାହିଁ । ଦୁଇ ତିନିଥର ଫୋନ୍ କଲାପରେ ଖବର ମିଳିଲା ସେଭଳି କୌଣସି ଝିଅ ଜୟେନ୍ଦ୍ରନଙ୍କ ଘରେ ରୁହନ୍ତି ନାହିଁ ।

ଗୋପାଳନଙ୍କ ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ । ପ୍ରବଳ ଅନୁସନ୍ଧିତ୍ସାକୁ ମଧ୍ୟ ଏଣେ ଦମନ କରି ହେଉନାହିଁ । ପ୍ରାୟ ପନ୍ଦରଦିନର ଗୋଇନ୍ଦାଗିରି କରିବାରେ ଜଣାଗଲାଯେ ପୂର୍ଣ୍ଣିମା ଏବେ ଜନ୍ମ ହୋଇ ନାହାନ୍ତି । ଜୟେନ୍ଦ୍ରନ୍ ରାମେଶ୍ୱରମ୍ କେବେ ଝିଅ ଜନ୍ମ ହେଲେ ତା'ନାମ ପୂର୍ଣ୍ଣିମା ଦେବେ ବୋଲି ଠିକ୍ କରିଥିଲେ । ଏକଥାଟି ତାଙ୍କର କେତେକ ବନ୍ଧୁ ଓ ବିଶ୍ୱସ୍ତ କର୍ମଚାରୀ ଜାଣିଥିଲେ । ସେମାନଙ୍କ ମଧ୍ୟରୁ ଜଣେ ସହକାରୀ ନିର୍ମାତା ଏ ସମୀକ୍ଷାଗୁଡ଼ିକ ଲେଖନ୍ତି ଏବଂ ପୂର୍ଣ୍ଣିମା ରାମେଶ୍ୱରମ୍ ନାମରେ ତାହା ପ୍ରକାଶିତ ହୁଏ । କରମଣ୍ଡଳ ରାଜ୍ୟର ଚଳଚ୍ଚିତ୍ର କ୍ଷେତ୍ରରେ ରାମେଶ୍ୱରମ୍ ସାଙ୍ଗିଆଟି ଏତେ ପ୍ରସିଦ୍ଧ ଓ ପ୍ରିୟ ଯେ ତାଙ୍କ ସୁଯୋଗ୍ୟ କନ୍ୟାମଣିଙ୍କ ଲିଖିତ ସମୀକ୍ଷା ସମସ୍ତେ ଆଗ୍ରହର ସହ ପଢ଼ନ୍ତି, ଅନ୍ୟମାନଙ୍କୁ ପଢ଼ାନ୍ତି । ଏଥିରେ ଜୟେନ୍ଦ୍ରନ୍‌ଙ୍କ ସମ୍ମତି ସହ ସ୍ୱୀକୃତି ଥାଏ । କେବଳ ରାମେଶ୍ୱରମ୍ ବ୍ୟାନରରେ ପ୍ରସ୍ତୁତ ହେଉଥିବା ଚଳଚ୍ଚିତ୍ର, ଟେଲିଚିତ୍ରର ପ୍ରଶଂସାମୂଳକ ସମୀକ୍ଷା କଲେ ଲୋକେ ନାକ ଟେକିବେ । ତେଣୁ ସେଭଳି କାର୍ଯ୍ୟରେ ପୂର୍ଣ୍ଣିମା ହାତ

Digitized by PPRACHIN, SOA

ଦିଅନ୍ତି ନାହିଁ । ପ୍ରତିଦ୍ୱନ୍ଦ୍ୱୀ ନିର୍ମାତାମାନଙ୍କର ଚଳଚ୍ଚିତ୍ର, ଟେଲି ଧାରାବାହିକର କଡ଼ା ସମାଲୋଚନା କରାଯାଏ । ଏଥିପାଇଁ ପୂର୍ଣ୍ଣିମାଙ୍କର ସମ୍ମାନ ଆଉ ପ୍ରେସ୍‌ରେ ଆଦର ।

ନୂତନ ଗାଳ୍ପିକ ଶ୍ରୀହରି ବାଳକ୍ରିଷ୍ଣନ୍ ଜଣେ ଉଚ୍ଚପଦସ୍ଥ ଯୁବ ପ୍ରଶାସକ । ତାଙ୍କ ସଙ୍ଗେ ସାକ୍ଷାତ ଥିଲା ସଂକ୍ଷିପ୍ତ । ସେ ଥିଲେ ସବୁବେଳେ କାର୍ଯ୍ୟବ୍ୟସ୍ତ । ସି. ଗୋପାଳନ୍ ଆଧୁନିକ ଗଳ୍ପ ସାହିତ୍ୟ ଉପରେ ଦୁଇଟି ପ୍ରଶ୍ନ ପଚାରିବାରେ ଶ୍ରୀହରି ବାବୁ ବିରକ୍ତ ହେଲେ । ଏଥିପାଇଁ ତାଙ୍କର ଆଦୌ ସମୟ ନାହିଁ ।

ଗୋଟିଏ ପ୍ରଶ୍ନାବଳୀ କରି ଆପଣ ଛାଡ଼ି ଯାଆନ୍ତୁ । ତିନିଦିନ ପରେ ଆସି ଲିଖିତ ଉତ୍ତର ନେଇଯିବେ । ଗୋପାଳନ୍ ସମ୍ମତି ଜଣାଇ ଫେରି ଆସିଲେ ଏବଂ ଠିକ୍ ସମୟରେ ଏକ ପ୍ରଶ୍ନାବଳୀ ମଧ୍ୟ ତାଙ୍କ ଦପ୍ତରରେ ପହଞ୍ଚାଇ ଦେଲେ ।

ଦୁଇଦିନ ପରେ କୌଣସି କାମରେ ଗୋପାଳନ୍ ଯାଇଥିଲେ ବନ୍ଧୁ ପି.ରାମନାଥନ୍‌ଙ୍କ ଘରକୁ । ତାଙ୍କ ଟେବୁଲ ଉପରେ ଶ୍ରୀହରିଙ୍କୁ ଦେଇଥିବା ସେହି ପ୍ରଶ୍ନାବଳୀକୁ ଦେଖି ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ ଗୋପାଳନଙ୍କର । ପି. ରାମନାଥନ୍ କହିଲେ ଯେ ତାଙ୍କର ଯେଉଁ ଗପଗୁଡ଼ିକ ତିନିଚାରିଗୋଟି ପତ୍ରପତ୍ରିକାରୁ ଫେରିଆସିଥିଲା, ଠିକ୍ ସେହି ଗପଗୁଡ଼ିକ ଶ୍ରୀହରି ବାଳକ୍ରିଷ୍ଣନଙ୍କ ନାମରେ ପଠାଇବାରୁ ସଙ୍ଗେ ସଙ୍ଗେ ପ୍ରକାଶିତ ହେଲା । କେବଳ ତା'ନୁହେଁ ଗଳ୍ପଗୁଡ଼ିକ ପାଇଁ ସଂପାଦକଙ୍କୁ ପତ୍ରସ୍ତମ୍ଭରେ ଅନେକ ପ୍ରଶଂସାପତ୍ର ମଧ୍ୟ ପ୍ରକାଶିତ ହେଲା । ତେଣୁ ଶ୍ରୀହରି ବାବୁଙ୍କ ସଙ୍ଗେ ଆଲୋଚିତ ହୋଇ ଠିକ୍ ହେଲାଯେ ପି. ରାମନାଥନ୍ ସବୁ ଗଳ୍ପ ଶ୍ରୀହରିଙ୍କ ନାମରେ ପ୍ରକାଶ କରିବେ । ବାଳକ୍ରିଷ୍ଣନ୍ ଯେଉଁ ବିଭାଗୀୟ ମୁଖ୍ୟଦପ୍ତରରେ ନିର୍ଦ୍ଦେଶକ ଥିଲେ ସେହି ଦପ୍ତରରେ ପି. ରାମନାଥନ୍ ଥିଲେ ଜଣେ ବରିଷ୍ଠ ସହାୟକ ।

ଗୋପାଳନ୍‌ଙ୍କର ପ୍ରଶ୍ନାବଳୀର ଉତ୍ତର ମଧ୍ୟ ସ୍ୱାଭାବିକ ଭାବେ କେବଳ ରାମନାଥନ୍ ଦେଇପାରିବେ । ତେଣୁ ଏଥିରେ ଆଶ୍ଚର୍ଯ୍ୟ ହେବାର କ'ଣ ଅଛି ? ଗୋପାଳନ୍ ଘରକୁ ଫେରିଆସିଲେ ଗୋପନୀୟତାର ଶପଥ ନେଇ । ସେ ଏକଥା କାହାକୁ କହିବେ ନାହିଁ । କିନ୍ତୁ କରମଣ୍ଡଳ ପ୍ରତିଭା ପୂଜା ପରିଷଦର କାର୍ଯ୍ୟ ତ ବନ୍ଦ ହେବନି । ପ୍ରତିଭା ପୂଜା ପାଇଁ ଯୋଗ୍ୟ କଳାକାରମାନଙ୍କର ସନ୍ଧାନ ପାଇଁ ପୁଣି ସବ୍‌କମିଟି ବୈଠକ ଡକାହେଲା ।

Digitized by PPRACHIN, SOA

ପରାଜୟ

ଜମ୍ବୁଦ୍ଵୀପ ସଭ୍ୟତାରେ ରାଜତନ୍ତ୍ର ଯେତିକି ପ୍ରାଚୀନ, ଗଣତନ୍ତ୍ର ତା'ଠାରୁ ଅଧିକ ପ୍ରାଚୀନ । ମହାଭାରତ, ବୌଦ୍ଧ ଜାତକ ଏହିପରି ଅନେକ ପୁରାଣରେ ଏଭଳି ଗଣରାଜ୍ୟମାନଙ୍କ ବିଷୟରେ ଉଲ୍ଲେଖ ଅଛି । ନିର୍ବାଚିତ ପ୍ରତିନିଧିମାନଙ୍କ ଦ୍ଵାରା ରାଜ୍ୟ ପରିଚାଳନା ଜମ୍ବୁଦ୍ଵୀପ ଶିକ୍ଷା କରିନାହିଁ ବିଲାତ ଦେଶଠାରୁ । ଏହା ଜମ୍ବୁଦ୍ଵୀପର ଏକାନ୍ତ ନିଜସ୍ୱ । ଅନେକ ଜନପଦରେ ଓ ରାଜ୍ୟରେ ଗଣତନ୍ତ୍ର ଶାସନ ପ୍ରଚଳିତ ଥାଏ । ଖ୍ରୀଷ୍ଟପୂର୍ବ ପଞ୍ଚମ ଶତାବ୍ଦୀର କଥା ।

ମଦ୍ର ଗଣରାଜ୍ୟରେ ହୋଇଥିବା ଜାତୀୟ ନିର୍ବାଚନରେ ପନ୍ଦର ବର୍ଷ ଧରି ବିରୋଧୀ ଦଳ ରୂପେ ରହିଥିବା ଜାଗୃତି ଦଳ ଜାତୀୟ ପରିଷଦରେ ବିପୁଳ ସଂଖ୍ୟାଗରିଷ୍ଠତା ହାସଲ କଲା । ଦଳର କର୍ମୀଗଣ ଥିଲେ ଦୀର୍ଘ ଦିନ ଧରି ଶାସନ କ୍ଷମତା ଉପଭୋଗ କରିବାର ସମସ୍ତ ସୁଫଳରୁ ବଞ୍ଚିତ । ପନ୍ଦର ବର୍ଷର କଷ୍ଟ, ଅଭାବ, ଅନାଟନ ପରେ ସେମାନେ ହୋଇଉଠିଛନ୍ତି ଅତ୍ୟନ୍ତ ଆଶାବାଦୀ । ସେମାନଙ୍କୁ ସନ୍ତୁଷ୍ଟ ନ ରଖିଲେ ମଦ୍ର ଗଣରାଜ୍ୟରେ ଗଣତାନ୍ତ୍ରିକ ପ୍ରଶାସନକୁ ସୁରୁଖୁରୁରେ ଚଳାଇବା ନିତାନ୍ତ କଷ୍ଟସାଧ୍ୟ । ଏକଥା ଜାଣିଥିଲେ ପ୍ରଧାନ ଅମାତ୍ୟ ଅଦ୍ଵୈତାଚାର୍ଯ୍ୟ ।

ଅମାତ୍ୟମଣ୍ଡଳରେ ସମସ୍ତଙ୍କୁ ସ୍ଥାନ ଦେବା ଥିଲା ଅସମ୍ଭବ । ରାଜ୍ୟର ଦୁଇଟି ମହାନଗରୀରେ ମହାନଗରପାଳ ନିଯୁକ୍ତି କରି ଅଣପ୍ରତିନିଧି ଦୁଇଜଣଙ୍କୁ ସନ୍ତୁଷ୍ଟ କରାଗଲା ।

କିନ୍ତୁ ଅନ୍ୟମାନଙ୍କ କଥା ?

ପ୍ରଥମେ ଏକ କ୍ଷୁଦ୍ର ମନ୍ତ୍ରିମଣ୍ଡଳ ଗଠନ କରି ସଂପ୍ରସାରଣ ଆଶାରେ ଅନ୍ୟମାନଙ୍କୁ ଚିର ଆଶାୟୀ ରଖି ନିୟନ୍ତ୍ରଣ କରିବା ସେତେବେଳକୁ ହୋଇଥିଲା ଏକ ପୁରାତନ ପରୀକ୍ଷିତ ପଦ୍ଧତି । ପ୍ରତିଶ୍ରୁତି ଦଳ ପ୍ରଥମ ଦୁଇଟି ମନ୍ତ୍ରିମଣ୍ଡଳରେ ଏହି ଉପାୟ ଅବଲମ୍ବନ କରିଥିଲେ ସତ, କିନ୍ତୁ ତୃତୀୟ ଥର ପରିସ୍ଥିତି ହୋଇଥିଲା ଏକବାରେ ଅଣାୟତ୍ତ । ଗତ ନିର୍ବାଚନରେ ଦଳକୁ ଏଥିପାଇଁ ବେଶ୍ କିଛି ମୂଲ୍ୟ ଦେବାକୁ ହେଲା ।

ପ୍ରତି ନିର୍ବାଚନମଣ୍ଡଳୀରେ ପ୍ରତିଶ୍ରୁତି ଦଳର ଅସନ୍ତୁଷ୍ଟ ଗୋଷ୍ଠୀର ପ୍ରାର୍ଥୀମାନେ ସ୍ଵାଧୀନ ଭାବେ ନିର୍ବାଚନ ଲଢ଼ିଲେ । ଫଳରେ ଜାଗୃତି ଦଳର ପ୍ରାର୍ଥୀମାନଙ୍କର

Digitized by PPRACHIN, SOA

ବିଜୟ ହୋଇଥିଲା ସହଜସାଧ୍ୟ । ସେଇ ସମାନ ଭୁଲ ଏବେ ଜାଗୃତି ଦଳ କରିବ କିପରି ?

ପ୍ରଥମେ ଶପଥ ନେଲେ ଏକବିଂଶ ସଭ୍ୟବିଶିଷ୍ଟ ଏକ ଅମାତ୍ୟମଣ୍ଡଳ । କାର୍ଯ୍ୟଭାର ଗ୍ରହଣ କରିବାର ଦ୍ୱିତୀୟ ଦିନ ଅର୍ଥ ଅମାତ୍ୟ କୃପାନନ୍ଦ ଶର୍ମା ଜାରୀକଲେ ଗୋଟିଏ ବିଜ୍ଞପ୍ତି । ବିଗତ ପନ୍ଦର ବର୍ଷର କୁଶାସନରେ ମଦ୍ର ରାଜ୍ୟର ରାଜକୋଷ ହୋଇଯାଇଛି ପ୍ରାୟ ଶୂନ୍ୟ । ତେଣୁ ଆବଶ୍ୟକତା ଏକ ଗୁରୁତର ବ୍ୟୟସଂକୋଚର । କୌଣସି ନୂଆ ପ୍ରଶାସନିକ ପଦବୀ ସୃଷ୍ଟି ହେବନାହିଁ ସଚିବଠାରୁ ଜଗୁଆଳି ପର୍ଯ୍ୟନ୍ତ । ଯେଉଁ ପଦବୀ ଖାଲିଅଛି ତାହା ପୂରଣ ହେବ୍ ନାହିଁ । ଅଶ୍ୱଚାଳିତ ଯାନ ବା ହସ୍ତୀ କ୍ରୟ ଉପରେ ସଂପୂର୍ଣ୍ଣ ନିଷେଧାଜ୍ଞା ଜାରି । ଅଶ୍ୱମାନେ ନିକମା ହୋଇ ବସିଲେ ମଧ୍ୟ ଯଦି ଯାନ ଭାଙ୍ଗିଯାଇଛି ତେବେ ନୂଆ ଯାନ କିଣାଯାଇ ପାରିବନାହିଁ । ଯଦି ଯାନ ଠିକ୍‌ଠାକ୍ ଅଛି ଏବଂ ଅଶ୍ୱ ଅବସର ନେଇଛି କିମ୍ୱା ସ୍ୱର୍ଗଯାତ୍ରା କରିଛି, ତେବେ ମଧ୍ୟ ଆଉ ନୂଆ ଅଶ୍ୱ କ୍ରୟ କରାଯାଇପାରିବ ନାହିଁ । ଯାନଚାଳକ ପଦବୀ ଥରେ ଶୂନ୍ୟ ହେଲେ ଆଉ ପୂରଣ କରାଯିବ ନାହିଁ । ଯେଉଁଠାରେ ଅଶ୍ୱ ଓ ଯାନ ଦୁହେଁ କାର୍ଯ୍ୟକ୍ଷମ ଅଛନ୍ତି, କିନ୍ତୁ ଯାନଚାଳକ ଅବସର ନେଇଛି ସେଠାକୁ ଅନ୍ୟ ସ୍ଥାନରେ ନିଷ୍କର୍ମା ହୋଇ ବସିଥିବା ଯାନଚାଳକର ବଦଳି କରିବା ଅସମ୍ଭବ ହେଉଥାଏ । କାରଣ ସେମାନେ ଗଣପ୍ରତିନିଧିମାନଙ୍କ ଶରଣ ନେଇ ନିଶ୍ଚଳ ମହାମେରୁ ପାଲଟିଥା'ନ୍ତି । ରାଷ୍ଟ୍ର ପକ୍ଷରୁ କୌଣସି ଅଭ୍ୟର୍ଥନା ବା ମନୋରଂଜନ କାର୍ଯ୍ୟକ୍ରମ ନିଆଯିବ ନାହିଁ । ତାଲିମ୍ ବା ଉଚ୍ଚଶିକ୍ଷା ପାଇଁ କେହି ବିଦେଶକୁ ଯାଇପାରିବେ ନାହିଁ । କର୍ମଚାରୀମାନେ ଗସ୍ତରେ ଯିବେ ନାହିଁ । ଗସ୍ତଖର୍ଚ୍ଚ ବନ୍ଦ ହେବ ।

ନିର୍ମାଣ ବିଭାଗ ଅମାତ୍ୟ ବିରୂପାକ୍ଷ ବର୍ମାଙ୍କ ଉପରେ ଦିଆଗଲା ଏକ ବଡ଼ ଦାୟିତ୍ୱ । କାହାକୁ ନିଯୁକ୍ତି ଦେବା ଆଉ ସମ୍ଭବ ନୁହେଁ । ତେବେ ଲୋକପ୍ରତିନିଧିମାନଙ୍କୁ ସନ୍ତୁଷ୍ଟ ରଖାଯିବ କିପରି ? ଅମାତ୍ୟ ବିରୂପାକ୍ଷ ବର୍ମା ବହୁତ ଭାବିଚିନ୍ତି ପ୍ରଚଳନ କଲେ ଗୋଟିଏ ନୂତନ ପ୍ରଥା । ମଦ୍ର ଗଣରାଜ୍ୟ ପକ୍ଷରୁ ଯେତେ ରାସ୍ତା, ଘାଟ, କୋଠାବାଡ଼ି, ବାସଗୃହ ପାନୀୟ ଜଳ ଯୋଗାଣ ବା ଜଳସେଚନ ପ୍ରକଳ୍ପ ନିର୍ମାଣ କରାଯିବ ସେ ସମସ୍ତ ପାଇଁ ଆଉ ପ୍ରତିଯୋଗିତାମୂଳକ ଆର୍ଥିକ ଅଟକଳ ପ୍ରସ୍ତାବ ଆହ୍ୱାନ କରାଯିବ ନାହିଁ । ଯେଉଁ ଗଣ ପ୍ରତିନିଧିଙ୍କ ଉପଖଣ୍ଡରେ ଏହି ପ୍ରକଳ୍ପ ରାଷ୍ଟ୍ର ପକ୍ଷରୁ ନିର୍ମିତ ହେବ ବା ସଂସ୍କାର ହେବ ସେହି ଗଣ ପ୍ରତିନିଧିଙ୍କ ସୁପାରିଶ ଅନୁସାରେ ହିଁ କାର୍ଯ୍ୟପାଇଁ ଠିକାଦାର ମନୋନୀତ ହେବେ । ଏଥିରେ ଅମାତ୍ୟମାନଙ୍କ ସମେତ ସମସ୍ତ ଗଣପ୍ରତିନିଧି ହେବେ ଉପକୃତ ।

Digitized by PPRACHIN, SOA

ପ୍ରସ୍ତାବଟି ଜାଗୃତି ଦଳର ବୈଠକରେ ଅନୁମୋଦିତ ହେଲା ପ୍ରଚଣ୍ଡ କରତାଳି ସହ । ଅର୍ଥଅମାତ୍ୟ ପଣ୍ଡିତ କୃପାନନ୍ଦ ଶର୍ମାଙ୍କର ବିଜ୍ଞପ୍ତି ଜାଗୃତି ଦଳରେ ଯେଉଁ ଘୋର ନୈରାଶ୍ୟର ଏକ ଅସ୍ୱସ୍ତିକର ବାତାବରଣ ସୃଷ୍ଟି କରିଥିଲା, ତାହା ଦୂରହେଲା ଅନେକ ପରିମାଣରେ । ପ୍ରଧାନ ଅମାତ୍ୟଙ୍କ ପଛକୁ ମଦ୍ର ଗଣରାଜ୍ୟରେ ଦଳ କର୍ମୀମାନେ ବିରୂପାକ୍ଷ ବର୍ମାଙ୍କ ନାମ ନେଲେ । କହିଲେ ଶେଷକୁ ବର୍ମା ମହାଶୟହିଁ କର୍ମୀମାନଙ୍କ ପେଟପାଟଣା କଥା ବୁଝିଲେ ।

କୃପାନନ୍ଦ ଶର୍ମାଙ୍କ ଉପଖଣ୍ଡ ଦାୟିତ୍ୱରେ ଥିବା ଉପମହାମାତ୍ୟ ବିଷ୍ଣୁଗୁପ୍ତ ଦୁଇଟି ଜଳସେଚନ ପ୍ରକଳ୍ପ ଓ ତିନୋଟି ରାଜପଥ ପ୍ରକଳ୍ପ ନିର୍ମାଣର ନଥି ଆଣି ତାଙ୍କୁ ଦେଖାକଲେ । ଏହି ସବୁ ପ୍ରକଳ୍ପର ନିର୍ମାଣର ଦାୟିତ୍ୱ କାହାକୁ ଅର୍ପଣ କରାଯିବ ଗଣପ୍ରତିନିଧି ଭାବେ ତାହା ସ୍ଥିର କରିବେ ପଣ୍ଡିତ କୃପାନନ୍ଦ ।

ଅର୍ଥ ଅମାତ୍ୟ କୃପାନନ୍ଦଙ୍କୁ ଏ ପ୍ରସ୍ତାବ ଏକାନ୍ତ ଅନୁଚିତ ମନେହେଲା । ସେ କହିଲେ – ଶୁଣନ୍ତୁ ବିଷ୍ଣୁଗୁପ୍ତ ମହାଶୟ, ମୁ ଜାଗୃତି ଦଳର ଅନ୍ୟ କ୍ଷୁଧାର୍ତ୍ତ ଗଣପ୍ରତିନିଧିମାନଙ୍କପରି ନୁହେଁ । କିପରି ଭାବିଲେ ମୁଁ ଏହି ନିର୍ମାଣ କାର୍ଯ୍ୟର ଠିକାଦାର ମନୋନୟନ କରିବାକୁ ବ୍ୟାକୁଳ ହେବି ? ସୁବିଧାବାଦୀ ପାଷାଣ୍ଡ ବିରୂପାକ୍ଷ ବର୍ମାର ଏସବୁ କରାମତି । ଦିନେ ଜାଗୃତି ଦଳକୁ ନେଇ ସେ ବୁଡ଼ିବ । ଆପଣ ମୋ ଉପଖଣ୍ଡରେ ପୂର୍ବଭଳି ପ୍ରତିଯୋଗିତାମୂଳକ ଅଟକଳ ପାଇଁ ଜାରିକରନ୍ତୁ ବିଜ୍ଞପ୍ତି । ଯିଏ ସବୁଠାରୁ କମ୍ ଅର୍ଥ ଅଟକଳରେ ସୁଚାରୁରୂପେ କାର୍ଯ୍ୟ ସଂପାଦନ କରିପାରିବ ସେ ନିର୍ମାଣ ଠିକା ପାଇବ । ମୋର ଏସବୁ ଝାମେଲାରେ ପଶିବା ଦରକାର ନାହିଁ । ଏହା କେବଳ ନିଛକ ପକ୍ଷପାତ ଓ ପ୍ରିୟାପ୍ରୀତିତୋଷଣ ।

ବିଷ୍ଣୁଗୁପ୍ତ ଏଥିରେ ପ୍ରଥମେ ଅମଙ୍ଗ ହେଲେ – "ମହାଭାଗ, ଆମ ବିଭାଗର ନୂତନ ନୀତି ଓ ନିର୍ଦ୍ଦେଶ ହେଲା, ଗଣ ପ୍ରତିନିଧି ଯାହାକୁ ସୁପାରିଶ କରିବେ ସେ କାମ ପାଇବେ । ତେଣୁ ଅମାତ୍ୟ ମହାଭାଗ ଯଦି ଏହାର ପରିବର୍ତ୍ତନ ଚାହାନ୍ତି ତେବେ ଲିଖିତ ଆଦେଶ ଦେବା ହୁଅନ୍ତୁ । ପଣ୍ଡିତ କୃପାନନ୍ଦ ଶର୍ମା ତତ୍କ୍ଷଣାତ୍ ଏଭଳି ଲିଖିତ ଆଦେଶଟିଏ ପ୍ରସ୍ତୁତ କରି ବଢ଼ାଇଦେଲେ । ବିଷ୍ଣୁଗୁପ୍ତ ଆପଣା ଉପଖଣ୍ଡ ବାହୁଡ଼ି ଗଲେ ଆଦେଶଟି ନେଇ । ସେ ଉପଲବ୍ଧି କରୁଥିଲେ କୃପାନନ୍ଦ ଶର୍ମାଙ୍କ ସାଧୁତା ଓ ପ୍ରଶାସନିକ ବୈଧତା ପ୍ରତି ସମ୍ମାନବୋଧ ସତେ କେତେ ଉଚ୍ଚରେ !

ଯଥାସମୟରେ ଜାରିହେଲା ଅଟକଳ ଆହ୍ୱାନର ବିଜ୍ଞାପନଗୁଡ଼ିକ । ଯାଞ୍ଚ ଅନ୍ତେ ଯେତେବେଳେ ଉପମହାମାତ୍ୟ ଏହି ପ୍ରକଳ୍ପଗୁଡ଼ିକର ନିର୍ମାଣ ଆଦେଶର ନିର୍ଗମନ କରିବା ପାଇଁ ପ୍ରସ୍ତୁତ ହେଉଛନ୍ତି ସେତେବେଳେ ପାଞ୍ଚଜଣ ଠିକାଦାର ଅର୍ଥ ଅମାତ୍ୟ

Digitized by PPRACHIN, SOA

ପଣ୍ଡିତ ଶର୍ମାଙ୍କଠାରୁ ଗୁପ୍ତ ବାର୍ତ୍ତାମୂଳକ ଚିଟାଉ ନେଇ ତାଙ୍କୁ ଦେଖାକଲେ । ପ୍ରତ୍ୟେକ ଚିଟାଉରେ ଥିଲା ପ୍ରକଳ୍ପଗୁଡ଼ିକ ସେହି ଠିକାଦାରମାନଙ୍କୁ ଅର୍ପଣ କରିବା ପାଇଁ ଆଦେଶମୂଳକ ଅନୁରୋଧ । ଉପମହାମାତ୍ୟ ବିଷ୍ଣୁଗୁପ୍ତ ଏବେ ପଡ଼ିଲେ ଘୋର ଚିନ୍ତା-ସଙ୍କଟରେ । ଆମାପ କ୍ଷମତାଶାଳୀ ଅର୍ଥ ଅମାତ୍ୟ ପଣ୍ଡିତ କୃପାନନ୍ଦ ଯଦି ନିଜ ଉପଖଣ୍ଡରେ ପାଞ୍ଚଗୋଟି ପ୍ରକଳ୍ପ ଆପଣାର ଇଚ୍ଛାମୁତାବକ ଠିକାଦାରମାନଙ୍କୁ ଦେଇ ନ ପାରିଲେ ତେବେ ଅବସ୍ଥା ସାଂଘାତିକ ହେବ ।

ଏଣେ ତାଙ୍କ ଆଦେଶରେ ହିଁ ମୁକ୍ତ ଅଟକଳ ଆହ୍ୱାନ କରାଯାଇଛି । ଅଟକଳଗୁଡ଼ିକ ଆଉଥରେ ଯାଞ୍ଚରୁ ଜଣାଗଲାଯେ ସୁପାରିଶ ଅସିଥିବା ଠିକାଦାରମାନଙ୍କ ମଧ୍ୟରୁ କିଏ ତାଲିକାର ସପ୍ତମ ସ୍ଥାନରେ ତ କିଏ ଅନ୍ୟ ପ୍ରକଳ୍ପରେ ପଞ୍ଚଦଶ ସ୍ଥାନରେ । କିନ୍ତୁ ବିଷ୍ଣୁଗୁପ୍ତ ଜାଣିଥିଲେ ଯେ ସେହି ଠିକାଦାରମାନେ ହିଁ ପଣ୍ଡିତ କୃପାନନ୍ଦଙ୍କ ଏକାନ୍ତ ନିକଟତମ । ସେମାନଙ୍କର ଆର୍ଥିକ ସାହାଯ୍ୟ, ଲୋକବଳ, ସମର୍ଥନ ବିନା ପଣ୍ଡିତ କୃପାନନ୍ଦ ନିର୍ବାଚନ-ବୈତରଣୀ ପାର କରିପାରି ନ ଥାନ୍ତେ ।

ଆଉ କାଳବିଳମ୍ବ ନ କରି ବିଷ୍ଣୁଗୁପ୍ତ ରାଜଧାନୀ ଗଲେ । ଅର୍ଥ ଅମାତ୍ୟଙ୍କ ଇଜଲାସରେ ଉପସ୍ଥିତ ହୋଇ ପାଞ୍ଚଟି ପ୍ରକଳ୍ପ ନିର୍ମାଣର ତାଲିକାରେ ଅମାତ୍ୟଙ୍କ ଦ୍ୱାରା ସୁପାରିସ୍ କରାଯାଇଥିବା ଠିକାଦାରମାନେ କେତେ ତଳେ ଅଛନ୍ତି ସେ ବିଷୟରେ ଅବଗତ କରାଇଲେ ।

ପଣ୍ଡିତ କୃପାନନ୍ଦ ହେଲେ କ୍ରୁଦ୍ଧ । ମୋ ଲୋକମାନେ କିଭଳି କାମ ପାଇବେ ସେଇଟା ଦେଖିବା ଆପଣଙ୍କ କାମ । ବିଷ୍ଣୁଗୁପ୍ତ ଗୁହାରି କଲେ– "ମୁକ୍ତ ଅଟକଳ ଆହ୍ୱାନ ପାଇଁ ହଜୁର ଯେଉଁ ଲିଖିତ ଆଦେଶ ଦେଇଛନ୍ତି ତାକୁ ପ୍ରଥମେ ପ୍ରତ୍ୟାହାର କରନ୍ତୁ । ତେବେ ଯାଇ ମଦ୍ର ଗଣରାଜ୍ୟର ଅନ୍ୟ ଉପଖଣ୍ଡଗୁଡ଼ିକ ପରି କେବଳ ଗଣପ୍ରତିନିଧିମାନଙ୍କ ସୁପାରିସ୍ ଆଣିଥିବା ଠିକାଦାରମାନେ ମୋ ଉପଖଣ୍ଡରେ ମଧ୍ୟ କାମ ପାଇବେ । ପଣ୍ଡିତ କୃପାନନ୍ଦ ନିଜର ଭୁଲ ବୁଝିପାରି ତୁରନ୍ତ ପ୍ରତ୍ୟାହାର କଲେ ପୂର୍ବର ଲିଖିତ ଆଦେଶ । ପାଞ୍ଚଟି ପ୍ରକଳ୍ପ କେବଳ ନିଜ ମନୋନୀତ ଠିକାଦାରମାନଙ୍କୁ ଅର୍ପଣ କରିବା ପାଇଁ ଅନ୍ୟ ଏକ ଲିଖିତ ଆଦେଶ ଦେଲେ । ଯେତେକ ହଇରାଣ ଏଇ ବିରୂପାକ୍ଷ ବର୍ମା ପାଇଁ । ଯେତେବେଳେ ସବୁ ଗଣପ୍ରତିନିଧିମାନେ ନିଜ ମନୋନୀତ ଠିକାଦାରମାନଙ୍କ ଦ୍ୱାରା ପ୍ରକଳ୍ପ ନିର୍ମାଣ କରିବେ ପଣ୍ଡିତ କୃପାନନ୍ଦ କିଭଳି ଛାଡ଼ ପାଇବେ ? ସମଗ୍ର ବାତାବରଣ କଳୁଷିତ । ପଣ୍ଡିତ କୃପାନନ୍ଦ ଏଥିରୁ ନିଜକୁ ନିର୍ମଳ ରଖିବେ, ଏକଥା କ'ଣ କେବେ ସମ୍ଭବ ?

ଅନ୍ୟକ୍ଷେତ୍ରରେ ପଣ୍ଡିତ କୃପାନନ୍ଦଙ୍କ ଉପରେ ଦଳୀୟ ଚାପର ଅନ୍ତ ହେଲାନାହିଁ । ରାଜ୍ୟରେ ଖାଲିପଡ଼ିଥିବା ସରକାରୀ ଚାକିରିଗୁଡ଼ିକ ପୂରଣ କରିବା ପାଇଁ

Digitized by PPRACHIN, SOA

ଗଣପ୍ରତିନିଧିମାନଙ୍କ ଠାରୁ ଆସିଲା ପ୍ରବଳ ଦାବୀ । ଗଲା ପନ୍ଦର ବର୍ଷ କାଳ କେବଳ ପ୍ରତିଶ୍ରୁତି ଦଳର କର୍ମୀମାନଙ୍କର ବନ୍ଧୁ, କୁଟୁମ୍ବ ଓ ସମର୍ଥକବୃନ୍ଦ ବିଭିନ୍ନ ସରକାରୀ ପଦବୀରେ ମୁକରିର ହେଲେ । ଏବେ ଯେତେବେଳେ ଜାଗୃତି ଦଳ କ୍ଷମତାକୁ ଆସିଲା, ସେତେବେଳେ ଏଇ କୃପଣ ବିପ୍ର କୃପାନନ୍ଦ ଶର୍ମା ସମସ୍ତ ଚାକିରି ଉପରେ ଅଙ୍କୁଶ ଲଗାଇ ଦେଇଛି ।

ଚାରିଆଡ଼େ ଆଲୋଚନା ନୂଆ ପଦବୀ ସୃଷ୍ଟି ହେବନାହିଁ । କୌଣସି ଶୂନ୍ୟସ୍ଥାନ ପୂରଣ ହେବନାହିଁ । ତେବେ ଦେଶର ଶିକ୍ଷିତ ଯୁବକ ଯୁବତୀ ଯିବେ କୁଆଡ଼େ ? ଦେଶାନ୍ତର ଗମନ କରିବେ ? ଅରଣ୍ୟରେ ଯେଉଁ ଗୁରୁଦେବମାନେ ଶିକ୍ଷାଶ୍ରମ ଖୋଲି ବସିଛନ୍ତି ସେଠାକୁ ବିଦ୍ୟା-ମହାଧନ ଅର୍ଜନ କରିବାକୁ କିଏ ଯିବ ? ନିର୍ବାଚନ ବେଳେ ଯେଉଁମାନଙ୍କୁ ପ୍ରତିଶ୍ରୁତି ଦିଆଯାଇଛି ଯେ ସେମାନଙ୍କର ବେକାର ପୁତ୍ରକନ୍ୟାଙ୍କୁ ସରକାରୀ ଚାକିରି ଦିଆଯିବ, ସେମାନଙ୍କୁ ଜାଗୃତି ଦଳ ଏବେ କେଉଁ ମୁହଁ ଦେଖାଇବ ? ସେହି ପରିବାରଗୁଡ଼ିକ ସମସ୍ତେ ଏଥର ପ୍ରତିଶ୍ରୁତି ଦଳକୁ ଚାଲିଯିବେ । ତା'ପରେ ଜାଗୃତି ଦଳ ଆଉ କେବେହେଲେ କ୍ଷମତାକୁ ଆସିବ ନାହିଁ । ଏମିତି ଅନେକ ଯୁକ୍ତି ।

ପ୍ରଧାନ ଅମାତ୍ୟ ଅଦ୍ୱୈତାଚାର୍ଯ୍ୟ ପ୍ରବଳ ଚାପର ସମ୍ମୁଖୀନ ହୋଇ ଆଲୋଚନା ପାଇଁ ଡକାଇଲେ ଅମାତ୍ୟମଣ୍ଡଳୀର ବୈଠକ ।

ଅନେକ ତର୍କ-ବିତର୍କ ପରେ ନିଷ୍ପତ୍ତି ହେଲା ଯେ ଖାଲିଥିବା ପଦବୀଗୁଡ଼ିକରୁ ଅଧା ପଦବୀ ପୂରଣ କରାଯିବ । ଏକ୍ଷେତ୍ରରେ ମଧ୍ୟ ଗଣପ୍ରତିନିଧିମାନଙ୍କୁ ଆପଣା ଉପଖଣ୍ଡରେ ନିଜର ମନୋନୀତ ପ୍ରାର୍ଥୀଙ୍କୁ ନେଇ କୋଡ଼ିଏଟି ଲେଖାଏଁ ନିଯୁକ୍ତି ଦେବାପାଇଁ କ୍ଷମତା ପ୍ରାପ୍ତ କରାଗଲା । ଗଣରାଜ୍ୟର ପ୍ରଚଳିତ ନୀତି ନିୟମ ଅନୁସାରେ ଚାକିରି ପାଇଁ ପ୍ରାର୍ଥୀ ବଛା ହେବେ କିନ୍ତୁ ସମସ୍ତ ପ୍ରଶାସକମାନଙ୍କୁ କଡ଼ା ଅଲିଖିତ ନିର୍ଦ୍ଦେଶ ଦିଆଯିବ ଯେ ସବୁ ପଦବୀ ପାଇଁ ଜାଗୃତି ଦଳର ଗଣପ୍ରତିନିଧିମାନଙ୍କର ମନୋନୀତ ପ୍ରାର୍ଥୀଙ୍କୁ ନିଯୁକ୍ତି ଦିଆଯିବ । ଦେଖିବାକୁ ହେବ ଯେ ପ୍ରତିଶ୍ରୁତି ଦଳର ନିର୍ବାଚିତ ଗଣପ୍ରତିନିଧିମାନଙ୍କର ମନୋନୀତ କୌଣସି ପ୍ରାର୍ଥୀ ଏଭଳି ଚାକିରି ପାଇବେ ନାହିଁ । ସେହି ଉପଖଣ୍ଡ ଗୁଡ଼ିକରେ ଶାସକ ଦଳର ପରାଜିତ ପ୍ରାର୍ଥୀଙ୍କ ଠାରୁ ମନୋନୀତ ତାଲିକା ଗ୍ରହଣ କରାଯିବ । ଏଥିରେ କୌଣସି ଖିଲାପ ହେଲେ ସଂପୃକ୍ତ ପ୍ରଶାସକଙ୍କୁ କାର୍ଯ୍ୟରୁ ସ୍ଥାନାନ୍ତର କରାଯିବ । ସେତେବେଳେ ଲୋକସେବା ଆୟୋଗ କିମ୍ବା ଆଉ କୌଣସି ପ୍ରବରଣ ବା ପ୍ରାଧିକରଣ ନ ଥିଲା । ତେଣୁ ଏଭଳି ନିର୍ଦ୍ଦେଶ ଦେବାରେ କୌଣସି ଅସୁବିଧା ହେଲା ନାହିଁ ।

Digitized by PPRACHIN, SOA

ପଣ୍ଡିତ କୃପାନନ୍ଦ କିନ୍ତୁ ନିଜର ନୀତି, ଆଦର୍ଶବାଦକୁ ଛାଡ଼ିଲେ ନାହିଁ । ଉପମହାମାତ୍ୟ ବିଷ୍ଣୁଗୁପ୍ତଙ୍କୁ ଡାକି ସଂପୂର୍ଣ୍ଣ ନିରପେକ୍ଷ ଭାବେ ଚାକିରି ପାଇଁ ପ୍ରାର୍ଥୀ ବାଛିବେ ବୋଲି ନିର୍ଦ୍ଦେଶ ଦେଲେ । କୃପାନନ୍ଦ ସେଥିପାଇଁ ତାଙ୍କୁ କୌଣସି ଚାପ ଦେବେ ନାହିଁ ବା କାହାରି ନାମର ପ୍ରସ୍ତାବ ଦେବେ ନାହିଁ । ତାଙ୍କ ଉପଖଣ୍ଡରେ ବାସ୍ତବରେ ପ୍ରତିଭାଶାଳୀ ଯୁବକଯୁବତୀମାନେ ରାଜ୍ୟର ସରକାରୀ ପଦପଦବୀ ମଣ୍ଡନ କରନ୍ତୁ ।

ସ୍ପଷ୍ଟ ନିର୍ଦ୍ଦେଶ ପାଇ ବିଷ୍ଣୁଗୁପ୍ତ ଏକ ସ୍ୱଚ୍ଛ, ନିରପେକ୍ଷ ପ୍ରତିଯୋଗିତାମୂଳକ ପରୀକ୍ଷା କରାଇ ପ୍ରାର୍ଥୀ ବାଛିବାର ବନ୍ଦୋବସ୍ତ କଲେ । ଶେଷଦିନର ଠିକ୍ ପୂର୍ବରୁ ବିଷ୍ଣୁଗୁପ୍ତଙ୍କ ନିକଟକୁ ଏକ ତାଲିକା ଆସିଲା । ସୁପାରିସ୍ ଥିଲା ଚାରିଜଣଙ୍କ ନାମରେ । ସେମାନଙ୍କୁ ଚାକିରିରେ ମୁକରିର କରିବାକୁ ହେବ । ପଣ୍ଡିତ କୃପାନନ୍ଦଙ୍କ ଠାରୁ ଏ ତାଲିକା ଆସିଛି । ଉପମହାମାତ୍ୟ ବିଷ୍ଣୁଗୁପ୍ତ ବିଶ୍ୱାସ କରିପାରିଲେ ନାହିଁ ନିଜ ଆଖି ଓ କାନକୁ ।

ତାଲିକାଟିକୁ ନେଇ ସେ ତୁରନ୍ତ ରାଜଧାନୀ ଚାଲିଲେ ଅର୍ଥ ଅମାତ୍ୟଙ୍କ ଦପ୍ତରକୁ ।

"ମହାଭାଗ । ଅପାଣଙ୍କ ଠାରୁ ଅନୁମତି ନେଇ ମୁଁ ଏକ ନିର୍ମଳ ପ୍ରତିଯୋଗିତାମୂଳକ ପରୀକ୍ଷାର ସମସ୍ତ ବନ୍ଦୋବସ୍ତ କଲି । ଆସନ୍ତା କାଲି ମୁଁ ସଫଳ ପ୍ରାର୍ଥୀଙ୍କ ତାଲିକା ପ୍ରକାଶିତ କରିଥାନ୍ତି । ଆଜି ଆପଣଙ୍କ ଠାରୁ ଏ ତାଲିକା ପାଇ ମୁଁ କ'ଣ କରିବି ? ଆପଣ ଆଗରୁ କହିଥିଲେ ମୁଁ ଏ ପରୀକ୍ଷାର ପ୍ରହସନ କାହିଁକି କରିଥାନ୍ତି ? ଏବେ ତ ବେଶ୍ ବିଳମ୍ବ ହୋଇଗଲାଣି ।

ସଂଭ୍ରମରେ କୃପାନନ୍ଦଙ୍କର ମୁହଁ ବିବର୍ଣ୍ଣ ହୋଇଗଲା । "ଏଥର ମଧ ମୁଁ ହାରିଗଲି ବିଷ୍ଣୁଗୁପ୍ତ । ଧର୍ମପତ୍ନୀ ଦମୟନ୍ତୀଙ୍କର ଏକା ଜିଦ୍ । ସେଇ ଚାରିଜଣହିଁ ଚାକିରି ପାଇବେ । ସମସ୍ତ ଲୋକପ୍ରତିନିଧି, ଅମାତ୍ୟମାନେ ନିଜ ନିଜର ମନୋନୀତ ବ୍ୟକ୍ତିମାନଙ୍କୁ ଚାକିରିରେ ରଖିବେ ଆଉ ମୋ ଉପଖଣ୍ଡରେ କେବଳ ପ୍ରତିଭା ଆଉ ଯୋଗ୍ୟତା ଭିତ୍ତିରେ ମୂଲ୍ୟାୟନ ହେବ ? ଏକଥା ଦମୟନ୍ତୀ ଆଦୌ ସହ୍ୟ କରିପାରିଲେ ନାହିଁ । କାଲିଠାରୁ ଅନ୍ନଜଳ ତ୍ୟାଗ କରି ରୁଷି ବସିଛନ୍ତି । ମୁଁ ଆଉ କ'ଣ କରିଥା'ନ୍ତି କୁହ । ତେଣୁ ମୋ ପୂର୍ବ ଆଦେଶ ଆଜି ପ୍ରତ୍ୟାହାର କରୁଛି । ମୋର ପରାଜୟ ହେଲା । ତୁମେ କରିଥିବା ପରୀକ୍ଷାକୁ ମୋ ଆଦେଶ ନେଇ ବାତିଲ କର । ଏଇମାନଙ୍କୁ ନିଯୁକ୍ତିପତ୍ର ଦିଅ । ପ୍ରଧାନ ଅମାତ୍ୟଙ୍କରତ ଏ ବିଷୟରେ ସ୍ପଷ୍ଟ ଆଦେଶ ଅଛି । ତେଣୁ ତୁମେ କୌଣସି ଅସୁବିଧାରେ ପଡ଼ିବ ନାହିଁ ।"

ବିଷ୍ଣୁଗୁପ୍ତ ମୌନ ସମ୍ମତି ଜଣାଇ ଫେରିଆସିଲେ । ବାଟରେ ଭାବୁଥିଲେ, ସାମାନ୍ୟତମ ଆଘାତରେ ଖସି ପଡୁଥିବା ଅର୍ଥ-ଆମାତ୍ୟ ପଣ୍ଡିତ କୃପାନନ୍ଦଙ୍କର ଏଇ ଆଦର୍ଶବାଦର ମୁଖା ତାଙ୍କୁ କେତେ ଅପଦସ୍ଥ ନ କଲା ସତେ ।

Digitized by PPRACHIN, SOA

ଅନ୍ୟ ଆରୁଣି

କାନ୍ଥ ଘଣ୍ଟାରେ ରାତି ଦଶ । ରେଳବାଇ ବୋର୍ଡ଼ର ଅବସରପ୍ରାପ୍ତ ସଭ୍ୟ ମହେଶ୍ୱର ଗାଙ୍ଗୁଲି ବେଡ୍ ଲ୍ୟାମ୍ପଟି ଲିଭାଇ ଶୋଇବାକୁ ଯିବାବେଳେ ବାଜି ଉଠିଲା ଫୋନ୍‌ଟି । ଏସମୟରେ ଫୋନ୍ ନିଶ୍ଚୟ ବିରକ୍ତିକର ।

“ଅଙ୍କଲ୍, ମୁଁ ବାପୁ କହୁଛି । ବାବା ଅପଣଙ୍କୁ ଖୋଜୁଛନ୍ତି । ମୁଁ ଗାଡ଼ି ପଠାଇଲି । ଜଲ୍‌ଦି ଆସିବେ । “ଫୋନ୍ ସେପଟୁ ଦୀପ୍ତେଶ୍ୱର ଖୁବ୍ ବ୍ୟସ୍ତ ଓ ଆତଙ୍କିତ ସ୍ୱର ।

ଦୁଇମାସ ହେଲା ଅନ୍ତରୀକ୍ଷର ଦେହ ଭୀଷଣ ଖରାପ ଥିଲା । ଅନ୍ତରୀକ୍ଷର ବୋଧେ ଯିବାବେଳ ଆସିଗଲା । ମନ ଭିତରେ ଅଜଣା ଆତଙ୍କରେ ଶୀତେଇ ଉଠିଲା ତାଙ୍କ ଦେହ ।

ଗାଡ଼ିଭିତରେ ମନରେ ଭାସିଉଠିଲା ଅନେକ ଅନେକ ଦିନର ପୁରୁଣା କଥା । ଅନ୍ତରୀକ୍ଷ ସଙ୍ଗେ ମହେଶ୍ୱରଙ୍କ ବନ୍ଧୁତା ପ୍ରାୟ ପଚାଶ ବର୍ଷର । କଲେଜ ଓ ବିଶ୍ୱବିଦ୍ୟାଳୟ ଶିକ୍ଷା ପରେ ଦୁହିଁଙ୍କର ରାସ୍ତା ହୋଇଥିଲା ଭିନ୍ନ । ସ୍ନାତକୋତ୍ତର ଶିକ୍ଷାପରେ ସକ୍ରିୟ ରାଜନୀତିରେ ଯୋଗଦେଲେ ଅନ୍ତରୀକ୍ଷ । ଆସେମ୍ବ୍ଲିକୁ ଟିକଟ ପାଇ ନିର୍ବାଚନରେ ଜିଣି ସେ ହୋଇଥିଲେ ଏମ୍.ଏଲ୍.ଏ. । ପରବର୍ତ୍ତୀ ସମୟରେ ଅନେକ ଉତ୍‌ଥାନ ପତନ ମଧ୍ୟରେ ସେ ହେଲେ ରାଜ୍ୟରେ ଦୁଇଥର ରାଷ୍ଟ୍ରମନ୍ତ୍ରୀ । ଥରେ କ୍ୟାବିନେଟ୍ ମନ୍ତ୍ରୀ, କେନ୍ଦ୍ରରେ ଥରେ ସାଂସଦ ଓ ଆଉ ଥରେ ରାଷ୍ଟ୍ରମନ୍ତ୍ରୀ । ଏଇଭଳି ଏକ ବ୍ୟସ୍ତ ରାଜନୈତିକ ଜୀବନରୁ ସେ ଅବସର ନେଇଥିଲେ ତିନି ବର୍ଷ ତଳେ, ବୈରାଗ୍ୟରୁ ନୁହେଁ, ସ୍ୱାସ୍ଥ୍ୟଗତ କାରଣରୁ ।

କେନ୍ଦ୍ରୀୟ ରେଳବାଇ ସେବାରେ ଯୋଗ ଦେଇ ମହେଶ୍ୱର ଗାଙ୍ଗୁଲି ଯାଇଥିଲେ ରାଜ୍ୟ ବାହାରକୁ । ଫେରି ଆସିଛନ୍ତି ପଇଁତିରିଶ ବର୍ଷ ଚାକିରି ପରେ । ଫୋନ୍‌ରେ କୁଶଳ ସମ୍ଭାଷଣ, ପତ୍ର ଆଦାନପ୍ରଦାନ, ଉତ୍ସବ ଓ ନିମିତ୍ତ କାର୍ଯ୍ୟକୁ ନିମନ୍ତ୍ରଣରେ ଏ ବନ୍ଧୁତ୍ୱ ଥିଲା ସୀମାବଦ୍ଧ ସତ, କିନ୍ତୁ କେବେହେଲେ ଛିନ୍ନ ବା ସମାପ୍ତ ହୋଇ ନ ଥିଲା । ମହେଶ୍ୱରଙ୍କର କେନ୍ଦ୍ର ରେଳମନ୍ତ୍ରାଳୟରେ ଚାକିରିବେଳେ ଦିଲ୍ଲୀ ମହାନଗରୀରେ ଚାରିବର୍ଷ ଏକା ନଗରରେ ରହିବାର ଆସିଥିଲା ଦୁହିଁଙ୍କ ପାଇଁ ସୁଯୋଗ । ଅନ୍ତରୀକ୍ଷ ଥିଲେ କେନ୍ଦ୍ରରେ ରାଷ୍ଟ୍ରମନ୍ତ୍ରୀ । ଉଭୟଙ୍କ ଅବସର ପରେ ପୁନର୍ବାର ଦୃଢ଼ୀଭୂତ ହୋଇଥିଲା ଏହି ସଖ୍ୟ ଓ ସୌହାର୍ଦ୍ଦ୍ୟ ।

Digitized by PPRACHIN, SOA

ସ୍କାର୍ଟଟା ପିନ୍ଧି ତରବରରେ ବାହାରିପଡ଼ିଲେ ସେ । ଅନ୍ତରୀକ୍ଷର ତେବେ ଶେଷ ଅବସ୍ଥା । ତିନିବର୍ଷ ହେଲା ଯେଉଁ ଅଜଣା ବେମାରିରେ କଷ୍ଟ ସେ ପାଉଥିଲେ, ଏବେ ଏତେଦିନ ପରେ ତାହା ଜଣାପଡ଼ିଛି । ବୋନ୍‌ମ୍ୟାରୋ କ୍ୟାନସର । ଅସ୍ଥିମଜ୍ଜାର କର୍କଟ ରୋଗ । ଏ ବେମାରିର ଯନ୍ତ୍ରଣା ଅତୀବ କଷ୍ଟଦାୟକ ଓ ଏଥିରେ ମୃତ୍ୟୁ ଆଶୀର୍ବାଦ ସଦୃଶ ପ୍ରତୀୟମାନ ହୁଏ ।

ଅନ୍ତରୀକ୍ଷ କିନ୍ତୁ ଏ ଶେଷ ମୁହୂର୍ତ୍ତରେ ହରିନାମ ନ ନେଇ ମହେଶ୍ୱରଙ୍କୁ କାହିଁକି ମନେ ପକାଇଛି ? କିଛି ବୁଝି ପାରିଲେନି ସେ ।

ଦୀପ୍ତେଶ ଅପେକ୍ଷା କରିଥିଲା ଗେଟ୍‌ରେ । ଅଙ୍କଲ୍ ନମସ୍କାର । ବାବା ଏବେ ଆପଣଙ୍କୁ ଖୋଜୁଛନ୍ତି । ଦୁଇଦିନ ହେଲା ମରଣାନ୍ତକ କଷ୍ଟ ହଉଛି । ହେଲେ ପ୍ରାଣ ଛାଡୁ ନାହିଁ । ବାବା ଯେପରି କ'ଣ କହିବେ ଚେଷ୍ଟା କରୁଛନ୍ତି । ହେଲେ ଆଦୌ କହିପାରୁ ନାହାନ୍ତି ପାଟି ଖନି ମାରିଯାଉଛି । ତଣ୍ଟି ଶୁଖି ଯାଉଛି । ଆଖି ଦୁଇଟା ପ୍ରଥମେ ବଡ଼ ବଡ଼ ହୋଇ ବିସ୍ଫୋରିତ ହୋଇ ପୁଣି ପଡ଼ି ଯାଉଛି । ମହେଶ୍ୱରଙ୍କ ଆଖିରେ ଲୁହ ଜକେଇ ଆସିଲା । ଏତେବେଳେ ସେ ବନ୍ଧୁର କ'ଣ ବା କାମରେ ଆସି ପାରିବେ ? ଖାଁ ଖାଁ ଦାରୁଣ ନୀରବତା ।

ଅନ୍ତରୀକ୍ଷ ଦେଖିଲେ ମହେଶ୍ୱରଙ୍କୁ । ହାତ ଠାରି ନିର୍ଦ୍ଦେଶ ଦେଲେ ପାଖରେ ବସିବା ପାଇଁ । ଝିଅ ମଧୁବ୍ରତା ଖଟ ଉପରେ ବସି ଗୋଡ଼ ଚିପି ଦେଉଥିଲା । ପତ୍ନୀ ମାଧବୀ ଅନ୍ତରୀକ୍ଷଙ୍କର ବାମ ହାତଟି ଧରି ବସିଥିଲେ ।

ଅନ୍ତରୀକ୍ଷ ନିର୍ଦ୍ଦେଶ ଦେଲେ ଅନ୍ୟ ସମସ୍ତଙ୍କୁ । ବଖରାଟିରୁ ଚାଲିଯିବା ପାଇଁ । ଆଖିରେ ଅନ୍ତରୀକ୍ଷର ଅଶ୍ରୁର ପ୍ଳାବନ । ଦେହରେ ଉତ୍ତାପ । ମନରେ ହତାଶାର କୁଆର । ଏବେ ବୋଧେ ନିଜର ଅନ୍ତରଙ୍ଗ ବନ୍ଧୁ ମହେଶ୍ୱରଙ୍କ ଆଗରେ କଥାଟି ଅନ୍ତରୀକ୍ଷ କହିବେ ।

କ'ଣ କହି ଏ ସମୟରେ ଅନ୍ତରୀକ୍ଷକୁ ସାନ୍ତ୍ୱନା ଦେବେ ମହେଶ୍ୱର କିଛି ଭାଷା ପାଇ ନ ଥିଲେ । ଅନ୍ତରୀକ୍ଷର ମୁଣ୍ଡ ସେ ଧୀରେ ଧୀରେ ଆଉଁଶି ଦେଲେ । ଚାରିଥର କେମୋଥେରାପି ନେଲା ପରେ ଅନ୍ତରୀକ୍ଷର ମଥା ହୋଇଥିଲା ସଂପୂର୍ଣ୍ଣ କେଶଶୂନ୍ୟ । ଲିଭା ଦୀପର ସଳିତା ଲିଭିଯିବା ପୂର୍ବରୁ କ୍ଷଣକେ ଜୋର୍‌ରେ ଦପ୍‌କରି ଜଳିଉଠିବା ପରି ଅନ୍ତରୀକ୍ଷର ଅସ୍ପଷ୍ଟ କ୍ଷୀଣ ଖଣ୍ଡି ଖଣ୍ଡି କଥା ହଠାତ୍ ସ୍ପଷ୍ଟ ହୋଇଗଲା । "ମୋ ପାପର ପ୍ରାୟଶ୍ଚିତ୍ତ ନାହିଁ କି କ୍ଷମା ନାହିଁ, ତଥାପି ଏ ଜୀବନ ଛାଡ଼ିବା ପୂର୍ବରୁ ଅନେକ ଦିନରୁ ଗୁରେଇତୁରେଇ ହୋଇଥିବା ସତ କଥାଟିକୁ ମୁଁ ଆଜି ତୋ ପାଖରେ କହିବି— ମହେଶ୍ୱର ଭାବିଲେ ଅନ୍ତରୀକ୍ଷ ବୋଧହୁଏ ଉଦ୍ଦାମ ଯୌବନରେ କୌଣସି ପାପପ୍ରଣୟରେ ଲିପ୍ତ କଥା କହିବେ ।

Digitized by PPRACHIN, SOA

ନା'

ଫେରିଗଲେ ସେ କଲେଜ ଜୀବନକୁ ।

କଲେଜ ଛାତ୍ର ସଂସଦର ସେ ତତ୍କାଳୀନ ସଭାପତି ଥାଆନ୍ତି । ପ୍ରଫେସର ଡଃ ପରିତୋଷ ଥାଆନ୍ତି କଲେଜ ଉପଦେଷ୍ଟା ମଣ୍ଡଳୀର ଚେୟାରମ୍ୟାନ୍, ଛାତ୍ରବତ୍ସଳ ଅଭିଜ୍ଞ ଶିକ୍ଷକ ବଳିଷ୍ଠ ବ୍ୟକ୍ତିତ୍ୱ ପାଇଁ ଡଃ ପରିତୋଷଙ୍କ ସୁନାମ ଯେଉଁ ଶୀର୍ଷରେ ପହଁଚିଥିଲା, କଲେଜ୍ କାହିଁକି ସମଗ୍ର ବିଶ୍ୱବିଦ୍ୟାଳୟ ମଧ ଏଭଳି ପ୍ରବୀଣ ଦକ୍ଷ ଶିକ୍ଷକ ପାଇଁ ଗୌରବାନ୍ୱିତ ହେଉଥିଲା ।

କିନ୍ତୁ !

ସାରଙ୍କ ପ୍ରତିଷ୍ଠା ସୁନାମରେ ଆଞ୍ଚ୍ ଆଣିବାକୁ ଯେଉଁ ଈର୍ଷାଳୁ ଗୋଡ଼ଟଣା ଷଡଯନ୍ତ୍ରକାରୀମାନେ ବହୁବାର ଚେଷ୍ଟାକରି ବିଫଳ ହୋଇଥିଲେ, ସେମାନେ ସେଥର ସକ୍ରିୟ ହୋଇପଡ଼ିଲେ । ସ୍ନାତକୋତ୍ତର ପରୀକ୍ଷାରେ ତୃତୀୟଶ୍ରେଣୀ ପାଇଥିବାରୁ ଚାକିରି ଖଣ୍ଡିଏ ପାଇବା କଷ୍ଟକର ଜାଣି ବଡ଼ ନିରାଶରେ ଦିନ କାଟୁଥାଏ ଅନ୍ତରୀକ୍ଷଙ୍କର ।

ହଠାତ୍

ଭବିଷ୍ୟତରେ ସୁନେଲୀ ସ୍ୱପ୍ନରେ ଅଭିଭୂତ ହୋଇ ଅର୍ଥ ଓ କ୍ଷମତାର ବଶୀଭୂତ ହୋଇଯିବାକୁ ଅନ୍ତରୀକ୍ଷ ବାଧ ହେଲେ । ହାତ ମିଳେଇଲେ ସାର୍‌ଙ୍କ ବିରୁଦ୍ଧରେ ସାକ୍ଷୀ ଦେବାକୁ । ଭୁଲିଗଲେ ବି.ଏ.ରେ ଅନର୍ସ ନଥାଇ ସାର୍‌ଙ୍କ କୃପାରୁ ଏମ୍.ଏ.ରେ ସିଟ୍ ପାଇବା କଥା । ଶହେରୁ ଉର୍ଦ୍ଧ୍ୱ ପିଟିସନ ସରକାର, କୁଳାଧିପତିଙ୍କ ପାଖକୁ ପଠାଯାଇ ଚତୁରତା ସହ ସାର୍‌ଙ୍କ ବିରୁଦ୍ଧରେ ଅନୁସନ୍ଧାନ କମିଟି ବସିଲା ଓ ବିଧିବଦ୍ଧ ଭାବରେ ତଦନ୍ତ ହେଲା ।

ଶାସକ ଦଳରୁ ମଧ ଖବର ଆସିଲା । ଅନ୍ତରୀକ୍ଷ ଯଦି ଡଃ ପରିତୋଷଙ୍କ ବିରୋଧରେ ସାକ୍ଷ୍ୟ ଦିଅନ୍ତି ତେବେ ତାଙ୍କୁ ଦୁଇଲକ୍ଷ ଟଙ୍କା ସହ ଆସନ୍ତା ବିଧାନସଭା ପାଇଁ ଦଳପକ୍ଷରୁ ଟିକଟ ମିଳିବ । କମିଟି ଆଗରେ ସେ ରୁଦ୍ଧ ପ୍ରକୋଷ୍ଠରେ ଗୁପ୍ତ ସାକ୍ଷ୍ୟ ଦେଲେ । ଡଃ ବନ୍ଦୋପଧ୍ୟାୟ ଯେଉଁ ଛାତ୍ରମାନଙ୍କୁ ଭଲପାଆନ୍ତି, ସେମାନଙ୍କର ଶତକଡ଼ା ଉପସ୍ଥାନ ସଂଖ୍ୟା କମ୍ ହେଲେ ମଧ ତାକୁ ଖାତାରେ ପରିବର୍ତ୍ତନ କରି ସେମାନଙ୍କୁ ବିଶ୍ୱବିଦ୍ୟାଳୟ ପରୀକ୍ଷା ଦେବା ପାଇଁ ଯୋଗ୍ୟ କରିଥାନ୍ତି । ଅନ୍ତରୀକ୍ଷଙ୍କ ନିଜ ଉପସ୍ଥାନ କ୍ଷେତ୍ରରେ ଏପରି କରାଯାଇଛି ବୋଲି ସେ ସାକ୍ଷ୍ୟ ଦେଲେ । କମିଟିକୁ ପ୍ରମାଣ ମିଳିବା ପାଇଁ ଆଉକୌଣସି ଅସୁବିଧା ହେଲାନାହିଁ । ଶ୍ରେଣୀର ଦୁଇବର୍ଷର ଉପସ୍ଥାନ ରେଜିଷ୍ଟର ମଗାଯାଇ ଦେଖାଗଲା । ଅନ୍ୟଗୋଟିଏ ହେଲେ ମିଥ୍ୟା ଅଭିଯୋଗ ପ୍ରମାଣିତ ହୋଇପାରି ନ ଥିଲା ।

Digitized by PPRACHIN, SOA

କେବଳ ଏଇ ଅଭିଯୋଗ ପ୍ରମାଣିତ ହେଲା, ଅନ୍ତରୀକ୍ଷଙ୍କ ବିଶ୍ୱାସଘାତକତା ଯୋଗୁଁ । ସରକାର ସାର୍‌ଙ୍କୁ ଚାକିରିରୁ ବରଖାସ୍ତ କଲେ । ତାଙ୍କ ସାକ୍ଷ୍ୟ ବିଷୟ ଅନୁସନ୍ଧାନ କମିଟି ଗୁପ୍ତ ରଖିଲେ ।

ତା'ପରେ ଦଳୀୟ ଟିକଟ ପାଇ ନିର୍ବାଚନରେ ଜିତି ଅନ୍ତରୀକ୍ଷ ବିଧାନସଭାକୁ ଆସିଲେ । ରାଜନୀତିରେ ଯୋଗ୍ୟତାକୁ ଚାହିଁ ଯେତିକି ଉପରକୁ ଉଠିବା କଥା ଉଠିଲେ । ରାଜନୀତି ଜୀବନରେ ଅହରହ ସ୍ଲୋଗାନ ଦେଇ ଲକ୍ଷ ଲକ୍ଷ ଲୋକର ବିଶ୍ୱାସର ମୂଳଭିତ୍ତି ଉପରେ ନିଜର ହାତୀଦାନ୍ତର ମିନାର ଗଢ଼ିଲେ ରାଜନୀତିଜ୍ଞ ଅନ୍ତରୀକ୍ଷ । 'ଦାରିଦ୍ର୍ୟ ଦୂର କରିବୁ' ବେକାରିକୁ ଭତ୍ତା ଦେବୁ । 'ଲାଭଖୋର ମୁନାଫାଖୋର କଳାବଜାରୀଙ୍କୁ ଗୁଳିକରି ମାରିବୁ । ଦରବୃଦ୍ଧି ରୋକିବୁ । କେତେ କେତେ ମାନିଫେଷ୍ଟୋ ଭିତରେ ନିଜକୁ ହଜେଇ ଏଇ ସ୍ଲୋଗାନଗୁଡ଼ିକ ଧ୍ରୁବସତ୍ୟ ବୋଲି ଭାବିନେଇଥିଲେ ଅନ୍ତରୀକ୍ଷ । ହେଲେ ସେ ହୃଦବୋଧ କରି ନ ଥିଲେଯେ ଏଇକଥାଗୁଡ଼ିକ କାହିଁ କେତେ ଯୁଗରୁ ପୃଥିବୀର କୋଣ ଅନୁକୋଣରୁ ପୁନରାବୃତ୍ତି ହୋଇଆସୁଛି । ତାର ମହତ୍ୱ ପୁନରାବୃତ୍ତିରେ ବା କାର୍ଯ୍ୟକାରିତାରେ ନାହିଁ— ନିଏ ରାଜନୀତିରେ ରୁହେ । ସେ ଏଇକଥା କହି ନିଜର ଦେଶବାସୀଙ୍କୁ ଠକେ । ନିଜକୁ ବଡ଼କରେ । ସ୍ୱାର୍ଥ ଆଗ ଦେଖେ— ସାରାଜୀବନ ଏଇ ମୋହରେ ପଡ଼ି ଅଜସ୍ର ଧନ କମେଇଛନ୍ତି ଅନ୍ତରୀକ୍ଷ ।

"ଅନେକ ପାପ ଭିତରୁ ସବୁଠାରୁ ଏଇ ଗର୍ହିତ ପାପ ମୋ ମୁଣ୍ଡକୁ ଆଜି ଖିନ୍‌ଭିନ୍ କରିଦେଉଛି ।" ନିଷ୍ପାପ ଶୁଭାକାଂକ୍ଷୀ ଗୁରୁଙ୍କ ବିରୋଧରେ ଛଳନାର ଇନ୍ଦ୍ରଜାଲ ବିଛେଇ ତାଙ୍କୁ ଚାକିରିରୁ ବହିଷ୍କାରରେ ସହାୟ ହେଇଥିବାର ନିରନ୍ତର ପାପବୋଧରେ ଯନ୍ତ୍ରଣା ପାଉଥିଲେ ଅନ୍ତରୀକ୍ଷ । "ମୋ ସ୍ତ୍ରୀ ପିଲା କାହାରିକୁ ଏକଥା କହିନାହିଁ । ସାର୍ ମଧ ଏକଥା ନ ଜାଣି ଆରପାରିକୁ ଚାଲିଗଲେ । ତାଙ୍କ ମୃତ୍ୟୁବାର୍ଷିକୀ ଓ ଜୟନ୍ତୀ ଉତ୍ସବରେ ମୁଁ ଅନେକ ଥର ଭାଷଣ ଦେଇ ଏକ କୃତଜ୍ଞ ଛାତ୍ରର ଭୂମିକାରେ ନିଜକୁ ଛିଡ଼ା କରିଛି । ଆଜି ଗଲାବେଳକୁ ଆଉ ଏ ସତ୍ୟ ଲୁଚାଇ ପାରୁନାହିଁ । ସେଥିପାଇଁ ତୋତେ ଡାକି କହିଦେଲି । ବହୁତ କଷ୍ଟ ପାଇଲିଣି । ଆଉ ପାରୁ ନାହିଁ । ତତେ ମୋ ରାଣ । ସାର୍‌ଙ୍କ ଆସନ୍ତା ଶ୍ରାଦ୍ଧ ବାର୍ଷିକୀରେ ତୁ ଏକଥା ଭାଷଣରେ କହିବୁ ସମସ୍ତଙ୍କ ଆଗରେ । ମୁଁ ଆଉ ନ ଥିବି । ମୋର ଏଇ ଜଘନ୍ୟ ବିଶ୍ୱାସଘାତକତାର ଉପାଖ୍ୟାନ ସମସ୍ତେ ଜାଣନ୍ତୁ । ମୋ ଆତ୍ମା ଶାନ୍ତି ପାଇବ । ଏକଥା ମଧ କହିବୁ ସମସ୍ତଙ୍କୁ । ସାର୍‌ଙ୍କ ପାଇଁ ମୁଁ ପି.ଜି.ପଢ଼ିଥିଲି । ସାର୍‌ଙ୍କ ପାଇଁ ମୁଁ ବିଶ୍ୱବିଦ୍ୟାଳୟ ଛାତ୍ର ଇଉନିୟନର ସଭାପତି ହୋଇଥିଲି । ସାର୍‌ଙ୍କ ପାଇଁ ଏମ୍.ଏ. ପରୀକ୍ଷା ଦେଇଥିଲି ।

Digitized by PPRACHIN, SOA

ସାରଙ୍କ ଆଶୀର୍ବାଦରୁ ହିଁ ରାଜନୀତିଜୀବୀ ଓ ନେତାମାନଙ୍କ ସଙ୍ଗେ ମୋର ପ୍ରଥମେ ଦେଖା ସାକ୍ଷାତ, କିନ୍ତୁ ସାର୍‌ଙ୍କ ସବୁଠାରୁ ବଡ଼ କ୍ଷତି ମୁଁ କରିଛି । ମୁଁ ଯାଉଛି ମହେଶ୍ୱର ।''

ଦୁଇଥର ''ମହେଶ୍ୱର'' କହି ବାକ୍‌ରୁଦ୍ଧ ହୋଇଗଲେ ଅନ୍ତରୀକ୍ଷ । ଆଖି ଦୁଇଟି ଧୀରେ ଧୀରେ ମୁଦି ହୋଇ ଆସିଲା ସତେ ଯେମିତି ସେ ଏକ ଅପୂର୍ବ ଶାନ୍ତିମୟ ରାଜ୍ୟର ଦ୍ୱାରଦେଶରେ ଉପସ୍ଥିତ । ପାଖରେ ଥିବା ଗଙ୍ଗାଜଳରୁ କିଛି ଅନ୍ତରୀକ୍ଷଙ୍କ ମୁହଁରେ ଦେଲେ ମହେଶ୍ୱର । ତାଙ୍କ କାନରେ ବଡ଼ପାଟିରେ ମହାମନ୍ତ୍ର ଉଚ୍ଚାରଣ କଲେ ଦୁଇଥର. . . .

ହରେ କୃଷ୍ଣ ହରେ କୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ
ହରେ ରାମ ହରେ ରାମ ରାମ ରାମ ହରେ ହରେ ।

ଅନ୍ତରୀକ୍ଷଙ୍କର ମୁଣ୍ଡଟି ଏହାପରେ ଗୋଟିଏ ପଟକୁ ଢଳିପଡ଼ିଲା ।

ଅନ୍ତରୀକ୍ଷ ଆସିଥିଲେ ଏକା– ଚାଲିଗଲେ ଏକା । ମାଧବୀ, ଦୀପ୍ତେଶ ଓ ମଧୁବ୍ରତା ଆସି ଶଯ୍ୟାପାଖରେ ପହଞ୍ଚିଲାବେଳକୁ ସବୁ ଶେଷ । ମହେଶ୍ୱର ଗାଙ୍ଗୁଲି ଖଟଉପରେ ବସି ରହିଥିଲେ ଏକ ପ୍ରସ୍ତରପ୍ରତିମା ଭଳି । ମନେପଡୁଥିଲା ସେଦିନ ଆଉ ଏକ ମୃତ୍ୟୁଶଯ୍ୟା ପାଖରେ ସେ ଆଉ ଅନ୍ତରୀକ୍ଷ ଏମିତି ଦିନେ ପାଖାପାଖି ବସିଥିଲେ । ନିଜର ପ୍ରିୟ ଅନୁଗତ ଛାତ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅନ୍ତରୀକ୍ଷ ପୋଦ୍ଦାର ମୁଣ୍ଡରେ ହାତ ବୁଲାଉ ବୁଲାଉ ସେଦିନ ଆରପାରିକୁ ଚାଲିଯାଇଥିଲେ ଅଧ୍ୟାପକ ଡଃ ବନ୍ଦୋପାଧ୍ୟାୟ । ମୁଖମଣ୍ଡଳରେ ସେଇ ଅଖଣ୍ଡ ବିଶ୍ୱାସ ଓ ଅସୀମ ଶାନ୍ତିର ଛାପ । ନିଜର ପ୍ରିୟ ଛାତ୍ର ମଧ୍ୟରେ ଦେଖୁଥିଲେ ଆରୁଣିର ପ୍ରତିଚ୍ଛବି । କିନ୍ତୁ ସେଦିନର ଆରୁଣି ଆଉ ଆଜିର ଅନ୍ତରୀକ୍ଷ ମଧ୍ୟରେ ବ୍ୟବଧାନର ମାପ ନେଇ ପାରୁନଥିଲେ ମହେଶ୍ୱର ଗାଙ୍ଗୁଲି ।

Digitized by PPRACHIN, SOA

ଚତୁର୍ଥ କାଉଣ୍ଟର

ସତ୍ୟାଚଲମ୍ କଲେଜର ପଦାର୍ଥ ବିଜ୍ଞାନ ଅଧ୍ୟାପକ ଡକ୍ଟର ଏସ୍. କଲ୍ୟାଣସୁନ୍ଦରମ୍ ଚାକିରି ଜୀବନର ଦଶବର୍ଷ ମଧ୍ୟରେ ତିନିଥର ବଦଳି ହେଲେଣି । ଏପର୍ଯ୍ୟନ୍ତ କିନ୍ତୁ ସ୍ନାତକୋତ୍ତର ଶ୍ରେଣୀ କଥା ଦୂରେ ଥାଉ, ଅନର୍ସ ପାଠ ଥିବା କଲେଜକୁ ମଧ୍ୟ ତାଙ୍କର ପୋଷ୍ଟିଂ ହେଲା ନାହିଁ ।

ମାଟ୍ରିକ୍ୟୁଲେସନ ଓ ଆଇ.ଏସସି.ରେ ସେ ପ୍ରଥମ ଦଶଜଣଙ୍କ ମଧ୍ୟରେ ସ୍ଥାନ ରଖିଥିଲେ । ସେ ବି.ଏସସି. ଅନର୍ସରେ ପ୍ରଥମଶ୍ରେଣୀରେ ପ୍ରଥମ ଓ ବିଶ୍ୱବିଦ୍ୟାଳୟର ବେଷ୍ଟ୍ ଗ୍ରାଜୁଏଟ୍ ଉପାଧି ହାସଲ କରିଥିଲେ । ଏମ.ଏସ୍‌ସି.ରେ ପ୍ରଥମଶ୍ରେଣୀରେ ପ୍ରଥମ ହୋଇ ସେ ସ୍ୱର୍ଣ୍ଣପଦକ ଲାଭ କରିଥିଲେ । ଚାକିରି ଆରମ୍ଭର ପାଞ୍ଚବର୍ଷ ମଧ୍ୟରେ ଦିବାରାତ୍ର ଗବେଷଣା କରି ସେ ପିଏଚ.ଡି. ମଧ୍ୟ ପାଇଥିଲେ । ଏସବୁ ଜ୍ଞାନର ସଦୁପଯୋଗ କରିବାପାଇଁ ତାଙ୍କୁ ଏପର୍ଯ୍ୟନ୍ତ କେବଳ ଯୁକ୍ତ ଦୁଇ ଓ ପାସ୍ ପାଠ୍ୟକ୍ରମ ଥିବା କଲେଜ ତିନୋଟି ମିଳିଛି ।

ପତ୍ନୀ ସୌଭାଗ୍ୟବତୀ କେ.ପଦ୍ମା ଏ ବିଷୟରେ ତାଙ୍କୁ ଥରକୁଥର ସଚେତନ କରନ୍ତି । ସେ କହନ୍ତି ରାଜ୍ୟର ରାଜଧାନୀ ସ୍ୱୟଂଭୁପୁରମ ବା କୌଣସି ଡିଭିଜନର ସଦର ମହକୁମା କଲେଜକୁ ଗଲେ ଯେଉଁ ସମ୍ମାନ ମିଳିବ ତାହା ସତ୍ୟାଚଲମ୍‌ରେ କାହିଁ ? ଅନର୍ସ ଓ ସ୍ନାତକୋତ୍ତର ଶିକ୍ଷା ସୁବିଧା ଥିବା କଲେଜରେ ପାଠ ପଢ଼ାଇଲେ ଯେଉଁ ବୌଦ୍ଧିକ ଆତ୍ମସନ୍ତୋଷ ମିଳିବ ତାହା ସତ୍ୟାଚଲମ୍‌ରେ କେଉଁଠୁ ମିଳିବ ? ତା'ଛଡ଼ା ଏବେ ରାଜଧାନୀ ସ୍ୱୟଂଭୁପୁରମରେ ଘରୋଇ ଟିଉସନ ମଧ୍ୟ ପର୍ଯ୍ୟାପ୍ତ ସଂଖ୍ୟାରେ ମିଳୁଛି । ସକାଳେ କୋଡ଼ିଏ ଜଣ ଓ ସନ୍ଧ୍ୟାରେ କୋଡ଼ିଏ ଜଣ ପିଲାଙ୍କୁ ପଦାର୍ଥ ବିଜ୍ଞାନ ଓ ଗଣିତ ପଢ଼ାଇଲେ ମାସକୁ ଆଠହଜାର ଟଙ୍କା ଅଧିକା ମିଳିବ । ସ୍ୱୟଂଭୁପୁରମରେ ଗୋଟିଏ ଘର ତୋଳି ହେବ ଏବଂ ଘରର ଗୋଟିଏ ମହଲା ଭଡ଼ା ଲାଗିଲା ପରେ କାର୍ ମଧ୍ୟ ଚଢ଼ି ହେବ ।

ଅଧ୍ୟାପକ ଏକବର୍ଷରୁ ଅଧିକ କାଳ ପଦ୍ମାଙ୍କ ଅନୁରୋଧକୁ ଆଉ ଏଡ଼ାଇ ପାରିଲେ ନାହିଁ । ଯଦି ସ୍ୱୟଂଭୁପୁରମ୍‌ରେ ପୋଷ୍ଟିଂ ନ ହେଲା ତେବେ ଜୀବନ ବୃଥା ବୋଲି ତାଙ୍କର ହୃଦ୍‌ବୋଧ ହେଲା । ବଦଳି ଋତୁରେ କିଛି ଟଙ୍କା ଯୋଗାଡ଼ କରି ସେ ସ୍ୱୟଂଭୁପୁରମରେ ପହଞ୍ଚିଲେ । ଖବର ମିଳିଲା ଯେ ଅଧ୍ୟାପକ ବଦଳି ବୋର୍ଡ଼ର ଅଧ୍ୟକ୍ଷ ଶ୍ରୀ ତ୍ୟାଗରାଜନ ଏ ବିଷୟରେ ସର୍ବେସର୍ବା । ତାଙ୍କ ହାତରେ

Digitized by PPRACHIN, SOA

ହିଁ ଚୂଡ଼ାନ୍ତ ନିଷ୍ପତ୍ତି । ଡଃ କଲ୍ୟାଣସୁନ୍ଦରମ ସର୍ବେସର୍ବା ତ୍ୟାଗରାଜନ୍ ବାବୁଙ୍କ ଘରୋଇ ସଚିବଙ୍କୁ ଦେଖାକରି ସବୁ ଦୁଃଖ ଜଣାଇ ସେ କହିବା ମୁତାବକ ତାଙ୍କୁ ଦୁଇହଜାର ଟଙ୍କା ଦେଇ ସତ୍ୟାଚଲମ୍‌କୁ ବାହୁଡ଼ି ଆସିଲେ ।

ପନ୍ଦରଦିନ ବିତିଗଲା ପରେ ଯେଉଁ ବଦଳି ଆଦେଶ ତାଲିକା ବାହାରିଲା ସେଥିରେ ଡଃ କଲ୍ୟାଣସୁନ୍ଦରମଙ୍କ ନାମ ନ ଥିଲା । ଖବର ଆସିଲା ଯେ ଆଉ ଦଶପନ୍ଦର ଦିନ ମଧ୍ୟରେ ଆଉ ଗୋଟିଏ ବଦଳି ଆଦେଶ ବାହାରିବ । ସେଥିରେ ପ୍ରାୟ ତିରିଶଜଣ ଅଧ୍ୟାପକଙ୍କ ନାମ ଅଛି । ତନ୍ମଧ୍ୟରୁ ଡଃ କଲ୍ୟାଣସୁନ୍ଦରମ ଜଣେ ।

ଶ୍ରୀମତୀ ପଦ୍ମାଙ୍କ ପ୍ରରୋଚନାରେ ଡଃ କଲ୍ୟାଣସୁନ୍ଦରମ ପୁଣିଥରେ ସ୍ୱୟଂଭୁପୁରମ ଗଲେ । ଏଥର ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଲା ଯେ କେବଳ ଶ୍ରୀମତୀ ତ୍ୟାଗରାଜନଙ୍କ କଥାରେ ହିଁ ବଦଳି ଚୂଡ଼ାନ୍ତ ହେଉଛି । ଯେଉଁଠି ଦୁଇଟି ପରସ୍ପର ବିରୋଧୀ ପ୍ରସ୍ତାବ ଆସୁଛି, ସେଠାରେ ଯେଉଁମାନେ ଶ୍ରୀମତୀ ତ୍ୟାଗରାଜନଙ୍କୁ ସନ୍ତୁଷ୍ଟ କରିଛନ୍ତି ସେମାନଙ୍କ କଥା ହିଁ ରହୁଛି । ଡଃ କଲ୍ୟାଣସୁନ୍ଦରମ ତୁରନ୍ତ ଯାଇ ଶ୍ରୀମତୀ ତ୍ୟାଗରାଜନଙ୍କୁ ଦେଖାକଲେ ଓ ତାଙ୍କ ହାତରେ ଧାର୍ଯ୍ୟ ଦର ମୁତାବକ ତିନିହଜାର ଟଙ୍କା ଅର୍ପଣ କରି ଆସିଲେ । ଶ୍ରୀମତୀ ତ୍ୟାଗରାଜନ ପ୍ରତିଶ୍ରୁତି ଦେଲେ ଯେ ସେ ତାଙ୍କୁ ନିଶ୍ଚୟ ସ୍ୱୟଂଭୁପୁରମର ଏକ କଲେଜକୁ ବଦଳି କରିଆଣିବେ । ଦଶଦିନ ପରେ ଯେଉଁ ବଦଳି ଆଦେଶ ତାଲିକା ବାହାରିଲା ସେଥିରେ ଡଃ କଲ୍ୟାଣସୁନ୍ଦରମଙ୍କ ନାମ ନ ଥିଲା । ହାତରୁ ପାଞ୍ଚହଜାର ଟଙ୍କା ଗଲାଣି, କିନ୍ତୁ ଏ ପର୍ଯ୍ୟନ୍ତ ଲାଭ କିଛି ନାହିଁ । ଘରେ ଘରଣୀଙ୍କଠାରୁ ଅକର୍ମା ଓ ଅପଦାର୍ଥ ବୋଲି ଗାଳି ଶୁଣିବାର ଅନ୍ତ ନାହିଁ ।

ବଦଳିର ଧାର୍ଯ୍ୟ ସମୟସୀମା ଅତିକ୍ରମ କରିବାକୁ ଆଉମାତ୍ର ସାତଦିନ ରହିଲା । ଗୋଟିଏ ଖବର ଏବେ ପହଞ୍ଚିଲାଯେ ଶ୍ରୀ ତ୍ୟାଗରାଜନ୍‌ଙ୍କ ପୁତ୍ରମଣି ଶ୍ରୀ ନାଗରାଜନ ଏବେ ନିର୍ଣ୍ଣାୟକ ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି । ସେ ପିତାଶ୍ରୀ ଓ ମାତାଶ୍ରୀଙ୍କୁ ଭୟଭୀତ କରାଇ ନିଜେ ଗୋଟିଏ ତୃତୀୟ କାଉଣ୍ଟର ଖୋଲି ବସିଛନ୍ତି । ସେହି କାଉଣ୍ଟରରେ ଯେଉଁମାନେ ପଇସା ଦାଖଲ କରୁଛନ୍ତି ତାଙ୍କ ବଦଳି ନିଶ୍ଚିତ ଭାବେ ଇପ୍ସିତ ସ୍ଥାନକୁ ହୋଇପାରୁଛି । ଯଦି ଅବାଞ୍ଛିତ ସ୍ଥାନକୁ ବଦଳି ହୋଇଥାଏ ତେବେ ତାହା ମଧ୍ୟ ବନ୍ଦ ହୋଇପାରୁଛି । କିନ୍ତୁ ପୁତ୍ରମଣିଙ୍କର ଦର ଟିକିଏ ଚଢ଼ା । ସେ ପ୍ରତି କେସ୍ ପିଛା ପାଞ୍ଚହଜାର ଟଙ୍କା ନିଅନ୍ତି ।

ଅଧ୍ୟାପକଜୀ ଏଥିରେ ହାରିଯିବା ଲୋକ, ନୁହଁନ୍ତି । ସେ ପୁଣିଥରେ ସତ୍ୟାଚଲମ୍ ଫେରିଯାଇ ଶ୍ରୀମତୀ ପଦ୍ମାଙ୍କ ଗହଣା ବନ୍ଧା ରଖି ଆଠହଜାର ଟଙ୍କା ଆଣିଲେ ।

ଡଃ କଲ୍ୟାଣସୁନ୍ଦରମ୍ ଶ୍ରୀ ନାଗରାଜନ୍‌ଙ୍କ ଘରକୁ ଯିବାକୁ ବାହାରିଛନ୍ତି । ଏତିକିବେଳେ ଜଣେ ହିତୈଷୀ ଅଧ୍ୟାପକ ବନ୍ଧୁଙ୍କଠାରୁ ଖବରଆସିଲା ଯେ ସ୍ୱୟଂଭୁପୁରମ୍ ବଦଳି

Digitized by PPRACHIN, SOA

ପାଇଁ ଶ୍ରୀ ନାଗରାଜନ୍‌ଙ୍କଠାରେ ପଇସା ଶ୍ରାଦ୍ଧ ନକରି ଶ୍ରୀ ଶଙ୍କର ନାରାୟଣନ୍‌ଙ୍କ ପାଖକୁ ଯିବା ଭଲ ହେବ । ଡଃ କଲ୍ୟାଣସୁନ୍ଦରମ୍ ଅସଲ କାରଣଟି ବୁଝିବା ପାଇଁ ହିତୈଷୀ ବନ୍ଧୁଜଣଙ୍କ ଘରେ ପହଞ୍ଚିଲେ । ଦୁଇଥର ଅକାରଣେ ଅର୍ଥ ଶ୍ରାଦ୍ଧ କଲାପରେ ସେ ଆଉଥରେ ଟଙ୍କା ଖଟାଇବା ପୂର୍ବରୁ ବୁଝି ବିଚାରି ପଦକ୍ଷେପ ନେବାକୁ ଚାହୁଁଥିଲେ । ଏହି ନୂଆ କାଉଣ୍ଟରର ପରିଚାଳକ ଶ୍ରୀ ଶଙ୍କର ନାରାୟଣନ୍ ଶ୍ରୀ ତ୍ୟାଗରାଜନ୍‌ଙ୍କର ରକ୍ଷିତା ଶ୍ରୀମତୀ ସରଳା ପଦ୍ମନାଭନ୍‌ଙ୍କ ସୁଯୋଗ୍ୟ ପୁତ୍ର । ବୟସ ମାତ୍ର ଅଠର ବର୍ଷ । ଶଙ୍କର ନାରାୟଣନ୍‌ଙ୍କର ଭିତିରି କର୍ତ୍ତୃତ୍ୱ ଏବେ ତ୍ୟାଗରାଜନ୍‌ଙ୍କ ଉପରେ ସବୁଠାରୁ ବେଶି । ସେ ଯାହା କହିବେ ତ୍ୟାଗରାଜନତାହା ମାନିବାକୁ ବାଧ୍ୟ । କାରଣ ତ୍ୟାଗରାଜନ୍‌ଙ୍କର ବ୍ୟକ୍ତିତ୍ୱର ଦୁର୍ବଳତମ ତନ୍ତୁ ହେଲା ତାଙ୍କର ରକ୍ଷିତା ଓ ପୁତ୍ରମଣି ଶ୍ରୀ ଶଙ୍କର ନାରାୟଣନ୍ । ସାମାଜିକ ସ୍ୱୀକୃତିପ୍ରାପ୍ତ ପୁତ୍ର ପିତାକୁ ବ୍ଲାକ୍‌ମେଲ୍ କରିପାରିବ ନାହିଁ କିନ୍ତୁ ଅବୈଧ ସନ୍ତାନର ସେ ସ୍ୱାଧୀନତା ଅଖଣ୍ଡ । ତେଣୁ ଏବେ ଦେଖାଯାଉଛି ଶଙ୍କରନାରାୟଣନଙ୍କ କାଉଣ୍ଟରରେ ଯିଏ ଫିସ୍ ଦାଖଲ କରିଛି ତା'ର କାମ ନିଶ୍ଚୟ ହୋଇଛି ।

ଅଧ୍ୟାପକଙ୍କୁ ସତେଯେପରି ସାହାରା ମରୁଭୂମିରେ ଅଂଶୁପା ହ୍ରଦର ସନ୍ଧାନ ମିଳିଗଲା । ସେ ତୁରନ୍ତ ଶଙ୍କର ନାରାୟଣନ୍‌ଙ୍କ ଘରକୁ ଯାଇ ସେଠାରେ ଉଦ୍ଦେଶ୍ୟ ବୟାନ କରି ପାଞ୍ଚହଜାର ଟଙ୍କା ଟେବୁଲ ଉପରେ ଥୋଇଲେ । ଶଙ୍କରନାରାୟଣନ୍ ଅଳ୍ପହସି କହିଲେ, ଡଃ କଲ୍ୟାଣସୁନ୍ଦରମ୍, ଆପଣ କ'ଣ ସଂସ୍କୃତ ବା ଦର୍ଶନଶାସ୍ତ୍ରର ଅଧ୍ୟାପକ ? ଆପଣ ପରା ମାସେ ଟିଉସନ କଲେ ସ୍ୱୟଂଭୂପୁରମ୍‌ରେ ଆଠହଜାର ଟଙ୍କା ପାଇବେ । ଅତିକମ୍‌ରେ ସେତିକି ଏଠାରେ ଦେବାକୁ କୁଣ୍ଠା କରୁଛନ୍ତି କାହିଁକି ? ପୂର୍ବ ଦୁଇଥର ଯେଉଁ ଟଙ୍କା ଦେଇଥିଲେ ସେ କ'ଣ ଏ ପଇସା ସଙ୍ଗେ ମିଶିଯିବ ବୋଲି ଭାବୁଛନ୍ତି କି ?

ଅଧ୍ୟାପକଙ୍କର ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ । ସେ ହତବାକ୍ ହୋଇ ଆଉ ପଦୁଟିଏ ମଧ୍ୟ କଥା ନ କହି ପକେଟରୁ ତିନିହଜାର ଟଙ୍କା କାଢ଼ି ଟେବୁଲ ଉପରେ ଥୋଇଦେଲେ । ଶ୍ରୀ ଶଙ୍କର ନାରାୟଣନ୍‌ଙ୍କୁ ଗୋଟିଏ ଭକ୍ତିପୂର୍ଣ୍ଣ ବିନମ୍ର ନମସ୍କାର କରି ସତ୍ୟାଚଲମ୍ ଫେରିଗଲେ ।

ଠିକ୍ ସମୟରେ ଖବର ପାଇଥିବାରୁ ନାଗରାଜନ୍‌ଙ୍କ ପାଖରେ ଆଉ ପାଞ୍ଚହଜାର ଟଙ୍କା ଅଧିକ ଖର୍ଚ୍ଚରୁ ଡଃ କଲ୍ୟାଣସୁନ୍ଦରମ୍ ବଞ୍ଚିଗଲେ । ସେଥିପାଇଁ ଶ୍ରୀ ଭେଙ୍କଟପତି ମହାପ୍ରଭୁଙ୍କ ପାଖରେ ସେ ଅଶେଷ କୃତଜ୍ଞତା ଜଣାଇଲେ । ସତ୍ୟଚଲମ୍‌ରେ ପହଞ୍ଚିବାର ଚାରିଦିନ ମଧ୍ୟରେ ଡଃ କଲ୍ୟାଣସୁନ୍ଦରମ୍ ସ୍ୱୟଂଭୂପୁରମ୍‌କୁ ତାଙ୍କର ବଦଳି ଆଦେଶ ପାଇଗଲେ । ଚତୁର୍ଥ କାଉଣ୍ଟରଟି ଡଃ କଲ୍ୟାଣସୁନ୍ଦରମ୍‌ଙ୍କ ପାଇଁ କଲ୍ୟାଣକର ସିଦ୍ଧ ହେଲା ।

Digitized by PPRACHIN, SOA

ସମାଜ ସଂରକ୍ଷଣ

ପ୍ରାତଃଭ୍ରମଣରେ ବାହାରି ଘରୁ ଶହେ ମିଟର ମାତ୍ର ଯାଇଛନ୍ତି, ଏଇ ସମୟରେ ନ୍ୟାୟମୂର୍ତ୍ତି ଭେଙ୍କଟସ୍ୱାମୀଙ୍କ ଗୋଡ଼ତଳେ ଜଣେ ଲୋକ ଆସି ଲମ୍ବ ହୋଇ ପଡ଼ିଗଲା । ତାଙ୍କର ଦୁଇଗୋଡ଼କୁ ହାତରେ ଧରି ସେ କାନ୍ଦି ଚାଲିଲା । ଶ୍ରୀ ଭେଙ୍କଟସ୍ୱାମୀ ନିଜକୁ ଅପ୍ରସ୍ତୁତ ବୋଧକଲେ ମଧ୍ୟ ନିଜ ଗୋଡ଼ ଦୁଇଟିକୁ କଷ୍ଟରେ ସେ ଲୋକଟି କବଳରୁ ମୁକ୍ତ କଲେ । ତାକୁ ଠିଆ କରାଇ ସେ ତାକୁ ସାଷ୍ଟମ କରାଇବା ପାଇଁ ସାନ୍ତ୍ୱନା ଦେଲେ ।

‘‘ହଜୁର ମୋ ପାଇଁ ସାକ୍ଷାତ ଭଗବାନ । ମୋ ସଂସାର ବୁଡ଼ିଯାଉଥିଲା । ଆପଣ ରକ୍ଷା କଲେ । ହଜୁରଙ୍କୁ ମୁଁ ଆଉ କ'ଣ ଦେଇପାରିବି । ଈଶ୍ୱରଙ୍କଠାରେ ପ୍ରାର୍ଥନା କରୁଛି ଆପଣଙ୍କ କଲମ ବଜ୍ର ହେଉ । ଆପଣ ସର୍ବୋଚ୍ଚ କୋର୍ଟକୁ ଯାଆନ୍ତୁ ।

ନ୍ୟାୟମୂର୍ତ୍ତି ଭେଙ୍କଟସ୍ୱାମୀ କହିଲେ ‘‘ମୋ ସାଙ୍ଗରେ କିଛି ବାଟ ଚାଲ । କ'ଣ କହିବାର ଅଛି କହ । ଏଠି ଠିଆହୋଇ ମୋ ରାସ୍ତା ଓଗାଳିଲେ କିପରି ହେବ ?’’ ସାହସ ପାଇ ଲୋକଟି ନ୍ୟାୟମୂର୍ତ୍ତି ଭେଙ୍କଟସ୍ୱାମୀଙ୍କ ସଙ୍ଗେ ଚାଲିବାକୁ ଆରମ୍ଭ କଲା । ଜୀବନରେ ଉଚ୍ଚନ୍ୟାୟାଳୟର ଜଣେ ନ୍ୟାୟମୂର୍ତ୍ତିଙ୍କ ସଙ୍ଗେ ରାସ୍ତାରେ ଏକା ଚାଲିପାରିବ, ଏକଥା ସ୍ୱପ୍ନରେ ସେ ମଧ୍ୟ ଭାବି ନ ଥିଲା । କହିଲା — ସାର୍ ମୋ ନାଁ କେ.ଆପ୍ପାରାଓ । ମୁଁ ମ୍ଲେଚ୍ଛପୁରମ୍ ବ୍ଲକରେ କୋ-ଅପରେଟିଭ ଏକ୍ସଟେନ୍‌ସନ ଅଫିସର ଅଛି । ବ୍ଲକ୍ କଲୋନୀରେ ସେଠାରେ ଘରଟିଏ ପାଇଛି । ହଠାତ୍ ମୋର ବଦଳି ହୋଇଗଲା । ମୈଲାପୁରମ୍ ବ୍ଲକକୁ । ମୁଁ ଆଶ୍ଚର୍ଯ୍ୟ ହେଲି । ମ୍ଲେଚ୍ଛପୁରମ୍ ବଦଳି ହୋଇ ଆସିବାର ଛଅ ମାସ ମଧ୍ୟ ହୋଇନାହିଁ ।

ବି.ଡ଼ି.ଓ., ସବ୍‌କଲେକ୍ଟର ଓ କଲେକ୍ଟରଙ୍କୁ ଯାଇ କାରଣ ପଚାରିଲି । ସେମାନେ ଏହି ହଠାତ୍ ବଦଳିର କାରଣ ବିଷୟରେ କିଛି ଜାଣନ୍ତି ନାହିଁ ବୋଲି କହିଲେ । ସ୍ଥାନୀୟ ଲୋକପ୍ରତିନିଧିଙ୍କୁ ଯାଇ ରାଜଧାନୀରେ ଦେଖାକଲି । କାଳେ ମୋ ଅଜାଣତରେ ତାଙ୍କର କୌଣସି ଅସୁବିଧା ହେଲାଭଳି କାର୍ଯ୍ୟ ହୋଇଯାଇଥିବ । ତାହା ମଧ୍ୟ ବୁଝିବାକୁ ଚେଷ୍ଟା କଲି । ସେ କହିଲେ ଯେ, ଏ ବଦଳିରେ ତାଙ୍କର କିଛି ହାତ ନାହିଁ ।

Digitized by PPRACHIN, SOA

ନିର୍ଦ୍ଦେଶାଳୟରେ ଯାଇ ବୁଝିବାରେ ଜଣାଗଲା ଯେ, ରାମନାଥପୁରମ୍‌ର କେହି ଜଣେ ପ୍ରଭାବଶାଳୀ ବ୍ୟକ୍ତି ଉପରୁ ରାଜନୈତିକ ଚାପ ଆଣିଥିବାରୁ ଏ ବଦଳି କରାଯାଇଛି । ରାମନାଥପୁରମ୍‌ରେ ଆମ ନିଜଘର । ମୁଁ ନିଜେ ଏ ବଦଳି ଚାହିଁ ନାହିଁ । ମୋ ନୂଆ କର୍ମସ୍ଥଳୀର ସରକାରୀ ବା ବେସରକାରୀ ଅଧିକାରୀମାନେ କେହି ଚାହିଁ ନାହାନ୍ତି । ମୋତେ ଚାରିଶହ କିଲୋମିଟର ଦୂର ମୈଲାପୁରମ୍ ବ୍ଲକ୍ ଭଳି ଏକ ଅନୁନ୍ନତ ଅଞ୍ଚଳକୁ ପଠାଇଲେ ମୁଁ ସ୍ତ୍ରୀ ପିଲାଙ୍କୁ ସେଠାକୁ ନେଇପାରିବି ନାହିଁ । ସେ ବ୍ଲକ ଏବେ ନୂଆ ହୋଇ ଗଠନ ହୋଇଛି । ଘରଦ୍ୱାର କିଛି ନାହିଁ । ତେଣୁ ବର୍ଷ ମଝିରେ ବାଧ ହୋଇ ସ୍ତ୍ରୀ ଓ ଦୁଇପିଲାଙ୍କୁ ଆମଘରେ ଛାଡ଼ି ମୋତେ ମୈଲାପୁରମ୍ ଯିବାକୁ ହେବ ।

ନ୍ୟାୟମୂର୍ତ୍ତି ଭେଙ୍କଟସ୍ୱାମୀ କହିଲେ, ''ଶୁଣ, ଆପ୍‌ପାରାଓ । ଏଥିରେ ଅସୁବିଧା କେଉଁଠି ରହିଲା ? ରାମନାଥପୁରମ୍‌ରେ ତ ଭଲ ସ୍କୁଲ ଅଛି । ପିଲାଏ ଘରେ ରହି ପଢ଼ିଥାନ୍ତେ । ତୁମେ ମୈଲାପୁରମ୍ ଯାଇଥାଆନ୍ତ । ପିଲାଙ୍କୁ ଗାଁରେ ଛାଡ଼ିଦେଇ ଯାଇଥାନ୍ତ ।

ଆପ୍ପାରାଓ କହିଲା– ''ହଜୁର, ଆପଣ ମୋ ବଡ଼ଭାଇଙ୍କୁ ଜାଣିନାହାନ୍ତି । ସେ ନିହାତି ଗୋଟିଏ ଆଇଁଷିଆ ଲୋକ । ଭାଉଜଙ୍କ ଛଡ଼ା ତାଙ୍କର ଆଉ ସମସ୍ତଙ୍କ ଉପରେ ଆଖି । ତାଙ୍କ ପିଲାଏ କଲେଜ ପଢ଼ିଲେଣି । ଭାଇଙ୍କର କିନ୍ତୁ ଆଖି ଦି'ଟା ସବୁବେଳେ ଚଳଚଞ୍ଚଳ । ମୋର ନୂଆ ନୂଆ ବାହାହେବା ଦିନର କଥା । ଘରେ ଚଳପ୍ରଚଳ ହେଲା ବେଳେ ତାଙ୍କ ଅମାନିଆ ହାତ ଭାଇବୋହୂ ଦିହରେ ବାଜିଯାଏ । ତାଙ୍କର ଲଜ୍ଜା ବୋଲି ପଦାର୍ଥ ନାହିଁ । ମୋ ମା'ତ ଅଶୀବର୍ଷର ବୁଢ଼ୀ । ବାପା କୋଡ଼ିଏ ବର୍ଷ ହେଲା ଆରପାରିକୁ ଗଲେଣି । ଏବେ ଘରେ ବଡ଼ଭାଇ ହିଁ ସର୍ବେସର୍ବା । ସେ କେତେଥର ରାସ୍ତାରେ ଘାଟରେ ମାଡ଼ ଖାଇଲେଣି । କିନ୍ତୁ ପ୍ରକୃତି ଯାଉନାହିଁ । ସେ ସବୁବେଳେ ଚାହାନ୍ତି ମୁଁ ସ୍ତ୍ରୀ ପିଲାଙ୍କୁ ଘରେ ଛାଡ଼ି ଦୂରରେ ଏକା ଚାକିରି କରେ । ପର ଦାର ଗମନ ଯାହାର ଅଭ୍ୟାସରେ ପରିଣତ ହେଲାଣି, ତା ପାଖରେ ମୋ ସ୍ତ୍ରୀକୁ କେମିତି ଛାଡ଼ିବି । କୁହନ୍ତୁ ସାର୍ ।

ଏକଥା ମଧ୍ୟ ମୁଁ ନିର୍ଦ୍ଦେଶକଙ୍କୁ ଓ ସମସ୍ତ ଉପର କର୍ମକର୍ତ୍ତାଙ୍କୁ କହିଥିଲି । କିନ୍ତୁ କୌଣସି ପ୍ରଭାବଶାଳୀ ନେତାଙ୍କ ଚାପ ଯୋଗୁ ସେ କେହି କିଛି କରିପାରିଲେ ନାହିଁ ବୋଲି ସଫା ସଫା କହିଦେଲେ । ମୈଲାପୁରମ୍‌ରେ ଯୋଗ ନ ଦେଲେ ସରକାର ତୁରନ୍ତ ନିଲମ୍ବନ କରିବେ ବୋଲି ମୋତେ ଆଦେଶ ଦେଲେ । ତେଣୁ ମୁଁ ହଜୁରଙ୍କ ଶରଣାଗତ ହୋଇଥିଲି । ହଜୁର ଆଦେଶ ଦେଇ ମୋ ସଂସାରକୁ

Digitized by PPRACHIN, SOA

ଉକୁଡ଼ିବାରୁ ବଞ୍ଚାଇ ଦେଲେ । ଅବସ୍ଥା ଏମିତି ହୋଇଥାନ୍ତା ଯେ ଶେଷରେ ମୋ ବଡ଼ଭାଇଙ୍କୁ ଜୀବନରେ ମାରି ମୁଁ ଫାଶି ଚଢ଼ିଥାନ୍ତି । ମୋ ପିଲାଏ ଅନାଥ ହୋଇଥାନ୍ତେ । ସ୍ତ୍ରୀ ରାସ୍ତାରେ ଭିକ ମାଗିଥାନ୍ତା । ମୁଁ ହଜୁରଙ୍କ ଋଣ ଜୀବନରେ ଶୁଝିପାରିବି ନାହିଁ ।

ନ୍ୟାୟମୂର୍ତ୍ତି ଭେଙ୍କଟସ୍ୱାମୀ ଅପ୍ପାରାଓଙ୍କୁ ବୁଝାଇ ଶୁଝାଇ ବିଦାକଲେ । ସମାଜ ସଂରକ୍ଷଣ ଓ ନୈତିକ ମୂଲ୍ୟବୋଧର ରକ୍ଷାରେ ନ୍ୟାୟପାଳିକାର ଯେଉଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଅଛି ତାକୁ ଏଇ ଘଟଣାରେ କୌଣସି ଭିତିରି କଥା ନ ଜାଣି ମଧ୍ୟ ସେ ସୁଚାରୁରୂପେ ତୁଲାଇ ପାରିଛନ୍ତି, ଏହା ତାଙ୍କୁ ଏକ ଗଭୀର ଆତ୍ମସନ୍ତୋଷ ପ୍ରଦାନ କରୁଥିଲା । ଜଙ୍ଗଲ ମୃତ୍ତିକା ଓ ବନ୍ୟଜନ୍ତୁ ସଂରକ୍ଷଣ ପାଇଁ ସମସ୍ତେ ବ୍ୟସ୍ତ । ସମାଜ ସଂରକ୍ଷଣ ଦାୟିତ୍ୱ କିଏ ମୁଣ୍ଡକୁ ନେବ ?

Digitized by PPRACHIN, SOA

ଏକରୁ ଆରେକ ବଳିଆର

ଥିରୁ ତିରୁମଲ ଚେଟ୍ଟିୟାର, ଡି.ଆଇ. ଅଫ୍ ସ୍କୁଲସ୍, କୁଡୁ ଝେଲମ୍‌ଙ୍କ ଭିଜିଟିଂ କାର୍ଡ଼ଟି ଦେଖିଲା ମାତ୍ରେ ପ୍ରବେଶ ଅନୁମତି ଦେଲେ ରାଜ୍ୟ ଶିକ୍ଷା ମନ୍ତ୍ରୀ ଏମ୍. ବିଜୟ ଶେଖରନ୍ । ପିଲାଦିନୁ ଦୁହେଁ ସ୍କୁଲ ଓ କଲେଜରେ ଏକାଠି ପଢ଼ିଥିଲେ ଦଶବର୍ଷ । ସେମାନଙ୍କ ମଧ୍ୟରେ ପୂର୍ବେ ଥିଲା ବେଶ୍ ବନ୍ଧୁତା । ତେଣୁ ଏହି ବାଲ୍ୟବନ୍ଧୁଙ୍କୁ ଦ୍ୱାରରେ ବେଶୀ ସମୟ ଅପେକ୍ଷା କରିବାକୁ କହିବା ସେ ଉଚିତ ମନେକଲେ ନାହିଁ ।

ଆଟାଚିକେଶ୍ ଧରି କକ୍ଷକୁ ଆସିଲେ ତିରୁମଲ ଚେଟ୍ଟିୟାର । ବିଜୟ ଶେଖରନ୍ ଛିଡ଼ା ହୋଇ କରମର୍ଦ୍ଦନ କରି ଜଣାଇଲେ ଆନ୍ତରିକ ସମ୍ବର୍ଦ୍ଧନା । ସେ ଆଜି ଶିକ୍ଷାମନ୍ତ୍ରୀ ହେଲେ ବୋଲି କ'ଣ ବାଲ୍ୟବନ୍ଧୁଙ୍କୁ ଭୁଲିଯିବେ ନା ତାଙ୍କୁ ଅବଜ୍ଞା କରିବେ ? ଅବଶ୍ୟ ସେ ମନ୍ତ୍ରୀ ନ ଥିଲା ବେଳେ କେବେ ଦିନେହେଲେ ତିରୁମଲବାବୁ ତାଙ୍କ ଘରକୁ ଆସି ନାହାନ୍ତି ।

"କ'ଣ ସବୁ ଭଲ ତ ? ଅନେକ ଦିନ ହେଲା ଦେଖାନାହିଁ ଯେ"– ହସିହସି କହିଲେ ବିଜୟ ଶେଖରନ । ଶିକ୍ଷାମନ୍ତ୍ରୀ ଯେ ପିଲାଦିନର ପଢ଼ାସାଥୀକୁ ଭୁଲିନାହାନ୍ତି ଏକଥା ଜାଣି ଆଶ୍ୱସ୍ତ ହେଲେ ଚେଟ୍ଟିୟାରବାବୁ । ତେଣୁ ଆଗରୁ ଯେମିତି ଥଟ୍ଟା ତାମସାରେ ଦୁହେଁ କଥାବାର୍ତ୍ତା ହେଉଥିଲେ, ସେ ସାହସ କଲେ ଠିକ୍ ସେହିପରି କଥା ହେବାକୁ ।

"ଭାଇ ବୁଝିଲୁ, କଥାରେ ଅଛି ଘୋଡ଼ା ପଛକୁ ଯିବ ନାହିଁ ଆଉ ସରକାରଙ୍କ ଆଗକୁ ଯିବ ନାହିଁ । ମୁଁ କାହିଁକି ଆସି ନଷ୍ଟ କରିଥାନ୍ତି ତୋର ଅମୂଲ୍ୟ ସମୟ ? ଭାଇ, ତୁ ମନ୍ତ୍ରୀ ଅଛୁ, ଆଉ ଏ ରାଜ୍ୟରେ ମୋର ପୁନୁକୋଡ଼ାଇ ଜିଲ୍ଲାକୁ ବଦଳି ହେବ ଏକଥା ମୁଁ କେବେ ଭାବି ନ ଥିଲି । ବେଶ୍ କିଛି ଟଙ୍କା ପଇସା ଖର୍ଚ୍ଚ କରି ବଦଳିକୁ ଥରେ ବନ୍ଦ କରାଇଲି । ପନ୍ଦରଦିନ ଯାଇଛି ନା ନାହିଁ ପୁଣି ନୂଆ ଆଦେଶ ବାତିଲ କରି ସେଇ ପୁନୁକୋଡ଼ାଇକୁ ବଦଳି ! ଭାବିଲି ଏଥର ତୋତେ ସିଧା ଦେଖା ନ କଲେ ଆଉ ହେବ ନାହିଁ । କାହିଁକି ମୋତେ ଏତେ ହଇରାଣ କରୁଛୁ କହିଲୁ ଦେଖି ?"

କଥାଟି ଶୁଣି ଶେଖରନ୍‌ଙ୍କର ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ । କୁଡୁଝେଲମ୍ ଜିଲ୍ଲାର ଏହି ବ୍ୟକ୍ତି ହିଁ ଡି.ଆଇ. ଶ୍ରୀ ଚେଟ୍ଟିୟାର ଯାହାକୁ ନେଇ ଶିକ୍ଷା ବିଭାଗରେ

Digitized by PPRACHIN, SOA

ଏତେ ଝଡ଼ ଉଠିଥିଲା । ସେହି ଚେର୍ଚ୍ଚିୟାର ତେବେ ତାଙ୍କର ନିଜ ବାଲ୍ୟବନ୍ଧୁ ? ଏହି ବଦଳିର ସମସ୍ତ ଇତିହାସ ଝଲଝଲ ଦିଶିଗଲା ତାଙ୍କ ଆଖିଆଗରେ । ତିରୁମଲ ଚେର୍ଚ୍ଚିୟାର କୁଡୁଝେଲମ୍ ଜିଲ୍ଲାରେ ଗଲା ଦଶବର୍ଷ ଧରି ଡି.ଆଇ.ଥିଲେ । ଏବେ ଡି.ପି.ଆଇ.ଙ୍କ ଠାରୁ ଏକ ଅତ୍ୟନ୍ତ ପ୍ରତିକୂଳ ରିପୋର୍ଟ ଆସିବାରୁ ତାଙ୍କୁ ପ୍ରଶାସନିକ କାରଣରୁ ବଦଳି କରାଯାଇଥିଲା । ପରେ ସ୍ଥାନୀୟ ରାଜନୀତିଜୀବି ନେତ୍ରୀ ଡି. ସୁଧାପିଲାଇ ଆସି ଏ ବଦଳି ରଦ୍ଦ କରାଇଥିଲେ । କିନ୍ତୁ ଡି.ପି.ଆଇ.ଙ୍କଠାରୁ ତିରୁମଲଙ୍କ ନାମରେ ଦଶଟିରୁ ଅଧିକ ନିର୍ଦ୍ଦିଷ୍ଟ ଅଭିଯୋଗ ଥାଇ ଆଉ ଏକ ପତ୍ର ଆସିଲା । ମୁଖ୍ୟମନ୍ତ୍ରୀଙ୍କ ଦପ୍ତରରୁ ମଧ୍ୟ ଚାପ ଆସିଲା ଯେ ଶ୍ରୀ ଚେର୍ଚ୍ଚିୟାର ଆଉ କୁଡୁଝେଲମ୍ ଜିଲ୍ଲାରେ ରହିପାରିବେ ନାହିଁ । ତେଣୁ ରଦ୍ଦ ହୋଇଥିବା ବଦଳି ଆଦେଶ ଆଉ ଥରେ କାର୍ଯ୍ୟକାରୀ ହେବ ବୋଲି ନିଷ୍ପତ୍ତି ନିଆଗଲା ।

ବିଜୟ ଶେଖରନ୍ କିଛି ସମୟ ରହିଯାଇ ଚିନ୍ତାକରି କହିଲେ ''କିନ୍ତୁ ତୋ ନାଁରେ ଯେ ଗୁରୁତର ଅଭିଯୋଗ ରହିଛି । ତା' ଛଡ଼ା ତୁ କୁଡୁଝେଲମ ଜିଲ୍ଲାରେ ଦଶବର୍ଷ ହେଲା ରହିଲୁଣି । ତେଣୁ ଏଥର ପୁନୁକୋଡ଼ାଇ ଜିଲ୍ଲାକୁ ବଦଳି ହେଲେ ତୋର କ୍ଷତି କ'ଣ ହବ ?

''ମୋର କ୍ଷତିଲାଭ କଥା ମୁଁ ବୁଝିବି । ତୁମର କ'ଣ ଲାଭ ହେବ ମୋତେ ପୁନୁକୋଡ଼ାର ଜିଲ୍ଲାକୁ ବଦଳି କରି ? ଯଦି ମୋ ନାଁରେ କିଛି ଅଭିଯୋଗ ଅଛି ତା'ର ତଦନ୍ତ ହେଉ । ତଦନ୍ତରେ ଦୋଷୀ ସାବ୍ୟସ୍ତ ହେଲେ ଦଣ୍ଡ ଦିଆଯାଉ । ଦଣ୍ଡଭୋଗ କରିବାକୁ ମୁଁ ପ୍ରସ୍ତୁତ ଅଛି । କିନ୍ତୁ କୁଡୁଝେଲମ ଜିଲ୍ଲାରୁ ମୋର ଏ ଅବେଳରେ ବଦଳି କାହିଁକି ? ମୋର ତ ପୁଣି ମାନସମ୍ମାନ ଅଛି ନା ନାହିଁ ? ବିଜୟ ଶେଖରନ୍ ପ୍ରଶ୍ନର ଉତ୍ତର ଦେଇ ଗମ୍ଭୀର ହୋଇଗଲେ ଚେର୍ଚ୍ଚିୟାର ।

''ଆଉ ମୋ ହାତରେ କିଛି ନାହିଁ । ମୁଖ୍ୟମନ୍ତ୍ରୀଙ୍କ ଦପ୍ତରରୁ କଡ଼ା ଚିଠି ଆସିଛି । ଡି.ପି.ଆଇ. ତୋ ନାମରେ ଗୁରୁତର ଅଭିଯୋଗ ପଠାଇଛନ୍ତି ଏବଂ ଲେଖିଛନ୍ତି ଯେ ଏସବୁ ଅଭିଯୋଗଗୁଡ଼ିକ ଅନୁସନ୍ଧାନ-ସାପେକ୍ଷ ନୁହେଁ । ତୁ କୁଆଡ଼େ ଏତେ ପ୍ରଭାବଶାଳୀ ଯେ ତୋ ବିରୁଦ୍ଧରେ ଅନୁସନ୍ଧାନରେ ସାକ୍ଷ୍ୟ ଦେବାକୁ କେହି ଆସିବେ ନାହିଁ । ତୁ ଏବେ ପୁନୁକୋଡ଼ାଇରେ ଯାଇ ଯୋଗ ଦେଇଥା । ଗୋଟିଏ ବର୍ଷ ପରେ ମୁଁ ନିଶ୍ଚୟ ତୋତେ କୁଡୁଝେଲମ୍ ନେଇ ଆସିବି ।''

ବିଜୟ ଶେଖରନ୍ଙ୍କର ଏଭଳି ପ୍ରତିଶ୍ରୁତିରେ ଭୁଲିଯିବା ଲୋକ ନୁହନ୍ତି ତିରୁମଲ ବାବୁ । ''ମୁଁ ପାଞ୍ଚଲକ୍ଷ ଯାଏ ଖର୍ଚ୍ଚ କରିବାକୁ ପ୍ରସ୍ତୁତ ଅଛି । ସେ ଡି.ପି.ଆଇ. କ'ଣ ମୋଠୁ ବଡ଼ ? ଏମ୍.ଏ.ରେ ପ୍ରଥମଶ୍ରେଣୀ ପାଇଲେ ବା ପିଏଚ୍.ଡି. କଲେ କ'ଣ ଜଣେ ଭଲ ପ୍ରଶାସକ ହୋଇଯାଇ ପାରିବ ? ମନେଅଛି ଗତ

Digitized by PPRACHIN, SOA

ନିର୍ବାଚନରେ କିଭଳି ମୋରି ଚେଷ୍ଟାରେ କୁଡୁଝେଲମରୁ ପୂର୍ବ ସରକାରର ମନ୍ତ୍ରୀ କେ. ଶିବାନନ୍ଦନ ଶାସ୍ତ୍ରୀ ପରାସ୍ତ ହୋଇଥିଲେ ? ତା ପୂର୍ବ ନିର୍ବାଚନରେ ତୁମ ଦଳର ଏସ୍. ରଙ୍ଗନାଥନ୍‌ଙ୍କୁ ମୁଁ ସେଠାରୁ ଜିତାଇ ନ ଥିଲି ? ସବୁ ସ୍କୁଲ ଶିକ୍ଷକଙ୍କୁ ଓ ପିଲାଙ୍କୁ ମୁଁ କାମରେ ଲଗାଇ ନଥିଲି ? ଡି.ପି.ଆଇ. କ'ଣ ନିର୍ବାଚନ ବେଳେ ସରକାରଙ୍କର ପିଠିରେ ପଡ଼ିବେ ? ସେତେବେଳେ ସରକାରଙ୍କର ମୋ କଥା ମନେପଡ଼ିଲାବେଳକୁ ମୁଁ ଯାଇ ପୁନୁକୋଡ଼ାଇରେ । ସେଥିପାଇଁ ତ ସୁଧା ପିଲାଇ ନିଜେ ଆସି ମୋ ବଦଳି ବନ୍ଦ କରିଥିଲେ ।''

ବିଜୟ ଶେଖରନ୍ କିଛି କୃତ୍ରିମ ରାଗ ଦେଖାଇ କହିଲେ, ''ତୁ କ'ଣ କହୁଛୁ ଏଇ କଥାକୁ ଗୋଟାଏ ଇସୁ କରି ମୁଁ ମୁଖ୍ୟମନ୍ତ୍ରୀଙ୍କ ସଙ୍ଗେ କଳି କରିବି ? କହିବି ମୋ ବାଲ୍ୟବନ୍ଧୁ କୁଡୁଝେଲମରେ ନ ରହିଲେ ମୋର ଶିକ୍ଷା ବିଭାଗରେ ଆଉ ଆବଶ୍ୟକତା ନାହିଁ ? ତୋତେ ମୁଁ କଥା ଦେଉଛି ଆସନ୍ତା ନିର୍ବାଚନର ଢେର ପୂର୍ବରୁ ତୋତେ ପୁଣି କୁଡୁ ଝେଲମ୍ ଆଣିବି । ମୁଁ ସୁଧା ପିଲାଇଙ୍କୁ ମଧ୍ୟ ଏ ବିଷୟରେ ପ୍ରତିଶ୍ରୁତି ଦେଇଛି । କିନ୍ତୁ ଗୋଟିଏ କଥା ପଚାରୁଛି, କହିବୁ ! ତୁ ଏତେ ପଇସା କେମିତି ରୋଜଗାର କରୁଛୁ ? ସତ କଥା କହ ।''

ତିରୁମଲ ଚେର୍ଟ୍ଟିୟାରଙ୍କ ମୁହଁରେ କିଛି ଲାଜ ଲାଜ ଭାବ ଫୁଟି ଉଠିଲା । ତଥାପି କହିଲେ– ''ମୋର ନିଜର ଗୋଟାଏ ସ୍ୱତନ୍ତ୍ର ସଂସ୍କୃତି ଅଛି । ସେଥିରେ ପଇସା ମନକୁ ମନ ଆସେ । ପ୍ରାଇମେରୀ ସ୍କୁଲ୍ ଶିକ୍ଷକମାନଙ୍କ ମଧ୍ୟରୁ ଶତକଡ଼ା ପଚାଶ ସ୍କୁଲକୁ ଆଦୌ ଯାଆନ୍ତି ନାହିଁ । ଯେଉଁମାନେ ମୂଳରୁ କେବେ ସ୍କୁଲକୁ ନ ଯାଇ କେବଳ ଦରମା ନିଅନ୍ତି ଏବଂ ସହରରେ ଫଳଦୋକାନ, ଲୁଗାଦୋକାନ, ବିଦେଶୀ ମଦଦୋକାନ ଓ ଇନ୍‌ସୁରାନ୍‌ସ କରି ଚଳନ୍ତି, ସେମାନେ ମାସକୁ ଚାରିଶହ ଟଙ୍କା ମୋତେ ନିୟମିତ ଦିଅନ୍ତି । ଯେଉଁମାନେ ମଝିରେ ମଝିରେ ତିନି ଚାରିମାସ ବିନା ଦରଖାସ୍ତରେ ଛୁଟିରେ ରୁହନ୍ତି ସେମାନେ ସେହି ସମୟ ପାଇଁ ମୋତେ ମାସକୁ ଦୁଇଶହ ଟଙ୍କା ହାର୍‌ରେ ଦିଅନ୍ତି । ଅନ୍ୟ ଶିକ୍ଷକମାନେ ନିଜର ଅର୍ଜିତ ଛୁଟି ମଞ୍ଜୁରୀ ପାଇଁ ଶହେଟଙ୍କା ମୋତେ ଦିଅନ୍ତି । ଯେଉଁଠି ବିନା ଘର, ବିନା ଛାତ୍ର ଓ ବିନା ଶିକ୍ଷକରେ ସ୍କୁଲ ଓ ମଧ୍ୟାହ୍ନ ଭୋଜନ ଚାଲେ ସେଠାରେ ମୁଁ ସଂପୃକ୍ତ ଶିକ୍ଷକଙ୍କଠାରୁ ମାସକୁ ପାଞ୍ଚଶହ ଟଙ୍କା ନେଇଥାଏ ।

''ତା'ଛଡ଼ା ବାର୍ଷିକ ବେତନବୃଦ୍ଧି ମଂଜୁରୀ ପାଇଁ ଦୁଇଶହ ଟଙ୍କା, ଦକ୍ଷତାବନ୍ଧ ଅତିକ୍ରମ ସୁପାରିସ୍ କରିବା ପାଇଁ ମୁଁ ପାଞ୍ଚଶହ ଟଙ୍କା ନିଏ । ଯେଉଁମାନେ ମୋତେ ପଇସାପତ୍ର ଦେବାରେ ଅବହେଳା କରନ୍ତି, ସେମାନଙ୍କ ନାଁରେ ମିଛ ଦରଖାସ୍ତ ଲେଖାଇ ପଠାଇ ଦିଏ ଏବଂ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ

Digitized by PPRACHIN, SOA

କରାଇଦିଏ । ଅନୁସନ୍ଧାନ ପରେ ସେମାନଙ୍କୁ ମୁକ୍ତ କରିବା ପାଇଁ ଏକହଜାରରୁ ଦୁଇହଜାର ପର୍ଯ୍ୟନ୍ତ ଟଙ୍କା ମୁଁ ପାଇଥାଏ । ପ୍ରତିବର୍ଷ ବଦଳି ଋତୁରେ ମୁଁ ଜିଲ୍ଲାର ଅର୍ଦ୍ଧେରୁ ଅଧିକ ଶିକ୍ଷକଙ୍କୁ ଜିଲ୍ଲାର ଏ ମୁଣ୍ଡରୁ ସେମୁଣ୍ଡଯାଏ ବଦଳି କରିଥାଏ । ସେଥିରୁ ଶତକଡ଼ା ପଞ୍ଚାନବେ ଭାଗ ପରେ ପଇସା ପାଇଲେ ବାତିଲ କରିଥାଏ । ଶିକ୍ଷକମାନଙ୍କର ପ୍ରଭିଡେଣ୍ଟ ଫଣ୍ଡରୁ ଟଙ୍କା ଉଠାଣ ମଞ୍ଜୁର କଲାବେଳେ ଶତକଡ଼ା ପାଞ୍ଚଭାଗ ମୋର ପ୍ରାପ୍ୟ ଥାଏ । ସପ୍ତମଶ୍ରେଣୀଯାଏ ପାଠପଢ଼ିଥିବା ସାର୍ଟିଫିକେଟ ଯାହା କି ସ୍କୁଲ ପ୍ରଧାନଶିକ୍ଷକମାନେ ଦେଉଛନ୍ତି, ତାକୁ ସନ୍ତକ କରିବାପାଇଁ ଏକହଜାର ଟଙ୍କା ନିଏ । ସବୁ କାମ ପାଇଁ ଦର ଧାର୍ଯ୍ୟ ହୋଇଛି । ତେଣୁ କାହାରି କିଛି ଅସୁବିଧା ହୁଏ ନାହିଁ । ନୂଆ ଜାଗାକୁ ଗଲେ ବର୍ଷେ ବି’ ବର୍ଷ ଲାଗିବ ସବୁ କଥା ବାଟକୁ ଆସିବା ପାଇଁ । ମୋ ପାଇଁ ମୋ ବାଲ୍ୟବନ୍ଧୁ ଅସୁବିଧାରେ ପଡ଼ୁ ବୋଲି ମୁଁ ଚାହେଁ ନାହିଁ । ତୋ ଭାବମୂର୍ତ୍ତି ନିର୍ମଳ ଥାଉ । ଦିନେ ତୁ ରାଜ୍ୟର ମୁଖ୍ୟମନ୍ତ୍ରୀ ହେବୁ । ତୋ’ପାଇଁ ଏଇ ଆଟାଚିରେ ଲକ୍ଷେ ଟଙ୍କା ଆଣିଛି, ରଖିଥା । ତୋ’ର ଭାରି ଅଭାବ ମୁଁ ଜାଣିଛି । ନିର୍ବାଚନ ବେଳେ କାମରେ ଲାଗିବ । ସେତେବେଳେ ମୋତେ କୁଡୁଝେଲମ ନେଇଆସିଲେ ଆଉ ଲକ୍ଷେ ଟଙ୍କା ଦେବି । ସେତେବେଳକୁ ଏଇ ଡି.ପି.ଆଇ.ଅବସର ନେଇଯାଇଥିବ । ଏବେ ମୋ ପାଇଁ ତୁ ଆଉ ମୁଖ୍ୟମନ୍ତ୍ରୀଙ୍କ ପାଖେ ନେହୁରା ହେବା ଦରକାର ନାହିଁ । ତୋ’ର ନିର୍ମଳ ମନ୍ତ୍ରୀ ଭାବେ ଯେଉଁ ଭାବମୂର୍ତ୍ତି ଅଛି ସେ ଠିକ୍ ଥାଉ । ମୋର ଏ ଟଙ୍କା ବଦଳରେ ଏବେ ଆଉ କିଛି ଆବଶ୍ୟକ ନାହିଁ ।’’

ଅନିଚ୍ଛା ସତ୍ତ୍ୱେ ବିଜୟ ଶେଖରନ୍ ଆଟାଚିଟି ରଖିଲେ । ଏତେ ଟଙ୍କା ନେଇ ମଧ୍ୟ ବାଲ୍ୟବନ୍ଧୁକୁ କିଛି ସାହାଯ୍ୟ ନ କରି ପାରିଥିବାରୁ କିଛି ସଂକୋଚ ଲାଗୁଥିଲା ତାଙ୍କୁ । କହିଲେ, ‘‘ତୋ ପାଇଁ ଏବେ ଆଉ କ’ଣ କରିପାରିବି କୁହ ।’’ ତିରୁମଲ ଚେଟ୍ଟିୟାର କହିଲେ– ‘‘ତୋ ହାତରେ ମୋର ଇଜ୍ଜତ । ଡି.ପି.ଆଇ. ଲେଖିଛି ରାମଚନ୍ଦ୍ରନ ନାୟାରକୁ ମୋ ଜାଗାରେ ଡି.ଆଇ. ହେବାକୁ । ନାୟାର କୁଆଡ଼େ ନିରୋଳା ସାଧୁ ଆଉ ଆମେସବୁ ହେଲୁ ଅସାଧୁ । ମୋର ଅନୁରୋଧ ହେଲା କୁଡୁଝେଲମ୍‌କୁ ଏନ୍. ବିନ୍ଦୁମାଧବନ୍‌କୁ ଡି.ଆଇ. କରି ପଠାଯାଉ । ରାମଚନ୍ଦ୍ରନ ନାୟାର ସେଠାକୁ ଗଲେ ମୋ ବିରୁଦ୍ଧରେ ପ୍ରମାଣ ପାଇବାକୁ ଖାଲି ନଥିପତ୍ର ଘାଣ୍ଟିବ । ତା’ର ନର୍ଦ୍ଦମା ଇନିସ୍‌ପେକ୍ଟର ପ୍ରକୃତି ଅଛି । ସେ ଭାବେ ଦୁନିଆରେ ତା’ଛଡ଼ା ସମସ୍ତେ ଦୁର୍ନୀତିଗ୍ରସ୍ତ ।’’

ବିଜୟ ଶେଖରନ୍ କହିଲେ, ‘‘ଏତ ନିହାତି ମାମୁଲି କଥା । ତେବେ ବିନ୍ଦୁମାଧବନ୍ ଯେ ତୋ ବିରୋଧରେ କିଛି ତଥ୍ୟ ଆବିଷ୍କାର ନ କରିବ ତା କେମିତି କହିହେବ ?’’

Digitized by PPRACHIN, SOA

ତିରୁମଲ ଚେଟ୍ଟିୟାର କହିଲେ– "ଚୋର କେବେ ଆଉ ଜଣେ ଚୋର ଘରେ ଚୋରି କରେ ନାହିଁ । ମୁଁ ହେଟାବାଘ ହେଲେ ବିନ୍ଦୁମାଧବନ୍ ମହାବଳ ବାଘ । ମୁଁ ଯେତିକି ଉପାୟରେ ଦି' ପଇସା ଆୟକରେ ତା'ଠାରୁ ଆଉ ଅନେକ ବେଶୀ ଉପାୟ ସେ ଜାଣେ । ଗତବର୍ଷ ସେ ଜିଲ୍ଲାର ପଚାଶଟି ମଧ୍ୟ ଇଂରାଜୀ ବିଦ୍ୟାଳୟର ଦୁଇଜଣ ଲେଖାଏଁ ଛାତ୍ରଠାରୁ ଦୁଇହଜାର ଲେଖାଏଁ ଟଙ୍କା ନେଇ ସେମାନଙ୍କୁ ଗୋଟିଏ ଅଲଗା ଘରେ ପରୀକ୍ଷା ଦେବାର ବନ୍ଦୋବସ୍ତ କରିଥିଲା । ପରୀକ୍ଷା କେନ୍ଦ୍ର ବାହାରେ ଏକ ପୃଥକ୍ ଗୃହରେ ବସି ସେମାନେ ସବୁଦିନ ଚାରି ପାଞ୍ଚ ଘଣ୍ଟା କାଳ ମନଇଚ୍ଛା ସମସ୍ତ ବହି ଆଉ ନୋଟ୍ ବହିରୁ କପି କରିପାରିଲେ ଏବଂ ସେମାନଙ୍କ ମଧ୍ୟରୁ ତିରିଶଜଣ ଛାତ୍ରବୃତ୍ତି ପାଇଲେ । ଏଭଳି ନିଆଁଗିଳା ସାହସ ମୋର ମଧ୍ୟ ନାହିଁ । ଡି.ପି.ଆଇ. ମୋତେ ବଦଳି କରିଦେଇ ଶିକ୍ଷାରୁ ଦୁର୍ନୀତି ଦୂର କରିଦେବ ବୋଲି ଆଜି ବାହାସ୍ଫୋଟ ମାରୁଛି । ବିନ୍ଦୁମାଧବନକୁ ସେ ଏବେ ସମ୍ଭାଳୁ ।" ବିଜୟଶେଖରନଙ୍କ ଠାରୁ ଏ ଦିଗରେ ପ୍ରତିଶ୍ରୁତି ପାଇ ତିରୁମଲ ଚେଟ୍ଟିୟାର କକ୍ଷରୁ ନିଷ୍କ୍ରାନ୍ତ ହେଲେ । ଏଭଳି ହେଟା ଓ ମହାବଳବାଘ ମାନଙ୍କୁ କିଭଳି ରାଜନୀତିର ଚେସ୍ ପାଲିରେ ଗୋଟି ରୂପେ ବ୍ୟବହାର କରି ନିର୍ବାଚନ-ବୈତରଣୀ ପାରି ହେବାକୁ ପଡ଼ିବ ଏ ଚିନ୍ତାରେ ବିଜୟ ଶେଖରନ୍ ରହିଲେ କିଛି ସମୟ ଚିନ୍ତାମଗ୍ନ ।

Digitized by PPRACHIN, SOA

ଡାକବଙ୍ଗଳା

ବୋଉ ଚିଠି ଦେଇଛି । ବାପାଙ୍କ ବର୍ଷିକିଆ ଆଉ ରହିଲା ମାସେ । ଲେଖିଛି ଦରମା ପାଇଲା ମାତ୍ରେ, ପାଞ୍ଚଶହ ଟଙ୍କା ପଠାଇବାକୁ । ସରୁ ଅରୁଆ ଚାଉଳ, ଗୁଆଘିଅ, ଆଉ କଳା ମୁଗଡ଼ାଲି ଆଗରୁ କିଣି ରଖିବାକୁ ହେବ । ବାପାଙ୍କର ଏଇ ତିନୋଟି ଥିଲା ଭାରି ପ୍ରିୟ । ପିଣ୍ଡରେ ଅର୍ପଣ କଲେ ଶାନ୍ତି ପାଇବ ତାଙ୍କ ଆତ୍ମା ।

ଦେହପା'ର ଯତ୍ନ ନେବାକୁ ବହୁତ ବୁଝାଇ ଲେଖିଛି ବୋଉ । ପାଗଳୀଟାଏ । ତା'ପାଇଁ ଅଞ୍ଜଳି ଏବେ ବି ଯେମିତି ପାଞ୍ଚବର୍ଷର ଶିଶୁ । ଏମ.ଏସ୍.ସି ପରେ ବି.ଇ.ଡ଼ି. ପାଶ୍ କରି ଅଞ୍ଜଳିର ଦୁଇବର୍ଷ ଶିକ୍ଷକତାର ଅନୁଭୂତି । ବୟସ ପଚିଶ ପୂରି ଚାଲିଛି ଛବିଶ । ହେଲେ ବୋଉ ପାଖରେ ଯେମିତି ସେ ଆଜିବି ପିଲାଟିଏ । ପ୍ରଥମ ଥର ପାଇଁ ଆସିଛି ଘର ଛାଡ଼ି ବାହାରକୁ । ଚିଠି ପଢ଼ି ଅଞ୍ଜଳିର ମନେହେଲା, ସତେ ଯେମିତି ବୋଉ ଆଉ ଏବେ ତାଙ୍କ ଗାଁରେ ନାହିଁ । ଅଞ୍ଜଳି କାନିରେ ବନ୍ଧା ହୋଇ ଏଇ ନୂଆ ବ୍ଲକ୍ ନଶିଳାବାଦ୍‌କୁ ଚାଲିଆସିଛି । ଆଉ ହରଦମ୍ ନିଘା ରଖିଛି ଝିଅର ଯେମିତି କିଛି ଅସୁବିଧା ନ ହୁଏ ।

ଚିଠିଟା ପଢ଼ି ପୁଣିଥରେ ଅଞ୍ଜଳିର ମନେପଡ଼ିଲା ବାପାଙ୍କ କଥା । ଘରର ବଡ଼ ଝିଅ ସେ । ବାପାଙ୍କର ଅତି ଅଲିଅଳୀ ସୁନାନାକୀ ଝିଅ, ଅତି ଗେଲବସର । ବାପା ପୋଲିସ ଡି.ଏସ୍.ପି. ଥିଲାବେଳେ ଅବସର ନେଇଥିଲେ, କିନ୍ତୁ ନିଜର ସଚ୍ଚୋଟତା ହେତୁ କିଛିହେଲେ ରଖିଯାଇ ନ ଥିଲେ । ହରିହର ନନ୍ଦ ପୋଲିସ୍ ଡି.ଏସ୍.ପି.ଙ୍କ ନାମ ଶୁଣିଲେ ଏବେ ବି ଲୋକଙ୍କର ହାତ ମୁଣ୍ଡଉପରକୁ ଉଠିଯାଏ । ବାପା ଥିଲେ ଖୁବ୍ ସ୍ନେହୀ, କିନ୍ତୁ ଥିଲେ କଠୋର ପାରିବାରିକ ଶୃଙ୍ଖଳାର ପ୍ରବର୍ତ୍ତକ ଓ ପରିପାଳକ । ପିଲାଙ୍କର ଚରିତ୍ର ଗଠନ ଦିଗରେ ଲକ୍ଷ୍ୟ ଥିଲା ତାଙ୍କର ସଦାସର୍ବଦା । ଆଧୁନିକତା ନାମରେ ଦେଇ ନ ଥିଲେ କୌଣସି ଅଶ୍ଳୀଳତାକୁ ତାଙ୍କ ପରିବାରରେ ପ୍ରବେଶ କରିବାକୁ ।

ଯେଉଁଦିନ ଅଞ୍ଜଳି କରାମତ ନଗରରୁ ଆସି ନଶିଳାବାଦ ବାଳିକା ମଧ୍ୟ ଇଂରାଜୀ ବିଦ୍ୟାଳୟରେ ଯୋଗ ଦେଇଥିଲା, ଠିକ୍ ତା'ପରଦିନ ନିଜର ଶେଷ ଦରମା ଉଠାଣର ପ୍ରମାଣପତ୍ର ଯାଇ ବ୍ଲକ ଅଫିସ୍‌ରେ ସ୍କୁଲ ସବ୍‌ଇନିସ୍‌ପେକ୍ଟରଙ୍କୁ ହାତରେ ଦେଇ ଆସିଥିଲା । କିନ୍ତୁ ପ୍ରଥମ ମାସପରେ ଦରମା ମିଳିଲାବେଳକୁ

Digitized by PPRACHIN, SOA

ଦେଖାଗଲା। ତାଲିକାରେ ତା'ର ନାଁ ନାହିଁ । ଅଞ୍ଜଳି ଦେଖାକଲା ବ୍ଲକଅଫିସ୍‌ରେ ସ୍କୁଲ ସବ୍‌ଇନିସ୍‌ପେକ୍ଟରଙ୍କୁ । ତାଙ୍କଠୁ ଜଣାଗଲାଯେ ଏଲ.ପି.ସି.ର ଟ୍ରେଜେରୀ କପି ଆସି ପହଁଚି ନାହିଁ । ତେଣୁ ହୋଇପାରିନାହିଁ ଅଞ୍ଜଳିର ଦରମା ଉଠାଣ । କରାମତ ନଗର ଛାଡ଼ିବା ପୂର୍ବରୁ ଅଞ୍ଜଳି ଦେଖିଥିଲା ସବୁ କାଗଜପତ୍ର କାମ ଟିକିନିଖି କରି । ଟ୍ରେଜେରି କପି ଯେ ନିଶ୍ଚୟ ପଠାଯାଇଛି ଏ ବିଷୟରେ କିଛି ସନ୍ଦେହ ନ ଥିଲା ତାର ।

ଦିନେ ଛୁଟି ନେଇ ଅଞ୍ଜଳି ଗଲା କରାମତ ନଗର ଟ୍ରେଜେରି ଅଫିସ୍‌କୁ । ସେଠାରେ ବୁଝିଲାରୁ ଜଣାଗଲା ଯେ ଏଲ୍.ପି.ସି.ର ଟ୍ରେଜେରି କପି ପଠାଯାଇଛି ଠିକ୍ ସମୟରେ । ନଶିଲାବାଦ ବ୍ଲକ୍ ଅଫିସ୍‌ରୁ ଶିକ୍ଷକମାନଙ୍କର ଯେଉଁ ଦରମା ବିଲ୍ ଆସିଥିଲା ସେଥିରେ ଅଞ୍ଜଳିର ନାମ ହିଁ ନ ଥିଲା । ଅଞ୍ଜଳିର ରହିଲା ନାହିଁ ବିରକ୍ତି ଓ ଆଶ୍ଚର୍ଯ୍ୟର ସୀମା । ନଶିଲାବାଦ ଟ୍ରେଜେରିରୁ ମଧ୍ୟ ଅଞ୍ଜଳି ବୁଝିଲା ଯେ ଏଲ.ପି.ସି. ଠିକ୍ ସମୟରେ ପହଞ୍ଚିଛି । ନିଜେ ବିଲ୍ ତିଆରି ନ କରି ଟ୍ରେଜେରି ନାଁରେ ଦୋଷ ଦେଇଦେବାକୁ ନଶିଲାବାଦ ବ୍ଲକ ଅଫିସ ବିଳମ୍ବ କଲା ନାହିଁ ସାମାନ୍ୟ ମାତ୍ର ।

ଘରେ ଟଙ୍କା ନିହାତି ଦରକାର । ବାପାଙ୍କ ଦେହାନ୍ତପରେ ଯେଉଁ ପାରିବାରିକ ପେନସନ୍ ମିଳିବା କଥା ତାହା ଏ ପର୍ଯ୍ୟନ୍ତ ମିଳିନାହିଁ । ବୋଉ ଓ ଅଞ୍ଜଳି ଦଶମାସ ହେଲା ବାରଦ୍ୱାର ଶୁଣ୍ଡିପିଣ୍ଡା ହେଲେ ମଧ୍ୟ ଲାଭ ହୋଇନାହିଁ କିଛି । ତେଣୁ ଅଞ୍ଜଳିର ଦରମାହିଁ ଏବେ ପରିବାରଟିର ଏକମାତ୍ର ଆୟ । ଅଞ୍ଜଳି ତଳେ ଆଉ ଦୁଇଟି ଭାଇ ଓ ଭଉଣୀ । ଦୁହିଁଙ୍କର ପାଠପଢ଼ା ସରିନାହିଁ । ତେଣୁ ପୁଣି ଅଣ୍ଟା ଭିଡ଼ିଲା ଅଞ୍ଜଳି ।

ନଶିଲାବାଦ ବି.ଡ଼ି.ଓ. ମହେଶ୍ୱର ଛୋଟରାୟ ସବୁ ଶୁଣିଲେ । କହିଲେ "ମୁଁ ଏଥିରେ କ'ଣ କରିବି ? ତୁମ ସବ୍-ଇନିସ୍‌ପେକ୍ଟର ତ ବିଲ୍ କଲେ ନାହିଁ । ସେ କାହିଁକି ବିଲ୍ ତିଆରି କଲେ ନାହିଁ, ସେ କହିବେ ।"

ଅଞ୍ଜଳି ଦବିଯିବାର ଝିଅ ନଥିଲା । ସେ କହିଲା, "କିନ୍ତୁ ସାର୍, ଆପଣଙ୍କ ଅଫିସ୍‌ର ବିଲ୍‌କ୍ଲର୍କ ତ ବିଲ୍ ତିଆରି କଲେ ଓ ହେଡ଼କ୍ଲର୍କ ତାଙ୍କୁ ଯାଞ୍ଚ୍ କଲେ । ସେମାନେ ଯେତେବେଳେ ଛାଡ଼ି ଯାଇଛନ୍ତି ମୋ ନାଁ, ଆପଣଙ୍କ କର୍ତ୍ତବ୍ୟ ଯେ ଆପଣ ସେମାନଙ୍କୁ ଡାକି ପଚାରିବେ ।" ଛୋଟରାୟ ବାବୁ ଏଥର ହେଡ୍‌କ୍ଲର୍କଙ୍କୁ ଡକାଇଲେ ।

ହେଡ଼କ୍ଲର୍କ ରାଧାରମଣ ସାହୁ ନିଜର ପାଚିଲା ଦାଢ଼ିରେ ହାତ ବୁଲାଇ ବୁଲାଇ ପହଞ୍ଚିଲେ । ମହେଶ୍ୱର ବାବୁ ଏକ କୃତ୍ରିମ ରାଗ ମୁହଁରେ ଫୁଟାଇ କହିଲେ – "କ'ଣ ସାହୁବାବୁ, ଅଞ୍ଜଳି ମାଡ଼ାମଙ୍କ ଦରମା କାହିଁକି ମିଳିଲା ନାହିଁ ?"

Digitized by PPRACHIN, SOA

“ସାର୍ ତାଙ୍କର ଏଲ.ପି.ସି.ର ଟ୍ରେଜେରୀ କପି ଆସି ନ ଥିଲା” ଉତ୍ତର ଦେଲେ ସାହୁବାବୁ ବିନାଦ୍ୱିଧାରେ । ଅଞ୍ଜଳିର ରାଗ ଉଠିଯାଇଥିଲା ପଞ୍ଚମକୁ । ତାକୁ ସମ୍ଭାଳି ନେଇ କହିଲା, “ସାର୍ ମୁଁ କାଲି ଛୁଟିନେଇ କରାମତ ନଗର ଟ୍ରେଜେରି ଯାଇ ବୁଝିଆସିଛି । ସେମାନେ ଠିକ୍ ସମୟରେ ଟ୍ରେଜେରି କପି ପଠାଇଛନ୍ତି ଏବଂ ନଶିଲାବାଦ ଟ୍ରେଜେରିରେ ମଧ ମୁଁ ନିଜେ ଯାଇ ବୁଝିଛି । ଟ୍ରେଜେରି କପି ଏଠାକୁ ଆସିଛି । ବଡ଼ବାବୁ ଆଦୌ ସତ କଥା କହୁନାହାନ୍ତି” ।

ମହେଶ୍ୱର ଛୋଟରାୟ ଆଉ କିଛି କହିବା ପୂର୍ବରୁ ରାଧାରମଣ ବାବୁ ତାଙ୍କ ପାଖକୁ ଯାଇ କାନରେ କ’ଣ କହିଲେ ଫୁସ୍ ଫୁସ୍ କରି । ମହେଶ୍ୱରବାବୁ ନିଜର ମୁଖମଣ୍ଡଳର ହାବଭାବକୁ ହଠାତ୍ ସଜାଡ଼ି ନେଇ କହିଲେ, “ଆପଣ, ଚାକିରିରେ ଯୋଗଦେଇ ନିଜ ସ୍କୁଲର ମ୍ୟାନେଜିଂ କମିଟି ସଭାପତିଙ୍କୁ ଦେଖା କରି ନାହାନ୍ତି ?” ଅଞ୍ଜଳି ଆଶ୍ଚର୍ଯ୍ୟ ହେଲା । ସରକାରୀ ବାଳିକା ମଧ ଇଂରାଜୀ ବିଦ୍ୟାଳୟରେ ମ୍ୟାନେଜିଂ କମିଟି ପୁଣି କ’ଣ ଏବଂ ତାର ସଭାପତିଙ୍କୁ ଦେଖାକରିବା କାହିଁକି ଜରୁରି ? ସେଭଳି ଦେଖା କରିବା ନ କରିବା ସଙ୍ଗେ ଦରମାର କ’ଣ ସଂପର୍କ ଅଛି ସେ କିଛି ବୁଝିପାରୁ ନ ଥିଲା ।

ତା’ର ଆଶ୍ଚର୍ଯ୍ୟ ଭାବକୁ ଲକ୍ଷ୍ୟ କରି ମହେଶ୍ୱର ଛୋଟରାୟ କହିଲେ— “ଆପଣ ବ୍ରଜମୋହନ ରଥଙ୍କୁ ଜାଣି ନାହାନ୍ତି । ସେ ଆପଣଙ୍କ ସ୍କୁଲର ମ୍ୟାନେଜିଂ କମିଟି ସଭାପତି, ଏଠାରେ ଜନପ୍ରିୟ ନେତା ରାମଶଙ୍କର ଷଡ଼ଙ୍ଗୀଙ୍କ ଭଣଜା । ସେ ମନାକରିଥିଲେ ଆପଣଙ୍କ ବିଲ୍ ତିଆରି କରିବା ପାଇଁ । ମ୍ୟାନେଜିଂ କମିଟି ଆପଣଙ୍କ ସ୍କୁଲରେ ଯୋଗଦାନ କରିବାଟା ମଞ୍ଜୁର ନ କଲେ ଆପଣ ଦରମା ପାଇବେ କିପରି ? ସୁବିଧା କରି ରଥବାବୁଙ୍କୁ ଦେଖା କରନ୍ତୁ । ସବୁ ଠିକ୍ ହୋଇଯିବ ।”

ଅଞ୍ଜଳି ବ୍ଲକଅଫିସ୍‌ରୁ ଫେରି ସ୍କୁଲରେ ପହଞ୍ଚିଲା । ଅନ୍ୟାନ୍ୟ ଶିକ୍ଷୟିତ୍ରୀଙ୍କଠାରୁ ସେ ବ୍ରଜମୋହନବାବୁଙ୍କ ଅଫିସ ଓ ଠିକଣା ବିଷୟରେ କିଛି ଜାଣିବାକୁ ଚେଷ୍ଟା କଲା । ଶିକ୍ଷୟିତ୍ରୀମାନଙ୍କ କମନ୍‌ରୁମ୍‌ରେ ଭୂଗୋଳ ଶିକ୍ଷୟିତ୍ରୀ ତନ୍ମୟୀ ମଙ୍ଗରାଜ ପ୍ରଥମେ କହିଲେ । “ଆଲୋ ବ୍ରଜଭାଇଙ୍କୁ ଏଯାଏ ଜାଣିନୁ ? ଆଉ ଜାଣିବୁ ବା କେମିତି ? ମୁଁ ଅଲକ୍ଷଣୀ ସିନା ତତେ କହିଥିଲେ ଜାଣିଥା’ନ୍ତୁ । ସେ ପରା ଆମ ମ୍ୟାନେଜିଂ କମିଟିର ଚେୟାରମ୍ୟାନ । ସ୍କୁଲ କଥା ସବୁ ବୁଝନ୍ତି । ତାଙ୍କ ବାପା ଚନ୍ଦ୍ରମୋହନ ରଥ ତ ଏଇ ବାଳିକା ସ୍କୁଲ ନିଜହାତରେ ତିଆରି କରିଥିଲେ । ଏବେ ସିନା ଦଶବର୍ଷ ହେଲା ସରକାର ସ୍କୁଲ ହାତକୁ ନେଇଛି, କିନ୍ତୁ ମ୍ୟାନେଜିଂ କମିଟି ହିଁ ସ୍କୁଲର ଭଲମନ୍ଦ ସବୁ ବୁଝେ । ରାମଶଙ୍କର ଷଡ଼ଙ୍ଗୀ

Digitized by PPRACHIN, SOA

ସିନା ନାଁକୁ ନଶିଳାବାଦର ନେତା, କିନ୍ତୁ ସେ ବ୍ରଜଭାଇଙ୍କ କଥାରେ ଉଠବସ ହୁଏ ।'' ଏଠି ସବୁକଥା ବ୍ରଜଭାଇଙ୍କ ଆଦେଶରେ ଚାଲେ ।''

ଅଞ୍ଜଳି କହିଲା ''ତମେ ତ ମଙ୍ଗରାଜ, ଆଉ ବ୍ରଜବାବୁ ତ ହେଲେ ରଥ, ସେ ତମର ଭାଇ କେମିତି ହେଲେ ?'' 'ତନ୍ମୟୀ ମା' କହିଲା, ''ଆଲୋ ହୁଣ୍ଡୀ, ସମସ୍ତେ କ'ଣ ଖାଲି ଏକା ବୋପା ମା'ଠୁ ଜନମ ହେଲେ ଭାଇଭଉଣୀ ? ବ୍ରଜଭାଇ ପରା ମୋ ବଡ଼ଭାଇର ବୁଜୁମ୍ ସାଙ୍ଗ । ଆଲୋ ସାଙ୍ଗ କ'ଣ ? କେଉଁ ଏକା ମା'ପେଟର ଭାଇ ବି ଏତେ ଆପଣାର ହେବ ନାହିଁ ।''

ଅଞ୍ଜଳି ମନରେ ଆଶାର ସଂଚାର ହେଲା । ''ତମେ ମୋତେ ବ୍ରଜଭାଇଙ୍କ ସଙ୍ଗେ ଟିକିଏ ଦେଖାକରେଇ ଦିଅ । ମୋ ଦରମାଟା ଅଟକି ଯାଇଛି । ବାପାଙ୍କ ବର୍ଷିକିଆ ଆଉ ମାସେ ରହିଲା ।'' ତନ୍ମୟୀ କହିଲା– ''ଏଇକଥା ? ଆଜି ସ୍କୁଲ ସରିଲେ ଚାଲ । ତାଙ୍କ ଘରକୁ ଯିବା'' କ୍ଲାସ ସରିବା ଘଣ୍ଟା ବାଜିଲା । ତନ୍ମୟୀ ମାଡାମ୍ କ୍ଲାସ୍ ନେବାକୁ ଚାଲିଗଲେ ।

ବିଜ୍ଞାନ ଶିକ୍ଷୟିତ୍ରୀ ଚାରୁଲତା ନନ୍ଦ ଅଞ୍ଜଳି ପାଖକୁ ଆସି ଲାଗିବସିଲେ । ଏଇ ଦଶବାରଦିନ ହେଲା ତାଙ୍କ ସଙ୍ଗେ ଚିହ୍ନା ପରିଚୟ ଅଞ୍ଜଳିର । ଅଞ୍ଜଳି ନମସ୍କାର କଲା । ''ଆଲୋ ସେ ତନ୍ମୟୀ ତୋତେ କ'ଣ କହୁଥିଲା ? ସେଇଟା ସାଙ୍ଗେ ଜମା ବେଶୀ ମିଶିବୁନି । ଖରାପ ରାସ୍ତାରେ ନେଇଯିବ ।'' ଅଞ୍ଜଳି ଅନୁନୟ ହୋଇ କହିଲା– ''ଚାରୁଅପା, ମୋତେ କୁହନା କ'ଣ ଜାଣିଛ । ମୁଁ ତ ନୂଆଲୋକ । ଏଠି କ'ଣ ବ୍ରଜମୋହନବାବୁଙ୍କୁ ଦେଖା ନ କଲେ ସତରେ ଦରମା ମିଳେ ନାହିଁ ?''

ଶ୍ରୀମତୀ ନନ୍ଦ ଚୁପ୍ ଚୁପ୍ ପାଟିରେ କହିଲେ, ''ଆଲୋ, କଥାଟା ସତ ଯେ, ସାବଧାନରେ ଯିବୁ । ତା' ଅଫିସକୁ ଯିବୁ ଘରକୁ ଜମାରୁ ନୁହେଁ । ଆଉ ସେ ତନ୍ମୟୀ ସାଙ୍ଗରେ କେବେ ନୁହେଁ ।''

ଅଞ୍ଜଳି ସେଦିନ ସ୍କୁଲପରେ ମୁଣ୍ଡବ୍ୟଥାର ବାହାନା କରି ଘରକୁ ଚାଲିଗଲା । ସ୍କୁଲ ପରେ ବ୍ରଜଭାଇ ଘରକୁ ଯାଇପାରିବ ନାହିଁ ବୋଲି ତନ୍ମୟୀ ପାଖକୁ ଖବର ପଠାଇଦେଲା ।

ତା'ପରଦିନ ଦୁଇ ପିରିଅଡ଼ କ୍ଲାସ ନ ଥିଲାବେଳେ ଅଞ୍ଜଳି ଏକା ଗଲା ବ୍ରଜମୋହନ ରଥଙ୍କୁ ଦେଖା କରିବାପାଇଁ । ନଶିଳାବଦ ସମାଜ ମଙ୍ଗଳ ସମିତି କାର୍ଯ୍ୟାଳୟର ସଭାପତି ଥିଲେ ବ୍ରଜମୋହନ ରଥ । ଗୋଟିଏ ଚିଟ୍‌ରେ ନିଜ ନାମ ଲେଖି ପଠାଇଲା ଭିତରକୁ ଅଞ୍ଜଳି । ପ୍ରତୀକ୍ଷା ପ୍ରକୋଷ୍ଠରେ ସେ ଆଉ

Digitized by PPRACHIN, SOA

ଦୁଇଜଣ ମହିଳାଙ୍କୁ ପ୍ରତୀକ୍ଷା କରିଥିବାର ଦେଖିଲା । ପରିଚୟ ଆଦାନ ପ୍ରଦାନରୁ ଅଞ୍ଜଳି ଜାଣିଲା ସେମାନଙ୍କର ସମସ୍ୟା । ଜଣେ ଥିଲେ କେ. ପଦ୍ମାବତୀ, ତାଲିମପ୍ରାପ୍ତ ନର୍ସ । ବୟସ ଆନୁମାନିକ ଚବିଶ ପଚିଶ ହେବ । ତିନିମାସ ହେଲା ନଶିଲାବାଦ ପ୍ରାଥମିକ ଚିକିତ୍ସା କେନ୍ଦ୍ରକୁ ବଦଳି ହୋଇ ଆସିଛନ୍ତି । ଦରମା ପାଇନାହାନ୍ତି । ସବ୍‌ଡ଼ିଭିଜନାଲ ମେଡ଼ିକାଲ ଅଫିସରଙ୍କ ଦପ୍ତରରୁ ଶୁଣିଛନ୍ତି ଯେ ବ୍ରଜମୋହନବାବୁଙ୍କୁ ଦେଖାକଲେ ଦରମା ବିଲ୍ ତିଆରି ହେବ । ଆର ଜଣକ ମିନତି ମହାନ୍ତି । ବୟସ ଅଠର ଉଣେଇଶ ବର୍ଷ ହେବ । ରଇସପାଟଣା ଗ୍ରାମ ପଞ୍ଚାୟତର ରାଜପୁରା ଗ୍ରାମର ଅଙ୍ଗନବାଡ଼ି କର୍ମୀ । ଚାକିରିରେ ଯୋଗ ଦେବାର ହେଲା ପାଞ୍ଚ ମାସ । ଦରମା ମିଳି ନାହିଁ । ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟକ୍ରମର ସଂଚାଳିକା ଖବର ପଠାଇଛନ୍ତି ରାଜପୁରା ଗ୍ରାମରେ ପୁଷ୍ଟିକର ଖାଦ୍ୟ କାର୍ଯ୍ୟକ୍ରମରେ ଅନେକ ଅନିୟମିତତା ଦେଖାଦେଇଛି । ଅଭିଯୋଗ କରିଛନ୍ତି ନିଜେ ବ୍ରଜମୋହନ ରଥ, ଏଠାର ଅବିସମ୍ବାଦିତ ନେତା ରାମଶଙ୍କର ଷଡ଼ଙ୍ଗୀଙ୍କ ପ୍ରତିନିଧି । ବ୍ରଜ ରଥଙ୍କୁ ଦେଖାକରି ସବୁ ବୁଝାଇ ଦେଲେ ସେ ଦରମା ଦେବା ପାଇଁ ଅନୁମତି ଦେବେ ।''

ପଛରେ ଚିଠା ଯାଇଥିଲେବି ଆଗ ଡାକରା ଆସିଲା ଅଞ୍ଜଳିକୁ । ଅଞ୍ଜଳି ସଂଭ୍ରମରେ ରଥବାବୁଙ୍କ ପ୍ରକୋଷ୍ଠରେ ପ୍ରବେଶ କରି ତାଙ୍କୁ ନମସ୍କାର କଲା । ଆଉ ତିନିଜଣ ଲୋକ ବସିଥିଲେ 'ରଥବାବୁଙ୍କ ସାମନାରେ, ସମସ୍ତେ ବୁଲି ଅନାଇଲେ ଅଞ୍ଜଳିକୁ । ଅଞ୍ଜଳିକୁ ବେଶ୍ କେମିତି ଅଖାଡୁଆ ଲାଗିଲା । ଲୋକଗୁଡ଼ିକଙ୍କର ପ୍ରକୃତି କେମିତି ଡାହାଣିଆ ଲାଗିଲା । ରଥବାବୁ ସହାସ୍ୟ ପ୍ରତି ନମସ୍କାର ଜଣାଇଲେ । ''ଦେଖନ୍ତୁ ଅଞ୍ଜଳି ମାଡ଼ାମ୍ । ମୁଁ ଆଜି ବହୁତ ବ୍ୟସ୍ତ ଅଛି । କଥା ଶୁଣିବାକୁ ବି ସମୟ ନାହିଁ । ମୁଁ ଦୁଃଖିତ । ମୁଁ ଏବେ ରାଜଧାନୀ ବାହାରିଲି । ପଅରଦିନ ସନ୍ଧ୍ୟାରେ ଫେରି ଆସିବି । ଆପଣ ପଅରଦିନ ସନ୍ଧ୍ୟାବେଳେ ରେଭିନିଉ ଡାକବଙ୍ଗଳାକୁ ଆସନ୍ତୁ । ସେଦିନ ହାତରେ ମୋର ଦି'ଘଣ୍ଟା ସମୟ ଅଛି । ଆପଣଙ୍କ ସବୁ କାଗଜପତ୍ର ସାଙ୍ଗରେ ନେଇ ଆସିଥିବେ । ମୁଁ ସେଇଠି ଦେଖିବି ।'' ତା'ପରେ ବ୍ରଜମୋହନବାବୁ ମୁହଁ ତଳକୁ କରି ଅନ୍ୟ କାଗଜ ଦେଖିବାରେ ଲାଗିଲେ । ଅଞ୍ଜଳି ଆଉ କିଛି କହିବା ପୂର୍ବରୁ ସମାଜ ମଙ୍ଗଳ ସମିତିର ମହିଳା ପିଅନ ତାଙ୍କୁ କବାଟ ଆଡ଼କୁ ଯିବାକୁ ହାତ ଦେଖାଇ ଦେଲା ।

ସେଦିନ ରାଜଧାନୀରୁ ଦୁଇଘଣ୍ଟା ଆଗରୁ ଫେରିଆସିଲେ ବ୍ରଜମୋହନ ରଥ । ଘରେ ବିସ୍ତାର ଭାବେ ସ୍ନାନ ପ୍ରକରଣ ସାରି ନିଜ ଚେହେରାକୁ ସଜାଡ଼ିନେଲେ । ବାଳରେ ଓ ନିଶରେ ଦେଲେ କଳାରଙ୍ଗ । କିଛି ବ୍ରୁଟ୍ ଅତରର ସ୍ପ୍ରେ କାଖରେ ଓ ଦେହରେ ପ୍ରୟୋଗ କଲେ । ମଟରସାଇକେଲଟା ଧରି ରେଭିନିଉ ଡାକବଙ୍ଗଳା ଆଡ଼େ

Digitized by PPRACHIN, SOA

ବାହାରିଗଲେ । ଆଜି ବାଳିକା ଏମ୍.ଇ.ସ୍କୁଲ ମାଷ୍ଟ୍ରାଣୀ ଅଞ୍ଜଳି ନନ୍ଦର ଅଭିଯୋଗର ଶୁଣାଣି । ସହରଠାରୁ ଏକ କିଲୋମିଟର ଦୂରରେ ନିର୍ଜନ ଜାଗାରେ ପାହାଡ଼ ତଳେ ରେଭିନିଉ ଡାକବଙ୍ଗଳା । ସନ୍ଧ୍ୟା ପରେ ପ୍ରାୟ କାହାରି ଯିବା ଆସିବା ନଥାଏ ସେଠାକୁ । ମଟରସାଇକେଲକୁ ଷ୍ଟାଣ୍ଡ ଲଗାଇ ଡାକବଙ୍ଗଳାର ବାରଣ୍ଡାରେ ପଡ଼ିଥିବା ଚଉକି ଆଡ଼େ ସେ ଦେଖିଲେ । କାହିଁ ଅଞ୍ଜଳି ମାଡ଼ାମ୍ ତ ଦେଖାଯାଉନାହିଁ । ଭାବିଲେ ସେ ବୋଧେ ଆଉ ଟିକିଏ ଅନ୍ଧାର ହେଲେ ଆସିବ । ପକେଟ୍‌ରେ ହାତମାରି ଦେଖିଲେ । ଛୋଟ ହୁଇସ୍କି ବୋତଲଟା ଭୁଲିଯାଇ ନାହାନ୍ତି ।

ବଙ୍ଗଳା ଚଉକିଦାର ହାଡୁ ବଗର୍ଗି ଆସି ଦଣ୍ଡବତ ହେଲା । ବାରଣ୍ଡା ଉପରକୁ ଉଠୁ ଉଠୁ ରଥବାବୁ ପଚାରିଲେ, "କିରେ ହାଡୁ, ଆଜି କ'ଣ ଏ ଯାଏ କେହି ଆସିନାହାନ୍ତି ?" ହାତଯୋଡ଼ି ହାଡୁ ଅଳ୍ପପାଟିରେ କହିଲା, "ସାର୍ ଆପଣ ଡାକିବେ, ଆଉ କୋଉ ଶାଳୀର ସାହସ ଅଛି ନ ଆସିବ ? ସେ ଆସି ବାରଣ୍ଡାରେ ବସିଥିଲା । ମୁଁ ତାକୁ କହିଲି, ସାର ଆସୁଥିବେ, ତମେ ବାରଣ୍ଡାଟାରେ କାହିଁକି ବସିବ ? ଭିତରକୁ ଆସ । ତାକୁ ସୁଟ୍ ନମ୍ବର ଉଆନ୍‌ରେ ବସାଇଛି । କିଛି ଚା' ବିସ୍କୁଟ ମଧ ଦେଇଛି ଆଜ୍ଞା । ତା'ର ଡରଭୟ କିଛି ନାହିଁ ଆଜ୍ଞା ।"

ବ୍ରଜମୋହନ ବାବୁ କୃତ୍ରିମ ରାଗ ଦେଖାଇ କହିଲେ, "କ'ଣ ଗୁଡ଼ାଏ ବକି ଯାଉଛୁରେ ? ସେ ପରା ଏଠାର ବାଳିକା ସ୍କୁଲର ମାଷ୍ଟ୍ରାଣୀ" । ମଟରସାଇକେଲଟା ନେଇ ବଙ୍ଗଳା ପଛପଟେ ତୋ ଘରେ ରଖିଦେ । ପକେଟରୁ କାଢ଼ି ଗୋଟିଏ ଶହେଟଙ୍କା ନୋଟ ହାଡୁ ହାତରେ ଧରାଇଦେଲେ ବ୍ରଜମୋହନ । ଅଞ୍ଜଳି ଯଦି ନିଜ ମନକୁ ଯାଇ ସୁଟ୍ ନମ୍ବର ଉଆନ୍‌ରେ ଅପେକ୍ଷା କରିଛି ତେବେ ଆଉ ଗୌରଚନ୍ଦ୍ରିକାର ଆବଶ୍ୟକତା କ'ଣ ? ସୁଟ୍ ଭିତରକୁ ଯାଇ ବ୍ରଜମୋହନ କବାଟଟିକୁ ଭିତରୁ ଦେଇଦେଲେ । ଖଟଉପରେ କବାଟକୁ ପଛକରି ମୁଣ୍ଡରେ ଓଢ଼ଣା ଦେଇ ବସିଛି ଅଞ୍ଜଳି । ଏହାଦେଖି ବ୍ରଜମୋହନ ରଥଙ୍କର ମନେପଡ଼ିଲା ପଚିଶବର୍ଷ ତଳର ନିଜର ଚଉଠି ରାତିର ମଧୁଶଯ୍ୟା । ପ୍ରେମନିଶାରେ ମସଗୁଲ ହୋଇ ସେ ଆଉ ଅନୁଭବ କଲେ ନାହିଁ ହୁଇସ୍କିର ଆବଶ୍ୟକତା । ଖଟ ଉପରେ ଯାଇ ଅଳ୍ପ ଛାଡ଼ି ବସିଲେ । "ଏତେ ଲାଜ କ'ଣ କରୁଛ ଅଞ୍ଜଳି । ନଶିଲାବାଦରେ ଥିଲାଯାଏ ତମର ଆଉ କିଛି ଅସୁବିଧା ହେବନାହିଁ । ପାଖକୁ ଲାଗି ଆସ । ଓଢ଼ଣାଟା ଏଥର ଖୋଲୁନ ?" ଓଢ଼ଣା ଭିତରୁ ଉତ୍ତର ଆସିଲା "ସବୁ କ'ଣ ମତେ କରିବାକୁ ପଡ଼ିବ, ରଥବାବୁ ?"

ବ୍ରଜମୋହନବାବୁଙ୍କ ଉତ୍କଣ୍ଠା ଓ ଉତ୍ତେଜନା ଆହୁରି ବଢ଼ିଗଲା । ସେ ଆଉଟିକିଏ ପାଖକୁ ଲାଗିଆସି ଦୁଇ ହାତରେ ବୋହୂଟିର ଓଢ଼ଣାଟି ଟେକିଦେଲେ । ଏ

Digitized by PPRACHIN, SOA

କ'ଣ ଦେଖୁଛନ୍ତି ବ୍ରଜମୋହନବାବୁ ? ଏ ଯେ ମାଷ୍ଟ୍ରାଣୀ ଅଞ୍ଜଳି ନନ୍ଦ ନୁହେଁ । ଫୈସଲାବାଦ ନିର୍ବାଚନମଣ୍ଡଳୀର ବିଧାୟିକା ଜାହାନାରା ବେଗମ୍ । ଭୟରେ ବ୍ରଜମୋହନବାବୁ ଥରିବାକୁ ଲାଗିଲେ । ଗମ୍‌ଗମ୍ ଝାଳ ବୋହିଗଲା ତାଙ୍କ ମୁହଁରୁ ।

ଜାହାନାରା ବେଗମ ଉଠି ଛିଡ଼ାହେଲେ – "କ'ଣ ରଥବାବୁ ? ଏଭଳି ବଗଡ଼ାପତ୍ର ଭଳି ଥରୁଛ କାହିଁକି ? ତୁମର ପୌରୁଷ କୁଆଡ଼େ ଗଲା ? ନଶିଲାବାଦ ବ୍ଲକ୍‌କୁ କ'ଣ ନିଜର ହାରେମ୍ ବନେଇଛ । ଏଠାକାର ସବୁ ଅଫିସ୍ ଉପରେ ତୁମର ହାକିମାତି ଚାଲିଛି ନା ? ଯେଉଁ ମହିଳା କର୍ମଚାରୀ ଆସି ତୁମ ବ୍ଲକ୍‌ରେ ଯୋଗଦେଉଛି, ତୁମେ ତା'ଦରମା ବନ୍ଦ କରୁଛ । ଆଉ ତା'ପରେ ଏଇ ଲୀଳା ଲଗାଇଛ । ତମ କୁଳିନେତା ରାମଶଙ୍କର ଷଡ଼ଙ୍ଗୀ ତୁମ କଥାରେ ବସ୍‌ଉଠ୍ ହେଉଛି ତ, ତେଣୁ ନିର୍ଭୟରେ ତମର ଏଠି ରାସଲୀଳା ଲାଗିଛି ! କ୍ଷମତାର ଅପବ୍ୟବହାର କରି ବିନାଖର୍ଚ୍ଚରେ ବିନାଭୟରେ ନାରୀଧର୍ଷଣର କି ମହାନ ପରମ୍ପରା ସୃଷ୍ଟି କରିଛ ସତେ ନଶିଲାବାଦ ବ୍ଲକରେ ତୁମେମାନେ ।"

ଜାହାନାରା ବେଗମ ନିଜେ ଯାଇ କବାଟଟି ଖୋଲିଦେଲେ ଓ ଚଉକିଦାରକୁ ବଡ଼ପାଟିରେ ଡାକଦେଲେ – "ହାଡ୍ଡୁ ବଗର୍ତ୍ତି ଓ ହାଡ୍ଡୁ ବଗର୍ତ୍ତି, କୁଆଡ଼େ ଗଲ – ଆସ । ତମ ବାବୁଙ୍କର ଆଜିର କାମ ସରିଗଲା । ରେଭିନିଉ ଡାକବଙ୍ଗଳା ସାଇନ୍‌ବୋର୍ଡ଼ କାଢ଼ି ଏଠାରେ ଲଗାଅ ବ୍ରଜରଥଙ୍କ ହାରେମ୍‌ର ସାଇନ୍‌ବୋର୍ଡ଼ । ଗୋଟିଏ ତ ମରଦଙ୍କା ବେଟା ଅଛି ଏ ବ୍ଲକରେ । ବାକି ନାମରଦ୍‌ମାନେ ସବୁ ଚୁଡ଼ି ଲଗେଇ, କଜ୍ଜଳ, ସିନ୍ଦୂର ନାଇ ବସିଯାଇଛନ୍ତି ।" ରାଗରେ ତମ ତମ ହୋଇ ଥରୁଥିଲେ ଜାହାନାରା ବେଗମ୍ । ଗଲା ସାତବର୍ଷର ନଶିଲାବାଦ ବ୍ଲକ୍‌ର ନିର୍ବିବାଦୀୟ କାଶାନୋଭୋ ବ୍ରଜରଥ ଲୁଚି ଲୁଚି ପଳାଇବାକୁ ଚେଷ୍ଟା କରୁଥିଲେ । ଜାହାନାରା ନିଜର ପିସ୍ତଲ ଦେଖାଇ ତାଙ୍କୁ ଅଟକାଇ ରଖିଲେ । ପନ୍ଦର ମିନିଟ୍ ପରେ ଆସି ପହଞ୍ଚିଲେ କରାମତ ନଗରର ଏସ୍.ପି ଓ ପୋଲିସ । ଗିରଫ ହେଲେ ବ୍ରଜମୋହନ ରଥ ଓ ଚୌକିଦାର ହାଡୁ ବଗର୍ତ୍ତି । ଅନ୍ତ ଘଟିଲା ଗୋଟିଏ କୁତ୍ସିତ ଓ ଜଘନ୍ୟ ଅଧ୍ୟାୟର । ନଶିଲାବାଦ ବ୍ଲକ୍‌ରୁ ବଦଳି ହେଲା ବି.ଡ଼ି.ଓ. ମହେଶ୍ୱର ଛୋଟରାୟ ଓ ଶିକ୍ଷୟିତ୍ରୀ ତନ୍ମୟୀ ମଙ୍ଗରାଜଙ୍କର ।

Digitized by PPRACHIN, SOA

ବାଟମାରଣା

ନୈନାବାଦ ଜିଲ୍ଲାର ସମାଜ ମଙ୍ଗଳ ଅଧିକାରୀ ଭାବେ ଯୋଗଦେଲେ ରାଧାବିନୋଦ ବର୍ମା । ଦେଶର ସବୁଠାରୁ ଦରିଦ୍ର ଜିଲ୍ଲାଭାବେ କୁଖ୍ୟାତ ନୈନାବାଦ । ଅନାହାର, ପୁଷ୍ଟିହୀନତା, କ୍ଷୁଧା ଓ ଦାରିଦ୍ର୍ୟ ଏ ଜିଲ୍ଲାର ଚିର ସହଚର । ମହାମାରୀ ମଧ୍ୟ ବାର୍ଷିକ ଅତିଥି । ସ୍ୱାଭାବିକ ଭାବେ ଗଢ଼ି ଉଠିଥିଲେ ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିଏ । ଦେଶର ଅନ୍ୟ ପ୍ରାନ୍ତରୁ ଆସୁଥିଲା ଅନେକ ସାହାଯ୍ୟ । ବିଦେଶରୁ ଆର୍ଥିକ ସାହାଯ୍ୟର ପରିମାଣ ଥିଲା ମଧ୍ୟ ଯଥେଷ୍ଟ । କିନ୍ତୁ ପୂର୍ବେ ନୈନାବାଦର ଦାରିଦ୍ର୍ୟ ଅବସ୍ଥା ଯାହା ଥିଲା ଆଜି ବି ସେୟା ।

ଦପ୍ତରରେ ଯୋଗଦେଇ ବର୍ମାବାବୁ, ପ୍ରଥମ ଚାରିମାସ ପାରୁପର୍ଯ୍ୟନ୍ତ ଲାଗିଗଲେ ନିଜ ଅଫିସଟିକୁ ସଜାଡ଼ିବାକୁ । କର୍ମଚାରୀମାନେ ଆରମ୍ଭକଲେ ଠିକ୍ ସମୟରେ ଦପ୍ତର ଆସିବା । ସବ୍‌ଡ଼ିଭିଜନ ଓ ବ୍ଲକ୍‌ମାନଙ୍କରେ ଥିବା ଗଚ୍ଛିତ ଖାଦ୍ୟସାମଗ୍ରୀର ଯାଞ୍ଚ୍ ଆଉ ହିସାବର ଅଡ଼ିଟ୍‌କୁ କରାଗଲା ନିୟମିତ । ଗର୍ଭବତୀ ମହିଳା, ଛଅବର୍ଷ ପର୍ଯ୍ୟନ୍ତ ଶିଶୁମାନଙ୍କୁ ପୁଷ୍ଟିକର ଖାଦ୍ୟଯୋଗାଣ ଓ ପ୍ରତିଷେଧମୂଳକ ଟିକା କାର୍ଯ୍ୟକ୍ରମର ସୁବନ୍ଦୋବସ୍ତ ନିମନ୍ତେ ନିୟମିତ ତଦାରଖ କରାଗଲା । ଆଗରୁ ଏ ବିଷୟରେ ଯେତେ ରିପୋର୍ଟ ରିଟର୍ଣ୍ଣ ଆସିବା କଥା, ସେସବୁ ପ୍ରାୟ ବନ୍ଦ ହୋଇ ଯାଇଥିଲା ଅନେକ ଦିନରୁ ଓ ଅନେକ କାରଣରୁ । ରାଜ୍ୟ ସଦର ମହକୁମାକୁ ଜିଲ୍ଲା ଅଫିସ୍‌ରେ ମିଛ ସତ ଲେଖି ସମସ୍ତ ରିପୋର୍ଟ ପଠାଯାଉଥିଲା । ଅଧସ୍ତନ ଅଫିସ୍ ଓ ଗୋଦାମଗୁଡ଼ିକର ତନଖି କରାଗଲା ଏବେ ନିୟମିତ ଭାବେ ।

ଚାରିମାସ ଅକ୍ଳାନ୍ତ ପରିଶ୍ରମ ପରେ ସମାଜମଙ୍ଗଳ ଦପ୍ତରର କାର୍ଯ୍ୟପଦ୍ଧତିରେ ଉନ୍ନତି ଆସିଲା । ପ୍ରଶାସନକୁ ଲୋକାଭିମୁଖୀ ଓ ଅଧିକ ସମ୍ବେଦନଶୀଳ କରିବାକୁ ଯାଇ ପ୍ରତି ଦପ୍ତରରେ ଅଭିଯୋଗ ପ୍ରକୋଷ୍ଠ ଖୋଲାଗଲା । ପ୍ରଥମେ ଅନେକ ଦିନ କୌଣସି ଅଭିଯୋଗ ଆସିଲା ନାହିଁ । ଗତ ଚାଳିଶବର୍ଷ ଧରି ପ୍ରଶାସନିକ ସଂସ୍କାରର ଅନେକ ବ୍ୟକ୍ତିଗତ ଉଦ୍ୟମ ଓ ତା'ର ଫଳାଫଳ ସମ୍ବନ୍ଧରେ ଲୋକମାନଙ୍କର ତିକ୍ତ ଅଭିଜ୍ଞତା ଥିଲା ଅସୁମାରି । ଫଳରେ ଅଭିଯୋଗ ଲେଖାରେ ବୃଥା ସମୟ ଅପଚୟ କରିବାକୁ ସେମାନେ ଚାହୁଁ ନ ଥିଲେ । କିନ୍ତୁ ପ୍ରଥମ ତିନିମାସ ପରେ ସୁଅ ଛୁଟିଲା ଅଭିଯୋଗର । ଖାଦ୍ୟ ପଦାର୍ଥ ପହଞ୍ଚୁନାହିଁ ଲୋକଙ୍କ ପାଖରେ । ହେଉଛି ବାଟମାରଣା ।

Digitized by PPRACHIN, SOA

ଦପ୍ତରଟି ଯତ୍‌କିଞ୍ଚିତ୍ ସଜାଡ଼ି ଦେଇ ରାଧାବିନୋଦବାବୁ ଏଥର ମୁହାଁଇଲେ ଗାଆଁଆଡ଼େ । ଗାଁ ଗହଳିର ଲୋକଙ୍କ ସଙ୍ଗେ ମିଶିବାରୁ ସେ ଜାଣିଲେ ଯେ ସରକାରୀ ଦପ୍ତରଗୁଡ଼ିକ ଖାଦ୍ୟସାମଗ୍ରୀ, ଔଷଧପତ୍ର, ସାମାଜିକ ନିରାପତ୍ତାର ପେନସନ୍ ଆଦି ବାଣ୍ଟିବାରେ ଯେତିକି ଦକ୍ଷ, ସେହି ସାମଗ୍ରୀ ଓ ସେବାଗୁଡ଼ିକ ବାଟମାରଣା କରିବାରେ ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀଗଣ ତା'ଠାରୁ ଅଧିକ ଦକ୍ଷ । ତେଣୁ ସରକାରୀ ଦପ୍ତରକୁ କେବଳ ଶୃଙ୍ଖଳିତ କରିଦେଲେ କାମ ଶେଷ ହୋଇଯିବ ନାହିଁ । ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀମାନଙ୍କୁ ଚିହ୍ନଟ କରି ଦୁର୍ନୀତି ଓ ବାଟମାରଣା ବନ୍ଦ କରିବାକୁ ହେବ ।

ରାଧାବିନୋଦବାବୁଙ୍କର ଆରମ୍ଭ ହେଲା ଜିଲ୍ଲାର ପଞ୍ଚାୟତଗୁଡ଼ିକୁ ଗସ୍ତ । ତାଙ୍କର ମତ ଥିଲା ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମର ସାଫଲ୍ୟ ପାଇଁ ଲୋକମାନଙ୍କୁ ସଂଘବଦ୍ଧ କରିବାକୁ ହେବ । ସରକାରୀ କର୍ମଚାରୀମାନେ କିମ୍ବା ରାଜନୀତିଜୀବି ସମସ୍ତେ ସାଧୁ ନୁହନ୍ତି । ଯେଉଁମାନେ ସାଧୁ ସେମାନେ ସମସ୍ତେ ସାହସୀ ନୁହନ୍ତି । ସେମାନଙ୍କ ମଧ୍ୟରୁ କେବଳ ଅଳ୍ପ କେତେଜଣ ଲଗାମଛଡ଼ା । ଯେଉଁ କେତେଜଣ ସାଧୁ ଓ ସାହସୀ ସେମାନେ କେବଳ ମୁଷ୍ଟିମେୟ ନୁହନ୍ତି, ଅତ୍ୟନ୍ତ ଦୟନୀୟ ଭାବେ ବିଭକ୍ତ ଓ ଏକାକୀ ମଧ୍ୟ । ତେଣୁ ସାଧୁ ଓ ଅସାଧୁ ସମସ୍ତେ ରାଜନୈତିକ ଚାପର ବଶବର୍ତ୍ତୀ । ଲୋକପ୍ରତିନିଧିମାନେ ନାନା ରାଜନୈତିକ ଦଳଗୁଡ଼ିକରେ ବିଭକ୍ତ । ନିର୍ବାଚନଗୁଡ଼ିକ ଏବେ ଅତ୍ୟନ୍ତ ବ୍ୟୟବହୁଳ । ଆଜିର ନିର୍ବାଚନ ପ୍ରଚାର ମଧ୍ୟଯୁଗୀୟ ଯୁଦ୍ଧଠାରୁ ଅଧିକ ହିଂସ୍ର ଆଉ ବ୍ୟୟବହୁଳ । ରାଜନୀତିର ଅପରାଧୀକରଣରେ ଏହି ବ୍ୟାଧି ଆରମ୍ଭ ହୋଇ ଏବେ ରାଜନୀତି ପରିଣତ ହେଲାଣି ଅପରାଧୀମାନଙ୍କର ଏକଚାଟିଆ ଖେଳରେ । ଏ ବିପଜ୍ଜନକ ଖେଳପାଇଁ ଯେଉଁ ଅର୍ଥ ଆବଶ୍ୟକ, ତାହା କେଉଁଠୁ ଆସିବ ? ସରକାରୀ ଦାନ, ଅନୁଦାନ, ଟିକସ, ପୁଞ୍ଜି ଲଗାଣ ଆଦିରୁ ବାଟମାରଣା ନହେଲେ ଆଜିର ଅପରାଧସର୍ବସ୍ୱ ରାଜନୀତି ବଞ୍ଚି ରହିବ କିପରି ?

ଏହିଭଳି ତୋଫାନୀ ଗସ୍ତର ଦୁଇସପ୍ତାହ ପରେ ନୈନାବାଦ ଜିଲ୍ଲାର ଜଣେ ରାଜକର୍ତ୍ତା ଅର୍ଥାତ କିଙ୍ଗମେକର ରାମ ପ୍ରତାପ ଭଟ୍ଟ ଦିନେଆସି ଦେଖାକଲେ ରାଧାବିନୋଦ ବାବୁଙ୍କୁ । କୌଣସି ଗୌରଚନ୍ଦ୍ରିକା ନ ଦେଇ ସେ ଆରମ୍ଭ କଲେ, "ରାଧାବିନୋଦ ବାବୁ, ଆପଣ ମୋ ରାସ୍ତାରୁ ହଟି ଯାଆନ୍ତୁ ।" ରାଧାବିନୋଦ ବାବୁ ବିନମ୍ର ହୋଇ କହିଲେ, "ଆପଣଙ୍କ ରାସ୍ତା ରାଜନୀତି, ମୋ ରାସ୍ତା ସରକାରୀ ଚାକିରି । ମୁଁ ତ ଆପଣଙ୍କ ରାସ୍ତାରେ ଆଦୌ କଣ୍ଟା ନୁହେଁ, ତେଣୁ ହଟିଯିବି କାହିଁକି ?" ରାମପ୍ରତାପ କହିଲେ, "ଆପଣ ଠିକ୍ ବୁଝିପାରୁଛନ୍ତି ମୁଁ କ'ଣ କହୁଛି । ଏ ସଂସ୍କାର, ଦପ୍ତର ସଜଡ଼ା, ଏ ତୋଫାନୀ ଗସ୍ତ, ଅଭିଯୋଗ

Digitized by PPRACHIN, SOA

ପ୍ରକୋଷ୍ଠ, ଏ ସବୁ କ'ଣ ପାଲା ଚାଲିଛି ? ଆପଣ କ'ଣ ନୈନାବାଦକୁ ରାତାରାତି ରାମରାଜ୍ୟ କରିଦେବେ ନା କ'ଣ ? ସିଧା କଥା । ଆପଣ ଲାଇନ୍‌କୁ ଆସିବେ ନା ଆମେ ଆମ ଦେଖିଲା କାମ କରିବୁ ? ଆପଣ ଜାଣନ୍ତି ମୋର ଗୋଟିଏ ଟେଲିଫୋନ୍‌ରେ ଆପଣଙ୍କର ଚବିଶ ଘଣ୍ଟାରେ ବଦଳି ହୋଇଯିବ । ମୋର ଗୋଟିଏ ଇସାରାରେ ଗସ୍ତ କଲାବେଳେ ଆପଣଙ୍କ ଜିପ୍‌ଟି କେତେବେଳେ ପାଞ୍ଚଶହ ଫୁଟ ତଳକୁ ପଡ଼ିଯିବ ଏକ ଗଭୀର ପାର୍ବତ୍ୟ ଖାତରେ'' ।

ରାଧାବିନୋଦବାବୁ କହିଲେ– ''ନୈନାବାଦରେ କାମ କରି ଆପଣଙ୍କୁ ଯିଏ ନ ଜାଣିଛି ସେ ତା' ବାପାକୁ ଜାଣିନାହିଁ । ମୋର କେବଳ ଆପଣଙ୍କୁ ଗୋଟିଏ ଅନୁରୋଧ । ମୁଁ ଦୁଇମାସ ପରେ ନିଜେ ବଦଳି ମାଗି ଚାଲିଯିବି । ଆପଣ ଆଦୌ ବ୍ୟସ୍ତ ହେବେ ନାହିଁ । ମୋ ତରଫରୁ ପ୍ରତିଶ୍ରୁତି ରହିଲା । ଆପଣଙ୍କର ଗ୍ୟାଙ୍ଗ୍‌ର କୌଣସି ଲୋକକୁ ପୋଲିସ୍‌ରେ ଧରାଇବି ନାହିଁ । ଆପଣ ପ୍ରତିଶ୍ରୁତି ଦିଅନ୍ତୁ ଆପଣ ଏଇ ଦୁଇମାସ ମୋତେ ଶାନ୍ତିରେ କାମ କରିବାକୁ ଦେବେ ।''

ରାମପ୍ରତାପ ଭଟ ଏଥିରେ ଜଣାପଡ଼ିଲେ ଅତ୍ୟନ୍ତ ପ୍ରୀତ ଏବଂ ହସିଲେ ଗୋଟିଏ ବିଜୟର ହସ । ''ହେଃ– ହେଃ– ଆପଣ ବୁଝୁନାହାନ୍ତି ଆଜିକାଲି ମୋ ନିଜଲୋକେ କ'ଣ ଆଉ ମୋକଥା ସବୁବେଳେ ଶୁଣୁଛନ୍ତି ? କାହାର କେତେବେଳେ ରାଗ ଚଢ଼ିଲା ତ ସିଏ ଖୁନ୍ ଖରାପ କରିପକାଇଲା । ଆପଣ ବିନା ଦୋଷରେ ବଳିପଡ଼ିଯିବେ କାହିଁକି ? ସେଥିପାଇଁ ତ ମୁଁ ନିଜେ ଆସିଲି କହିବାକୁ । ତେବେ ଏଇନେ ଠିକ୍ ହେଲା । ଆପଣ ଜବାବ ଦେଲେ ଯେ ଦୁଇମାସ ପରେ ନିଜେ ବଦଳି ମାଗି ଚାଲିଯିବେ । ମୁଁ ଜବାବ ଦେଉଛି ଆପଣଙ୍କର ଏହି ଦୁଇମାସ କିଛି ଅସୁବିଧା ହେବନାହିଁ ।''

ଜିଲ୍ଲାପାଳଙ୍କ ସଙ୍ଗେ ପରାମର୍ଶ କରି ରାଧାବିନୋଦବାବୁ ନେଲେ ଗୋଟିଏ ନିଷ୍ପତ୍ତି । ପୁଷ୍ଟିକର ଖାଦ୍ୟସାମଗ୍ରୀ ଆଉ ପଞ୍ଚାୟତ ସେକ୍ରେଟେରୀ, ଗାଁ ମୁଖିଆ ବା ସମବାୟ ସମିତି ସେକ୍ରେଟେରୀ ଦ୍ୱାରା ବଣ୍ଟନ ନ କରାଇ ପ୍ରଦାନ କରାଯିବ ସିଧାସଳଖ ହିତାଧିକାରୀମାନଙ୍କର ଗୋଷ୍ଠୀକୁ । ପ୍ରତି ଗାଁର ହିତାଧିକାରୀମାନଙ୍କର ଗଠିତ ହେବ ଗୋଟିଏ ସମାଜ, ଏବଂ ସେମାନଙ୍କର ପ୍ରଥମ ବୈଠକରେ ଗୁପ୍ତ ଭୋଟ ଜରିଆରେ ଜଣେ ଲେଖାଏଁ ସଭାପତି ବା ସଭାନେତ୍ରୀ ଓ ସଂପାଦକ ନିର୍ବାଚିତ ହେବେ । ସେମାନଙ୍କୁ ଖାଦ୍ୟସାମଗ୍ରୀ, ଔଷଧପତ୍ର ଗଚ୍ଛିତ ଏବଂ ହିସାବପତ୍ର ରଖିବାର ସମସ୍ତ ବିଦ୍ୟା ତାଲିମ ସୂତ୍ରେ ପ୍ରଦାନ କରାଯିବ ।

ରାଧାବିନୋଦବାବୁ ପ୍ରତି ଗ୍ରାମକୁ ଯାଇ ଏହି ହିତାଧିକାରୀ ସମାଜ ଗଠନ କରାଇବା ଦିଗରେ ବନ୍ଦୋବସ୍ତ କଲେ । ନୈନାବାଦ ଜିଲ୍ଲାର ଚାରିଗୋଟି ସ୍ୱେଚ୍ଛାସେବୀ

Digitized by PPRACHIN, SOA

ଅନୁଷ୍ଠାନ ଏ ଦିଗରେ ତାଙ୍କୁ କଲେ ଅକୁଣ୍ଠ ସାହାଯ୍ୟ । ସାତଶହ କୋଡ଼ିଏଟି ଗ୍ରାମରେ ହିତାଧିକାରୀ ସମାଜ ଗଢ଼ାହୋଇ ତା'ର ପଞ୍ଜୀକରଣ ଓ ନିର୍ବାଚନ କାର୍ଯ୍ୟ ଚାଳିଶିଦିନ ମଧ୍ୟରେ ଶେଷ ହେଲା । ଅଙ୍ଗନବାଡ଼ିର ଖାଦ୍ୟସାମଗ୍ରୀ, ରିଲିଫ୍ ପାଇଁ ଆସିଥିବା ଲୁଗାପଟା, କମ୍ବଳ, ଭିଟାମିନ୍ ବଟିକା, ଔଷଧପତ୍ର, କେୟାର୍ ସଂସ୍ଥା, ଇଉନିସେଫ୍, ବିଶ୍ୱ ରେଡ଼କ୍ରସ୍, କ୍ୟାଥଲିକ୍ ରିଲିଫ୍ ସୋସାଇଟି ଆଦିରୁ ମିଳୁଥିବା ସମସ୍ତ ସାହାଯ୍ୟ ଯୋଗାଇ ଦିଆଗଲା ଏହି କମିଟିଗୁଡ଼ିକୁ ସିଧାସଳଖ ଭାବେ । କୋଡ଼ିଏ ଦିନ ମଧ୍ୟରେ ଏସବୁ ଠିକ୍‌ଭାବେ ପହଞ୍ଚିଲା । ଉଚିତ ଭାବେ ଭଣ୍ଡାରରେ ସଂରକ୍ଷିତ ହେଲା ବୋଲି ରାଧାବିନୋଦବାବୁ ଓ କର୍ମଚାରୀମାନେ ସମସ୍ତ ଗାଁ ବୁଲି ନିଜେ ଦେଖି ଆସିଲେ । ରାମପ୍ରତାପ ଭଞ୍ଜଙ୍କୁ ଦେଇଥିବା କଥା ଅନୁଯାୟୀ ରାଧାବିନୋଦବାବୁ ଠିକ୍ ଦୁଇମାସ ପରେ ବଦଳି ମାଗି ଚାଲିଯିବା ପାଇଁ ପ୍ରସ୍ତୁତ ହେଲେ । ରାମପ୍ରତାପ ମଧ୍ୟ ରାଜ୍ୟ ସରକାରଙ୍କ ଉପରେ ଆବଶ୍ୟକୀୟ ଚାପ ପକାଇ ଦେଖିଥିଲେ କିଭଳି ତାଙ୍କ ଆବେଦନ ଉପରେ ବଦଳି ଆଦେଶଟି ଠିକ୍ ସମୟରେ ନିର୍ଗମିତ ହୁଏ ।

ରାଧାବିନୋଦ ବାବୁଙ୍କ ବଦଳିପରେ ଆଉ କାଳବିଳମ୍ବ ନ କରି ରାମପ୍ରତାପ ଭଞ୍ଜଙ୍କ ବାଟମାରଣା ଗୋଷ୍ଠୀ ଗାଁ ଗହଳିରେ ସକ୍ରିୟ ହେବାକୁ ହେଲେ ଆଗଭର । ସେମାନଙ୍କ ମଧ୍ୟରୁ କେତେଜଣ ଖାଦ୍ୟଲଦା ଶଗଡ଼କୁ ଜୋର କରି ନେଇଯିବାକୁ ବସିଲେ । କିନ୍ତୁ ସେମାନେ ଦେଖୁଛନ୍ତି ଏ କ'ଣ ? ହିତାଧିକାରୀ ସମାଜର ଦଶଜଣ ଯୁବକ ଓ ମହିଳା ଆଗେଇ ଆସିଲେ ଶଗଡ଼ ଆଗରେ ଶୋଇପଡ଼ି ରାସ୍ତା ଅଟକାଇବା ପାଇଁ । ପ୍ରତି ଗ୍ରାମରେ ପ୍ରତି ପଡ଼ାରେ ସମାଜର ସଭ୍ୟ ଓ ସଭ୍ୟାମାନେ ଜଗିରହିଲେ । ବାଟମାରଣା ହେବାକୁ ଦେବେ ନାହିଁ ସେମାନେ । ସାରାଦେଶ ଓ ବିଶ୍ୱରୁ ନୈନାବାଦ ଜିଲ୍ଲାକୁ କେତେ ସାହାଯ୍ୟ ସାମଗ୍ରୀ ଆସୁଥିଲା, ତା'ର କୌଣସି ଧାରଣା ଗାଁମାନଙ୍କରେ ନ ଥିଲା ।

ବାଟମାରଣା ଗୋଷ୍ଠୀ ଗତ ତିରିଶ ବର୍ଷଧରି ଏଭଳି ପରିସ୍ଥିତି ସୃଷ୍ଟି କରିଥିଲେ ଯେ ସରକାରୀ ଓ ବେସରକାରୀ ସାହାଯ୍ୟ ସାମଗ୍ରୀର ଶତକଡ଼ା ପାଞ୍ଚଭାଗ ମଧ୍ୟ ସେମାନଙ୍କ ପାଖରେ ପହଞ୍ଚୁ ନଥିଲା । ଗାଁରେ ଏବେ ଏତେ ସବୁ ଖାଦ୍ୟ ସାମଗ୍ରୀ ଆଖିଆଗରେ ଦେଖି ଓ ହାତରେ ପାଇ କୌଣସି ଗ୍ରାମବାସୀ ପ୍ରଥମେ ପରତେ ଗଲେନି । ସେମାନଙ୍କ ଆଖିରେ ଆଙ୍ଗୁଠି ଗେଞ୍ଜି ଏ ବାଟମାରଣା ଗୋଷ୍ଠୀର କର୍ମଚାରୀ, ରାଜନୀତିଜୀବି ଓ ମାଫିଆ ଗୋଷ୍ଠୀ ସବୁ ହଡ଼ପ୍ କରୁଥିଲେ ସତରେ ? ଏବେ ପ୍ରତି ଗାଁରେ ହିତାଧିକାରୀ ସମାଜମାନଙ୍କରେ ନିଆଗଲା ବଜ୍ର ଶପଥ । ନୈନାବାଦକୁ ଆସୁଥିବା କୌଣସି ସାହାଯ୍ୟ ବା ଅର୍ଥକୁ ଆଉ ବାଟମାରଣା

Digitized by PPRACHIN, SOA

ହେବାକୁ ଦିଆଯିବ ନାହିଁ । ଏକଜୁଟ ଗାଁ ସାମ୍ନାରେ ଦୁଇତିନିଜଣ ଗୁଣ୍ଡା କ'ଣ କରିପାରିବେ ?

ହିତାଧିକାରୀ ସମାଜମାନଙ୍କରେ ଷଣ୍ଢ ପୂରାଇବା ପାଇଁ ରାମପ୍ରତାପ ଭଞ୍ଜ ଅନେକ ଚେଷ୍ଟାକଲେ । ସେମାନେ ନାନା ଦୁର୍ନୀତିରେ ଲିପ୍ତ ବୋଲି ଖବରକାଗଜରେ ପ୍ରକାଶିତ ହେଲା । ଏପରିକି ଏସବୁ ସମାଜ ଗଠନ ବେଆଇନ ସିଦ୍ଧ କରାଯାଉ ବୋଲି ଶ୍ରୀଭଞ୍ଜ ହେଲେ ହାଇକୋର୍ଟର ଦ୍ୱାରସ୍ଥ । ମାନ୍ୟବର ହାଇକୋର୍ଟ କୌଣସି ରହିତାଦେଶ ଦେବା ପାଇଁ ମନାକଲେ । ଅନେକ ସ୍ଥାନରେ ମାଫିଆ ଗୋଷ୍ଠୀ ଓ ସମାଜସଭ୍ୟମାନଙ୍କ ମଧ୍ୟରେ କିଛି ମାଡ଼ପିଟ ହେଲା । ରାମ ପ୍ରତାପ ଭଞ୍ଜ ଦୁଇଟି ଗ୍ରାମରେ ନିଜେ ମାରପିଟକୁ ଓହ୍ଲାଇ ପଡ଼ିଲେ । କିନ୍ତୁ ଟେକାପଥର ମାଡ଼ରେ ପଳାଇ ଆସିଲେ ଜଖମ ହୋଇ । ଏକ ସଂଗଠିତ ସଂକଳ୍ପ ବଦ୍ଧ ହିତାଧିକାରୀ ସମାଜ ଆଗରେ ଅର୍ଥଲୋଭୀ ଓ ଭଡ଼ାଟିଆ ଗୁଣ୍ଡାମାନେ ହେଲେ ନିରୂପାୟ । ରାମପ୍ରତାପ ଭଞ୍ଜଙ୍କ ଆଦେଶରେ ପୋଲିସ ମଧ୍ୟ ହିତାଧିକାରୀ ସମାଜମାନଙ୍କର କର୍ମକର୍ତ୍ତାମାନଙ୍କୁ ଏକାଧିକ ଫୌଜଦାରୀ କେଶ୍ ପକାଇ ମାରପିଟ୍ କରି ହଇରାଣ କରିବାକୁ ଚେଷ୍ଟାକଲେ । କିନ୍ତୁ ସାରା ଗାଁରୁ ଯେତେବେଳେ କେହି ମିଥ୍ୟା ସାକ୍ଷ୍ୟ ଦେବାକୁ ବାହାରିଲେ ନାହିଁ, ସେ କେଶ୍‌ଗୁଡ଼ିକ ଆପେ ଆପେ ଅସଫଳ ହେଲା । ଶେଷରେ ପୋଲିସ କର୍ତ୍ତୃପକ୍ଷ ନିଜ ଭୁଲ ବୁଝିପାରିଲେ ।

କ୍ରମେ ପୁଷ୍ଟିସାରଶୂନ୍ୟ କଂକାଳମୟ ପିଲାମାନେ ଆଉ ନୈନାବାଦ ରାସ୍ତାରେ ଦେଖିବାକୁ ମିଳିଲେ ନାହିଁ । ବିଦେଶୀ ପ୍ରେସ୍‌କୁ ନୈନାବାଦର ଦାରିଦ୍ର୍ୟର ନଗ୍ନ ଫଟୋଚିତ୍ର ପଠାଇ ଯେଉଁମାନେ ସାହାଯ୍ୟ ସହାନୁଭୂତି ଭିକ୍ଷା କରୁଥିଲେ ଓ ବାଟମାରଣା ଗୋଷ୍ଠୀର ପକେଟଗରମ୍ କରୁଥିଲେ ସେମାନେ ଜୋକ ମୁହଁରେ ଲୁଣଦେଲା ଭଳି ଚୁପ ରହିଲେ । ରାମପ୍ରତାପ ଭଞ୍ଜଙ୍କ ଦୁଇମାସ ମଧ୍ୟରେ ରାଧାବିନୋଦ ବାବୁଙ୍କୁ ଦେଇଥିବା ବଦଳି ଧମକ ସତେ ଯେପରି କାମକଲା ବିଭୁ ଆଶୀର୍ବାଦ ଭଳି । ଅନ୍ତହେଲା ରିଲିଫ୍ ସାମଗ୍ରୀର ବାଟମାରଣାର ତିନିଦଶନ୍ଧି ଧରିଚାଲିଥିବା ଘୃଣ୍ୟ ଉପାଖ୍ୟାନର ।

Digitized by PPRACHIN, SOA

କାର୍ଯ୍ୟବ୍ୟସ୍ତ

ଉପ-ଶାସନସଚିବ କୁନାଲ ତ୍ରିବେଦୀ ସେଦିନ ଅତି ଅନୁନୟ ବିନୟ ହୋଇ ଦେଖାକଲେ ଡାଇରେକ୍ଟର୍ ଅଫ୍ ଇଷ୍ଟେଟ୍‌ଙ୍କୁ । ତାଙ୍କୁ ମିଳିଥିଲା ଗୋଟିଏ ତିନିମହଲା ଉପରେ ଫ୍ଲାଟ ଘର । ସେ ଦରଖାସ୍ତ କରିଥିଲେ ଗୋଟିଏ ସ୍ୱତନ୍ତ୍ର ଘର ପାଇବା ପାଇଁ । ପିତା-ଅଶୋକ ତ୍ରିବେଦୀଙ୍କ ବୟସ ପଞ୍ଚସ୍ତରି । ଉଚ୍ଚ ରକ୍ତଚାପ । ଡାଇବେଟିସ୍ ଅଛି । ହୃଦ୍‌ରୋଗରେ ଗୋଟିଏ ଷ୍ଟ୍ରୋକ୍ ମଧ୍ୟ ହୋଇଗଲାଣି । ମାତା କାରୁବାକୀ ଦେବୀ ଭୋଗୁଛନ୍ତି ପେପ୍‌ଟିକ୍ ଅଲ୍‌ସର୍‌ରେ ଗଲା ଦଶବର୍ଷ ହେଲା । ତା ସାଙ୍ଗକୁ କଷ୍ଟ ପାଉଛନ୍ତି ଆଜ୍‌ମାରେ । ଧଇଁପେଲା ବେମାରୀ ତାଙ୍କୁ କଲାଣି ନୟାନ୍ତ । ଆଣ୍ଠୁଗଣ୍ଠି ବାତରେ ଶୀତଦିନରେ ଗୋଡ଼ହାତ ମଧ୍ୟ ସିଧା କରିପାରନ୍ତି ନାହିଁ । ଦୁହିଁଙ୍କ ପାଇଁ ତିନିମହଲା ଉପରକୁ ଚଢ଼ିବା ଓ ତଳକୁ ଓହ୍ଲାଇବା ନିତାନ୍ତ ଅସମ୍ଭବ । ତେଣୁ କୁନାଲବାବୁଙ୍କର ଏକ ସ୍ୱତନ୍ତ୍ର ଗୋଟିକିଆ ଘର ଦରକାର । ଏସବୁ ଦରଖାସ୍ତରେ ଲେଖାଥିଲା ।

ଇଷ୍ଟେଟ ଡାଇରେକ୍ଟର୍ ବିମଳ ମାଲହୋତ୍ରା ଧୈର୍ଯ୍ୟ ସହକାରରେ ଶୁଣିଲେ କୁନାଲଙ୍କୁ । ପରୀକ୍ଷା କଲେ ସମସ୍ତ ମେଡ଼ିକାଲ୍ ସାର୍ଟିଫିକେଟ୍‌ଗୁଡ଼ିକ । ତାପରେ ଆଦେଶ ଦେଲେ ଗୋଟିଏ ଟାଇପ୍ ସିକ୍‌ସ 'ଆର୍' ଘର ପାଇଁ । କୁନାଲ ବାବୁ ଜାଣିପାରୁ ନ ଥିଲେ କେଉଁ ଭାଷାରେ କୃତଜ୍ଞତା ଜଣାଇବେ ମାଲହୋତ୍ରାବାବୁଙ୍କୁ । ପ୍ରଣିପାତପରେ ଘରକୁ ଫେରିଲେ । ପତ୍ନୀ ସୁମିତ୍ରା ସୁଖବରଟି ପାଇ ଆନନ୍ଦ ଆତିଶଯ୍ୟରେ ଗଦ୍‌ଗଦ ହୋଇପଡ଼ିଲେ । ସୁମିତ୍ରା ଏବେ ଆଉ ଚାଲିବେ ନାହିଁ ଅଞ୍ଜଳିଦେବୀଙ୍କ ସାମନାରେ ମୁହଁ ତଳକୁ କରି । ଗୋଟାଏ ଟାଇପ୍ ସିକ୍‌ସ ଘର ପାଇଛି ବୋଲି କେତେ ଦର୍ପ ସତେ ସେ ମାଇକିନାର ! ଅଞ୍ଜଳି ବର ଅଛି ଖଡ଼ାଖିଆ ପେନ୍‌ସନ ଓ ଜନ ଅଭିଯୋଗ ବିଭାଗରେ ଆଉ ସୁମିତ୍ରା ଦେବୀଙ୍କ ବର ? ସେ ଅଛନ୍ତି ଜଳ ସଂପଦ ବିଭାଗରେ । ଜଳ ଥାଉ ନଥାଉ, ସଂପଦ ବହୁତ ।

କୁନାଲ ବାବୁ ମହାସମାରୋହରେ ଗୃହ ପ୍ରବେଶ କରିବାର ଦେଢ଼ବର୍ଷ ହୋଇଗଲାଣି । ବିମଳ ମାଲହୋତ୍ରାଙ୍କର ବଦଳି ହେଲା ଜଳସଂପଦ ବିଭାଗକୁ ଅତିରିକ୍ତ ଶାସନ ସଚିବ ଭାବେ । ଦପ୍ତରରେ ସୌଜନ୍ୟମୂଳକ ସାକ୍ଷାତ ପାଇଁ ଆସିଲେ କୁନାଲ ବାବୁ । ପ୍ରଥମେ ବିମଳବାବୁ କୁଶଳ ପୁଚ୍ଛାକଲେ କୁନାଲ ବାବୁଙ୍କ ପିତାମାତାଙ୍କର । ଅତ୍ୟନ୍ତ କୃତକୃତ୍ୟ ହୋଇ କୁନାଲବାବୁ କହିଲେ– 'ସାର୍ ଆପଣତ ସେମାନଙ୍କୁ

Digitized by PPRACHIN, SOA

ଜୀବନ ଦାନ ଦେଇଛନ୍ତି । ସେ ତିନିମହଲା ଫ୍ଲାଟ ଘରକୁ ଯାଇଥିଲେ ସେମାନେ କ'ଣ ବଞ୍ଚିଥାନ୍ତେ ଆଉ ଏଯାଏ ?' ବିମଳବାବୁ ଅନୁଭବ କଲେ ଏକ ଅପୂର୍ବ ଆତ୍ମସନ୍ତୋଷ । କୁନାଳବାବୁଙ୍କ ପିତୃମାତୃଭକ୍ତି ପ୍ରତି ମଧ୍ୟ ତାଙ୍କର ଜାଗ୍ରତ ହେଲା ଅମାପ ସମ୍ମାନବୋଧ ।

କିଛିଦିନପରେ କୁନାଳବାବୁଙ୍କର ବ୍ୟକ୍ତିଗତ ନଥି ଉପସ୍ଥାପିତ ହେଲା । ପ୍ରଭିଡେଣ୍ଟଫଣ୍ଡରୁ ଚାଳିଶହଜାର ଟଙ୍କାର ଗୋଟିଏ ସ୍ଥାୟୀ ଉଠାଣ ପ୍ରସ୍ତାବ । ନଥି ଆସିବା ଆଗରୁ ସେ ଦେଖାକରିଥିଲେ ବିମଳ ମାଲହୋତ୍ରାଙ୍କୁ । ବାପାଙ୍କୁ ହୃଦ୍ ରୋଗ ଚିକିତ୍ସା ପାଇଁ ଦିଲ୍ଲୀ ନେବାକୁ ହେବ । କେତେବେଳେଯେ ଦ୍ୱିତୀୟ ଷ୍ଟ୍ରୋକ୍ ଆସିଯିବ କିଏ କହିବ ? ବିମଳବାବୁ ଅବିଳମ୍ବେ ନଥିଟିରେ ପ୍ରସ୍ତାବଟି ମଞ୍ଜୁର କଲେ । ଭାବିଲେ ଥରେଯାଇ ସେ ଅଶୋକ ତ୍ରିବେଦୀ ଓ କାରୁବାକୀ ଦେବୀଙ୍କୁ ଦେଖିଆସିବେ । କୁନାଳବାବୁଙ୍କର ସେମାନଙ୍କ ପାଇଁ କିଭଳି ଗଭୀର କର୍ତ୍ତବ୍ୟବୋଧ ଅଛି, ସେ କଥାର ଏକ ଧାରଣା ଦେବେ ।

ଆଉ ଦିନେ ନଥିରେ କୁନାଳବାବୁଙ୍କର ପନ୍ଦର ଦିନ ପାଇଁ ଗୋଟିଏ ଛୁଟି ଦରଖାସ୍ତ ଦେଖିଲେ । ପିତାମାତାଙ୍କୁ ନେଇ ତିରୁପତି ଯିବେ କୁନାଳବାବୁ । ବିଧାନସଭା ଅଧିବେଶନ ପାଖେଇ ଆସୁଥିଲା । କାମ ଅଫିସ୍‌ରେ ଅନେକ । ବିମଳବାବୁ ଡକାଇ ପଠାଇଲେ ଉପ ଶାସନସଚିବଙ୍କୁ । ଆପଣ ଏ ସମୟରେ ଗଲେ କାମ କିପରି ଚଳିବ ? ଦେଖୁଛନ୍ତି ବିଧାନସଭା ଆଉମାତ୍ର କୋଡ଼ିଏ ଦିନ ପରେ । ଏବେ ଛୁଟି ଦରଖାସ୍ତ ଦେଉଛନ୍ତି କିପରି ? କଥାଟି ଶୁଣି କୁନାଳବାବୁଙ୍କର ଆଖିରେ ଲୁହ ଡବଡବ ହୋଇଗଲା । କଣ୍ଠ ବାଷ୍ପରୁଦ୍ଧ । ପକେଟରୁ ରୁମାଲ କାଢ଼ି ଆଖି ପୋଛିଲେ । ପାଣି ଦୁଇଢ଼ୋକ ପିଇ କହିଲେ, "ସାର୍; ବାପା ଆଉ କେତେଦିନ ବଞ୍ଚିବେ ? ତାଙ୍କର ଶେଷ ଇଚ୍ଛା । ମା'ଙ୍କ ସାଙ୍ଗେ ଥରେ ତିରୁପତି ଯିବେ । ମୋ ଛଡ଼ା ଆଉ ତାଙ୍କର କିଏ ଆଛି ସାର୍ ? ମୁଁ ତ ଗୋଟିଏ ବୋଲି ପୁଅ । ମୁଁ ଜାଣେ, ଅଫିସ୍‌ରେ ନିଶ୍ଚୟ କିଛି ଅସୁବିଧା ହେବ । ବିଭାଗରେ ଆଉ ଦୁଇଜଣ ଯୁଗ୍ମସଚିବ ଓ ଚାରିଜଣ ଉପ-ଶାସନସଚିବ ଅଛନ୍ତି । କାମ ମୁଁ ନ କଲେ ସେମାନେ ଚଳାଇ ନେବେ । କିନ୍ତୁ ବାପା ମା'ଙ୍କୁ ନେଇ ମୋ ବ୍ୟତୀତ ଆଉ ତିରୁପତି ଯିବ କିଏ ? ମୋର ଇସ୍ତଫା ରଖନ୍ତୁ ସାର୍ । ମୁଁ ବାପା ମା'ଙ୍କୁ କଥା ଦେଇଛି । ସେମାନେ କେତେ ଆଶା ରଖି ବସିଛନ୍ତି । ଏବେ ଆଉ ଏଥିରୁ ଓହରିଯିବା ମୋ ପକ୍ଷେ ଆଦୌ ସମ୍ଭବ ନୁହେଁ ।"

ଥରେ ନିରେଖି ଚାହିଁଲେ କୁନାଳବାବୁଙ୍କୁ, ଛୁଟି ଦରଖାସ୍ତଟି ମଞ୍ଜୁର କଲେ ବିମଳବାବୁ । ଅଶେଷ କୃତଜ୍ଞତାରେ ନତମସ୍ତକ ହୋଇ କୁନାଳବାବୁ ଫେରିଲେ ।

Digitized by PPRACHIN, SOA

ବିମଳବାବୁ ଭାବୁଥିଲେ, ଏ ଘୋର କଳିକାଳରେ ଏଭଳି ପୁତ୍ର ପାଇବା ଅଶୋକ ତ୍ରିବେଦୀଙ୍କ ପାଇଁ କେତେ ଭାଗ୍ୟର କଥା । ତିରୁପତିରୁ ଫେରି ଗୋଟିଏ ଭୋଗ ପ୍ୟାକେଟ୍ ପଠାଇଥିଲେ କୁନାଳବାବୁ ଅତିରିକ୍ତ ଶାସନସଚିବ ମାଲହୋତ୍ରାଙ୍କ ଘରକୁ । ବିମଳବାବୁ ମନେ ମନେ ଯୋଜନା କଲେ । ଆସନ୍ତା ବର୍ଷ ସେ ମଧ ବାପା-ମା'ଙ୍କୁ ନେଇ ତିରୁପତି ଯିବେ ଓ ଫେରିବା ବାଟରେ ପୁଟ୍ଟାପାର୍ତ୍ତି ଯାଇ ସତ୍ୟସାଇବାବାଙ୍କ ଦର୍ଶନ କରି ଆସିବେ । କାର୍ଯ୍ୟବ୍ୟସ୍ତତା ଭିତରେ ଗତ ଚାରିବର୍ଷ ହେଲା ଏହି ମାନସିକଟି ତାଙ୍କର ପୂରଣ ହୋଇ ପାରୁନାହିଁ ।

ଏହାର କିଛିଦିନ ପରେ ବିମଳବାବୁଙ୍କର ଜଣେ ମାମୁଁପୁଅ ଭାଇ ଶକ୍ତ ବେମାର ପଡ଼ି ପହଞ୍ଚିଲେ ତାଙ୍କ ଘରେ । ଡାକ୍ତରଙ୍କୁ ଡକାଇ ଘରେ ଚିକିତ୍ସା କରାଗଲା । ଫଳ କିଛି ହେଲା ନାହିଁ । ଚାରିଦିନ ପରେ ତାଙ୍କୁ ରାଜଧାନୀ ମୁଖ୍ୟ ଚିକିତ୍ସାଳୟରେ ଭରତି କରିବାକୁ ହେଲା । ଅଲଟ୍ରାସାଉଣ୍ଡ ଓ ଏଣ୍ଡୋସ୍କୋପି ପରେ ଜଣାଗଲା ଯେ ପେଟର ଅଗ୍ନ୍ୟାଶୟରେ ପଥର । ତେଣୁ ଅପରେସନ ପାଇଁ ପ୍ରସ୍ତୁତି ଆବଶ୍ୟକ । ରାଜଧାନୀ ହସ୍‌ପିଟାଲ୍‌ରେ ଭାଇକୁ ଏକନମ୍ବର ସର୍ଜିକାଲ ୱାର୍ଡ଼ରେ ଶଯ୍ୟାଧୀନ କଲେ ବିମଳ ବାବୁ । ଭାଇର ବେଡ୍ ପାଖରେ ସନ୍ଧ୍ୟାବେଳେ ସେ ବସିଛନ୍ତି, ଏତିକି ବେଳେ ଗୋଟିଏ ସ୍ୱେଚ୍ଛାସେବୀ ଅନୁଷ୍ଠାନର ଦୁଇଜଣ ଯୁବକ, ତାଙ୍କୁ କିଛି ଅର୍ଥ ସାହାଯ୍ୟ ପାଇଁ ଅନୁରୋଧ କଲେ । ଦୁଇ ନମ୍ବର ସର୍ଜିକାଲ ୱାର୍ଡ଼ରେ ଜଣେ ରୋଗୀ ବୁଢ଼ା ଶୋଇଥାନ୍ତି । ତାଙ୍କର ଦୁଇଦିନ ପରେ ପେପ୍‌ଟିକ୍‌ଅଲସର ଅପରେସନ ହେବ । ଆବଶ୍ୟକୀୟ ଅର୍ଥ ଏ ଯାଏ ଯୋଗାଡ଼ ହୋଇପାରିନାହିଁ । ରୋଗୀଙ୍କ ସାଙ୍ଗରେ ଜଣେ ବୁଢ଼ୀ ବ୍ୟତୀତ କେହିନାହାନ୍ତି ।

ଅନେକ ଅର୍ଥଲୋଭୀ ତଥାକଥିତ ସ୍ୱେଚ୍ଛାସେବୀ ସଂସ୍ଥା ରୋଗୀସେବା ନାମରେ ରୋଜଗାର କରିନେବାର ଦୃଷ୍ଟାନ୍ତ ରହିଛି । କଥାର ସତ୍ୟତା ପରୀକ୍ଷା ପାଇଁ ବିମଳବାବୁ ଦୁଇନମ୍ବର ୱାର୍ଡ଼କୁ ଗଲେ । କିଛି ସାହାଯ୍ୟ ଦେବା ଆଗରୁ ସେ ନିଜେ ଅସହାୟ ରୋଗୀଜଣକୁ ଦେଖିନେବେ । ଖଟିଆ ନମ୍ବର ଅଠାଇଶ୍‌ରେ ସେ ଦେଖିଲେ ଜଣେ ଅତି ଜୀର୍ଣ୍ଣଶୀର୍ଣ୍ଣ କଙ୍କାଳସାର ବୃଦ୍ଧ ଶେଯରେ ପଡ଼ିଛନ୍ତି । ତାଙ୍କ ପାଖରେ ଚଉକିଟିରେ ବସିଛନ୍ତି ଜଣେ ସଧବା ବୁଢ଼ୀ । ଅନୁମାନ କରିବାକୁ କଷ୍ଟ ହେଲାନାହିଁ ଯେ ସେମାନେ ସ୍ୱାମୀ-ସ୍ତ୍ରୀ । ସେମାନେ କ'ଣ ସତରେ ଏତେ ଅସହାୟ ଓ ନିଃସ୍ୱ ? ଅନୁସନ୍ଧିତ୍ସୁ ବିମଳବାବୁଙ୍କୁ ସ୍ୱଚକ୍ଷୁରେ ଦେଖିବାକୁ ପାଖକୁ ଗଲେ । ବିମଳବାବୁଙ୍କୁ ଚଉକି ଛାଡ଼ିଦେଲେ ବୁଢ଼ୀ ଜଣକ । ଖଟକଡ଼ରେ ବସିଲେ ବୁଢ଼ାଙ୍କ ଗୋଡ଼ପାଖରେ ।

'ତମର କ'ଣ କେହି ନାହାନ୍ତି ରାଜଧାନୀରେ ମାଉସୀ ?' ''ନା ! ବାପା, କେହି ନାହାନ୍ତି । ୟାଙ୍କର ଦୁଇ ଦିନ ତଳେ ରକ୍ତବାନ୍ତି ହେଲା । ଆମର ଜଣେ

Digitized by PPRACHIN, SOA

ଦୂର ସଂପର୍କୀୟ ପୁତୁରା ଖବର ପାଇ ଗାଁକୁ ଯାଇ ଗାଡ଼ି କରି ଆମକୁ ନେଇ ଆସିଲା । ଏଠାରେ ସେ ପ୍ରାଇମେରୀ ସ୍କୁଲ ଶିକ୍ଷକଟିଏ । ବହୁ କୁଟୁମ୍ବ । ପାଞ୍ଚ ପିଲାଛୁଆ । ତଥାପି ହୃଦୟ ଅଛି ବୋଲି ଆମପାଇଁ ଏତେ କଲା । ପୁତୁରାବୋହୂ ଏଠି ଆସି ଆମକଥା ବୁଝୁଛି କିନ୍ତୁ ତା'ପାଖରେ ପଇସା କାହିଁ ? 'ଆଶ୍ରୟ' ସଂସ୍ଥାର ଏ ପିଲା ଦୁଇଟି ମୋ ଦୁଃଖ ଦେଖି କିଛି ଟଙ୍କା ଅପରେଶନ ପାଇଁ ଯୋଗାଡ଼ କରିଦେବେ ।" କଥାଟି ମିଛ ନୁହେଁ ବୋଲି ଜାଣିଲେ ବିମଳ ବାବୁ ।

ସରକାରୀ ଡାକ୍ତରଖାନାରେ ବୁଢ଼ାଙ୍କ ରୋଗର ଉପଯୁକ୍ତ ଚିକିତ୍ସା ହୋଇଛି ନା ନାହିଁ ଏବଂ ଖର୍ଚ୍ଚ କେତେ ଲାଗିବାର ସମ୍ଭାବନା ଅଛି ଜାଣିବାକୁ ଚାହିଁଲେ ବିମଳବାବୁ । ବୁଢ଼ୀ ତାଙ୍କୁ କିଛି କାଗଜପତ୍ର ବଢ଼ାଇଦେଲେ । ରୋଗୀର ନାମଟି ବିମଳବାବୁଙ୍କୁ ଖୁବ୍ ଚିହ୍ନା ଚିହ୍ନା ଲାଗିଲା । ଏ ନାମ ସହିତ ସେ ଆଗରୁ ଯେପରି ପରିଚିତ । ଅଶୋକ ତ୍ରିବେଦୀ । ହଁ, ମନେପଡ଼ିଲା । ଏ ଯେ ଡେପୁଟି ସେକ୍ରେଟେରୀ କୁନାଳ ତ୍ରିବେଦୀଙ୍କର ବାପା । ଏଲ.ଟି.ସି. ପାଇଁ ଟଙ୍କା ମଞ୍ଜୁର କଲାବେଳେ, ମେଡ଼ିସିନ୍ ବିଲ୍ ପାସ୍ କଲା ବେଳେ, ପ୍ରଭିଡେଣ୍ଟଫଣ୍ଡରୁ ଟଙ୍କା ମଞ୍ଜୁର କଲାବେଳେ ଓ ଟାଇପ୍ ସିକ୍ସ ଘରପାଇଁ ଦରଖାସ୍ତ ବିଚାର କଲାବେଳେ ଯେଉଁ ଦରଖାସ୍ତ ଓ କାଗଜପତ୍ର ବିମଳ ମାଲହୋତ୍ରା ଦେଖିଥିଲେ ସେଥିରେ ଏହି ନାମଟି ବାରମ୍ବାର ଉଲ୍ଲେଖ କରାଯାଇଥିଲା । କୁନାଳବାବୁଙ୍କ ଠାରୁ ସେ ଶୁଣିଥିଲେ ଯେ କାରୁବାକୀ ଦେବୀଙ୍କର ପେପ୍‌ଟିକ ଅଲସର ଆଉ ବାପା ଅଶୋକ ମହାପାତ୍ରଙ୍କର ହାର୍ଟଆଟାକ୍ । ଏବେ ଦେଖୁଛନ୍ତି ବୁଢ଼ାଙ୍କର ପେପ୍‌ଟିକ ଅଲସର । ବଡ଼ ଆଶ୍ଚର୍ଯ୍ୟ ! ସତରେ କ'ଣ ସେମାନେ କୁନାଳବାବୁଙ୍କର ସଂପର୍କୀୟ ?

ଆହୁରି ସ୍ପଷ୍ଟ ହେବାକୁ ଯାଇ ବିମଳବାବୁ କହିଲେ— 'ମାଉସୀ, ଆପଣ କ'ଣ ଆପଣଙ୍କ ପୁଅବୋହୂଙ୍କ ପାଖେ ରହୁନାହାନ୍ତି ? ଆପଣଙ୍କ ପୁଅ କୁନାଳ ତ୍ରିବେଦୀ ତ ? ଆମ ଡିପାର୍ଟମେଣ୍ଟରେ ସେ ଡେପୁଟି ସେକ୍ରେଟେରୀ । ତାଙ୍କୁ ଖବର ଦେଇନାହାନ୍ତି କି ? ସେ ତ ଆପଣମାନଙ୍କ ଚିନ୍ତାରେ ଦିନରାତି ବ୍ୟସ୍ତ ବୋଲି କୁହନ୍ତି ।'

ବୁଢ଼ୀ ଭଦ୍ରମହିଳାଜଣକ କିଛି ସମୟ ଆଶ୍ଚର୍ଯ୍ୟ ହୋଇ ବିମଳାବାବୁଙ୍କ ମୁହଁକୁ ଅନାଇଲେ । ପରିଣତ ବୟସରେ ନୀରବରେ ଯେମିତି ବୁଢ଼ୀ ସମ୍ମତି ଜଣାଉଥାନ୍ତି । ଆଖିରୁ ଦୁଇଟୋପା ଲୁହ ବୋହିଗଲା । ଓଢ଼ଣାରେ ମୁହଁ ଘୋଡ଼ାଇ ଲୁଗାକାନିରେ ପୋଛିନେଲେ ଆଖି । ବିମଳବାବୁଙ୍କ ପାଖରେ ଆଉକିଛି ଅଛପା ରହିଲା ନାହିଁ । କୁନାଳ ଗୋଟିଏ ବୋଲି ପୁଅ ଅଶୋକ ତ୍ରିବେଦୀ ଓ କାରୁବାକୀଙ୍କର । ବାହାହେଲା ପରଠାରୁ ପୁଅ କୁନାଳ ଆଉ ବାପା ମା'ଙ୍କୁ ଆଦୌ ପଚାରି ନାହାନ୍ତି । ଚିଠି

Digitized by PPRACHIN, SOA

ଦେଲେ ଉତ୍ତର ଦିଅନ୍ତି ନାହିଁ । କାହା ହାତରେ ଖବର ପଠାଇଲେ ଆସେନାହିଁ ତା'ର ଜବାବ । ଗାଁଲୋକ ଫେରିଆସି କହନ୍ତି "ଦେଖା ହୋଇପାରିଲା ନାହିଁ । ହାକିମବାବୁ ବହୁତ କାର୍ଯ୍ୟବ୍ୟସ୍ତ । ଅନେକ ବର୍ଷ ହେଲା କୌଣସି ସଂପର୍କ ଆଉ ନାହିଁ ତାଙ୍କର ଏକମାତ୍ର ସନ୍ତାନ କୁନାଳ ସଙ୍ଗେ । ପୁଅର ଏତେ କାମ ଯେ ଆଉ କାହା କଥା ବୁଝିବାକୁ ତା'ର ସମୟ ନାହିଁ" । ଦିନ ରାତି ଖାଲି ଖଟୁଛି ।

ବୁଢ଼ୀଙ୍କ କଥାରୁ ଜଣାଗଲା ଯେ ସେମାନେ ଏ ପର୍ଯ୍ୟନ୍ତ ନା ଦିଲ୍ଲୀ ଯାଇଛନ୍ତି ନା ତିରୁପତି । ଦିନେହେଲେ ବି ସେମାନେ ଆସି ପୁଅ ପାଖେ ରାଜଧାନୀରେ ରହିନାହାନ୍ତି । ପୁଅବୋହୂ ମଧ୍ୟ ଦିନେହେଲେ ଗାଁକୁ ଯାଇନାହାନ୍ତି । ଯା' ମଧ୍ୟରେ ଅଶୋକ ତ୍ରିବେଦୀଙ୍କର ନିଦ ଭାଙ୍ଗିଯାଇଥିଲା । ସେ କଷ୍ଟରେ ହାତ ଉଠାଇ କାରୁବାକୀ ଦେବୀଙ୍କୁ ବାରଣ କରୁଥିଲେ । ପୁଅ ବିଷୟରେ ଆଉ ଅଧିକ ନ କହିବା ପାଇଁ । ଅଜାଗା ଘାଆ ଦେଖି ହୁଏ ନାହିଁ କି ଦେଖାଇ ହୁଏ ନାହିଁ ।

ବିମଳବାବୁଙ୍କର ମନେପଡ଼ିଲା । ପୂର୍ବଦିନ ଅଫିସ୍‌ରେ କୁନାଳବାବୁ ଆଜି ପାଇଁ ଛୁଟି ଦରଖାସ୍ତ ଦେଇଥିଲେ, ହସ୍‌ପିଟାଲ୍‌ରେ ପଡ଼ିଥିବା ମା'ଙ୍କୁ ଦେଖାଶୁଣା କରିବା ପାଇଁ । ସିଧା ଚାଲିଲେ ସେ କୁନାଳବାବୁଙ୍କ ଘରକୁ । କୁନାଳ ବାବୁ ଘରେ ନ ଥିଲେ । ପତ୍ନୀ ସୁମିତ୍ରା ତ୍ରିବେଦୀ ବିମଳବାବୁଙ୍କୁ ପାଛୋଟି ନେଇ ବସାଇଲେ ଡ୍ରଇଁରୁମ୍‌ରେ । ଆଉ ଦୁଇଜଣ ବାନ୍ଧବୀ ସେଠାରେ ବସିଥିଲେ । ବିମଳବାବୁ ପଚାରିଲେ, "ମିଃ ତ୍ରିବେଦୀ କେତେବେଳେ ଆସିବେ କହିପାରିବେ ? ଜରୁରୀ କାମ ଥିଲା ।" ସୁମିତ୍ରାଦେବୀ ହଠାତ୍ ମୁଖମଣ୍ଡଳରୁ ସ୍ମିତହାସ୍ୟଟି କାଢ଼ିନେଇ ଗଭୀର ଦୁଃଖର ଏକ ଚିତ୍ର ସେଠାରେ ଆଙ୍କି ଦେଲେ । କହିଲେ— "ସାର୍, ତାଙ୍କ ମାଆ ଗାଁରୁ ଆସି ହସ୍‌ପିଟାଲ୍‌ରେ ବେମାର ପଡ଼ିଛନ୍ତି ତ' । ଇଏ ଯାଇଛନ୍ତି ତାଙ୍କୁ ଦେଖିବା ପାଇଁ । ଦିନରେ ମୁଁ ଆଟେଣ୍ଡ୍ କରୁଛି । ରାତିରେ ଇଏ ଆଟେଣ୍ଡ୍ କରୁଛନ୍ତି । ସେତ ରାତିରେ ଫେରିବେ ନାହିଁ । ଯଦି ଅତି ଦରକାର, କାହାକୁ ପଠାଇ ତାଙ୍କୁ ଡକାଇ ଆଣିବି କି ?"

ବିମଳବାବୁ କହିଲେ "ଆପଣ ଚିନ୍ତା କରନ୍ତୁ ନାହିଁ । ମାଉସୀ କେଉଁ ୱାର୍ଡ଼ରେ କେତେ ନମ୍ବର ବେଡ୍‌ରେ ଅଛନ୍ତି କୁହନ୍ତୁ । ମୁଁ ନିଜେ ଯାଇ ଦେଖିଆସିବି । କୁନାଳବାବୁଙ୍କ ସଙ୍ଗେ ଜରୁରୀ କାମ ଥିଲା ତ ।" ସୁମିତ୍ରା ଦେବୀ ତୁରନ୍ତ କହିଲେ, "ଆପଣ କାହିଁକି କଷ୍ଟ କରି ହସ୍‌ପିଟାଲ ଯିବେ ? ଇଏ ଫେରିଲା ମାତ୍ରେ ମୁଁ ତାଙ୍କୁ କହିବି ବିଳମ୍ବ ନ କରି ଆପଣଙ୍କ ଘରକୁ ଯିବେ" ।

ଆପଣ ଆଦୌ ବ୍ୟସ୍ତ ହୁଅନ୍ତୁ ନାହିଁ । ମିସେସ୍ ତ୍ରିବେଦୀ, କୁନାଳବାବୁ ତ ଏତେ କାର୍ଯ୍ୟବ୍ୟସ୍ତ ଲୋକ । ମୁଁ ଏବେ ହସ୍‌ପିଟାଲ ଆଡ଼େ ଯାଉଛି ।

Digitized by PPRACHIN, SOA

ସେଇଠି ଦେଖା ହୋଇଯିବ କୁନାଳ ବାବୁଙ୍କ ସଙ୍ଗେ ।'' ଆଉ ଅପେକ୍ଷା ନ କରି ବିମଳବାବୁ ବାହାରିଗଲେ ।

ତା'ପରଦିନ ସଚିବାଳୟରେ ପହଞ୍ଚି କୁନାଳବାବୁଙ୍କୁ ଡକାଇ ପଠାଇଲେ ବିମଳ ମାଲହୋତ୍ରା । ପି.ଏ. ରାମଧନବାବୁ ଆଣି ଥୋଇଲେ ଉପ-ଶାସନସଚିବଙ୍କର ଛୁଟି ପାଇଁ ଏକ ଦରଖାସ୍ତ । ତିନିମାସ ପାଇଁ ଛୁଟିରେ ଯିବେ କୁନାଳ ତ୍ରିବେଦୀ । ଅସୁସ୍ଥତା ସାର୍ଟିଫିକେଟ୍‌ଟି ଏଥର ନ ଥିଲା ଅଶୋକ ତ୍ରିବେଦୀ କିମ୍ବା କାରୁବାକୀଦେବୀଙ୍କ ନାମରେ । ଥିଲା କୁନାଳଙ୍କ ନିଜ ନାମରେ । ବିମଳ ମାଲହୋତ୍ରାଙ୍କୁ ଆଉ ମୁହଁ ନ ଦେଖାଇ ରାଜଧାନୀରୁ ବଦଳି ହୋଇ ପଳାୟନ କରିବା ପାଇଁ ଏହାଠାରୁ ଆଉ କୌଣସି ଉତ୍କୃଷ୍ଟ ପନ୍ଥା ପାଇ ନ ଥିଲେ ପିତୃଭକ୍ତ କାର୍ଯ୍ୟବ୍ୟସ୍ତ କୁନାଳ ।

Digitized by PPRACHIN, SOA

ନିଲମ୍ବନ

ସାମ୍ନାରେ ଗଦା ଗଦା ସହାନୁଭୂତି ବାର୍ତ୍ତା । ଅଫିସ୍‌ଟିର ଅଧେ ସମୟ ବିତିଗଲାଣି କେବଳ ସେଗୁଡ଼ିକୁ ଦେଖି ସଜାଡ଼ିବାରେ । ଏଗୁଡ଼ିକ ଆସିଥିଲା ତାଙ୍କର ସହକର୍ମୀ ଏବଂ ଅନ୍ତରଙ୍ଗ ବନ୍ଧୁମାନଙ୍କଠାରୁ ତାଙ୍କର ନୂତନ ଦାୟିତ୍ୱ ଗ୍ରହଣ ଅବସରରେ । ଅନେକ ବନ୍ଧୁ ଫୋନ୍‌ରେ ତାଙ୍କ ପାଇଁ ଈଶ୍ୱରଙ୍କ ଆଶୀର୍ବାଦ ପ୍ରାର୍ଥନା କଲେ ।

ଅଠର ଶହ ବସ୍ ଚାଲୁଥିବା ଏହି ଗୋମତୀ ରାଜ୍ୟ ସଡ଼କ ପରିବହନ ନିଗମ ବର୍ଷକୁ ପାଖାପାଖି ଏକକୋଟି ଟଙ୍କା କ୍ଷତି କରୁଥିଲା । ନିଗମ ଯେଉଁ ବ୍ୟାଙ୍କରୁ ବା ଅର୍ଥ ଲଗାଣକାରୀ ସଂସ୍ଥାରୁ ଋଣ ଆଣୁଥିଲା ସେଥିରୁ ଅଧିକାଂଶ ପରିଶୋଧ କରିପାରୁ ନ ଥିଲା । ବେଳେବେଳେ କର୍ମଚାରୀଙ୍କ ଦରମା ଦେବା ମଧ୍ୟ କାଠିକର ପାଠ ।

ଶ୍ରୀମାନ୍ ରଜତ ମୋଦି ନିଗମରେ ଯୋଗଦେବାର ମାତ୍ର ଦଶଦିନ ହୋଇଛି । ଅଠେଇଶ ଗୋଟି ଟ୍ରେଡ୍ ଇଉନିୟନ୍‌ର ସମନ୍ୱୟ ସମିତି ତରଫରୁ ଏକ ମିଳିତ ସ୍ମାରକ ଓ ଦାବୀପତ୍ର ତାଙ୍କ ଆଗରେ ଉପସ୍ଥାପନ କରାଗଲା । ସେଥିରେ ପ୍ରଥମ ଦାବୀ ଥିଲା ମହଙ୍ଗାଭତ୍ତା ଦିଆଯିବ, ଦରମାର ଶତକଡ଼ା ଏକଶତ ପଞ୍ଚସ୍ତରି ଭାଗ । ସମସ୍ତ ସରକାରୀ ଛୁଟିଦିବସ ନିଗମ ପାଇଁ ମଧ୍ୟ ଛୁଟି ବୋଲି ଘୋଷିତ ହେଉ, ସେ ଦିନଗୁଡ଼ିକରେ ବସ୍ ଚାଲିଲେ ଓଭର ଟାଇମ୍ ଦିଆଯାଉ, ମେଡ଼ିକାଲ ଖର୍ଚ୍ଚ ବାବଦ ଭତ୍ତା ତିନିଗୁଣ ବଢ଼ାଯାଉ, ଘରଭଡ଼ା ଆଲାଉନ୍‌ସକୁ ବଢ଼ାଯାଉ ଶତକଡ଼ା ପନ୍ଦରରୁ ତିରିଶ ଭାଗକୁ ।

କୌଣସି ଇଉନିୟନ୍ ସଙ୍ଗେ ରାଜିନାମା ସ୍ୱାକ୍ଷରିତ ହେବାର ତିନିବର୍ଷ ପୂର୍ଣ୍ଣ ହୋଇ ନ ଥିଲା । କିନ୍ତୁ ନୂଆ ଚେୟାରମ୍ୟାନଙ୍କୁ ନୂତନ ଦାବୀଗୁଡ଼ିକ ସମ୍ବନ୍ଧରେ ସଚେତନ କରିବା ପାଇଁ ଏବଂ ସେହି ଆଳରେ ନିଜ ନିଜ ଶକ୍ତିର ପରିଚୟ ଦେବା ପାଇଁ ଏହା ଏକ ସୁଯୋଗ ଥିଲା ।

ମୋଦିସାହେବ ଜାଣିଥିଲେ ଯେ ଏ ଦାବୀଗୁଡ଼ିକର କୌଣସି ଯଥାର୍ଥତା ନାହିଁ । ତେଣୁ ସେ ସମନ୍ୱୟ କମିଟିର ପ୍ରତିନିଧିମାନଙ୍କୁ ଡାକି ଦାବୀଗୁଡ଼ିକ ପୂରଣ କରାଯାଇ ପାରିବ ନାହିଁ ବୋଲି ରୋକଠୋକ ଜଣାଇଦେଲେ ।

ସମନ୍ୱୟ ସମିତି ସଙ୍ଗେ ସଙ୍ଗେ ଧର୍ମଘଟର ନିଷ୍ପତ୍ତି ଘୋଷଣା କରିଦେଲେ ।

Digitized by PPRACHIN, SOA

ଧର୍ମଘଟକୁ ବେଆଇନ୍ ଘୋଷଣା କରାଗଲା । ରାଜ୍ୟର ଅନ୍ୟ ବସମାଲିକ ସଂଘ ତରଫରୁ ଏହି ଆନ୍ଦୋଳନ ଚଳାଇ ରଖିବା ପାଇଁ ପାଞ୍ଚ ଦଶଲକ୍ଷ ଟଙ୍କା ଖର୍ଚ୍ଚ ମଧ କରାଯାଇଥିଲା । ଗୋମତୀ ନିଗମର ଇଉନିୟନମାନଙ୍କର ନେତାମାନଙ୍କୁ ଧର୍ମଘଟ ଚାଲୁରଖିବା ପାଇଁ ସଂଘପକ୍ଷରୁ ପାରିତୋଷିକ ଦିଆଯାଇଥିଲା । କିନ୍ତୁ ଧର୍ମଘଟ ମନକୁ ମନ ଭାଙ୍ଗିଯିବାକୁ ବସିଲା । କର୍ମଚାରୀମାନେ କାମକୁ ଫେରିଲେ ।

ହିସାବରୁ ଦେଖାଗଲା ଯେ ଯେଉଁ ବାଷଠିଦିନ ଗୋମତୀ ପରିବହନ ନିଗମରେ ଧର୍ମଘଟ ଆନ୍ଦୋଳନ ଚାଲିଥିଲା, ସେଥିରେ ନିଗମର କ୍ଷତିର ପରିମାଣ ପ୍ରାୟ ଦେଢ଼କୋଟି ଟଙ୍କା କମିଗଲା । ଏହାର ତିନୋଟି କାରଣ ଥିଲା । ଯେଉଁ ପରିବହନ ନିଗମର ପ୍ରତି କିଲୋମିଟର ଯାତ୍ରା ପିଛା ବ୍ୟୟ କିଲୋମିଟର ଯାତ୍ରା ପିଛା ଆୟଠାରୁ କମ୍ ଥାଏ ସେଠାରେ ଯେତେ ବସ୍ ଚାଲେ ସେତେବେଶୀ କ୍ଷତି ହୁଏ । ବସ୍ ଯେତେ ନ ଚାଲେ, କ୍ଷତି ସେତେ କମ୍ ହୁଏ । ଦ୍ୱିତୀୟତଃ ଧର୍ମଘଟକାରୀ କର୍ମଚାରୀମାନେ ବାଷଠିଦିନର ଦରମା ହରାଇଲେ । ତେଣୁ ନିଗମର ସେତିକି ଅର୍ଥ ବଞ୍ଚିଗଲା । ବସ୍ ଚାଲିଥିଲେ ଯେତିକି ଅର୍ଥ ଗାଡ଼ି ମରାମତିରେ ଖର୍ଚ୍ଚ ହୋଇଥାନ୍ତା, ଷ୍ଟୋର୍‌ରୁ ଯେତିକି ଯନ୍ତ୍ରପାତି ଓ ପାର୍ଟସ୍ ଚୋରି ହୋଇଥାନ୍ତା ଏବଂ ଯେତିକି ନୂଆ ଟାୟାର୍ ଟ୍ୟୁବ୍ ବିକ୍ରୀ ହୋଇଥାନ୍ତା, ତାହା ହେଲା ନାହିଁ । ତେଣୁ ଭଣ୍ଡାରରୁ ଚୋରି କମିଯିବାରୁ କ୍ଷତି କମିଗଲା ।

ଧର୍ମଘଟ ସିନା ଭାଙ୍ଗିଗଲା, କିନ୍ତୁ ଗୋମତୀ ନିଗମରେ ଶୃଙ୍ଖଳା ଫେରିଆସିଲା ନାହିଁ । ଶୃଙ୍ଖଳା ତଥା ସମୟାନୁବର୍ତ୍ତିତା ରକ୍ଷା କରିବାପାଇଁ ମୋଦିସାହେବ ଯଥାସାଧ ଚେଷ୍ଟାକଲେ । ଅଠେଇଶଟି ଇଉନିୟନ୍ ମଧରୁ କିଏ କେତେବେଳେ ହଠାତ୍ ହାତୁଡ଼ି ଛାଡ଼୍ କରନ୍ତି ତା'ର ଠିକଣା ବି ନ ଥାଏ । କୌଣସି ରାସ୍ତା ନ ଦେଖି ଦିନେ ମୋଦି ସାହେବ ଗୋମତୀ ନିଗମର ପୂର୍ବତନ ଚେୟାରମ୍ୟାନ୍ ଶ୍ରୀ ବଜାଜଙ୍କ ଘରକୁ ଯାଇ ଦେଖାକଲେ । "ଆପଣ ଏ ଯାଏ କେତେଜଣ କଣ୍ଡକ୍ଟର୍, ମେକାନିକ୍, ଡ୍ରାଇଭରଙ୍କୁ ସସ୍‌ପେଣ୍ଡ କଲେଣି ? ସସ୍‌ପେଣ୍ଡ ନ କଲେ କାମ କେମିତି ହବ ? ବଜାଜଙ୍କ କଥାଶୁଣି ମୋଦି ସାହେବ ପ୍ରଥମେ କିଛି ବୁଝି ନ ପାରି ପଚାରିଲେ, "ବଜାଜ ସାହେବ୍, ଆପଣ କର୍ମଚାରୀଙ୍କୁ ସସ୍‌ପେଣ୍ଡ କରି କିଭଳି କାମ ଚଳାଉଥିଲେ ?

"ଶୁଣ ମୋଦି, ତୁମେ ପିଲାଲୋକ । ଗୋମତୀ ପରିବହନ ନିଗମରେ ତଳଠାରୁ ଉପରଯାଏ ଶତକଡ଼ା ଷାଠିଏ ଦୁର୍ନୀତିଗ୍ରସ୍ତ । ମୁଁ କର୍ମଚାରୀମାନଙ୍କ ମଧରୁ ଶତକଡ଼ା କୋଡ଼ିଏ ପଚିଶି ଭାଗଙ୍କୁ ସସ୍‌ପେଣ୍ଡ୍ କରିଥାଏ । କେତେକ କର୍ମଚାରୀ ଯେଉଁମାନେ କାମ କରି ଉପୁରି ପାଇଥାନ୍ତି ତାକୁ ବ୍ୟବସାୟରେ ଖଟାଇବାପାଇଁ ବା ଜମିବାଡ଼ି ଓ ଘର କିଣିବା ପାଇଁ ସେମାନଙ୍କର ପ୍ରାୟ ଛ' ମାସ ନିଲମ୍ବନ ଦରକାର ।

Digitized by PPRACHIN, SOA

ତେଣୁ ସେମାନେ ଖୁସି । ସେମାନଙ୍କ ସ୍ଥାନରେ କାମ ଚଳାଇବା ପାଇଁ ଡ୍ରାଇଭର, କଣ୍ଡକ୍ଟର୍, ହେଲପର୍ଙ୍କୁ ସାମୟିକ ନିଯୁକ୍ତି ଦିଆଯାଏ । ସେମାନେ ପ୍ରତ୍ୟେକ ପାଞ୍ଚରୁ ପନ୍ଦର ହଜାର ଟଙ୍କା ମୋଟେ ଦେଇ ନିଯୁକ୍ତି ପାଆନ୍ତି । ଯେଉଁମାନେ ନିଲମ୍ବିତ ହୋଇଥାନ୍ତି ସେମାନେ ଛ' ମାସରୁ ଦଶମାସ ପରେ ମୋଟେ ଧାର୍ଯ୍ୟ ପଇସା ଦେଇ ନିଲମ୍ବନରୁ ମୁକ୍ତି ପାଇ କାମରେ ଯୋଗ ଦିଅନ୍ତି । ସେତେବେଳେ ଏଇ ସାମୟିକ ଚାକିରି ପାଇଥିବା ଲୋକେ ଅନ୍ୟ କର୍ମଚାରୀଙ୍କ ନିଲମ୍ବନଜନିତ ଶୂନ୍ୟସ୍ଥାନରେ ଯୋଗ ଦିଅନ୍ତି । କେତେକ ମଧ୍ୟ ସସ୍ପେଣ୍ଡ୍ ନ ହେବା ପାଇଁ ପଇସା ଦିଅନ୍ତି । ଯଦି କେତେବେଳେ ନିଲମ୍ବିତ ହୋଇଥିବା କର୍ମଚାରୀଙ୍କ ସଂଖ୍ୟା ପଚିଶି ଭାଗରୁ କମିଯାଏ ତେବେ ସାମୟିକ ଭାବେ ନିଯୁକ୍ତ ଲୋକଙ୍କୁ ଛଟେଇ କରିବାକୁ ପଡ଼େ । ସେମାନେ ସହକାରୀ ଲେବର୍ କମିଶନର୍ଙ୍କ କୋର୍ଟରୁ ଯାଇ ଷ୍ଟେ ନେଇ ଆସନ୍ତି । ତେଣୁ ତାଙ୍କୁ ମଧ୍ୟ ଦରମା ଦେବାକୁ ପଡ଼େ । ପାଂଚ ଛ'ମାସ ରହିଲା ପରେ ସେମାନେ ମଧ୍ୟ କୌଣସି ନା କୌଣସି ଇଉନିୟନର ସଭ୍ୟ ହୋଇଯାଆନ୍ତି । ତେଣୁ ତାଙ୍କୁ ଛଟେଇ କରିବା ସହଜ ହୁଏ ନାହିଁ । ଏମିତି ନିଗମରେ ଲୋକ ବଢ଼ି ବଢ଼ି ପ୍ରତି ବସ୍ ପିଛା ଏବେ ଦଶ୍ଜଣ ଲୋକ ଅଛନ୍ତି । ପ୍ରତି ଚେୟାରମ୍ୟାନ ପଚାଶ ଶହେ ଲୋକ ରଖିଯାଇଛନ୍ତି । ସମସ୍ତେ ସବୁବେଳେ କାମରେ ରହିଲେ ନିଗମ ଚାଲିବ କେମିତି ? ଦିନ ଆସିବ ଯେ ଗୋମତୀ ନିଗମ ବସ୍‌ଗୁଡ଼ିକରେ କେବଳ ନିଗମର କର୍ମଚାରୀମାନେହିଁ ଯାତାୟାତ କରିବେ । ତେଣୁ ତୁମେ ମଧ୍ୟ ଶତକଡ଼ା କୋଡ଼ିଏରୁ ପଚିଶଭାଗ କର୍ମଚାରୀଙ୍କୁ ସସ୍ପେଣ୍ଡ କରିଚାଲ । ସମସ୍ତଙ୍କ ମନରେ ଡର ପଶିଯିବ । ତାପରେ କାମ ଠିକ୍ ହେବ । ଏମାନଙ୍କୁ ବସ୍‌ଠାରୁ ଯେତିକି ଦୂରରେ ରଖିବ ଗୋମତୀ ସଡ଼କ ପରିବହନ ନିଗମର କ୍ଷତି ସେତେ କମ୍ ହେବ । ତୁମେ ସେମାନଙ୍କଠାରୁ ପଇସା ନିଅ, ବା ନ ନିଅ ସେ ତୁମର ବ୍ୟକ୍ତିଗତ ସାଧୁତାର କଥା । ସସ୍ପେନ୍‌ସନ୍ ଡର ନ ରହିଲେ କେହି କାମ କରିବେ ନାହିଁ, ଖାଲି ଆନ୍ଦୋଳନ କରିବେ । ବଜାଜ ସାହେବଙ୍କ ଏଇ ଲମ୍ବା ସରମନ୍‌କୁ ଖୁବ୍ ଆଗ୍ରହ ସହକାରେ ଶୁଣୁଥିଲେ ମୋଦିସାହେବ ।

ମୋଦିସାହେବ ମ୍ୟାନେଜମେଣ୍ଟର ଏହି ଅଭିନବ ଫର୍ମୁଲା ବିଷୟ ଶିକ୍ଷାକରି ତାକୁ କାମରେ ଲଗାଇବେ ନା ନାହିଁ ଠିକ୍ କରିପାରୁ ନ ଥିଲେ । ବଜାଜସାହେବଙ୍କ କରିତ୍‌କର୍ମା ଚାଲାଖ୍ ବୁଦ୍ଧିକୁ କି ଭାଷାରେ ସେ ତାରିଫ୍ କରିବେ ବୁଝିପାରୁ ନ ଥିଲେ ।

Digitized by PPRACHIN, SOA

ସାରିଡନ୍

ଶଙ୍କରନ୍ ରାମନାଥନ୍ ସେଦିନ ବ୍ୟାଙ୍କରେ ଆସି ପହଞ୍ଚିବାରେ କୋଡ଼ିଏ ମିନିଟ ବିଳମ୍ବ । ଗରାଖ ସବୁଦିନ ବ୍ୟାଙ୍କ୍‌କୁ ଆସି ପହଞ୍ଚୁ ପହଞ୍ଚୁ ପ୍ରାୟ ଡେରି ହୁଏ ଅଧଘଣ୍ଟାରୁ ଚାଳିଶି ମିନିଟ୍ । ଯଦି ବା ଦିନ ଦଶଟାବେଳେ ବ୍ୟାଙ୍କ ଖୋଲିବା କଥା କୋଡ଼ିଏ ପଚିଶ ମିନିଟ୍ ବିଳମ୍ବ ଗରାଖମାନଙ୍କର ଦେହସୁହା । ତା'ଛଡ଼ା ସେଦିନ ଥିଲା ଗୁରୁବାର ।

ଗୁରୁବାର ଦିନଟି ଲକ୍ଷ୍ମୀଠାକୁରାଣୀଙ୍କ ବାର । ସେଦିନ ଘରୁ ବା ଦୋକାନରୁ ଟଙ୍କା ଆଣି ବ୍ୟାଙ୍କ୍‌ରେ କମ୍ ଲୋକ ଜମା କରନ୍ତି । ଗୁରୁବାର ଦିନ ଲକ୍ଷ୍ମୀ ଘରୁ ବାହାରିବା କଥା ନୁହେଁ । ଠିକ୍ ସେହିପରି ଅତି ଦରକାର ନ ହେଲେ ଜମା ହୋଇଥିବା ଟଙ୍କା. ମଧ୍ୟ ଗୁରୁବାର ଦିନ ପ୍ରାୟ ବ୍ୟାଙ୍କରୁ ଉଠାଯାଏ ନାହିଁ । ଥରେ ସଞ୍ଚିଥିବା ଟଙ୍କାକୁ ଗୁରୁବାର ଦିନ ଖର୍ଚ୍ଚ କରିବା ଆରମ୍ଭ କଲେ ଆଉ ତା'ର ଅନ୍ତ ରହିବ ନାହିଁ । ତେଣୁ ଗୁରୁବାର ଦିନ ବ୍ୟାଙ୍କ ଶାଖାଗୁଡ଼ିକରେ କମ୍ କାମ । ବ୍ୟାଙ୍କ କର୍ମଚାରୀମାନଙ୍କ ପାଇଁ ଗୁରୁବାରଟି ଅଧା ଛୁଟି କହିଲେ ଚଳେ ।

କିନ୍ତୁ ଶଙ୍କରନ୍‌ବାବୁ ଆଜି ଏ କ'ଣ ଦେଖୁଛନ୍ତି ? ତାଙ୍କ ଆସିବା ପୂର୍ବରୁ ସାମନାସିଟ୍‌ରେ ଆସି ବସିଛନ୍ତି ଅବସର ପ୍ରାପ୍ତ ଚିଫ୍ ଇଂଜିନିୟର ଦାମୋଦରନ୍ ନାଗରାଜୁଡୁସାହେବ । "ନମସ୍କାର ସାର୍, ସରି, ମୋର ଟିକିଏ ଡେରି ହୋଇଗଲା । ଆଜି କ'ଣ ଆଉ ଗୋଟିଏ ଫିକ୍ସଡ଼ ଡିପୋଜିଟ କରିବେ ? ଗୁରୁବାର ଦିନଟାରେ କାହିଁକି ଆସିଲେ ସାର୍ ?" ନାଗରାଜୁଡୁ କହିଲେ– "ଧନ୍ୟବାଦ ଶଙ୍କରନ୍‌ବାବୁ । ଆପଣ ଆଜି ଆଉ ପନ୍ଦର ମିନିଟ ଡେରି କରିଥିଲେ ମୋର ବ୍ଲଡ୍‌ପ୍ରେସର୍ ଆହୁରି ବହୁତ ବଢ଼ି ଯାଇଥାନ୍ତା । ଆଜି ମୋର ଗୋଟିଏ ଫିକ୍ସଡ଼ ଡିପୋଜିଟ୍ ଭଙ୍ଗାଇ ନଗଦ ଟଙ୍କା ନେବାର ଅଛି । ଆପଣ ସାହାଯ୍ୟ ନ କଲେ ହେବ ନାହିଁ ।"

ଦାମୋଦରନ୍‌ବାବୁ ବ୍ୟାଗ୍‌ରୁ କାଢ଼ିଲେ ଦୁଇଲକ୍ଷ ଟଙ୍କାର ଗୋଟିଏ ଟର୍ମ ଡିପୋଜିଟ୍ ରିସିଟ୍ ଓ ବଢ଼ାଇ ଦେଲେ ଶଙ୍କରନ୍‌ବାବୁଙ୍କୁ ।

ଏ କ'ଣ ସାର୍– ଆପଣତ ଏଇ ଦଶ ଦିନ ତଳେ ନିଜ ଝିଅ ନାଁରେ ଏଇଟା ନେଇଥିଲେ । ଆପଣ ଏଇ ତିନିଦିନ ତଳେ ଝିଅ ବାହାଘର ନିମନ୍ତ୍ରଣପତ୍ର

Digitized by PPRACHIN, SOA

ଆଣି ଦେଇଯାଇଛନ୍ତି । ହଠାତ୍ କ'ଣ ଏମିତି ଟଙ୍କା ଦରକାର ହେଲା ? ଏବେ କ'ଣ ଏଇ ଟଙ୍କାଟା ଖର୍ଚ୍ଚ ନ କରିଥିଲେ ଚଳି ନଥାନ୍ତା ? ଶଙ୍କରନ୍ ଅନୁରୋଧଭରା କଣ୍ଠରେ କହିଲେ । "ଆପଣ ଆଉ କେଉଁ ବ୍ୟାଙ୍କକୁ ଏ ପଇସା ଉଠାଇ ନେଉନାହାନ୍ତି ତ ? ଏବେ ଏଇ ଟି.ଡ଼ି.ଆର୍‌ଟା ଭଙ୍ଗାଇଲେ ଆପଣ ତ ସୁଧ କିଛି ପାଇବେ ନାହିଁ, ବରଂ ଆମ ବ୍ୟାଙ୍କ ଆପଣଙ୍କୁ କିଛି ଟଙ୍କା ଚାର୍ଜ କରିବ ।

ଦାମୋଦରନ୍ ଅନୁନୟ ହୋଇ କହିଲେ "ଅପଣ କିଛି ଜାଣିନାହାନ୍ତି ଶଙ୍କରନ୍‌ବାବୁ । ମୋ ଝିଅ ପାଇଁ ଆଇ.ଏ.ଏସ୍.ବର ଠିକ୍ କରିଛି । ବର ଆମ ଜାତିର । ଦୁଇ ଲକ୍ଷ ଟଙ୍କା ଦେବି ବୋଲି କଥା ଛିଡ଼ିଥିଲା । ବାହାଘର ଆଉ ତିନିଦିନ ପରେ । ଗତକାଲି ରାତିରେ ସମୁଦୀ ଆସି ପହଞ୍ଚିଲେ । ଯଉତୁକ ଟଙ୍କା ମାଗିଲାରୁ ମୁଁ ଏଇ ଟର୍ମ ଡିପୋଜିଟ୍ ରିସିଟ୍‌ଟା ବଢ଼ାଇଦେଲି । ମୋ ମୁହଁଉପରକୁ ସମୁଦୀ ଫୋପାଡ଼ି ଦେଲେ ଏଇ କାଗଜଟା । କହିଲେ— "ମିଃ ନାଗରାଜୁଡୁ, ଏ ଚାଲାକି ଆଉ କାହାକୁ ଦେଖାଇବେ । ମୋ-ପୁଅକୁ ଧାର କରଜ କରି ମୁଁ ପାଠ ପଢ଼ାଇଲି । ଦିଲ୍ଲୀରେ କୋଚିଂକ୍ଲାସରେ ତିନିବର୍ଷ ପଢ଼ାଇ ଆଇ.ଏ.ଏସ୍. କରାଇଲି । ଆଉ ଟଙ୍କା ଆପଣ ମୋତେ ନ ଦେଇ ଆପଣଙ୍କ ଝିଅ ନାଁରେ ବ୍ୟାଙ୍କ ଡିପୋଜିଟ୍ ଦେବେ । ଦି' ବର୍ଷପରେ ଏ ଡିପୋଜିଟ ମାଚିଓର କଲାବେଳକୁ ଆପଣଙ୍କ ଝିଅ-ଜ୍ୱାଇଁ ଏ ଟଙ୍କା ନେଇ ମସ୍ତି କରିବେ । ଆଉ ମୁଁ ଗିନି ବଜେଇବି ବୋଲି ଭାବିଛନ୍ତି ନା କ'ଣ ? ମୋର ନଗଦ ଟଙ୍କା ଏବେ ଦରକାର । ଧାର ଉଧାର ଶୁଝିବି । ଆଉ ଫିକ୍‌ସଡ୍ ଡିପୋଜିଟ୍ କାଗଜ ନେଇ କ'ଣ ଚାଟିବି ? ମୁଁ ଯେତେ ବୁଝାଇଲି ସେ ମାନିବାକୁ ପ୍ରସ୍ତୁତ ନୁହେଁ । ସିଧା କହିଲେ ପ୍ରସ୍ତାବ ଭାଙ୍ଗିଯିବ । ଆଜି ଦିନ ବାରଟା ସୁଦ୍ଧା ଟଙ୍କା ନ ପହଞ୍ଚିଲେ ବାହାଘର ଏତିକି ।

ଶଙ୍କରନ୍ ନିଜେ ବ୍ରାଞ୍ଚ ମ୍ୟାନେଜରଙ୍କ ପାଖକୁ ଯାଇ ଟି.ଡ଼ି.ଆର୍.ଟି. ଭଙ୍ଗାଇ ଦେବାର ବନ୍ଦୋବସ୍ତ କଲେ । ଅଧଘଣ୍ଟାଏ ମଧ୍ୟରେ ସବୁ କାଗଜ କାମ ହୋଇଗଲା । ନାଗରାଜୁଡୁ ସାହେବ ଅତ୍ୟନ୍ତ କୃତ୍ୟକୃତ୍ୟ ହୋଇ ଶଙ୍କରନ୍‌ଙ୍କୁ ଧନ୍ୟବାଦ ଜଣାଇଲେ । ଗଲାବେଳେ କହିଗଲେ ଆପଣ ନିଶ୍ଚୟ ମୋ ଝିଅ ବାହାଘରକୁ ଆସିବେ ।

ପରଦିନ ପୁଣି ଚିଫ୍ ଇଂଜିନିୟର ବାବୁଙ୍କୁ ବ୍ୟାଙ୍କ୍‌ରେ ଦେଖି ଶଙ୍କରନ ଆହୁରି ଆଶ୍ଚର୍ଯ୍ୟ ହେଲେ ଏଥର ପୁଣି କ'ଣ ହେଲା ସାର୍ ? ଦାମୋଦରନ୍ ନାଗରାଜୁଡୁଙ୍କର ସେଇ ବ୍ୟସ୍ତ ବ୍ୟସ୍ତ ଭାବ । "ଭାଇ ଶଙ୍କରନ୍, ବ୍ରାଞ୍ଚ ମ୍ୟାନେଜର୍‌ଙ୍କ ପାଖକୁ ମୋତେ ନେଇଚାଲ । ଲକର୍ ଖୋଲି ଗୋଟିଏ ପ୍ଲଟ୍‌ର କାଗଜପତ୍ର ନେବା ନିତାନ୍ତ ଜରୁରୀ ।"

Digitized by PPRACHIN, SOA

"ସାର୍ ଆପଣ ପରା ନୀଳାପୁରମ୍‌ରେ ଥିବା ପ୍ଲଟ୍ ଝିଅ-ଜ୍ୱାଇଁଙ୍କୁ ଦେଉଛନ୍ତି ବୋଲି କହୁଥିଲେ । ପୁଣି ଆଉ ଗୋଟାଏ ପ୍ଲଟ କଥା ଉଠିଲା କେଉଁଠୁ ?" ଶଙ୍କରନ୍ ପ୍ରଶ୍ନ କଲେ । ମୁଁ ତ ନୀଳାପୁରମ୍ ପ୍ଲଟ ଦେବି ବୋଲି ନିଷ୍ପତ୍ତି କରିଥିଲି । ସମୁଦୀ କାଲି ଆସି କହିଲେ– ଏ ସରକାରୀ ଲିଜ୍ ପ୍ଲଟରେ ନାନା ଝାମେଲା । ପରେ ଜ୍ୱାଇଁ ନାଁରେ ଟ୍ରାନ୍ସଫର କରିବା ପାଇଁ ସରକାରଙ୍କ ଅନୁମତି ଦରକାର, ଏନ୍‌କୁଆରୀ ହେବ । ତେଣୁ ମୋତେ ଘରୋଇ ପ୍ଲଟ ଦେବାକୁ ହେବ । ଆଜି ହିଁ ରେଜିଷ୍ଟ୍ରେସନ୍ ଅଫିସ୍ ଦଉଡ଼ିବାକୁ ପଡ଼ିବ, ଲକରରୁ କାଗଜପତ୍ର ନେଲାପରେ ।"

ଦାମୋଦରନ୍‌ଙ୍କ ଉପରେ ଦୟା ଆସିଲା ଶଙ୍କରନ୍‌ଙ୍କର । ପୁରୁଣା ଗରାଖ ଓ ଅନେକଦିନର ଚିହ୍ନାପରିଚୟ ସେ । ତାଙ୍କୁ ବ୍ରାଞ୍ଚ ମ୍ୟାନେଜର୍‌ଙ୍କ ପାଖକୁ ନେଇ ସେ ସବୁ ସୁବିଧା କରିଦେଲେ । କାମ ହୋଇଗଲା ଦଶମିନିଟ୍ ମଧ୍ୟରେ । ନାଗରାଜୁଡୁ ସାହେବ ଖୁସିରେ ଶଙ୍କରନ୍‌ଙ୍କ ହାତ ଧରି ପୁଣି ଅନୁରୋଧ କଲେ– ଆପଣ ନ ଥିଲେ ମୋ ଝିଅ ବୋଧେ ବାହା ହୋଇ ପାରି ନ ଥାନ୍ତା । ଆପଣ ପଅରଦିନ ନିଶ୍ଚୟ ବାହାଘରକୁ ଆସିବେ । ଆପଣଙ୍କୁ ଦେଖିଲେ ମୋର ଅନେକ ସାହସ ଆସିବ ।

ବାହାଘର ଦିନ ଶଙ୍କରନ୍‌ଙ୍କୁ ଛୁଟି ନେବାକୁ ହେଲା । ବାହାଘର ଲଗ୍ନ ଦ୍ୱି'ପ୍ରହର ଗୋଟାଏ ବେଳକୁ । ବରଯାତ୍ରୀ ଆସି ପହଞ୍ଚିବେ ଦିନ ବାରଟାରେ । କଲ୍ୟାଣମଣ୍ଡପଟି ବେଶ୍ ରୁଚିପୂର୍ଣ୍ଣଭାବେ ସୁସଜ୍ଜିତ ହୋଇଛି । ଚଳଚ୍ଚିତ୍ରର ସଂଗୀତ ଧ୍ୱନିରେ ମୁଖରିତ ହୋଇଛି ଗଗନ ପବନ । ଅତିଥିମାନଙ୍କୁ ସୁବାସିତ ଚନ୍ଦନ, ଗୋଲାପ ଅତର ସ୍ପ୍ରେ ଓ ମଲ୍ଲୀମାଳରେ ଆପ୍ୟାୟିତ କରାଯାଉଛି । ଥଣ୍ଡାପାନୀୟ ଯାହାକୁ ଯେତେ । ନାଗରାଜୁଡୁସାହେବଙ୍କ ଦୁଇପୁଅ । ଜଣେ ଡାକ୍ତର, ଜଣେ ଇଂଜିନିୟର ।

ସାନଝିଅ ରାଜେଶ୍ୱରୀ ଅତି ଗେଲବସର ହୋଇ ପଢ଼ାରେ ମନଦେଲା ନାହିଁ । ଅବହେଳା କଲା । ନ ହେଲେ ସେ ମଧ୍ୟ ଡାକ୍ତରାଣୀ କି ଆଇ.ଏ.ଏସ୍. ହୋଇଥାନ୍ତା । ଆଇ.ଏ.ଏସ୍. ନିଜେ ନହେଲେ କ'ଣ ହେଲା । ଏବେ ତ ଆଇ.ଏ.ଏସ୍.ନାଗଭୂଷଣମ୍ ଦେବୀପ୍ରସାଦର ସେ ଗୃହିଣୀ ହେବ । ଚାରିଆଡ଼େ ଆନନ୍ଦମୁଖର ବାତାବରଣ ।

ବରଯାତ୍ରୀ ଯଥାସମୟରେ ପହଞ୍ଚିଲେ । ସମ୍ବର୍ଦ୍ଧନା ଓ ବାଟବରଣ ହେଲା ପରେ ନାଗରାଜୁଡୁ ସାହେବ ଗୋଟିଏ ସୁସଜ୍ଜିତ ରୁପାଥାଳିରେ ଭେଟି ଦେଲେ ଗୋଟିଏ ନୂଆ କାର୍‌ର ଚାବିପେଛା । ବର ଦେବୀପ୍ରସାଦ ଚାବିଟି ନେଇ ଆଉ ଅପେକ୍ଷା ନ କରି ସଙ୍ଗେ ସଙ୍ଗେ ଚାଲିଲେ ଗୋଟିଏ ନୀଳରଙ୍ଗର ମାରୁତି ଗାଡ଼ିଆଡ଼େ । ପଛରେ ଡ୍ରାଇଭର । ଗାଡ଼ିଟି ଖୋଲି ଡ୍ରାଇଭର ଇଂଜିନ୍ ଷ୍ଟାର୍ଟ କଲେ । ପଛରେ

Digitized by PPRACHIN, SOA

ବସିଲେ ଦେବୀପ୍ରସାଦ । ମାତ୍ର ଗୋଟିଏ ମିନିଟ୍ ପରେ ଗାଡ଼ିରୁ ବାହାରି ଆସିଲେ ଦେବୀପ୍ରସାଦ । ଡ୍ରାଇଭର ହାତରୁ ଚାବିପେଛାଟି ନେଇ ଫେରାଇ ଦେଲେ ନାଗରାଜୁଡୁଙ୍କୁ । "ଆପଣଙ୍କର କ'ଣ ଏତିକି କମନ୍‌ସେନ୍‌ସ ନାହିଁ ? ଜଣେ ଆଇ.ଏ.ଏସ୍. ଅଫିସରକୁ ବିନା ଏୟାରକଣ୍ଡିସନ୍‌ରେ ଗାଡ଼ି ଦେଉଛନ୍ତି ଚଢ଼ିବାକୁ । ମୋତେ କ'ଣ ବୋଲି ପାଇଲେ କି ? ମୁଁ ଏ ଗାଡ଼ି ଚଢ଼ିବି ନାହିଁ କି ଆପଣଙ୍କ ଝିଅକୁ ବାହା ହେବିନାହିଁ ।" ନାଗଭୂଷଣମ୍ ଦେବୀପ୍ରସାଦ ଏହାକହି ଲଥିକିନା ଆସି ବସିପଡ଼ିଲେ ଦର୍ଶକମାନଙ୍କ ପାଇଁ ପଡ଼ିଥିବା ଚଉକିରୁ ଗୋଟିଏରେ ।

ନାଗରାଜୁଡୁ ସାହେବଙ୍କ ମୁହଁ ଶୁଖିଗଲା । କ'ଣ କରିବେ ସେ । ଚାରିଆଡ଼େ ଅସହାୟ ଭାବେ ଅନାଇଲେ । ଶଙ୍କରନ୍ ଆସି ପାଖରେ ଠିଆହେଲେ । "ସାର୍ ଏତେବେଳେ ସାହସ ହରାନ୍ତୁ ନାହିଁ । ମୋତେ ଦିଅନ୍ତୁ ଚାରି ହଜାର ଟଙ୍କା ଆଉ ଗାଡ଼ି ଚାବି । ମୁଁ ଏ.ସି. ଲଗାଇ ଆଣିବି । ଆପଣ ସମୁଦୀଙ୍କୁ କୁହନ୍ତୁ– ବାହାଘର କାମ ଚାଲୁ । ଏ.ସି. ଲଗାହୋଇ ଆସିଲା ପରେ ହାତଗଣ୍ଠି ପଡ଼ିବ । ଅନେକ ବୁଝାଇଲାପରେ ଦେବୀପ୍ରସାଦ ଓ ତାଙ୍କ ପିତା ରାଜିହେଲେ ଏଇ ପ୍ରସ୍ତାବରେ । ଡ୍ରାଇଭରକୁ ନେଇ ଶଙ୍କରନ୍ ବାହାରିଗଲେ କାର୍ ପାଇଁ ଏ.ସି. କିଣିବା ପାଇଁ । ପାଞ୍ଚଟି ଦୋକାନ ବୁଲିଲା ପରେ ଏ.ସି. ମିଳିଲା । କମ୍ପାନୀ ଓ୍ୱାର୍କସପ୍‌କୁ ନେଇ ଲଗାଇବା ପାଇଁ ଦୁଇଘଣ୍ଟା ଲାଗିଲା । ଶଙ୍କରନ୍ ଫେରିଲାବେଳକୁ ଦିନ ତିନିଟା ତିରିଶ୍ ।

କିନ୍ତୁ ଏ କ'ଣ ? ବାହାଘର କାମଯେ ପୁଣି ବନ୍ଦ ହୋଇଯାଇଛି । ଖବର ନେବାରେ ଜଣାଗଲାଯେ ଶଙ୍କରନ ବଜାର ଯିବାର ପ୍ରାୟ ପନ୍ଦରମିନିଟ୍ ପରେ ଜିନ୍‌ପେଣ୍ଟ ପିନ୍ଧା, ଲମ୍ବା କହରାବାଳ ରଖିଥିବା ପାଞ୍ଚଜଣ ସଡ଼କଛାପ୍ ସଂଜୟ ଦତ୍ତ ଆସି ବାହାଘର ଦେଖିବା ପାଇଁ ବେଦୀପାଖରେ ପଡ଼ିଥିବା ଚଉକି ମାଡ଼ିବସିଲେ । ଦେବୀପ୍ରସାଦ ତାଙ୍କୁ ଦେଖି ଖପ୍‌ପା, ତାଙ୍କର ଜିଦ୍ ବେଦୀ ଆଗରେ ପଡ଼ିଥିବା ସାମନା ଚଉକିରେ କେବଳ ବରଯାତ୍ରୀ ବସିବେ । ନାଗରାଜୁଡୁଙ୍କୁ ଡକାହୋଇ ଏକଥା କୁହାଗଲା । ଆଗଧାଡ଼ିରେ ସଂଜୟ ଦତ୍ତ ମାନେ ଆଦୌ ଘୁଞ୍ଚିବାକୁ ନାରାଜ । ସେମାନଙ୍କୁ ପେପ୍‌ସୀ, ମିଠାଦହି, ମିରିଣ୍ଡା, ସ୍ପ୍ରିଣ୍ଟ, କୋକ୍, ମ୍ୟାଙ୍ଗୋ ସ୍ଲାଇସ୍ ସବୁ ଦିଆଗଲା । ଭୋଜି ଖାଇବାକୁ ଡକା ଗଲା । ସେମାନେ ଶୁଣିଲେ ନାହିଁ । ଏକା ଜିଦ୍, ସେମାନେ ବାହାଘର ଦେଖିବେ ।

ତାଙ୍କ ବସ୍ତିର ଝିଅ ବାହାହେଉଛି । ବର ଗାଡ଼ି ଯଉତୁକ ନେଉଛି । ଏ ମଉକାରେ ସେମାନଙ୍କ ତଣ୍ଟି ଶୁଖିଲା ରହିବ କିପରି ? ନାଗରାଜୁଡୁ ଆସି ସେମାନଙ୍କୁ ହଜାରେ ଟଙ୍କା ଯାଚିଲେ । ସେମାନେ ମନା କଲେ । ବରପକ୍ଷର ଯଦି ଆପତ୍ତି

Digitized by PPRACHIN, SOA

ହେଉଛି ଆମେ ଏଠି ବସି ବାହାଘର ଦେଖିବା ପାଇଁ ତେବେ ବରପିତା ଆମକୁ ପାଞ୍ଚଟି ଇଂପୋଟେଡ୍ ସ୍କଚ୍ ହୁଇସ୍କି ବୋତଲ ବା ତା'ପାଇଁ ପଇସା ଦିଅନ୍ତୁ । ସୁନାପିଲା ଭଳି ଆମେ ଚାଲିଯିବୁ ।

ଦେବୀପ୍ରସାଦ ସେମାନଙ୍କ କଥା ଶୁଣି ଏକଦମ ରାଗରେ ପଞ୍ଚମ । ତାଙ୍କର ଜିଦ୍ ହେଲା ଯେ ସି.ଆର.ପି.ଏଫ୍. ପୋଲିସ୍ ଆସି ଏଇ ପାଞ୍ଚଜଣଙ୍କୁ ଗିରଫ କରି ନ ନେଲାଯାଏ ସେ ବେଦୀ ଉପରକୁ ଯିବେ ନାହିଁ । ଥାନାକୁ ସଙ୍ଗେ ସଙ୍ଗେ ଖବର ଦିଆଗଲା । ଥାନାବାବୁ ଆସି ପହଞ୍ଚିଲା ପୂର୍ବରୁ ସଂଜୟ ଦତ୍ତ ପଞ୍ଚମୂର୍ତ୍ତି ପଳାୟନ କଲେ । ଦେବୀପ୍ରସାଦ କିନ୍ତୁ ଏଥିରେ ସନ୍ତୁଷ୍ଟ ନ ଥିଲେ । ଏଇ ଖାକିପୋଷାକ ପିନ୍ଧା ମଫସଲିଆ ରାଜ୍ୟ ପୋଲିସ୍ ସେମାନଙ୍କୁ ଗିରଫ କରିପାରିବେ ନାହିଁ । ସି.ଆର.ପି.ଏଫ୍. ଜବାନମାନେ ସେମାନଙ୍କୁ ଗିରଫ ନ କଲାଯାଏ ବାହାଘର ହେବ ନାହିଁ । ବରଯାତ୍ରୀମାନଙ୍କର ଏ ଅପମାନ ଅସହ୍ୟ ।

ନାଗରାଜୁଡୁ ସାହେବ ହତବୁଦ୍ଧି ହୋଇ ବସିଥିଲେ । ଚାରିଆଡ଼େ ନୀରବତା । ଯେତେ ବୁଝାଇଲେ ଦେବୀପ୍ରସାଦ କିଛି ବୁଝୁନାହାନ୍ତି । ବରପିତା ମଧ୍ୟ ଅସହାୟ । ଆଇ.ଏ.ଏସ୍. ପୁଅ ତାଙ୍କର ଯାହା ଚାହିଁବ ସେଇଆ ହେବ । ଶଙ୍କରନ ନିଜେ ଯାଇ ଦେବୀପ୍ରସାଦଙ୍କୁ ବୁଝାଇବାକୁ ଚେଷ୍ଟାକଲେ । ରାଜ୍ୟ ପୋଲିସ୍ ନିଶ୍ଚୟ ସନ୍ଧ୍ୟା ସୁଦ୍ଧା ସେ ଉଦ୍ଧତ ଟୋକାମାନଙ୍କୁ ଗିରଫ କରିନେବ । ଆଗେ ବାହାଘରଟା ସୁରୁଖୁରୁରେ ହୋଇଯାଉ । ଏ.ସି.ତ ଗାଡ଼ିରେ ଲାଗିଗଲାଣି । ଚୋର, ଗୁଣ୍ଡାମାନଙ୍କୁ ଧରିବା ରାଜ୍ୟ ପୋଲିସଙ୍କ କାମ । ଦେବୀପ୍ରସାଦ କିନ୍ତୁ ଏକଦମ୍ ନଛୋଡ଼ବନ୍ଦା । ସି.ଆର.ପି.ଏଫ୍. ହିଁ ଗିରଫ କରିବେ ସେମାନଙ୍କୁ ।

ହାର୍ ମାନି ଚାଲିଆସିଲେ ଶଙ୍କରନ୍ । ଏ.ସି.ଲଗାଯାଇଥିବା ନୂଆ ମାରୁତି ଗାଡ଼ିଟି ନେଇ ପୁଣି ବଜାର ଆଡ଼େ ବାହାରିଲେ । ନାଗରାଜୁଡୁସାହେବ ତାଙ୍କୁ ହାତ ଧରି ଅଟକାଇଲେ– "ଭାଇ, ତୁମେ ଚାଲିଗଲେ ମୋତେ ଏକଦମ୍ ଅସହାୟ ଲାଗୁଛି । ଆଉ ଥରେ ଚେଷ୍ଟା କର । ମୋ ସୁନା ଭାଇଟା ପରା । ଶଙ୍କରନ୍ କହିଲେ– ସାର୍, ମୁଁ କିଛି ସାରିଡ଼ନ ଆଣିବା ପାଇଁ ଯାଉଛି । ଆପଣଙ୍କର ଓ ମୋର ଦୁହିଁଙ୍କର ଦରକାର ।"

ଶଙ୍କରନ୍ ବାହାରି ଯିବାର ପନ୍ଦର ମିନିଟ୍ ପରେ ବର ଦେବୀପ୍ରସାଦ ଆଇ.ଏ.ଏସ୍.ଙ୍କ ନିକଟକୁ କଲ୍ୟାଣ ମଣ୍ଡପ ଟେଲିଫୋନ୍‌ରେ ଡାକରା ଆସିଲା ।

ଆରପଟୁ ଗମ୍ଭୀର ଶାସକୀୟ ଓ ସାମରିକ ସ୍ୱର । "ମୁଁ ଡି.ଜି.ସି.ଆର.ପି.ଏଫ୍. ବିବେକ ପାଶ୍ୱାନ କହୁଛି । ଏନ୍.ଦେବୀପ୍ରସାଦବାବୁଙ୍କୁ ଫୋନକୁ ଡାକି ଦିଅ । କହିବ ଡି.ଜି.ସି.ଆର୍.ପି.ଏଫ୍. ଡାକୁଛନ୍ତି ।"

Digitized by PPRACHIN, SOA

ଦେବୀପ୍ରସାଦ ଏପଟୁ ଫୋନ୍ ଧରିଲେ । "କଂଗ୍ରାଚୁଲେସନ୍ସ ଦେବୀପ୍ରସାଦ । ମୁଁ ଡି.ଜି.ସି.ଆର.ପିଏଫ୍ ବିବେକ ପାଣ୍ଡେ କହୁଛି । ବେଷ୍ଟ ଉଇସେସ୍ ଫର ଏ ହାପି ୱେଡ଼ିଂ । ଆମେ ସେ ପାଞ୍ଚଜଣ ଗୁଣ୍ଡାଙ୍କୁ ଏବେ ଗିରଫ କରି କୋର୍ଟକୁ ଚାଲାନ୍ କରିଦେଲୁ । ଖୁବ୍ ପିଟିଛୁ ସେମାନଙ୍କୁ । ତୁମ ପାଇଁ ଏ ବଦମାସଗୁଡ଼ାକ ଧରାପଡ଼ିଲେ । ରାଜ୍ୟ ପୋଲିସ୍ ଏମାନଙ୍କୁ ଆଦୌ ଧରି ପାରି ନ ଥାନ୍ତା । କେନ୍ଦ୍ର ସରକାର ତୁମ ପାଇଁ ପୁରସ୍କାର ଦେବେ ।"

ଏନ୍. ଦେବୀପ୍ରସାଦ ଏଥର ମହାଖୁସି । ନାଗରାଜୁଡୁ ସାହେବକୁ ଡାକି କହିଲେ– "ଦେଖିଲେ ମିଃ ନାଗରାଜୁଡୁ । ମୁଁ ଜିଦ୍ ଧରିଲାରୁ ସି. ଆର.ପି.ଏଫ୍.ଡି.ଜି. ପାଞ୍ଚଜଣଯାକ ଗୁଣ୍ଡାଙ୍କୁ ଗିରଫ କରି ମାଡ଼ ମାରି କୋର୍ଟକୁ ପଠାଇଦେଲେ । ଆପଣମାନେ ପରା କହୁଥିଲେ ଚୋର ଗୁଣ୍ଡାଙ୍କୁ ଧରିବା ସି.ଆର.ପି.ଏଫ୍.ର କାମ ନୁହେଁ । ଏଥର ପୁରୋହିତକୁ ଡାକନ୍ତୁ । ବାହାଘର କାମ ଚାଲୁ ।" ଶଙ୍କରନ୍ କିଛିସମୟ ପରେ କଲ୍ୟାଣମଣ୍ଡପ ଫେରିଆସିଲେ । ସେତେବେଳକୁ ହାତଗଣ୍ଠି ପଡ଼ିସାରିଥାଏ । ନାଗରାଜୁଡୁସାହେବ ତାଙ୍କୁ ଦେଖି ପଚାରିଲେ– "ମୋ ପାଇଁ ସାରିଡ଼ନ ଟାବଲେଟ୍ କାଇଁ ?" ଶଙ୍କରନ୍ ରାମନାଥନ୍ ମୁରୁକି ହସି ଚାପାକଣ୍ଠରେ କହିଲେ– "ସାର୍ , ସାରିଡ଼ନ ଟାବଲେଟ୍ ଏବେ ଟେଲିଫୋନ୍ ବୁଥ୍‌ରେ ମିଳୁଛି । କିନ୍ତୁ ଆପଣଙ୍କର ତ ଆଉ ସାରିଡ଼ନ ଦରକାର ନାହିଁ ।" କନ୍ୟା ବିଦା ନ ହେଲା ଯାଏ କିଛି କହିହେବ ନାହିଁ ଶଙ୍କରନ୍ । ନାଗରାଜୁଡୁ ଗୋଟିଏ ଦୀର୍ଘଶ୍ୱାସ ନେଇ କହିଲେ । ଏ ଜ୍ୱାଇଁକୁ ସମ୍ଭାଳିବାକୁ ମୋତେ ସାରିଡ଼ନ ଟାବଲେଟ୍‌ର ହୋଲସେଲର ହେବାକୁ ପଡ଼ିପାରେ ଦେଖୁଛି ।

ଶଙ୍କରନ୍ କହିଲେ, "ସାର୍, ମୋର ଗୋଟିଏ କଥା ମାନନ୍ତୁ । ଆପଣଙ୍କ ନିଜ ଗାଡ଼ିରେ ଏଥର ଗୋଟିଏ ଏ.ସି. ଲଗାନ୍ତୁ । ଆପଣଙ୍କ ଝିଅର ଏ.ସି. ଗାଡ଼ି ଚଢ଼ିବା ଅଭ୍ୟାସ ହେଲାପରେ ସେ ଆପଣଙ୍କ ଗାଡ଼ିରେ ଚଢ଼ିଲେ ନିଶ୍ଚୟ କଷ୍ଟ ପାଇବ । ଆପଣ ତାକୁ ନିଜ ଚାକିରିକାଳ ମଧ୍ୟରେ ଯେଉଁ ସୁଖ-ସ୍ୱାଚ୍ଛନ୍ଦ୍ୟ ଦେଇଛନ୍ତି ତା'ଠାରୁ ଢ଼େର୍ ବେଶୀ ଐଶ୍ୱର୍ଯ୍ୟ ସେ ଭୋଗ କରିବାକୁ ଯାଉଛି । ଆପଣ ଏଥିପାଇଁ କୌଣସି ଚିନ୍ତା କରିବା ଦରକାର ନାହିଁ । ଆପଣଙ୍କର ସାରିଡ଼ନର ହୋଲ୍‌ସେଲର୍ ହେବା ଆଦୌ ଆବଶ୍ୟକତା ପଡ଼ିବ ନାହିଁ ।"

Digitized by PPRACHIN, SOA

ରାଜନୀତି

ଇରୋଡ଼ର ରଙ୍ଗନାଥ ଶାସ୍ତ୍ରୀ କଲେଜ ଇଉନିୟନର ନିର୍ବାଚନ । ରାଜ୍ୟର ଦୁଇଟି ମୁଖ୍ୟ ରାଜନୈତିକ ପାର୍ଟି ଭି.କେ.କେ. ଓ ଏ.ଭି.କେ.କେଙ୍କ ପାଇଁ ଏହା ଏକ ଇଜ୍ଜତର ପ୍ରଶ୍ନ । ଗଲା ଦୁଇବର୍ଷ ହେଲା 'ଏ.ଭି.କେ.କେ ସମର୍ଥିତ ଛାତ୍ର ଇଉନିୟନ୍‌ର ଦୁଇଜଣ କଲେଜର ସଭାପତି ପଦ ମଣ୍ଡନ କରିଛନ୍ତି । ତୃତୀୟଥର ଏ.ଭି.କେ.କେ ଦଳଙ୍କୁ ଯେକୌଣସି ମତେ ପରାଜିତ କରିବାକୁ ଭି.କେ.କେ ଦଳ ଦୃଢ଼ପ୍ରତିଜ୍ଞ ।

ଭି.କେ.କେ ଏବର୍ଷର ସରକାରୀ ଦଳ । ଏଥର ଯଦି ସେମାନେ ଗାଡ଼ି, ଅର୍ଥ ଓ ସରକାରୀ ସମର୍ଥନ ପାଇ ମଧ୍ୟ ଏ.ଭି.କେ.କେ ଠାରୁ ପଛରେ ପଡ଼ିଯିବେ ତେବେ କ'ଣ ତା'ର କ୍ଷମା ଅଛି ? ଖୁବ୍ ସମ୍ଭବ ଜିଲ୍ଲା ମନ୍ତ୍ରୀଙ୍କୁ ଇସ୍ତଫା ଦେବାକୁ ପଡ଼ିପାରେ ।

ଏ.ଭି.କେ.କେ ଦଳ ରାଜ୍ୟର ଅନେକ କଲେଜରେ ଏଥର ଇଉନିୟନ ନିର୍ବାଚନରେ ହାରିଯାଇଛି । ତେଣୁ ସେମାନେ ବଦ୍ଧପରିକର । ରଙ୍ଗନାଥ ଶାସ୍ତ୍ରୀ କଲେଜ ଇଉନିୟନ୍ ସେମାନେ ଯେଉଁ ଉପାୟରେ ହେଉ ଦଖଲ କରିବେ । ସାଜ ସାଜ ରବରେ ଗଗନ ପବନ ପ୍ରକମ୍ପିତ ।

ଭି. ଚିଦାମ୍ବରମ ଏ.ଭି.କେ.କେ ଦଳ ସମର୍ଥିତ ଛାତ୍ର ଇଉନିୟନର ପ୍ରାର୍ଥୀ । ଗତ ଆଠବର୍ଷ ଧରି ସେ ଇରୋଡ଼ରେ ବିଭିନ୍ନ କଲେଜରେ ବି.ଏସସି., ବି.କମ୍. ଓ ବି.ଏ. ପଢୁଛନ୍ତି । ତାଙ୍କ ସାଙ୍ଗମାନେ କିଏ ସିଭିଲ୍‌ସର୍ଭିସ୍‌ରେ, କିଏ ଅଧ୍ୟାପନାରେ, କିଏ ବ୍ୟାଙ୍କ୍‌ରେ ଯୋଗ ଦେଲେଣି । ଅନେକ ବାହାସାହା ହୋଇ ପିଲା ଦେଖିଲେଣି । କିନ୍ତୁ ଚିଦାମ୍ବରମ୍‌ଙ୍କର କଲେଜ-ପ୍ରୀତି ଅତୁଟ । ସେ ଅନ୍ୟ ଛାତ୍ରଙ୍କ ଭଳି ଫୁଲାଫାଙ୍କିଆ ଭାବେ ପଢ଼ନ୍ତି ନାହିଁ । ରୀତିମତ ଗବେଷଣା କରନ୍ତି । ପୂର୍ବରୁ ଇରୋଡ଼ର ଅନ୍ୟ ତିନୋଟି କଲେଜରେ ସଂପାଦକ କିମ୍ବା ସଭାପତି ପଦବୀ ମଣ୍ଡନ କଲାପରେ ଏଥର ସେ ଦୃଷ୍ଟି ରଖିଛନ୍ତି ରଙ୍ଗନାଥ ଶାସ୍ତ୍ରୀ କଲେଜର ସଭାପତି ପଦପାଇଁ । ପି.ଜି.କ୍ଲାସ୍ ଥିବା କଲେଜରେ ଯଦି ଅଣ୍ଡର ଗ୍ରାଜୁଏଟ୍ ଛାତ୍ର ସଭାପତି ହୋଇପାରିଲା ତେବେ ଏହାଠାରୁ ବଡ଼ ସାଫଲ୍ୟ ଆଉ କ'ଣ ଅଛି ?

ଭି.କେ.କେ. ଦଳ ସମର୍ଥିତ ପ୍ରାର୍ଥୀ ଡି.ହରିହରନ୍‌ଙ୍କ ପାଇଁ ଅର୍ଥର ଅଭାବ ନାହିଁ । ଆର.ଟି.ଓ. ସେମାନଙ୍କ ପାଇଁ ତିନୋଟି ଗାଡ଼ି ଠିକ୍ କରି ଦେଇଛନ୍ତି ।

Digitized by PPRACHIN, SOA

ଏକ୍‌ସାଇଜ୍ ସୁପରିଟେଣ୍ଡେଣ୍ଟ ଦୁଇଜଣ ଅବକାରୀ ଭେଣ୍ଡରଙ୍କୁ କହିଛନ୍ତି – ଯେତେବେଳେ ଯାହା ଦରକାର ସେମାନେ ସବୁ ବୁଝିବେ । ଯୋଗାଣ ଅଧିକାରୀ ମଧ୍ୟ ସାହାଯ୍ୟ କରିବାକୁ ଆଗଭର । ଜିଲ୍ଲା ମନ୍ତ୍ରୀ ଆସି ସର୍କିଟ ହାଉସ୍‌ରେ ରହି ସବୁ ବ୍ୟବସ୍ଥା ତଦାରଖ କରୁଛନ୍ତି । ତାଙ୍କ ନିର୍ଦ୍ଦେଶ ଅନୁସାରେ ଜଙ୍ଗଲ ବିଭାଗର କର୍ମଚାରୀମାନେ ମଧ୍ୟ ନିର୍ବାଚନରେ ଯଥାସାଧ୍ୟ ସାହାଯ୍ୟ କରୁଛନ୍ତି । ଜିଲ୍ଲାପାଳ ଓ ଏସ୍.ପି.ଙ୍କ ଠାରୁ ସମସ୍ତ ଅଧସ୍ତନ କର୍ମଚାରୀମାନଙ୍କୁ ଅଲିଖିତ ସ୍ପଷ୍ଟ ନିର୍ଦ୍ଦେଶ । ହରିହରନ୍‌ଙ୍କୁ ଯେମିତି ହେଲେ ଜିତାଇବାକୁ ହେବ । ସରକାରଙ୍କ ପାଇଁ ଇଜ୍ଜତର ପ୍ରଶ୍ନ । ଜିଲ୍ଲାର ମନ୍ତ୍ରୀଙ୍କ ପାଇଁ ଚାକିରିର ପ୍ରଶ୍ନ ।

ଚିଦାମ୍ବରମ୍‌ଙ୍କୁ ଆର୍ଥିକ ସାହାଯ୍ୟ ଦେଉଛନ୍ତି ଇରୋଡ଼ର ଜଣେ ନାମଜାଦା ବ୍ୟବସାୟୀ ଗୋବିନ୍ଦରାଜନ୍ । ଏ.ଡି.ଜେ.କେ. ଦଳ ସରକାରରେ ପାଞ୍ଚବର୍ଷ ଥିଲାବେଳେ ସେ ସରକାରୀ ଆଶୀର୍ବାଦରୁ ଅତିକମ୍‌ରେ ପଚାଶକୋଟି ଟଙ୍କା କମାଇଥିଲେ । ତାଙ୍କ କଥା ତେଣୁ ନିଆରା । ସେ ଏକା ମାଧିଆ ବାଇଶିପଳ ।

ଇଉନିୟନ୍ ନିର୍ବାଚନ ଆଉ ପାଞ୍ଚଦିନ ଅଛି । ଚିଦାମ୍ବରମ୍‌ଙ୍କ ଆବଶ୍ୟକ ଆଉ ଏକ ଲକ୍ଷ ଟଙ୍କା । ନିତାନ୍ତ ଅପ୍ରତ୍ୟାଶିତ ଭାବେ ଗୋବିନ୍ଦରାଜନ୍ ଏଥର ମନାକଲେ । ସେ ଆଉ ଟଙ୍କା ଦେଇପାରିବେ ନାହିଁ । ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କଠାରୁ କଡ଼ା ନିର୍ଦ୍ଦେଶ ଆସିଛି । ଗୋବିନ୍ଦରାଜନ୍ ଯଦି ଆଉ ଚିଦାମ୍ବରମ୍‌ଙ୍କୁ ପଇସା ଦିଅନ୍ତି ତେବେ ତାଙ୍କୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ । ତାଙ୍କ କାରଖାନା, ବ୍ୟବସାୟରେ ତାଲା ଝୁଲିବ ।

ଚିଦାମ୍ବରମ୍ ଜଣେ ଅଭିଜ୍ଞ ଲଢୁଆ ସୈନିକ । ପଛଘୁଞ୍ଚା ଦେବା ଛାତ୍ରନେତା ସେ ନୁହନ୍ତି । ଦୁଇଜଣ ମଦ ଭାଟିବାଲାଙ୍କ ଅଫିସ୍‌ରୁ ହରିହରନ୍ ବାହାରି ଆସୁଥିବା ଫଟୋ ଦୁଇଟିକୁ ନେଇ ଗୋଟିଏ ପୋଷ୍ଟର ମୁଦ୍ରିତ ହେଲା । ଆର.ଟି.ଓ. ଯୋଗାଡ଼ କରିଥିବା ତିନୋଟି ଗାଡ଼ିର ଫଟୋ ଆଉ ଗୋଟିଏ ପୋଷ୍ଟରରେ ସ୍ଥାନ ପାଇଲା । କଲେଜରେ ହରିହରନ୍ ସାଧା ପୋଷାକଧାରୀ ପୋଲିସ୍‌ଙ୍କ ସହ କଥାବାର୍ତ୍ତା କରୁଥିବାର ଗୋଟିଏ ଫଟୋକୁ ନେଇ ଆଉ ଗୋଟିଏ ପୋଷ୍ଟର ତିଆରି ହେଲା । ଏସବୁ କାର୍ଯ୍ୟ ଗୋଟିଏ ଦିନରେ ସମ୍ପୂର୍ଣ୍ଣ ହେଲା ।

ଏହି ପୋଷ୍ଟରଗୁଡ଼ିକ ହାତରେ ଧରି ଚିଦାମ୍ବରମ ବାହାରିଲେ ସହରରୁ ଚାନ୍ଦା ସଂଗ୍ରହ କରିବା ପାଇଁ । ସରକାରୀକଳର କିଭଳି ଅପବ୍ୟବହାର କରାଯାଇ ଶାସକ ପାର୍ଟି ସମର୍ଥିତ ହରିହରନ୍‌ଙ୍କୁ ସାହାଯ୍ୟ ଦିଆଯାଉଛି ଏକଥା ସେ ଜନସାଧାରଣଙ୍କ ନିକଟରେ ପେଶ୍ କରିବେ । ଚିଦାମ୍ବରମ୍‌ଙ୍କ ସାଙ୍ଗରେ ଆଉ ଚାରିଜଣ ଛାତ୍ରନେତା ବାହାରିଲେ ଏହି ଚାନ୍ଦା ସଂଗ୍ରହ ଅଭିଯାନରେ । ଏ ଟଙ୍କା ସଂଗ୍ରହ ନ ହେଲେ ଏତେଦିନର ପରିଶ୍ରମ ଫସର ଫାଟିଯିବ ।

Digitized by PPRACHIN, SOA

ଫଟୋଗୁଡ଼ିକର ବାର୍ତ୍ତା ବା ଚିଦାମ୍ବରମ୍‌ଙ୍କ ଅନୁରୋଧ ଯେତେ କାମ ଦେଉ ନ ଥିଲା, ଚାନ୍ଦା ନଦେଲେ ଭବିଷ୍ୟତରେ ହେବାକୁ ଥିବା ହଇରାଣର ଭୟ ତା'ଠାରୁ ଅଧିକ କାମ ଦେଲା । ଦିନ ବାରଟା ବେଳକୁ ପଚାଶ ହଜାର ଟଙ୍କା ହାତକୁ ଆସିଗଲା । ଚିଦମ୍ବରମ୍ ଓ ତାଙ୍କ ସାଙ୍ଗମାନେ "ବ୍ରେକ୍ କେ ବାଦ୍" ଆସିବେ ଠିକ୍ କରି ଚୁଙ୍ଗ୍ ୱା ଖୋଲାଠିପି ବାର୍ କମ୍ ରେଷ୍ଟୋରାଣ୍ଟରେ ପହଞ୍ଚିଲେ । ବିଦେଶୀ ପାନୀୟ ଡାଇରେକ୍ଟରସ୍ ସ୍ପେଶିଆଲ, ମିକ୍ସଡ୍ ଫ୍ରାଏଡ୍ ରାଇସ୍, ସାଲାଡ୍ ଓ ଚିକେନ୍ ମାଞ୍ଚୁରିଆନ ହଜମ କରି ଦ୍ୱିତୀୟ ଚାନ୍ଦା ସଂଗ୍ରହ ଦୌଡ଼ାରେ ସେମାନେ ବାହାରିଲେ । ସପ୍ତମ ସ୍ୱର୍ଗରେ ବିଚରଣ କଲାଭଳି ସେମାନଙ୍କୁ ଲାଗୁଥାଏ ।

ଶେଠ୍ ଆନନ୍ଦ ରାଓଙ୍କ ଦୋକାନ୍‌ରେ ପହଞ୍ଚି ଚାନ୍ଦା ବହିଟି ବଢ଼ାଇଦେଲେ ଚିଦାମ୍ବରମ୍ । ଫଟୋ ବା ପୋଷ୍ଟର ଦେଖାଇ ଚାନ୍ଦାମାଗିବାର ଉଦ୍ଦେଶ୍ୟ କଥା ବୁଝାଇବା ପାଇଁ କାହାରି ମନେ ନାହିଁ ବା ଧୈର୍ଯ୍ୟ ନାହିଁ । ଆନନ୍ଦ ରାଓଙ୍କ ପୁଅ କୃଷ୍ଣପ୍ରସାଦ ରାଓ ଶାସ୍ତ୍ରୀ କଲେଜର ବାଣିଜ୍ୟର ଏମ.କମ୍ ଛାତ୍ର । ସେ ଉପରଓଳି ଗଦିରେ ବସନ୍ତି । ସେ ଘଟଣାବଳୀର ପ୍ରଚ୍ଛଦପଟ ବିଷୟରେ ଅବଗତ ଥିଲେ । ମାଲଗୋଦାମର ଅନ୍ୟାନ୍ୟ ବ୍ୟବସାୟୀମାନେ ସକାଳେ ପାଞ୍ଚହଜାର ଟଙ୍କା ଲେଖାଏଁ ଚାନ୍ଦା ଦେଇଛନ୍ତି, ଏ ଖବର ମଧ୍ୟ ତାଙ୍କ ପାଖରେ ଥିଲା । ତେଣୁ ବାକ୍ୟବ୍ୟୟ ନ କରି ସେ ପାଞ୍ଚହଜାର ଟଙ୍କାର ନୋଟ୍ ବିଡ଼ାଟି ବଢ଼ାଇ ଦେଲେ ।

ହଠାତ୍ ଚିଦାମ୍ବରମ୍ ରାଗିଗଲେ – "ଶଳା, ତୋ ବୋପା ଇରୋଡ଼ ମାଲଗୋଦାମର ସବୁଠୁ ବଡ଼ ବେପାରୀ । ତୁ ଆମ କଲେଜରେ ପଢ଼ୁଛୁ । ତୁ ଦଶ ପକା । ତୋଠୁ ଆମେ ପାଞ୍ଚ ନବାକୁ ଆସି ନାହୁଁ । ଏହା କହି ସେ ନୋଟ ବିଡ଼ାଟିକୁ ଗଦି ଉପରକୁ ଫିଙ୍ଗି ଦେଲେ । ଲକ୍ଷ୍ମୀ ଠାକୁରାଣୀଙ୍କର ଗଦି ଉପରେ ଏ ଅପମାନ କୃଷ୍ଣପ୍ରସାଦ ରାଓଙ୍କୁ ଖୁବ୍ ବାଧିଲା । ସେ ନୋଟ ବିଡ଼ାଟି ନେଇ ବାକ୍ସରେ ରଖିଲେ । ନମ୍ରଭାବରେ କହିଲେ, 'ମୋ ପିତାଶ୍ରୀ ଥିଲାବେଳେ ଆପଣ ଆସନ୍ତୁ । ପାଞ୍ଚହଜାରରୁ ବେଶୀ ଦେବା ପାଇଁ ବାପାଙ୍କ ସଙ୍ଗେ ମୋର କଥାବାର୍ତ୍ତା ହୋଇନାହିଁ । ମୁଁ ଆପଣଙ୍କ କଲେଜରେ ଆପଣଙ୍କ ଉପର ଶ୍ରେଣୀରେ ପଢୁଥିବା ଜଣେ ପି.ଜି.ଛାତ୍ର । ଆପଣ ମୋତେ ଶଳା କହିବାଟା କ'ଣ ଠିକ୍ ହେଲା ?"

ଚିଦାମ୍ବରମ୍‌ଙ୍କ ରାଗ ପଞ୍ଚମକୁ ଉଠିଗଲା । ଇରୋଡ଼ ସହରରେ ଏଭଳି କୌଣସି ବାପ୍‌କା ବେଟା ସେ ଦେଖି ନ ଥିଲେ ଯିଏ ତାଙ୍କ ମୁହଁ ଉପରେ ତାଙ୍କ ଭୁଲ ଦର୍ଶାଇଦେବ । ଏତିକିବେଳେ ପାକସ୍ଥଳୀ ଭିତରେ ଅଙ୍ଗୁର କି ବେଟୀ ନିଜର ଚମତ୍କାରିତା ଦେଖାଇଲା । ଚିଦାମ୍ବରମ୍ କୃଷ୍ଣପ୍ରସାଦଙ୍କ କଲର ଧରି ତାଙ୍କୁ ଗଦିରୁ ଘୋଷାରି ଆଣିଲେ ଏବଂ ତାଙ୍କୁ ସଟା ସଟ୍ ଦୁଇଟା ଇଂରାଜୀ ଘୁଷି ମାରିଦେଲେ ।

Digitized by PPRACHIN, SOA

କୃଷ୍ଣପ୍ରସାଦ ଉଁ ଚୁଁ କିଛି ନ କହି ଗୋଦାମରେ ବସ୍ତା ବୋହୁଥିବା ଚାରିଜଣ ହମାଲଙ୍କୁ ଆଖି ଠାରିଦେଲେ । ପାଞ୍ଚ ହାତିଆ ଠେଙ୍ଗାଧରି ପହିଲିମାନ ହମାଲ ଚାରିଜଣ ଉହୁଁକି ଆସିଲେ ଚିଦାମ୍ବରମ୍ ଓ ତାଙ୍କ ସାଙ୍ଗଙ୍କ ଆଡ଼କୁ । ଚିଦାମ୍ବରମ ଲାଠିମାଡ଼ରୁ ନିଜ ମୁଣ୍ଡକୁ କୌଣସି ମତେ ବଞ୍ଚାଇ ଡିଆଁଟେ ମାରି ପଳାୟନ କଲେ । ତାଙ୍କର ତିନିଜଣ ସାଙ୍ଗ ବେଶ୍ ଉତ୍ତମ ମଧ୍ୟମ ମାଡ଼ ଖାଇଗଲେ ଓ ପ୍ରାଣ ବିକଳରେ ଛୁ । ଜଣେ ସାଙ୍ଗ ବଡ଼ପାଟିରେ ‘‘ମୋର ଭୁଲ ହୋଇଗଲା ସାର୍ । ମୋତେ ରକ୍ଷା କରନ୍ତୁ’’ କେହି କୃଷ୍ଣପ୍ରସାଦଙ୍କ ଗୋଡ଼ଯୋଡ଼ିକ ଜାବୁଡ଼ି ଧରି ପଡ଼ିରହିଲା । ହମାଲମାନଙ୍କ ଲାଠି ତା’ ପିଠିକୁ ମଧ୍ୟ ଉଠି ଆସୁଥିଲା । କୃଷ୍ଣପ୍ରସାଦ ସେମାନଙ୍କୁ ଅଟକାଇଲେ ।

ଚିଦାମ୍ବରମଙ୍କ ପଛରେ ଦୁଇଜଣ ହମାଲ ଲାଠିଧରି ରାସ୍ତାରେ ଗୋଡ଼ାଇଲେ । ମାଡ଼ରୁ ବଞ୍ଚିବା ପାଇଁ ଚିଦାମ୍ବରମ ରାସ୍ତାକଡ଼ରେ କଂକ୍ରିଟ୍ ପରିମଳ ନାଳି ଭିତରକୁ ଡେଇଁ ପଡ଼ିଲେ ।

ଚେତା ଆସିଲା ବେଳକୁ ଚିଦାମ୍ବରମ ନିଜକୁ ହସ୍‌ପିଟାଲ-ଯ୍ୟାରେ ଦେଖିଲେ । ଡାହାଣପଟ ଗୋଡ଼ରେ ଭୀଷଣ କଷ୍ଟ । ବୋଧେ ଭାଙ୍ଗିଯାଇଛି ନା’ କ’ଣ । ବାଁ’ପଟ ହାତ ପାପୁଲି ଜୋର ଫୁଲିଛି । ପୋଷାକପତ୍ରରେ ନର୍ଦ୍ଦମାର ଛାପ ଓ ଗନ୍ଧ ।

ଡାକ୍ତରବାବୁ ଆସି ସାନ୍ତ୍ୱନା ଦେଲେ । ଆଣ୍ଠୁ ତଳକୁ ଡାହାଣ ଗୋଡ଼ ହାଡ ଭାଙ୍ଗିଯାଇଛି । ସିମ୍ପଲ୍ ଫ୍ରାକ୍‌ଚର । ତେଣୁ ତିନିମାସ ମଧ୍ୟରେ ସଜାଡ଼ି ହୋଇଯିବ । ବାଁ’ପଟ ହାତ କେବଳ ମକଚି ହୋଇଯାଇଛି । ଫ୍ରାକ୍‌ଚର ନାହିଁ । ବରଫ ଲଦି ରଖିଲେ କଷ୍ଟ କମ୍ ହେବ । ଔଷଧ ଖାଇଲେ ଦଶଦିନ ମଧ୍ୟରେ ଠିକ୍ ହୋଇଯିବ ।

ଜଣେ ପ୍ରେସ୍ ଫଟୋଗ୍ରାଫର ଆସି ପହଞ୍ଚିଲେ । ପ୍ରଥମେ କୁଶଳ ପୁଚ୍ଛା କଲାପରେ ଫଟୋଟିଏ ନେବା ପାଇଁ ଚାହିଁଲେ । ଚିଦାମ୍ବରମ୍ ସିଷ୍ଟର୍‌ଙ୍କୁ ଡକାଇ ନିଜ ମୁଣ୍ଡ ଚାରିପଟେ ଆଉ ଗୋଟିଏ ବଡ଼ ବ୍ୟାଣ୍ଡେଜ୍‌ଗୁଡ଼ାଇ ଦେଲେ । କେବଳ ଗୋଟିଏ ଆଖି ଦିଶିଲା, ତା’ପରେ ଡ଼ାହାଣ ପଟ ହାତରେ ଓ ବାଁ’ ପଟ ଗୋଡ଼ରେ ଆଉ ଗୋଟିଏ ଲେଖାଏଁ ବ୍ୟାଣ୍ଡେଜ୍ ଗୁଡ଼ାଇଲେ । ଡାହାଣଗୋଡ଼ ଓ ବାଁ’ ହାତରେ ଆଗରୁ ବ୍ୟାଣ୍ଡେଜ ଥିଲା । ଏହି ଫଟୋକୁ ତୁରନ୍ତ ସ୍ଥାନୀୟ ପ୍ରାଦେଶିକ ଓ ଜାତୀୟ ସମ୍ବାଦପତ୍ରକୁ ପଠାଇବା ପାଇଁ ଚିଦାମ୍ବରମ୍ ନିର୍ଦ୍ଦେଶ ଦେଲେ ।

ତା’ପରେ ଆସିଲେ ମାଲଗୋଦାମ ଥାନାର ଦାରୋଗା ବାବୁ । ଚିଦାମ୍ବରମ୍ କହିଲେ ଆନନ୍ଦ ରାଓ, ତାଙ୍କ ପୁଅ କୃଷ୍ଣପ୍ରସାଦ ଓ ତାଙ୍କର ଭଡ଼ାଟିଆ ଗୁଣ୍ଡାମାନେ ତାଙ୍କୁ ଅତି ନିର୍ମମଭାବେ ପିଟି ତାଙ୍କର ମୁଣ୍ଡ ଫଟାଇ ଦେଇଛନ୍ତି । ଦୁଇହାତ

Digitized by PPRACHIN, SOA

ଭାଙ୍ଗି ଦେଇଛନ୍ତି । ଗୋଟିଏ ଗୋଡ଼ ଭାଙ୍ଗିଦେଇଛନ୍ତି । ରାଜ୍ୟ ବନ୍ୟା ରିଲିଫ୍ ପାଣ୍ଠି ପାଇଁ ସେ ଚାନ୍ଦା ମାଗିବାକୁ ଯାଇଥିଲେ । ବ୍ୟବସାୟୀ ଗୋଷ୍ଠୀ ତାଙ୍କୁ ଏଭଳି ଅବସ୍ଥା କରିଛନ୍ତି । ବେଆଇନ୍ ମହଜୁଦ୍‌କାରୀ, କଳାବଜାରୀ, ମୁନାଫାଖୋରୀ ବିରୋଧରେ ତାଙ୍କର ସଂଗ୍ରାମ ଚାଲୁରହିବ । ଏବେ କିନ୍ତୁ ତାଙ୍କର ମୁଣ୍ଡ ଠିକ୍ ନାହିଁ । ପଛରେ ଘଟଣାଟି ପୂରା ମନେପକାଇ ସେ ଦୋଷୀମାନଙ୍କର ସଂପୂର୍ଣ୍ଣ ତାଲିକା ଦେବେ ।

ଦାରୋଗାବାବୁ କିଛି ଟିପିଲା ପରେ ଚାଲିଗଲେ । ତା'ପରେ ଆସିଲେ ଏ.ଭି.ଜେ.କେ ଦଳର ଇରୋଡ଼ ଜିଲ୍ଲା ସଭାପତି । ଚିଦାମ୍ବରମ୍‌ଙ୍କ ଏ ଅବସ୍ଥାରେ ସେ ତାଙ୍କୁ ଜଣାଇଲେ ଗଭୀର ସହାନୁଭୂତି ଓ ସମବେଦନା । ଏ.ଭି.ଜେ.କେ ଦଳ ରାଜ୍ୟ ବିଧାନସଭାରେ ଏ ପ୍ରଶ୍ନ ଉଠାଇବ ଏବଂ ମୁଲତବୀ ପ୍ରସ୍ତାବ ଆଣିବ, "ସରକାରୀ ଭଡ଼ାଟିଆ ଗୁଣ୍ଡାଙ୍କ ଦ୍ୱାରା ଛାତ୍ରନେତା ଗୁରୁତର ଆହତ ।"

ସେଦିନ ରାତି ଦଶଟାବେଳେ ଶେଠ୍ ଆନନ୍ଦ ରାଓଙ୍କ ସଙ୍ଗେ ପୁତ୍ର କୃଷ୍ଣପ୍ରସାଦ ଆସି ହାସ୍‌ପାତାଳରେ ପହଞ୍ଚିଲେ । ଦୁହେଁ ଚିଦାମ୍ବରମ୍‌ଙ୍କୁ ହାତଧରି କ୍ଷମା ମାଗିଲେ । ଯାହା ସବୁ ଘଟିଗଲା ତାକୁ ଭୁଲିଯିବା ପାଇଁ ଅନୁରୋଧ କଲେ । ଗଲାବେଳେ ପଚାଶହଜାର ଟଙ୍କାର ଏକ ଆଟାଚି ଛାଡ଼ିଗଲେ । ଚିକିତ୍ସାପାଇଁ କାମରେ ଆସିବ । ଯଦି ହାଡ଼ ଯୋଡ଼ି ନ ହେଲା ତେବେ ଦେଶର ସବୁଠାରୁ ଭଲ ଅସ୍ଥି-ଶଲ୍ୟ ଚିକିତ୍ସା ହେଉଥିବା ହାସପାତାଳକୁ କିମ୍ବା ବିଦେଶକୁ ପଠାଇବାର ସମସ୍ତ ଖର୍ଚ୍ଚ ସେମାନେ ବହନ କରିବେ ବୋଲି ପ୍ରତିଶ୍ରୁତି ଦେଲେ । ଚିଦାମ୍ବରମ୍‌ଙ୍କର ଏକଲକ୍ଷ ଟଙ୍କା ଆଦାୟର ଲକ୍ଷ୍ୟ ପୂର୍ଣ୍ଣ ହେଲା ।

ତା'ପରଦିନ ସକାଳୁ ଚିଦାମ୍ବରମ୍ ମାଲଗୋଦାମ ଥାନାର ଦାରୋଗାଙ୍କୁ ଡକାଇଲେ । ମୁଣ୍ଡରେ ଭୀଷଣ ଆଘାତ ଲାଗିଥିବା ଯୋଗୁଁ ଗତକାଲି ମୁଁ ଆପଣଙ୍କୁ କେତେଗୁଡ଼ିଏ ଭୁଲ୍‌ନାମ ଦେଇଥିଲି । ମୋର ଏତଲା ମୁଁ ପରିବର୍ତ୍ତନ କରିବାକୁ ଚାହେଁ । ଦାରୋଗା ବାବୁ ସାମାନ୍ୟ ହସି କହିଲେ– ନିଶ୍ଚୟ, ସେ ସ୍ୱାଧୀନତା ଆପଣଙ୍କର ଅଛି । ମୋତେ କୁହନ୍ତୁ କେଉଁମାନେ ଆପଣଙ୍କୁ ଏପରି ଦଶାକଲେ । ଚିଦାମ୍ବରମ୍ ଭି.ଜେ.କେ ଦଳ ସମର୍ଥିତ ଇଉନିୟନର ସଭାପତି ପ୍ରାର୍ଥୀ ହରିହରନ୍‌ଙ୍କ ସହ ଉପସଭାପତି, ସଂପାଦକ, ସହ ସଂପାଦକ, ନାଟ୍ୟ-ସଂସଦର ସଂପାଦକ ପଦ ପାଇଁ ଲଢୁଥିବା ଏହିପରି ଦଶଜଣ ପ୍ରାର୍ଥୀଙ୍କ ନାଁ ଡାକିଦେଲେ । "ଏମାନେ ସମସ୍ତେ ସେଦିନ ହଠାତ୍ ଶେଠ ଆନନ୍ଦ ରାଓଙ୍କ ଦୋକାନକୁ ମାଡ଼ିଆସି ମୋ ସହ ସାଥୀମାନଙ୍କୁ ପିଟିବା ଆରମ୍ଭ କରିଦେଲେ । ମୁଁ ରକ୍ତସ୍ନାନ ହୋଇ ନର୍ଦ୍ଦମାରେ ପଡ଼ିଥିଲାବେଳେ କୃଷ୍ଣପ୍ରସାଦ ମୋତେ ଉଦ୍ଧାର କରି ହାସ୍‌ପାତାଳକୁ ଆଣିଛନ୍ତି । ମୋର ଜୀବନଦାତା

Digitized by PPRACHIN, SOA

ସେ । ତାଙ୍କ ବିରୋଧରେ ମୋର କୌଣସି ଅଭିଯୋଗ ନାହିଁ ।'' ଦାରୋଗାବାବୁ କୃଷ୍ଣପ୍ରସାଦଙ୍କ ନାମରେ ବାହାରିଥିବା ଗିରଫ ପରୱାନାକୁ ଖାରଜ କରି ହରିହରନ୍ ଓ ଆଉ ନ'ଜଣଙ୍କ ନାମରେ ଗିରଫ ପରୱାନା ଜାରିକଲେ । ସମାନ କାରଣରୁ ପନ୍ଦରଦିନ ମଧ୍ୟରେ ଏହି ତାଲିକା ଆଉ ଦୁଇଥର ପରିବର୍ତ୍ତିତ ହେଲା ।

ଏତଲାର ତିନିଥର ପରିବର୍ତ୍ତନ ପରେ ଚିଦାମ୍ବରମ୍ ହାସ୍‌ପାତାଳରେ ଏକ ସାମ୍ବାଦିକ ସମ୍ମେଳନ ଡକାଇଲେ । କଲେଜ ଇଉନିୟନ୍ ନିର୍ବାଚନରେ କିଭଳି ଭି.ଜେ.କେ.ଦଳ ସରକାରୀ କଳର ନିର୍ଲଜ୍ଜ ବ୍ୟବହାର କରିଛନ୍ତି ତାର ସଚିତ୍ର ପ୍ରମାଣ ସ୍ଥାପନ କଲେ । ମୁଖ୍ୟମନ୍ତ୍ରୀଙ୍କ ବନ୍ୟା ରିଲିଫ୍ ପାଣ୍ଠିପାଇଁ ସେ ଚାନ୍ଦା ସଂଗ୍ରହ କରିବାକୁ ଗଲାବେଳେ ହରିହରନ୍ ଓ ତାଙ୍କ ସମର୍ଥକମାନେ ତାଙ୍କୁ ସଶସ୍ତ୍ର ଆକ୍ରମଣ କରି କିଭଳି ଲହୁଲୁହାଣ କରିଛନ୍ତି ସେ କଥା ମଧ୍ୟ ଦେଖାଇଲେ । ମୁଣ୍ଡ ସମେତ ହାତଗୋଡ଼ ଜଖମ, ଖଣ୍ଡିଆଖାବରା । ସେ ଆଜି ଆହତ । ପଙ୍ଗୁ ପାଲଟି ବସିଛନ୍ତି । ଦୋଷୀଙ୍କୁ ଉପଯୁକ୍ତ ଦଣ୍ଡ ନ ମିଳିବା ଯାଏ ସେ ଡାକ ଦେଇଛନ୍ତି କଲେଜରେ ଅନିର୍ଦ୍ଦିଷ୍ଟ କାଳପାଇଁ ହରତାଳ । ତାଙ୍କର ଦାବି ଗୁଡ଼ିକ ହେଲା ହରିହରନ୍ ଓ ତାଙ୍କର ସାଥୀବୃନ୍ଦ ତୁରନ୍ତ ଗିରଫ ହୋଇ ଜେଲକୁ ଚାଲାଣ ହୁଅନ୍ତୁ, କଲେଜ ଶିକ୍ଷା କ୍ଷେତ୍ରରେ ରାଜନୀତିର ଅନୁପ୍ରବେଶ ବନ୍ଦ ହେଉ, ରଙ୍ଗନାଥଶାସ୍ତ୍ରୀ କଲେଜର ସମସ୍ତ ଅଭାବ ଅସୁବିଧା ଏକମାସ ମଧ୍ୟରେ ଦୂରହେଉ ଏବଂ ଚାରୋଟି ଅଧିକ ବିଷୟରେ ଅନର୍ସ ଓ ଦୁଇଟି ବିଷୟରେ ପି.ଜି. ଖୋଲୁ ।

ହରତାଳ କିଛିଦିନ ଚାଲିଲାପରେ ହିଂସାତ୍ମକ ରୂପ ଧାରଣ କଲା । ଯେଉଁ ଛାତ୍ରଛାତ୍ରୀମାନେ କଲେଜକୁ ଆସିଲେ ସେମାନଙ୍କୁ ମାରପିଟ୍ କରାଗଲା । ସରକାର ବାଧ୍ୟ ହୋଇ କଲେଜ ବନ୍ଦ କରିବା ଘୋଷଣା କଲେ । ଆନ୍ଦୋଳନ ଜିଲ୍ଲାର ଅନ୍ୟାନ୍ୟ କଲେଜ ଓ ସ୍କୁଲକୁ ବ୍ୟାପିଲା । ହରିହରନ ଓ ତାଙ୍କ ସାଥୀମାନେ ଅଣ୍ଡରଗ୍ରାଉଣ୍ଡକୁ ଚାଲିଗଲେ । ଏଭଳି ମିଥ୍ୟା କେଶ୍‌ରେ ସେମାନଙ୍କୁ ଧରିବା ପାଇଁ ପୋଲିସ୍ ଆଦୌ ତତ୍ପରତା ଦେଖାଇଲେ ନାହିଁ । ଏହିପରି ଗୋଟିଏ ତ୍ରିଶଙ୍କୁ ଅବସ୍ଥା ଦୁଇମାସ ଧରି ଚାଲୁ ରହିଲା ।

ଦିନେ ରଙ୍ଗନାଥ ଶାସ୍ତ୍ରୀ କଲେଜର ଅଧ୍ୟକ୍ଷ ଇରୋଡ଼ ଜିଲ୍ଲାପାଳ ଓ ଏସ୍.ପି.ଙ୍କ ସହ କଥାବାର୍ତ୍ତା କରି କଲେଜ ଖୋଲିଲା ବୋଲି ଘୋଷଣା କଲେ । ଯେଉଁଦିନ କଲେଜ ଖୋଲିଲା ସେହିଦିନ ଅଧ୍ୟକ୍ଷ ନୋଟିସ ଲଗାଇଲେ ଯେ ପାଞ୍ଚଦିନ ପରେ ଇଉନିୟନ୍ ନିର୍ବାଚନ ହେବ । ହରତାଳ ସାମୟିକ ଭାବେ ସ୍ଥଗିତ ରଖାଗଲା ବୋଲି ଚିଦାମ୍ବରମ ଘୋଷଣା କଲେ । ତାଙ୍କ ବନ୍ଧୁମାନେ ତାଙ୍କର ଆହତ ଅବସ୍ଥାର ତିନି ଚାରୋଟି ଫଟୋ ଧରି ସବୁ ଶ୍ରେଣୀଗୃହ ବୁଲିଲେ । ସରଳ ବିଶ୍ୱାସୀ

Digitized by PPRACHIN, SOA

ଛାତ୍ରଛାତ୍ରୀମାନଙ୍କ ଆଖିରେ ଲୁହ ଆସିଗଲା । ହରିହରନ୍ ଓ ତାଙ୍କ ସାଥୀମାନେ ଗିରଫ ହେବା ଭୟରେ ବାହାରକୁ ଆସିଲେ ନାହିଁ । ତେଣୁ ଚିଦ୍ୱାମ୍ବରମ୍‌ଙ୍କର ବିପୁଳ ବିଜୟ ହେଲା । ଇଉନିୟନ୍ ସଭାପତି ଶପଥ ନେଲା ପରେ କଲେଜରେ ଶାନ୍ତି ଫେରି ଆସିଲା । ସହରର ବାତାବରଣ ପରିବର୍ତ୍ତିତ ହେଲା । ସରକାର ହରିହରନ୍ ଓ ଅନ୍ୟଛାତ୍ରମାନଙ୍କ ନାମରେ ଥିବା ମକଦ୍ଦମା ପ୍ରତ୍ୟାହାର କରିନେଲେ । ସେମାନେ ସମସ୍ତେ ଆସି ଶ୍ରେଣୀରେ ଯୋଗ ଦେଲେ । ପୂର୍ବ ଶତ୍ରୁତା ଭୁଲି ଚିଦାମ୍ବରମ୍ ସେମାନଙ୍କୁ କଲେଜରେ ସ୍ୱାଗତ ଜଣାଇଲେ । କଲେଜ ଇଉନିୟନ୍ ଅନ୍ୟ ସମସ୍ତ ଦାବୀକୁ ସାମୟିକ ଭାବେ ସ୍ଥଗିତ ରଖିଲେ ।

ଏକତରଫାଭାବେ କଲେଜ ଖୋଲି ବିରୋଧୀ ଦଳର ସମର୍ଥିତ ପ୍ରାର୍ଥୀଙ୍କୁ ଇଉନିୟନ ନିର୍ବାଚନରେ ବିଜୟୀ କରାଇଥିବାରୁ ପ୍ରିନ୍‌ସିପାଲ, ଇରୋଡ୍ ଜିଲ୍ଲାପାଳ ଓ ଏସ.ପି.ଙ୍କର ବଦଳି ହୋଇଗଲା । କିନ୍ତୁ ପିଲାମାନଙ୍କର ଗୋଟିଏ ଅମୂଲ୍ୟ ଶିକ୍ଷାବର୍ଷ ବଞ୍ଚାଇ ଦେଇଥିବାରୁ ସହରବାସୀ ଓ ଜିଲ୍ଲାବାସୀ ସେମାନଙ୍କୁ ଧନ୍ୟ ଧନ୍ୟ କଲେ ।

Digitized by PPRACHIN, SOA

ଟାଇଟାନିକ୍

ସ୍ୱର୍ଗକୁ ନିଶୁଣି ନାହିଁ କି ବଡ଼ଲୋକଙ୍କୁ ଉତ୍ତର ନାହିଁ । ଉକ୍ତିଟି ନିହାତି ସତ୍ୟ ନ ହେଲେ ବି ଅନେକ କ୍ଷେତ୍ରରେ ସତ । ବଡ଼ବଡ଼ିଆ ହାକିମହୁକୁମାଙ୍କୁ ଅନ୍ତର ଖୋଲା ପ୍ରତିବାଦର ସ୍ୱର ଉଠେଇ ହୁଏନା, କହି ବା ଲାଭ କ'ଣ ?

ଧାର୍ଯ୍ୟ ସମୟଠୁଁ ବିଳମ୍ବ ପ୍ରହର ଯାଏ କୌଣସି ନା କୌଣସି କାମରେ ସପ୍ତାହର ଦୁଇତିନିଦିନ ପ୍ରାୟ ଅଫିସ୍‌ରେ ମିଟିଂ ରୁହେ ।

ବଡ଼ ଅସ୍ୱସ୍ତି ଲାଗେ ସମରେନ୍ଦ୍ରଙ୍କୁ । ଅଯଥା ବିଳମ୍ବ ଘରକୁ ଫେରିବାକୁ । ଉପର ହାକିମଙ୍କ ଆଦେଶ ପାଳନ ପୁଣି ଆନୁଗତ୍ୟର ଅନ୍ତରାଳରେ ଅଧିକ ସମୟ ନ ରହି ଉପାୟ ନ ଥାଏ । ସେଣେ ଅଳକାଙ୍କ ବିରକ୍ତି । କାହିଁକି ଅଫିସ୍‌ରେ ଏତେ ଡେରି ? ଏଇଠି ପ୍ରଶ୍ନ ଉଠେ । ଏଇ ହାକିମହୁକୁମାଙ୍କ ପରି ତାଙ୍କର ତ ପିଅନ, ଚାକର, ଅର୍ଡର୍ଲି ଘରେ ବାହାରେ ଖଞ୍ଜା ଯାଇନାହାନ୍ତି । ଯେଉଁମାନେକି ଫରମାଇସିକି ଅନବରତ ଚାହିଁ ବସିଥିବେ ? ଘରର ଯାବତୀୟ କାମ ଏମିତିକି ପିଲାଙ୍କ ପାଠପଢ଼ା ତଦାରଖଠୁ ବଜାର ସଉଦା ପର୍ଯ୍ୟନ୍ତ ତାଙ୍କରି ଉପରେ ନ୍ୟସ୍ତ, ସେଥିରେ ବାର ଫରମାଇସ୍ ତେର ବରାଦି ଭିତରେ କୋଉଠୁ ଯଦି ପାନରୁ ଟିକିଏ ଚୂନ ଖସିଲା ତେବେ କଥା ସରିଲା । ଅଳକାଙ୍କର ମୁହଁଫୁଲା ଚିଡ଼ିଚିଡ଼ି ସ୍ୱଭାବ ନ ଦେଖିଲେ ଜାଣି ହେବନି । ସୀମିତ ଆୟ ସତ୍ତ୍ୱେ ନିଜର ପାରିଲାପଣରେ ଯେତିକି ସମ୍ଭବ କରିବା ଭିତରେ ଅଳକାଙ୍କ ଅନେକ ବରାଦ ଆଉ ଫେରାଦର କିଛି ଯେ ଅପୂର୍ଣ୍ଣ ରହିଯାଏ ତାହା ନିଶ୍ଚିତ । ଏପରି ସାମୟିକ ଖୁଟ୍‌ଖାଟ୍ ଅସନ୍ତୋଷ ଦେହସୁହା ହୋଇଗଲାଣି ସମରେନ୍ଦ୍ରଙ୍କର । ଆଜି ମିଟିଂ ଥିଲା । କିନ୍ତୁ ଯାହାହେଉ ଅଧଘଣ୍ଟାକରେ ସରିଗଲା । ତରବରରେ ଫେରିଆସିଲେ ଘରକୁ ସମରେନ୍ଦ୍ର ।

ନନା ବୋଉ ଗାଁରୁ ଏଇ ପାଞ୍ଚଦିନ ହେଲା ଆସିଛନ୍ତି । କାଳେ ସେମାନଙ୍କ ଚର୍ଚ୍ଚାରେ ବଦରାଗୀ ଅଳକା କିଛି ତ୍ରୁଟି କରିଦେବ କି ? ମନରେ ଆଶଙ୍କା ସମରେନ୍ଦ୍ରଙ୍କର । ଅଳକାକୁ ଘରେ ନ ଦେଖି ସମରେନ୍ଦ୍ର ଯାଇ ପହଞ୍ଚିଲେ ବୋଉ ରୁମ୍‌ରେ । "ବୋଉ, ଅଳକା କୁଆଡ଼େ ଯାଇଛି କି ?"

ଆରେ ସମୁ ! ବୋହୂ କାହିଁ ମତେ ତ କିଛି କହିନି, ମୁଁ କେମିତି ଜାଣିବି ? ତେବେ ତିନିଘଣ୍ଟା ହେଲା ଗଲାଣି । ଏବେ ଆସିଯିବ ବୋଧେ । ଚାକର ଗୋବିନ୍ଦ ଚା' କପେ କରି ଆଣିଦେଲା ।

Digitized by PPRACHIN, SOA

ବାଥ୍‌ରୁମ୍ ଯାଇ ସତେଜ ହୋଇ ଦରୋଟି ଦରୋଟି ନୂଆ କଥା ଶିଖୁଥିବା କୁନିପୁଅ ବୁନୁ ସାଙ୍ଗେ ଖନି ଖନି କଣ୍ଠରେ ଟିକିଏ ଖେଳିଲେ ସମରେନ୍ଦ୍ର । ବୁନୁର ଦି'ଦିନ ତଳେ ଜନ୍ମଦିନ ବଡ଼ ଧୁମ୍‌ଧାମ୍‌ରେ ପାଳନ ହୋଇଛି । ଭାରି ଡ଼ଉଲ ଡାଉଲ କୌତୁକିଆ ସୁନ୍ଦର ପିଲାଟି ଜମାରୁ ତିନିବର୍ଷର । ବୁନୁର ଖିଲି ଖିଲି ହସ ଖନି ଖନି କଥାରେ ସମରେନ୍ଦ୍ର ଭୁଲିଯାଆନ୍ତି, ନିଜକୁ, ଦୁନିଆକୁ, ସମସ୍ତ ଗ୍ଲାନି ଓ ଦୁଃଖକୁ, ଖାମଖିଆଲୀ ବଦରାଗୀ, ଅଳକାର ସ୍ୱଭାବକୁ ।

କାନ୍ଥ ଘଣ୍ଟାରେ ଢଂ ଢଂ ହୋଇ ବାଜିଲା ରାତି ଆଠଟା । ଅଳକାର କିନ୍ତୁ ଦେଖା ନାହିଁ । ଗୋବିନ୍ଦକୁ ଡାକିଲେ ସମରେନ୍ଦ୍ର । — ରୋଷେଇ କ'ଣ କରାଯିବ କିଛି ତୋତେ କହିଛି ?

ନାଇଁ ବାବୁ ମା' କିଛି କହିନାହାନ୍ତି । ଦିନ ଦୁଇଟାବେଳଠୁ କୁଆଡ଼େ ବାହାରିଯାଇଛନ୍ତି । ହାତରେ ଖାଲି ଭ୍ୟାନିଟି ବ୍ୟାଗ୍‌ଟା । ମୁଁ ନିଜେ ଡାଲି ଆଉ ଆଳୁ ଭଜା କରିଦେଇଛି । ସମରେନ୍ଦ୍ର ଅଧିକ ବ୍ୟସ୍ତ ହୋଇପଡ଼ିଲେ । କାଳେ ଅଳକା କାହାଘରକୁ ଯାଇ ସେଠାରେ ଅଟକି ଯାଇଥିବ । ଫୋନ୍‌ରେ ପଚାରିଲେ ସଂପର୍କୀୟ ବନ୍ଧୁବାନ୍ଧବମାନଙ୍କୁ ।

କେଉଁଠାରେ ସେ ନାହିଁ । ଅଳକାଙ୍କ ପୁରୁଣା ଡାଇରିଖୋଲି ତାଙ୍କ ସାଙ୍ଗମାନଙ୍କ ପାଖକୁ ବି ଫୋନ୍ କଲେ । ସ୍କୁଟର ବାହାର କରି ପାଖଆଖ ବନ୍ଧୁମାନଙ୍କ ଘର ସମରେନ୍ଦ୍ର ବୁଲିଆସିଲେ । ତାଙ୍କ ମୁଣ୍ଡ ଚିନ୍ତାରେ ଚକ୍‌କର କାଟିଲା । ବେହୁସିଆରି ଦାୟିତ୍ୱହୀନ ଅଳକା ଉପରେ ମନେ ମନେ ବି ରାଗିଲେ । ଫୋନ୍‌ରିଂକୁ ଅପେକ୍ଷା କଲେ । କିନ୍ତୁ ସବୁ ବୃଥା । ଆଜି ତ ତାଙ୍କ ସାଙ୍ଗେ ସେମିତି କଥା କଟାକଟି କି ବିରକ୍ତି କିଛି ହୋଇ ନାହିଁ । ଛୁଆଟା ପାଇଁତ ଅଳକାଙ୍କର ନିଜର କର୍ତ୍ତବ୍ୟ ରହିଛି । କାହାକୁ ନ କହି ଛୁଆଟା ଛାଡ଼ି କୁଆଡ଼େ ଆଉ ଗଲେ ? ଅନେକ ପ୍ରଶ୍ନାବାଚୀ ସମସ୍ତଙ୍କ ମନରେ ।

ନୀରବତା ଭାଙ୍ଗି ବୋଉ କହିଲେ— "ଆରେ ସମୁ, ଦିନ ଏଗାରଟା ବେଳେ ବୋହୂ, କୁଆଡ଼େ ଫୋନ୍ କରୁଥିଲା । ଗୋବିନ୍ଦ ଯାଇଥିଲା ଗାଧୋଇବାକୁ । ମୁଁ ବାରଣ୍ଡାକୁ ଆସି ଦେଖେତ ବୁନୁ ତଳଥାକରୁ ଦର୍ପଣଟିଏ ଆଣି ଭାଙ୍ଗି ଖଣ୍ଡିଆ କାଚଗୁଡ଼ାକ ସାଙ୍ଗରେ ଏକୁଟିଆ ଖେଳୁଛି । ଗୋଟାଏ ଖଣ୍ଡିଆ କାଚକୁ ପାଟିରେ ଅଧା ପୂରାଇଛି, ମୁଁ ଚମକି ପଡ଼ି ଯାଇ ତା'ହାତରୁ ସେଇଟା ଛଡ଼ାଇ ଆଣିଲି । ଅଧଘଣ୍ଟାକାଳ ଫୋନ୍ ସାରି ବୋହୂ ଯେତେବେଳେ ଆସିଲା ମୁଁ କହିଲି— "ବୋହୂ ! ଫୋନ୍ କଲାବେଳେ ପୁଅକୁ ଦେଖିବାକୁ ଯଦି କେହି ନ ଥିଲେ ମୋପାଖରେ ଛାଡ଼ି ଦେଲନାହିଁ ? ଆଜିତ ତା'ର ପ୍ରାଣ ଯାଇଥାନ୍ତା । ଖଣ୍ଡିଆ ଦର୍ପଣ କାଚଟାଏ

Digitized by PPRACHIN, SOA

ସେ ପାଟିରେ ପୂରାଇ ଦେଇଥିଲା ଜାଣ । ନନା ଆଉ ମୁଁ ଏଠି ଅଛୁ । ଆମେ କ'ଣ ଏତିକି କରି ପାରିବୁନି ? ମା' ମୋର, ପିଲା ପାଳିବା ବଡ଼ ଗୁରୁଦାୟିତ୍ୱ । ତିନିବର୍ଷର ପିଲାଟାଏ । କେତେବେଳେ କ'ଣ କରିବସିବ । ଏମିତି ଅସାବଧାନ ହେଲେ କେତେବେଳେ ଲେଡ଼ିଗୁଡ଼ କହୁଣୀକୁ ବୋହିଯିବ ।''

ବୋହୂ କିଛି ନ କହି ତମ ତମ ହୋଇ ଆସି ବୁନୁକୁ ମୋ ପାଖରୁ ଛଡ଼ାଇ ନେଲା । ମୁଁ ଆଉ କିଛି କହିନାହିଁରେ ପୁଅ । ଏକଥା ବି ଆଦୌ ବଡ଼ପାଟିରେ କହିନାହିଁ । ତୋ ବାପାଙ୍କ ରାଣ ! ଗୋବିନ୍ଦକୁ ପଚାର, ଯଦି ମୁଁ ରାଗିଛି, ବଡ଼ପାଟି କରିଛି ବା ଆଉ କିଛି କହିଛି, ସେ କହିବ । ତୋ ନନା ସବୁ ଶୁଣିଛନ୍ତି । ପାଟି ଫିଟାଇ ନାହାନ୍ତି ।

ସମରେନ୍ଦ୍ର ମନରେ ପାପ ଛୁଇଁଲା । ଏତେଦିନ ପରେ ନନା ବୋଉ ଗାଁରୁ ଆସିଥିଲେ । ସେ ଗୋଟିଏ ବୋଲି ପୁଅ । କାମରେ ବ୍ୟସ୍ତ ରହି ବର୍ଷକୁ ଦୁଇଥର ମଧ୍ୟ ସେ ଗାଁକୁ ଯାଇପାରେ ନାହିଁ । ଗାଁ ଯିବା ନାଁ ଧରିଲେ ଅଳକାଙ୍କ ନାହି ଡିଏଁ । ବୁନୁ ଜନ୍ମଦିନରେ ନନା ବୋଉ ଦୁହେଁ ଯୋଉଠି ଥିଲେ ବି ଆଶୀର୍ବାଦ କରିବାକୁ ଆସନ୍ତି ।

ତାହେଲେ ଏତିକି କଥାରେ ଅଳକା ଏପରି ଏତେ ରାତି ପର୍ଯ୍ୟନ୍ତ ନ କହି କୁଆଡ଼େ ଯେ ଚାଲିଯିବ ? ସମରେନ୍ଦ୍ରଙ୍କୁ ଅନ୍ତତଃ ଚିଠିଟିଏ ତ ଲେଖିଦେଇଥିବ ? ଚାରିଆଡ଼ ଖୋଜିଦେଲେ ତା ବି ମିଳିଲା ନାହିଁ ।

ଅନନ୍ୟୋପାୟ ହୋଇ ସହରର ତିନୋଟି ଥାନାକୁ ସମରେନ୍ଦ୍ର ଫୋନ୍ ବୁଲାଇଲେ । ଏସ୍.ପି.ଙ୍କ ଅଫିସ୍‌ରେ ଖବର ନେଲେ କେଉଁଠାରେ କିଛି ଖବର ନାହିଁ । ସହରର ହସ୍‌ପିଟାଲର କାଜୁଆଲିଟି ୱାର୍ଡ଼ ବି ଖୋଜି ଆଣିଲେ କୋଉଠି ପତ୍ତା ମିଳୁନି । ନନା ଗୋଟିଏ ରିକ୍‌ସା କରି ରେଳଷ୍ଟେସନ୍ ଓ ବସ୍‌ଷ୍ଟାଣ୍ଡର ୱେଟିଂରୁମ୍ ଆଦି ଦୁଇଘଣ୍ଟାକାଳ ବୁଲି ଦେଖିଲେ । ବୁଲି ବୁଲି ବାପପୁଅ ଅଧରାତିକୁ ଫେରିଲେ । ହେଲେ ଅଳକାର ଦେଖାନାହିଁ ।

ସେ ରାତିସାରା ଆଉ କେହି ଶୋଇ ନାହାନ୍ତି । ବଡ଼ ଅସ୍ତବ୍ୟସ୍ତରେ ରାତିଟା କଟିଲା । ବୁନୁ କାନ୍ଦି କାନ୍ଦି ଶୋଇ ପଡ଼ିଛି । ତା'ପରଦିନ ସକାଳୁ ଟ୍ରଙ୍କଫୋନ୍ ଆସିଲା । ସମରେନ୍ଦ୍ର ଫୋନ୍ ଧରିଲେ । ଆରପଟରେ ତାଙ୍କ ଶାଶୁ ଫୋନ୍ ଧରିଥିଲେ । ''ଅଳକା ଏକୁଟିଆ ଆସି ଭଲରେ ପହଞ୍ଚିଛି, ଭବାନୀପାଟଣାରେ ଖୁବ୍ ବର୍ଷା । ବୁନୁ ବଡ଼ ଅଝଟ କରୁଥିବ । କାଲି ସମସ୍ତେ କ'ଣ ଖାଇଲେ ? ନନା ବୋଉତ ଅଛନ୍ତି । ହଇରାଣ ହୋଇନଥିବେ ନିଶ୍ଚୟ । ସମୁଦୀଙ୍କୁ ମୋର

Digitized by PPRACHIN, SOA

ନମସ୍କାର । ସମୁଦୁଣୀଙ୍କୁ....'' ଅଚାନକ କଥା ଅଧାରେ କ୍ରେଡ଼ଲ ଉପରେ ରିସିଭର୍‌ଟା ଥୋଇଦେଲେ ସମରେନ୍ଦ୍ର ଯେମିତି ଶାଶୂଙ୍କର ଅନ୍ୟକଥା ଶୁଣିବା ପାଇଁ ସେ ଆଦୌ ପ୍ରସ୍ତୁତ ନୁହେଁ ।

ସମରେନ୍ଦ୍ର ଓ ତାଙ୍କ ନନା ବୋଉଙ୍କ ମୁଣ୍ଡରୁ ଗୋଟାଏ ଚିନ୍ତାର ବୋଝ ଓହ୍ଲାଇଗଲା । ଅଳକା ତା'ହେଲେ ବଞ୍ଚିଛି । ବୋଉର ଏ ଆକଟିବାକୁ ସହି ପାରିନାହିଁ ।

ସକାଳୁ ଉଠି ମମ୍ମିକୁ ଖୋଜି ଖୋଜି ବୁନୁ କାନ୍ଦି କାନ୍ଦି ଅଥୟ କଲାଣି । ଅଳକାଙ୍କର ଯଦି ତାଙ୍କ ବାପା-ମା'ଙ୍କ ପାଖକୁ ଯିବାର ଥିଲା ତେବେ ଖବରଟିଏ ଦେଇ ବୁନୁକୁ ସାଥୀରେ ନେଇଯାଇଥିଲେ କ୍ଷତି କ'ଣ ହୋଇଥାଆନ୍ତା ? କ୍ରୋଧ ଆଉ ଅସନ୍ତୋଷରେ ସମରେନ୍ଦ୍ର ନିଜ ଅକ୍ତିଆର ବାହାରକୁ ଯିବା ମୁହୂର୍ତ୍ତରେ ବୋଉ ଆସି ପିଠି ଆଉଁଶୁ ଆଉଁଶୁ ସାନ୍ତ୍ୱନା ଦେଇ କହିଲା – ଏମିତି ହୁଏ ବାପା, ପିଲାଲୋକ, ସଂସାର ପଥରେ ନୂଆକରି ପାଦ ଥାପିଛି । ସମୟ ଆସିଲେ ଆପେ ବୁଝିଯିବ– ତୁ ସମୁ ! ଏତେ ଚିନ୍ତା କରନା, ଆଜି ବୁନୁକୁ ନେଇ ଭବାନୀପାଟଣାକୁ ଯା । ବୋହୂକୁ ବୁଝେଇ ଶୁଝେଇ ଫେରେଇ ଆଣ, ଆମ ମନ ଥୟ ହେବ । ମୋ ରାଣ ତା ଉପରେ ତୁ ଜମା ରାଗିବୁନି ।

ବୁନୁକୁ ସାଥୀରେ ନେଇ ଭବାନୀପାଟଣା ବସ୍‌ରେ ଉଠିଲେ ସମରେନ୍ଦ୍ର ।

ସତେ ଯେମିତି ସମରେନ୍ଦ୍ର ଆଉ ଅଳକା ମଧ୍ୟରେ କିଛି ମାନ ଅଭିମାନ ନାହିଁ । ସମରେନ୍ଦ୍ର ଯେପରି ଅଳକାଙ୍କର କାହାକୁ ନ କହି ଚାଲି ଆସିବା ଦୋଷକୁ ମାର୍ଜନା କରି ଦେଇଛନ୍ତି । ଅଳକା ବି ବୁନୁକୁ ଦେଖି ଏଭଳି ତାକୁ ଜାବୋଡ଼ି ଧରିନେଲେ ଯେ ଯେପରି ଯୁଗ ଯୁଗ ପରେ ବୁନୁକୁ ସେ ଦେଖୁଛନ୍ତି । ମା'ପୁଅର ଏଇ ରକ୍ତସମ୍ପର୍କ ଯେ କେତେ ନିବିଡ଼ ଚିରନ୍ତନ ଓ ଅନାବିଳ ଆଖି ସାମ୍ନାରେ ଦେଖୁ ଦେଖୁ ସମରେନ୍ଦ୍ରଙ୍କ ତାଙ୍କ ବୋଉର ରାଣ ଖାଇବା କଥା ମନେପଡ଼ିଗଲା । ଗୋଟାଏ ଦିନ ଶଶୁର ଘରେ ରହଣି ପରେ ଅଳକା ଓ ପୁଅ ବୁନୁକୁ ସାଥୀରେ ଧରି ଭୁବନେଶ୍ୱର ଫେରିଲେ ସମରେନ୍ଦ୍ର ।

ଯାତ୍ରାଜନିତ କ୍ଳାନ୍ତିକୁ ପଛରେ ପକାଇ ସମରେନ୍ଦ୍ର ସେଦିନ ଶୀଘ୍ର ଦପ୍ତର ବାହାରିଗଲେ । ଚାରିଦିନର ଅନେକ ଫାଇଲ ଟେବୁଲରେ ଜମା ।

ଦିନ ସାଢ଼େ ବାରଟା ବେଳକୁ ପିଅନ ଆସି ଖବର ଦେଲା । କିଏ ଜଣେ ଆସିଛନ୍ତି ଆପଣଙ୍କୁ ଦେଖା କରିବା ପାଇଁ । ଆପଣଙ୍କ ନନା ବୋଲି କହିଲେ । ତାଙ୍କୁ ଭିତରକୁ ଆସିବାକୁ ଛାଡ଼ିବି ?

Digitized by PPRACHIN, SOA

ସମରେନ୍ଦ୍ର ଉଠି ଦୁଆରମୁହଁ ପର୍ଯ୍ୟନ୍ତ ନିଜେ ଚାଲିଗଲେ । ସାମନାରେ ନନା । ମୁହଁରେ ଠୋପା ଠୋପା ଝାଳ । ସମରେନ୍ଦ୍ର ଆଶ୍ଚର୍ଯ୍ୟ ହେଲେ । ଏ ଅବେଳରେ ନନା ଆସି ଅଫିସ୍‌ରେ ? ଅଫିସ୍‌ରେ କାମ କ'ଣ ତାଙ୍କର ? ରୁମ୍ ଭିତରକୁ ଆଣି ନନାଙ୍କୁ ବସାଇଲେ ।

କ'ଣ ହେଲାକି ନନା ? —ଏମିତି ଅବେଳରେ ଏଠାକୁ ଚାଲିଆସିଲ ଯେ ? —ମୋତେ ଡକାଇ ଦେଲ ନାହିଁ ?

ଆରେ, ତୁ ଆଜି କାମରେ ଏତେ ବ୍ୟସ୍ତ ଥିବୁ ମୁଁ କ'ଣ ଜାଣି ନାହିଁ । ଗାଁରୁ ନରିଆ ଆସିଥିଲା । ବଳଦ ଦି'ଟାଙ୍କୁ ଅରୁଚି ଧରିଛି । ଖାଉ ନାହାନ୍ତି । ମୁଁ ଚାଲିଯାଉଛି । ବୋଉକୁ ସାଙ୍ଗରେ ନେଇଯାଉଛି । ସେ ନଗଲେ ସେଠି ଘର ଚଳିବ କେମିତି ? ମୁଁ ଘରୁ ବାହାରି ଆସିଛି ଜିନିଷପତ୍ର ନେଇ । ବୋଉ ବି ଆସିଛି । ବାହାରେ ଅଟୋରିକ୍‌ସାରେ ଅପେକ୍ଷା କରିଛି । ତୋତେ ଟିକେ କହିବାକୁ ଚାଲି ଆସିଲି ।''

ଇଂଜିନ୍‌ଚାଳିତ ଯାନ ପରି କିଛି ନ କହି ସମରେନ୍ଦ୍ର ଅଫିସ୍ ବାହାର ଗେଟକୁ ଆସି ନନାବୋଉଙ୍କ ପାଦଧୂଳି ନେଲେ । କ'ଣ କହି ସେମାନଙ୍କୁ ଅଟକାଇବେ ? ତାଙ୍କ ପାଖରେ କିଛି ଭାଷା ନ ଥିଲା । ବୋଉ ଦି'ପଦ କହିଲା । ''ସର୍ବେଶ୍ୱର ତୋତେ ସର୍ବମଙ୍ଗଳରେ ରଖିଥା'ନ୍ତୁ ବାପା ! ମଝିରେ ମଝିରେ ଭଲମନ୍ଦ ଜଣାଇ ଚିଠି ଦେଉଥିବୁ'' ।

ଅଫିସ୍ କାମରେ ଜମାରୁ ଆଉ ମନ ଲାଗିଲା ନାହିଁ । ଘଣ୍ଟାଏ ପୂର୍ବରୁ ସମରେନ୍ଦ୍ର ଅଫିସ୍‌ରୁ ଫେରି ଆସିଲେ

ଅଳକା ସୁନ୍ଦର ଭାବେ ନିଜକୁ ସଜାଇଛନ୍ତି । ପରିଧାନ ସଦ୍ୟ ବାପଘରୁ ଆଣିଥିବା ନୂଆଶାଢ଼ି । ମୁଖ ହସ ହସ ।

ହଇହେ ଶୁଣୁଛ— ଆଜି ଟାଇଟାନିକ୍ ଦେଖିବାକୁ ଯିବା— ମୁଁ ଟିକେଟ ଦି'ଟା ମଗାଇ ଦେଇଛି । ଜଳଖିଆ ହଟକେଶ୍‌ରେ ରଖିଦେଇଛି । ଖାଇନେଇ ବାହାରିପଡ଼ । ସିନେମାପରେ ଆଜି ଚାଇନିଜ୍ ରେଷ୍ଟୋରାଂରେ ଡାଇନ୍ ଆଉଟ୍ । ସବୁଦିନ ରୋଷେଇ କରି କରି ମଣିଷ ବୋର୍ ।

ବାଧ୍ୟ ଶିଶୁଟି ପରି ନିଜକୁ ଇଜି ଚେୟାର ଉପରେ ଲୋଟେଇଦେଲେ ସମରେନ୍ଦ୍ର ।

ଗୋବିନ୍ଦ ଜଳଖିଆ ବାଢ଼ିଦେଲା । ସମରେନ୍ଦ୍ର ପାଖକୁ ଡାକି ତାକୁ ଚୁପ୍‌ଚୁପ୍ ପଚାରିଲେ— ''କିରେ, ନନା ବୋଉ ହଠାତ୍ କାହିଁକି ବାହାରିଗଲେ ? କିଛି ଗୋଳମାଳ ହୋଇନାହିଁ ତ ?

Digitized by PPRACHIN, SOA

ଗୋବିନ୍ଦ ଚାପାଗଲାରେ କହିଲା, ''ଆପଣ ଅଫିସ୍ ଗଲାପରେ ମା' ବୁନୁକୁ ଖୋଜିଲେ । ବୁନୁବାବୁ ବୁଢ଼ୀମା'ଙ୍କ ପାଖେ ବସି ଖେଳୁଥିଲେ । ମା'ଯାଇ ତାଙ୍କୁ ଟାଣିଆଣିଲେ । କହିଲେ ପିଲାଟାକୁ ''ଆପଣ ମୁହଁ ଦେଇ ନଷ୍ଟ କରିଦେବେ ଦେଖୁଛି । ସକାଳୁ ସିଏ ଗାଧୋଇ ନାହିଁ । ଏଇଠି ବସି ଖେଳିଚାଲିଛି ।'' ବୁଢ଼ୀ ମା'ତ କିଛି କହିଲେ ନାହିଁ । ଆପଣଙ୍କ ନନା କହିଲେ ''ପିଲାର ତ ପାଠପଢ଼ା ଆରମ୍ଭ ହୋଇନାହିଁ ମା । ଏବେ ଟିକେ ଖେଳବୁଲ କରୁ । ଆମକୁ ଟିକିଏ ଚିହ୍ନିବାକୁ ଦିଅ ତାକୁ ।''

ମା'ଙ୍କର କ'ଣ ହେଲା କେଜାଣି ? ହଠାତ୍ ରୋଷେଇ ଘରକୁ ଦଉଡ଼ି ଆସି କିରାସିନି ବୋତଲ ଆଉ ଦିଆସିଲି ନେଇ ବାରଣ୍ଡାକୁ ବାହାରି ଆସିଲେ । ନିଜ ଲୁଗାରେ କିରାସିନି ଗୋଟାଏ ବୋତଲ ଢ଼ାଳିଦେଲେ । ବଡ଼ପାଟିରେ ଚିଲ୍ଲେଇଲେ – ''ଶୁଣ ନନା ବୋଉ । ଦେଖୁଛି ଆପଣମାନେ ମୋତେ ବଞ୍ଚିବାକୁ ଦେବେନାହିଁ, ମୁଁ ଏବେ ପୋଡ଼ିହୋଇ ମରିବାକୁ ଯାଉଛି । ଆପଣଙ୍କ କଥାକଥାକେ ଏତେ ସନ୍ତ୍ରଣା ମୁଁ ସହି ପାରୁନି । ଏ ଘରେ ବାହାହେଲା ଆଗରୁ ମୁଁ ପୋଡ଼ିହୋଇ ମଲିନି କାହିଁକି ଯେ । ମୁଁ ଥାନାକୁ ଖବର ଦେଇଛି । ମହିଳା କମିଶନକୁ ଚିଠି ଲେଖିଛି । ମୋ ଜୀବନ ବୃଥା ଯିବ ନାହିଁ । ଆପଣ ଦୁହେଁ ଓ ଆପଣଙ୍କ ପୁଅ ଜେଲ ଯାଇ ଘଣା ପେଲିବେ ।'' ଏହା କହି ମା' ଦିଆସିଲିଟା କାଢ଼ି ଜଳାଇବାକୁ ଯାଉଛନ୍ତି । ବୁଢ଼ୀମା ଦଉଡ଼ି ଆସି ତାଙ୍କ ହାତରୁ ଦିଆସିଲିଟା ଛଡ଼ାଇନେଲେ ।

କହିଲେ ''ଆଉ ରାଗୁଛ କାହିଁକି ମା' । ଆମେ ଦୁହେଁ ଆଜି ଗାଁକୁ ଏଇଲେ ଫେରି ଯାଉଛୁ । ତମେ ଶାନ୍ତିରେ ରହ । ତମ ସୁଖଶାନ୍ତିର ସଂସାରରେ ଆମେ କଣ୍ଟା ହେବୁନି ମା ! ତମେ ଏମିତି ରାଗରେ ଜୀବନ ହାର ନାହିଁ, ଆମକୁ ତମେ କ୍ଷମା କରିଦିଅ – ଆମେ ଫେରିଯିବୁ ଆମ ଗାଁକୁ ଏଇଲେ – ବର୍ତ୍ତମାନ'' ।

ସେମାନେ ତାପରେ ସାଙ୍ଗେ ସାଙ୍ଗେ ସୁଟକେଶ୍ ବନ୍ଧାବନ୍ଧି କଲେ । ମୋତେ କହିଲେ ଅଟୋ ଡାକିଦେବା ପାଇଁ । ଗଲାପୂର୍ବରୁ ବୁନୁକୁ ଟିକିଏ ଗେଲ କରିବା ପାଇଁ ଖୋଜିଲେ ଯେ ମା' କିନ୍ତୁ ବୁନୁବାବୁଙ୍କୁ ନେଇ କବାଟ କିଳି ତାଙ୍କ ଘରେ ପଶିଲେ । ମୁଁ ଡାକିଲେ ମଧ୍ୟ କବାଟ ଖୋଲିଲେ ନାହିଁ । ଗଲାବେଳକୁ ବୁଢ଼ୀମା'ଙ୍କ ଆଖିରୁ ଦି'ଟୋପା ଲୁହ ଢଳ ଢଳ ହୋଇ ଖସିପଡ଼ିଲା । ମୁଁ ଦେଖିଛି ।''

ଟାଇଟାନିକ୍ ସିନେମା ଚାଲିଛି । ସମରେନ୍ଦ୍ର ଓ ଅଳକା ଦୁହେଁ ବସିଛନ୍ତି ପାଖାପାଖି । ସମରେନ୍ଦ୍ର କିନ୍ତୁ ବିଚରଣ କରୁଛନ୍ତି ଚିନ୍ତାରାଜ୍ୟରେ । ପିଲାଟି ଦିନୁ ନନା ବୋଉଙ୍କର ଗେଲବସର ବାଧ୍ୟପୁତ୍ର ଥିଲେ ସମରେନ୍ଦ୍ର । ଛାତ୍ର ଜୀବନରେ ସୁଶୃଙ୍ଖଳିତ, ଗୁରୁମାନଙ୍କର

Digitized by PPRACHIN, SOA

ଆଜ୍ଞାକାରୀ ଶିଷ୍ୟ ଥିଲେ ସମରେନ୍ଦ୍ର । ସରକାରୀ ଚାକିରିରେ ସେ ଥିଲେ କର୍ମଠ, ସଚ୍ଚୋଟ, କର୍ତ୍ତବ୍ୟନିଷ୍ଠ । ଗ୍ରାମ ପ୍ରାଥମିକ ବିଦ୍ୟାଳୟର ଆଦର୍ଶ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକଙ୍କର ଏକମାତ୍ର ପୁତ୍ର ସମରେନ୍ଦ୍ର ।

ସାମନା ପରଦାରେ ଟାଇଟାନିକ୍ ଜାହାଜ ବୁଡ଼ି ଯାଉଥିଲା । ବଡ଼ ହୃଦୟବିଦାରକ କରୁଣ ଦୃଶ୍ୟ । ହଲରେ ଅନେକ ଚାପା କାନ୍ଦର ଗୁଞ୍ଜରଣ । କୋହରେ ଗଳାରୁଦ୍ଧ ହୋଇଯିବାର ଶବ୍ଦ । ପକେଟରୁ ରୁମାଲ କାଢ଼ି ଆଖି ପୋଛିବାର ଦୃଶ୍ୟ । ଗଳା ସଫା କରିବାପାଇଁ ଖଣ୍ଟିକାଶର ଶବ୍ଦ । ନନା ବୋଉଙ୍କର ଅତୁଳନୀୟ ଅନାବିଳ, ଅପରିସୀମ ସ୍ନେହ, ତ୍ୟାଗ ଓ କୃଚ୍ଛ୍ରସାଧନାର ଭକ୍ତି, ସମ୍ମାନ, ଯତ୍ନ ଓ ସେବାର ପ୍ରାଚୁର୍ଯ୍ୟରେ ପରିଶୋଧ କରିବା ପାଇଁ ଯେଉଁ ସ୍ୱପ୍ନର ଟାଇଟାନିକ୍ ତିଆରି କରିଥିଲେ ସମରେନ୍ଦ୍ର ମାନସପଟରେ ସେଇ ଟାଇଟାନିକ୍‌ଟିର ଅସହାୟ ଭାବେ ବୁଡ଼ିଯିବାର ଦୃଶ୍ୟ ଦେଖୁଥିଲେ ସେ । ସେଇ ବୁଡ଼ିଯାଉଥିବା ଟାଇଟାନିକ୍‌ର ଡେକ୍ ଉପରେ ନନା ବୋଉ ଛିଡ଼ା ହୋଇଛନ୍ତି । ଦୁହିଁଙ୍କ ହାତ ଆଶୀର୍ବାଦର ଭଙ୍ଗୀରେ ଉପରକୁ ଉଠିଛି । ମୁଖମଣ୍ଡଳ ପ୍ରଶାନ୍ତ । ଯେମିତି ସେମାନଙ୍କର କୌଣସି ଅଭିଯୋଗ ବା ଅଭିମାନ ନାହିଁ ସମରେନ୍ଦ୍ରଙ୍କ ଉପରେ । କୌଣସି ଶୋଚନା ନାହିଁ ଅଳକାଙ୍କ ଅପମାନଜନକ ଦୁର୍ବ୍ୟବହାରରେ । ସର୍ବେଶ୍ୱରଙ୍କ ପାଖରେ କୌଣସି ଅଭିଯୋଗ ନାହିଁ ସମରେନ୍ଦ୍ରଙ୍କର ପ୍ରତିଦାନର ପରାକାଷ୍ଠାକୁ ନେଇ । ଯଉତୁକ ନେଇ ପୁଅ ବିକ୍ରୀ କରି ନ ଥିଲେ ସେମାନେ । ତେଣୁ ମନରେ ଅନୁତାପର ଲେଶମାତ୍ର ଛାପ ନାହିଁ । ଆଗରେ ଅଥଳ ନୀଳ ମହାସାଗରରେ ଶତକଡ଼ା ନବେ ଭାଗ ବୁଡ଼ି ରହି ଭାସୁଥିବା ସେଇ ଭୟଙ୍କର ଶ୍ୱେତ ଶୁଭ୍ର ତୁଷାର ପର୍ବତ । ଯାହା ସଙ୍ଗେ ପିଟି ହୋଇ ଟାଇଟାନିକ୍‌ର ଏ ଦଶା । ସେହି ତୁଷାର ପର୍ବତର ଉପରକୁ ଦିଶୁଥିବା ଅଂଶରେ କିଏ ଯେମିତି ଛିଡ଼ା ହୋଇଛି । ନିରେଖି ଦେଖିଲେ ସମରେନ୍ଦ୍ର । ନା, ସେ ଅଳକା ନୁହେଁ ! ଏ କ'ଣ ଦେଖୁଛନ୍ତି ସେ ? ଦଣ୍ଡାୟମାନ ବ୍ୟକ୍ତିଟି ନିଜେ ସମରେନ୍ଦ୍ର ।

Digitized by PPRACHIN, SOA

ନାରୀ ଜାଗରଣ

ରତ୍ନପୁର ରାଜ୍ୟ ମହିଳା କଲ୍ୟାଣ ଓ ସମୃଦ୍ଧି ସାମାଜିକ ଅନୁଷ୍ଠାନଟିର ପାଞ୍ଚବର୍ଷ ପୂରଣ ଉପଲକ୍ଷେ ଗୋଟିଏ ଉତ୍ସବ ଆୟୋଜନ କରାଗଲା । ମା' ଓ ଶିଶୁମାନଙ୍କର ସ୍ୱାସ୍ଥ୍ୟ, ସମ୍ମାନ ରକ୍ଷା ପାଇଁ ଗଠିତ ଏହି ସଂସ୍ଥାର ଅବଦାନକୁ ଲୋକଲୋଚନକୁ ଆଣିବା କାର୍ଯ୍ୟକ୍ରମଟିର ମୁଖ୍ୟ ଉଦ୍ଦେଶ୍ୟ । ବିଭିନ୍ନ ଗ୍ରାମ ଓ ସହରରେ ମହିଳା ସ୍ୱାସ୍ଥ୍ୟ ସଚେତନତା ଶିବିରର ଆୟୋଜନ କରି ମାତା ଓ ଶିଶୁର ସ୍ୱାସ୍ଥ୍ୟ ବିଷୟରେ ସମସ୍ତଙ୍କୁ ଯତ୍ନଶୀଳ ହେବା ପାଇଁ ଏବଂ ମହିଳାମାନଙ୍କୁ କ୍ଷମତା ପ୍ରଦାନ ପାଇଁ ଏହି ସଂଗଠନ ଗୋଟିଏ ଅଭିଯାନ ଆରମ୍ଭ କରିଥିଲା । ସ୍ୱେଚ୍ଛାସେବୀ ସଂସ୍ଥାମାନଙ୍କୁ ଏ ଦିଗରେ ସକ୍ରିୟ ହେବାପାଇଁ ପ୍ରେରଣା ଆଉ ଆର୍ଥିକ ସାହାଯ୍ୟର ବନ୍ଦୋବସ୍ତ କରାଇଦେବା ଏହି ସଂଗଠନର ଦାୟିତ୍ୱ ଥିଲା ।

ରତ୍ନପୁର ରାଜ୍ୟ ମହିଳା ଉନ୍ନୟନ ନିର୍ଦ୍ଦେଶାଳୟ ଗଠିତ ହେବାର ଦଶବର୍ଷ ବିତି ଯାଇଥିଲେ ମଧ୍ୟ କୌଣସି ଆଖିଦୃଶିଆ କାମ ହୋଇ ନ ଥିଲା । ତେଣୁ ସରକାର ଗୋଟିଏ ରେଜିଷ୍ଟାର୍ଡ୍ ସୋସାଇଟି ଗଠନ କରିବାର ନିଷ୍ପତ୍ତି ନେଇ ଅନୁଷ୍ଠାନଟିରେ ବେସରକାରୀ ମୁଖ୍ୟ କର୍ମକର୍ତ୍ତାମାନଙ୍କୁ ନିଯୁକ୍ତି ଦେଲେ । ଅଣଆନୁଷ୍ଠାନିକ ସାହାଯ୍ୟ ଓ ସହାନୁଭୂତି, ବୈଦେଶିକ ସାହାଯ୍ୟ ଓ ଶିଳ୍ପପତିମାନଙ୍କ ଠାରୁ ଅନୁଦାନ ଏହି ସଂଗଠନକୁ ମିଳିବାର ଆଶା ଥିଲା ।

ଶ୍ରୀମତୀ ଇନା ମଣ୍ଡଳ, ଶ୍ରୀମତୀ ବିନୀତା ଛୋପ୍ରା ଓ ଶ୍ରୀମତୀ ଅରୂପା ରାମନାଥନ ରତ୍ନପୁର ମହିଳା କଲ୍ୟାଣ, ସମୃଦ୍ଧି ସମାଜର ଯଥାକ୍ରମେ ସଭାନେତ୍ରୀ, ସଂପାଦିକା ଓ କୋଷାଧ୍ୟକ୍ଷା ଥିଲେ । ସେମାନେ କେତେଜଣ ପ୍ରତିଷ୍ଠିତ ବ୍ୟକ୍ତିମାନଙ୍କ ଘରକୁ ଯାଇ ସେମାନଙ୍କର ଧର୍ମପତ୍ନୀମାନଙ୍କୁ ମହିଳା କଲ୍ୟାଣ ଓ ସମୃଦ୍ଧି ସମାଜର କାର୍ଯ୍ୟକ୍ରମରେ ସକ୍ରିୟ ସହଯୋଗ କରିବା ପାଇଁ ଅନୁରୋଧ କରିବେ ବୋଲି ଠିକ୍ କଲେ । ଏହି ଦ୍ୱିପ୍ରହର ସାକ୍ଷାତକାରଗୁଡ଼ିକର ଉଦ୍ଦେଶ୍ୟ ଥିଲା ବାର୍ଷିକ ଉତ୍ସବକୁ ସାଦର ନିମନ୍ତ୍ରଣ ସହ ବସ୍ତି ଅଞ୍ଚଳର ଦରିଦ୍ର ମହିଳାମାନଙ୍କ ଶିକ୍ଷା ଏବଂ କଲ୍ୟାଣମୂଳକ କାମ ବିଷୟରେ ଏକ ସଚେତନତା ସୃଷ୍ଟି କରିବା ।

ବିଶିଷ୍ଟ ଶ୍ରମିକନେତା ଶ୍ରୀ ଏସ୍. ଆଲୁୱାଲିଆଙ୍କ ଘରେ ଶ୍ରୀମତୀ ମଣ୍ଡଳ, ଶ୍ରୀମତୀ ଚୋପ୍ରା ଆଉ ଶ୍ରୀମତୀ ରାମନାଥନ୍ ପହଞ୍ଚୁ ପହଞ୍ଚୁ ଶ୍ରୀମତୀ ଅଲୁୱାଲିଆ ସେମାନଙ୍କୁ ପାଛୋଟି ନେଇ ବୈଠକଖାନାରେ ବସାଇଲେ । ଶ୍ରୀମତୀ ଚୋପ୍ରା

Digitized by PPRACHIN, SOA

ସହକର୍ମିଣୀମାନଙ୍କ ପରିଚୟ ଦେଇ ସଂଗଠନର ସମାଜସେବାମୂଳକ କାର୍ଯ୍ୟକ୍ରମଗୁଡ଼ିକ ଉପରେ ଏକ ସଂକ୍ଷିପ୍ତ ଧାରଣା ଦେଲେ । ଶ୍ରୀ ଆଲୁୱାଲିଆଙ୍କ ଭଳି ମହାନ୍ ଶ୍ରମିକ ନେତାଙ୍କ ପତ୍ନୀ ଭାବେ ସେ ମଧ୍ୟ ଏହି ସଂଗଠନର କାର୍ଯ୍ୟକ୍ରମରେ ଯୋଗ ଦେଇ ସମାଜ ସେବା ଓ ମହିଳା ଜାଗରଣରେ ନିଜକୁ ସାମିଲ କରନ୍ତୁ ବୋଲି ତାଙ୍କୁ ଅନୁରୋଧ କଲେ ।

ଶ୍ରୀମତୀ ଆଲୁୱାଲିଆ କହିଲେ "ଶୁଣ ଭଉଣୀମାନେ, ସମାଜବିଜ୍ଞାନ ପାଠରେ ମୁଁ ନିଜେ ଜଣେ ଡକ୍ଟରେଟ୍ ଉପାଧିଧାରୀ । ରତ୍ନପୁର ବିଶ୍ୱବିଦ୍ୟାଳୟରୁ ମୁଁ ଏମ୍.ଏ., ଏମ୍.ଫିଲ୍. ଓ ପିଏଚ୍.ଡି. କରିଛି । କିନ୍ତୁ ଆଜିକାଲିର ଏହି ମହିଳା ଜାଗରଣ ଓ ସଂଗଠନ ନାମରେ ଯେଉଁ ତାମସା ଚାଲିଛି ସେଥିରେ ମୁଁ ନିଜକୁ ସାମିଲ କରିବାକୁ ଚାହେଁ ନାହିଁ ।

ମହିଳା ଜାଗରଣ ବିଷୟରେ କର୍ମୀମାନଙ୍କୁ ତାଲିମ ଦେଇ, ଦୂରଦୂରାନ୍ତରେ ସେମାନଙ୍କୁ ସମାଜର ହେଟାବାଘ ଓ ଶାଗୁଣାମାନଙ୍କ ଶିକାର ହେବା ପାଇଁ ଛାଡ଼ିଦେଇ ନିଜେ ଓ ପରିବାରର ସଭ୍ୟମାନେ ସୁରମ୍ୟ ଅଟ୍ଟାଳିକାରେ ରହି ଶୀତତାପ ନିୟନ୍ତ୍ରିତ ଟାଟା ଇଷ୍ଟେଟ୍ ଗାଡ଼ି ଚଢ଼ିବା ଓ ଅନୁଷ୍ଠାନ ପଇସାରେ ବ୍ୟୋମଯାନରେ ଘନ ଘନ ଦିଲ୍ଲୀ ଓ ବିଦେଶ ଯିବା ମୋ ଜୀବନଦର୍ଶନର ବାହାରେ । ମୋ ଗାଁରେ ମୁଁ ଅନେକ ସମାଜସେବାମୂଳକ କାର୍ଯ୍ୟ କରିଛି, ଅନୁଷ୍ଠାନ ଗଢ଼ିଛି । ଏବେ ମଧ୍ୟ ମୁଁ ସେଥିରେ ଅନେକ ସମୟ ଦେଇଥାଏ ।"

"ଇନାର ବର ମିଃ ମଣ୍ଡଳ ସରକାରୀ ପଦବୀରେ ରହି ମଧ୍ୟ ଘରୋଇ ଭାବେ ହୀରା ଆଉ ରତ୍ନପଥରର ଚୋରା କାରବାର କରନ୍ତି । ଆଜି ତା'ର ଭାଗୀଦାର ଇନା ତୁମ ସମାଜର ସଭାନେତ୍ରୀ । ବିନୀତାର ବର ମିଃ ଚୋପ୍ରା ଦାଦନଶ୍ରମିକ, ଶିଶୁ ଓ ମହଳା ଶ୍ରମିକମାନଙ୍କୁ ରାଜ୍ୟ ବାହାରକୁ ଚାଲାଣ କରି ଯେଉଁ ବିପୁଳ ସଂପତ୍ତି ଅର୍ଜନ କରିଛନ୍ତି ତାକୁ ଏବେ ସମୁଦ୍ର ଉପକୂଳର ହେନ୍ତାଳ ବନକୁ କାଟି ସଫା କରି ପରିବେଶ ନଷ୍ଟ କରି ଚିଙ୍ଗୁଡ଼ି ଚାଷରେ ଖଟାଇଛନ୍ତି । ବିନୀତା ଏବେ ତୁମ ସମାଜର ସଂପାଦିକା । ଅରୂପାର ନିଜର ହ୍ୟାଣ୍ଡଲୁମ୍ ଶାଢ଼ି ଓ ପୋଷାକର ପାଞ୍ଚଲକ୍ଷ ଟଙ୍କାର କାରବାର । ସବୁ ବିନା ଟିକସରେ ବିନା ଦୋକାନରେ ଚାଲିଛି । ଅରୂପାର ବର ଡଃ ରାମନାଥନ୍‌ଙ୍କର ସହରରେ ତିନୋଟି କ୍ଲିନିକ ମଧ୍ୟରୁ ଦୁଇଟି ବିନା ଲାଇସେନ୍ସରେ ଚାଲେ, ଯେଉଁଗୁଡ଼ିକ ଗୋପନୀୟ ନିରାପଦ ଗର୍ଭପାତ ପାଇଁ କୁଖ୍ୟାତ । ଅରୂପା ଏବେ ତୁମର କୋଷାଧ୍ୟକ୍ଷା । ମୋତେ କ୍ଷମା କରିବ, ଭଉଣୀମାନେ, ମୁଁ ତୁମମାନଙ୍କ ସଙ୍ଗେ କାମ କରିପାରିବି ନାହିଁ" ।

Digitized by PPRACHIN, SOA

ଶ୍ରୀମତୀ ମଣ୍ଡଳ ସାମାନ୍ୟ ରାଗିଯାଇ କହିଲେ, ‘‘ଶୁଣନ୍ତୁ ମିସେସ୍ ଆଲୁଓ୍ୱାଲିଆ ‘‘ଆପଣତ ଆମ ସଂସ୍ଥାକୁ ଏତେ ଘୃଣା କରନ୍ତି । ଆପଣଙ୍କ ଝିଅ ଅଞ୍ଜଳି କିଭଳି ଆମ ଅଫିସ୍‌ରେ ଚାକିରି କରୁଛି ? ଅପାଣ କିଭଳି ତାକୁ ଆମ ପାଖେ ନଷ୍ଟ ହେବା ପାଇଁ ଛାଡ଼ିଛନ୍ତି ?

ଶ୍ରୀମତୀ ଆଲୁଓ୍ୱାଲିଆ ଉତ୍ତର ଦେଲେ, ‘‘କେଉଁ ଅଞ୍ଜଳି କଥା କହୁଛ ? ସେ ତ’ ମୋ’ ଝିଅ ନୁହେଁ । ମୋର ଦୁଇଟି୍ ଝିଅ ଡାକ୍ତରୀ ପାସ୍ କରି ବାହା ହୋଇ ଏବେ କାନାଡ଼ାରେ ଅଛନ୍ତି । ଆଉ ଗୋଟିଏ ପୁଅ ଅହମଦାବାଦରେ ମ୍ୟାନେଜମେଣ୍ଟ ପଢ଼େ । ମୋର ତ ଆଉ କେହି ପିଲାପିଲି ନାହାନ୍ତି ।’’

ଶ୍ରୀମତୀ ଅରୂପା ରାମନାଥନ କହିଲେ, ‘‘ଆପଣଙ୍କ ମିଷ୍ଟର ଆଲୁଓ୍ୱାଲିଆତ ତାକୁ ନିଜ ଝିଅ କହି ଆମ ସଂସ୍ଥାରେ ବର୍ଷେ ହେଲା ଚାକିରି କରାଇ ଦେଇଛନ୍ତି । ବେଳେବେଳେ ତାକୁ ଅଫିସ୍ ନେବା ଆଣିବା କରନ୍ତି । ଆପଣ ତାଙ୍କୁ ପଚାରି ପାରନ୍ତି ।

ଶ୍ରୀମତୀ ଆଲୁଓ୍ୱାଲିଆ କହିଲେ, ‘‘ନା ଅରୂପା, ତୁମେ ତାଙ୍କୁ ପଚାର, ସେ ତାଙ୍କ ଝିଅ ହୋଇପାରେନା, ମୋର ଝିଅ ମଧ୍ୟ ନୁହେଁ । ମୁଁ ମିଃ ଆଲୁଓ୍ୱାଲିଆଙ୍କ ପ୍ରଥମ ଓ ଏକମାତ୍ର ପତ୍ନୀ । ଏ ବୟସରେ ଅଞ୍ଜଳିକୁ ପ୍ରେମିକା କହିବାକୁ ହୁଏତ ଲଜ୍ଜା ଓ ସଂକୋଚ ଆସିଥିବାରୁ ବିଶିଷ୍ଟ ଶ୍ରମିକନେତା ମିଃ ଆଲୁଓ୍ୱାଲିଆ ତାକୁ ଝିଅ ବୋଲି ପରିଚୟ ଦେଇଥାଇ ପାରନ୍ତି । ସେ ମୋର କେହି ନୁହେଁ । କିନ୍ତୁ ନାରୀ ଜାଗରଣର ସେ ଏକ ଜୀବନ୍ତ ପ୍ରତିନିଧି । ଆପଣଙ୍କ ସଂସ୍ଥାକୁ ସେ ଠିକ୍ ଖାପ ଖାଇବ ।’’ ତିନିଜଣ ନାରୀନେତ୍ରୀଙ୍କ ମୁହଁରେ ସତେ ଯେମିତି କିଏ ଆଲିଗଡ଼ ତାଲା ପକାଇଦେଲା ।

Digitized by PPRACHIN, SOA

ଶୃଗାଳର ପୁଚ୍ଛ

ତିନିବର୍ଷର ତାଲିମ୍ ସାରି ରାଜୀବରଞ୍ଜନ ବିଶ୍ୱାସ ଯୋଗଦେଲେ ଜମ୍ବୁଦ୍ୱୀପ ରାଜ୍ୟର ଜଣେ ରାଜସ୍ୱ ଉପଖଣ୍ଡ ଅଧିକାରୀ ଭାବେ । ସେ ଆଇ.ଆଇ.ଟି. କାନପୁରରୁ ଇଲେକ୍ଟ୍ରୋନିକ୍ସରେ ବି.ଟେକ୍. ଓ ଏମ୍. ଟେକ୍ ଉଭୟରେ ପ୍ରଥମ ଶ୍ରେଣୀରେ ପ୍ରଥମ ! ସେତେବେଳେ ମାସକୁ କୋଡ଼ିଏ ହଜାର ଟଙ୍କା ଦରମାର ଦୁଇତିନୋଟି ଚାକିରି ତାଙ୍କୁ ମିଳୁଥିଲା ପରୀକ୍ଷା ପୂର୍ବରୁ । ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ, ଅହମ୍ମଦାବାଦରେ ତା'ପରେ ଏମ୍.ବି.ଏ. ପାଠ୍ୟକ୍ରମରେ ନାମଲେଖା । ସେଇଠି ପଢ଼ିଲାବେଳେ ଦ୍ୱିତୀୟ ବର୍ଷରେ ସେ ଆସିଲେ ପ୍ରଶାସନିକ ସେବାକୁ । ଲକ୍ଷ୍ୟଥିଲା ଦୁର୍ନୀତିର ମୂଳୋତ୍ପାଟନ, ସମାଜରେ ନ୍ୟାୟ ପ୍ରତିଷ୍ଠା ଓ ଦରିଦ୍ର ଜନସାଧାରଣଙ୍କ ଅଶ୍ରୁମୋଚନ ଦ୍ୱାରା କିଛି ଆତ୍ମସନ୍ତୋଷ ପାଇବା ।

ପଚାଶ ଲକ୍ଷ ଟଙ୍କାର ଘର, ଗାଡ଼ି, ସୁନା, ଫାର୍ମ ହାଉସ୍ ଓ ନଗଦ ନାରାୟଣର ଲୋଭକୁ ଜୋତାମାରି ସେ ବିବାହ କଲେ ଏକ ନିମ୍ନ ମଧ୍ୟବିତ୍ତ ଶ୍ରେଣୀରେ । ପତ୍ନୀ ଅଧାପିକା ମଞ୍ଜୁଳା । କାଶୀମ୍‌ପୁର ଜିଲ୍ଲାର ଭବାନୀଗଡ଼ ଉପଖଣ୍ଡରେ ରାଜୀବ ଏକ ନିର୍ମଳ ଦକ୍ଷ ଶାସନ ପ୍ରତିଷ୍ଠା କରିବା ଦିଗରେ ଲାଗିପଡ଼ିଲେ । ଆଇ.ଆଇ.ଟି.ର ଛାତ୍ର ଭାବେ ତାଙ୍କର ଥିଲା ଅପୂର୍ବ ଶୃଙ୍ଖଳା ଜ୍ଞାନ ଓ ଅକ୍ଲାନ୍ତ ପରିଶ୍ରମ କରିବାର କ୍ଷମତା । ସମସ୍ତ ଗ୍ରାମପଞ୍ଚାୟତକୁ ନିଜେ ଗଲେ । ପାଦରେ ଚାଲିବୁଲିଲେ ଅନେକ ପଲ୍ଲୀ ଓ ପଡ଼ା । ଲୋକଙ୍କ ସୁଖ ଦୁଃଖର ଭାଗୀହୋଇ ଯେଉଁ ଦୁଃଖର ପ୍ରତିକାର କରି ହେଉଥିଲା ତାହାର ତୁରନ୍ତ ବନ୍ଦୋବସ୍ତ କଲେ ।

ଦୁର୍ନୀତି ଯେଉଁଠି ଦୃଷ୍ଟିକୁ ଆସିଲା ତାକୁ ଦୃଢ଼ହସ୍ତରେ ସେ ଦମନ କରୁଥିଲେ । ଯେଉଁ ସରକାରୀ କର୍ମଚାରୀ ବା ଟାଉଟର ଲୋକମାନଙ୍କୁ ହଇରାଣ ହରକତ କରୁଥିଲେ ରାଜୀବରଞ୍ଜନ ସେମାନଙ୍କୁ ସାବାଡ଼ କଲେ । ଯେଉଁ ବିଭାଗମାନଙ୍କ ଉପରେ ତାଙ୍କର ପ୍ରଶାସନିକ କ୍ଷମତା ନ ଥିଲା, ତା'ର ଅଧିକାରୀମାନଙ୍କର ଜନବିରୋଧୀ କାର୍ଯ୍ୟକୁ ମଧ୍ୟ ସେ ବରଦାସ୍ତ କରୁ ନ ଥିଲେ । ସେମାନଙ୍କୁ ଲୋକହସା କରାଇ ସେ ଅପଦସ୍ତ କରୁଥିଲେ । ଛ'ମାସ ମଧ୍ୟରେ ଚାରିଆଡ଼େ ତାଙ୍କରି ଖାଲି ସୁନାମ ।

ଏହିପରି ଦିନେ ଅବଶ୍ୟମ୍ଭାବୀ ରୂପେ ରାଜୀବଙ୍କ ଦୃଷ୍ଟିକୁ ଆସିଲେ ଆଶିଷ ରାଠୋର । ଭବାନୀଗଡ଼ର ଜଣେ ନାମଜାଦା ବ୍ୟବସାୟୀ । ଜମ୍ବୁଦ୍ୱୀପ ରାଜ୍ୟ ଯୋଗାଣ ନିଗମର ମୁଖ୍ୟଭଣ୍ଡାର ରକ୍ଷକ ଓ ଦଶଟି ବସର ମାଲିକ ସେ । ପନ୍ଦରଟି ଟ୍ରକ ତାଙ୍କର ଚାଲେ । ଦୁଇଟି ହୋଟେଲର ମଧ୍ୟ ସେ ମାଲିକ ଓ ପରିଚାଳକ । ସହରରେ ନିଜ ନାମରେ ତିନୋଟି ବିଦେଶୀ ମଦ ଦୋକାନ

Digitized by PPRACHIN, SOA

ଆଉ ବେନାମୀ ଦୁଇଟି । ଚାରୋଟି କମ୍ପାନୀର ଡିଜେଲ ପମ୍ପର ସେ ବିତରକ । ଏହାଛଡ଼ା ସହରର ଦୁଇମୁଣ୍ଡରେ ଜଙ୍ଗଲର ସୀମାନ୍ତକୁ ଲାଗି ଦୁଇଟି କରତକଳ । ଭବାନୀପୁରରେ ଯୋଗଦେଲା ପରେ ରାଜୀବରଞ୍ଜନ ଆଶିଷ ରାଠୋରଙ୍କ କଥା କିଛି କିଛି ଶୁଣିଥିଲେ । ନିଜେ ଷ୍ଟେନୋକୁ ପଚାରି ସେ ଏତିକି ଜାଣିଲେ ଯେ ଶ୍ରୀ ରାଠୋର ନିୟମ, ବେନିୟମ, ନୀତି ଓ ଦୁର୍ନୀତି ଏସବୁ ସୂକ୍ଷ୍ମ ପାର୍ଥକ୍ୟର ସୀମାରେଖାରେ ବିଶ୍ୱାସ ରଖନ୍ତି ନାହିଁ । ରାଜ୍ୟ ଶାସନର ସମସ୍ତ ଅଧିକାରୀଙ୍କୁ ଅକୁଣ୍ଠ ଆତିଥ୍ୟ ଦେବାରେ ସେ କାର୍ପଣ୍ୟ କରୁ ନ ଥିଲେ । ପୂର୍ବ ଉପଜିଲ୍ଲାପାଳ ଶ୍ରୀ ମନତୋଷ ବର୍ଦ୍ଧନ ଓ ଏ.ଏସ୍.ପି. ଫଟିକ୍ ମାଇତି ଦିନ ଓ ରାତିର ଅଧିକାଂଶ ସମୟ ରାଠୋରଙ୍କ ଘରେ ହିଁ କଟାଉଥିଲେ । ଅଫିସରମାନେ ଓ ରାଠୋରଙ୍କ ବଡ଼ବାବୁ ଅଫିସ କାମ ଥିଲେ ରାଠୋରଙ୍କ ଘର ବା ହୋଟେଲକୁ ଯାଇ କରାଇ ଆଣୁଥିଲେ । କେତେକ କମିଶନର ଜିଲ୍ଲାପାଳ ଓ ଏସ୍.ପି.ମାନେ ଭବାନୀପୁର ଆସିଲେ ସର୍କିଟ ହାଉସ୍‌ରେ ନ ରହି ରାଠୋରଙ୍କ ଆତିଥ୍ୟ ଗ୍ରହଣ କରୁଥିଲେ ।

ସହକାରୀ ଯୋଗାଣ ଅଫିସର, ଶ୍ରମ ଅଧିକାରୀ, କନିଷ୍ଠ ମୋଟର ଗାଡ଼ି ନିରୀକ୍ଷକ, ମାପ ଓଜନ ନିରୀକ୍ଷକ, ଅବକାରୀ ଇନିସ୍‌ପେକ୍ଟର, ସହକାରୀ ଜଙ୍ଗଲ ସଂରକ୍ଷକ ଓ ପୋଲିସ ଦାରୋଗା ଏମାନଙ୍କ ସଙ୍ଗେ କଥାବାର୍ତ୍ତା ହେଲାବେଳେ ରାଜୀବ ରଞ୍ଜନ ଜାଣିପାରିଲେ ଯେ ସମସ୍ତେ ହୁଏତ ଆଶିଷ ରାଠୋରଙ୍କ ପକେଟରେ ବା ଅତ୍ୟନ୍ତ ଭୀତତ୍ରସ୍ତଭାବେ ତାଙ୍କର ଶରଣାଗତ ।

ଦିନେ ଖବର ଆସିଲା ରାଠୋରଙ୍କ ଗୋଦାମରେ ଦେଢ଼ଶହ ବସ୍ତା କଣ୍ଟ୍ରୋଲ ଚିନି କଳାବଜାରରେ ବିକ୍ରୀ ପାଇଁ ମହଜୁଦ ଅଛି । ବିଭିନ୍ନ କଣ୍ଟ୍ରୋଲ ଖୁଚୁରା ଦୋକାନୀଙ୍କୁ ସେଗୁଡ଼ିକ ଖାତାରେ ବିକ୍ରୀ ଦେଖାଯାଇଛି । ଠିକଣା ସମୟରେ ଶ୍ରୀ ବିଶ୍ୱାସ ମାଜିଷ୍ଟ୍ରେଟ, ପୋଲିସ ଓ ଯୋଗାଣ ବିଭାଗ କର୍ମଚାରୀଙ୍କୁ ନେଇ ଗୋଦାମ ଚଢ଼ାଉ କଲେ, ଚିନିକୁ ଜବତ କଲେ । ଆବଶ୍ୟକୀୟ ସାମଗ୍ରୀର କଳାବଜାର ରୋକିବା ପାଇଁ ଯେଉଁ ଆଇନ ଥିଲା ସେଥିରେ ଶ୍ରୀ ରାଠୋରଙ୍କୁ ଗିରଫ କରିବା ପାଇଁ ଜିଲ୍ଲାପାଳଙ୍କୁ ସୁପାରିସ୍ କଲେ । ତହିଁ ପରଦିନ ଶ୍ରୀ ବିଶ୍ୱାସଙ୍କର ଆସିଲା ବଦଳି ଆଦେଶ । ରାଜଧାନୀରୁ ସେହିଦିନ ଆଉ ଜଣେ ପ୍ରଶାସନିକ ଅଧିକାରୀ ଦାୟିତ୍ୱ ନେବା ପାଇଁ ଆସି ହାଜର ହେଲେ । ରାଜୀବ ରଞ୍ଜନ ଅତ୍ୟନ୍ତ ବ୍ୟସ୍ତ ଓ ଉତ୍ତ୍ୟକ୍ତ ହୋଇ କାଶୀମପୁର ଜିଲ୍ଲାପାଳଙ୍କୁ ଦେଖାକଲେ । ଜିଲ୍ଲାପାଳ ତାଙ୍କୁ ପ୍ରବୋଧନା ଦେଲେ । ପ୍ରଶାସନର ଗୋଟିଏ ସୁନ୍ଦର ତତ୍ତ୍ୱ ବ୍ୟାଖ୍ୟାନ କରି ବୁଝାଇଦେଲେ ଆମ ଜମ୍ବୁଦ୍ୱୀପ ରାଜ୍ୟରେ କ୍ଷମତାକୁ ଆସିଲା ବେଳେ ଅନେକ ଅଫିସର ଆଦର୍ଶବାଦରେ ପ୍ରବୁଦ୍ଧ ହୋଇ ଗରମ୍ ଥାଆନ୍ତି । ଏ ଗରମପଣିଆ କିଏ ବର୍ଷେ ବା କିଏ ଦୁଇ ବର୍ଷ ଦେଖାନ୍ତି । ତା'ପରେ ଯେତେବେଳେ ଅଭିଜ୍ଞତା ଆସେ, ସେମାନଙ୍କ ମଧ୍ୟରୁ ଅଧିକାଂଶ ସାତ ଆଠ

Digitized by PPRACHIN, SOA

ବର୍ଷ ହେଲାବେଳକୁ ନରମ ହୋଇଯାଆନ୍ତି । ଛଅରୁ ବାର ବର୍ଷ ଚାକିରି କଲା ପରେ ମଧ୍ୟ ଯେଉଁମାନେ ଗରମ ରହିଥାନ୍ତି ସେମାନେ ଅଧିକାଂଶ ସମୟରେ ଠୋକର ଖାଇ ବଦଳି ହୁଅନ୍ତି । ପରେ ପରେ ସେମାନେ ନରମ ହୋଇଯାଆନ୍ତି । କିଏ କେତେ ବର୍ଷ ଗରମ ରୁହନ୍ତି ବା କେତେ ବର୍ଷ ପରେ ନରମ ହୁଅନ୍ତି ତାହା ବିଭିନ୍ନ କାରଣ ଓ ପରିସ୍ଥିତି ଉପରେ ନିର୍ଭର କରେ । ସବୁ ନରମ ଲୋକେ ଦୁର୍ନୀତିଗ୍ରସ୍ତ ନୁହନ୍ତି ଠିକ୍ ଯେପରି ସବୁ ଗରମ ଲୋକେ ସାଧୁ ନୁହନ୍ତି । କେତେକ ମୂଳରୁ ନରମ ରହି ସୁଖ ସ୍ୱାଚ୍ଛନ୍ଦ୍ୟରେ ଦିନ କଟାନ୍ତି । ଉଭୟ ଶ୍ରେଣୀରେ ପାରଙ୍ଗମ ଲୋକ ଆଉ ଅପାରଗ ଲୋକ ମଧ୍ୟ ଅଛନ୍ତି ।

କିଛି ବର୍ଷ ନରମ ରହିଲା ପରେ କେତେକ ଅଧିକାରୀ ଆଉ ଗୋଟିଏ ଶ୍ରେଣୀଭୁକ୍ତ ହୁଅନ୍ତି, ଯାହାର ନାମ ହେଲା ବେଶରମ୍ । ସେତେବେଳେ ସେମାନେ କେବଳ ନିଜେ ଦୁର୍ନୀତିରେ ଭାଗୀଦାର ହୁଅନ୍ତି ତା ନୁହେଁ ଅନ୍ୟାନ୍ୟ ଗରମ ଅଧିକାରୀମାନଙ୍କର ଉଷ୍ମତାକୁ କେମିତି ମାରିପିଟି ଛଡ଼ାଇଦେବେ ସେଥିରେ ବ୍ୟସ୍ତ ରହନ୍ତି । ଏଥିରେ ସେମାନଙ୍କୁ ଅନେକ ସୂତ୍ରରୁ ସାହାଯ୍ୟ ମିଳେ ।

ଠିକ୍ ଯେମିତି ପୁଚ୍ଛ କଟିଯାଇଥିବା ଶୃଗାଳ ଇଚ୍ଛାକରେ ଅନ୍ୟ ସମସ୍ତ ଶୃଗାଳଙ୍କ ପୁଚ୍ଛ ମଧ୍ୟ କଟିଯାଉ । ଏମାନେ ଗରମମାନଙ୍କୁ ନରମ ଓ ନରମମାନଙ୍କୁ ବେସରମ୍ କରାଇବାରେ ଲାଗିପଡ଼ନ୍ତି । କୌଣସି ଗରମ ଅଫିସର ଅପଦସ୍ଥ ହେଲେ ଏମାନେ ଉତ୍ସବ କରନ୍ତି । ଏବେ କେତେକ ଅଧିକାରୀ ଚାକିରିରେ ପ୍ରବେଶମାତ୍ରେ ପୁଚ୍ଛଟିକୁ ଅନାବଶ୍ୟକ ମନେକରି କାଟି ଫୋପାଡ଼ି ଦେଉଛନ୍ତି । ଶେଷ ପର୍ଯ୍ୟନ୍ତ ସାଧୁ ଓ ଗରମ ଥିବା ଅଧିକାରୀ କେତେଜଣ ଦେଖିବାକୁ ମିଳନ୍ତି ଏବଂ ସେମାନଙ୍କ ହାଣ୍ଡିରେ କଳା ଲାଗେନାହିଁ । କ୍ଷମତାର ଅଳିନ୍ଦରୁ ସେମାନେ ପ୍ରାୟ ବାହାରେ ଥାଆନ୍ତି । ଆଉ କେତେଜଣ ସଫଳ ବ୍ୟକ୍ତିତ୍ୱ ଅଛନ୍ତି ଯେଉଁମାନେ ସ୍ଥାନ, କାଳ, ପାତ୍ର ଦେଖି ଗରମ, ନରମ ଓ ବେସରମ ତିନୋଟି ଭୂମିକାରେ ସୁନ୍ଦରଭାବେ କାର୍ଯ୍ୟ ତୁଲାନ୍ତି । ଏମାନଙ୍କର ପ୍ରକୃତ ସ୍ୱରୂପ ବେଳେବେଳେ ଡେରିରେ ଜଣାପଡ଼େ । ରାଜୀବ, ତୁମେ ଠିକ୍ କର ତୁମେ କେଉଁ ଶ୍ରେଣୀରେ କେତେଦିନ ଯାଏ ରହିବ ବା ତିନୋଟିର ସୁନ୍ଦର ସମନ୍ୱୟ କରିପାରିବ ।

ସାର୍ ମୁଁ କାନପୁର ଆଇ.ଆଇ.ଟି.ର ବି.ଟେକ୍. ଓ ଏମ୍.ଟେକ୍.ରେ ଟପ୍‌ର । ଆଉ ବର୍ଷେ ପଢ଼ିଲେ ଏମ୍.ବି.ଏ. ପୂର୍ଣ୍ଣ କରିବି । ମୋ ପେଟ ଅପୋଷା ରହିବ ନାହିଁ । ମୁଁ ନରମ ଆଉ ବେସରମ୍ ହେବା ପାଇଁ କ'ଣ ଏ ଚାକିରିରେ ପଶିଛି ? ମୁଁ ଆଜି ଇସ୍ତଫା ଦେଉଛି । ଆପଣ ଜମ୍ବୁଦ୍ୱୀପ ସରକାରଙ୍କୁ ଯାକୁ ପଠାଇ ଦିଅନ୍ତୁ । ରାଜୀବରଞ୍ଜନଙ୍କର କଣ୍ଠସ୍ୱର ଥିଲା ପୂର୍ବବତ୍ ଗମ୍ଭୀର ଓ ଓଜନଦାର୍, ନ ଥିଲା ଦୁଃଖ ଓ ଅବଶୋଷର ସାମାନ୍ୟ ଚିହ୍ନ । ସେ ଠିକ୍ ଜାଣି ପାରୁଥିଲେ ଯେ ଜିଲାପାଳ ଏବେ ନରମଶ୍ରେଣୀକୁ ଆସିଲେଣି ଏବଂ ନିଜ ପୁଚ୍ଛଟି ହରାଇଥିବାରୁ ପୁଚ୍ଛର ଅନାବଶ୍ୟକତା ଉପରେ ପ୍ରଗଲ୍‌ଭ ।

Digitized by PPRACHIN, SOA

ମତିମାନ୍ ନ ପ୍ରକାଶୟେତ୍

ସର୍ଦ୍ଦାର ପଟେଲ ପାର୍କରେ ପାଞ୍ଚଘେରା ବୁଲିଆସିଲା ପରେ ତିନିବନ୍ଧୁ ବସିଲେ ତରାଟ ଗଛ ତଳେ ଥିବା ସିମେଣ୍ଟ ବେଞ୍ଚରେ । ପ୍ରାତଃଭ୍ରମଣ ଥିଲା ତିନିବନ୍ଧୁଙ୍କର ଏକ ପ୍ରକାର ନିଶା । ନିଜ ନିଜ ଘରୁ ସେମାନେ ବାହାରି ପାର୍କକୁ ଆସିଲାବେଳେ ପଡ଼ୋଶୀମାନେ ଘଣ୍ଟା ମିଳାନ୍ତି, ଠିକ୍ ସକାଳ ସାଢ଼େ ପାଞ୍ଚଟା । ନିୟମିତ ପ୍ରାତଃଭ୍ରମଣ ହିଁ ଆଣିଦେଇଛି ଏଇ ବନ୍ଧୁତ୍ୱ । ତା ନହେଲେ କର୍ମମୟ ଜୀବନରେ ଚିହ୍ନି ନ ଥିଲେ ପରସ୍ପରକୁ ସେମାନେ । ପାଞ୍ଚ ଘେରା ବୁଲାପରେ ପନ୍ଦର ମିନିଟ୍ ବସି ଗପସପ । ତା' ପରେ ଯିଏ ଯାହା ଘରକୁ ।

ଅରବିନ୍ଦ ଘୋଷାଲ ଥିଲେ ଶାନ୍ତିନଗରର ଗୋଟିଏ ଇଲୋକ୍ଟ୍ରନିକ୍ସ ଦୋକାନର ମାଲିକ । ପ୍ରଥମେ ରେଡିଓ, ଟ୍ରାଞ୍ଜିଷ୍ଟର, ଗ୍ରାମୋଫୋନ୍ ଆଦି ବେପାର କରୁଥିଲେ । ପରେ ବିକ୍ରୀ କଲେ ଟେଲିଭିଜନ, ଟେପ୍‌ରେକର୍ଡର, ଟୁ-ଇନ୍-ଓଆନ ଆଉ ଷ୍ଟିରିଓ ମିଉଜିକ୍ ସିଷ୍ଟମ । ତା'ଛଡ଼ା ବଡ଼ ବଡ଼ ସଭାରେ ସେ କରୁଥିଲେ ଡାକବାଜି ଯନ୍ତ୍ରର ବନ୍ଦୋବସ୍ତ । ଏ ଧନ୍ଦାରେ ଏମିତି ବେଶୀ ଲାଭ ନ ଥିଲା ତାଙ୍କର । ମିଃ ଘୋଷାଲଙ୍କର ବି.ଏସ୍‌ସି. ପାଠ ପରେ ଥିଲା ସାଉଣ୍ଡ ସିଷ୍ଟମ ଇଂଜିନିୟରିଂରେ ପ୍ରଥମ ଶ୍ରେଣୀର ଡିପ୍ଲୋମା । ତେଣୁ ଏହି କାରିଗରି ବେପାରଟିରୁ ହିଁ ସେ ପାଉଥିଲେ କିଛି କର୍ମଜାତ ତୃପ୍ତି । ସଭାର ସ୍ଥାନ, ପବନ ବହିବାର ଦିଗ, ପାଖରେ ଥିବା କୋଠା, ବୃକ୍ଷରାଜିର ଅବସ୍ଥାନ, ସଭାରେ ଏକତ୍ର ହେବାକୁ ଥିବା ଲୋକସଂଖ୍ୟା ଏ ସମସ୍ତକୁ ଦୃଷ୍ଟିରେ ରଖି ସେ ମାଇକ୍‌ର ପୁଙ୍ଗାଗୁଡ଼ିକୁ ଏଭଳି ସ୍ଥାନ, ଏଭଳି କୋଣ ଓ ଉଚ୍ଚତାରେ ଖଞ୍ଜିଦେଉଥିଲେ ଯେ, ଯେତେଦୂରରେ ବା ଯେଉଁ ଦିଗରେ ଲୋକ ଜମିଥିଲେ ମଧ୍ୟ ସମସ୍ତେ ଭାଷଣ ବା ଗୀତ ପରିଷ୍କାର ଶୁଣିପାରୁଥିଲେ । ପ୍ରଶ୍ନ ନ ଥିଲା କୌଣସି ପ୍ରତିଧ୍ୱନି ବା ଅସ୍ପଷ୍ଟତାର ।

ଶାନ୍ତିନଗରରେ ପ୍ରଧାନମନ୍ତ୍ରୀ ନେହେରୁ, ରାଷ୍ଟ୍ରପତି ଡଃ ରାଜେନ୍ଦ୍ର ପ୍ରସାଦ, ରୁଷର ପ୍ରଧାନମନ୍ତ୍ରୀ କ୍ରୁଶ୍ଚେଭ୍, ଲୋକନାୟକ ଜୟପ୍ରକାଶ, ଅଟଳବିହାରୀ ବାଜପେୟୀ ସମସ୍ତଙ୍କ ସଭାରେ ଡାକବାଜି ଯନ୍ତ୍ର ଖଞ୍ଜିବାର ବିଷୟରେ ନିଜର ଅଭିଜ୍ଞତା ବଖାଣନ୍ତି ସେ । ତାଙ୍କ ବୈଠକଖାନାରେ ଅନେକ ନେତାଙ୍କର ଭାଷଣର ଟେପ୍ କରାଯାଇଥିବା କ୍ୟାସେଟ୍‌ଗୁଡ଼ିକର ଥିଲା ଏକ ଲାଇବ୍ରେରି । ବନ୍ଧୁମାନଙ୍କୁ ଘରକୁ ଚା' ଭୋଜି ପାଇଁ ଆମନ୍ତ୍ରଣ କରି ଏହି ସବୁ ଭାଷଣ ଶୁଣାଇବାରେ ତାଙ୍କର ଅପାର ଆନନ୍ଦ ।

Digitized by PPRACHIN, SOA

ପ୍ରିୟଦର୍ଶନ ଛାବରିଆ ଥିଲେ ଶାନ୍ତିନଗରର ଏକ ଛାପାଖାନାର ମାଲିକ । ତାଙ୍କ ବାପାଙ୍କର ଥିଲା ନିଜର ପ୍ରେସ୍‌ଟିଏ । ସେଥିରେ କମ୍ପୋଜିଂ କାମ ଶିଖିଥିଲେ ପ୍ରିୟଦର୍ଶନ । ପୁଅ ମଧ ଏହି ଛାପାଖାନାରେ ତାଙ୍କ ପରେ କାମ କରୁ, ଏକଥା କେବେହେଲେ ଚାହିଁ ନ ଥିଲେ ତାଙ୍କ ବାପା । ପ୍ରିୟଦର୍ଶନ କିନ୍ତୁ ପିଲାଟିଦିନୁ ଛାପାଖାନାରେ କାମ ଶିଖିବାରେ ଦେଖାଇଲେ ଅସୀମ ଆଗ୍ରହ । ତେଣୁ ବାପା ତାଙ୍କୁ ପଠାଇଥିଲେ ମୁଦ୍ରଣ ପ୍ରଯୁକ୍ତି ବିଦ୍ୟାରେ ଉଚ୍ଚଶିକ୍ଷା ପାଇଁ ବିଦେଶ । ଉଚ୍ଚଶିକ୍ଷା ପରେ ବିଦେଶରୁ ଫେରି ପ୍ରିୟଦର୍ଶନ ଚାହିଁଲେ ନାହିଁ ସରକାରୀ ଚାକିରି କରିବାକୁ । ବ୍ୟାଙ୍କରୁ ଋଣ ନେଇ ଏକ ନୂଆ ଅଫ୍‌ସେଟ୍ ପ୍ରେସ୍ ପକାଇ ଶାନ୍ତିନଗରରେ ଚଳାଇଲେ ଏକ ଅତ୍ୟାଧୁନିକ ଛାପାଖାନା । ସମୟକ୍ରମେ କଂପ୍ୟୁଟରର ଆଗମନ ପରେ ସେ କିଣିଲେ ଏକ ଡି.ଟି.ପି. ମେସିନ୍ । ତା'ପରେ କଲର ଅଫ୍‌ସେଟ୍ ଛାପିବା ପାଇଁ ପୂର୍ଣ୍ଣ କଲେ ସମସ୍ତ ପ୍ରସ୍ତୁତି । ପ୍ରିୟଦର୍ଶନ ଆଉ ତା'ପରେ ପଛକୁ ଚାହିଁ ନାହାନ୍ତି ।

ତୃତୀୟ ବନ୍ଧୁ ଡଃ ସୁବ୍ରମନିୟମ୍ ଥିଲେ ସମବାୟ ବିଭାଗର ଜଣେ ଅବସରପ୍ରାପ୍ତ ଯୁଗ୍ମ ମହାପ୍ରବନ୍ଧକ । ଅର୍ଥନୀତିରେ ବିଶ୍ୱବିଦ୍ୟାଳୟରୁ ପ୍ରଥମଶ୍ରେଣୀରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କଲାପରେ ଯୋଗ ଦେଇଥିଲେ ରାଜ୍ୟ ସରକାରଙ୍କ ସମବାୟ ସେବାରେ ସହକାରୀ ପ୍ରବନ୍ଧକ ଭାବେ । ବିଦେଶରେ ତୁଳନାତ୍ମକ ସମବାୟ ଅର୍ଥନୀତି ଉପରେ କରିଥିଲେ ପିଏଚ୍.ଡି. । ସମବାୟ ଆନ୍ଦୋଳନ କ୍ଷେତ୍ରରେ ରାଜ୍ୟରେ ଡଃ ସୁବ୍ରମନିୟମ୍‌ଙ୍କର ନାମ ବିଖ୍ୟାତ ଥିଲା । ଆମେରିକା ମହାଦେଶ, ଇଉରୋପ ମହାଦେଶ, ଇଜିପ୍ଟ, ଚାଇନା ଓ ଜାପାନ ଏହିପରି କୋଡିଏଟି ଦେଶ ସେ ଯାଇଥିଲେ । ସମବାୟ ଆଇନ୍‌ର ତର୍ଜମା ଉପରେ ଓ ସମବାୟ ତାଲିମ୍ ପାଇଁ ସେ ରଚନା କରିଥିଲେ କେତେକ ମୂଲ୍ୟବାନ ପୁସ୍ତକ । ଏକ ଅତୀବ ସଫଳ ଜୀବନରେ ତାଙ୍କର ରହିଯାଇଥିଲା କିନ୍ତୁ ଗୋଟିଏ ବଡ଼ ଅବଶୋଷ । ସେ ହୋଇପାରି ନ ଥିଲେ ସମବାୟ ବିଭାଗର ଅତିରିକ୍ତ ମହାପ୍ରବନ୍ଧକ ।

ତରାଟ ଗଛ ତଳେ ସିମେଣ୍ଟ ବେଞ୍ଚରେ ଏହି ବନ୍ଧୁ ତିନିଜଣ ସେ ଦିନ ବସିଛନ୍ତି । ପହଞ୍ଚିଲେ ସର୍ଦ୍ଦାର ପଟେଲ ପାର୍କକୁ ପ୍ରାତଃଭ୍ରମଣରେ ଆସିଥିବା ଆଉ ଜଣେ ଅବସରପ୍ରାପ୍ତ ବ୍ୟକ୍ତି ଡଃ ରଞ୍ଜନ ମାଟୋଣ୍ଡକର । ଡଃ ସୁବ୍ରମନିୟମଙ୍କ ଚିହ୍ନାପରିଚୟ । ଶିକ୍ଷା ନିର୍ଦ୍ଦେଶାଳୟର ସେ ଅତିରିକ୍ତ ନିର୍ଦ୍ଦେଶକ ଥିଲେ । ମୁହଁରେ ସେଦିନ ତାଙ୍କର ଯେପରି କିଛି କହିବା ଭାବ । ଆଉ ଅପେକ୍ଷା ନ କରି ବସିଥିବା ତିନିଜଣ ବନ୍ଧୁଙ୍କୁ ସୁପ୍ରଭାତ ଜଣାଇ ସେ ଆରମ୍ଭ କଲେ । "ଜାଣିଛନ୍ତି, କାଲି ଶଙ୍କର ତ୍ରିବେଦୀ ରିଟାୟାର୍ କଲା । ଲକ୍ଷେ ଟଙ୍କା ଉପରେ ଖର୍ଚ୍ଚ କଲା,

Digitized by PPRACHIN, SOA

କିନ୍ତୁ ନା ପ୍ରାଇଲା ପୁନର୍ନିଯୁକ୍ତି ନା ହେଲା ଚାକିରିକାଳ ବୃଦ୍ଧି । ଖବରଟି ଶୁଣିବାମାତ୍ରେ ତିନିବନ୍ଧୁଙ୍କର ହାତଗୁଡ଼ିକ ନମସ୍କାର ଭଙ୍ଗୀରେ ମୁଣ୍ଡ ଉପରକୁ ଉଠିଗଲା । ସତେ ଯେପରି ସେମାନେ ସମସ୍ତେ ଜଣାଉଛନ୍ତି ମହାମହିମ ଈଶ୍ୱରଙ୍କୁ ଧନ୍ୟବାଦ ଓ କୃତଜ୍ଞତା । ଏ ଭଳି ଏକ ମିଳିତ ସ୍ୱତଃସ୍ଫୂର୍ତ୍ତ ପ୍ରତିକ୍ରିୟାରେ ତିନିବନ୍ଧୁ ନିଜେନିଜେ ହେଲେ ଅତୀବ ଆଶ୍ଚର୍ଯ୍ୟ । ଏମାନଙ୍କୁ ଦେଖି ରଞ୍ଜନ ମାଟୋଣ୍ଡକରଙ୍କର ମଧ ଦୁଇହାତ ବିଶ୍ୱକର୍ତ୍ତାଙ୍କୁ ନମସ୍କାର ଭଙ୍ଗୀରେ ଉପରକୁ ଉଠିଗଲା । କିଛି ସମୟ ଚୁପ୍‌ଚାପ୍ ପରେ ସମସ୍ତେ ଏକାଠି ହସି ଉଠିଲେ । ହସ ମଝିରୁ ଡଃ ସୁବ୍ରମନିୟମ୍ କହିଲେ । "ଡଃ ମାଟୋଣ୍ଡକର, ଆପଣ ପ୍ରଥମେ କୁହନ୍ତୁ, ଆପଣ ଭଗବାନଙ୍କୁ ନମସ୍କାର କଲେ କାହିଁକି ?"

ଡଃ ମାଟୋଣ୍ଡକର କହିଲେ "ମୋ ଚାକିରି ଆଉ ଦୁଇମାସ ଥିଲା । ଶିକ୍ଷା ନିର୍ଦ୍ଦେଶକ ପାହ୍ୟାରେ ଥିବା ପଦବୀରେ ଗୋଟିଏ ଶୂନ୍ୟସ୍ଥାନ ସୃଷ୍ଟି ହେଲା । ଅତିରିକ୍ତ ସଚିବ ଥିଲା ଏଇ ଶଙ୍କର ତ୍ରିବେଦୀ । ମୁଁ ଦୁଇଥର ଯାଇ ତାକୁ ଦେଖାକଲି । ବିଭାଗୀୟ ପଦୋନ୍ନତି କମିଟିର ଫାଇଲ୍‌ଟି ସେ ଯଦି ସଚିବଙ୍କ ପାଖକୁ ପଠାଇଥାନ୍ତା ତେବେ କମିଟିର ବୈଠକଟି ବସି ମୁଁ ଅନ୍ତତଃ ମାସେ ପାଇଁ ନିର୍ଦ୍ଦେଶକ ହୋଇ ପାରିଥାନ୍ତି । ମୋ ପେନ୍‌ସନ୍ ଅନ୍ତତଃ ମାସକୁ ପାଞ୍ଚଶହ ଟଙ୍କା ଅଧିକା ହୋଇଥାନ୍ତା । ଦୁଇମାସ ଚାଲିଗଲା । ତ୍ରିବେଦୀ ଫାଇଲଟା ଦୁଇଥର ତଳକୁ ଫେରାଇ ଦେଲା । ସବୁ ଅଫିସରଙ୍କର ପାଞ୍ଚବର୍ଷର ସି.ସି.ଆର୍. ନ ମିଳିଲାଯାଏ ସେ ବୈଠକ ଡକାଇଦେବ ନାହିଁ । ତୃତୀୟଥର ସେ ମୋତେ ମାଗିଲା କୋଡ଼ିଏ ହଜାର ଟଙ୍କା । ମୋ ଜୀବନର ସମସ୍ତ ଆଦର୍ଶକୁ ଜଳାଞ୍ଜଳି ଦେଇ କିପରି ମୁଁ ତାକୁ ଲାଞ୍ଚ ଦେଇଥାନ୍ତି ? ଅବସର ନେଲି ଅତିରିକ୍ତ ନିର୍ଦ୍ଦେଶକ ଭାବେ ।

ତା'ପରେ ଆରମ୍ଭ କଲେ ଅରବିନ୍ଦ ଘୋଷାଲ ନିଜର ଦୁଃଖଦ କାହାଣୀ । ଘୋଷାଲ ରେଡିଓ ହାଉସ୍‌ର ସମସ୍ତ ଅଭିଜ୍ଞତା, ସୁନାମ ଏବଂ ସବୁ କୋଟେସନ୍‌ରେ ନିମ୍ନତମ ହୋଇଥିବା ସତ୍ତ୍ୱେ ଶଙ୍କର ତ୍ରିବେଦୀ ଦଶହଜାର ଟଙ୍କା ହାତରେ ନ ପାଇଲେ କେବେହେଲେ କୌଣସି ବଡ଼ ସରକାରୀ ମିଟିଂର ଡାକବାଜି ଯନ୍ତ୍ର କାମରେ ଅର୍ଡର ଦେଉ ନ ଥିଲେ । ତାଙ୍କର ସବୁବେଳେ ଅବିଶ୍ୱାସ ଥିଲା ଯେ ସଭା କାର୍ଯ୍ୟ ସରି ବିଲ୍ ଅନୁସାରେ ପଇସା ମଞ୍ଜୁର ହେଲାବେଳକୁ ଯଦି ତାଙ୍କର ବଦଳି ହୋଇଯାଇଥିବ ତେବେ ଲାଭ କ'ଣ ହେବ ? ବିଲ୍ ପଇସା ଦେଲାବେଳକୁ ମଧ ଆହୁରି ଶତକଡ଼ା ଦଶଭାଗ କାଟି ରଖିବାକୁ ଭୁଲନ୍ତି ନାହିଁ ଶଙ୍କର ତ୍ରିବେଦୀ । ଗୋଟିଏ ହାତରେ ପଇସା ଧରିଲେ ଯାଇ ଅନ୍ୟହାତରେ ଚେକ୍ ବା ଡ୍ରାଫଟ୍ ଧରାନ୍ତି ।

Digitized by PPRACHIN, SOA

ଥରେ ମାତ୍ର ଦୁଇଦିନ ସମୟ ମଧ୍ୟରେ ଜଣେ ଭି.ଭି.ଆଇ.ପି.ଙ୍କର ଗୋଟିଏ ସଭାରେ ଡାକବାଜି ଯନ୍ତ୍ର ଲଗାଇବା କାମ ଆସିଲା । ଅରବିନ୍ଦ ଘୋଷାଲଙ୍କ ହାତରେ ସେତେବେଳେ କିଛିମାତ୍ର ପଇସା ନ ଥାଏ । ରଙ୍ଗୀନ ଟି.ଭି.ର ଗୋଟିଏ ନୂଆ ମଡେଲର ପଚାଶଟି ସେଟ୍ ଆଣିବା ପାଇଁ ହାତରେ ଯାହା ପଇସାଥିଲା ସବୁ ସେ ଦେଇ ଦେଇଥିଲେ । ଏଣେ ଦୁଇଦିନ ବ୍ୟାଙ୍କ ଛୁଟି । ଅରବିନ୍ଦବାବୁ ହାତଯୋଡ଼ିଲେ ଶଙ୍କର ତ୍ରିବେଦୀଙ୍କ ପାଖରେ । ଏତେବଡ଼ ଅର୍ଡରଟାଏ ହାତରୁ ଛାଡ଼ିବାକୁ ଇଚ୍ଛା ନ ଥିଲା ତାଙ୍କର । ପୂର୍ବରୁ ଏତେ କାମ ସେ ସରକାରଙ୍କ ପାଇଁ କରିଛନ୍ତି । ଥରେ ଅନ୍ତତଃ ବିନା ଅଗ୍ରୀମ ଲାଞ୍ଚରେ ତାଙ୍କୁ ଅର୍ଡରଟା ମିଳିଯାଉ । ବିଲରୁ ଯେତିକି କାଟି ଦେବା କଥା ସେତିକି ଭାଗ ଓ ଅଧିକ ଦଶହଜାର ସେ ନିଶ୍ଚୟ ଦେବେ ବୋଲି ଦେଲେ ଦୃଢ଼ ପ୍ରତିଶ୍ରୁତି । କିନ୍ତୁ ଶଙ୍କର ତ୍ରିବେଦୀ ଇଞ୍ଚେ ଛାଡ଼ିବା ଲୋକ ନୁହେଁ । ସେ ଦଶହଜାର ଟଙ୍କା ନଗଦ ନ ଧରିଲେ କାମ ଅର୍ଡ଼ର ଦେବେ ନାହିଁ । ଫଳରେ ସେ ଥର ଘୋଷାଲ ରେଡିଓ ହାଉସ୍‌କୁ କାମଟି ମିଳିଲା ନାହିଁ । ଆଉ ଗୋଟିଏ ଫାର୍ମ ଦଶହଜାର ଟଙ୍କା ନଗଦ ଗଣିଦେଇ କାମ ପାଇଗଲା । ଅନ୍ୟ ଅନେକ ଅଧିକାରୀଙ୍କୁ ଘୁଷ୍ ଖାଇବାର ଦେଖିଛନ୍ତି ଘୋଷାଲ ବାବୁ, କିନ୍ତୁ ଏପରି ନିର୍ଲଜ୍ଜ ଓ ନିର୍ଦ୍ଦୟ ଘୁଷ୍‌ଖିଆ କାହାକୁ କେବେହେଲେ ଦେଖି ନ ଥିଲେ ।

ପ୍ରିୟଦର୍ଶନ ଛାବଡ଼ିଆବାବୁଙ୍କ ଅଭିଜ୍ଞତା ଥିଲା ଆହୁରି କରୁଣ । ନୂଆ ପ୍ରେସ୍‌ଟିଏ କିଣିବା ପାଇଁ ବ୍ୟାଙ୍କ୍ ଋଣ ସେତେବେଳକୁ ତାଙ୍କୁ ମିଳିବାର ଥାଏ । ସେଥିପାଇଁ ଛାବଡ଼ିଆବାବୁଙ୍କ ନିଜ ହାତରୁ ଏକଲକ୍ଷ ଟଙ୍କା ମୂଳଧନ ବିନିଯୋଗ କରିବାର ଥିଲା ଏକ ବଡ଼ ଆବଶ୍ୟକତା । ଏତେଗୁଡ଼ିଏ ଟଙ୍କା ଏକାଠି କରିବା ପାଇଁ ପ୍ରିୟଦର୍ଶନ ଚାରିଆଡ଼େ କାମ ଖୋଜି ବୁଲୁଥିଲେ । ତିନିଚାରିଦିନକୁ ବୁଲି ଆସୁଥିଲେ ଥରେ ସବୁ ଅଫିସ୍‌ରେ । ଏହି ସମୟରେ ଶଙ୍କର ତ୍ରିବେଦୀ ତାଙ୍କୁ ଲକ୍ଷେ ପଚାଶ ହଜାର ଟଙ୍କାର ପ୍ରସ୍ତାବ ଦେଲେ ଗୋଟିଏ ଛାପା କାମର ଅର୍ଡ଼ର ଦେବାପାଇଁ । କଥା ସ୍ଥିର ହେଲା ଯେ ପ୍ରଥମେ ପ୍ରିୟଦର୍ଶନ ଶଙ୍କରବାବୁଙ୍କୁ ଦଶହଜାର ଟଙ୍କା ନଗଦ ଦେବେ ଓ ତା'ପରେ ପୁସ୍ତିକାଗୁଡ଼ିକ ଛାପା ସରିଲେ ଦେବେ ଆଉ ପଚାଶ ହଜାର ଟଙ୍କା । ଦୁହିଁଙ୍କ ମଧ୍ୟରେ ବୁଝାମଣା ହେଲା ଯେ ପ୍ରକୃତରେ କେବଳ ଅଧାବହି ଛାପା ହେବ ଏବଂ ଷ୍ଟୋରରେ ପୂରାବହି ମିଳିଲା ବୋଲି ଲେଖା ରହିବ । ବିଭିନ୍ନ ଅଫିସ୍‌ରେ ଓ ଜନସଭାରେ ବଣ୍ଟା ହୋଇଯିବ କ୍ଷୁଦ୍ର ପୁସ୍ତିକାଟି ବିନା ହିସାବରେ । ଏହିପରି ପ୍ରକୃତରେ ଷାଠିଏ ହଜାର ଟଙ୍କା ଖର୍ଚ୍ଚ କରି ପ୍ରିୟଦର୍ଶନ ଦେଢ଼ଲକ୍ଷ ଟଙ୍କା ପାଇବେ । ତାଙ୍କର ଲାଭ ହେବ ନବେ

Digitized by PPRACHIN, SOA

ହଜାର ଟଙ୍କା ; ସେଥିରୁ ଷାଠିଏ ହଜାର ଶଙ୍କର ତ୍ରିବେଦୀ ନେବେ ଓ ତିରିଶ ହଜାର ନେବେ ପ୍ରିୟଦର୍ଶନ । କଥା ଅନୁସାରେ ପ୍ରିୟଦର୍ଶନ ଅଗ୍ରିମ ଦଶହଜାର ଟଙ୍କା ଦେଲେ, କିନ୍ତୁ ଛାପା ଅର୍ଡରଟି ହାତକୁ ଆସିଲା ନାହିଁ । ଶଙ୍କର ତ୍ରିବେଦୀଙ୍କ କଥା ଅନୁସାରେ ପୁସ୍ତିକାଗୁଡ଼ିକ ବିନା ଅର୍ଡରରେ ସିନା ଛପାଇଦେଲେ ପ୍ରିୟଦର୍ଶନ ଧାର ଉଧାର କରି, ତାଙ୍କର ଏ ସବୁ ପଇସା କିନ୍ତୁ ବୁଡ଼ିଗଲା । କିଏ ଜଣେ ଉପର ଅଫିସର୍‌ଙ୍କୁ ଆଉ ଦୁର୍ନୀତି ନିବାରଣ ବିଭାଗକୁ ଦରଖାସ୍ତ ପଠାଇଦେଲା । ଶଙ୍କର ତ୍ରିବେଦୀ ମୌଖିକ ଅର୍ଡ଼ର ଦେଇଛନ୍ତି ବୋଲି ଆଦୌ ମାନିଲେ ନାହିଁ କିମ୍ବା ଅଗ୍ରିମ ଲାଞ୍ଚ ଭାବେ ନେଇଥିବା ଦଶହଜାର ଟଙ୍କା ମଧ୍ୟ ଫେରାଇଲେ ନାହିଁ । ପ୍ରିୟଦର୍ଶନଙ୍କୁ ଲାଗିଥିଲା ଏକ ବଡ଼ ଧକ୍କା ।

ଏଥର ଡଃ ସୁବ୍ରମନିୟମ୍‌ଙ୍କ କାହାଣୀ ଶୁଣିବାପାଇଁ ସମସ୍ତେ ଅନାଇରହିଲେ ଉତ୍ସୁକତାର ସହ । ଶଙ୍କର ତ୍ରିବେଦୀ ତିନିବର୍ଷ ପାଇଁ ସମବାୟ ବିଭାଗର ଥିଲେ ମହାପ୍ରବନ୍ଧକ । ପ୍ରତିବର୍ଷ ଶେଷକୁ ସେ ଗୁପ୍ତ ଚରିତ୍ର ପଞ୍ଜିକା ଲେଖୁ ନ ଥିଲେ । ସବୁ ପକାଇ ରଖୁଥିଲେ । କୌଣସି ଅଧସ୍ତନ କର୍ମଚାରୀ ଅନେକଥର ତାଙ୍କ ପାଖକୁ ଦଉଡ଼ିଲେ ଯାଇ ସେ ଲେଖୁଥିଲେ ତାର ସି.ସି.ଆର୍. । ଡଃ ସୁବ୍ରମନିୟମଙ୍କର ସି.ସି.ଆର୍.ରେ ତିନିବର୍ଷ ସର୍ବୋତ୍ତମ ବା ଆଉଟ୍‌ଷ୍ଟାଣ୍ଡିଂ ଲେଖିବା ପାଇଁ ଶଙ୍କର ତ୍ରିବେଦୀ ଦାବି କରିଥିଲେ ବର୍ଷକୁ ଦଶହଜାର ଟଙ୍କା ଭାବେ ତିରିଶି ହଜାର ଟଙ୍କା । ଏତେ ଟଙ୍କା ଦେବାକୁ ଡଃ ସୁବ୍ରମନିୟମ ପ୍ରକାଶ କଲେ ନିଜର ଅକ୍ଷମତା । ତାଙ୍କ ସି.ସ.ଆର୍.ରେ ତିନିବର୍ଷରେ ତିନୋଟି ମାମୁଲି ଅର୍ଥାତ୍ ଆଭରେଜ୍ ସ୍ଥାନ ପାଇଲା । ଫଳସ୍ୱରୂପ ଡଃ ସୁବ୍ରମନିୟମ୍‌ଙ୍କୁ ପଛରେ ପକାଇ ତାଙ୍କ ଠାରୁକନିଷ୍ଠ ଦୁଇଜଣ ଯୁଗ୍ମ ପ୍ରବନ୍ଧକ ପଦୋନ୍ନତି ପାଇଲେ ଅତିରିକ୍ତ ମହାପ୍ରବନ୍ଧକ ରୂପେ ।

ଗପ ସରିଲା । ତିନିବନ୍ଧୁ ଓ ଡଃ ମାଟୋଣ୍ଡକର ପୁଣିଥରେ ନମସ୍କାର କଲେ ସର୍ବଶକ୍ତିମାନ ଈଶ୍ୱରଙ୍କୁ । ଘରକୁ ଫେରିବା ରାସ୍ତାରେ ଅରବିନ୍ଦ ଘୋଷାଲ ପ୍ରଶ୍ନକଲେ ଛାବରିଆଙ୍କୁ ‘‘ଆମେ ଏତେଦିନ ହେଲା ବନ୍ଧୁ ହେଲେଣି । ଏତେ କଥା କେହି କାହାକୁ କହି ନାହାନ୍ତି କିପରି ? ଡଃ ମାଟୋଣ୍ଡକର ହସିହସି କହିଲେ ‘‘ମିଃ ଘୋଷାଲ, ଆପଣ କ’ଣ ଶୁଣି ନାହାନ୍ତି ? ମତିମାନ୍‌ମାନେ ଠକାମିର ଶିକାର ହେଲେ କିମ୍ବା ଅପମାନିତ ହେଲେ ତାକୁ କାହାରି ଆଗରେ ପ୍ରକାଶ କରନ୍ତି ନାହିଁ ।

Digitized by PPRACHIN, SOA

ରକ୍ତଚାପ

ଶିକ୍ଷ ନିର୍ଦ୍ଦେଶକ ରଜନୀଶ ମାଲହୋତ୍ରାଙ୍କର ହଠାତ୍ ବଦଳି ହେଲା । ଗଲା ଛ'ମାସ ହେଲା ନିରନ୍ତରଭାବରେ ହେଉଥିଲା ଏ ଦିଗରେ ବିଭିନ୍ନ ଦିଗରୁ ଉଦ୍ୟମ । ଏ ବିଷୟରେ ଯେ ରଜନୀଶବାବୁ ଅବଗତ ନ ଥିଲେ ତା' ନୁହେଁ । ସେ ମଧ ନିଜ ଆଡୁ ଅନେକ ଧରାଧରି ଓ ପଇସା ଖର୍ଚ୍ଚ କରିଥିଲେ ରହିବା ପାଇଁ । ନିକିତି କିନ୍ତୁ ଶେଷକୁ ହେଲା ଅନ୍ୟପଟକୁ ଭାରୀ । ରଜନୀଶବାବୁଙ୍କୁ ରାଜ୍ୟ ସମବାୟ ବିଭାଗର ଅତିରିକ୍ତ ସଚିବ ଭାବେ ବଦଳି ହେଲା ।

ଆଶ୍ୱସ୍ତ ବୋଧକଲେ ରାଜ୍ୟର ଜିଲ୍ଲା ଶିକ୍ଷକେନ୍ଦ୍ରମାନଙ୍କରେ ଥିବା କେତେକ ମୁଖ୍ୟ ପରିଚାଳକ । ରଜନୀଶବାବୁ ଗଲା ଦୁଇବର୍ଷ ହେଲା ହଇରାଣ କରିଥିଲେ ସେମାନଙ୍କୁ ଅନେକ ଭାବରେ । ରଜନୀଶବାବୁ ଜିଲ୍ଲାକୁ ଗସ୍ତରେ ଆସିବେ । ଅଫିସରେ ବା ସର୍କିଟହାଉସ୍‌ରେ ସେ କାର୍ଯ୍ୟକ୍ରମ ସମୀକ୍ଷା କଲାବେଳେ ଶ୍ରୀମତୀ ମାଲହୋତ୍ରା ବାହାରିବେ ବଜାରକୁ । ତାଙ୍କ ସଙ୍ଗେ ଜଣେ ମ୍ୟାନେଜର ନିଶ୍ଚୟ ଯିବେ ଦୋକାନ ବଜାର ଦେଖାଇ ଦେବାପାଇଁ । କେଉଁଠି ଶ୍ରୀମତୀ ମାଲହୋତ୍ରା ଷ୍ଟେନ୍‌ଲେସ୍ ଷ୍ଟିଲ୍ ବା ମେଲାମାଇନ୍ ବାସନ ସେଟ କିଣିଲେଣି ତ ଆଉ କେଉଁଠି ରୁପା ତାରକସିର ଅଳଙ୍କାର ସେଟ୍ । କେତେ ବେଳେ ଚାରି ପାଞ୍ଚଟି ପାଟ ଶାଢ଼ି ବା ମ୍ୟାକ୍‌ସି ବା ଡ୍ରେସ୍ ବାଛି ସେ କିଣିବେ ତ ଆଉ କେଉଁଠି ଦାମିକିଆ ଚପଲ ଓ ପିଲାଙ୍କ ପାଇଁ ଜୋତା । ପଇସା କିନ୍ତୁ ସେ କେଉଁଠି ଦେବେ ନାହିଁ । ସେ ଯେମିତି ଯାଇଥିବେ, ଠିକ୍ ସେମିତି ହାଇହିଲ୍ ମାଡ଼ି ଠକ୍ ଠକ୍ ଚାଲି ଆସିବେ । ଜିଲ୍ଲା ଶିକ୍ଷକେନ୍ଦ୍ରର ମୁଖ୍ୟ ପରିଚାଳକ ପଛରେ ବୁଝିବେ ଦୋକାନୀକୁ ଦାମ୍ ଦେବା କଥା ।

ବିନା ଶିକ୍ଷପ୍ରତିଷ୍ଠାରେ ଋଣ ଓ ଅନୁଦାନ ନେଇ ସଂପୂର୍ଣ୍ଣ ଚଳୁକରିବା ପାଇଁ ଯେଉଁମାନେ ଯୋଜନା କରିଥାନ୍ତି ସେମାନେ ରାଜଧାନୀରେ ଯାଇ ବ୍ୟସ୍ତ କରୁଥିଲେ ରଜନୀଶ ମାଲହୋତ୍ରାଙ୍କୁ । ତା'ପରେ ନିର୍ଦ୍ଦେଶାଳୟରୁ ଆସୁଥିଲା ଚାପ ସେମାନଙ୍କର ଦରଖାସ୍ତ ବିଚାର କରି ସୁପାରିଶ କରିବା ପାଇଁ । ଏଭଳି ସୁପାରିଶଗୁଡ଼ିକ ଚାପ ଅନୁଯାୟୀ କାର୍ଯ୍ୟ ନ ହେଲେ ମାଲହୋତ୍ରା ସାହେବ କ୍ରୋଧରେ ଅଗ୍ନିଶର୍ମା ହେଉଥିଲେ ।

ରଜନୀଶ ମାଲହୋତ୍ରାଙ୍କର ଥିଲା ଆଉ ଗୋଟିଏ ଦୁର୍ବଳତା । ଯେଉଁ ସ୍ଥାନକୁ ଗସ୍ତରେ ଶ୍ରୀମତୀ ମାଲହୋତ୍ରା ତାଙ୍କ ସଙ୍ଗେ ଯାଉ ନ ଥିଲେ ସେଠାରେ ରାତ୍ରି

Digitized by PPRACHIN, SOA

ରହଣି ସମୟରେ ପଡୁଥିଲା ଜଣେ ମହିଳା ସଙ୍ଗିନୀଙ୍କର ଆବଶ୍ୟକତା । ଅବଶ୍ୟ କେତେକ ଅତ୍ୟନ୍ତ ବିଶ୍ୱସ୍ତ ଓ ଅନୁଗତ ମୁଖ୍ୟ ପରିଚାଳକମାନେ ତୁଲାଉଥିଲେ ଏ ଦାୟିତ୍ୱ । ଏହି ବିଶ୍ୱସ୍ତ ଓ ଅନୁଗତ ପରିଚାଳକମାନେ ଏହି ବଦଳିରେ ହେଲେ ଅତ୍ୟନ୍ତ ଦୁଃଖିତ ଓ ମର୍ମାହତ । ନିର୍ଦ୍ଦେଶକଙ୍କୁ ଖୁସି କରିବାପାଇଁ ସେମାନେ ଯେଉଁସବୁ ବେଆଇନ କାର୍ଯ୍ୟ କରିଥିଲେ ସେ ସବୁ ଧରାପଡ଼ିବା ଭୟରେ ସେମାନେ ହେଲେ ତ୍ରସ୍ତ ଓ ବ୍ୟସ୍ତ ।

କୌଣସି ବେନିୟମ କାର୍ଯ୍ୟ ପାଇଁ ରଜନୀଶବାବୁ ଦେଇନାହାନ୍ତି ଲିଖିତ ଆଦେଶ । ତାଙ୍କର ଟେଲିଫୋନରେ ବା ମୌଖିକ ଆଦେଶରେ ଯେଉଁମାନେ ରାସ୍ତା ହୁଡ଼ିଛନ୍ତି ସେମାନେ ଯେ କେବଳ ନିଃସ୍ୱାର୍ଥ ଆଜ୍ଞାପାଳନକାରୀର ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ ତା' ନୁହେଁ । ସେହି ଆଜ୍ଞାପାଳନର ଗୋଟିଏ ଗୋଟିଏ ଛିଦ୍ରବାଟେ ସେମାନେ ଆଟଲାଣ୍ଟିକ ମହାସାଗରର ଜଳରାଶିକୁ ଟାଇଟାନିକ୍ ଜାହାଜ ଭିତରକୁ ଟାଣି ଆଣିବାକୁ ସକ୍ଷମ ହେଉଥିଲେ । ଟାଇଟାନିକ୍ ସିନା ବୁଡ଼ି ଯାଉଥିଲା । କିନ୍ତୁ ଆଜ୍ଞାପାଳନକାରୀ ଓ ଆନୁଗତ୍ୟର ମହାପୂଜାରୀମାନଙ୍କର ହାତ ହେଉଥିଲା ବେଶ୍ ଚିକ୍କଣ ।

ସମବାୟ ବିଭାଗର ଯୁଗ୍ମ ସଚିବ ବୀରେନ୍ଦ୍ର ସାକଧରଙ୍କ ଅଫିସ କକ୍ଷକୁ ସେଦିନ ଆସି ବଡ଼ ବ୍ୟସ୍ତ ହେଲେ ନରେଶ ଯାଦବ । ରଜନୀଶବାବୁ ସମବାୟ ବିଭାଗରେ ଯୋଗ ଦେବାରେ ଏତେ ବିଳମ୍ବ କରୁଛନ୍ତି କାହିଁକି ? ଏଥି ମଧ୍ୟରେ ତିନିଥର ବିଭାଗକୁ ଆସି ଫେରିଲେଣି ନରେଶ ଯାଦବ । ସେ କାହିଁକି ଏତେ ବ୍ୟାକୁଳ ଭାବେ ରଜନୀଶବାବୁଙ୍କୁ କରୁଛନ୍ତି ପ୍ରତୀକ୍ଷା ? ବୀରେନ୍ଦ୍ରବାବୁ ଜାଣିବାକୁ ଚାହିଁଲେ । ନରେଶବାବୁ କହିଲେ— ମୋର ଗୋଟାଏ ଗୁରୁତ୍ୱପୂର୍ଣ୍ଣ କାମ କରାଇଦେବା ପାଇଁ ରଜନୀଶବାବୁ ନେଇଛନ୍ତି ଦଶ ହଜାର ଟଙ୍କା । ସେ କାମତ ହେଲା ନାହିଁ । ଏବେ ରଜନୀଶବାବୁ ଟଙ୍କାଟା ନ ଫେରାଇଲେ ମୁଁ ହେବି ଲୋକହସା । କେଉଁଠୁ ହେଲେ ଟଙ୍କା ଉଧାର ଆଣି ଫେରାଇବାକୁ ପଡ଼ିବ ମୋତେ ।

ବୀରେନ୍ଦ୍ରବାବୁ ଲକ୍ଷ୍ୟ କଲେ ଯେ ନରେଶବାବୁ ଏ କ୍ଷେତ୍ରରେ ଏକୁଟିଆ ନୁହନ୍ତି । ତାଙ୍କ ଭଳି ଦଶ ବାର ଜଣ ଏହି ଭଳି ଦିନେ ଦୁଇ ଦିନ ଅନ୍ତରରେ ଆସି ରଜନୀଶବାବୁଙ୍କ ବିଷୟରେ ଖବର ନେଉଛନ୍ତି । ଏଣେ ରଜନୀଶବାବୁଙ୍କର ଦେଖାନାହିଁ । ଅନ୍ୟ ସହରରୁ ବଦଳି ହୋଇ ଆସିଛନ୍ତି ରଜନୀଶବାବୁ । ଯେତେ ଶୀଘ୍ର କାର୍ଯ୍ୟରେ ଯୋଗ ଦେବେ, ସରକାରୀ ଘର ପାଇବା ପାଇଁ ପ୍ରତୀକ୍ଷା ତାଲିକାରେ ତାଙ୍କ ନାମ ରହିବ ସେତେ ଉପରେ ।

ସେଦିନ ଡାକରେ ଆସି ପହଞ୍ଚିଲା ରଜନୀଶବାବୁଙ୍କ ଛୁଟିଦରଖାସ୍ତ । ସାଙ୍ଗରେ ଥିଲା ଗୋଟିଏ ଡାକ୍ତରୀ ସାର୍ଟିଫିକେଟ । ରଜନୀଶବାବୁ ଉଚ୍ଚ ରକ୍ତଚାପ ବ୍ୟାଧିରେ

Digitized by PPRACHIN, SOA

ପୀଡ଼ିତ ଏବଂ ସେଥିପାଇଁ ଏକ ମାସ ସମୟ ପର୍ଯ୍ୟନ୍ତ ସଂପୂର୍ଣ୍ଣ ବିଶ୍ରାମର ଆଦେଶ ଦେଇଛନ୍ତି ଡାକ୍ତରବାବୁ । ବୀରେନ୍ଦ୍ରବାବୁଙ୍କ ମୁଣ୍ଡରୁ ଓହ୍ଲାଇ ଗଲା ଗୋଟାଏ ଚିନ୍ତା । ସେ ଠିକ୍ ଜାଣି ପାରିଲେ ଯେ ରଜନୀଶବାବୁ ଇଚ୍ଛୁକ ନୁହଁନ୍ତି ସମବାୟ ବିଭାଗକୁ ଆସିବାକୁ ।

ଏକ ମାସ ବିତିଗଲା ପରେ ପହଞ୍ଚିଲା ଆଉ ଏକ ଛୁଟିଦରଖାସ୍ତ । ଉଚ୍ଚ ରକ୍ତଚାପ ବଢ଼ିଛି । କୌଣସି ଦରଖାସ୍ତରେ ନ ଥିଲା ଘର ଠିକଣା । ପ୍ରଥମ ଛୁଟି ଦରଖାସ୍ତଟି ଫେରିଆସିଲା ସରକାରଙ୍କ ପାଖରୁ ମଞ୍ଜୁର ନ ହୋଇ । ନ ଥିରେ ଆଦେଶ ଥିଲା ଯେ ରଜନୀଶ ମାଲହୋତ୍ରାଙ୍କୁ କୁହାଯାଉ ମେଡିକାଲ ବୋର୍ଡରେ ହାଜର ହେବାକୁ । ବୀରେନ୍ଦ୍ରବାବୁ ବହୁତ ଚେଷ୍ଟା ପରେ ପାଇଲେ ଶ୍ରୀମତୀ ମାଲହୋତ୍ରାଙ୍କ ବାପାଙ୍କ ଫୋନ୍‌ନମ୍ବର । ତାଙ୍କୁ ପଚାରିଲେ ରଜନୀଶବାବୁଙ୍କୁ କେଉଁ ଠିକଣାରେ ଚିଠି ପଠାଯିବ ତାହା ଜଣାଯିବ । ଏହି ଆଶାରେ ଫୋନ ଲଗାଇଲେ ବୀରେନ୍ଦ୍ରବାବୁ ।

– ହାଲୋ, ମୁଁ ସମବାୟ ବିଭାଗର ଯୁଗ୍ମ ସଚିବ ବୀରେନ୍ଦ୍ର ସାକଧର କହୁଛି । ଦୟାକରି ରଜନୀଶ ମାଲହୋତ୍ରାଙ୍କୁ ଫୋନ ଦେବେ କି ?

– ସେ ଏଠାରେ ରୁହନ୍ତି ନାହିଁ ।

– ତାଙ୍କୁ କେଉଁ ଫୋନ୍‌ରେ ମିଳିପାରିବ ଦୟାକରି କହିବେ କି ? ଗୋଟାଏ ଗୁରୁତ୍ୱପୂର୍ଣ୍ଣ ଖବର ଥିଲା । ତାଙ୍କ ଠିକଣା ଆମ ପାଖରେ ନାହିଁ ।

– ତାଙ୍କ ଫୋନ୍ ବା ଠିକଣା ଆମ ପାଖେ ମଧ୍ୟ ନାହିଁ ।

– ଆପଣ କିଏ କହୁଛନ୍ତି ?

– ମୁଁ ତାଙ୍କ ଶଶୁର କହୁଛି । ଆପଣ ମୋତେ କାହିଁକି ବ୍ୟସ୍ତ କରୁଛନ୍ତି ? ମୁଁ ଝିଅକୁ ଡାକି ଦେଉଛି । ତାଙ୍କୁ କ'ଣ କହିବା କଥା ଆପଣ କୁହନ୍ତୁ ।

– ନମସ୍କାର ସାର୍

କିଛି ସମୟ ପରେ

– ହାଲୋ । କିଏ କହୁଛନ୍ତି ? ମୁଁ ମିସେସ୍ ମାଲହୋତ୍ରା କହୁଛି ।

– ମୁଁ ଜଏଣ୍ଟ ସେକ୍ରେଟେରୀ ସାକଧର କହୁଛି । ରଜନୀଶବାବୁଙ୍କୁ କହିବେ ତାଙ୍କ ଛୁଟି ଦରଖାସ୍ତ ମଞ୍ଜୁର ହୋଇନାହିଁ । ମେଡିକାଲ ବୋର୍ଡରେ ତାଙ୍କୁ ହାଜର ହେବାକୁ ପଡ଼ିବ ।

– ଶୁଣନ୍ତୁ ଜଏଣ୍ଟ ନା ଫଏଣ୍ଟ ସେକ୍ରେଟେରୀ, ମୋତେ ମେଡିକାଲ ବୋର୍ଡ କ'ଣ ଡରାଉଛନ୍ତି ? ଆପଣ ଯେତେ ଦିନ ଛୁଟି ନାମଞ୍ଜୁର କରୁଛନ୍ତି କରନ୍ତୁ ।

Digitized by PPRACHIN, SOA

ରଜନୀଶବାବୁ କେବେହେଲେ ଆପଣଙ୍କ ଡିପାର୍ଟମେଣ୍ଟରେ ଜଏନ୍ କରିବେ ନାହିଁ । ଯଉଁ ତ ଡିପାର୍ଟମେଣ୍ଟ ! ସେଥିରେ ଭାଉ ଦେଖ !

—ଆଜ୍ଞା, ମୋ ଉପରେ ତୁଚ୍ଛାଟାରେ ରାଗୁଛନ୍ତି କାହିଁକି ? ମୋର ଖବର ଦେବା କଥା ମୁଁ ଦେଲି । ତେଣିକି ରଜନୀଶବାବୁ ଯାହା·ଠିକ୍ ଭାବିବେ କରିବେ ।

—କ'ଣ କହିଲେ ? ଆପଣ ଆମକୁ ଖବର ଦେଇଦେଲେ ? ଭାରି ଖବର ଦେଲାବାଲା । ମନେରଖନ୍ତୁ, ମୁଁ କିଛି ଶୁଣି ନାହିଁ । ଏ ଫୋନ୍ ରଜନୀଶ ମାଲହୋତ୍ରାଙ୍କର ନୁହେଁ । ଏ ଘର ତାଙ୍କ ଘର ନୁହେଁ । ଆପଣ ଏଠିକୁ ଫୋନ୍ କରି ଲଟକା ନୋଟିସ୍ ଜାରି କଲେ ବୋଲି ଶାନ୍ତିରେ ଶୋଇପଡ଼ନ୍ତୁ ନାହିଁ । ମୁଁ କିଛି ଶୁଣି ନାହିଁ ।

—ଆପଣ ଟିକିଏ ଶୁଣନ୍ତୁ ତ । ପରେ ଖବରକାଗଜରେ ନୋଟିସ୍ ବାହାରିବା ପାଇଁ ଆଦେଶ ହୋଇପାରେ ।

—ଏ ଜଏଣ୍ଟ ସେକ୍ରେଟେରୀ, କ'ଣ ଭାରି ବଢ଼ି ବଢ଼ି କଥା କହୁଛ ତ ? ମୁଁ ତୁମ ସରକାରର ଖାଏ ନା ଧାରେ ? ମୋତେ କ'ଣ ନାଲିଆଖି ଦେଖାଉଛ ? ଜାଣି ରଖ, ଏ ଘର ମୋ ବାପାର । ମୁଁ ରଜନୀଶ ମାଲହୋତ୍ରାକୁ ରୋକଠୋକ୍ ମନା କରିଛି, ଖଡ଼ାଖିଆ ସମବାୟ ବିଭାଗର ଫାଲତୁ ଅତିରିକ୍ତ ସଚିବ ହେବାକୁ । ବଦଳି ଆଦେଶ ବାତିଲ ନ କଲାଯାଏ ମୋ ଦୁଆର ମାଡ଼ିବନି ସେ । ଯେତେ ଲୋକଙ୍କଠୁ ପଇସା ନେଇଛି, ତାଙ୍କ କାମ କରିବା ପାଇଁ, ତାକୁ ଆପଣଙ୍କ ବିଭାଗ ଗଲେ କୁଆଡୁ ଫେରାଇବ ସେ ? କେତେ ଦିନ ଯାଏ ସେ ବାହାରେ ବୁଲୁଛି ବୁଲୁ । ତମେ ଖବରକାଗଜରେ ଦିଅ । ଟି.ଭି.ରେ ଦିଅ, ରେଡିଓରେ ଦିଅ, ନ ହେଲେ ମଙ୍ଗଳ ଗ୍ରହରେ ଯାଇ ନୋଟିସ୍ ମାର । ସେଇଟା ତମ କାମ, ବୁଝିଲ । ରଜନୀଶକୁ ଦେଖିଲେ କହିବେ ତା' ଘରେ ଯାଇ ଶୁଖିଲା ରୁଟି ଆଉ ବାଇଗଣ ସନ୍ତୁଳା ଖାଇବା ପାଇଁ ମୋ ବାପା ମୋତେ ତାକୁ ବାହା ଦେଇ ନ ଥିଲା । ‘‘ଏତକ କହିସାରି ଶ୍ରୀମତୀ ମାଲହୋତ୍ରା ଫୋନ୍‌ଟିକୁ କଚାଡ଼ି କ୍ରେଡେଲରେ ଥୋଇ ଦେଲେ ।

ବୀରେନ୍ଦ୍ର ସାବଧର ସେଦିନ ନେଲେ ଗୋଟିଏ ଶପଥ । ଆଉ କେବେହେଲେ ସରକାରୀ କାର୍ଯ୍ୟରେ ଅତିଶୟ ନିଷ୍ଠା ପ୍ରଦର୍ଶନ କରି ଅପମାନ ମୂଳାଇଲା ଭଳି କାର୍ଯ୍ୟ କରିବେ ନାହିଁ ।

Digitized by PPRACHIN, SOA

ଶାନ୍ତିନଗର

ଶାନ୍ତିନଗର ଜିଲ୍ଲା ମଧୁପୁରଠୁଁ ଛୋଟ । ଦୁଇଟି ସବ୍‌ଡିଭିଜନ ଓ ଆଠଟି ବ୍ଲକକୁ ନେଇ ଜିଲ୍ଲାଟି ଗଢ଼ା । ରାଜ୍ୟରେ ଦଶବର୍ଷଧରି ସ୍ୱାୟତ୍ତ ଶାସିତ ପୌରସଂସ୍ଥାଗୁଡ଼ିକର ନିର୍ବାଚନ ହୋଇ ନ ଥିଲା । ଜିଲ୍ଲାପାଳହିଁ ଶାନ୍ତିନଗରର ନଗରପାଳିକାର ଅଧ୍ୟକ୍ଷ । ନୂତନ ଜିଲ୍ଲାପାଳ ପରମେଶଚନ୍ଦ୍ର ଏହି ଅପେକ୍ଷାକୃତ ଅନୁନ୍ନତ ଜିଲ୍ଲାରେ ରାଜନୈତିକ ହସ୍ତକ୍ଷେପ କମ୍ ହେବ ବୋଲି ଭାବୁଥିଲେ । ବୋଧହୁଏ ଉନ୍ନୟନମୂଳକ କାର୍ଯ୍ୟରେ ଏଠାରେ ମଧୁପୁର ଅପେକ୍ଷା ଅଧିକ ମନଯୋଗ ଦେଇ କାର୍ଯ୍ୟ କରିହେବ ।

ଦାୟିତ୍ୱ ଗ୍ରହଣ କରିବାର ତିନିଦିନ ପରେ ପରମେଶଚନ୍ଦ୍ର ଦିନେ ସକାଳ ସାତଟା ବେଳେ ବାହାରିଲେ ନଗରର ପରିମଳ ପରିଦର୍ଶନ ପାଇଁ । ନଗରପାଳିକାର ଝାଡୁଦାରମାନେ ନିୟମିତ ଓ ଠିକ୍‌ଭାବେ ରାସ୍ତାଘାଟ ପରିଷ୍କାର କରୁଛନ୍ତି ନା ନାହିଁ । ବିଭିନ୍ନ ସ୍ଥାନରେ ଜମାହେଉଥିବା ଅଳିଆ ଆବର୍ଜନାକୁ ନଗରପାଳିକା ଠିକ୍ ସମୟରେ ଉଠାଉଛି କି ନାହିଁ । ନାଳନର୍ଦ୍ଦମାଗୁଡ଼ିକରେ କୀଟନାଶକ ତେଲ ପଡୁଛିକି ନାହିଁ, ପୌରପାଳିକାର ଚେୟାରମ୍ୟାନ ଭାବେ ଏ ସବୁ କାମ ଠିକ୍ ଚାଲୁଛିକି ନାହିଁ ଦେଖିବା ପାଇଁ ପରମେଶଚନ୍ଦ୍ର ପହଁଚିଲେ ଗୋଟିଏ ହରିଜନ ବସ୍ତିରେ ।

ସେଦିନ ସକାଳୁ ସେହି ବସ୍ତିକୁ ଆବର୍ଜନାମୁକ୍ତ କରିବା ପାଇଁ ହାତରେ ଝାଡୁ ଧରି କାମରେ ଲାଗିଥାନ୍ତି ପଣ୍ଡିତ ଶିବ ନାରାୟଣ ପଣ୍ଡା । ତାଙ୍କ ସାଙ୍ଗରେ ଥା'ନ୍ତି ସ୍ଥାନୀୟ ହାଇସ୍କୁଲର କୋଡ଼ିଏ ଜଣ ଛାତ୍ର । ପଣ୍ଡିତ ପଣ୍ଡା ଶାନ୍ତିନଗରର ଜଣେ ମାନ୍ୟଗଣ୍ୟ ନାଗରିକ । ସେ ରାଜ୍ୟରେ ବିଭିନ୍ନ ସମୟରେ ମନ୍ତ୍ରୀ ଓ ରାଷ୍ଟ୍ରମନ୍ତ୍ରୀ ଥିଲେ । ବୟସ ତାଙ୍କର ଷାଠିଏ ବର୍ଷ, କିନ୍ତୁ ଉନ୍ନୟନ ଓ ସମାଜ ମଙ୍ଗଳ କାର୍ଯ୍ୟରେ ତାଙ୍କର ଥାଏ ଯୁବସୁଲଭ ଉଦ୍ଦାମତା, ଉତ୍ସାହ ଆଉ ଉଦ୍ଦୀପନା । ପଣ୍ଡିତ ପଣ୍ଡା ନୂଆ ନଗରପାଳିକା ଅଧ୍ୟକ୍ଷ ତଥା ଜିଲ୍ଲାପାଳ ପରମେଶଚନ୍ଦ୍ରଙ୍କୁ ହରିଜନ ବସ୍ତିରେ ଦେଖି ଅତ୍ୟନ୍ତ ଖୁସି ହେଲେ । ସେହି ବସ୍ତିରେ ଜନମଙ୍ଗଳକେନ୍ଦ୍ରକୁ ଯାଇ କିଛି ସମୟ କଥାବାର୍ତ୍ତା ହେଲେ ସେମାନେ । ପଣ୍ଡିତ ପଣ୍ଡା ଏବେ ଆଉ ମନ୍ତ୍ରୀ ବା ଏମ୍.ଏଲ୍.ଏ. ନୁହଁନ୍ତି । ତେଣୁ ତାଙ୍କ ସଙ୍ଗରେ ପୋଲିସ୍ ଜଗୁଆଳ ବା ନାଲିବତି ଲଗା ଗାଡ଼ି ନାହିଁ ।

Digitized by PPRACHIN, SOA

ଗଲା ଚାଳିଶି ବର୍ଷ ଧରି ଗାନ୍ଧୀଜୟନ୍ତୀ ଦିନ ରାଜ୍ୟର ମନ୍ତ୍ରିମଣ୍ଡଳର ସଦସ୍ୟ ମାନେ ବିଭିନ୍ନ ସହରକୁ ଯାଉଥିଲେ ଏହିପରି ହରିଜନ ବସ୍ତି ସଫେଇ କରିବାକୁ । ବସ୍ତିଟି ସଂପୂର୍ଣ୍ଣ ପରିଷ୍କାର ଭାବେ ଧୁଆପୋଛା ଆଗରୁ ସରିଥାଏ । ରାସ୍ତାରେ ନ ଥାଏ ଅଳିଆ ଆବର୍ଜ୍ଜନା । ମନ୍ତ୍ରୀଙ୍କ ହାତକୁ ଝାଡ଼ୁ ବଢ଼ାଇଲା ବେଳକୁ ଜଣେ କର୍ମଚାରୀ ପକାଇଦିଅନ୍ତି ରାସ୍ତାରେ କିଛି ବାଲି ଗୋଡ଼ି, ଚିରା ଟୁକୁରା କାଗଜ । ମନ୍ତ୍ରୀ ମହାଶୟ ଓଳାଇଲା ପରେ ଅଫିସର ଜଣକ ଗୋଟିଏ ଝୁଡ଼ି ଧରିଥାନ୍ତି । ମନ୍ତ୍ରୀ ମହାଶୟ ଅଳିଆତକ ନେଇ ପକାଇ ଦିଅନ୍ତି ଝୁଡ଼ିରେ । ଦୂରଦର୍ଶନ କ୍ୟାମେରାରେ ଫଟୋ ଉଠେ । ଯେଉଁଠିକୁ ଦୂରଦର୍ଶନ କ୍ୟାମେରା ଦଳ ଯାଇ ନ ପାରନ୍ତି ସେଠାରେ ସରକାରୀ ଫଟୋଗ୍ରାଫର ମନ୍ତ୍ରୀ ଝାଡ଼ୁଧରିଥିବା ଫଟୋ ଉଠାନ୍ତି । ତାହା ଖବରକାଗଜରେ ବାହାରେ ।

ପଣ୍ଡିତ ପଣ୍ଡାଙ୍କର ବସ୍ତି ପରିମଳ କାର୍ଯ୍ୟକ୍ରମ କିନ୍ତୁ ନ ଥିଲା ଏଭଳି ଲୋକ ଦେଖାଣିଆ । ସେ ଥିଲେ ଜଣେ ସଚ୍ଚା ଗାନ୍ଧୀବାଦୀ ନେତା, ଆଦର୍ଶବାଦୀ ସ୍ୱାଧୀନତା ସଂଗ୍ରାମୀ । ଶାନ୍ତିନଗରରେ ପ୍ରତି ସପ୍ତାହରେ ତିନିଥର ସେ ଗୋଟିଏ ସ୍ୱେଚ୍ଛାସେବୀ ଛାତ୍ରଦଳଙ୍କୁ ନେଇ କରନ୍ତି ବିଭିନ୍ନ ବସ୍ତି ସଫେଇ କାର୍ଯ୍ୟ । ନଗରପାଳିକାର ପରିମଳକର୍ମୀମାନେ ସାଧାରଣତଃ ଧନାଢ଼୍ୟମାନଙ୍କର ବସ୍ତି ଓ ସରକାରୀ କଲୋନୀ ସଫା କରିବାପାଇଁ ଗୁରୁତ୍ୱ ଦେଇ ଅବହେଳା କରନ୍ତି ବସ୍ତି ଅଞ୍ଚଳକୁ । କିନ୍ତୁ ଶାନ୍ତିନଗରରେ ପଣ୍ଡିତ ପଣ୍ଡାଙ୍କ ଉଦ୍ୟମରୁ ସବୁଠାରୁ ଦରିଦ୍ର ବସ୍ତି ମଧ୍ୟ ସର୍ବଦା ଥାଏ ସଫା ସୁତୁରା । ପଣ୍ଡିତ ପଣ୍ଡାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ପ୍ରତ୍ୟେକ ବସ୍ତି ଅଞ୍ଚଳର ନାଗରିକମାନେ ନିଜ ନିଜ ଅଞ୍ଚଳରେ ପରିବେଶ ରଖିଥାନ୍ତି ପରିଷ୍କାର ।

ପ୍ରଥମ ସାକ୍ଷାତରୁ ଗଢ଼ିଉଠିଲା ପରମେଶ ଚନ୍ଦ୍ର ଓ ପଣ୍ଡିତ ଶିବ ନାରାୟଣଙ୍କ ମଧ୍ୟରେ ଏକରକମର ଘନିଷ୍ଠତା । ଜିଲ୍ଲାର ସବୁଠାରୁ ବୟୋଜ୍ୟେଷ୍ଠ ନେତା ଥିଲେ ପଣ୍ଡିତ ପଣ୍ଡା । ଅନେକ ଲୋକ ଆସନ୍ତି ଅନେକ ଦୁଃଖ, ଅଭାବ ଅସୁବିଧା ନେଇ ତାଙ୍କ ପାଖକୁ । ଯେଉଁ ସବୁ କାର୍ଯ୍ୟ ଜିଲ୍ଲାପାଳଙ୍କ ଅଫିସ୍‌ରେ ବା ଜିଲ୍ଲାପାଳଙ୍କ ହସ୍ତକ୍ଷେପ ବଳରେ ସୁରୁଖୁରୁରେ ହୋଇଯିବ, ସେ ବିଷୟଗୁଡ଼ିକ ପଣ୍ଡିତ ପଣ୍ଡା ଆଣନ୍ତି ପରମେଶ ଚନ୍ଦ୍ରଙ୍କ ଦୃଷ୍ଟିକୁ । ଯଥାସମ୍ଭବ ଅନେକ ସମସ୍ୟାର ସମାଧାନ ହୋଇଥାଏ । ଜିଲ୍ଲାର ଓ ନଗରପାଳିକାର ଅନେକ ଉନ୍ନତି ସାଧିତ ହେଲା ଦେଢ଼ ବର୍ଷ ମଧ୍ୟରେ ।

ରାଜ୍ୟରେ ସ୍ୱାୟତ୍ତଶାସନ ସଂସ୍ଥାଗୁଡ଼ିକ ପାଇଁ ନିର୍ବାଚନ ଘୋଷିତ ହେଲା । ଗତ ଦଶବର୍ଷ ହେଲା ଶାନ୍ତିନଗରରେ ପୌର ନିର୍ବାଚନ ହୋଇ ନ ଥିଲା । ଶାନ୍ତିନଗରର ନାଗରିକଗଣ ଅନାଇ ରହିଲେ ବଡ଼ ଉତ୍ସୁକତାର ସହ । ନଗରର

Digitized by PPRACHIN, SOA

ସବୁ ବସ୍ତିରୁ ପ୍ରତିନିଧି ଦଳ ଆସି ଭିଡ଼ କଲେ ପଣ୍ଡିତ ପନ୍ଥଙ୍କ ଘରେ । ସମସ୍ତଙ୍କର ଏକା ଅନୁରୋଧ, ଏକାଜିଦ୍ । ପଣ୍ଡିତ ପନ୍ଥ ନଗରପାଳ ପଦବୀ ପାଇଁ ନିର୍ବାଚନ ଲଢ଼ନ୍ତୁ । ପଣ୍ଡିତ ପନ୍ଥ କିନ୍ତୁ ଏଥିରେ ନାରାଜ । ସେ ଏବେ ଆଉ ନାହାନ୍ତି ସକ୍ରିୟ ଦଳୀୟ ରାଜନୀତିରେ । ସେ ପ୍ରଗତି ଦଳର ପ୍ରାଥମିକ ସଭ୍ୟ ପଦବୀରୁ ଇସ୍ତଫା ଦେଇ ନାହାନ୍ତି । ତେଣୁ ସେ ନିର୍ବାଚନରେ ଛିଡ଼ା ହେଲେ ପ୍ରଗତି ଦଳ ତାଙ୍କ ବିରୋଧରେ ପ୍ରାର୍ଥୀ ଦେବ ନାହିଁ । ରାଜ୍ୟ ଶାସନ ଦାୟିତ୍ୱରେ ଥିବା ଶକ୍ତି ଦଳ କିନ୍ତୁ ନିର୍ବାଚନରେ ନିଶ୍ଚୟ ପ୍ରାର୍ଥୀ ଦେବ । ତେଣୁ ଏହିପରି ସେ ପୁଣି ଟାଣି ହୋଇଯିବେ ଦଳୀୟ ରାଜନୀତିକୁ । ଶାନ୍ତିନଗରର ଲୋକେ କିନ୍ତୁ ଏ ବିଷୟରେ କିଛି ଶୁଣିବେ ନାହିଁ ବୋଲି କହିଲେ । ସେମାନଙ୍କ ମଧ୍ୟରୁ କେତେଜଣ ପରମେଶଚନ୍ଦ୍ରଙ୍କୁ ଦେଖା କରି କହିଲେ, "ସାର୍, ଆପଣ କହିଲେ ହିଁ ପନ୍ଥଜୀ ଶୁଣିବେ । ସେ ନିର୍ବାଚନ ଲଢ଼ନ୍ତୁ । ଆମେ ପ୍ରଗତି ଓ ଶକ୍ତି ଦଳ ଦୁହିଁଙ୍କୁ ବୁଝାଇ ପ୍ରାର୍ଥୀ ଦେବାରୁ କ୍ଷାନ୍ତ କରିବୁ" । ଭାବିଚିନ୍ତି ପରମେଶଚନ୍ଦ୍ର ରାଜିହେଲେ ପଣ୍ଡିତ ପନ୍ଥଙ୍କୁ ଅନୁରୋଧ କରିବା ପାଇଁ ।

ଯଥାସମୟରେ ପନ୍ଥଙ୍କ ମନ ନେଇ ବଡ଼ କଷ୍ଟରେ ପରମେଶଚନ୍ଦ୍ର ତାଙ୍କୁ ଏଇ ନିର୍ବାଚନରେ ଛିଡ଼ା ହେବା ପାଇଁ ରାଜି କରେଇଲେ । ଶକ୍ତିଦଳ କିନ୍ତୁ ପ୍ରାର୍ଥୀ ମନୋନୟନପତ୍ର ଦାଖଲ କରିବାର ଶେଷଦିନ ହିଁ ଦେଲେ ଜଣେ ଦଳୀୟ ପ୍ରାର୍ଥୀ । ପଣ୍ଡିତ ପନ୍ଥ ନିଜର ପୂର୍ବ ସର୍ତ୍ତ ଅନୁସାରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର କଲେ । ଫଳରେ ପ୍ରଗତିଦଳର ଆଉ ଜଣେ ପ୍ରାର୍ଥୀ ନିଜର ମନୋନୟନପତ୍ର ଦାଖଲ କଲେ । କ୍ଷମତା ରାଜନୀତିରୁ ବାହାରେ ରହି ପଣ୍ଡିତ ପନ୍ଥ କିପରି ଭାବୁଥିଲେ ଯେ ନଗରପାଳ ହେବେ ? ଲୋକପ୍ରିୟତାର ଉତ୍ତୁଙ୍ଗ ଶିଖରରେ ବସିଥିଲେ ସୁଦ୍ଧା ପଣ୍ଡିତ ପନ୍ଥ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତାକୁ ଭୟକଲେ କାହିଁକି ? ପରମେଶ ଚନ୍ଦ୍ର ପଣ୍ଡିତ ପନ୍ଥଙ୍କର ଏ ପ୍ରକାରର ପାଗଳାମିରୁ କିଛି ବୁଝିପାରିଲେ ନାହିଁ ।

ପରମେଶଚନ୍ଦ୍ର ପଣ୍ଡିତ ପନ୍ଥଙ୍କୁ ଘରକୁ ଡକାଇ ଏ ବିଷୟରେ ପଚାରିଲେ । ପଣ୍ଡିତ ପନ୍ଥ ଗମ୍ଭୀର ଭାବରେ କଥାଟିର ଉତ୍ତର ଦେଲେ । ସମସ୍ତେ ଜାଣନ୍ତି ମୋର ଆଉ ଆପଣଙ୍କର ସୁସଂପର୍କ । ମୁଁ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କଲେ, ଆପଣ ନିଶ୍ଚୟ ସଂପୂର୍ଣ୍ଣ ନିରପେକ୍ଷତା ଅବଲମ୍ବନ କରିବେ, ଏକଥା ମୁଁ ଜାଣେ । ମୁଁ ଏକଥା ମଧ୍ୟ ଜାଣେ ଯେ ମୋର ଜୟ ସୁନିଶ୍ଚିତ । କିନ୍ତୁ ମୋର ଜୟ ହେଲେ ଶାସନରେ ଥିବା ଶକ୍ତିଦଳ ନିଜର ନିର୍ବାଚନ ପରାଜୟର ସମସ୍ତ ଦୋଷ ଆପଣଙ୍କ ମୁଣ୍ଡରେ ଲଦିଦେବ ଏବଂ ଆପଣଙ୍କୁ ବଦଳି କରିବା ପାଇଁ ସେମାନେ ଅଡ଼ିବସିବେ । ଆମ ରାଜ୍ୟ ସରକାର କେବେହେଲେ ଚାହିଁବ ନାହିଁ ଯେ ନଗରପାଳ

Digitized by PPRACHIN, SOA

ଓ ଜିଲ୍ଲାପାଳଙ୍କ ମଧ୍ୟରେ ସୌହାର୍ଦ୍ଦ୍ୟ, ସୁସଂପର୍କ ରହୁ, ବିଶେଷ କରି ଯେତେବେଳେ ନଗରପାଳ ଶାସକ ଦଳର ନୁହଁନ୍ତି । ମୁଁ ଆପଣଙ୍କ ଭଳି ଜଣେ ଜିଲ୍ଲାପାଳଙ୍କୁ ଶାନ୍ତିନଗରରୁ ଏତେ ଶୀଘ୍ର ବିଦାୟ କରିବାକୁ ଚାହେଁ ନାହିଁ ।

ମୁଁ କ୍ଷମତାକୁ ଭିତରୁ ଓ ବାହାରୁ ଦେଖିଛି । କ୍ଷମତାର ତିନୋଟି ଦିଗ ଅଛି । କ୍ଷମତା ପ୍ରୟୋଗ କରି ନିଜର ଶତ୍ରୁମାନଙ୍କୁ ହଇରାଣ କରିହେବ । ମୋର ଏବେ କେହି ଶତ୍ରୁ ନାହାନ୍ତି । କାରଣ ମୁଁ କ୍ଷମତା ରାଜନୀତିରେ ନାହିଁ । କ୍ଷମତାର ପ୍ରୟୋଗ ବା ଅପପ୍ରୟୋଗ କରି ଅର୍ଥଲାଭ କରାଯାଇ ପାରିବ । ମୋର ଚାଳିଶିବର୍ଷର ରାଜନୈତିକ ଜୀବନରେ ମୁଁ କେବେହେଲେ ଅର୍ଥଲାଭ କି କ୍ଷମତାର ଅପପ୍ରୟୋଗ କରିନାହିଁ । ତୃତୀୟରେ କ୍ଷମତା ପ୍ରୟୋଗ କରି ଜନସାଧାରଣଙ୍କୁ କିଛି ସାହାଯ୍ୟ କରିହେବ । ଲୋକମାନଙ୍କର ଅନେକ ଉପକାର କରିହେବ । ନିଜର ମିତ୍ର ଓ ବନ୍ଧୁ କୁଟୁମ୍ବମାନେ କିଛି ଅବାଞ୍ଛିତ ସାହାଯ୍ୟର ଆଶା ରଖିବେ, କିନ୍ତୁ କୌଣସି ଦୁର୍ନୀତି ନ କରିବା ନିୟମ ଲଙ୍ଘନ ନକରି ମଧ୍ୟ ଅନେକ ଲୋକଙ୍କୁ ଅନେକ ଦିଗରୁ ସାହାଯ୍ୟ କରିହେବ । କ୍ଷମତାର ଏହି ତୃତୀୟ ଦିଗଟି ମୁଁ ଗତ ଦେଢ଼ବର୍ଷ ହେଲା କ୍ଷମତାରେ ନ ଥାଇ ବି ଉପଭୋଗ କରିଆସୁଛି । ଆପଣଙ୍କ ଭଳି ଜିଲ୍ଲାପାଳଙ୍କ ସାହାଯ୍ୟ ସହାନୁଭୂତିରେ ମୋ ଜରିଆରେ ଅନେକ ଲୋକଙ୍କର ଦୁଃଖ ଦୂର ହୋଇଛି । ଅନେକ ସମସ୍ୟାର ସମାଧାନ ହୋଇଛି, ଅନେକ ଲୋକହିତକର କାର୍ଯ୍ୟ ମୋ ଅନୁରୋଧରେ ଆପଣ ହାତକୁ ନେଇଛନ୍ତି । ଏ ପୌରପାଳିକାର ଅଧ୍ୟକ୍ଷ ନିର୍ବାଚିତ ହୋଇ ମୁଁ ଆପଣଙ୍କୁ ହରାଇବାକୁ ଚାହେଁ ନାହିଁ । ମୁଁ ଚାହେଁ ଆପଣ ଶାନ୍ତିନଗରରେ ଆଉ ଦୁଇବର୍ଷ ରୁହନ୍ତୁ । ଆମେ ଦୁହେଁ ମିଶି ଅନେକ ଭଲକାମ କରିପାରିବା । ଜନସେବା ପାଇଁ ନଗରପାଳିକାକୁ ନିର୍ବାଚିତ ହେବା ମୋ ପାଇଁ ବାଧ୍ୟତା ମୂଳକ ନୁହେଁ ।"

ପୌରପାଳିକା ପାଇଁ ନିର୍ବାଚନ ହେଲା ବେଶ୍ ପ୍ରତିଦ୍ୱନ୍ଦ୍ୱିତା ମୂଳକ । ଶାସକ ଶକ୍ତି ଦଳ ଏବଂ ବିରୋଧି ପ୍ରଗତିଦଳ ଉଭୟଙ୍କ ତରଫରୁ କରାଗଲା ବେଶ୍ କିଛି ଅର୍ଥ ବ୍ୟୟ । ପଣ୍ଡିତ ପନ୍ଥ ଲୁଚାଇ ରଖିଲେ ନିଜକୁ ନିର୍ବାଚନ ରଣକ୍ଷେତ୍ରରୁ ସଂପୂର୍ଣ୍ଣ ଭାବେ ।

ଜିଲ୍ଲାପାଳ ଭାବେ ପରମେଶଚନ୍ଦ୍ର ମୁକ୍ତ ଓ ଅବାଧ ନିର୍ବାଚନ କରାଇବା ଦିଗରେ ନେଲେ ସମସ୍ତ ପଦକ୍ଷେପ । ପ୍ରଗତି ଦଳ ଓ ଶକ୍ତି ଦଳ ପକ୍ଷରୁ ବୁଥ୍ ଜବରଦଖଲ ପାଇଁ ଯେତେ ଚେଷ୍ଟା ହେଲା, ଶାନ୍ତିନଗରର ପୋଲିସ୍, ମାଜିଷ୍ଟ୍ରେଟ୍ ଓ ନିର୍ବାଚନ ଦାୟିତ୍ୱରେ ଥିବା ନିରପେକ୍ଷ କର୍ମଚାରୀମାନେ କଲେ ସବୁ ଉଦ୍ୟମକୁ ପଣ୍ଡ । ପରମେଶଚନ୍ଦ୍ର ନିଜେ ଶାନ୍ତିନଗରର ସବୁ ୱାର୍ଡରେ ଥିବା ବୁଥ୍‌ଗୁଡ଼ିକୁ ଦୁଇ ତିନିଥର

Digitized by PPRACHIN, SOA

ଲେଖାଏଁ ପରିଦର୍ଶନ କଲେ । ଉଭୟ ଦଳରୁ ବାହାରୁ ଅଣାଯାଇଥିବା କୋଡ଼ିଏ ତିରିଶି ଜଣ ଲେଖାଏଁ ପେଶାଦାର ଗୁଣ୍ଡା ନିର୍ବାଚନର ଦୁଇଦିନ ପୂର୍ବରୁ ଗିରଫ ହେଲେ । ଜବତ ହେଲା ଅନେକ ଅସ୍ତ୍ରଶସ୍ତ୍ର ଓ ଏସିଡ୍ ବୋମା । ଶାନ୍ତିନଗରର ପୌରନିର୍ବାଚନ ଫଳାଫଳ ବିରୋଧୀ ପ୍ରଗତିଦଳ ସପକ୍ଷରେ ଗଲା ଏବଂ ପ୍ରଗତିଦଳ ପ୍ରାର୍ଥୀ ନଗରପାଳ ଭାବେ ନିର୍ବାଚିତ ହେବେ ବୋଲି ଜଣାଗଲା । ଶକ୍ତିଦଳରୁ ନିର୍ବାଚିତ ହୋଇପାରିଲେ କେବଳ ଚାରିଜଣ କାଉନସିଲର ।

ନିର୍ବାଚନ ଫଳାଫଳ ପ୍ରକାଶ ପାଇବାର ଦ୍ୱିତୀୟ ଦିନ । ରାଜଧାନୀରୁ ପରମେଶଚନ୍ଦ୍ର ଫୋନ୍‌ରେ ଏକ ଖବର ପାଇଲେ । ଶାନ୍ତିନଗରରୁ ଯାଇ ପଣ୍ଡିତ ଶିବନାରାୟଣ ପଣ୍ଡା ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି ଜିଲ୍ଲାପାଳଙ୍କ ତୁରନ୍ତ ବଦଳି ପାଇଁ । ସେ ମଧ ଆଉ ଜଣେ ଦୁଇଜଣ ପ୍ରଭାବଶାଳୀ ମନ୍ତ୍ରୀଙ୍କୁ ନିକଟରେ କରିଛନ୍ତି ଦୃଢ଼ ଅଭିଯୋଗ ପରମେଶଚନ୍ଦ୍ରଙ୍କ ନାମରେ । ପୌର ନିର୍ବାଚନରେ ଜିଲ୍ଲାପାଳ ଆଦୌ ନିରପେକ୍ଷ'ତା ଅବଲମ୍ବନ କରିନାହାଁନ୍ତି । ତେଣୁ ନୂତନ ଭାବେ ନିର୍ବାଚିତ ପୌର ପ୍ରତିନିଧି ଓ ନଗରପାଳଙ୍କର ତାଙ୍କ ସହ କାର୍ଯ୍ୟ କରିବା ସମ୍ଭବ ହେବ ନାହିଁ ।

ପରମେଶ ଚନ୍ଦ୍ରଙ୍କର ମଧୁପୁର ଜିଲ୍ଲା କଥା ମନେପଡ଼ିଲା । ମଧୁପୁର ଜିଲ୍ଲାରେ ମାତ୍ର ପାଞ୍ଚମାସ ଜିଲ୍ଲାପାଳ ରହିଲା ପରେ ପରମେଶଚନ୍ଦ୍ରଙ୍କର ହଠାତ୍ ବଦଳି ହେଲା ଶାନ୍ତିନଗର । ମଧୁପୁର ଏସ୍.ପି. ପୁରୁଷୋତ୍ତମ ତ୍ରିବେଦୀଙ୍କର ଆସିଥିଲା ବଦଳି ସମୟ । ଆଉଜଣେ ପୋଲିସ ଅଫିସର ରଘୁନାଥ ଯାଦବ ଉପରେ.... ଧରାଧରି କରି ସକ୍ଷମ ହେଲେ ମଧୁପୁର ଆସିବାକୁ । ତେବେ ଗୋଟିଏ ଜିଲ୍ଲାରେ ଦୁଇଜଣ ଯାଦବ ଜିଲ୍ଲାପାଳ ଓ ଏସ୍.ପି. ରହିପାରିବେ କିପରି ?

ଏଭଳି ଏକ ଅଲିଖିତ ନିୟମ ଯେ କେବଳ ଯାଦବମାନଙ୍କ ପାଇଁ ପ୍ରୟୋଗ କରାଯାଉଥିଲା ତା ନୁହେଁ । ଏକା ଜାତିର ଦୁଇଜଣ ଅଧିକାରୀ ଗୋଟିଏ ଜିଲ୍ଲାରେ ଏସ୍.ପି. ଓ ଜିଲ୍ଲାପାଳ ରହିପାରିବେ ନାହିଁ । ଏସ୍.ପି. ଯଦି ବ୍ରାହ୍ମଣ ବା ରାଜପୁତ ହୋଇଥିବେ ତେବେ ଜିଲ୍ଲାପାଳ ଅନୁସୂଚିତ ଜନଜାତି, ଉପଜାତି ବା ଅନୁନ୍ନତ ବର୍ଗର ହେବା ଆବଶ୍ୟକ । ସେହିଭଳି ଜିଲ୍ଲାପାଳ ଯଦି ଯାଦବ ବା ଆଦିବାସୀ ଶ୍ରେଣୀର ହୋଇଥିବେ ତେବେ ଏସ୍.ପି. ନିଶ୍ଚୟ ଖଣ୍ଡାୟତ, ବ୍ରାହ୍ମଣ ବା ରାଜପୁତ ହେବା ଆବଶ୍ୟକ । ଏହି ନିୟମ ଉପଜିଲ୍ଲାପାଳ ଓ ଉପଖଣ୍ଡର ପୋଲିସ୍ ଅଧିକାରୀମାନଙ୍କ ପ୍ରତି ମଧ ଲାଗୁ କରାଯାଉଥିଲା । ଅବଶ୍ୟ ସ୍ଥଳବିଶେଷରେ ରାଜନୀତିଜୀବୀମାନଙ୍କ ଚାପରେ ଯେ ଏହି ନିୟମର ବ୍ୟତିକ୍ରମ ଯେ ଘଟୁ ନ ଥିଲା ତାନୁହେଁ । ଏବେ ପୁଣି ଏ ବଦଳିପରେ ଆଉ ଜିଲ୍ଲାରେ ରହି ଲୋକହିତକର କାର୍ଯ୍ୟ କରିବା ପାଇଁ ତାଙ୍କର ତିଳେମାତ୍ର ଇଚ୍ଛା ରହିଲା ନାହିଁ ।

Digitized by PPRACHIN, SOA

ଦୁଇଦିନ ପରେ ରାଜଧାନୀରୁ ଘରକୁ ଫେରିଲା ପରେ ପଣ୍ଡିତ ପଣ୍ଡା ଖବରପାଇଲେ ଜିଲ୍ଲାପାଳ ପରମେଶଚନ୍ଦ୍ର ତାଙ୍କୁ ଡକାଇଛନ୍ତି । ବିନା ବିଳମ୍ବରେ ଜିଲ୍ଲାପାଳଙ୍କ ବଙ୍ଗଳାକୁ ଯାଇ ସେ ପହଞ୍ଚିଲେ । ଏ କ'ଣ ଦେଖୁଛନ୍ତି ? ପରମେଶଚନ୍ଦ୍ରଙ୍କ ଘରେ ସେତେବେଳକୁ ବଦଳି ପାଇଁ ବେଡ଼ିଂ ବନ୍ଧା ଓ ଟ୍ରଙ୍କ୍ ସୁଟକେଶ୍ ସଜଡ଼ା ସଜଡ଼ି ଚାଲିଛି । ଜିଲ୍ଲାପାଳ କିଛି ପଚାରିବା ପୂର୍ବରୁ ପଣ୍ଡିତ ପଣ୍ଡା ନିଜଆଡୁ କହିଲେ – ''ପରମେଶବାବୁ, ଆପଣ କ'ଣ ଯିବାକୁ ବାହାରିଲେଣି ? କ'ଣ ସରକାରୀ ବଦଳି ଆଦେଶ ପାଇଗଲେ ? ଗୁଜବରେ କାନଦେଇ ବେଡିଂ ବାନ୍ଧିବା ଆରମ୍ଭ କରିଦେଲେ ନା କ'ଣ ?

ପରମେଶଚନ୍ଦ୍ର କହିଲେ – ''ମୁଁ ଆଦେଶ ପାଏ ବା ନ ପାଏ, ମୁଁ ଆଉ ଶାନ୍ତିନଗରରେ ରହିବି ନାହିଁ । ଆପଣଙ୍କର ଏ ଦୋମୁହାଁ ନୀତି ଦେଖିଲା ପରେ ଏଠି ଆଉ କେଉଁ ଭଦ୍ରଲୋକ କାମ କରିବାକୁ ଇଚ୍ଛା କରିବ ? ମୋର କାଳେ ବଦଳି ହୋଇଯିବ ବୋଲି ଆପଣ ପରା ନଗରପାଳ ନିର୍ବାଚନରେ ଭାଗ ନେଲେ ନାହିଁ । କିନ୍ତୁ ଏବେ ଆପଣଙ୍କ ପାର୍ଟି ବିଜୟୀ ହେଲା ମାତ୍ରେ ଆପଣ ତୁରନ୍ତ ରାଜଧାନୀ ଯାଇ ମୋ ବଦଳି ବନ୍ଦୋବସ୍ତ କରୁଛନ୍ତି ? ମୁଁ ତ ଆପଣଙ୍କର କିଛି କ୍ଷତି କରିନାହିଁ । ଶେଷକୁ ଆପଣ ମୋ ବିରୋଧରେ ଲାଗିଗଲେ । ଏ କଥା ମୁଁ ଜାଣିଲାପରେ ମୁଁ ଏଠି ଆଉ ଗୋଟିଏ ମୁହୂର୍ତ୍ତ ରହିବାକୁ ଚାହେଁ ନାହିଁ ।''

ପଣ୍ଡିତ ଶିବ ନାରାୟଣ ପଣ୍ଡା ମନଖୋଲି ହସିଲେ ''ବୁଝିଲ ପରମେଶବାବୁ ! ତୁମେ ମୋ ପୁତ୍ର ବୟସର । ପ୍ରଶାସନରେ ଦକ୍ଷ ହୋଇପାର, କିନ୍ତୁ ରାଜନୀତି ବା ଲୋକ ଚରିତ୍ରଜ୍ଞାନ ବିଷୟରେ ତୁମେ ଏକ ନିର୍ବୋଧ ଶିଶୁ । କେବେ ଶୁଣିଛ କେଉଁ ରାଜ୍ୟରେ ମୁଖ୍ୟମନ୍ତ୍ରୀ ବିରୋଧୀଦଳର ଚାପରେ କାହାକୁ ବଦଳି କରିଛନ୍ତି ? ଶକ୍ତି ଦଳର ସ୍ଥାନୀୟ ନେତାମାନେ ଯାଇ ମୁଖ୍ୟମନ୍ତ୍ରୀଙ୍କୁ ତୁମ ବଦଳି ପାଇଁ ଚାପ ଦେଲା ପୂର୍ବରୁ ମୁଁ ଯାଇ ତୁମର ତୁରନ୍ତ ବଦଳି କରାଯାଉ ବୋଲି ଦାବୀ ଜଣାଇଛି ।

ଶକ୍ତିଦଳର ଯେଉଁମାନେ ତୁମ ବଦଳି କରିବା ପାଇଁ ଆଜି ରାଜଧାନୀ ଯିବେ ସେମାନେ ମୁଖ୍ୟମନ୍ତ୍ରୀଙ୍କ ଆଗରେ କହିବେ ଯେ ତୁମେ ମୋ କଥାରେ ବସ ଉଠ ହେଉଛ ଏବଂ ତୁମେ ପୌରନିର୍ବାଚନରେ ମୁଣ୍ଡ ନ ପୂରାଇଥିଲେ ସେମାନେ ନିଶ୍ଚୟ ନିର୍ବାଚନରେ ଜିତି ଯାଇଥାନ୍ତେ । ସେମାନେ ଏକଥା ମଧ୍ୟ କହିବେ ଯେ ତୁମେ ଏ ଜିଲ୍ଲାରେ ଥିଲାଯାଏ ଆଉ ଶକ୍ତିଦଳ କୌଣସି ନିର୍ବାଚନରେ ବିଜୟୀ ହୋଇପାରିବେ ନାହିଁ । ଶାସକ ଦଳର ସ୍ୱାର୍ଥରକ୍ଷା ପାଇଁ ତୁମର ବଦଳି ତୁରନ୍ତ ଆବଶ୍ୟକ । ଏବେ କିନ୍ତୁ ମୁଖ୍ୟମନ୍ତ୍ରୀ ସେମାନଙ୍କର କୌଣସି କଥା ଶୁଣିବେ ନାହିଁ, କାରଣ ମୁଁ ପ୍ରଥମେ ତୁମର ବଦଳି ଦାବି ଜଣାଇ ସାରିଛି ।

ପ୍ରତିଉତ୍ତର ଦେବାକୁ ଚିନ୍ତା କରିବା ପୂର୍ବରୁ ପରମେଶ ଖାଲି ମୁରୁକି ହସି ଦେଇଥିଲେ । ଜଣେ ପ୍ରକୃତ ଶୁଭଚିନ୍ତକ କ'ଣ କରିପାରେ ଏ ବିଷୟରେ ଏକ ସ୍ପଷ୍ଟ ଧାରଣା ହେଲା ପରମେଶଚନ୍ଦ୍ରଙ୍କର ।

Digitized by PPRACHIN, SOA

ଜନ ଅଦାଲତ

ଉସ୍‌ମାନ ମହଲ ଜଳସେଚନ ଡାକବଙ୍ଗଳାରେ ସେଦିନ ବହୁତ ଭିଡ଼ । ଲୋକ ଏକାଠି ହୋଇଥାନ୍ତି ପ୍ରାୟ ପାଞ୍ଚଶହ । ଆସୁଥାନ୍ତି ଜଳସେଚନ ବିଭାଗ କ୍ୟାବିନେଟ୍ ମନ୍ତ୍ରୀ ସର୍ଦ୍ଦାର ସୁଖବିନ୍ଦର ସିଂହ । ସର୍ବୋଚ୍ଚ ମୁଖ୍ୟଯନ୍ତ୍ରୀ, ମୁଖ୍ୟଯନ୍ତ୍ରୀ, ଅଧୀକ୍ଷଣ ଯନ୍ତ୍ରୀ, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ ଆଦିଙ୍କର ଲାଗିଥାଏ ମେଳା ।

କାର୍ଯ୍ୟକ୍ରମ ଥାଏ ଜଳସେଚନ ବିଭାଗର ଜନ ଅଦାଲତ । କେନାଲରେ ପାଣି ଆସିବାରେ ଅନିୟମିତତା, ଜଳକର ଆଦାୟରେ ଓ ପଇଠ କରିବାରେ ଶିଥିଳତା, କେନାଲ ମରାମତିରେ ମନ୍ଥର ଗତି, ଠିକାଦାରମାନଙ୍କର ପ୍ରାପ୍ୟହାସଲରେ ବିଳମ୍ବ ଏହିପରି ଅନେକ ଅଭିଯୋଗ ଆସିବାର ଥାଏ । ମାନ୍ୟବର କ୍ୟାବିନେଟ୍ ମନ୍ତ୍ରୀଙ୍କ ଉପସ୍ଥିତି ଓ ଅଧ୍ୟକ୍ଷତାରେ ଏ ସବୁ ଦାବୀ ମାମଲା ଓ ଅଭିଯୋଗର ଫଇସଲା ହେବ ।

ଯଥାସମୟରେ ପହଞ୍ଚିଲେ ମନ୍ତ୍ରୀ ସର୍ଦ୍ଦାର ସୁଖବିନ୍ଦର ସିଂହ ସାହେବ । ପୁଷ୍ପମାଲ୍ୟରେ ତାଙ୍କର ଭବ୍ୟସମ୍ବର୍ଦ୍ଧନା ହେଲା । ସର୍ବୋଚ୍ଚ ମୁଖ୍ୟଯନ୍ତ୍ରୀ ପ୍ରଥମେ କହିଲେ "ଜଳସେଚନକୁ ଲୋକାଭିମୁଖୀ କରାଯିବାକୁ ସରକାର ବଦ୍ଧପରିକର । ଲୋକେହିଁ ସମସ୍ତ ଉପଶାଖା କେନାଲ ଓ ଜଳାଶୟର ଦାୟିତ୍ୱ ନେବେ । ଚାଷୀମାନଙ୍କର ରେଜିଷ୍ଟାର୍ଡ ସୋସାଇଟି ଗଢ଼ା ଯାଇ କେବଳ ଡ୍ୟାମ୍ ଓ ବଡ଼ କେନାଲ ବ୍ୟତୀତ ଅନ୍ୟସବୁ ଶାଖା ଉପଶାଖା ଆଉ ପ୍ରଶାଖା କେନାଲ ସେମାନଙ୍କୁ ହସ୍ତାନ୍ତରିତ କରାଯିବ । ଜଳସେଚନରେ ଉପୁଜୁଥିବା ସମସ୍ତ ଅସୁବିଧାର ବିଚାର କରିବ ପାଣି ପଞ୍ଚାୟତ । ଜଳ ସଂପଦର ରକ୍ଷଣାବେକ୍ଷଣ ପାଇଁ ଆବଶ୍ୟକ ହେଉଥିବା ଅର୍ଥରୁ ଅର୍ଦ୍ଧେକ ଯୋଗାଇ ଦେବେ ସରକାର । ବାକୀ ଅର୍ଦ୍ଧେକ ପାଇଁ ଚାଷୀମାନେ ନିଜେ ଜଳକର ଧାର୍ଯ୍ୟ କରିବେ ଏବଂ ସଂଗ୍ରହ କରିବେ ।

ପ୍ରଥମେ ସର୍ବୋଚ୍ଚ ମୁଖ୍ୟଯନ୍ତ୍ରୀ ଦିଲବାଗ ସିଂହଙ୍କର ଏଇ କ୍ଷୁଦ୍ର ଭାଷଣ ଶୁଣି କ୍ଷଣକେ ଉପସ୍ଥିତ ଜନତା ଥମିଯିବା ଦେଖି ଉଠିଲେ ମୁଖ୍ୟଯନ୍ତ୍ରୀ ସର୍ଦ୍ଦାର ରାମ ସିଂହ ବକ୍ତବ୍ୟ ଦେବାକୁ । ସେ ଜଳସେଚନ ବିଭାଗରେ ଜନ ଅଦାଲତର ଭୂମିକା ସମ୍ପର୍କରେ ବୁଝାଇଲେ ଦଶ ମିନିଟ ସମୟ । ବହୁତ ଦିନରୁ ପଡ଼ି ରହିଥିବା ଅଭାବ, ଅଭିଯୋଗ, ଅସୁବିଧାର କିଭଳି ଏହି ଲୋକ ଅଦାଲତ ଜରିଆରେ

Digitized by PPRACHIN, SOA

ସମାଧାନ ହୋଇଯାଉଛି ତା'ର ଦେଲେ ଏକ ପ୍ରାଞ୍ଜଳ ବିବରଣୀ । ମନ୍ତ୍ରୀ ସର୍ଦ୍ଦାର ସୁଖବିନ୍ଦର ସିଂହଙ୍କ ନେତୃତ୍ୱରେ ଏଭଳି ଲୋକ ଅଦାଲତ କିପରି ଜଳସେଚନ ସଂପର୍କୀୟ ସମସ୍ତ ଅସୁବିଧାର ସମାଧାନ କରୁଛି ଏବଂ ପ୍ରଶାସନକୁ ଲୋକାଭିମୁଖୀ କରାଇଛି ତା'ର ଭୂୟସୀ ପ୍ରଶଂସା କଲେ ସେ । ଲୋକେ ତଥାପି ନୀରବ ।

ଅଧୀକ୍ଷଣ ଯନ୍ତ୍ରୀ ଜାଉନେଲ ସିଂହ ଆଲୁୱାଲିଆଙ୍କର ଭାଷଣ କିନ୍ତୁ ଏ ସବୁଠାରୁ ଥିଲା ଅଲଗା । ମୂଳରୁ ଶେଷ ପର୍ଯ୍ୟନ୍ତ ସେ କହିଚାଲିଲେ କ୍ୟାବିନେଟ ମନ୍ତ୍ରୀ ସୁଖବିନ୍ଦର ସିଂହଙ୍କର ଗୁଣଗାନ । ଶ୍ରୀ ସିଂହ ଏକାଧାରରେ କିପରି ରାଜ୍ୟର ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର ସେ କଥା ବୁଝାଇଦେଲେ । ଶ୍ରୀ ସିଂହଙ୍କ ସମୟରେ ଚାଳିଶଟି ନୂତନ ମଧ୍ୟମ ଓ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଏବଂ ଦୁଇଟି ନୂତନ ବୃହତ୍ ଜଳସେଚନ ପ୍ରକଳ୍ପର ଆରମ୍ଭ କରାଯାଇଛି । ତାଙ୍କ ସମୟରେ ବହୁଦିନରୁ ପଡ଼ି ରହିଥିବା ସଇଁତିରିଶଟି ଅସଂପୂର୍ଣ୍ଣ ପ୍ରକଳ୍ପ ସଂପୂର୍ଣ୍ଣ ହୋଇ ଜଳସେଚନ ଯୋଗାଇବାକୁ ସମର୍ଥ ହୋଇଛି । ତେଣୁ ସେ ହେଲେ ସୃଷ୍ଟିକର୍ତ୍ତା ବ୍ରହ୍ମା ।

ଜଳସେଚନ ବିଭାଗର ସମସ୍ତ ବୈଷୟିକ ଓ ପ୍ରଶାସନିକ କର୍ମଚାରୀମାନଙ୍କର ଅଭାବ ଓ ଅସୁବିଧା ଦୂର କରିଛନ୍ତି ଶ୍ରୀ ସିଂହ । ଖୋଲି ଦେଇଛନ୍ତି ପଦୋନ୍ନତିର ଅଜସ୍ର ଦ୍ୱାର । ଅନେକ ଦିନ ଧରି ପଡ଼ିରହିଥିବା ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନଗୁଡ଼ିକର ଅନ୍ତ ଘଟାଇଛନ୍ତି । ହଜାର ହଜାର ଅସ୍ଥାୟୀ କର୍ମଚାରୀମାନଙ୍କ ପେଟ ପାଟଣା ବୁଝି ସେମାନଙ୍କୁ ସ୍ଥାୟୀ କରାଇଛନ୍ତି । ତେଣୁ ସେ ହେଲେ ପାଳନକର୍ତ୍ତା ବିଷ୍ଣୁ ।

ଦୁର୍ନୀତିର ସେ ଘୋର ବିରୋଧୀ । ତେଣୁ ଜଳସେଚନ ବିଭାଗରୁ ସମସ୍ତ ଦୁର୍ନୀତିର ମୂଳୋତ୍ପାଟନ ଦିଗରେ ସେ ମନଃପ୍ରାଣ ଦେଇ ଲାଗିଛନ୍ତି । ଯିଏ ଯେଉଁଠି ଦୁର୍ନୀତି କରି ଧରାପଡ଼ିଲା ତାକୁ କରୁଛନ୍ତି ମହେଶ୍ୱରଙ୍କ ଭଳି ସଂହାର । ଏହିଭଳି ଜଳସେଚନ ମନ୍ତ୍ରୀ ସୁଖବିନ୍ଦର ସିଂହ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର ଏହି ତ୍ରିନାଥଙ୍କର ସମାହାର । ସେ କେବଳ ଦେଶର ପ୍ରଧାନମନ୍ତ୍ରୀ ନୁହେଁ, ଜାତିସଂଘର ପ୍ରଧାନମନ୍ତ୍ରୀ ହେବା ପାଇଁ ଯୋଗ୍ୟ । ଆଲୁୱାଲିଆଙ୍କ ଭାଷଣ ପରେ ଅଜସ୍ର ତାଳିମାଡ଼ରେ ସଭାସ୍ଥଳ କମ୍ପିଉଠିଲା । ଅଧୀକ୍ଷଣ ଯନ୍ତ୍ରୀ ଆଲୁୱାଲିଆଙ୍କ ଛାତି କୁଣ୍ଢେ ମୋଟ ହୋଇଗଲା । ଆଜି ଏତେ ଦିନପରେ ସେ ମନ୍ତ୍ରୀମହୋଦୟଙ୍କ ଦୃଷ୍ଟି ଆକର୍ଷଣ କରିବାପାଇଁ ସମର୍ଥ ହୋଇଛନ୍ତି ।

ତା'ପରେ ଆରମ୍ଭ ହେଲା ଜଳସେଚନ ଲୋକ ଅଦାଲତର କାର୍ଯ୍ୟ । ତିନି ଚାରିଜଣ କୁଜି ଠିକାଦାର ନିଜ ନିଜର ବିଲ୍ ବିଷୟରେ ଅଭିଯୋଗ କଲେ । ସଂପୃକ୍ତ ସହକାରୀ ଯନ୍ତ୍ରୀ ଓ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସିଙ୍ଗେ ସଙ୍ଗେ ଅଭିଯୋଗ

Digitized by PPRACHIN, SOA

ଗୁଡ଼ିକର ସମାଧାନ କରି ସଂପୃକ୍ତ ନଥିଗୁଡ଼ିକରେ ଟଙ୍କା ଦିଆଯାଉ ବୋଲି ଆଦେଶ କରିଦେଲେ । ଦୁଇଜଣ ଛଟେଇ ହୋଇଥିବା ଖଲାସି ନିଜର ଅଭିଯୋଗ ପେଶ୍ କଲେ । ତତ୍‌କ୍ଷଣାତ୍ ନଥିଉପରେ ସରକାରୀ ଆଦେଶ ନିଆଯାଇ ସେମାନଙ୍କୁ ପୁନସ୍ଥାପନ କରାଗଲା ।

କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଅର୍ଜୁନ ସିଂହ ଧନ୍ୟବାଦ ପ୍ରସ୍ତାବ ଦେବାକୁ ଉଠିଲାବେଳେ ଜଣେ ଶ୍ରୋତା ହଠାତ୍ ଛିଡ଼ା ହୋଇ ମନ୍ତ୍ରୀ ମହାଶୟଙ୍କ ଦୃଷ୍ଟି ଆକର୍ଷଣ କଲେ ।

‘‘ସାର୍, ପାଲନା ଏଠାରୁ ପଚିଶି କିଲୋମିଟର ଦୂରରେ । ଶତଲେଜ୍ ନଦୀବନ୍ଧକୁ ଉଚ୍ଚ ଓ ଦୃଢ଼ କରାଯିବା ପାଇଁ ସେଠାରେ ମାସେ ତଳେ ଖର୍ଚ୍ଚ ହୋଇଛି କୋଡ଼ିଏ ଲକ୍ଷ ଟଙ୍କା । ପ୍ରକୃତରେ ପଇସାଟିଏ ଖର୍ଚ୍ଚ ନ ହୋଇ କରାଯାଇଛି ମିଛ ବିଲ୍ । ଆପଣ ଏବେ ଗଲେ ନିଜେ ଦେଖି ପାରିବେ । ଆପଣଙ୍କର ବନ୍ୟା ନିୟନ୍ତ୍ରଣ ବିଭାଗର ଏକ ଖର୍ଚ୍ଚର ନମୂନା ନିଜେ ଦେଖନ୍ତୁ । ନଈରେ ପାଣି ଆସି ସବୁ ଭାସିଗଲା ବୋଲି ରିପୋର୍ଟ ମଧ୍ୟ ଆଗରୁ ତିଆରି ହୋଇ ରଖାଯାଇଛି । ବର୍ଷା ଏଇ ଚାରି ଦିନ ମଧ୍ୟରେ ଆରମ୍ଭ ହୋଇଯିବ ।’’

ନିର୍ବାହୀ ଯନ୍ତ୍ରୀ ଅର୍ଜୁନ ସିଂହ ମନ୍ତ୍ରୀଙ୍କୁ କାନପାଖରେ ଚୁପ୍ ଚୁପ୍ କହିଲେ, ‘‘ସାର୍ ଏଇ ଲୋକଟା ନିହାତି ପାଗଳଟାଏ । ସବୁ ପବ୍ଲିକ ମିଟିଂରେ ଗୋଳମାଳ କରିବା ପାଇଁ, ଷଣ୍ଢ ପୂରାଇବା ପାଇଁ ବିରୋଧୀଦଳଙ୍କ ଠାରୁ ପଇସା ନିଏ । ଆପଣ ତା’କଥା ମୋଟେ ବିଶ୍ୱାସ କରନ୍ତୁ ନାହିଁ ।’’

ସର୍ବୋଚ୍ଚ ମୁଖ୍ୟଯନ୍ତ୍ରୀ ଦିଲବାଗ ସିଂହ ଅଧିକ୍ଷଣ ଯନ୍ତ୍ରୀ ଆଲୁୱାଲିଆଙ୍କ ଆଡ଼କୁ ରୋଷପୂର୍ଣ୍ଣ ନେତ୍ରରେ ଚାହିଁ ଫିସ୍ ଫିସ୍ ରାଗ ମିଶା କଣ୍ଠରେ କହିଲେ ‘‘ଏ ଲୋକଟା ଏଠିକି କେମିତି ଆସିଲା ? ଶଳାକୁ ବାହାର କରିଦିଅ ଏଠୁ ।’’

ଇଶାରା ପାଇଲା ମାତ୍ରେ ଚାରିଜଣ ସୁସ୍ଥ ସବଳ ଲୋକ ଶ୍ରୋତାଟିକୁ ସଭାସ୍ଥଳରୁ ଶୂନ୍ୟେ ଶୂନ୍ୟେ ଟେକି ନେଇ ଦୂରକୁ ଚାଲିଗଲେ ।

ସଭା ସାଂଗ ହେଲା ପରେ ଡାକବଙ୍ଗଳାରେ ଥିଲା ଚା’ପାନର ବ୍ୟବସ୍ଥା । ଚା ପାନ ପରେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରି ମନ୍ତ୍ରୀ, ସୁଖବିନ୍ଦର ସିଂହ ବାହାରିଲେ ପାଲନାଠାରେ ନଦୀବନ୍ଧ ଦେଖିବା ପାଇଁ । ତାଙ୍କୁ କ୍ଷାନ୍ତ କରିବା ପାଇଁ ଅର୍ଜୁନ ସିଂହ ଓ ଆଲୁୱାଲିଆଙ୍କ ସମସ୍ତ ଉଦ୍ୟମ ପଣ୍ଡ ହେଲା । ପାଲନାଠାରେ ଦେଖାଗଲା ଯେ ଶତଲେଜ ନଦୀବନ୍ଧରେ ଗତବର୍ଷ ହୋଇଥିବା ଏକ ମଧ୍ୟମ ଧରଣର ଘାଇ ପୂର୍ବଭଳି ଖୋଲାରହିଛି । ଗତ ବନ୍ୟାବେଳେ ରଖାଯାଇଥିବା କେତେକ ପୁରୁଣା ବାଲିବସ୍ତା ଛଡ଼ା ସେଠାରେ ଆଉ କିଛି ନାହିଁ ।

Digitized by PPRACHIN, SOA

ବନ୍ଧଠାରେ ଉପସ୍ଥିତ ଜନତାଙ୍କ ଆଗରେ କିଛି ନ କହି ସୁଖବିନ୍ଦର ସିଂହ ଡିଭିଜନ ଅଫିସ ଆସି ନଥିପତ୍ର ମଗାଇ ପରୀକ୍ଷା କଲେ । ଦେଖାଗଲା ଯେ ନିର୍ବାହୀ ଯନ୍ତ୍ରୀ ଅର୍ଜୁନ ସିଂହଙ୍କ ଦ୍ୱାରା ମଞ୍ଜୁର ହୋଇ ବନ୍ଧ ମରାମତି କାମର ବିଲ୍‌ର ପଇସା ଠିକାଦାରମାନଙ୍କୁ ଦିଆ ସରିଛି । ଅଧୀକ୍ଷଣ ଯନ୍ତ୍ରୀ ଆଲୁୱାଲିଆ ମଧ୍ୟ ବନ୍ଧ ମରାମତି କାର୍ଯ୍ୟ ଠିକ୍ ଭାବେ ହୋଇଛି ବୋଲି ପରିଦର୍ଶନ ବିବରଣୀରେ ଲେଖିଛନ୍ତି । ମାପଚୁପ ବହିଟିରେ ତାଙ୍କର ଯାଞ୍ଚ ଦସ୍ତଖତ ବି ରହିଛି ।

ଆଉ ଗୋଟିଏ ରିପୋର୍ଟର ଚିଠା ଟାଇପ ହୋଇ ନଥିରେ ରଖାଯାଇଥିବାର ଦେଖିବାକୁ ମିଳିଲା । ସେଥିରେ ବର୍ଷା ହେବାର ଦ୍ୱିତୀୟ ଦିନ କିପରି ଏକ ଫ୍ଲାଶ୍ ଫ୍ଲଡ୍ ଅର୍ଥାତ୍ ଆକସ୍ମିକ ବନ୍ୟା ଆସି ଘାଇଠାରେ ମରାମତି ହୋଇଥିବା ବନ୍ଧଟି ପୁଣି ଭସାଇ ନେଲା, ସେକଥା ଉଲ୍ଲେଖ ଥିଲା । ଚିଠିଟିରେ ବାକିଥିଲା କେବଳ ତାରିଖ ପଡ଼ିବା ଓ ଦସ୍ତଖତ ହେବା ।

ଡିଭିଜନ ଅଫିସରେ କର୍ମଚାରୀଗଣ ଦେଖିଲେ ମନ୍ତ୍ରୀ ସୁଖବିନ୍ଦର ସିଂହଙ୍କର ମହେଶ୍ୱର ରୂପ । ଅଧୀକ୍ଷଣ ଯନ୍ତ୍ରୀ ଆଲୁୱାଲିଆ, ନିର୍ବାହୀ ଯନ୍ତ୍ରୀ ଅର୍ଜୁନ ସିଂହ ସହକାରୀ ଓ କନିଷ୍ଠ ଯନ୍ତ୍ରୀଙ୍କ ସମେତ ସାତ ଜଣ ଯନ୍ତ୍ରୀ ନିଲମ୍ବିତ ହେଲେ ।

ସୁଖବିନ୍ଦର ସିଂହ ନିଷ୍ପତ୍ତି ନେଲେ ଯେ ମାସକୁ ଏଥର ଅନ୍ତତଃ ଅତି କମ୍‌ରେ ଦୁଇଟି ଜନ ଅଦାଲତ ରାଜ୍ୟର ବିଭିନ୍ନ ସ୍ଥାନରେ ଡକାଯିବ । ଜନସାଧାରଣଙ୍କୁ ଏଥିରେ ସଂପୂର୍ଣ୍ଣ ଭାବେ ସାମିଲ କରାଯିବ ଏବଂ ପ୍ରଶାସନକୁ କରାଯିବ ଜନସାଧାରଣଙ୍କଠାରେ ଉତ୍ତରଦାୟୀ । ଦୁର୍ନୀତି ଦୂର କରିବା ପାଇଁ ଜନ ଅଦାଲତଠାରୁ ଆଉ ଉତ୍କୃଷ୍ଟ ପନ୍ଥା ସେ ଦେଖିପାରୁ ନ ଥିଲେ ।

Digitized by PPRACHIN, SOA

ବାବୁ ସୁନ୍ଦରଲାଲ

ବାବୁଙ୍କର ସତେ କି ବଢ଼ିଆ ନାଆଁ । ବାବୁ ସୁନ୍ଦରଲାଲ୍ । ତାଙ୍କୁ ଯିଏ ବି ଡାକିବ ଆଗ ''ବାବୁ'' ବୋଲି ସମ୍ବୋଧନ କରିବ । ତା'ପରେ ସୁନ୍ଦର ବୋଲି ଡାକିବ । ବାବୁ ସୁନ୍ଦରଲାଲଙ୍କୁ କେବଳ ଅସୁନ୍ଦର କହିଲେ ହୁଏତ ଅପମାନ ହେବ ଅସୁନ୍ଦରପଣିଆର । ତାଙ୍କୁ ମୁଗୁନିପଥର ଭଳି ଉଜ୍ଜ୍ୱଳ କୃଷ୍ଣବର୍ଣ୍ଣର କହିହେବ ନାହିଁ । ତାଙ୍କର ବର୍ଣ୍ଣ ବରଂ ଯେମିତି ପାହାଡ଼ି ମୂଷା ବା ନେଉଳ ଭଳି ଧୂସରିଆ ଟାଆଁସିଆ କଳା । ଉଚ୍ଚତା ମାତ୍ର ପାଞ୍ଚ ଫୁଟ ତିନି ଇଞ୍ଚ । ମୁଖମଣ୍ଡଳର ଗଠନ କିପରି ବେଢଙ୍ଗିଆ । କିନ୍ତୁ ତାଙ୍କ ନାମ ଉଚ୍ଚାରଣ ମାତ୍ରେ ତାଙ୍କୁ ଜଣେ ସୁନ୍ଦର କହିବାକୁ ବାଧ୍ୟ । ତା'ପରେ ଆଉ ଦୁଃଖ କ'ଣ ?

ବିଧାତା ସିନା କଳା ରୂପ ଅସୁନ୍ଦର, ହେଲେ ମନଦେଇ ପାଠ ପଢ଼ିଲେ ବାବୁ ସୁନ୍ଦରଲାଲ । ପିଲାଟିଦିନୁ ସେ ପାଇଲେ ସରକାରୀ ବୃତ୍ତି । ପୋଷାକପତ୍ର, ବହି, ଖାତା, ଛାତ୍ରାବାସରେ ରହିବାଖର୍ଚ୍ଚ ସବୁ ବହନ କଲେ ସରକାର । ହେଲେ ଅନ୍ୟ ପିଲାଙ୍କ ଭଳି ବାବୁ ସୁନ୍ଦରଲାଲ କରିନାହାନ୍ତି ସରକାରୀ ବୃତ୍ତି ଓ ସାହାଯ୍ୟର ଅପବ୍ୟବହାର ।

ପ୍ରତିଯୋଗିତାମୂଳକ ପରୀକ୍ଷା ଦେଇ ତାଙ୍କ ଜାତି ପାଇଁ ଉଦ୍ଦିଷ୍ଟ ଆସନରେ ସେ ପଢ଼ିଲେ ଇଂଜିନିୟରିଂ କଲେଜରେ । ଚାରିବର୍ଷର ପାଠକୁ ଶେଷ କଲେ ସାତ ବର୍ଷରେ । ପାଠ ସରିବା ମାତ୍ରେ ଗୋଟିଏ ସଂରକ୍ଷିତ ସରକାରୀ ଚାକିରି ମଧ୍ୟ ତାଙ୍କୁ ପ୍ରାପ୍ତ ହେଲା । ତାଙ୍କ ଉଚ୍ଚାକାଂକ୍ଷା କିନ୍ତୁ କେବଳ ଇଂଜିନିୟର ହେବାରେ ନ ଥିଲା ସୀମିତ । ସେ ଚାହୁଁଥିଲେ କିଭଳି ପ୍ରଶାସନିକ ସେବାରେ ଯୋଗ ଦେଇ ଉଠିବେ କ୍ଷମତା ଓ ଖ୍ୟାତିର ଶିଖରକୁ । ପିଲାଦିନେ ନିଜର ଚେହେରା ଓ ଦାରିଦ୍ର୍ୟ ପାଇଁ ସେ ଯେଉଁ ଉପେକ୍ଷା ଓ ଉପହାସର ସମ୍ମୁଖୀନ ହୋଇଛନ୍ତି ସମାଜ ଉପରେ ତା'ର ପ୍ରତିଶୋଧ ନେବା ପାଇଁ ତାଙ୍କ ମନ ହେଲା ସବୁବେଳେ ଉଚ୍ଛନ୍ନ । ତେଣୁ ଯେ ସିଭିଲ ସର୍ଭିସ୍ ପରୀକ୍ଷା ଦେବାରେ ଲାଗିପଡ଼ିଲେ ।

କଷ୍ଟ ଉଦ୍ୟମରେ ବାବୁ ସୁନ୍ଦରଲାଲଙ୍କ ଅଭିଳାଷ ପୂରଣ ହେଲା । ସେ ରାଷ୍ଟ୍ରୀୟ ପ୍ରଶାସନ ସେବା ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ । ବୟସ ଗଡ଼ି ଯାଉଥିଲେ ମଧ୍ୟ ବାବୁ ସୁନ୍ଦରଲାଲଙ୍କର ବିବାହ ପାଇଁ ତାଙ୍କର ବା ତାଙ୍କ ପିତାଙ୍କର କୌଣସି ତତ୍ପରତା ପ୍ରକାଶ ପାଉ ନ ଥିଲା । ସେମାନେ ଜାଣିଥିଲେ ଯେ ତାଙ୍କ ଦେଶରେ

Digitized by PPRACHIN, SOA

ଥରେ ରାଷ୍ଟ୍ରୀୟ ପ୍ରଶାସନିକ ସେବାରେ ମୁକରିର ହେଲେ ଜାତି ଧର୍ମ, ଭାଷା, ବର୍ଣ୍ଣ ଉଚ୍ଚତା ଓ ସ୍ୱାସ୍ଥ୍ୟ ନିର୍ବିଶେଷରେ ସୁନ୍ଦରୀ କନ୍ୟା ମିଳିବା ଆଦୌ କଷ୍ଟ ହେବନାହିଁ ।

ଅନେକ ବିତ୍ତଶାଳୀ ପିତା ନିଜ ନିଜର ଅସୁନ୍ଦରୀ ବା ସାମାନ୍ୟ ସୁନ୍ଦରୀ କନ୍ୟାମାନଙ୍କ ପ୍ରସ୍ତାବ ନେଇ ବାବୁ ସୁନ୍ଦରଲାଲଙ୍କ ଘରେ ଲଗାଇଲେ ଲାଇନ୍ । ବାବୁ ସୁନ୍ଦରଲାଲ କିନ୍ତୁ ନିଜ ଜିଦ୍‌ରେ ଅଟଳ । ତାଙ୍କ ପତ୍ନୀ ନିର୍ବିବାଦରେ ଓ ସର୍ବସମ୍ମତ ଭାବେ ହୋଇଥିବେ ଅସାମାନ୍ୟା ସୁନ୍ଦରୀ ।

ଏଣେ ତାଙ୍କ ପିତାମାତାଙ୍କର ଆଖି କିନ୍ତୁ ନିବଦ୍ଧ ଯଉତୁକ ଉପରେ । ଶୀତତାପନିୟନ୍ତ୍ରିତ ଗାଡ଼ି, ବଡ଼ କୋଠା, ଦଶ ସେଟ୍ ସୁନା ଗହଣା, ଟି.ଭି. ଓ ସମସ୍ତ ଅନ୍ୟାନ୍ୟ ଘରକରଣା ସାମଗ୍ରୀ ତ କନ୍ୟାପକ୍ଷ ନିଶ୍ଚୟ ଦେବେ ନିଜ ଝିଅ ଜ୍ୱାଇଁଙ୍କୁ । ବାପା-ମା'ଙ୍କର ଧୈର୍ଯ୍ୟ, ପରିଶ୍ରମ, ଅସୀମ ତ୍ୟାଗ ଓ ସାଧନା, ଯାହା ବଳରେ ଆଜି ବାବୁ ସୁନ୍ଦରଲାଲ ପ୍ରଶାସକ ହୋଇଛନ୍ତି ତା'ର ମୂଲ୍ୟତ ହେବନାହିଁ ନଗଦ ଦଶ ଲକ୍ଷରୁ ପଇସାଟିଏ କମ୍ । ତେଣୁ ପିତାମାତାଙ୍କୁ ସ୍ୱତନ୍ତ୍ରଭାବେ ସେହି ପରିମାଣର ନଗଦ ଅର୍ଥ ନ ମିଳିଲେ, ନାହିଁ ବିବାହର ପ୍ରଶ୍ନ ।

ପିତାମାତାଙ୍କର ଦାବୀ ଓ ବାବୁ ସୁନ୍ଦରଲାଲଙ୍କ ଆବଶ୍ୟକତା ଏ ଦୁଇଟିକୁ ପୂର୍ଣ୍ଣ କଲା ଭଳି ପ୍ରସ୍ତାବଟିଏ ଆସି ସବୁ କଥା ଛିଡ଼ିବା ପାଇଁ ଲାଗିଗଲା ଆଉ ତିନି ବର୍ଷ । ତାଲିମ୍ ସାରି ଉପଜିଲ୍ଲାପାଳ ଚାକିରିବେଳେ ବାବୁ ସୁନ୍ଦରଲାଲ ବିବାହ କଲେ ରାଜ୍ୟର ଜଣେ ଅସୀମ ବିତ୍ତଶାଳୀ ସ୍ୱତନ୍ତ୍ର ଶ୍ରେଣୀର ଠିକାଦାର ଅଜୟ ରଞ୍ଜନ ଦେବଶର୍ମାଙ୍କ ଦ୍ୱିତୀୟା କନ୍ୟା ଶେଫାଳୀ ଦେବଶର୍ମାଙ୍କୁ ।

ପିତାମାତାଙ୍କର ଦାବୀକୁ ଅଜୟରଞ୍ଜନ ପୂରଣ କଲେ । ବାବୁ ସୁନ୍ଦରଲାଲଙ୍କ ପସନ୍ଦକୁ ପୂରଣ କଲେ କନ୍ୟା ଶେଫାଳୀ ଦେବଶର୍ମା । ତା' ପରେ କିନ୍ତୁ ଏକ ନୂତନ ସମସ୍ୟା ଦେଖା ଦେଲା । ନିଜର ବିକୃତ ରୂପ ପାଇଁ ବାବୁ ସୁନ୍ଦରଲାଲ ପିଲାଦିନୁ ଯେଉଁ ଆତ୍ମଗ୍ଲାନି ଓ ହୀନମ୍ମନ୍ୟତାରେ ଦୁଃଖ ପାଉଥିଲେ ତାହା ଶେଫାଳୀଙ୍କ ନୈକଟ୍ୟ ଓ ସାନିଧ୍ୟରେ ଦୂର ହେବା ପରିବର୍ତ୍ତେ ପ୍ରବଳ ଭାବେ ବୃଦ୍ଧି ପାଇବାକୁ ଲାଗିଲା । ନିଜର ଏକ ଆକର୍ଷଣୀୟ ବ୍ୟକ୍ତିତ୍ୱର ଯେଉଁ ଦାରୁଣ ଅଭାବବୋଧକୁ ଯେ ବିବାହଦ୍ୱାରା ପରିପୂରଣ କରିବାକୁ ଚାହୁଁଥିଲେ ସେହି ଅଭାବବୋଧ ଯେପରି ଦାରୁଣତର ହେବାକୁ ଲାଗିଲା ।

ଶେଫାଳୀଙ୍କର ଅପରୂପ ସୌନ୍ଦର୍ଯ୍ୟ, ଅମାୟିକ ପ୍ରକୃତି ଓ ସ୍ୱଚ୍ଛନ୍ଦ ଚାଲିଚଳନ ହିଁ ବାବୁ ସୁନ୍ଦରଲାଲଙ୍କ ପାଇଁ ହେଲା ଗଭୀର ଚିନ୍ତାର କାରଣ । ତିନୋଟି ଚିନ୍ତାରେ ବାବୁ ସୁନ୍ଦରଲାଲ ଘାରି ହେଲେ, ପ୍ରଥମ ଚିନ୍ତା ସ୍ୱର୍ଗର ଅପ୍ସରାଙ୍କଠାରୁ ବଳି ସୁନ୍ଦରୀ ଶେଫାଳୀ

Digitized by PPRACHIN, SOA

କ'ଣ ତାଙ୍କ ଭଳି କୁରୂପ, କୁତ୍ସିତଦର୍ଶନ ବ୍ୟକ୍ତିକୁ କେବେହେଲେ ସତରେ ଭଲ ପାଉଥିବେ ? ସେ କେବଳ ତାଙ୍କ ପଦବୀକୁ ବିବାହ କରିଛନ୍ତି ।

ଦ୍ୱିତୀୟ ଚିନ୍ତା ହେଲା, ଲୋକେ ଯେତେବେଳେ ଉଭୟ ପତିପତ୍ନୀଙ୍କୁ ଏକାଠି ଦେଖୁଥିବେ ତେବେ ପ୍ରଥମେ ନିଶ୍ଚୟ ବାବୁ ସୁନ୍ଦରଲାଲଙ୍କୁ ସୌନ୍ଦର୍ଯ୍ୟର ପରୀ ଶେଫାଳୀଙ୍କ ଭୃତ୍ୟ ବୋଲି ଭାବୁଥିବେ । ତେଣୁ ଦୁହିଁଙ୍କୁ ଯେତେ କମ୍ ଏକାଠି ଦେଖାଯାଏ ସେତେ ଭଲ । ଏଭଳି ଧାରଣା ବସା ବାନ୍ଧିଲା ତାଙ୍କ ମନରେ । ବାବୁ ସୁନ୍ଦରଲାଲ କେତେଦିନ ଏଭଳି ଉଚ୍ଚଶିକ୍ଷିତା ଓ ସୁନ୍ଦରୀ ତରୁଣୀଙ୍କୁ ନିଜ ପ୍ରତି ଆସକ୍ତ ଓ ଅନୁରକ୍ତ ରଖିପାରିବେ ? ଏ ଥିଲା ତାଙ୍କର ତୃତୀୟ ଚିନ୍ତା ।

ସୁନ୍ଦରଲାଲ ଭାବନ୍ତି ଅନ୍ୟ କୌଣସି ସଂଭ୍ରାନ୍ତ, ସୁଦର୍ଶନ, ବିତ୍ତଶାଳୀ ଓ ମାର୍ଜିତ ବ୍ୟକ୍ତିତ୍ୱସଂପନ୍ନ ଯୁବକ ପ୍ରତି ଶେଫାଳୀ ଆସକ୍ତ ହେବା କ'ଣ ସ୍ୱାଭାବିକ ନୁହେଁକି ? ଯଦି ଶେଫାଳୀ ଦିନେ କେଉଁ ନାୟକର ପ୍ରେମରେ ପଡ଼ିବେ ତେବେ ବାବୁ ସୁନ୍ଦରଲାଲ କ'ଣ ତାଙ୍କୁ ଦୋଷ ଦେଇପାରିବେ ? ଶେଫାଳୀ ଯଦି ତାଙ୍କୁ ଦିନେ ଛାଡ଼ି ଚାଲିଯିବ ତେବେ ବାବୁ ସୁନ୍ଦରଲାଲ ବଞ୍ଚିବେ କିପରି ? ସୌନ୍ଦର୍ଯ୍ୟର ଏଇ ଖଣି ତାଙ୍କର ହାତଛଡ଼ା ହେବାକୁ ଆଉ କେତେଦିନ ବାକୀ ? ଆଉ କାହା ମାର୍ଫତରେ ଶେଫାଳୀଙ୍କୁ ସେ ଛାଡ଼ି ଦେଇ ପାରିବେ ତ ?

ବାବୁ ସୁନ୍ଦରଲାଲଙ୍କର ଏହି ସବୁ ମାନସିକ ଦୁଶ୍ଚିନ୍ତା ତାଙ୍କ ଦୈନନ୍ଦିନ କାର୍ଯ୍ୟରେ ହେଲା ପ୍ରତିଫଳିତ । ସେ ସହରରେ କେତେବେଳେ ହେଲେ କୌଣସି ସାମାଜିକ ଉତ୍ସବ ଅନୁଷ୍ଠାନକୁ ଶେଫାଳୀଙ୍କୁ ସାଙ୍ଗରେ ନେଲେ ନାହିଁ । ବିଭିନ୍ନ ବାହାନା କଲେ ସିନା, ହେଲେ ଶେଫାଳୀ ସଙ୍ଗେ କେବେହେଲେ ବଜାର ବୁଲି ଗଲେ ନାହିଁ । ସବୁବେଳେ ଚିଡ଼ି ଚିଡ଼ି ହେଲେ । ଅନେକ ଅହେତୁକ ଭୟର ସଞ୍ଚାର ତାଙ୍କ ମନକୁ ଏତେ ଗ୍ରାସ କଲା ଯେ ବାବୁ ସୁନ୍ଦରଲାଲ ଆଉ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଗଲେ ନାହିଁ । କେବଳ ଘର ଅଫିସ୍‌ରେ ବସି କାମ କଲେ ।

ସହର ବାହାରକୁ କେଉଁ କାମରେ ଗଲେ ବାବୁ ସୁନ୍ଦରଲାଲ ପତ୍ନୀ ଶେଫାଳୀଙ୍କୁ ବାହାରୁ ତାଲା ପକାଇ ଦେଉଥିଲେ । କାଳେ ଶେଫାଳୀ ଆଉ କାହା ପ୍ରେମରେ ପଡ଼ି, ଧନ ସଂପଦକୁ ତୁଚ୍ଛ ମନେକରି ପଳାୟନ କରିବେ । ହୁଏତ ସେଇ ଭୟରେ ଯଦି କଦବା କେବେ ଶେଫାଳୀ ବାଧ୍ୟ କଲେ ବେଳେବେଳେ ବାବୁ ସୁନ୍ଦରଲାଲ ଗସ୍ତରେ ତାଙ୍କୁ ସାଙ୍ଗରେ ନେଉଥିଲେ । ତେବେ ସର୍କିଟହାଉସ ବା ଡାକବଙ୍ଗଳା ରୁମ୍‌ରେ ଶେଫାଳୀଙ୍କୁ ବାହାରୁ ତାଲା ପକାଇ ସେ ଯାଉଥିଲେ ଗ୍ରାମାଞ୍ଚଳ ଗସ୍ତରେ । ଶିକ୍ଷିତ ଲୋକେ ସେକ୍ସପିୟରଙ୍କ 'ଅଥେଲୋ' ନାଟକର ପୁନରାବୃତ୍ତିର ଆଶଙ୍କା କରୁଥିଲେ ।

Digitized by PPRACHIN, SOA

ବାବୁ ସୁନ୍ଦରଲାଲଙ୍କୁ ନେଇ ଶେଫାଳୀ ଏବେ କରନ୍ତି କ'ଣ ? ରାଜ୍ୟର ସବୁଠାରୁ ସୁନ୍ଦରୀ ପତ୍ନୀ ପାଇବା ପାଇଁ ଯିଏ ଏତେ ଦିନ ଧରି ପାଗଳ ଥିଲେ, ସିଏ ଆଜି ହୁଏତ ଜାଣି ପାରୁନାହାଁନ୍ତି ଏତେ ସୌନ୍ଦର୍ଯ୍ୟ ନେଇ ସେ କେଉଁଠି ଥୋଇବେ ? ବାବୁ ସୁନ୍ଦରଲାଲ ଆଜି ଅଶାନ୍ତ ଓ ସଂପୂର୍ଣ୍ଣ ଭୀତତ୍ରସ୍ତ । ବାବୁଙ୍କ ପିତାମାତା ଦଶଲକ୍ଷ ଟଙ୍କା ନଗଦ ଲାଭ ପାଇ ସଂପୂର୍ଣ୍ଣ ଭାବେ ସନ୍ତୁଷ୍ଟ । ପୁଅ-ବୋହୂଙ୍କଠାରୁ ସେମାନେ ଆଉ କିଛି ହେଲେ ଆଶା ରଖିନାହାନ୍ତି । ତେଣୁ ପୁଅ ବ୍ୟାପାରରେ ସେମାନେ ନିରୁତ୍ସାହ ଓ ନିଶ୍ଚିନ୍ତ । ପୁଅ ଏଡ଼େ ବଡ଼ ଚାକିରି କରିଛି । ବାହା ହୋଇଛି ଏତେବଡ଼ ଘରେ । ତାକୁ କୌଣସି ବିଷୟରେ ଉପଦେଶ ଦେବାର ଧୃଷ୍ଟତା ସେମାନେ କରିବେ କିପରି ? ନିଜ ପୁଅ ନାଁରେ କୌଣସି କଥା ବିଶ୍ୱାସ କରିବାକୁ ସେମାନେ ପ୍ରସ୍ତୁତ ନୁହଁନ୍ତି ।

ନିଜ ପିତାମାତାଙ୍କୁ ଏ ବିଷୟରେ ଅଭିଯୋଗ କରି ସେମାନଙ୍କ ମନରେ ଦୁଃଖ ଦେବାକୁ ଶେଫାଳୀ ଚାହୁଁ ନ ଥିଲେ । ସେମାନେ ତ ତାଙ୍କୁ ସମସ୍ତ ସୁବିଧା ଯୋଗାଇ ଦେଇଛନ୍ତି । ବାବୁ ସୁନ୍ଦରଲାଲଙ୍କର କୌଣସି ବଦଭ୍ୟାସ ନାହିଁ । ବିବାହ ତ ଶେଫାଳୀଙ୍କ ଇଚ୍ଛା ବିରୋଧରେ ହୋଇନାହିଁ । ତେଣୁ ଏବେ ଅଭିଯୋଗ କରି ଲାଭ କ'ଣ ? ଆଜିକାଲି ଅନେକ ଝିଅ ବିବାହ ପରେ ଜୀବନସାରା ବାପା ମା'ଙ୍କ ପାଖରେ ବର ନାଁରେ ଆପତ୍ତି ଅଭିଯୋଗ ଚାଲୁରଖି ଚିରନ୍ତନ ସହାନୁଭୂତି ହାସଲ କରିବା ଚେଷ୍ଟାରେ ଥାଆନ୍ତି । ଶେଫାଳୀ ସେମାନଙ୍କ ମଧ୍ୟରୁ ଜଣେ ନୁହଁନ୍ତି । ପ୍ରଥମ କେତେଦିନ ତାଙ୍କ ମନରେ ଏକ ଭାବନା ଆସିଥିଲା । ନିଜ ମୁହଁକୁ କିଛି ଏସିଡ୍ ଢାଳି ବିକୃତ କରିଦେବେ । ଯାହା ଫଳରେ ତାଙ୍କର ସୌନ୍ଦର୍ଯ୍ୟ ପ୍ରତି ବାବୁ ସୁନ୍ଦରଲାଲଙ୍କ ଆଉ କୌଣସି ଭୟ ରହିବ ନାହିଁ । କିନ୍ତୁ ଭୟ ହେଲା ଯେ ଯଦି ଏହା ପରେ ବାବୁ ସୁନ୍ଦରଲାଲ ତାଙ୍କୁ ପ୍ରତ୍ୟାଖ୍ୟାନ କରି ଅନ୍ୟ ଏକ ବିବାହ କରିବେ ତେବେ ଶେଫାଳୀ ଯିବେ କୁଆଡ଼େ ? ଗୋଟିଏ ଆଶ୍ୱାସନା ଥିଲା ଲୋକଟା ଅନ୍ତତଃ ପଇସା ଖାଉନାହିଁ ।

ବାବୁ ସୁନ୍ଦରଲାଲ ଦିନେ ଅଫିସରେ ଗୋଟିଏ ଘରୋଇ ଚିଠି ପାଇଲେ । ଚିଠିଟି ଖୋଲି ସେ ପଢ଼ିଗଲେ ।

"ମହାଶୟ, ବାବୁ ସୁନ୍ଦରଲାଲ । ଗୋଲାପ ଅତରର ବାସଭଳି ଆପଣଙ୍କ ସୁନାମ ଓ ଖ୍ୟାତି ଆମ ସବ୍‌ଡିଭିଜନରେ ଚାରିଆଡ଼େ ବ୍ୟାପିଗଲାଣି । ଆପଣ ଗରିବ ଲୋକଙ୍କ ତ୍ରାଣକର୍ତ୍ତା ଓ ମାଆ ବାପ । ଆପଣଙ୍କର ଦୃଢ଼ ଶାସନ ଓ ନ୍ୟାୟପ୍ରଦାନରେ ସମସ୍ତେ ଖୁସି । ଆପଣ ନିଜ ରୂପ ନେଇ ଚିନ୍ତିତ । ଲୋକେ କିନ୍ତୁ ଆପଣଙ୍କ ଗୁଣ ପାଇଁ ଭଲ ପାଆନ୍ତି । ଆପଣଙ୍କ ଚେଷ୍ଟାରେ ଚୋରାମଦ,

Digitized by PPRACHIN, SOA

ଅଫିମ, ଗଞ୍ଜେଇ, ଡ୍ରଗ୍‌ସ କାରବାର ଆମ ଅଞ୍ଚଳରେ ପୂରା ବନ୍ଦ ହୋଇଛି । ସଟା ଖେଳ ଓ ଜୁଆ ମଧ୍ୟ ପ୍ରାୟ ବନ୍ଦ ହୋଇଛି । ଚାଉଳ, ଗହମ, ଚିନି, କିରୋସିନି ଏ ସମସ୍ତ ମିଳୁଛି ସୁଲଭ ମୂଲ୍ୟରେ । ଚାରିଆଡ଼େ ଆପଣଙ୍କର ସାଧୁତାର ଜୟ ଜୟକାର । ମୁନାଫାଖୋର, ବେଆଇନ ମହଜୁଦକାରୀ ଓ କଳାବଜାରୀ ବ୍ୟବସାୟୀମାନଙ୍କୁ ଆପଣ ପଠାଇଛନ୍ତି ଜେଲକୁ ।

ଅନେକ ଦପ୍ତରରୁ ଦୁର୍ନୀତିକୁ ଆପଣ ଦୂର କରିଛନ୍ତି । ଆପଣଙ୍କ ସମୟରେ ଅନେକ ଲାଞ୍ଚୁଆ ଅଫିସର ଓ ଇଂଜିନିୟର ଧରାପଡ଼ି ଏବେ ଜେଲରେ ଘଣା ପେଲୁଛନ୍ତି । କିନ୍ତୁ ଆପଣ କଲେଣି ଅନେକ ଶତ୍ରୁ ଅର୍ଜନ । ଆପଣଙ୍କ ସୁନାମରେ ଜଳୁଛନ୍ତି ଅନେକ ଈର୍ଷାରେ । ଆପଣଙ୍କୁ ଏଠାରୁ ବିଦାୟ ନକଲେ ଦୁର୍ନୀତିଗ୍ରସ୍ତମାନେ ଶାନ୍ତିରେ ନିଶ୍ୱାସ ନେବେ କିପରି ? ମନ୍ତ୍ରୀ, ସାଂସଦ ବା ବିଧାନପରିଷଦର ସଭ୍ୟମାନଙ୍କୁ ଧରି ସେମାନେ ଆପଣଙ୍କର ସାଧାରଣ ବଦଳି କରିବେ ନାହିଁ । ଏକ ଷଡ଼ଯନ୍ତ୍ର ଚାଲିଛି । ଆପଣ ଗସ୍ତରେ ଏକୁଟିଆ ଗଲାବେଳେ, ସହରରେ ପ୍ରାତଃ ବା ସାନ୍ଧ୍ୟ ଭ୍ରମଣରେ ଏକୁଟିଆ ବୁଲୁଥିଲା ବେଳେ ବା ଜିଲ୍ଲା ବା ପ୍ରଦେଶ ରାଜଧାନୀକୁ ସରକାରୀ କାମରେ ଗଲାବେଳେ, ସେମାନେ ଆପଣଙ୍କ ପାଖକୁ କୌଣସି ତଥାକଥିତ ଉଚ୍ଚ ସମାଜର ନଷ୍ଟଚରିତ୍ରର ଯୁବତୀକୁ ଆପଣଙ୍କୁ ଦୁଃଖ ଜଣାଇବା ବାହାନାରେ ପଠାଇବେ । ଆପଣଙ୍କୁ ଏକୁଟିଆ ଦେଖି ସେ ଆପଣଙ୍କ ପାଖକୁ ଲାଗି ଆସିବ ଏବଂ ଆପଣଙ୍କୁ ଭିଡ଼ିଧରିବ । ସଙ୍ଗେ ସଙ୍ଗେ ଆପଣ ତା ଉପରେ ବଳାତ୍କାର ଉଦ୍ୟମ କରୁଥିଲେ ବୋଲି ଚିତ୍କାର କରିବ । ଆପଣଙ୍କର କେହି ସାକ୍ଷୀ ନ ଥିବେ । ଆଗରୁ ଜଗି ରହିଥିବା ଲୋକେ ଜମା ହୋଇଯାଇ ଆପଣଙ୍କୁ ଅପଦସ୍ଥ ଅବସ୍ଥାରେ ପକାଇବେ । ଏହିପରି ଆଉ ଜଣେ ସ୍ତ୍ରୀଲୋକ ଖୋଜାପଡୁଛି ଯିଏ ଅଳ୍ପ କିଛି ଦିନ ପରେ ଗର୍ଭରେ ଥିବା ତାର ଅବୈଧ ସନ୍ତାନର ପିତା ଭାବେ ଆପଣଙ୍କୁ ହିଁ ଅଙ୍ଗୁଳି ନିର୍ଦ୍ଦେଶ କରିବ । ଏହିପରି ବଦନାମ ହେଲେ ଆପଣ ନିଲମ୍ବିତ ହେବେ ଏବଂ ଅପଦସ୍ଥ ହେବେ । ପରେ ଆପଣ କେଶ୍‌ରେ ଖଲାସ ହେଲେ ମଧ୍ୟ ଆପଣଙ୍କର ନିର୍ମଳ ଭାବମୂର୍ତ୍ତିରେ ଯେଉଁ କଳାଦାଗ ଲାଗିବ ସେକଥା ଭାବନ୍ତୁ । ସାବଧାନ ଥିବେ ।ଇତି ।

ଆପଣଙ୍କର ଶୁଭଚିନ୍ତକ

ବାବୁ ସୁନ୍ଦରଲାଲଙ୍କ ଚାଲି ଚଳନ ଓ ବ୍ୟବହାରରେ ଏ ଚିଠି ପଢ଼ିଲା ପରେ ଏବେ ଅନେକ ପରିବର୍ତ୍ତନ । ତାଙ୍କର କାର୍ଯ୍ୟ ଯେ ଲୋକମାନଙ୍କ ଦ୍ୱାରା ଏତେ ଆଦୃତ, ଏକଥା ତାଙ୍କୁ ପ୍ରଥମେ କେହି ଜଣାଇ ନ ଥିଲା । ବିବାହ ପରେ ତାଙ୍କର ଆତ୍ମସମ୍ମାନବୋଧକୁ ଯେଉଁ ଧକ୍କା ଆସିଥିଲା ସେଥିରୁ ସେ ଅନେକାଂଶରେ

Digitized by PPRACHIN, SOA

ନିଜକୁ ମୁକ୍ତ ମନେକଲେ । ସମାଜ ଓ ପ୍ରଶାସନ ପାଇଁ ସେ କେତେ ଉପଯୋଗୀ, ତାଙ୍କର କିଛି ଧାରଣା ହେଲା । ସେ ଏବେ ଯେଉଁ ଆଡ଼େ ଗସ୍ତରେ ଯାଉଛନ୍ତି ସାଙ୍ଗରେ ନେଉଛନ୍ତି ଶେଫାଳୀଙ୍କୁ । ଏପରିକି ରାତ୍ରରହଣି ନ ଥିଲେ ମଧ୍ୟ ଶେଫାଳୀ ତାଙ୍କ ସଙ୍ଗେ ସଙ୍ଗେ ଯାଉଛନ୍ତି । ପ୍ରାତଃଭ୍ରମଣ, ସାନ୍ଧ୍ୟ ଭ୍ରମଣ, ବଜାର କରିବା, ବନ୍ଧୁ ମିଳନ, ସବୁ ସ୍ଥାନରେ ଓ ସବୁ କାର୍ଯ୍ୟରେ ଶେଫାଳୀଙ୍କୁ ନ ନେଲେ ବାବୁ ସୁନ୍ଦରଲାଲ ଆଉ କେଉଁ ଆଡ଼େ ଯାଉନାହାନ୍ତି । ପୂର୍ବଭଳି ଆଉ ଛାଡ଼ ବାଡ଼ ଭାବ ନାହିଁ ଦୁହିଁଙ୍କ ମଧ୍ୟରେ । ସୁନ୍ଦରୀ ପତ୍ନୀଙ୍କ ସାନିଧ୍ୟରେ ବାବୁ ସୁନ୍ଦରଲାଲ ଆଉ ନିଜକୁ ଛୋଟ ମଣୁ ନାହାନ୍ତି । ଶେଫାଳୀ ମଧ୍ୟ ନିଜର ଚାଲିଚଳନ ଓ ବ୍ୟବହାରରେ ପ୍ରମାଣିତ କରୁଛନ୍ତି ଯେପରି ସେ ବାବୁ ସୁନ୍ଦର ଲାଲଙ୍କ ଉପରେ ଅତ୍ୟନ୍ତ ନିର୍ଭରଶୀଳା । ଉଚ୍ଚବିଦ୍ୟାଳୟ ବା ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ବା କୌଣସି ସାଂସ୍କୃତିକ ସଂଘ ଦ୍ୱାରା ଆୟୋଜିତ ନାଟକ ବା ମହିଳା ସମିତି ଦ୍ୱାରା ଆୟୋଜିତ ପ୍ରଦର୍ଶନୀରେ ବାବୁ ସୁନ୍ଦରଲାଲ ଉଦ୍‌ଘାଟକ ଥିଲେ ଶେଫାଳୀ ହୁଅନ୍ତି ମୁଖ୍ୟ ଅତିଥି ।

ବାବୁ ସୁନ୍ଦରଲାଲ ନିଜକୁ ଆଉ କେବେହେଲେ ଅସୁନ୍ଦର ମନେକଲେ ନାହିଁ । ପରିବାରର ଶାନ୍ତି ଫେରି ଆସିଲା ।

Digitized by PPRACHIN, SOA

ସର୍ବୋଦୟ ଯୋଜନା

ମହାକଙ୍ଗୋଦ ରାଜ୍ୟରେ ସେ ବର୍ଷ ଚାଲିଥାଏ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ବିତର୍କ । ଗୋଟିଏ ପଟେ ଥାଆନ୍ତି ସେଓ ଫଳ ଚାଷୀଦଳ । ସେମାନଙ୍କର ଦାବୀ ହେଲା ସେଓରୁ ପ୍ରସ୍ତୁତ ମଦ ସ୍ୱାସ୍ଥ୍ୟପକ୍ଷେ ହିତକର । ସେଓ ନିଜେ ସମସ୍ତ ଭିଟାମିନ୍‌ରେ ଭରପୁର । ସେଓ ଫଳର ନିର୍ଯାସରୁ ଯେଉଁ ମଦିରା ପ୍ରସ୍ତୁତ ହୁଏ ସେଥିରେ ଭିଟାମିନ୍‌ର ପରିମାଣ ଆହୁରି ବେଶୀ । ଏ ମଦ ତିଆରି ହୁଏ ଉନ୍ନତଧରଣର କାରଖାନାରେ । ମଣିଷ ହାତ ଲାଗେ ନାହିଁ । ଏହା ଠିପି ବନ୍ଦ କରା ବୋତଲରେ ବା ପଲିପ୍ୟାକ୍‌ରେ ବିକ୍ରୀ ହୁଏ । ଏଥିରେ ଜୀବାଣୁ ବା ଭୂତାଣୁ ନ ଥାନ୍ତି । ଏଥିରେ ଅପମିଶ୍ରଣ ସମ୍ଭବ ନୁହେଁ ତେଣୁ ଏହା କେବଳ ନିରାପଦ ନୁହେଁ, ଅଧିକନ୍ତୁ ସ୍ୱାସ୍ଥ୍ୟ ଓ ଶକ୍ତି ବର୍ଦ୍ଧକ ।

ତର୍କର ଅନ୍ୟ ପଟେ ଥାଆନ୍ତି ଆଖୁଚାଷୀ ଦଳ । ଏମାନଙ୍କର ଦାବୀ ହେଲା ଯେ ଆଖୁ ରସରୁ ଗୁଡ଼ ତିଆରି ହୁଏ । ଗୁଡ଼ରୁ ତିଆରି ମଦ ହିଁ ମହା କଂଗୋଦ ରାଜ୍ୟ ପାଇଁ ଉପଯୁକ୍ତ । ଏଥିପାଇଁ ଗୁରୁଶିଳ୍ପ ଆବଶ୍ୟକ ହୁଏ ନାହିଁ । ଏହା ଏକ କୃଷିଭିତ୍ତିକ କୁଟୀରଶିଳ୍ପ । ମହାକଙ୍ଗୋଦର ସବୁ ଗାଁରେ ଆଖୁଚାଷ ହୁଏ । ଗାଁ ମୁଣ୍ଡ ଭାଟିରେ ଗୁଡ଼ ରନ୍ଧା ହୋଇ ସେଥିରୁ ମଦ ପ୍ରସ୍ତୁତ କରାଯାଇଥାଏ । ତେଣୁ ମହାକଙ୍ଗୋଦ ସରକାରଙ୍କର କୃଷିନୀତି ପାଇଁ ଏହା ଅନୁକୂଳ । ବଡ଼ ବଡ଼ କଳକାରଖାନାରେ ଅର୍ଥବ୍ୟୟ ନ କରି ରାଜ୍ୟରେ ଉତ୍ପାଦିତ ହେଉଥିବା ପ୍ରଚୁର ଆଖୁରୁ ଗାଁ ମୁଣ୍ଡରେ ଯେଉଁ ମଦ କୁଟୀରଶିଳ୍ପ ଭଳି ପ୍ରସ୍ତୁତ ହୋଇପାରିବ, ତାକୁ ହିଁ ସମସ୍ତ ପ୍ରୋତ୍ସାହନ ଦେବା ଆବଶ୍ୟକ । ଏହା ବାସ୍ତବରେ ଏକ ଦାରିଦ୍ର୍ୟ ଦୂରୀକରଣ ଯୋଜନା ।

ଗୁଡ଼ରୁ ତିଆରି ମଦ ବିଷୟରେ ଆହୁରି ତିନୋଟି ବଳିଷ୍ଠ ଯୁକ୍ତି ପେସ୍ କରାଯାଏ । ଗୋଟିଏ ହେଲା ଏହା କ୍ଷୁଦ୍ର ଓ ନାମମାତ୍ର ଚାଷୀ, ଆଦିବାସୀ ଓ ଦୁର୍ବଳ ଶ୍ରେଣୀର ଚାଷୀଙ୍କ ସ୍ୱାର୍ଥ ରକ୍ଷା କରିବ । ଆଖୁର ମୂଲ୍ୟବୃଦ୍ଧି ହେଲେ ଚାଷୀର ଲାଭ । ସେଓ ଫଳ କେବଳ ବଡ଼ ବଡ଼ ଚାଷୀମାନଙ୍କ ବଗିଚାରେ ଉତ୍ପାଦିତ ହୁଏ । ଏହା କେବଳ ପୁଞ୍ଜିପତିମାନଙ୍କ ଫଳ । ମହାକଙ୍ଗୋଦର ରାଜା ଇଚ୍ଛାକଲେ ବେଶୀ ସେଓ ବଗିଚା ସୃଷ୍ଟି କରି ପାରିବେ ନାହିଁ । କିନ୍ତୁ ଜଳସେଚନର ବ୍ୟବସ୍ଥା ଥିଲେ ପ୍ରତି ବର୍ଗଫୁଟ ଜମିରେ ଆଖୁ ଚାଷ କରାଯାଇପାରିବ ।

Digitized by PPRACHIN, SOA

ଦ୍ୱିତୀୟ ଯୁକ୍ତି, ଗୁଡ଼ରୁ ତିଆରି ମଦ ଗ୍ରାମାଞ୍ଚଳରେ ଅନେକ ନିଯୁକ୍ତିର ସମ୍ଭାବନା ସୃଷ୍ଟି କରିବ । ଆଖୁଚାଷୀ ଆଖୁ କାଟିବା, ଆଖୁ ପେଡ଼ା, ଗୁଡ଼ ତିଆରି, ଗୁଡ଼ରୁ ପୋଚ ତିଆରି, ମଦ ରନ୍ଧା, ଟିଣରେ ଭର୍ତ୍ତି କରିବା ଏବଂ ମଦ ପରିବହନ ଓ ବିକ୍ରୟରେ ସହସ୍ରାଧିକ ଲୋକ ନିଯୁକ୍ତି ପାଇପାରିବେ ।

ତୃତୀୟ ଯୁକ୍ତି ହେଲା ଏହି ମଦରେ ଗାଁଗହଳିରେ ସହଜରେ ମିଳୁଥିବା ଏଣ୍ଡୁଅ, ଝିଟିପିଟି, ରାସାୟୟନିକ ବସ୍ତୁ ଆଉ ଧୂତୁରା ମଞ୍ଜି ମିଶାଇ ଏହାର ଶକ୍ତିକୁ ବହୁଗୁଣରେ ବର୍ଦ୍ଧିତ କରିହେବ ଯାହାକି ଠିପି ବନ୍ଦ କରା ସେଓ ମଦରେ ସମ୍ଭବ ନୁହେଁ ।

ମହାକଙ୍ଗୋଦ ରାଜ୍ୟର ରାଜଧାନୀ ତୋଷାଳୀ ପାଟଣାରେ ସେଓ ମଦ ସପକ୍ଷରେ ଏକ ବିରାଟ ଶୋଭାଯାତ୍ରା ଓ ସଭା ସଙ୍ଗଠିତ ହେଲା । ଆଖୁମଦ କିଭଳି ରାଜ୍ୟର ଗ୍ରାମ୍ୟ ଅର୍ଥନୀତିକୁ ବିପର୍ଯ୍ୟସ୍ତ କରୁଛି, ଦରିଦ୍ର ଲୋକଙ୍କୁ ତଳି ତଳାନ୍ତ କରୁଛି, ସେ ବିଷୟରେ ବିଭିନ୍ନ ପ୍ରାଚୀରପତ୍ର ତୋଷାଳୀ ପାଟଣାର କାନ୍ଥ ଓ ପ୍ରାଚୀରମାନଙ୍କରେ ଶୋଭା ପାଇଲା । ଆଖୁମଦର ଭାଟିବାଲାମାନେ କିଭଳି ଜମିବାଡ଼ି ବନ୍ଧା ରଖି ବାକିରେ ମଦ ବିକ୍ରୟ କରନ୍ତି, ଦରିଦ୍ର ଲୋକେ ନିଜ ସ୍ତ୍ରୀର ଅଳଙ୍କାର ଭାଟିରେ ବନ୍ଧା ପକାଇ ଗାଈ ଛେଳି ବିକ୍ରୀ କରି ମଦ ପିଅନ୍ତି, ଭାଟିରେ ପୋଷା ଯାଉଥିବା ଗୁଣ୍ଡାମାନେ କିଭଳି ଗାଁରେ ଚୋରି, ଡକାୟତି ଓ ନାରୀଧର୍ଷଣ ଆଦି ଅପରାଧରେ ଲିପ୍ତ ଥାଆନ୍ତି, ସେ ସମସ୍ତ ବିବରଣୀ ସଭାମାନଙ୍କରେ ବକ୍ତୃତାରେ କୁହାଗଲା ।

ସାମ୍ବାଦିକ ରାମ ଅବତାର ବର୍ମା ଏହି ସେଓମଦ ସପକ୍ଷରେ ଡକାଯାଉଥିବା ସଭାରେ ଯୋଗଦେଇ ଫେରିବା ବାଟରେ ତାଙ୍କର ଦେଖାହେଲା ଶଙ୍କରଲାଲ ସେଠଙ୍କ ସହ । ଆଖୁମଦ, ସାରା ରାଜ୍ୟରେ ପ୍ରଚଳିତ ଥିଲାବେଳେ ତିନୋଟି ପ୍ରାନ୍ତର ସବୁ ମଦଦୋକାନ ଶେଠଜୀ ଓ ତାଙ୍କ ପରିବାରର ଲୋକଙ୍କ ଠିକା ନେଉଥିଲେ । ଏବେ ତାଙ୍କୁ ସେଓ ମଦ ସପକ୍ଷରେ ଆନ୍ଦୋଳନକାରୀମାନଙ୍କର ପୃଷ୍ଠପୋଷକତା କରୁଥିବାର ଦେଖି ସାମ୍ବାଦିକ ରାମ ଅବତାର ଆଶ୍ଚର୍ଯ୍ୟ ପ୍ରକାଶ କଲେ । ‘‘ଶେଠଜୀ, ଆପଣ କ’ଣ ଦଳ ପରିବର୍ତ୍ତନ କଲେ ? ଆପଣ ତ ଆଖୁମଦର କୁଳଗୁରୁ ବୋଲାଉଥିଲେ । ଆଜି ଏପଟେ ସେଓମଦ ସପକ୍ଷରେ ଆପଣ ଆନ୍ଦୋଳନ କରୁଛନ୍ତି ’’ ?

ଶଙ୍କରଲାଲ ଉତ୍ତର କଲେ, ‘‘ବର୍ମାବାବୁ, ଆମେ ସେଓର ଦାସ ନୁହଁ କିମ୍ବା ଆଖୁର ଦାସ ନୁହଁ । ଆମେ ପଇସାର ଦାସ । ଆଗେ ଆଖୁମଦର ଭାଟି

Digitized by PPRACHIN, SOA

ନିଲାମ ନେଉଥିଲୁ, ଏବେ ସେଓମଦର ଠିପି ବନ୍ଦ ଦୋକାନ ନିଲାମ ନେଉଛୁ । ଏଥିରେ କିନ୍ତୁ ବେଶୀ ଲାଭ'' ।

ସାମ୍ୟବାଦିକ ରାମ ଅବତାରଙ୍କ ମୁଣ୍ଡରେ ଏ ଗହନ କଥାଟି ପଶିଲା ନାହିଁ । ସେ ଜାଣିଥିଲେ ଯେ ସେଓ ମଦର ଦାମ ବେଶୀ । ଗରିବ ଲୋକେ ତାହା କିଣି ପାରୁନାହାନ୍ତି । ତେଣୁ ଗାଁଗହଳିରେ ମଦ ପିଇବା କମିଯାଇଛି । ସେ ପୁଣି ପଚାରିଲେ ''ଶେଠଜୀ, ଆପଣ କଥାଟି ମୋତେ ବୁଝାଇ କୁହନ୍ତୁ । ମୁଁ ତ ମୋଟେ ବୁଝି ପାରୁନାହିଁ, ଏ ଦାମିକିଆ ଠିପି ବନ୍ଦ ସେଓମଦରେ ଆପଣଙ୍କର ବେଶୀ ଲାଭ କିପରି ହେଉଛି ?

ଶଙ୍କରଲାଲ ଶେଠ୍‌ଙ୍କ ମୁହଁରେ ଉକୁଟିଉଠିଲା ଅଟ୍ଟହସ— ''ବୁଝିଲେ ରାମାବତାର ବାବୁ, ଠିପି ବନ୍ଦ ସେଓମଦ ପାଇଁ ରାଜାଙ୍କ ପ୍ରାପ୍ୟ ଶୁଲ୍‌କ ଦେଇ ଦେଲାପରେ ଆମେ ତା ଭିତରେ କ'ଣ ବିକୁଛୁ ସେ କଥା କ'ଣ ରାଜା ଦେଖୁଛନ୍ତି ? ଆମର ପୂର୍ବଭଳି ଆଖୁମଦ ଭାଟି ଚାଲିଛି । ପୂର୍ବେ ଶାସକୀୟ ଅନୁମୋଦିତ ଭାବେ ଚାଲୁଥିଲା, ଏବେ ଚୋରାରେ ଚାଲିଛି । ପୂର୍ବେ ପ୍ରାନ୍ତ ପିଛା କୋଡ଼ିଏ ପଚିଶଟି ଦୋକାନ ନିଲାମରେ ଧରି ତା' ପାଇଁ ଅର୍ଥ ଦେବାକୁ ପଡୁଥିଲା । ଏବେ ଗୋଟିଏ ପ୍ରାନ୍ତରେ ଗୋଟିଏ ବା ଦୁଇଟି ବଡ଼ ଭାଟି ଜଙ୍ଗଲ ମଧ୍ୟରେ ଚୋରାରେ ଚାଲିଛି । ସେଠାରେ ଆଖୁମଦ ତିଆରି ହୋଇ ପ୍ରାନ୍ତସାରା ଖୁଚୁରା ଦୋକାନକୁ ପଠାହେଉଛି । ଠିପିବନ୍ଦ ସେଓମଦ ଦୋକାନ ମଧ୍ୟ ଆମର । ଯିଏ ପ୍ରକୃତରେ ସେଓମଦ ପିଇବାକୁ ଚାହୁଁଛି ସିଏ ତାକୁ କିଣୁଛି । ଅନ୍ୟମାନେ ସେଇ ବୋତଲରେ ଆଖୁମଦ କିଣୁଛନ୍ତି । ଉଭାରେ ଦଶଟା ଦୋକାନ ନିଲାମ ନେଲେ ଆମେ ଚୋରାରେ ତିରିଶଟା ଦୋକାନ ଚଳାଉ ।''

—''ପୂର୍ବେ ଆମକୁ ଭାଟି ପିଛା ଆଖୁ କିଣା ରସିଦ୍ ଉପରେ ହିସାବ କରି ଶୁଲ୍‌କ ଦେବାକୁ ପଡୁଥିଲା । ଏବେ ତ ଆମେ ସରକାରୀ ଭାବେ ଆଖୁମଦ ଆଦୌ ତିଆରି କରୁନାହୁଁ । ଆମେ କେତେ ଆଖୁ କାହାଠାରୁ କିଣିଲୁ, ତାହା ଆଉ କାହାରି ମୁଣ୍ଡ ବ୍ୟଥାର କାରଣ ନୁହେଁ । ଆମେ ଚାହୁଁ ଶାସକୀୟ ଭାବେ ଆଖୁମଦର ସଂପୂର୍ଣ୍ଣ ନିରାକରଣ ହେଉ । ଲୋକେ ସ୍ୱାସ୍ଥ୍ୟ ବର୍ଦ୍ଧକ ଓ ନିରାପଦ ଠିପି ବନ୍ଦ ସେଓ ମଦ ପିଅନ୍ତୁ । ଏଥି ପାଇଁ ଆମେ ଆନ୍ଦୋଳନ କରି ଚାଲିବୁ ।''

ଏହାର ଦୁଇ ସପ୍ତାହ ପରେ ତୋଷାଳୀ ପାଟଣାଠାରେ ଆଖୁମଦ ସପକ୍ଷରେ ଆଉ ଗୋଟିଏ ବିଶାଳ ଶୋଭାଯାତ୍ରା ବାହାରିଲା । ସଭାର ଆୟୋଜନ ହେଲା । ପୂର୍ବ ସଭା ଅପେକ୍ଷା ଏଥିରେ ଦୁଇଗୁଣ ଲୋକ ଯୋଗ ଦେଇଥିଲେ । ସାମ୍ୟବାଦିକ ବର୍ମା ଏ ସଭାଟିର ଆୟୋଜକମାନଙ୍କ ମଧ୍ୟରୁ କେତେଜଣଙ୍କୁ ଜାଣିଥିଲେ । ସେମାନଙ୍କ

Digitized by PPRACHIN, SOA

ସଂଗେ କଥୋପକଥନରୁ ସେ ବୁଝିଲେ ଯେ ଏହି ଆନ୍ଦୋଳନ ପାଇଁ ଅର୍ଦ୍ଧେକ ଅର୍ଥ ଦେଇଥିଲେ ମହାକଙ୍ଗୋଦ ରାଜ୍ୟର ଏକମାତ୍ର ସେଓମଦ ତିଆରି କାରଖାନାର ମାଲିକ ଅମର ସିଂହ ରାଠୋଡ ।

ରାଠୋଡଜୀଙ୍କୁ ଦେଖାକରି ଶ୍ରୀ ରାମ ଅବତାର ପଚାରିଲେ ଏହାର ରହସ୍ୟ । ରାଠୋରଜୀ ବୁଝାଇଦେଲେ । ସେଓମଦ ଯଦି ରାଜ୍ୟ ସାରା ପ୍ରଚଳିତ ହୁଏ ତେବେ ମଧ୍ୟ ରାଠୋରଜୀଙ୍କ କଂପାନୀର ଲାଭ ମାତ୍ରା ଅତି କମ୍ । ଶତକଡ଼ା ଅଶୀ ଭାଗ ସେଓମଦ ଦୋକାନ ନିଲାମ ନେଇଥିବା ବ୍ୟବସାୟୀ କେବଳ କାଗଜ କଲମରେ ସେଓମଦ କିଣନ୍ତି ଓ ବିକନ୍ତି । ଏହି ବୋତଲ ସବୁ ଦୋକାନରେ କେବଳ ସଜଡ଼ା ହୋଇ ରଖାଯାଇଥାଏ । ହିସାବ ଅନୁସାରେ ଶୁଳ୍କ ପଇଠ ହେଲେ ରାଜ-କର୍ମଚାରୀମାନେ ସନ୍ତୁଷ୍ଟ । ପ୍ରକୃତରେ ଏହି ବ୍ୟବସାୟୀମାନେ ଲୁଚା ଚୋରାରେ ଆଖୁମଦ ହିଁ ବିକ୍ରୀ କରନ୍ତି । ତେଣୁ ରାଜ୍ୟରେ କେତେକ ପ୍ରାନ୍ତରେ ଆଖୁମଦ ପ୍ରଚଳିତ ହେଲେ ଚୋରାରେ ସେହି ପ୍ରାନ୍ତମାନଙ୍କରୁ ଯଥେଷ୍ଟ ଆଖୁମଦ ଆସି ଏହି ଦୋକାନ ଗୁଡ଼ିକରେ ବିକ୍ରୀ ହୋଇ ପାରିବ'' ।

ଏହି ଆଖୁମଦ ବିକ୍ରୀରୁ ଯେଉଁ ଲାଭ ହେବ ସେଥିରେ ଶାସକୀୟ ନିଲାମ ନେଇଥିବା ସେଓମଦ ଦୋକାନୀମାନେ ବର୍ଷ ପରେ ବର୍ଷ ବର୍ଦ୍ଧିତ ଶୁଳ୍କ ଦେଇ ନିଲାମ ଡାକିବେ । ସେଓମଦ କାରଖାନା ଚାଲୁ ରହିବା ପାଇଁ ଯାହା ଅର୍ଥର ଆବଶ୍ୟକତା ରହିଛି ତାହା ରାଠେରଜୀ ଅନ୍ୟବାଟେ ଆଦାୟ କରନ୍ତି । ଅନେକ ପ୍ରାନ୍ତରେ ସେ ନିଜେ ନେଇଥିବା ଶାସକୀୟ ଆଖୁମଦ ଠିକା ଦୋକାନ ଓ ତାର ତିନିଗୁଣ ସଂଖ୍ୟାରେ ଥିବା ଚୋରାଦୋକାନରୁ ସେ ଅର୍ଥ ଆସେ । ଆଖୁମଦ ସପକ୍ଷରେ ବେଳେବେଳେ ଆନ୍ଦୋଳନ ନତେଜିଲେ କାଳେ ମହା କଙ୍ଗୋଦ ରାଜା ସାରା ରାଜ୍ୟରେ ସେଓମଦ ପ୍ରଚଳନ କରିବା ପାଇଁ ଆଦେଶ ଜାରି କରିବେ, ସେହି ସମ୍ଭାବନାକୁ ଏଡ଼ାଇ ଦେବା ପାଇଁ ହିଁ ରାଠୋରଜୀ ଆଖୁମଦ ଆନ୍ଦୋଳନକୁ କରୁଛନ୍ତି ଯଥେଷ୍ଟ ଅର୍ଥ ସାହାଯ୍ୟ । ପରସ୍ପର ସହ ପ୍ରତିଯୋଗିତା କରି ବ୍ୟବସାୟୀମାନେ ସେଓମଦ ଦୋକାନ ଏତେ ଅଧିକ ଶୁଳ୍କରେ ନିଲାମ ନିଅନ୍ତି ଯେ ବର୍ଷ ସାରା ସେଓମଦ ଲିଖିତ ଦାମରେ ବିକ୍ରୀ କଲେ ମଧ୍ୟ କେହି କୌଣସି ଲାଭ କରିପାରିବେ ନାହିଁ । ତେଣୁ ଠିପିବନ୍ଦ ସେଓମଦ ସଂଗେ ତାଳ ଦେଇ ଠିପି ଖୋଲା ଆଖୁମଦ ପ୍ରତ୍ୟେକ ଦୋକାନରେ ଏବଂ ଅନ୍ୟାନ୍ୟ ଅନେକ ସ୍ଥାନରେ ଚୋରାରେ ବିକ୍ରୀ ହୁଏ । ମହାକଙ୍ଗୋଦର ରାଜକର୍ମଚାରୀମାନେ ମଧ୍ୟ ସନ୍ତୁଷ୍ଟ । ରାଜ୍ୟର ବିତ୍ତ ମନ୍ତ୍ରୀ ବର୍ଦ୍ଧିତ ରାଜସ୍ୱ ପାଇ ସନ୍ତୁଷ୍ଟ । ଏହା ବାସ୍ତବରେ ଏକ ସର୍ବୋଦୟ ଯୋଜନା କାରଣ ଏଥିରେ ଜନ ସାଧାରଣ, ବ୍ୟବସାୟୀ, ରାଜ-କର୍ମଚାରୀ ଓ ରାଜା

Digitized by PPRACHIN, SOA

ସମସ୍ତେ ଖୁସି । ଏହା ଏକ ସୁଚିନ୍ତିତ, ଅତି ଉତ୍ତମ ଭାବେ ସନ୍ତୁଳିତ ବାସ୍ତବବାଦୀ ଯୋଜନା । ଏଥିରେ କଳ୍ପନାବିଳାସ ବା ଫମ୍ପା ଆଦର୍ଶବାଦର ସ୍ଥାନ ଆଦୌ ନାହିଁ । ପଡୋଶୀ ରାଜ୍ୟ ଗୁର୍ଜରରେ ଯେତେବେଳେ ନିଶା ନିବାରଣ ହୁଏ ସେତେବେଳେ ମହାକଙ୍ଗୋଦର ବ୍ୟବସାୟୀମାନଙ୍କର ଆୟ ଚାରିଗୁଣ ବୃଦ୍ଧି ପାଏ । ପଡ଼ୋଶୀ ରାଜ୍ୟରେ କେବଳ ମଦମୃତ୍ୟୁ ବୃଦ୍ଧି ପାଏ । ତେଣୁ ମହାକଙ୍ଗୋଦର ରାଜା ନିଶା ନିବାରଣ ଭଳି ଉଦ୍ଭଟ ଓ ଅବାସ୍ତବ କାର୍ଯ୍ୟକ୍ରମ ପଛରେ କେବେ ଗୋଡ଼ାନ୍ତି ନାହିଁ ।

ସାମ୍ବାଦିକ ରାମ ଅବତାର୍ ବର୍ମାଙ୍କ ମୁଣ୍ଡରୁ ସବୁ ସନ୍ଦେହ ଦୂର ହେଲା । ''ରାଠୋରଜୀ, ଆପଣଙ୍କ ପୁଅ ବିକ୍ରମ ପାଇଁ ଶଙ୍କରଲାଲ ଶେଠ୍‌ଙ୍କ ଝିଅ ଉର୍ବଶୀର ପ୍ରସ୍ତାବ ପକାଇଲେ କେମିତି ହୁଅନ୍ତା ? ଆଖୁ ପରିବାର ଓ ସେଓ ପରିବାର ମଧ୍ୟରେ ସମସ୍ତ ବିବାଦ ଦୂର ହୁଅନ୍ତା । ରାଠୋରଜୀ ସମ୍ମତିସୂଚକ ହସଟିଏ ହସି ଚୁପ୍ ରହିଲେ ।

Digitized by PPRACHIN, SOA

ପରାଜିତ କାଳିଦାସ

ମଦ୍ର ଏକ ଉଚ୍ଚଶିକ୍ଷିତ ରାଜ୍ୟ । ଅନ୍ୟ ରାଜ୍ୟରେ ପ୍ରତି ଉପଖଣ୍ଡରେ ଗୋଟିଏ ଦୁଇଟି କଲେଜ ଥିଲାବେଳେ ମଦ୍ର ଗଣରାଜ୍ୟରେ ପ୍ରତି ପଞ୍ଚାୟତ ସମିତିରେ ହାରାହାରି ତିନୋଟିରୁ ଚାରୋଟି କଲେଜ । କ୍ରମାନ୍ୱୟରେ ବଢ଼ିଚାଲେ ପ୍ରତିବର୍ଷ ପ୍ରାୟ ନୂଆ ପଚାଶ ଷାଠିଏଟି କଲେଜ ।

ସିନେମା, ପତ୍ରିକା ଓ ଖବରକାଗଜ କ୍ଷେତ୍ରରେ ଜନ୍ମ ଆଗରୁ ସେ ଗୁଡ଼ିକର ନାମ ହୁଏ ପଞ୍ଜୀକୃତ । ଠିକ୍ ସେହିପରି ମଦ୍ରରାଜ୍ୟରେ କଲେଜର ନାମ ରେଜିଷ୍ଟ୍ରି କରାଯାଉଥିଲା, ପ୍ରତିଷ୍ଠା ହେଲା ଆଗରୁ । ତେବେ ମଧ୍ୟ ଗୋଟିଏ ନାମରେ ଅନେକ କଲେଜ । ଜଣେ ଜଣେ ମହାମହିମ ଗଣନେତାଙ୍କର ଏକାଧିକ ଚେଲାଗୋଷ୍ଠୀ ଯେତେବେଳେ ବିଭିନ୍ନ ସ୍ଥାନରେ ଲାଗିପଡ଼ନ୍ତି କଲେଜ ପ୍ରତିଷ୍ଠାର ବ୍ରତ ନେଇ, ସେତେବେଳେ ଗଣନେତାଙ୍କର ନାମକୁ ଅମର କରିବାର ସୌଭାଗ୍ୟକୁ ଏକଚାଟିଆ କରିବା ପାଇଁ ହୁଏ ପ୍ରତିଦ୍ୱନ୍ଦ୍ୱିତା ।

ଧରନ୍ତୁ ଗୋଟିଏ ଚେଲାଗୋଷ୍ଠୀ ଯଦି ଅମରେନ୍ଦ୍ର ପଟ୍ଟବର୍ଦ୍ଧନ କଲେଜ ପ୍ରତିଷ୍ଠା କଲେ ଆଉ ଗୋଟିଏ ଚେଲାଗୋଷ୍ଠୀ ସେଇ ପାଖରେ ବସାଇଲେ ଅମରେନ୍ଦ୍ର ପ୍ରସାଦ ପଟ୍ଟବର୍ଦ୍ଧନ କଲେଜ । ପାଞ୍ଚକୋଶ ଦୂରରେ ପଦ୍ମଶ୍ରୀ ଅମରେନ୍ଦ୍ର ମହାବିଦ୍ୟାଳୟ ଗଢ଼ିଉଠେ ଏବଂ ଆଉ ତିନି କୋଶ ଦୂରରେ ଶୋଭା ପାଏ ଅମରେନ୍ଦ୍ର କୃପା ମହିଳା ମହାବିଦ୍ୟାଳୟର ନାମାଙ୍କିତ ପଟା । ଅମରେନ୍ଦ୍ରବାବୁଙ୍କୁ ଅଧିକ ଖୁସି କରିବା ପାଇଁ କେତେକ ଚେଲା ତାଙ୍କ ପିତାଙ୍କ ନାମ ପୂର୍ବରୁ ଶହିଦ୍ ଶବ୍ଦଟିଏ ଲଗାଇ ସ୍ଥାପନ କରନ୍ତି ଅମର ଶହୀଦ୍ ବୈରିଗଞ୍ଜନ ପଟ୍ଟବର୍ଦ୍ଧନ କଲେଜ । ଆଉ କେତେକ ଚେଲା ଅମରେନ୍ଦ୍ରବାବୁଙ୍କ ସ୍ୱର୍ଗତା ଆଈଙ୍କ ନାମ ଅମର କରିବା ପାଇଁ ପ୍ରତିଷ୍ଠା କରନ୍ତି ସୁକାମିନୀଦେବୀ ମହିଳା ମହାବିଦ୍ୟାଳୟ । ଶୁଣାଯାଏ ଅମରେନ୍ଦ୍ରବାବୁ ପିଲାଦିନୁ ମା'ଙ୍କୁ ହରାଇଥିଲେ ଏବଂ ପାଳିତ ହୋଇଥିଲେ ଅଜାଳୟରେ ଆଈଙ୍କର କୋଳପୋଛା ନାତି ଭାବେ । ଏଥିରେ ଅମରେନ୍ଦ୍ରବାବୁଙ୍କ ମା'ଙ୍କୁ ଅପମାନ ହୁଏ ବୋଲି ପ୍ରଚାର କରି ଏକ ବିରୋଧୀ ଗୋଷ୍ଠୀ ତାଙ୍କର ସ୍ୱର୍ଗତା ମା'ଙ୍କ ନାମରେ ବସାନ୍ତି ସ୍ୱର୍ଣ୍ଣପ୍ରଭା ମହିଳା ମହାବିଦ୍ୟାଳୟ ।

ମଦ୍ର ରାଜ୍ୟରେ ଉଚ୍ଚଶିକ୍ଷାର ମାନ ବୃଦ୍ଧି ହୁଏ କି ନାହିଁ ସେ କଥା ସର୍ବଶକ୍ତିମାନ ଈଶ୍ୱରଙ୍କୁ ଗୋଚର । ରାଜ୍ୟରେ ଏକ ଲକ୍ଷରୁ ଅଧିକ ମାଟ୍ରିକ୍ୟୁଲେଟ୍ ବେକାର ବୁଲୁଥାନ୍ତି ସିନା, ହେଲେ ଏମ୍.ଏ., ଏମ୍.ଏସ୍‌ସି. ଓ ଏମ୍.କମ୍. ପାଠ ପଢ଼ି କେହି ଆଉ ବେକାର ବସି ନ ଥାନ୍ତି । ମଦ୍ରରାଜ୍ୟରେ ବେକାର ଇଂଜିନିୟରିଂ

Digitized by PPRACHIN, SOA

ଓ କୃଷି-ସ୍ନାତକମାନେ ମାସ ମାସ ଧରି ବିଧାନସଭା ସମ୍ମୁଖରେ ବସି ଗଣ ଧାରଣା ଦିଅନ୍ତି, କିନ୍ତୁ ଏମ୍.ଏ., ଏମ୍.ଏସ୍‌ସି. ପାସ୍ କଲାମାତ୍ରେ ସମସ୍ତେ ଗୋଟିଏ ଗୋଟିଏ କଲେଜ ପ୍ରତିଷ୍ଠାରେ ମନ ଦିଅନ୍ତି । ରାଜ୍ୟରେ ଭିଡ଼ ରାସ୍ତାରେ ଛିଡ଼ା ହୋଇ ଟେକାଟିଏ ପକାଇଲେ ତାହା ଯାଇ ଶତକଡ଼ା ପଚାଶଭାଗ ଜଣେ ଅଧ୍ୟାପକ ମୁଣ୍ଡରେ ପଡ଼ିବ ବୋଲି ଲୋକେ କଥାବାର୍ତ୍ତା ହୁଅନ୍ତି । କଲେଜ ପ୍ରତିଷ୍ଠା ଏ ରାଜ୍ୟରେ ଏକ ଅଲିଖିତ ନିର୍ବାଚନ ପ୍ରତିଶ୍ରୁତି ଭାବେ ସ୍ୱୀକୃତ ।

କେହି କେହି ମଦ୍ରରାଜ୍ୟକୁ ତୁଳନା କରନ୍ତି ଇତିହାସର ବିଦ୍ୟାନଗରୀ କାଶୀ ସଙ୍ଗେ । କଥିତ ଅଛି ବିଦ୍ୟାବୁଦ୍ଧିର ପରାକାଷ୍ଠାର ପରୀକ୍ଷା କରିବା ପାଇଁ ମହାକବି କାଳିଦାସଙ୍କୁ କେହିଜଣେ ପ୍ରେରିତ କରିଥିଲେ କାଶୀ ନଗରୀ । କାଶୀ ନଗରୀ ରାଜମାର୍ଗରେ ବାଡ଼ିଧରି ଗୋଟିଏ ବୃଦ୍ଧା ଚାଲୁଥିଲା ନଇଁ ନଇଁ ମୁଣ୍ଡ ତଳକୁ କରି । କାଳିଦାସ ବୃଦ୍ଧାକୁ ସମ୍ବୋଧନ କରି ପୁଚ୍ଛାକଲେ, "ଆଲୋ ମାଉସୀ, ରାସ୍ତାରେ କ'ଣ ହଜିଗଲା କି ? କ'ଣ ଏମିତି ଖୋଜୁଛୁ ଯେ ?" ବୃଦ୍ଧାଟି ସଙ୍ଗେ ସଙ୍ଗେ ଉତ୍ତର ଦେଇଥିଲା, "ହଁ ରେ ପୁଅ ମୋ ବୟସଗୁଡ଼ାକ ହଜି ଯାଇଛି ଯେ ଖୋଜୁଛି, ଟିକିଏ ସାହାଯ୍ୟ କରନ୍ତୁନି ବାପ ?" ଜୋକ ମୁହଁରେ ଲୁଣ ଦେଲାଭଳି କୁଆଡ଼େ ଚୁପ୍ ରହିଥିଲେ ମହାକବି କାଳିଦାସ ।

ଏକ ମହାମାରୀର ଭୂତାଣୁ ଭଳି କପି-ବ୍ୟାଧି ଯେତେବେଳେ ମଦ୍ର ଗଣରାଜ୍ୟର ମାଧ୍ୟମିକ, ଉଚ୍ଚ ମାଧ୍ୟମିକ ଓ ବିଶ୍ୱବିଦ୍ୟାଳୟ ଶିକ୍ଷାକୁ ଗ୍ରାସ କରିଯାଏ, ସେତେବେଳେ ରାଜ୍ୟର ଯୁକ୍ତ ଦୁଇ ପରିଷଦ ନିଅନ୍ତି ଏକ ଐତିହାସିକ ନିଷ୍ପତ୍ତି । ଶସ୍ୟରେ ପଙ୍ଗପାଳ ଆକ୍ରମଣକୁ ପ୍ରତିହତ କରିବା ପାଇଁ ଯେପରି କୀଟନାଶକ ଔଷଧ ସିଞ୍ଚନକାରୀମାନଙ୍କର ସ୍କ୍ୱାର୍ଡ ଗଠିତ ହୁଏ, ସେମିତି କପି ନିରାକରଣ ପାଇଁ ଗଠିତ ହେଲା ଅଧ୍ୟାପକମାନଙ୍କର ଅନେକ ଦଳ । ସ୍ଥିର ହେଲା ରାଜ୍ୟର ବିଭିନ୍ନ କଲେଜକୁ ଏହି ଦଳମାନେ ଅଚାନକ ଗସ୍ତ କରି ଯାଞ୍ଚ କରିବେ । ଅଭିଯୋଗ ଥିଲା ଯେ, କେବଳ ଅଧ୍ୟକ୍ଷ ବା କେନ୍ଦ୍ର ଅଧୀକ୍ଷକ ନୁହଁନ୍ତି, ବିଶ୍ୱବିଦ୍ୟାଳୟ ଓ ପରିଷଦ ତରଫରୁ ନିଯୁକ୍ତ ହେଉଥିବା କେନ୍ଦ୍ର ପରିଦର୍ଶକ ମଧ୍ୟ ପ୍ରାଣଭୟରୁ ହେଉ ବା ଅର୍ଥଲୋଭରୁ ହେଉ, କପି ନିରାକରଣ କରିବା ପାଇଁ ସଂପୂର୍ଣ୍ଣ ଅସମର୍ଥ ହେଉଛନ୍ତି ଏବଂ ବେଳେବେଳେ ଏ ଦିଗରେ ସକ୍ରିୟ ସାହାଯ୍ୟ ମଧ୍ୟ କରୁଛନ୍ତି । ଛାତ୍ରମାନଙ୍କ ଅଭିଭାବକମାନେ ଏ ଦିଗରେ ପ୍ରାୟତଃ ପରିଚାଳନା କମିଟିକୁ ସାହାଯ୍ୟ କରୁଛନ୍ତି ।

ନିଷ୍ପତ୍ତି ହେଲା ଯେ କିଏ କେଉଁ ଅଞ୍ଚଳକୁ ବା କେଉଁ କଲେଜକୁ ଯିବେ ଘୋଷଣା ନ କରି ଶେଷ ମୁହୂର୍ତ୍ତରେ ନିଷ୍ପତ୍ତି ନେଇ ଦଳଗୁଡ଼ିକ ମାଡ଼ିଯିବେ । ଅଧ୍ୟାପକ ଡଃ ବ୍ରିଜେଶ ମୋହନଙ୍କ ନେତୃତ୍ୱରେ ଗଠିତ ଏକ ସ୍କ୍ୱାର୍ଡ ପରୀକ୍ଷାର ପ୍ରଥମ ଦିନ ଯାଇ ଓହ୍ଲାଇଲେ ଶମ୍ଭୁନାଥପୁର ରେଳଷ୍ଟେସନରେ । ଦଳରେ ଥା'ନ୍ତି ଅଧ୍ୟାପକ ଡଃ ଆନନ୍ଦ ସାହାଣୀ ଓ ଅଧ୍ୟାପିକା ଡଃ ସ୍ମିତା ଜଲୋଟା । ଷ୍ଟେସନ

Digitized by PPRACHIN, SOA

ବାହାରକୁ ଆସି ଯେତେବେଳେ ସେମାନେ ଗୋଟିଏ ଟ୍ୟାକ୍ସି ଦେଖିଲେ, ସେମାନଙ୍କର ଆନନ୍ଦର ସୀମା ରହିଲା ନାହିଁ । ମୁକ୍ତିଆର ପାଟଣା କଲେଜ ଯିବା ପାଇଁ ସେ କେତେ ଟଙ୍କା ନେବ ପଚରାଗଲା । କଲେଜ ଘଣ୍ଟାଏ ରହିବାର ଅଧିକା ସମୟର ଦେୟ ମିଶାଇ ମୋଟ ସାତ ଶହ ଟଙ୍କା ପଡ଼ିବ । ରାସ୍ତା ଭାରି ଖରାପ । କଲେଜକୁ ପହଞ୍ଚିବା ପାଇଁ ଘଣ୍ଟାଏ ଲାଗିବ । ମୂଲଚାଲ ପରେ ପାଞ୍ଚ ଶହ ଟଙ୍କାରେ କଥା ଛିଡ଼ିଲା ।

ଅଧ ଘଣ୍ଟାଏ ଗାଡ଼ି ଚାଲିବା ପରେ ଟ୍ୟାକ୍ସି ଚାଳକ ଗୋଟିଏ ପାନଦୋକାନ ପାଖରେ ଗାଡ଼ି ଅଟକାଇ ମୁକ୍ତିଆର ପାଟଣା ଗ୍ରାମକୁ ରାସ୍ତା ପଚାରିଲା । ତା'ପରେ ବିଭିନ୍ନ ସ୍ଥାନରେ ଘୂରିବୁଲିଲା, କେତେବେଳେ ବାମକୁ ତ ପୁଣି ଡାହାଣକୁ ଓ କେତେବେଳେ ପଛକୁ ବୁଲାଇ ଖାଲ ଢିପ ରାସ୍ତାରେ । ଅଧ ଘଣ୍ଟାଏ ସମୟ ଏହିପରି ବିତିଗଲା ପରେ ଡଃ ବ୍ରିଜେଶ ମୋହନ ଭାରି ବ୍ୟସ୍ତ ହେଲେ । ଗାଁ କିମ୍ୱା କଲେଜ ମିଳୁ ନାହିଁ କିପରି ? ନିଷ୍ପତ୍ତି ନେଲେ ଯେ ଏଥର ସେ ନିଜେ ପ୍ରତି ଛକରେ ପଚାରି ବୁଝିବେ । ଆଉ ନିର୍ଭର କରିବେ ନାହିଁ ଏଇ ମୂର୍ଖ ଡ୍ରାଇଭର ଉପରେ ଯିଏ କି ରାସ୍ତାଘାଟ କଥା ଆଦୌ ଜାଣିନାହିଁ ।

ଡଃ ବ୍ରିଜେଶ ମୋହନ ଏଥର ପ୍ରତି ଛକରେ ନିଜେ ଓହ୍ଲାଇ ରାସ୍ତା ପଚାରିଲେ । ପ୍ରାୟ ଘଣ୍ଟାଏ ଏହିପରି ବୁଝିଲା ପରେ ମୁକ୍ତିଆର ପାଟଣାକୁ ରାସ୍ତା ମିଳିଲା । ରାସ୍ତାର ଅବସ୍ଥା ଯାହା, ସେଥିରେ ଟ୍ୟାକ୍ସିଟି ଘଣ୍ଟାକୁ ଦଶ କିଲୋମିଟର ଠାରୁ ଅଧିକ ଗତିରେ ଯିବା ସମ୍ଭବ ନୁହେଁ । ଶେଷକୁ ଜଣାଗଲା ଯେ ମୁକ୍ତିଆର ପାଟଣା କଲେଜ ପାଖ ପର୍ଯ୍ୟନ୍ତ ଗାଡ଼ି ଯିବ ନାହିଁ । ରାସ୍ତା ଯେଉଁଠି ସରିଛି ସେଠାରେ ଗାଡ଼ି ରଖି କିଛି ବାଟ ଚାଲି ଚାଲି ଯିବାକୁ ହେଲା ।

ଯେତେବେଳେ କଲେଜରେ ପହଞ୍ଚିଲେ ସେତେବେଳକୁ ପରୀକ୍ଷା ସରିଲାଣି । କଲେଜ ଅଧ୍ୟକ୍ଷ ଡଃ ରମେଶ ପ୍ରସାଦଙ୍କଠାରୁ ଜଣାଗଲା ଯେ ଡଃ ବ୍ରିଜେଶ ମୋହନ ଯେଉଁ ସ୍ଥାନରୁ ରାସ୍ତା ପଚାରିବାର ଦାୟିତ୍ୱ ନେଲେ ତାହା କଲେଜଠାରୁ ସତାବନ କିଲୋମିଟର ଦୂରରେ । ଏଭଳି ଏକ ଗଜମୂର୍ଖ ଟ୍ୟାକ୍ସି ଡ୍ରାଇଭର କିପରି ଜୁଟିଲା ? ଏହା ସ୍କ୍ୱାର୍ଡର ସଭ୍ୟମାନଙ୍କର ଭାଗ୍ୟର ଦୋଷ ଛଡ଼ା ଆଉ କ'ଣ ହୋଇପାରେ, ଡଃ ସ୍ମିତା ଜଲୋଟା ମନ୍ତବ୍ୟ ଦେଲେ ।

ଯାହିତାହି ଦି'ଟା ଖାଇ ଅପରାହ୍ନରେ ଆଉ ଗୋଟିଏ କଲେଜ ଦେଖିଯିବା ପାଇଁ ଡଃ ବ୍ରିଜେଶ ମୋହନ ସ୍କ୍ୱାର୍ଡ ସଭ୍ୟମାନଙ୍କ ସହ ନିଷ୍ପତ୍ତି ନେଲେ । ଆଉ ଗୋଟିଏ ଟ୍ୟାକ୍ସିର ବନ୍ଦୋବସ୍ତ କରିଦେଲେ ଡଃ ରମେଶପ୍ରସାଦ । ସ୍କ୍ୱାର୍ଡ କେଉଁ କଲେଜକୁ ଯିବେ ତାହା ଡଃ ରମେଶପ୍ରସାଦଙ୍କଠାରୁ ମଧ୍ୟ ଗୋପନ ରଖାଗଲା । ଗାଡ଼ିରେ ବସିଲା ପରେ ଶ୍ରୀମତୀ ଜଲୋଟା ଡ୍ରାଇଭରକୁ କହିଲେ, "ଚାଲ ମଦନପୁର । ବୈଦ୍ୟନାଥ ଗାଇକୋୱାର୍ଡ ମହାବିଦ୍ୟାଳୟକୁ ଯିବା ।

Digitized by PPRACHIN, SOA

ମୁକ୍ତିଆର ପାଟଣାଠାରୁ ବଙ୍କାଟଙ୍କା ଖାଲ ଢିପ ରାସ୍ତାରେ ପ୍ରାୟ ପଚିଶ କିଲୋମିଟର ଆସିଲା ପରେ ଆମ୍ବାସାଡ଼ର ଗାଡ଼ିଟି ହଠାତ୍ ବ୍ରେକ୍‌ମାରି ରହିଗଲା । ଡ୍ରାଇଭର ଯେତେ ଚେଷ୍ଟା କଲା ଗାଡ଼ି ଆଉ ଷ୍ଟାର୍ଟ ହେଲା ନାହିଁ । ଖରାରେ ଇଞ୍ଜିନର ବନେଟକୁ ଟେକି ଝାଳ ନାଳ ହୋଇ ଡ୍ରାଇଭର ବିଚରା ଚେଷ୍ଟା କଲା । ଘଣ୍ଟାଏ ସମୟରେ ତା'ର ସାର୍ଟ, ମୁହଁ, ହାତ, ସବୁ ଝାଳ, ଗ୍ରୀଜ୍ ଓ ମୋବିଲ୍‌ର ରଙ୍ଗରେ କଳା ହୋଇଗଲା, କିନ୍ତୁ ଗାଡ଼ି ତଥାପି ସେମିତି ଅଚଳ । ଦେଢ଼ ଘଣ୍ଟା ପରେ ଡ୍ରାଇଭରର ଅନୁରୋଧରେ ସ୍କ୍ୱାର୍ଡର ସମସ୍ତ ସଭ୍ୟ ଓ ସଭ୍ୟା ଓହ୍ଲାଇ ଗାଡ଼ିଟିକୁ ଠେଲିଲେ । ଗାଡ଼ିଟି ଭାଗ୍ୟକୁ ଏଥର ଚାଲିବା ଆରମ୍ଭ କଲା ।

ଗାଇକୋଓ୍ୱାର୍ଡ ମହାବିଦ୍ୟାଳୟରେ ଏମାନେ ପହଞ୍ଚିଲା ବେଳକୁ ସନ୍ଧ୍ୟା ଛ'ଟା । ପୁଣି ସେଇ ଅବସ୍ଥା । ଖାତା ସବୁ ପ୍ୟାକିଂ ହେଉଥାଏ । ସକାଳୁ କାହା ମୁହଁ ଚାହିଁ ଏମାନେ ଉଠିଥିଲେ ସେକଥା ପରସ୍ପର ମନେ ମନେ ଚିନ୍ତା କରୁଥିଲେ । ଅନ୍ୟାନ୍ୟ ସ୍କ୍ୱାର୍ଡମାନେ ଯେତେବେଳେ କପି ଧରିବାର ଏବଂ ପରୀକ୍ଷା କେନ୍ଦ୍ରସବୁ ଖାରଜ କରିବାର ମହା ଗୌରବରେ ଉଲ୍ଲସିତ, ସେତେବେଳେ କିପରି ଡଃ ବ୍ରିଜେଶ ମୋହନଙ୍କ ସ୍କ୍ୱାର୍ଡ ଏକ ଦ୍ୱୈତ ବ୍ୟର୍ଥତାର ଉପାଖ୍ୟାନ ବୟାନ କରିବେ ତାହା ହିଁ ପ୍ରକୃତ ଚିନ୍ତାର କାରଣ ।

ତହିଁପର ଦିନ ଅନ୍ୟାନ୍ୟ ସ୍କ୍ୱାର୍ଡମାନଙ୍କର ନେତୃତ୍ୱ ନେଇଥିବା ଅଧ୍ୟାପକମାନଙ୍କ ସଙ୍ଗେ ଯେତେବେଳେ ଡଃ ବ୍ରିଜେଶ ମୋହନ ଆଲୋଚନା କଲେ, ତାଙ୍କୁ କିଛିଟା ଆଶ୍ୱାସନା ମିଳିଲା । ତାଙ୍କ ବ୍ୟତୀତ ଆଉ ସାତଟି ସ୍କ୍ୱାର୍ଡର ସଭ୍ୟମାନେ ମଧ୍ୟ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ପରୀକ୍ଷା ଚାଲିଥିବା ବେଳେ ପହଞ୍ଚି ପାରି ନ ଥିଲେ । କେଉଁଠାରେ ଗାଡ଼ି ଖରାପ ହୋଇଥିଲା ତ ଆଉ କେଉଁଠାରେ ସ୍କ୍ୱାର୍ଡ ଦିଗଭ୍ରାନ୍ତ ହୋଇ ଏକ ଗ୍ରାମରୁ ଅନ୍ୟଗ୍ରାମ ଘୂରି ବୁଲୁଥିଲେ । କେଉଁଠାରେ ଡ୍ରାଇଭରର ହଠାତ୍ ଝାଡ଼ା ବାନ୍ତି ବା ମୂର୍ଚ୍ଛା ବେମାରି ବାହାରିଥିଲା ତ, ଆଉ କେଉଁଠି ଯଥେଷ୍ଟ ପରିମାଣର ଦାଦାବଟି ନ ଦେବାରୁ ଟ୍ୟାକ୍‌ସିକୁ ଦୁଇଘଣ୍ଟା ଧରି ରାସ୍ତାରେ ଅଟକା ଯାଇଥିଲା । ଦୁଇଟିଯାକ ଟ୍ୟାକ୍‌ସିର ଚାଳକଙ୍କ ପ୍ରଚଣ୍ଡ ବିଚକ୍ଷଣତା, ପ୍ରତ୍ୟୁତ୍ପନ୍ନମତିତା ଏବଂ ଅଭିନୟ-ଦକ୍ଷତା କଥା ଭାବି ଡଃ ବ୍ରିଜେଶ ମୋହନଙ୍କ ହାତ ନମସ୍କାର ଢଙ୍ଗରେ ଯୋଡ଼ି ହୋଇଗଲା । ତାଙ୍କର ମନେହେଲା ଯେପରି କାଶୀର ବୃଦ୍ଧା ଓ ନାଗରିକଗଣ ସେମାନଙ୍କର ପରବର୍ତ୍ତୀ ଜନ୍ମରେ ମଦ୍ର ରାଜ୍ୟରେ ଟ୍ୟାକ୍‌ସି ଚାଳକ ରୂପେ ଅଥବା ପ୍ରଶ୍ନପତ୍ର ଚୋରି କରି ବିକ୍ରୀ କରୁଥିବା ପିଅନ ଭାବେ ଜନ୍ମ ନେଇଛନ୍ତି ଏବଂ ଆଧୁନିକ ଯୁଗର କାଳିଦାସମାନଙ୍କୁ ଠିକ୍ ପୂର୍ବଭଳି ସ୍ୱଚ୍ଛନ୍ଦରେ ସାବଲୀଳ ଭାବରେ ପରାଜିତ କରୁଛନ୍ତି । ମୂର୍ଖ ଥିଲାବେଳେ କାଳିଦାସ ଗୋଟିଏ ଡାଳର ଅଗରେ ବସି ଡାଳ ମୂଳକୁ ଛେଦନ କଲାପରି ଏବେ ପରାଜିତ କାଳିଦାସମାନେ ପରସ୍ପରର ଗୋଛି କାଟୁଛନ୍ତି ।

Digitized by PPRACHIN, SOA

ନଥି ଓ ପିଟିସନ

ମୂଲ୍ୟାୟନ ନିର୍ଦ୍ଦେଶକ ଭାବେ କାମାକ୍ଷା ରାଜ୍ୟ ଯୋଜନା ବିଭାଗରେ ପ୍ରଥମ ଦିନ ଯୋଗ ଦେବା ପାଇଁ ଡଃ ଶେଲାଟ ଦିନ ଦଶଟା ପନ୍ଦରରେ ପାଦ ଦେଲା ବେଳକୁ ସଚିବାଳୟର ବାରଣ୍ଡା ପ୍ରକୋଷ୍ଠଗୁଡ଼ିକର ସଫେଇ କାର୍ଯ୍ୟ ସରି ନ ଥାଏ ।

କେହି ଆସି ନ ଥାନ୍ତି । ଜଣେ ଚପରାସୀକୁ ପଚାରି ସେ ଠାବ କଲେ ତାଙ୍କ ପାଇଁ ଉଦ୍ଦିଷ୍ଟ ପ୍ରକୋଷ୍ଠଟି । ପ୍ରକୋଷ୍ଠଟି ବାହାରୁ ତାଲା ପଡ଼ିଥିଲା । କାରଣ ଜାଣିବାକୁ ଡଃ ଶେଲାଟଙ୍କର ଅସୁବିଧା ହେଲା ନାହିଁ । ନିର୍ଦ୍ଦେଶକ ପଦଟି ଗଲା ତିନିମାସ ହେଲା ଖାଲି ଥିଲା । ତାଲା ଚାବି ଦାୟିତ୍ୱରେ ଥିବା ଚୌକିଦାର ପ୍ରକୋଷ୍ଠ ଖୋଲିବାକୁ ରୋକ୍‌ଠୋକ୍ ମନା କରିଦେଲା । ସେ କେମିତି ଜାଣିବ କିଏ ନୂଆ ନିର୍ଦ୍ଦେଶକ ହେଲେ ? ତା ନିଜ ଉପବିଭାଗର ବଡ଼ବାବୁ ତାକୁ ଆଦେଶ ନ ଦେଲେ ସେ କିଭଳି ଅଜଣା ଅଚିହ୍ନା ଲୋକଙ୍କ ପାଇଁ ତାଲା ଖୋଲିଦେବ ? ଶାସନ ସଚିବଙ୍କ ପ୍ରତୀକ୍ଷା ପ୍ରକୋଷ୍ଠରେ ଡଃ ଶେଲାଟ ଆଉ କୋଡ଼ିଏ ମିନିଟ ଅପେକ୍ଷା କଲା ପରେ ଆସିଲେ ବଡ଼ବାବୁ । ଖୋଲା ହେଲା ନିର୍ଦ୍ଦେଶକଙ୍କ ପ୍ରକୋଷ୍ଠ । ପ୍ରକୋଷ୍ଠଟିର ପ୍ରଥମ ଦୃଶ୍ୟ ଦେଖି ଡଃ ଶେଲାଟଙ୍କ ମୁଣ୍ଡ ବୁଲାଇଦେଲା । ଟେବୁଲ ଉପରେ, ଚଟାଣରେ, ଆଲମାରି ଉପରେ, ଶୋଫା ଉପରେ ଫାଇଲମାନଙ୍କର ବିରାଟ ବିରାଟ ସ୍ତୁପ । ଫାଇଲ୍ ଗଦାଟି ଅଳ୍ପ ଆଡ଼େଇ ମୁଣ୍ଡ ଉପରେ ହାତ ଥୋଇ ଡଃ ଶେଲାଟ କିଛିସମୟ ବସିଲେ ନୀରବରେ । ମୁଣ୍ଡରେ ଉଙ୍କି ମାରିଲା ଅନେକ ଭାବନା ।

ଦୁଇବର୍ଷ ବିନା ଚାକରିରେ ରହିଲା ପରେ ଆଜି ପ୍ରଥମ ଦିନ ସେ ସରକାରୀ ଚାକିରିରେ ଯୋଗ ଦେଉଛନ୍ତି । କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟରେ ଅର୍ଥନୀତିରେ ଏମ୍.ଏ. ପୁଣି ପିଏଚ.ଡି. । ତା ପରେ ଯୁକ୍ତରାଷ୍ଟ୍ରର ମାସାଚୁସେଟ୍‌ସ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍‌ନୋଲଜିରେ ତାଙ୍କର ଥିଲା କୋଡ଼ିଏ ବର୍ଷର ଗବେଷଣା, ଅଧ୍ୟାପନା । ଆନ୍ତର୍ଜାତିକ ଖ୍ୟାତିସଂପନ୍ନ ଦଶଟି ଜର୍ଣ୍ଣାଲରେ ତାଙ୍କ ପ୍ରକାଶିତ ଦୁଇଶହରୁ ଅଧିକ ଗବେଷଣାମୂଳକ ନିବନ୍ଧ । ତାଙ୍କର ପାଞ୍ଚଟି ଉଚ୍ଚକୋଟୀର ଅର୍ଥନୀତିପୁସ୍ତକ ସ୍ୱୀକୃତ ହୋଇଥିଲା, ବିଶ୍ୱର ବିଭିନ୍ନ ବିଶ୍ୱବିଦ୍ୟାଳୟରେ ଏମ୍.ଏ. ଓ ଏମ୍.ଫିଲ୍.ର ପାଠ୍ୟପୁସ୍ତକ ଭାବେ । ଯୁକ୍ତରାଷ୍ଟ୍ର ଆମେରିକାରେ ଯଦି ସେ ସବୁଦିନ ପାଇଁ ରହିଥାନ୍ତେ, ତେବେ ହୁଏତ ଦିନେ ନୋବେଲ ପୁରସ୍କାର ନିଶ୍ଚୟ ପାଇଥାନ୍ତେ । କିନ୍ତୁ ତାଙ୍କୁ ଦିନେ କାମୁଡ଼ିଲା

Digitized by PPRACHIN, SOA

ଦେଶପ୍ରେମର ତେନ୍ତୁଳିଆ ବିଛା । ସେ ନିଜର ସମସ୍ତ ଦୋକାନପତ୍ର ବନ୍ଦ କରି ପେଡ଼ିପୁଟୁଳା ବାନ୍ଧି ଚାଲିଆସିଲେ ଭାରତ । କାମାକ୍ଷା ରାଜ୍ୟକୁ ।

ତାଙ୍କର ଅସମ୍ଭବ ବିଦ୍‌ବତ୍ତା, ଜ୍ଞାନଗରିମାର ଔଜ୍ଜ୍ୱଲ୍ୟରେ କାମାକ୍ଷା ରାଜ୍ୟର ବିଶ୍ୱବିଦ୍ୟାଳୟଗୁଡ଼ିକ ହୋଇଗଲେ ଜଳକା ସଦୃଶ । କାମାକ୍ଷା ରାଜ୍ୟ ଓ ପଡ଼ୋଶୀ ରାଜ୍ୟରେ ପାଞ୍ଚଟି ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ ଚାକିରି ପାଇଁ ସାକ୍ଷାତକାର ଦେଇ ଡଃ ଶେଲାଟ୍ ଅଯୋଗ୍ୟ ବିବେଚିତ ହେଲେ ସତ, କିନ୍ତୁ ସେହି ବିଶ୍ୱବିଦ୍ୟାଳୟଗୁଡ଼ିକରେ ପୂର୍ବରୁ ଅଧ୍ୟାପନାରତ ଧୁରନ୍ଧର ପ୍ରାଧ୍ୟାପକ ଓ କନିଷ୍ଠ ଅଧ୍ୟାପକମାନେହିଁ ସବୁକ୍ଷେତ୍ରରେ ମନୋନୀତ ହେଲେ । ଅଧ୍ୟାପକ ମନୋନୟନ ବୋର୍ଡଗୁଡ଼ିକରେ ଯେଉଁମାନେ ଡଃ ଶେଲାଟଙ୍କର ପ୍ରତିଭାର ପରୀକ୍ଷଣ ଆଉ ମୂଲ୍ୟାୟନ କରୁଥିଲେ, ସେମାନଙ୍କର ନ ଥିଲା ଡଃ ଶେଲାଟଙ୍କର ଗୋଟିଏ ହେଲେ ଗବେଷଣାମୂଳକ ପ୍ରବନ୍ଧକୁ ବୁଝିପାରିବାର କ୍ଷମତା । ଅର୍ଥନୀତିରେ କୌଣସି ପ୍ରଶ୍ନ ପଚାରି ନିଜର ଅଜ୍ଞତାର ବିଜ୍ଞାପନ ଦେବା ଅପେକ୍ଷା ସେମାନେ ଶ୍ରେୟ ମନେକରିଥିଲେ ରାଜନୀତି, ସଂସ୍କୃତି, ଇତିହାସ ଓ ସମ୍ବିଧାନ ଉପରେ ପ୍ରଶ୍ନ ପଚାରିବାକୁ । ଭଗ୍ନମନୋରଥ ହୋଇ ଡଃ ଶେଲାଟ୍ ପୁଣିଥରେ ନିଷ୍ପତ୍ତି ନେଇଥିଲେ ଯୁକ୍ତରାଷ୍ଟ୍ରକୁ ଫେରିଯିବାକୁ । ଏହି ସମୟରେ କାମାକ୍ଷା ରାଜ୍ୟର ମନ୍ତ୍ରିମଣ୍ଡଳରେ ହେଲା ଏକ ବଡ଼ଧରଣର ପରିବର୍ତ୍ତନ । ମାସାଚୁସେଟ୍‌ସରେ ଛାତ୍ର ଓ ସହକର୍ମୀ ଭାବେ ପରିଚିତ ଏବଂ ପରେ ରାଜନୀତିରେ ଯୋଗଦେଇଥିବା ଡଃ ଗଙ୍ଗୱାର କାମାକ୍ଷା ରାଜ୍ୟର ଯୋଜନା-ମନ୍ତ୍ରୀ ହେଲେ । ସେ ମାସାଚୁସେଟ୍‌ସରେ ଡଃ ଶେଲାଟ୍‌ଙ୍କ ଛାତ୍ର ଥିଲେ ଏବଂ ସେଠାରେ ଦୁଇବର୍ଷ ଅଧ୍ୟାପନା ମଧ୍ୟ ମକରିଥିଲେ । ଜନସେବା କରିବାକୁ ଭାରତକୁ ଆସି ଡଃ ଗଙ୍ଗୱାର ରାଜନୀତିରେ ଯୋଗ ଦେଇଥିଲେ ।

ରାଜ୍ୟର ବିଭିନ୍ନ ଉନ୍ନୟନ ଯୋଜନାଗୁଡ଼ିକର ମୂଲ୍ୟାୟନ କରିବା ପାଇଁ ବାରବର୍ଷ ତଳେ ଯୋଜନାବିଭାଗରେ ଗୋଟିଏ ନିର୍ଦ୍ଦେଶାଳୟର ସ୍ଥାପନା କରାଯାଇଥିଲା । ନିର୍ଦ୍ଦେଶକ କିଏ ହେବ ଏ ନିଷ୍ପତ୍ତି ବେଶ୍ କିଛି ସମସ୍ୟା ସୃଷ୍ଟି କରିଥିଲା ।

ଗୋଟିଏ ସ୍ୱାଭାବିକ ପ୍ରସ୍ତାବ ଥିଲା ଯେ ଜଣେ ଆଇ.ଏ.ଏସ୍. ଅଫିସର ନିର୍ଦ୍ଦେଶକ ହୁଅନ୍ତୁ । ଜିଲ୍ଲାପାଳ ଭାବେ ଅନେକ ଉନ୍ନୟନ ଯୋଜନା ସେ କାର୍ଯ୍ୟକାରୀ କରିଥିବେ ଏବଂ ଲୋକଙ୍କ ସଙ୍ଗେ ମିଶି ସେମାନଙ୍କ ସମସ୍ୟା ସମ୍ବନ୍ଧରେ ବେଶ୍ ଅବଗତ ଥିବେ । ପ୍ରଥମ ସାତବର୍ଷ ଏହି ପ୍ରସ୍ତାବ ପରୀକ୍ଷଣ କରାଗଲା । ଦେଖାଗଲା ଯେ କାମାକ୍ଷା ରାଜ୍ୟ ସରକାର କେବଳ ସେହିମାନଙ୍କୁ ନିର୍ଦ୍ଦେଶକ ପଦବୀରେ ଅବସ୍ଥାପିତ କଲେ ଯେଉଁମାନଙ୍କୁ କୌଣସି ନା କୌଣସି କାରଣରୁ ଜିଲ୍ଲାପାଳ ଭାବେ ଆଗରୁ ଆଦୌ ଅବସ୍ଥାପିତ କରାଯାଇ ନଥିଲା ବା ପରେ କରାଯିବ ନାହିଁ । ଅନ୍ୟ ଏକ ଦଳରେ ଥିଲେ, ଚାରି ଛ'ମାସ ମଧ୍ୟରେ ଯେଉଁମାନେ

Digitized by PPRACHIN, SOA

ଜିଲ୍ଲାପାଳ ପଦବୀରୁ ବିଦାୟ ନେଇଛନ୍ତି । ସାତ ବର୍ଷ ମଧ୍ୟରେ ଚାରି ଜଣ ଆଇ.ଏ.ଏସ୍. ପ୍ରତ୍ୟେକ ପାଞ୍ଚ ଛ' ମାସ ମାତ୍ର ନିର୍ଦ୍ଦେଶକ ରହିଲାପରେ ଚେଷ୍ଟା ଚୈତନ୍ୟ କରି ଜିଲ୍ଲାପାଳ ହୋଇ ପଳାୟନ କରିଥିଲେ । ଆଉ ଚାରିଜଣ ଅଫିସର ଜିଲ୍ଲାରୁ ମାତ୍ର ଛ' ମାସରୁ ଦଶମାସ ରହି ଫେରିଆସିଥିଲେ ମୂଲ୍ୟାୟନ ନିର୍ଦ୍ଦେଶକଭାବେ । ଜିଲ୍ଲାରୁ ଏକବର୍ଷରୁ କମ୍ ସମୟରେ ଫେରିଆସିଥିବା ଦୁଃଖରେ ସେମାନେ ଏତେ ମ୍ରିୟମାଣ ଥିଲେ ଯେ ଅନ୍ୟକୌଣସି କାର୍ଯ୍ୟରେ ତାଙ୍କର ମନ ଲାଗୁ ନ ଥିଲା । ଏହିପରି ସାତବର୍ଷରେ ଆଠଜଣ ନିର୍ଦ୍ଦେଶକ ହେଲେ, ପରେ ଯୋଜନା ବିଭାଗ ନୀତିଗତ ଭାବେ ନିଷ୍ପତ୍ତି କଲେଯେ ସେମାନେ ଆଉ ଆଇ.ଏ.ଏସ୍. ଅଫିସର ନେବେ ନାହିଁ ।

ଆଉ ଗୋଟିଏ ପ୍ରସ୍ତାବ ହେଲା ଯେ କାମାକ୍ଷା ରାଜ୍ୟ ତଥ୍ୟ ସଂଗ୍ରହ ନିର୍ଦ୍ଦେଶାଳୟର ଜଣେ ନିର୍ଦ୍ଦେଶକ ପାହ୍ୟାର ବରିଷ୍ଠ କର୍ମଚାରୀଙ୍କୁ ମୂଲ୍ୟାୟନ ନିର୍ଦ୍ଦେଶକ କରାଯାଉ । ଏହା ବିରୋଧରେ ପ୍ରଥମେ କୁହାଗଲା ଯେ ତଥ୍ୟ ସଂଗ୍ରହ ନିଜେ ମୂଲ୍ୟାୟନ ନୁହେଁ, ଯଦିବା ମୂଲ୍ୟାୟନ ପାଇଁ ତଥ୍ୟ ସଂଗ୍ରହ ଏକ ଆବଶ୍ୟକୀୟ ବସ୍ତୁ । ଅପରପକ୍ଷେ ତଥ୍ୟ ସଂଗ୍ରହ ନିର୍ଦ୍ଦେଶାଳୟର ବରିଷ୍ଠତମ ଅଧିକାରୀମାନଙ୍କୁ ଏହି ନିର୍ଦ୍ଦେଶାଳୟକୁ ନିର୍ଦ୍ଦେଶକ ଭାବେ ଅବସ୍ଥାପିତ କଲାରୁ ସେମାନେ ଭାବିଲେ ଯେ ଏହା ଏକ ଗୁରୁତର ଦଣ୍ଡ । ଜୀବନ ସାରା ବରିଷ୍ଠ ତଥ୍ୟ ସଂଗ୍ରାହକ, ସହକାରୀ ନିର୍ଦ୍ଦେଶକ, ଉପନିର୍ଦ୍ଦେଶକ, ଯୁଗ୍ମ ନିର୍ଦ୍ଦେଶକ, ଅତିରିକ୍ତ ନିର୍ଦ୍ଦେଶକ ପଦବୀ ଅଧିକାର କଲାପରେ ଯେତେବେଳେ ସେମାନେ ବିଭାଗୀୟ ମୁଖ୍ୟ ପଦବୀ ଅଳଂକୃତ କରିବା ପାଇଁ ଅତ୍ୟନ୍ତ ଆଶାୟୀ, ସେତେବେଳେ ମୂଲ୍ୟାୟନ ନିର୍ଦ୍ଦେଶାଳୟଙ୍କ ବଦଳିରେ ସେମାନଙ୍କ ମଧ୍ୟରୁ ଅନେକ ଅପମାନବୋଧର ଗ୍ଲାନିରେ ପୀଡ଼ିତ ହେଲେ । କଳେ ବଳେ କୌଶଳେ କିଭଳି ତଥ୍ୟ ସଂଗ୍ରହ ନିର୍ଦ୍ଦେଶକ ହୋଇ ହେବ, ଚେଷ୍ଟାକଲେ ବିଭାଗୀୟ ମୁଖ୍ୟ ପଦବୀର ଲୋଭକୁ ପରିହାର କରିବା ସତରେ କଷ୍ଟସାଧ୍ୟ ।

ଏ ସବୁ ଉଦ୍ୟମରେ ବିଫଳ ହେଲାପରେ ଯେଉଁମାନେ କାମାକ୍ଷା ରାଜ୍ୟର ଯୋଜନା ବିଭାଗରେ ମୂଲ୍ୟାୟନ ନିର୍ଦ୍ଦେଶକ ଭାବେ ଅବସ୍ଥାପିତ ହେଲେ, ସେମାନେ ମୁଖ୍ୟତଃ ଦୁଇପ୍ରକାର କାର୍ଯ୍ୟରେ ନିଜକୁ ବ୍ୟସ୍ତ ରଖିଲେ । ଯୋଜନା ବିଭାଗରେ ଅନ୍ୟାନ୍ୟ ବିଭାଗର ଯେଉଁସବୁ ଅର୍ଥ ମଞ୍ଜୁରୀ ପ୍ରସ୍ତାବ ଆସେ, ସେ ନଥିଗୁଡ଼ିକ ପରୀକ୍ଷା କରିବାରେ ଅନେକ ଆନନ୍ଦ । ସେଥିରେ ନିଜର କ୍ଷମତା ଜାହିର କରାଯିବାର ସୁଯୋଗ ଥାଏ । ସେମାନେ ନିର୍ଦ୍ଦେଶକ ମୂଲ୍ୟାୟନ ଭାବେ କମ୍ କାର୍ଯ୍ୟକଲେ ଏବଂ ଯୁଗ୍ମ ବା ଅତିରିକ୍ତ ଶାସନସଚିବ ଭାବେ ସବୁବେଳେ ଯୋଜନା ବିଭାଗର ଅନ୍ୟାନ୍ୟ ନଥି ଦେଖା କାର୍ଯ୍ୟରେ ବ୍ୟସ୍ତ ରହିଲେ । ଅନ୍ୟ ମୁଖ୍ୟ କାର୍ଯ୍ୟଟି

Digitized by PPRACHIN, SOA

ହେଲା କିଭଳି କାମାକ୍ଷା ରାଜ୍ୟର ତଥ୍ୟ ସଂଗ୍ରହ ନିର୍ଦ୍ଦେଶକଙ୍କ ବିରୋଧରେ ପ୍ରତିଦିନ ମିଛ ଦରଖାସ୍ତ ପଠାଇ ତାଙ୍କୁ ବଦନାମ କରିବେ ।

ସରକାରଙ୍କ ଦୃଷ୍ଟିରେ କାମାକ୍ଷା ରାଜ୍ୟ ତଥ୍ୟ ସଂଗ୍ରହ ନିର୍ଦ୍ଦେଶକ ବଦନାମ ହେଲେ ମୂଲ୍ୟାୟନ ନିର୍ଦ୍ଦେଶକ ହିଁ ତଥ୍ୟ ସଂଗ୍ରହ ନିର୍ଦ୍ଦେଶକ ଭାବେ ଅବସ୍ଥାପିତ ହୋଇପାରିବେ । ତେଣୁ ପ୍ରତି ଚାରିପାଞ୍ଚ ଦିନରେ ନୂଆନୂଆ ଦରଖାସ୍ତ ପଠାଯାଏ । ପ୍ରଚାରପତ୍ର ଛପାଯାଇ ବଣ୍ଟାଯାଏ । ଏହି ପରୀକ୍ଷଣ ଆଉ ଚାରିବର୍ଷ କାଳ ଚାଲିଲା । ତିନିଜଣ ମୂଲ୍ୟାୟନ ନିର୍ଦ୍ଦେଶକ ଭାବେ ତଥ୍ୟସଂଗ୍ରହ ବରିଷ୍ଠ ଅଧିକାରୀ ଆସିଲେ ପୁଣି ଗଲେ । ଏହି ଚାରିବର୍ଷ ମଧ୍ୟରେ ଗୋଟିଏ ହେଲେ ମୂଲ୍ୟାୟନ ରିପୋର୍ଟ ପ୍ରକାଶିତ ହେଲାନାହିଁ । କିନ୍ତୁ ଚାରିବର୍ଷ କାଳ ନଥି ଚାଷ ହେଉଥିଲା ଅନବରତ ।

ଯୋଜନାମନ୍ତ୍ରୀ ଡଃ ଗଙ୍ଗୱାର ନିଷ୍ପତ୍ତି ନେଲେ ଯେ ଖବରକାଗଜ ଜରିଆରେ ବିଜ୍ଞାପନ ଦେଇ ଖୋଲା ବଜାରରୁ ଅର୍ଥନୀତିଜ୍ଞମାନଙ୍କ ମଧ୍ୟରେ ପ୍ରତିଭା ସନ୍ଧାନ ହେବ । ସେହି ବିଜ୍ଞାପନ ଅନୁଯାୟୀ ଯେଉଁ ସାକ୍ଷାତକାର ପରୀକ୍ଷା ହୋଇଥିଲା, ଡଃ ଶେଲଟ ସେଥିରେ ପ୍ରଥମ ହୋଇ ନିର୍ଦ୍ଦେଶକ ପଦବୀରେ ଯୋଗ ଦେଲେ । ବିଶ୍ୱବିଦ୍ୟାଳୟର କେତେକ ପ୍ରାଧ୍ୟାପକ ଓ ଗବେଷଣା-ସହକାରୀ ଏହି ମନୋନୟନ ପାଇଁ ପ୍ରାର୍ଥୀ ଥିଲେ, କିନ୍ତୁ କାମାକ୍ଷା ରାଜ୍ୟର ପବ୍ଲିକ୍ ସର୍ଭିସ୍ କମିଶନ ସୌଭାଗ୍ୟବଶତଃ ବିଶ୍ୱବିଦ୍ୟାଳୟମାନଙ୍କ ପରି ରାଜନୀତିର ଲୀଳାମହଲ ହୋଇ ନ ଥିଲା । ତେଣୁ ଡଃ ଶେଲାଟ୍ ଅନାୟାସରେ ଏ ପ୍ରତିଯୋଗିତାରେ ବିଜୟୀ ହୋଇଥିଲେ ।

ଏଥର ଭାବନାର ଦୁନିଆରୁ ଫେରିଆସିଲେ ଡଃ ଶେଲାଟ । ଚାରିମାସହେଲା ମୂଲ୍ୟାୟନ ନିର୍ଦ୍ଦେଶକ ପଦବୀଟି ଖାଲି ଥିଲା । ପୂର୍ବନିର୍ଦ୍ଦେଶକ ତଥା ଯୁଗ୍ମସଚିବ ଶ୍ରୀ ନରୋତ୍ତମ ପ୍ରସାଦ ଶର୍ମା ନଥି କାର୍ଯ୍ୟ ସମାପନରେ କୌଣସି ଆଗ୍ରହ ନ ଦେଖାଇ ବ୍ୟସ୍ତଥିଲେ କେବଳ ବେନାମୀ ପିଟିସନ ପ୍ରସ୍ତୁତ କରିବାରେ । ମୂଲ୍ୟାୟନ ନାମକ ପ୍ରାଣୀକୁ ସେ ଆଦୌ ଚିହ୍ନି ନ ଥିଲେ । ଯେଉଁଦିନ ଶର୍ମା ସାହେବଙ୍କର କାମାକ୍ଷାରାଜ୍ୟର ତଥ୍ୟ ସଂଗ୍ରହ ନିର୍ଦ୍ଦେଶକ ଭାବେ ନିଯୁକ୍ତି ଆଦେଶ ଆସିଲା, ସେହିଦିନ ଅପରାହ୍ନରେ ହିଁ ଲସର ପସର ହୋଇ ଯାଇ ସେଠାରେ ଚଉକିଟି ମାଡ଼ିବସିଲେ । ଯୋଜନା ବିଭାଗରେ ତିନିଶହ ନଥି ସେମିତି ପଡ଼ିରହିଥିଲା ।

ଏକମାସ ଅକ୍ଳାନ୍ତ ପରିଶ୍ରମ କରି ଡଃ ଶେଲାଟ ସେହି ତିନିଶହ ନଥି କାମ ସାରିଲେ । ରାଜ୍ୟ ପ୍ରଶାସନରେ ଅନଭିଜ୍ଞତା ଦୃଷ୍ଟିରୁ ଅନେକଥର ତାଙ୍କୁ ବରିଷ୍ଠ ସହାୟକ ଓ କନିଷ୍ଠ ସହକର୍ମୀମାନଙ୍କ ସଙ୍ଗେ ଆଲୋଚନା କରିବାର ଆବଶ୍ୟକତା ପଡ଼ିଥିଲା । ଯୋଜନା ବିଭାଗର ଶାସନସଚିବ ଅତ୍ୟନ୍ତ ଖୁସି ହୋଇ ଡଃ ଶେଲାଟଙ୍କୁ ବଧେଇ ଜଣାଇବା ପାଇଁ ତାଙ୍କ ପ୍ରକୋଷ୍ଠକୁ ଆସିଥିଲେ । ଡଃ ଶେଲାଟଙ୍କର

Digitized by PPRACHIN, SOA

ନଥିରେ ଲେଖାର ଶୈଳୀ, ନିଷ୍ପତ୍ତି ନେବାର ନିରପେକ୍ଷତା, ବିଭିନ୍ନ ସମସ୍ୟା ପ୍ରତି ମୁକ୍ତ ଓ ଗଠନମୂଳକ ମନୋଭାବ ତାଙ୍କୁ ଖୁବ୍ ଭଲ ଲାଗିଥିଲା । ଯୋଜନା ମନ୍ତ୍ରୀ ଡଃ ଗଙ୍ଗୱାର ମଧ୍ୟ ପ୍ରୀତ ହୋଇଥିଲେ ନଥି ଉପସ୍ଥାପନାର ଶୈଳୀକୁ ଦେଖି ।

ପୂର୍ବତନ ନିର୍ଦ୍ଦେଶକ ଶର୍ମାସାହେବ ନଥି କାର୍ଯ୍ୟ ସମାପନରେ ଥିଲେ ନିତାନ୍ତ ମନ୍ଥର, ତେଣୁ ତାଙ୍କ ଦାୟିତ୍ୱରୁ ସାତଟି ଉପବିଭାଗ ଅପସାରଣ କରାଯାଇଥିଲା । ଜଣେ ଯୁଗ୍ମ ନିର୍ଦ୍ଦେଶକ ତଥା ଉପଶାସନ ସଚିବ ଦୁଇଜଣ ଉପନିର୍ଦ୍ଦେଶକ ତଥା ଅନୁଶାସନ ସଚିବଙ୍କ କାର୍ଯ୍ୟର ତଦାରଖ ଶାସନ ସଚିବ ନିଜେ ଦାୟିତ୍ୱ ବହନ କରିଥିଲେ । ଡଃ ଶେଲାଟଙ୍କର ନଥି ସମାପନର ବେଗ ଓ ଗୁଣାତ୍ମକମାନରେ ଅତ୍ୟନ୍ତ ସନ୍ତୁଷ୍ଟ ହୋଇ ଶାସନ ସଚିବ ଏହି ସାତଟି ଉପବିଭାଗର ଦାୟିତ୍ୱ ମଧ୍ୟ ଡଃ ଶେଲାଟଙ୍କୁ ଅର୍ପଣ କଲେ ।

ଡଃ ଶେଲାଟଙ୍କ ଟେବୁଲକୁ ଏଥର ନଥି ଆଗମନର ପରିମାଣ ଦ୍ୱିଗୁଣିତ ହୋଇଗଲା । ଦିନ ଦଶଟାରୁ ରାତି ଆଠଟା ଯାଏ କାମ କଲେ ମଧ୍ୟ ପ୍ରତିଦିନର କାର୍ଯ୍ୟ ସେହିଦିନ ଶେଷ ହୋଇପାରିଲା ନାହିଁ । ଦେଖାଗଲା ଡଃ ଶେଲାଟ ପ୍ରତିଦିନ ରାତି ବେଳକୁ ଦୁଇତିନୋଟି ବଣ୍ଡିଲରେ ନଥି ନେଇ ଘରକୁ ଯାଉଛନ୍ତି । ତହିଁ ପରଦିନ ସକାଳୁ ସେଗୁଡ଼ିକ କାମ ସାରି ଫେରାଇ ଆଣୁଛନ୍ତି । ଯୋଜନା ବିଭାଗର ବିଭିନ୍ନ ଉପବିଭାଗର କାର୍ଯ୍ୟ ସମ୍ବନ୍ଧରେ ଛ'ମାସ ମଧ୍ୟରେ ଡଃ ଶେଲାଟଙ୍କର ବେଶ୍ ଦକ୍ଷତା ଆସିଲା । ଯେଉଁସବୁ ବୈଠକ ଶାସନ ସଚିବ ବ୍ୟସ୍ତତା ହେତୁ ଯାଇପାରୁ ନ ଥିଲେ ସେଗୁଡ଼ିକରେ ଡଃ ଶେଲାଟ ଯୋଜନା ବିଭାଗର ପ୍ରତିନିଧିତ୍ୱ କଲେ । ଯୋଜନା ମନ୍ତ୍ରୀ ଡଃ ଗଙ୍ଗୱାର ମଧ୍ୟ ବିଭିନ୍ନ ପ୍ରସ୍ତାବ ବା ଯୋଜନା ଉପରେ ନିଷ୍ପତ୍ତି ନେଲା ପୂର୍ବରୁ ଡଃ ଶେଲାଟଙ୍କୁ ଡକାଇ ଆଲୋଚନା କରୁଥିଲେ । ଡଃ ଶେଲାଟ ଯୋଗଦେବାର ଗୋଟିଏ ବର୍ଷ ଶେଷବେଳକୁ ଦେଖାଗଲାଯେ ଯୋଜନା ବିଭାଗରେ ଶାସନ ସଚିବଙ୍କ ବ୍ୟତୀତ କେବଳ ଡଃ ଶେଲାଟଙ୍କ ନାମହିଁ ଶୁଣାଯାଉଛି । କିନ୍ତୁ ଗୋଟିଏ ବର୍ଷ ପୂର୍ଣ୍ଣ ହେଲା ପରେ ମଧ୍ୟ ମୂଲ୍ୟାୟନ ନିର୍ଦ୍ଦେଶକଙ୍କ ଦ୍ୱାରା କୌଣସି ମୂଲ୍ୟାୟନ ରିପୋର୍ଟ ପ୍ରସ୍ତୁତ ହୋଇପାରିଲା ନାହିଁ । ଡଃ ଶେଲାଟଙ୍କର ଅର୍ଥନୀତିର ଜ୍ଞାନ ଭଣ୍ଡାରର କାଣିଚାଏ ମଧ୍ୟ କାମାକ୍ଷା ରାଜ୍ୟର ପ୍ରକୃତ ଫାଇଦାରେ ଲାଗିଲା ନାହିଁ । ସେ ଏକ ନଥିଚାଷକାରୀ ସଚିବାଳୟ କର୍ମଚାରୀ ପାଲଟିଗଲେ । ସଚିବାଳୟ ନଥିରୁ ଶତକଡ଼ା ନବେଭାଗ କେବଳ କର୍ମଚାରୀମାନଙ୍କର ଚାକିରି ସମ୍ବନ୍ଧୀୟ ଥିଲା ।

ଯୋଜନାମନ୍ତ୍ରୀ ଡଃ ଗଙ୍ଗୱାର ଦିନେ କାମାକ୍ଷା ରାଜ୍ୟ ତଥ୍ୟ ସଂଗ୍ରହ ନିର୍ଦ୍ଦେଶାଳୟର କାର୍ଯ୍ୟକଳାପର ଗୋଟିଏ ସମୀକ୍ଷା କଲେ । ଗତ ଏକବର୍ଷ ମଧ୍ୟରେ ନିର୍ଦ୍ଦେଶକ

Digitized by PPRACHIN, SOA

ଶର୍ମାଙ୍କର କୌଣସି ଆଖିଦୃଶିଆ କାର୍ଯ୍ୟ ଦେଖିବାକୁ ମିଳିଲା ନାହିଁ । ସବୁ କାମ ଅଧାପନ୍ତରିଆ ହୋଇ ପଡ଼ି ରହିଛି । ଜିଲ୍ଲା ତଥ୍ୟ ସଂଗ୍ରହ ଦପ୍ତରଗୁଡ଼ିକର କାର୍ଯ୍ୟ ମୁଖ୍ୟ କାର୍ଯ୍ୟାଳୟରୁ କେହି ଗସ୍ତରେ ଯାଇ ତଦାରଖ କରିନାହାନ୍ତି । କୌଣସି ପ୍ରୋଜେକ୍ଟ ଠିକ୍ ସମୟରେ ସଂପୂର୍ଣ୍ଣ ହୋଇନାହିଁ । କେନ୍ଦ୍ରସରକାରଙ୍କଠାରୁ ଆସିଥିବା ଅର୍ଥ ବିଭିନ୍ନ କାର୍ଯ୍ୟରେ ଖର୍ଚ୍ଚ ହୋଇଛି କିନ୍ତୁ ଯେଉଁ ରିପୋର୍ଟ ରିଟର୍ଣ୍ଣ ପଠାଯିବା କଥା ତାହା ଅସଂପୂର୍ଣ୍ଣ ହୋଇ ପଡ଼ିରହିଛି । ଡଃ ଗଙ୍ଗୱାର ଏଥିରେ ଅତ୍ୟନ୍ତ ଦୁଃଖିତ ଓ କ୍ଷୁବ୍ଧ ହେଲେ । ସେ ଡଃ ଶେଲାଟଙ୍କୁ ଏହି ସମୀକ୍ଷା ବୈଠକକୁ ଡକାଇ ଏଥର ସେ ତଥ୍ୟସଂଗ୍ରହ ନିର୍ଦ୍ଦେଶାଳୟ ବ୍ୟାପାର ସଚିବାଳୟରୁ ବୁଝନ୍ତୁ ବୋଲି ଆଦେଶ କଲେ ।

ଡଃ ଶେଲାଟ ନିଜର ବ୍ୟସ୍ତ କାର୍ଯ୍ୟକ୍ରମରୁ କିଛି ସମୟ କାଢ଼ି ତଥ୍ୟ ସଂଗ୍ରହ ନିର୍ଦ୍ଦେଶାଳୟର ବିଭିନ୍ନ ଶାଖା ବୁଲି ଆସିଲେ । ସମସ୍ତ ଗୁରୁତ୍ୱପୂର୍ଣ୍ଣ ଶାଖା ଉପଶାଖାର ଦାୟିତ୍ୱରେ ଥିବା କର୍ମଚାରୀମାନଙ୍କ ସଙ୍ଗେ ଆଲୋଚନା କରି କାର୍ଯ୍ୟକ୍ଷେତ୍ରରେ କ'ଣ ସୁବିଧା ଅସୁବିଧା ହେଉଛି ବୁଝିଲେ ।

ବିଗତ କୋଡ଼ିଏ ବର୍ଷ ଧରି ବରିଷ୍ଠ ଓ କନିଷ୍ଠ ସହାୟକମାନଙ୍କ ମଧ୍ୟରେ କିମ୍ବା ତଥ୍ୟ ସଂଗ୍ରହ ଅନୁସନ୍ଧାନକାରୀ, ସହାୟକ ବା ପରିଦର୍ଶକମାନଙ୍କ ମଧ୍ୟରେ କାର୍ଯ୍ୟବଣ୍ଟନର କୌଣସି ପରିବର୍ତ୍ତନ ହୋଇ ନ ଥିଲା । ଚାରିଆଡ଼େ ସ୍ଥାଣୁ, ନିଷ୍କର୍ମତାର ରାଜୁତି । କିଏ ମୁଖ୍ୟକାର୍ଯ୍ୟାଳୟରେ ଆଣି ଗଞ୍ଜି, ଚଡ଼ି, ବ୍ରା ବ୍ଲାଉଜ ବିକ୍ରୀ କରୁଛି ତ ଆଉ କେତେଜଣ ପିୟାରଲେସ, ସାହାରା, କୁବେରର ପଲିସି ବିକ୍ରୀ କରୁଛନ୍ତି । ଭଡ଼ାଘର ଓ ପ୍ଲଟ ଦଲାଲିରେ ଦୁଇତିନିଜଣ ବ୍ୟସ୍ତ ଅଛନ୍ତି । କେତେଜଣ କେବଳ ଦିନରାତି ଲୋକଙ୍କ ହସ୍ତରେଖା ପଠନ ବା ଜାତକ କଷିବାରେ ବ୍ୟସ୍ତ । ଦପ୍ତରରେ ସରକାରୀ କାମ ବ୍ୟତୀତ ଅନ୍ୟାନ୍ୟ ସମସ୍ତ କାର୍ଯ୍ୟ ସୁରୁଖୁରୁରେ ଚାଲିଛି ।

ଡଃ ଶେଲାଟ ଦେଖିଲେ ଯେ ଅଣଗେଜେଟେଡ କର୍ମଚାରୀମାନଙ୍କ ମଧ୍ୟରେ ଇଉନିୟନବାଜିର ଉତ୍କଟ ପ୍ରାଦୁର୍ଭାବ ଓ ଗେଜେଟେଡ କର୍ମଚାରୀମାନଙ୍କର ଇଉନିୟନମାନଙ୍କୁ ପ୍ରାଣେ ଡର । ପୂର୍ବତନ ତଥ୍ୟ ସଂଗ୍ରହ ନିର୍ଦ୍ଦେଶକଙ୍କ ବିରୁଦ୍ଧରେ ପିଟିସନ ସର୍ଜନା କରିବା ପାଇଁ ଶର୍ମାସାହେବ ଅନେକ ଥର ଇଉନିୟନ୍‌ର କେତେକ ବିଶୃଙ୍ଖଳ କର୍ମକର୍ତ୍ତାଙ୍କୁ ବ୍ୟବହାର କରିଥିଲେ । ତାଙ୍କ ପ୍ରରୋଚନାରେ ସେହି କର୍ମକର୍ତ୍ତାମାନେ ଅନେକଥର ନିର୍ଦ୍ଦେଶକଙ୍କ ନାମରେ ମିଥ୍ୟା ଅଭିଯୋଗ କରି ତାଙ୍କୁ ଅପଦସ୍ତ କରିବାକୁ ଚେଷ୍ଟା କରିଥିଲେ । ଏବେ ଶର୍ମାସାହେବ ସେହି ଇଉନିୟନ କର୍ମକର୍ତ୍ତାଙ୍କ କଥାରେ ହେଉଛନ୍ତି ଉଠ୍‌ବସ । ଡଃ ଶେଲାଟ୍ ପ୍ରଥମେ ଏଇମାନଙ୍କ ମଧ୍ୟରୁ

Digitized by PPRACHIN, SOA

କେତେଜଣଙ୍କୁ ତୁରନ୍ତ ବଦଳିର ପ୍ରସ୍ତାବ ଶର୍ମାଙ୍କ ପାଖରେ ରଖିଲେ । ଗୋଟାଏ ନଷ୍ଟ ଓ ବିଶୃଙ୍ଖଳ କାର୍ଯ୍ୟାଳୟକୁ ତ ଆଉ ରାତାରାତି ସୁଧାରି ହେବନାହିଁ । ତେଣୁ ଥରକୁ ଗୋଟିଏ ଦୃଢ଼ ପଦକ୍ଷେପ ନେବାପାଇଁ ନିଷ୍ପତ୍ତି ହେଲା ।

ଦୁଇଦିନରୁ ବେଶୀ ସମୟ ଅତିକ୍ରାନ୍ତ ହୋଇନାହିଁ । ଡଃ ଶେଲାଟଙ୍କ ନାଁରେ ଗୋଟିଏ ଗୁରୁତର ଅଭିଯୋଗ ସମ୍ବଳିତ ପିଟିସନ୍ ଆସିଲା । ତାଙ୍କ ଘରେ ବିଦେଶୀ ମଦର ପିମ୍ପା ପାଞ୍ଚଟି ସବୁବେଳେ ଭର୍ତ୍ତି ହୋଇଥାଏ । ତାଙ୍କର ଆଉଜଣେ ବିବାହିତା ଆମେରିକୀୟ ପତ୍ନୀ ମାସାଚୁସେଟ୍ସରେ ଅଛନ୍ତି ଓ ଡଃ ଶେଲାଟଙ୍କ ପିତୃତ୍ୱରେ ତାଙ୍କର ଦୁଇଟି ଝିଅ । ସେମାନଙ୍କ ପାଖକୁ ସେ ରୀତିମତ ଟଙ୍କା ପଠାନ୍ତି । ସେଥିପାଇଁ ଧର୍ମପତ୍ନୀଙ୍କ ସଙ୍ଗେ ଡଃ ଶେଲାଟଙ୍କର ସବୁବେଳେ ଖଟ୍‌ଖାଟ୍ ଲାଗେ ।

ଏବେ ମଧ୍ୟ ତାଙ୍କର ସେଇ ନାରୀଜନିତ ଦୁର୍ବଳତା ଦୂର ହୋଇନାହିଁ । ମଦମତ୍ତରେ ମହିଳା ସହକର୍ମୀଙ୍କ ସହ ରାତ୍ରିଯାପନ ଏବଂ ଅନେକ ଥର ସକାଳୁ ଝାଡୁଦାର ତାଙ୍କ ଅଫିସ୍ ପ୍ରକୋଷ୍ଠରୁ ରାସକ୍ରୀଡ଼ା ସାମଗ୍ରୀର ନିଷ୍କାସନ କରିବା କଥା ଉଲ୍ଲେଖ ଥିଲା ପିଟିସନ୍‌ରେ ।

ଡଃ ଶେଲାଟ ଏହି ପିଟିସନ୍ ସହିତ ନିଜର ଇସ୍ତଫାପତ୍ରଟି ନେଇ ଡଃ ଗଙ୍ଗୱାରଙ୍କୁ ଦେଖାକଲେ । ନିଜ ହାତରେ ପିଟିସନ୍‌ଟି ଚିରିଦେଇ ଡଃ ଗଙ୍ଗୱାର ଖୁବ୍ ହସିଲେ । ଏ ପିଟିସନର ଜନକ କିଏ ତାହା ତାଙ୍କ ମୁଖମଣ୍ଡଳରୁ ସ୍ପଷ୍ଟ ବାରି ହେଉଥିଲା ।

ଏକ ମାସ ମଧ୍ୟରେ ଶ୍ରୀ ଶର୍ମାଙ୍କୁ ବାଧ୍ୟତାମୂଳକ ଅବସର ପ୍ରଦାନ କରାଗଲା । ଯୋଜନା ବିଭାଗରେ ଆଉ ଏକ ଅତିରିକ୍ତ ସଚିବ ପଦ ସୃଷ୍ଟି କରାଯାଇ ଯେତେ ଫାଇଲକାର୍ଯ୍ୟ ସେହି ସଚିବଙ୍କୁ ସମର୍ପଣ କରାଗଲା । ଡଃ ଶେଲାଟଙ୍କୁ ସଂପୂର୍ଣ୍ଣ ଭାବେ ରଖାଗଲା ମୂଲ୍ୟାୟନ ନିର୍ଦ୍ଦେଶକ ଓ କାମାକ୍ଷା ରାଜ୍ୟ ଯୋଜନାବୋର୍ଡ଼ର ପରାମର୍ଶଦାତା ଦାୟିତ୍ୱରେ । ଯୋଜନା ବିଭାଗରେ କୌଣସି କ୍ଷମତାର ଅଧିକାରୀ ହୋଇ ସଦାସର୍ବଦା ବେନାମୀ ପିଟିସନ୍ ଭୟରେ କାଳ କାଟିବାକୁ ଆଉ ଆଦୌ ଚାହିଁ ନ ଥିଲେ ଡଃ ଶେଲାଟ୍ । ତେଣୁ ତାଙ୍କର ଅର୍ଥନୈତିକ ଗବେଷଣା ମୂଲ୍ୟାୟନ ଓ ପ୍ରବନ୍ଧ ରଚନା କାର୍ଯ୍ୟ ଚାଲିଲା ଏଥର ପୂରାଦମ୍‌ରେ । ନଥି ସେବାରୁ ଦୂରେଇ ଯାଇ ଏକ ଅପୂର୍ବ କର୍ମ ସନ୍ତୋଷ ଲାଭ କଲେ ଡଃ ଶେଲାଟ୍ । ଏ ସବୁ ସମ୍ଭବ ହୋଇଥିଲା କେବଳ ଜଣେ ସମ୍ବେଦନଶୀଳ, ସମଧର୍ମୀ ଯୋଜନା ମନ୍ତ୍ରୀ, ଡଃ ଗଙ୍ଗୱାରଙ୍କର ନିର୍ଭୁଲ ଓ ସମୟୋଚିତ ନିଷ୍ପତ୍ତି ଯୋଗୁଁ । ନଥି ଓ ପିଟିସନ ଦୌରାତ୍ମ୍ୟରୁ ରକ୍ଷା କରିଥିବା ହେତୁ ମନ୍ତ୍ରୀ ମହୋଦୟଙ୍କୁ ଅସୀମ କୃତଜ୍ଞତା ଜଣାଇବା ପାଇଁ ଗୋଟିଏ ସୌଜନ୍ୟ ସାକ୍ଷାତ କରିବାକୁ କେମିତି ଭୁଲିଥାଆନ୍ତେ ଡଃ ଶେଲାଟ୍ ?

Digitized by PPRACHIN, SOA

ଜ୍ୟେଷ୍ଠ ସନ୍ତାନ

ପୀରିତିପୁର ଗାଁର ଚୌଧୁରୀ ନିବାସ । ଭୋର ହେବାକୁ ଆଉ ଘଡ଼ିଏ ବାକୀ । ଘରର ବଡ଼ପୁଅ ନିତାଇ ଚୌଧୁରୀଙ୍କ ନିଦ ଭାଙ୍ଗିଲା ଆଲାରାମ ଘଡ଼ିର ଶବ୍ଦରେ । ଉଠିବା ମାତ୍ରେ ଶଯ୍ୟାରେ ବସି ସେ ପାଞ୍ଚଥର ଜପନ୍ତି ଗାୟତ୍ରୀ । ତା'ପରେ ବୋଲନ୍ତି ନବଗ୍ରହ ସ୍ତୋତ୍ର– "ଜବାକୁସୁମ ସଂକାଶଂ କାଶ୍ୟପେୟଂ ମହାଦ୍ୟୁତିଂ ।" ଶେଷରେ ସୁପ୍ରଭାତ ମନ୍ତ୍ର– "ବ୍ରହ୍ମା ମୁରାରି, ତ୍ରିପୁରାନ୍ତକାରୀ...."

ବୃଦ୍ଧ ଚଉଧୁରୀଙ୍କ ଦେହ ଖରାପ । ପନ୍ଦର ଦିନ ହେଲା ଶେଯ ଛାଡ଼ି ନାହାନ୍ତି । ବୟସ ପଞ୍ଚାଅଶୀ ଟପିଲାଣି । ତାଙ୍କୁ ଦେଖିବା ପାଇଁ ବଡ଼ ପୁଅ ନିତାଇ ଚଉଧୁରୀ ଆସିଛନ୍ତି ଘରକୁ ଦୁଇଦିନ ଛୁଟି ନେଇ । ସାଙ୍ଗରେ ଆସିଛି ତାଙ୍କ ବଡ଼ ପୁଅ ସୁବ୍ରତ ।

ନିତାଇ ଚଉଧୁରୀଙ୍କର ମୁଙ୍ଗେର ସହରରେ ଚାକିରି । ପୀରିତିପୁରଠାରୁ ମୁଙ୍ଗେର ନବେ କିଲୋମିଟର ବାଟ । ରାସ୍ତା ସେତେ ଭଲ ନୁହେଁ । ସେ ରାସ୍ତାରେ ବେଶୀ ବସ୍ ମଧ ଚାଲେ ନାହିଁ । ପୁଅକୁ ବସାଇ ମୋଟର ସାଇକେଲରେ ନିତାଇ ଚଉଧୁରୀ ଆସିଛନ୍ତି ଦୁଇଦିନ ତଳେ । ସହଳ ମୁଙ୍ଗେର ପହଞ୍ଚିଲେ ସେ ଯିବେ ଅଫିସ୍ । ସୁବ୍ରତ ଯିବ ସ୍କୁଲ । ସାନଭାଇ ନିମାଇଁ ଘରେ ଥାଏ । ବାପା ମା'ଙ୍କର ଦେଖାଶୁଣା କରେ । ଗାଁ ସ୍କୁଲରେ ହେଡ଼ମାଷ୍ଟର । ନିତାଇବାବୁ ଘରକୁ ଯେତେବେଳେ ଯାହା ଦରକାର ଆବଶ୍ୟକ ମୁତାବକ ସାହାଯ୍ୟ ଦିଅନ୍ତି ।

ଶହେ ଏକର ଉପରେ ଚାଷ ଜମି ଓ ବଗିଚା ଥିଲା ଚଉଧୁରୀ ପରିବାରର । ସିଲିଂରେ ଅଧା ଜମି ଗଲା ଆଉ ବାକି ଅଧା ଜମି ଭାଗଚାଷୀମାନେ କମ୍ୟୁନିଷ୍ଟଙ୍କ ସହାୟତାରେ ଜବର ଦଖଲ କରି ନେଇଗଲେ । ଏବେ ହାତରେ ଅଛି ମାତ୍ର ବାର ଏକର । କିନ୍ତୁ ନିତାଇବାବୁଙ୍କ ଦୟାରୁ ଗାଁ ଘରେ ଚଳାଚଳରେ କିଛି ହେଲେ ଅସୁବିଧା ନ ଥାଏ । ବାପାଙ୍କ ଚିକିତ୍ସାରେ କିଛି ଅବହେଳା ହେଉ ନ ଥାଏ ।

ସକାଳ ସାଢ଼େ ସାତଟା ବେଳେ ମୁଙ୍ଗେର ବାହାରିଲେ ନିତାଇବାବୁ । ସୁବ୍ରତ ପଛରେ ବସିଲା ପରେ ମୋଟର ସାଇକେଲରେ ଷ୍ଟାର୍ଟ ଦେଲେ । ମାଘ ମାସ ସକାଳ । ରାସ୍ତାରେ ବେଶ୍ କୁହୁଡ଼ି । ନିତାଇବାବୁ ପ୍ରାୟ କୋଡ଼ିଏ କିଲୋମିଟର ରାସ୍ତା ଅତିକ୍ରମ କଲାପରେ ଲକ୍ଷ୍ୟ କଲେ ରାସ୍ତାର ଡାହାଣପଟ କଚ୍ଚାରାସ୍ତାରୁ ହଠାତ୍ ଗୋଟିଏ ବଳଦ ଯୋଚା ଶଗଡ଼ ଉଠିଆସିଲା ମୁଖ୍ୟ ରାସ୍ତା ଉପରକୁ ।

Digitized by PPRACHIN, SOA

କୁହୁଡ଼ି ଯୋଗୁ ବେଶୀ ଦୂରରୁ ଦେଖି ପାରିନାହାନ୍ତି ନିତାଇବାବୁ ଶଗଡ଼ଟିକୁ । ଏଣେ ଶଗଡ଼ିଆ ମଧ୍ୟ ବେପରୁଆ ଭାବେ ମୁଖ୍ୟ ରାସ୍ତାକୁ ଉଠି ଆସିଛି ଆଗ ପଛ, ବାଁ ଡାହାଣ କିଛି ନ ଦେଖି । ନିତାଇବାବୁ ହଠାତ୍ ବ୍ରେକ୍ କଷିଲେ । ମଟର ସାଇକେଲଟି କିଛି ବାଟ ଘୋଷାରି ହୋଇଯାଇ ଶଗଡ଼ ଦେହରେ ପିଟି ହେଲା ।

ନିତାଇବାବୁ ପଡ଼ିଗଲେ । ସୁବ୍ରତ ମଧ୍ୟ କିଛି ଦୂରକୁ ଛିଞ୍ଚାଡ଼ି ହୋଇପଡ଼ିଲା । ସଙ୍ଗେ ସଙ୍ଗେ ଉଠି ପୁଅ ପାଖକୁ ଦଉଡ଼ିଗଲେ ନିତାଇବାବୁ । ସୁବ୍ରତର ମୁଣ୍ଡ ଫାଟିଯାଇଥାଏ । କହୁଣି ପାଖରୁ ମଧ୍ୟ ରକ୍ତ ବୋହିପଡୁଥାଏ । ନିତାଇବାବୁ ମଧ୍ୟ ବେଶ୍ ଖଣ୍ଡିଆ ଖାବରା ହୋଇଥା'ନ୍ତି । ଭାଗ୍ୟକୁ ମଟର ସାଇକେଲଟି ବିଶେଷ କିଛି କ୍ଷତିଗ୍ରସ୍ତ ହୋଇ ନ ଥାଏ । ସଂଗେ ସଂଗେ ଷ୍ଟାର୍ଟ ନେଲା ।

ଦୁର୍ଘଟଣା ସ୍ଥଳଠାରୁ ଅଧ କିଲୋମିଟର ବାଟରେ କରମ ପୁର ପ୍ରାଥମିକ ଚିକିତ୍ସା କେନ୍ଦ୍ର । ନିତାଇବାବୁ ପୁଅକୁ ନେଇ ସେଠାରେ ପହଞ୍ଚିଲେ । ସ୍ୱାସ୍ଥ୍ୟକେନ୍ଦ୍ରର ଦୁଇଜଣ ଡାକ୍ତର ତାଙ୍କୁ ଚିହ୍ନିଲେ । ନିତାଇବାବୁ ଥିଲେ ମୁଙ୍ଗେଇ ଜିଲା ମୁଖ୍ୟ ସ୍ୱାସ୍ଥ୍ୟ ଅଫିସ୍‌ର ବଡ଼ବାବୁ । ପାଞ୍ଚ ବର୍ଷ ହେଲା ସେ ସେହି ପଦବୀରେ ଅଛନ୍ତି ।

ସ୍ୱାସ୍ଥ୍ୟକେନ୍ଦ୍ରରେ ତୂଳା, ବ୍ୟାଣ୍ଡେଜ କନା ଓ ସ୍ପିରିଟ୍ ଖୋଜା ଚାଲିଲା । ସବୁ ଷ୍ଟକ୍ ସରିଯାଇଛି । ସ୍ୱାସ୍ଥ୍ୟକେନ୍ଦ୍ର ସାମନାରେ ରାସ୍ତା ଆରପଟେ ଗୋଟିଏ ଛୋଟ ମେଡିକାଲ୍ ଷ୍ଟୋର୍ । ଦୋକାନ ଖୋଲିବାକୁ ଆହୁରି ଦୁଇଘଣ୍ଟା ଡେରି । ଦୋକାନୀ ଘର ଦୁଇ କିଲୋମିଟର ଦୂରରେ । ଲୋକ ପଠାହେଲା । ଦୋକାନୀ ଆସି ଦୋକାନ କୋଲିଲା ଘଣ୍ଟାଏ ପରେ । ତୁଳା, ସ୍ପିରିଟ୍ ଓ ବ୍ୟାଣ୍ଡେଜ୍ କନା କିଣା ହୋଇ ଆସି ଆରମ୍ଭ ହେଲା ଚିକିତ୍ସା । ସେତେବେଳକୁ ସୁବ୍ରତର କ୍ଷୟ ହୋଇଯାଇଥାଏ ଅନେକ ରକ୍ତ । ଟିଟାନସ୍ ଟକ୍‌ସାଇଡ୍, ଆଣ୍ଟି-ଗାଙ୍ଗାରିନ୍ ଓ ପେନ୍‌ସିଲିନ୍ ଇଂଜେକ୍‌ସନ ଇତ୍ୟାଦି ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଡଃ ରାଇନା ସୁବ୍ରତକୁ ଦେଲେ ।

ମୁଣ୍ଡ ଫଟା ଖଣ୍ଡିଆଟିକୁ କିନ୍ତୁ ଷ୍ଟିଚ୍ କରିହେଲା ନାହିଁ । କାରଣ ଷ୍ଟୋରରୁ କର୍ଡ ସରିଯାଇଥିଲା । ଦୋକାନରେ ମଧ୍ୟ ମିଳିଲା ନାହିଁ । ନିତାଇବାବୁ ବଡ଼ ବ୍ୟସ୍ତ ହୋଇପଡ଼ିଲେ । ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତରଙ୍କ ଉପରେ ବିରକ୍ତ ହେଲେ । ସ୍ୱାସ୍ଥ୍ୟକେନ୍ଦ୍ରର ଡଃ ରାଇନା କିନ୍ତୁ ଦବିଯିବା ଲୋକ ନୁହଁନ୍ତି । ସେ ଉତ୍ତର ଦେଲେ, ''ଚୌଧୁରୀବାବୁ, ସି.ଡି.ଏମ୍.ଓ.ଙ୍କ ଅଫିସ୍‌ରେ ଯେଉଁ ତୂଳା ବ୍ୟାଣ୍ଡେଜ୍ କିଣି ଆମକୁ ଆପଣ ଦିଅନ୍ତି ସେଥିରେ ସବୁବେଳେ କମ୍ ଥାଏ ଚାଳିଶ ପଚାଶ ପରସେଣ୍ଟ । ଆମେ ଶହେ ମିଟର ବ୍ୟାଣ୍ଡେଜ ପାଇଲୁ ବୋଲି ରସିଦ୍ ଦେଉ ମାତ୍ର ପାଉ ପଚାଶ ବା ଷାଠିଏ ମିଟର । ପଚାଶ କେଜି ଷ୍ଟେରିଲାଇଜଡ୍ ତୂଳା ପାଇଲୁ ବୋଲି ଲେଖୁ,

Digitized by PPRACHIN, SOA

କିନ୍ତୁ ବାସ୍ତବରେ ମିଳେ ତିରିଶ କେଜି । ଦଶ ଲିଟର ସର୍ଜିକାଲ ସ୍ପିରିଟ୍ ସ୍ଥାନରେ ମିଳେ ଚାରି ଲିଟର । ଯେତେ ସାବଧାନରେ ବ୍ୟବହାର କଲେ ମଧ୍ୟ ଫେବୃୟାରୀ ମାସବେଳକୁ ସବୁ ଶେଷ । ଆପଣ ନିଶ୍ଚୟ ଏସବୁ କଥା ଜାଣନ୍ତି । ଆମକୁ ଏବେ କେଉଁ ମୁହଁରେ ଗାଳି ଦେଉଛନ୍ତି ଆପଣ ? ଆମେ ଯେଉଁ ସବୁ ସରଞ୍ଜାମ ଓ ଔଷଧପତ୍ର ପାଇଁ ଲେଖୁ ତା'ର ଚାରିଭାଗରୁ ଭାଗେ ପାଉ । ତାହା ପୁଣି କାଗଜ କଲମରେ । ପ୍ରକୃତରେ ମିଳେ ଶତକଡ଼ା ଚାଳିଶରୁ ପଚାଶ ଭାଗ କମ୍ ।

ରାସ୍ତା କଡ଼ରେ ସ୍ୱାସ୍ଥ୍ୟକେନ୍ଦ୍ର ଆମର । ଅନେକ ସଂଖ୍ୟାରେ ଦୁର୍ଘଟଣାଗ୍ରସ୍ତ ଲୋକେ ଏଠାକୁ ଆସିବେ । ଅନ୍ୟାନ୍ୟ ସ୍ୱାସ୍ଥ୍ୟକେନ୍ଦ୍ରଠାରୁ ଫାଷ୍ଟ ଏଡ୍ ଚିକିତ୍ସା ପାଇଁ ଆବଶ୍ୟକ ଔଷଧପତ୍ର ଆମର ବହୁତ ବେଶୀ ଦରକାର । କିନ୍ତୁ ଆପଣ ଜାଣନ୍ତି ଆମେ ପାଉ କ'ଣ ?

ଏଥିରେ ନିତାଇବାବୁଙ୍କର କିଛି ଉତ୍ତର ଦେବାର ନ ଥିଲା । ତଥାପି କହିଲେ, "ଏହା କ'ଣ କେବଳ ମୁଙ୍ଗେର ଜିଲ୍ଲାରେ ଚାଲିଛି ନା ରାଜ୍ୟସାରା ଏଇ କଥା । ସି.ଡି.ଏମ୍.ଓ. ଜିଲ୍ଲା ପାଇଁ ଡାଇରେକ୍ଟରଙ୍କୁ ଯାହା ଅର୍ଥ ମାଗନ୍ତି ତାର ଅଧା ମଧ୍ୟ ମିଳେ ନାହିଁ । ଆମେ ଏଥିରେ କ'ଣ କରିବୁ ?"

ଡଃ ରାଇନା କହିଲେ, "ସତ କଥା, କିନ୍ତୁ ଅର୍ଡର ସପ୍ଲାୟରମାନଙ୍କଠାରୁ ଉତ୍କୋଚ ନେଇ ଆପଣ କମ୍ ଷ୍ଟକ୍ ରଖି ଆମକୁ ବେଶୀ ଷ୍ଟକ୍ ପାଇଲୁ ବୋଲି ଲେଖିଦେବାପାଇଁ କେଉଁ ମନ୍ତ୍ରୀ ବା ଅଫିସର ନିର୍ଦ୍ଦେଶ ଦେଇଛନ୍ତି ?" ଏଥର ନିତାଇବାବୁ ଚୁପ୍ ରହିଲେ । ମୁଙ୍ଗେରରେ ସି.ଡି.ଏମ୍.ଓ. ଅଫିସ୍‌ରେ ଏଇ ଡାକ୍ତରମାନେ ତାଙ୍କ ଆଗରେ ସିଧା ହୋଇ ଛିଡ଼ା ହୋଇପାରନ୍ତି ନାହିଁ । ଆଜି ବେଟାର ସାହସ ଦେଖ ।

ବେଶ୍ କିଛି ରକ୍ତ ହରାଇ ଅନେକଟା ଦୁର୍ବଳ ହୋଇଯାଇଥିଲା ସୁବ୍ରତ । ତେଣୁ ମୁଙ୍ଗେର ନଯାଇ ଗାଁକୁ ଫେରି ଆସିଲେ ବଡ଼ବାବୁ ନିତାଇ ଚୌଧୁରୀ ।

ଭଡ଼ାଟ୍ୟାକ୍‌ସି କରି ତା' ପରଦିନ ସକାଳେ ଯେ ସୁବ୍ରତକୁ ମୁଙ୍ଗେର ନେଇଗଲେ । ଦୁଇଦିନ ପରେ ସୁବ୍ରତକୁ କମ୍ପ ଆସି ଭୀଷଣ ଜ୍ୱର ହେଲା । ଆଣ୍ଟି ବାୟୋଟିକ ଔଷଧ, ଇଞ୍ଜେକ୍‌ସନ୍ ଅନେକ ଦିଆଗଲା କିନ୍ତୁ ତାକୁ ଆଉ ତିନି ଦିନରୁ ଅଧିକ ବଞ୍ଚାଇବା ସମ୍ଭବ ହେଲାନାହିଁ ।

ପ୍ରିୟ ନାତିର ମୃତ୍ୟୁ ଖବର ପାଇ ବୃଦ୍ଧ ଚୌଧୁରୀ ମଧ୍ୟ ଆରପାରିକୁ ଚାଲିଗଲେ ।

ମୁଙ୍ଗେର ଡାକ୍ତରମାନେ କହିଲେ ମୁଣ୍ଡ ଫାଟିଥିବା ଘା'ଟି ସେପ୍‌ଟିକ୍ ହୋଇ ସୁବ୍ରତ ଟିଟାନସ୍ ଦ୍ୱାରା ଆକ୍ରାନ୍ତ ହେଲା । ରାସ୍ତାର ଧୂଳି ଠିକ୍ ସମୟରେ

Digitized by PPRACHIN, SOA

ଘା'ରୁ ସଫା ନ ହେବାରୁ ଏପରି ହେଲା । ସମସ୍ତେ କହିଲେ, ଉଚିତ୍ ସମୟରେ ପ୍ରାଥମିକ ଚିକିତ୍ସା ପାଇଥିଲେ ସୁବ୍ରତର ଜୀବନ ରକ୍ଷା କରାଯାଇ ପାରିଥାନ୍ତା । ଡାକ୍ତରଖାନାରେ ଦିଆଯାଉଥିବା ପେନ୍‌ସିଲିନ୍ ଟିଟାନସ୍ ଓ ଗ୍ୟାଂପାରିନ୍ ବିରୋଧୀ ଇଂଜେକ୍‌ସନ୍ ହୁଏତ କିଛି ସୁଫଳ ଦେଲାନାହିଁ । ସେହି ଇଂଜେକସନ୍‌ଗୁଡ଼ିକର ହୁଏତ ସମସ୍ତ ଶକ୍ତି ନଷ୍ଟ ହୋଇଯାଇଥିଲା ।

ନିତାଇବାବୁ ଜାଣିଥିଲେ ଯେ ତାଙ୍କ ରାଜ୍ୟରେ ଡାକ୍ତରଖାନାରେ ମିଳୁଥିବା ସଲ୍‌ଫା ଟାବ୍‌ଲେଟ କେବଳ ଚକ୍ ଖଡ଼ି ଗୁଣ୍ଡ ସଙ୍ଗେ ସମାନ । ତାଙ୍କ ଡାକ୍ତରଖାନାରେ ବଣ୍ଟା ଯାଉଥିବା ଆଣ୍ଟାସିଡ୍ ବଟିକା କୋଡ଼ିଏଟି ଗିଳିଲେ ମଧ ଅମ୍ଳ ଜନୀତ ପ୍ରଦାହ ବନ୍ଦ ହୁଏ ନାହିଁ । ତାଙ୍କ ଡାକ୍ତରଖାନାରେ ମିଳୁଥିବା ମେଟ୍ରୋନିଡାଜୋଲ-୪୦୦ ବଟିକା ଦଶଟି ଗିଳିଲେ ମଧ ନାଳଝାଡ଼ା ବନ୍ଦ ହୁଏ ନାହିଁ । ପାରାସିଟାମଲ-୫୦୦ ମିଲି ଗ୍ରାମ୍‌ର ପାଞ୍ଚଟି ଟାବ୍‌ଲେଟ୍ ଉଦରସ୍ଥ କଲେ ମଧ ଜ୍ୱର ଛାଡ଼ିବା ନାଁ ନିଏ ନାହିଁ । ସ୍ପିରିଟ୍ ବା ଟିଂଚର ଆୟୋଡିନ୍ ଖଣ୍ଡିଆ ଭଲ କରିବାରେ କାମଦିଏ ନାହିଁ ।

ସୁବ୍ରତ ଓ ବାପାଙ୍କ ଶୁଦ୍ଧି କ୍ରିୟା ସାରି ନିତାଇ ଚୌଧୁରୀ ଅଫିସ୍‌ରେ ଯୋଗଦେଲେ । ନିଜ ଟେବଲ୍ ଉପରେ ଓ ଆଲମିରା ଭିତରେ ଯେଉଁ ଫାଇଲ୍ ପତ୍ର ଜମା ହୋଇଯାଉଥିଲା ପ୍ରଥମେ ତା'ର କାମ ସାରିବାକୁ ହେବ । ଆଲମିରା ଭିତରୁ ଆସିଥିବା ଗୋଟିଏ ଫାଇଲ୍ ଖୋଲି ଦେଖିଲେ । ପରେ ନିତାଇବାବୁ ବକିବାକୁ ଲାଗିଲେ ବାଚାଳ ଭାବରେ । "ମୁଁ କୁଳାଙ୍ଗାର– ମୁଁ ପାଷଣ୍ଡ– ମୁଁ କୁଳବୁଡ଼ା– ମୁଁ ମହାପାପୀ, କ'ଣ କଲି, ଧିକ୍ ମୋତେ । ଅତ୍ୟନ୍ତ ଉନ୍ମତ୍ତ ହୋଇ ନିତାଇବାବୁ ନିଜ ଛାତିକୁ ପିଟିବାକୁ ଲାଗିଲେ । ତା'ପରେ ଷ୍ଟିଲ୍ ଆଲମିରାରେ ଯାଇ ନିଜ ମୁଣ୍ଡଟାକୁ ଢୋ କିନା ପିଟିବାକୁ ଲାଗିଲେ । କପାଳଟା ଫୁଲିଗଲା । କିଛି କ୍ଷଣ ପାଇଁ ସେ ଚେତାହରାଇ ପଡ଼ିଗଲେ ।

ଫାଇଲ୍‌ଟିରେ ଥିଲା କରମ ପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ରେଫ୍ରିଜ୍‌ରେଟର ମରାମତି ପାଇଁ ଦୁଇ ହଜାର ଟଙ୍କା ମଞ୍ଜୁରୀର ଆଦେଶ । ସି.ଡି.ଏମ୍.ଓ. ଦୁଇ ମାସ ହେଲା ଅର୍ଥ ମଂଜୁରୀ ଦେଇଥିଲେ । ପ୍ରତି ଡିସ୍‌ପେନ୍‌ସାରି, ପି.ଏଚ୍.ସି. ଆଉ ସବ-ଡିଭିଜ୍‌ନାଲ ହସ୍ପିଟାଲକୁ ଯେକୌଣସି ଆଲଟମେଣ୍ଟ ପଠାଇଲା ବେଳେ ବଡ଼ବାବୁ– ନିଜ ପାଉଣାଟି କାଟି ରଖନ୍ତି । ତାଙ୍କ ରାଜ୍ୟରେ କେତେକ ସି.ଡି.ଏମ୍.ଓ. ନିଜେ ଏପରି ଅକାର୍ଯ୍ୟ ଓ କୁକାର୍ଯ୍ୟରେ ଲିପ୍ତ ରହି ଏପରି ଫାଇଦା ଉଠାନ୍ତି ଯେ ବଡ଼ବାବୁମାନଙ୍କୁ ସେମାନେ ଆୟତ୍ତ କରି ପାରନ୍ତି ନାହିଁ । କେତେକ ସି.ଡି.ଏମ୍.ଓ. ବଡ଼ବାବୁମାନଙ୍କୁ ଖୁସାମତ କରି ନିଜର କାମ ହାସଲ କରନ୍ତି ।

Digitized by PPRACHIN, SOA

ଶହେଟଙ୍କା ହାତଗୁଞ୍ଜା ନ ପାଇଲେ ଏ ଅଗ୍ରିମ ଦୁଇ ହଜାର ଟଙ୍କା ନିତାଇବାବୁ କିଭଳି କରିମପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଦେବେ ? ତେଣୁ ନଥିଟିକୁ ସେ ରଖିଦେଇଥିଲେ ଆଲମିରା ଭିତରେ । ତତ୍ ସଙ୍ଗେ ସଙ୍ଗେ ଅଜାଣତରେ ନିବୁଜ କରି ରଖିଦେଇଥିଲେ ନିଜ ଜ୍ୟେଷ୍ଠସନ୍ତାନ ସୁବ୍ରତର ଜୀବନ-ଦୀପ । ଛୋଟ ପିଲାଙ୍କ ପରି ଘଣ୍ଟାଏ କାଳ ଭୋ ଭୋ କାନ୍ଦିଲେ ସେଦିନ ମୁଙ୍ଗେର ଜିଲ୍ଲା ସି.ଡି.ଏମ୍.ଓ.ଙ୍କ ଅଫିସ୍‌ର ଅଭିଜ୍ଞ ବଡ଼ବାବୁ ନିତାଇ ଚୌଧୁରୀ ।

ଜ୍ୟେଷ୍ଠ ସନ୍ତାନ ସୁବ୍ରତ କିନ୍ତୁ ଆଉ ଫେରିଲା ନାହିଁ ।

Digitized by PPRACHIN, SOA

ଅକ୍ଟୋପସ

ରାମ ନରେଶ ସିଂହ ସୁଜାନପୁର ଜିଲ୍ଲା ଉନ୍ନୟନ ସଂସ୍ଥାରେ ପ୍ରକଳ୍ପ ନିର୍ଦ୍ଦେଶକ ଭାବେ କାମ କଲେଣି ତିନିବର୍ଷ ହେଲା । ମଗଧ ରାଜ୍ୟରେ ଦାରିଦ୍ର୍ୟ ଦୂରୀକରଣ ଯୋଜନାଗୁଡ଼ିକ ସମୟ ଅନୁସାରେ ତଥା ସଫଳତା ସହ କାର୍ଯ୍ୟକାରୀ କରାଇବା ଦିଗରେ ସେ ଥିଲେ ସର୍ବଦା ଯତ୍ନଶୀଳ । ଏଇଥିରୁହିଁ ସେ ପାଇଥିଲେ ଅଶେଷ ଆନନ୍ଦ । ଗ୍ରାମାଞ୍ଚଳରେ ଦାରଦ୍ର୍ୟ ସୀମାରେଖା ତଳେ ଥିବା ଅସହାୟ ପରିବାରମାନଙ୍କୁ କିଛି ଆତ୍ମନିଯୁକ୍ତି ବା ମଜୁରୀ ନିଯୁକ୍ତି ନିୟମିତ ବ୍ୟବସ୍ଥାକରି ସେମାନଙ୍କ ମୁହଁରେ ହସ ଫୁଟାଇବା ଥିଲା ତାଙ୍କର ଲକ୍ଷ୍ୟ । ଟ୍ରେଜେରୀ ବୋର୍ଡ, ଅଡିଟ ନିୟମାବଳୀ, ବିଭାଗୀୟ ଧରାବନ୍ଧା ନୀତିନିୟମକୁ ଜାବୋଡ଼ି ଧରି ହାତେ ମାପି ଚାଖଣ୍ଡେ ଚାଲିବା ଲୋକ ସେ ନଥିଲେ । ଏହି ପ୍ରକାରର ପ୍ରଦ୍ଧତିଜନିତ ଶୃଙ୍ଖଳରୁ ସାମାନ୍ୟ ମୁକ୍ତି ପାଇବା ପାଇଁ ତ ଜାତୀୟ ସରକାରଙ୍କର ଏଭଳି ଉନ୍ନୟନ ସଂସ୍ଥାମାନଙ୍କର ପରିକଳ୍ପନା । ଏହି ପ୍ରକଳ୍ପଗୁଡ଼ିକରେ ଯଦି ଅଡିଟ୍ ପାରା ଏବଂ ଟ୍ରେଜେରୀ କୋର୍ଡକୁ ଡରି କୌଣସି କାର୍ଯ୍ୟ ନ କରାଯାଏ ତେବେ ଦାରିଦ୍ର୍ୟ ଦୂରୀକରଣ ଆଦୌ ସମ୍ଭବ ହେବ ନାହିଁ, ଏହା ଥିଲା ତାଙ୍କର ବଦ୍ଧମୂଳ ଧାରଣା ।

ରାମନରେଶଙ୍କର ସଦ୍‌ଗୁଣ ଥିଲାଯେ ସେ ସମସ୍ତଙ୍କୁ ବିଶ୍ୱାସ କରୁଥିଲେ, ସମସ୍ତଙ୍କ ସଂଗେ ମିଳି ମିଶି କାର୍ଯ୍ୟବି କରୁଥିଲେ । କେହି ଦୁର୍ନୀତିଗ୍ରସ୍ତ ବୋଲି ପ୍ରମାଣ ନ ପାଇଲା ଯାଏ ଅଯଥାରେ କାହାକୁ ସନ୍ଦେହ କରୁ ନ ଥିଲେ । କିନ୍ତୁ ଯଦି କୌଣସି ଦୁର୍ନୀତି ତାଙ୍କ ଦୃଷ୍ଟିକୁ ଆସୁଥିଲା, ତେବେ ସେ ପଛାଭ ନ ଥିଲେ ଉଚିତ କାର୍ଯ୍ୟାନୁଷ୍ଠାନ କରିବା ପାଇଁ । ସେତେବେଳେ ମଗଧ ରାଜ୍ୟର କୌଣସି ବିଧାୟକ, ସାଂସଦ ବା ମନ୍ତ୍ରୀଙ୍କ କଥା ସେ ଶୁଣୁ ନ ଥିଲେ । ଗଣତାନ୍ତ୍ରିକ ରାଷ୍ଟ୍ରରେ ତ୍ରିସ୍ତରୀୟ ପଞ୍ଚାୟତରାଜର ପ୍ରଚଳନ ପରେ କୌଣସି ସରକାରୀ ଉନ୍ନୟନ କାର୍ଯ୍ୟ ବା ସରକାରୀ ସମାଜମଙ୍ଗଳ କାର୍ଯ୍ୟ ବିନା ରାଜନୀତିରେ ସଂପାଦିତ ହେବା ଅସମ୍ଭବ । ତେଣୁ ରାଜନୈତିକ ଚାପାରେ ସେ ଅଯଥା ବିବ୍ରତ ହେବାର କେହି ଦେଖି ନ ଥିଲେ ।

ରାଜନୀତିଜୀବିମାନଙ୍କର ମଧ୍ୟ ପେଟ ପାଟଣା ଅଛି । ଲୋକଙ୍କଠୁଁ ନାନା ଅପ୍ରାସଙ୍ଗିକ ଅଯଥା ଅନୁରୋଧ ଆସିଥାଏ । ଅନେକଙ୍କର ଧାରଣା ଏମ୍.ଏଲ୍.ଏ. ବା ମନ୍ତ୍ରୀ ଚାହିଁଲେ କ'ଣ ନକରିପାରିବେ ? ତେଣୁ ଲୋକପ୍ରତିନିଧିମାନେ ଅନେକ ସମୟରେ

Digitized by PPRACHIN, SOA

ଅନେକ କାର୍ଯ୍ୟକୁ ଏଇ ବଟି, ମାଟି ଓ ପାଇଟିର ଚାପରେ ବେନିୟମ, ଅନୁଚିତ ବୋଲି ଜାଣି ସୁଦ୍ଧା ସରକାରୀ କର୍ମଚାରୀମାନଙ୍କୁ ଅନୁରୋଧ କରିଥାନ୍ତି । ସେଭଳି କାର୍ଯ୍ୟଗୁଡ଼ିକ କାହିଁକି କରାଯିବା ଉଚିତ ନୁହେଁ ବା କାହିଁକି କରାଯାଇ ନ ପାରିବ ଏକଥା ବୁଝାଇଦେଲେ ଶତକଡ଼ା ନବେ ପଞ୍ଚାନବେ ଭାଗ ଲୋକପ୍ରତିନିଧି କଥାଟି ବୁଝିଯାଆନ୍ତି । ତେଣୁ ସେମାନଙ୍କ ସଙ୍ଗେ କାମ କରିବାରେ କୌଣସି ଅସୁବିଧା ହୁଏ ନାହିଁ । କିନ୍ତୁ ଆଉ ପାଞ୍ଚଭାଗ ନେତା ଏପରି ଅଛନ୍ତି, ଯେଉଁମାନଙ୍କର ମୁଣ୍ଡକୁ କ୍ଷମତା-ଭୂତ ଗ୍ରାସ କରିଥାଏ, ସେମାନେ ଭାବନ୍ତି ଏବଂ କୁହନ୍ତି, ସେମାନଙ୍କୁ ଲୋକେ ଅଫିସର ବା ଇଂଜିନିୟରମାନଙ୍କଠାରୁ ଆଇନ୍, ବେଆଇନ୍ ବା ନିୟମିତ, ଅନିୟମିତ, ଉଚିତ, ଅନୁଚିତ କଥା ଉପରେ ଭାଷଣ ଶୁଣିବାକୁ ନିର୍ବାଚିତ କରି ପଠାଇ ନାହାନ୍ତି । ତେଣୁ ସେମାନେ ଯାହା ଚାହୁଁଛନ୍ତି ତା' ନିଶ୍ଚୟ କରିବାକୁ ହେବ । ନ ହେଲେ ହୁଏତ ଅଫିସର, ଇନଂଜିନିୟର ବା ଡାକ୍ତର ବଦଳି ହେବେ ବା କିଛି ଗୁଣ୍ଡାମାନଙ୍କ ହାତରେ ନିୟମିତ ମାଡ଼ ଖାଇବାକୁ ସେମାନଙ୍କୁ ପ୍ରସ୍ତୁତ ହେବାକୁ ପଡ଼ିବ ।

ରାମ ନରେଶ ସିଂହ ଏଭଳି ଦୁଇପ୍ରକାରର ଲୋକ ପ୍ରତିନିଧିମାନଙ୍କ ସଙ୍ଗେ କାମ କରି ମଗଧ ରାଜ୍ୟରେ ଅନେକ ଅଭିଜ୍ଞତା ଅର୍ଜନ କରିସାରିଲେଣି । ଚାକିରି ଆରମ୍ଭ କଲାପରେ ସେ କେବେହେଲେ କୌଣସି ଅସୁବିଧା ଯାଗାକୁ ଯିବାପାଇଁ ବା କଷ୍ଟ କାର୍ଯ୍ୟ କରିବା ପାଇଁ ପଛଘୁଞ୍ଚା ଦେଇ ନ ଥିଲେ । ବି.ଡି.ଓ., ତହସିଲଦାର, ଉପଜିଲ୍ଲାପାଳ ଏବଂ ଅତିରିକ୍ତ ଜିଲ୍ଲାପାଳ ଭାବେ କାର୍ଯ୍ୟ କଲାପରେ ହିଁ ସେ ସୁଜାନପୁର ଜିଲ୍ଲା ଉନ୍ନୟନ ସଂସ୍ଥାର ପ୍ରକଳ୍ପ-ନିର୍ଦ୍ଦେଶକ ଭାବେ ଆସିଛନ୍ତି ।

ରାମନରେଶବାବୁ କାର୍ଯ୍ୟ କରିଥିବା ମଗଧର ଅନ୍ୟାନ୍ୟ ସ୍ଥାନ ଅପେକ୍ଷା ସୁଜାନପୁର ଥିଲା ଖୁବ୍ ଭଲ । ଏଠାରେ ନିରପେକ୍ଷ ଓ ପ୍ରଗତିଶୀଳ ଉନ୍ନୟନ ପ୍ରଶାସନ ପାଇଁ ଜିଲ୍ଲାର ଜନସାଧାରଣଙ୍କର ସମର୍ଥନ ଥିଲା ଅକୁଣ୍ଠ । ଦଳଗତ ବିବାଦକୁ ଅଯଥା ଗୁରୁତ୍ୱ ଦେଇ ଲୋକେ ପ୍ରଶାସନର ପ୍ରଗତିର ଚକକୁ କେବେ ରୋକିବାକୁ ଦେଉ ନ ଥିଲେ । ତେଣୁ ଏଠାରେ ତିନିବର୍ଷ ରହଣି ଭିତରେ ରାମନରେଶ ସିଂହଙ୍କର କ୍ଲାନ୍ତି ବା ବିରକ୍ତି ବୋଧ ନ ଥିଲା । ପରିସ୍ଥିତି କିନ୍ତୁ ହଠାତ୍ ବଦଳିଗଲା ଯେତେବେଳେ ପଵନକୁମାର ଖୋଟ୍ ସୁଜାନପୁରର ଜିଲ୍ଲାପାଳ ତଥା ଜିଲ୍ଲା ଉନ୍ନୟନ ସଂସ୍ଥାର ସଭାପତି ଭାବେ ଯୋଗ ଦେଲେ । ପ୍ରଥମେ ତାଙ୍କର ଦରକାର ପଡ଼ିଲା ଅଫିସ୍ ପାଇଁ ଗୋଟିଏ ଶୀତତାପ ନିୟନ୍ତ୍ରଣ ଯନ୍ତ୍ର । ମଗଧ ରାଜ୍ୟରେ ଜିଲ୍ଲାପାଳମାନଙ୍କୁ ନିଜ ପ୍ରକୋଷ୍ଠରେ ଶୀତତାପଯନ୍ତ୍ର କିଣି ଲଗାଇବାକୁ କୌଣସି ଅନୁମତି ନ ଥିଲା । କିନ୍ତୁ ଖୋଟ୍ କହିଲେ ଯେ ଜିଲ୍ଲା ଉନ୍ନୟନ ସଂସ୍ଥାର ସଭାପତି ଭାବେ ତାଙ୍କ

Digitized by PPRACHIN, SOA

ଆଦେଶ ହିଁ ଆଇନ୍ । ତେଣୁ ତାଙ୍କର ବାସଗୃହରେ ଥିବା ଅଫିସ୍ ଘରେ ଆଉ ଶୋଇବାଘରେ ଦୁଇଟି ଏୟାରକଣ୍ଡିସନର କିଣାଯାଇ ଲାଗିଲା । ଜିଲ୍ଲାପାଳଙ୍କ ସରକାରୀ ଗାଡ଼ିରେ ଏ.ସି. ଲଗାଇବା ପାଇଁ କୌଣସି ବନ୍ଦୋବସ୍ତ ନ ଥିଲା । ଶ୍ରୀ ଖୋଟ୍ ଦୁଇ ବର୍ଷ ତଳେ ବିବାହ କରିଥିଲେ । ଶ୍ରୀମତୀ ଖୋଟ୍ ନିଜ ସାଙ୍ଗରେ ଏକ ନୂଆ ଏୟାରକଣ୍ଡିସନ୍ଡ ମାରୁତି ଏଷ୍ଟିମ୍ ଗାଡ଼ି ଯୌତୁକରେ ଆଣିଥିଲେ । ତେଣୁ ଯେଉଁ କର୍ମକର୍ତ୍ତାଙ୍କର ନିଜ ଘରୋଇ ଗାଡ଼ି ଏୟାରକଣ୍ଡିସନ୍ଡ ସେ ସରକାରୀ ଗରମ ଗାଡ଼ି ଚଢ଼ିବେ କିପରି ? ଜିଲ୍ଲାଉନ୍ନୟନ ସଂସ୍ଥାର ସଭାପତି ଭାବେ ସେ ସରକାରୀ ଗାଡ଼ିରେ ଏ.ସି. ଲଗାଇ ପାରିବେ ବୋଲି ନିଷ୍ପତ୍ତି ହେଲା । ଶ୍ରୀମତୀ ଖୋଟ୍‌ଙ୍କ ବ୍ୟବହାର ପାଇଁ ଗୋଟିଏ କମାଣ୍ଡର ଜିପ୍ ଗାଡ଼ି କିଣାଗଲା ଏବଂ ସର୍ବଦା ତାଙ୍କ ବୋଲହାକ କରୁଥିବା ଲୋକଙ୍କ ଯିବା ଆସିବା ପାଇଁ ଗାଡ଼ିଟି ବ୍ୟବହୃତ ହେଲା । ଗ୍ରାମାଞ୍ଚଳରେ ଉନ୍ନୟନ ଏବଂ ଦାରିଦ୍ର୍ୟ ଦୂରୀକରଣ ଯୋଜନାର ବିଭିନ୍ନ ସଫଳତାର କାହାଣୀକୁ ଭିଡିଓ କ୍ୟାମେରାରେ ତୋଳି ତାକୁ ଲୋକଙ୍କୁ ଦେଖାଇବା ପାଇଁ ଗୋଟିଏ ଭିଡିଓ କ୍ୟାମେରା, ଭି.ସି.ଆର୍. ଓ ଟେଲିଭିଜନ ସେଟ୍ କିଣାଗଲା । କିନ୍ତୁ କିଣାହେବା ପରଦିନଠାରୁ ଏହି ଯନ୍ତ୍ର ତିନୋଟି ଜିଲାପାଳଙ୍କ ଘରକୁ ଯାଇ ଆଉ ଫେରିଲା ନାହିଁ । ସେହିଭଳି ଜିଲ୍ଲା ଉନ୍ନୟନ ସଂସ୍ଥା ଅଫିସ୍‌ରେ ରୋଗ ପ୍ରତିଷେଧକ ଟୀକା ସଂରକ୍ଷିତ ରଖିବା ପାଇଁ ଗୋଟିଏ ରେଫ୍ରିଜେରେଟର କିଣାଯାଇଥିଲା । ତାକୁ ମଧ୍ୟ ଶ୍ରୀମତୀ ଖୋଟ୍ ଥରେ ମାଗି ନେଇ ଆଉ ଫେରାଇଲେ ନାହିଁ । ଚାକିରି ଜୀବନରେ କୌଣସି ଦୁର୍ନୀତି କରି ନ ଥିବା ଏବଂ ଅନେକ ସମୟରେ ମଗଧର ଲୋକପ୍ରତିନିଧି ତଥା ମନ୍ତ୍ରୀମାନଙ୍କୁ ଅପ୍ରିୟ ସତ୍ୟ କଥା କହି ସେମାନଙ୍କର ଚକ୍ଷୁଃଶୂଳ ହୋଇଥିବା ରାମନରେଶ ସିଂହ ଜିଲ୍ଲାପାଳ ଖୋଟ୍‌ଙ୍କ ନିକଟରେ ହାରମାନିଗଲା ଭଳି ଲାଗିଲା । ଗୋଟିଏ ପରେ ଗୋଟିଏ ଅନିୟମିତ ଓ ଅବାଞ୍ଛିତ ସୁବିଧା ସେ ଜିଲ୍ଲାପାଳଙ୍କୁ ଯୋଗାଇଦେଲେ, କିନ୍ତୁ ଖୋଟ ଦମ୍ପତି ଏତିକିରେ ସନ୍ତୁଷ୍ଟ ହେବା ଲୋକ ନ ଥିଲେ ।

ଦିନେ ସଂସ୍ଥା ଅଫିସରେ ସାତହଜାର ଟଙ୍କାର ହୋଟେଲର ଗୋଟିଏ ବିଲ୍ ଜିଲ୍ଲାପାଳଙ୍କ ବ୍ୟକ୍ତିଗତ ସହାୟକଙ୍କଠାରୁ ଆସି ପହଞ୍ଚିଲା । ଜିଲ୍ଲାପାଳ ନିଜେ ଫୋନ୍‌ରେ କହିଲେ "ରାମନରେଶବାବୁ, ଉନ୍ନୟନ ସଂସ୍ଥାର ପରିଚାଳନା ବୋର୍ଡ ସଭ୍ୟଙ୍କୁ ଦିବାଭୋଜନ ଦିଆଗଲା ବୋଲି ଦେଖାଇ ଏଇ ବିଲ୍‌ର ପଇସାଟା ହୋଟେଲକୁ ଦେଇଦିଅନ୍ତୁ ।"

ରାମନରେଶ ସିଂହ ଏଭଳି ଦୁର୍ନୀତିରେ ଭାଗୀଦାର ହେବାକୁ ଚାହିଁଲେ ନାହିଁ । ଗତ ପରିଚାଳନା ବୋର୍ଡ ବୈଠକ ପରେ ମଧ୍ୟାହ୍ନ ଭୋଜନର ଅଲଗା ବନ୍ଦୋବସ୍ତ

Digitized by PPRACHIN, SOA

କରାଯାଇଥିଲା । ବୈଠକ ଚାଲିଲାବେଳେ ଯେଉଁ ଚା' କାଜୁବାଦାମ, ବିସ୍କୁଟ ବନ୍ଦୋବସ୍ତ ହେଇଥିଲା, ତାର ସମୁଦାୟ ମୂଲ୍ୟ ତିନିଶହ ଟଙ୍କାରୁ କମ୍ ହେବ । ତେଣୁ ସାତ ହଜାର ଟଙ୍କାର ଏଭଳି ମିଥ୍ୟା ବିଲ୍ କରି ଜିଲ୍ଲା ଉନ୍ନୟନ ସଂସ୍ଥାର ଅର୍ଥ ବରବାଦ କରିବାକୁ ରାମନରେଶବାବୁ ଡରିଗଲେ ।

ଅନୁସନ୍ଧାନରୁ ଜଣାଗଲା ଯେ ଖୋଟ୍‌ଙ୍କ ନିଜ ରାଜ୍ୟରୁ ଶଶୁର ଘର ଆଡୁ କେହି ବନ୍ଧୁବାନ୍ଧବ, ପଡ଼ୋଶୀ ରାଜ୍ୟର ତାଙ୍କ ବ୍ୟାଚର ବନ୍ଧୁ ଓ ବନ୍ଧୁପତ୍ନୀ ଦୁଇଦିନପାଇଁ ଜିଲ୍ଲାପାଳଙ୍କ ଅତିଥି ହୋଇଥିଲେ । ସେମାନଙ୍କ ପାଇଁ ସୁସ୍ୱାଦୁ ଖାଦ୍ୟ, ଥଣ୍ଡାଗରମ ପାନୀୟ, ସେହି ହୋଟେଲରୁ ଆସିଥିଲା । ପରେ ରାମନରେଶବାବୁ ଜାଣିଲେ ସୁଜାନପୁର ଜିଲ୍ଲାର ଅବକାରୀ ଅଧୀକ୍ଷକ ସେହି ବିଲ୍‌ଟିର ଦାୟିତ୍ୱ ନେଇଥିଲେ ।

ଚାରିଦିନ ପରେ ଦିନେ ଡକରା ପାଇ ରାମନରେଶବାବୁ ଜିଲ୍ଲାପାଳଙ୍କ ଦପ୍ତରରେ ଉପସ୍ଥିତ ହେଲେ । ଏଥର ଖୋଟ୍‌ଙ୍କ ବ୍ୟବହାରରେ ଅନେକ ପରିବର୍ତ୍ତନ । ସଙ୍ଗେ ସଙ୍ଗେ ରାମନରେଶବାବୁଙ୍କ ପାଇଁ ଚା' ଜଳଖିଆ ମଗାହେଲା । କଥା ଆରମ୍ଭର କିଛି ସମୟପରେ ଶ୍ରୀ ଖୋଟ୍ କହିଲେ– ରାମନରେଶବାବୁ, ମୋର ଚାରୋଟି କବିତା ଏବେ ବି ପ୍ରକାଶିତ ନ ହୋଇ ରହିଛି । ଆପଣ ଚାହିଁଲେ ପ୍ରକାଶନ କାମଟି ହୋଇଯିବ ।''

ସାର୍ ! ମୋର ଏଠାରେ କେତେକ ଭଲ ପ୍ରେସ୍ ଚିହ୍ନା ଅଛନ୍ତି । ସମସ୍ତେ କିନ୍ତୁ ମୁଦ୍ରଣଖର୍ଚ୍ଚଟି ଅଗ୍ରିମ ଭାବେ ଚାହିଁବେ । ଆଜିକାଲି ବହୁତ କମ୍ ଲୋକ କବିତା ବହି ହାତରୁ ପଇସା ଦେଇ କିଣି ପଢ଼ନ୍ତି । ତେଣୁ ଚାରୋଟି ବହି ଭଲଭାବେ ଛପାଇବାପାଇଁ ଅତିକମ୍‌ରେ ଷାଠିଏ ହଜାର ଟଙ୍କା ଦରକାର ପଡ଼ିବ । ଆପଣଙ୍କୁ ଅନ୍ତତଃ ଶତକଡ଼ା ଦଶଭାଗ ରିହାତିର ବନ୍ଦୋବସ୍ତ ମୁଁ କରାଇଦେଇ ପାରିବି ।'' ଭାବିଚିନ୍ତି ଉତ୍ତର ଦେଲେ ରାମନରେଶ ।

''ତମେ କେଉଁଦିନ ଏଡ଼େ ସାଧୁ ହେଲ କିଓ ? ସାଢ଼େ ତିନିବର୍ଷ ହେଲା ତୁମେ ଜିଲ୍ଲା ଉନ୍ନୟନ ସଂସ୍ଥାରେ ଅଛ । ଅତି କମ୍‌ରେ ଶହେ କୋଟି ଟଙ୍କା ବିଭିନ୍ନ କାର୍ଯ୍ୟକ୍ରମରେ ଖର୍ଚ୍ଚ କଲଣି । କ'ଣ ତମ ମୁହଁରେ କିଛି ପଇସା ଲାଗିନି ? ବହି ଚାରିଟା ଛପାଇବା ପାଇଁ ପୁଣି ମୋଠୁ ପଇସା ମାଗୁଛ ? ତମ ସାଧୁତା ତମେ ପକେଟରେ ରଖିଥା । ମୁଁ ଚାହୁଁଛି ମୋର ଏଇ ଚାରିଟା ବହି ତମେ ଛପାଇଦେବ । କୁଆଡୁ ତୁମେ ପଇସା ଆଣିବ ତୁମେ ଜାଣ । ମୁଁ ଆଉ କିଛି ଶୁଣିବି ନାହିଁ । ଯାଅ ।''

Digitized by PPRACHIN, SOA

ଶ୍ରୀ ଖୋଟ୍‌ଙ୍କ ରାଗ ଗରଗର କଣ୍ଠସ୍ୱର ଶୁଣି ରାମନରେଶବାବୁ, ଦବିଯିବା ଲୋକ ନ ଥିଲେ । ''ସାର୍, କ୍ଷମା ଦେବେ । ଏତେ ଟଙ୍କା ଯୋଗାଡ଼ କରିବା ମୋ କ୍ଷମତାର ବାହାରେ । ନିକଟରେ ସାକ୍ଷରତା ମିଶନ କାର୍ଯ୍ୟକ୍ରମରେ ଆପଣ ପ୍ରାୟ କୋଟିଏ ଟଙ୍କାର ବହି ଛପାଇବାକୁ ଯାଉଛନ୍ତି । ଯେଉଁ ପ୍ରେସ୍ ଆପଣଙ୍କଠାରୁ ଅର୍ଡର ନେବ, ମୁଁ ଶୁଣୁଛି ତା'ଠାରୁ ଆପଣ ଶତକଡ଼ା ଦଶଭାଗ କମିଶନ ନେବେ ବୋଲି ଠିକ୍ ହୋଇଛି । ସେହି ପ୍ରେସକୁ କହିଲେ ସେ ଏ ବହି ଚାରୋଟି ମାଗଣାରେ ଛପାଇ ଦେବ । ହୁଏତ ଆପଣଙ୍କ କମିଶନି ପଇସା କିଛି କମିଯିବ ।'' ରାଗିଯାଇ କହିଲେ, ''ରଖ ତୁମ ପ୍ରସ୍ତାବ । ମୁଁ କିଛି ଶୁଣିବାକୁ ଚାହେଁନା— ମୋର କୌଣସି ଉପଦେଶ ତୁମଠାରୁ ଦରକାର ନାହିଁ ।'' ରାମନରେଶ ସିଂହ ଉଁ ଚୁଁ ନ କରି ଫେରିଆସିଲେ ।

ପରଦିନ ଜିଲ୍ଲାପାଳ ଡକାଇଲେ ଜିଲ୍ଲାଉନ୍ନୟନ ସଂସ୍ଥାର ଏକ ଜରୁରୀ ବୈଠକ । ବାଇଶ ଜଣ ସଭ୍ୟଙ୍କ ମଧ୍ୟରୁ ବାରଜଣ ଯୋଗଦେଲେ । ରାମନରେଶବାବୁଙ୍କୁ ଏ ବିଷୟରେ କୌଣସି ଖବର ଦିଆଯାଇ ନ ଥିଲା । ବୈଠକରେ ତିନୋଟି ନିଷ୍ପତ୍ତି ହେଲା ।

ପ୍ରଥମେ ଗଲା ତିନିବର୍ଷ ଧରି ବୈଠକଗୁଡ଼ିକରେ ଖୋଟ୍ ସାହେବ ଯୋଗ ଦେଲା ପୂର୍ବରୁ ଯେତେ ପ୍ରସ୍ତାବ ପାସ୍‌ହୋଇଥିଲା ସେ ସବୁ ନିଷ୍ପତ୍ତିକୁ ବାତିଲ କରାଗଲା । ଦ୍ୱିତୀୟଟି ସଂସ୍ଥାର ସଭାପତି ଓ ପ୍ରକଳ୍ପ ନିର୍ଦ୍ଦେଶକ ଗଲା ତିନିବର୍ଷ ଧରି ବିଭିନ୍ନ ନଥିରେ ଯେତେ ଆଦେଶ ଦେଇଥିଲେ ସେ ସବୁକୁ ବେଆଇନ୍ ବୋଲି ଘୋଷଣା କରାଗଲା ଏବଂ ତୃତୀୟ ହେଲା, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ତିନିବର୍ଷର ସମସ୍ତ ବ୍ୟୟକୁ ତୁରନ୍ତ ଏକ ସ୍ୱତନ୍ତ୍ର ଅଡିଟ କରାଯିବ ଏବଂ ଅଡିଟ୍ ରିପୋର୍ଟ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସଭାପତିଙ୍କୁ କ୍ଷମତା ଅର୍ପିତ ହେଲା ।

ଜିଲ୍ଲାପାଳଙ୍କ ଅଫିସ୍‌ରୁ ଅଡିଟ୍‌ଦଳ ଆସି ମାତ୍ର ଦୁଇଦିନ ଭିତରେ ତିନିବର୍ଷର ଅଡିଟ୍ ସାରିଲେ । ଯେହେତୁ ଗଲା ତିନିବର୍ଷ ମଧ୍ୟରେ ସଂସ୍ଥାର ପରିଚାଳନା କମିଟିରେ ଯେତେ ପ୍ରସ୍ତାବ ପାସ୍ ହୋଇଛି ଏବଂ ନଥିଗୁଡ଼ିକରେ ସଭାପତି, ପ୍ରକଳ୍ପ ନିର୍ଦ୍ଦେଶକଙ୍କର ଯେତେ ଆଦେଶ ହୋଇଛି ସବୁ ବେଆଇନ୍ ଘୋଷିତ ହୋଇଛି, ତେଣୁ ସେସବୁ ଆଦେଶ ଅନୁଯାୟୀ ସଂସ୍ଥାରୁ ଯେତେ ଅର୍ଥବ୍ୟୟ କରାଯାଇଛି ସେସବୁ ଅନିୟମିତ ଓ କ୍ଷମତା ବହିର୍ଭୂତ । ସେହି ବେଆଇନ୍ ଖର୍ଚ୍ଚଗୁଡ଼ିକୁ ଗୁରୁତର ଆର୍ଥିକ ଅସଂଗତି ଭାବେ ଧରାଯିବ ।

ଅଡିଟରୁ ଏହି ରିପୋର୍ଟ ପାଇଲା ପରଦିନ ହିଁ ଜିଲ୍ଲାପାଳ ଜିଲ୍ଲାଉନୟନ ସଂସ୍ଥାରେ ତିନିବର୍ଷ ହେଲା ସାଢ଼େ ସାତ କୋଟି ଟଙ୍କାର ଏହି ଆର୍ଥିକ ଅସଂଗତିକୁ ଅର୍ଥ ଆତ୍ମସାତ୍ ରୂପେ ବର୍ଣ୍ଣନା କରି ସରକାରଙ୍କୁ ରିପୋର୍ଟ ଦେଲେ ।

Digitized by PPRACHIN, SOA

ଏହି ଆତ୍ମସାତ୍ ପାଇଁ ରାମନରେଶ ସିଂହଙ୍କୁ ସଂପୂର୍ଣ୍ଣ ଭାବେ ଦୋଷୀ ସାବ୍ୟସ୍ତ କରି ତାଙ୍କ ଦରମାରୁ ସାଢ଼େ ସାତ କୋଟି ଟଙ୍କା ଆଦାୟ କରିବା ପାଇଁ ଜିଲ୍ଲାପାଳ ଆଦେଶ ଦେଲେ । ରାମନରେଶ ସିଂହଙ୍କୁ କୌଣସି କୈଫିୟତ୍ ନ ମାଗି ତାଙ୍କୁ ଜିଲ୍ଲାପାଳ ତୁରନ୍ତ ନିଲମ୍ବିତ କଲେ, ଯଦିବା ଏପରି ନିଲମ୍ବିତ କରିବା ଥିଲା ଶ୍ରୀ ଖୋଟଙ୍କ କ୍ଷମତା ବାହାରେ । ପୋଲିସରେ ଏଫ୍.ଆଇ.ଆର୍. ଦେଇ ତାଙ୍କୁ ଗିରଫ କରିବା ପାଇଁ ସେ ଆଦେଶ ଦେଲେ ।

ଶ୍ରୀ ଖୋଟ କେବଳ ଏତିକିରେ ସନ୍ତୁଷ୍ଟ ରହିଲେ ନାହିଁ । ନିଜ ଅଫିସ୍‌ରେ ଅନୁଗତ ସାମ୍ବାଦିକମାନଙ୍କର ଏକ ସମ୍ମେଳନ ଡକାଇ ଜିଲ୍ଲା ଉନ୍ନୟନ ସଂସ୍ଥାରେ ସାଢ଼େ ସାତକୋଟି ଟଙ୍କାର ଦୁର୍ନୀତି ଅର୍ଥ ଓ ଆତ୍ମସାତ ଲୋକଲୋଚନକୁ ଆଣିଛନ୍ତି ଓ ସରକାରଙ୍କୁ ଲେଖିଛନ୍ତି ବୋଲି ଘୋଷଣା କଲେ । ତତ୍ ସଙ୍ଗେ ସଙ୍ଗେ ସରକାରୀ ନିର୍ଦ୍ଦେଶକୁ ଅପେକ୍ଷା ନ କରି ସେ ଆତ୍ମସାତ୍ ହୋଇଥିବା ଟଙ୍କା ରାମନରେଶ ସିଂହଙ୍କ ଦରମାରୁ ଆଦାୟ କରିବା ପାଇଁ ଟ୍ରେଜେରୀ ଓ ବ୍ୟାଙ୍କକୁ ଆଦେଶ ଦେଇଛନ୍ତି । ଶ୍ରୀ ସିଂହଙ୍କୁ ତୁରନ୍ତ ନିଲମ୍ବିତ କରାଯାଇଛି ବୋଲି ସେ ଘୋଷଣା କଲେ । ରାଜ୍ୟ ଦୁର୍ନୀତି ନିବାରଣ ସଂସ୍ଥାକୁ ଏ ବିଷୟରେ ସମସ୍ତ କଥା ଟେଲିଗ୍ରାମ କରି ଜଣାଇ ଦିଆଯାଇଛି ବୋଲି ପ୍ରେସ୍ ବିବୃତିରେ ରହିଲା ।

ତା'ପରଦିନ ସୁଜାନପୁରର ଓ ରାଜ୍ୟର କେତେକ ଖବରକାଗଜରେ ବଡ଼ ବଡ଼ ଅକ୍ଷରରେ ଏ ସମ୍ବାଦ ପ୍ରକାଶିତ ହେଲା । ଜିଲ୍ଲାପାଳଙ୍କର ସହାସ୍ୟ ବଦନର ଗୋଟିଏ ଫଟୋ ଅନେକ ସମ୍ବାଦପତ୍ର ମଣ୍ଡନ କଲା । ଆଉ କେତେକ ଖବରକାଗଜ ସେ ଫଟୋ ସହିତ ରାମନରେଶ ସିଂହଙ୍କର ମଧ ଗୋଟିଏ ଫଟୋ ଛପାଇଲେ । ସତେ ଯେମିତି ଦଶବାରଟି ମୋଟରସାଇକେଲ ଓ ସ୍କୁଟର ଚୋର ଚୋରିମାଲ ସହ ଧରାପଡ଼ିଛି ଏବଂ ତାକୁ ଧରିଥିବା କର୍ତ୍ତବ୍ୟନିଷ୍ଠ ପୋଲିସ ଅଫିସର ରାଷ୍ଟ୍ରପତିଙ୍କ ପୋଲିସ ମେଡାଲ ଅପେକ୍ଷାରେ ସ୍ମିତହାସ୍ୟ ସହ ଦଣ୍ଡାୟମାନ ଏକ ଫଟୋ ପାଇଁ । କେତେକ ସମ୍ବାଦପତ୍ରରେ ଏଭଳି ଚାଞ୍ଚଲ୍ୟକର ସମ୍ବାଦ ପ୍ରକାଶ ପାଇବାପରେ ଚାରିଜଣ ଦାୟିତ୍ୱସଂପନ୍ନ ବରିଷ୍ଠ ସାମ୍ବାଦିକ ମଗଧ ରାଜ୍ୟ ରାଜଧାନୀରୁ ସୁଜାନପୁରକୁ ଗୋଟିଏ ଗାଡ଼ି ଭଡ଼ାକରି ଆସିଲେ । ଉଦ୍ଦେଶ୍ୟ ଥିଲା ସେମାନେ ରାମନରେଶବାବୁଙ୍କୁ ଏ ସମ୍ବନ୍ଧରେ କିଛି ପଚାରିବେ ଏବଂ ଯଦି କିଛି ସଫେଇ ତାଙ୍କର ଥାଏ ତାହା ମଧ ପ୍ରକାଶ କରିବେ । ଦୁର୍ନୀତି ବିଷୟରେ ବା ନାରୀ ସଂପର୍କୀୟ ଚାଞ୍ଚଲ୍ୟକର ସମ୍ବାଦରେ ଅନେକ ସମୟରେ ଅନେକ ମିଥ୍ୟା, ମନଗଢ଼ା କଥା ମଧ ଥାଏ । ତେଣୁ ଦାୟିତ୍ୱ ସଂପନ୍ନ ସାମ୍ବାଦିକ ଓ ବାର୍ତ୍ତା ସଂପାଦକମାନେ ଦୁଇ ପକ୍ଷର କଥା ଶୁଣିଲା ପରେ ହିଁ ଏ ସମ୍ବାଦଗୁଡ଼ିକ ପ୍ରକାଶ କରିଥାନ୍ତି ।

Digitized by PPRACHIN, SOA

ରାଜ୍ୟସ୍ତରୀୟ ସମ୍ବାଦିକମାନଙ୍କ ଟ୍ୟାକ୍ସିଟି ରାମନରେଶବାବୁଙ୍କ ଘରେ ପହଞ୍ଚିଲା ବେଳକୁ ଦେଖାଗଲା ଘର ଆଗରେ ଅସମ୍ଭବ ଭିଡ଼ । ଅନେକ ଫଟୋଗ୍ରାଫର, ଭିଡିଓଗ୍ରାଫର, ପୋଲିସ ଓ ଜନଗହଳି । ଶୟନକକ୍ଷରେ ଛାତ ପଙ୍ଖାରୁ ଗୋଟିଏ ଦଉଡ଼ିରେ ଝୁଲୁଛି ପ୍ରକଳ୍ପ ନିର୍ଦ୍ଦେଶକ ରାମନରେଶ ସିଂହଙ୍କର ନିର୍ଜୀବ ଶରୀର । ସାମ୍ବାଦିକମାନଙ୍କର କୌଣସି ପ୍ରଶ୍ନ ଉତ୍ତର ଦେବାପାଇଁ ଆଉ ତାଙ୍କ ପାଖେ ନ ଥିଲା ସାହସ ବା ଧୈର୍ଯ୍ୟ । ପଞ୍ଚାୟତ ସ୍ତରରୁ ଜିଲ୍ଲାସ୍ତର ଯାଏ ମଗଧର ଶତାଧିକ ରାଜନୀତିଜ୍ଞୀବି ଓ ଲୋକ ପ୍ରତିନିଧି ତଥା ମନ୍ତ୍ରୀଙ୍କ ସଙ୍ଗେ ସଫଳ ଭାବେ ମୁକାବିଲା କରି ନିଜର ନିର୍ମଳ ଭାବମୂର୍ତ୍ତିରେ କୌଣସି ଦାଗ ଲଗାଇ ନ ଥିବା ରାମନରେଶ ସିଂହ ପ୍ରକୃତରେ ଶ୍ରୀ ଖୋଡ୍‌ଙ୍କର ସଇତାନୀ କୁଟନୀତିର ବଳୟ ଭିତରେ, ଶକ୍ତ ଅକ୍‌ଟୋପସର ପଞ୍ଝାରେ ଅଣନିଶ୍ୱାସୀ ହୋଇ ବଞ୍ଚିବାର ରାହା ଖୋଜି ପାଇନାହାନ୍ତି । ଧରା ଛୁଇଁ ନ ଥିବା ଝୁଲନ୍ତ ପାଦତଳର ମାଟି ଦି'ଫୁଟ ଧସିଯାଇଛି ଯେପରି, ସାରା ରାତି ଅନିଦ୍ରା ରହି ଚିନ୍ତାରେ ଘାରି ହୋଇଛନ୍ତି ସେ । ସଚ୍ଚୋଟ, କର୍ତ୍ତବ୍ୟପରାୟଣ ମାନବର ସମ୍ବେଦନଶୀଳ ଚିତ୍ତ ଥିଲା ତାଙ୍କର । ସ୍ୱାର୍ଥାନ୍ଧ, ଦୁର୍ନୀତିଗ୍ରସ୍ତ ଅମଲାତାନ୍ତ୍ରିକ ହାକିମାତିରେ କବଳିତ, ଚାରିଆଡୁ ପିନ୍ଧାଇ ଯାଇଥିବା ମୁକ୍ତିରହିତ ବଜ୍ରବନ୍ଧନୀର ନାଗଫାଶରେ ଅଣନିଶ୍ୱାସୀ ଉତପ୍ତ ଅଗ୍ନିକୁଣ୍ଡଉପରେ ଆଜି ସେ ଦୋଳାୟମାନ । କେମିତି ବଞ୍ଚିଥାଆନ୍ତେ ସେ ? ଟେବୁଲ ଉପରେ ଇତଃସ୍ତତ ଭାବେ ଖେଳେଇ ହୋଇ ପଡ଼ିରହିଛି ତିନି ଚାରୋଟି ସମ୍ବାଦପତ୍ର ଯେଉଁଥିରେ ପ୍ରକାଶ ପାଇଛି ପଥ୍ୱନ କୁମାର ଖୋଡ୍ ଓ ରାମନରେଶବାବୁଙ୍କ ଫଟୋ ସହିତ ଏକ ଚାଞ୍ଚଲ୍ୟକର ଅର୍ଥ ଆତ୍ମସାତ୍‌ର ସମ୍ବାଦ । ନିତାନ୍ତ ଅସହାୟ ଓ କରୁଣ ସ୍ୱରରେ ରାମନରେଶଙ୍କର ଶୋକବିହ୍ୱଳ ପରିବାରର କ୍ରନ୍ଦନ ସତେ ଯେମିତି ବିଦ୍ରୂପ କରୁଛି ଏକ ନିର୍ଲଜ୍ଜ ନିର୍ଜୀବ ଓ ନପୁଂସକ ବୁଦ୍ଧିଜୀବୀ ସମାଜକୁ ।

Digitized by PPRACHIN, SOA

ସନ୍ଧିକାଳ

ପାଞ୍ଚାଳ ଗଣରାଜ୍ୟର ଉନ୍ନୟନ ପରିଷଦର ସଭ୍ୟ ଶ୍ରୀ ଚନ୍ଦ୍ରବର୍ମନ ଲୋହିତମଣ୍ଡଳ ଅଞ୍ଚଳରୁ ନିର୍ବାଚିତ ହେବାର ଏକ ସପ୍ତାହ ମଧ୍ୟରେ ଉନ୍ନୟନ ଅମାତ୍ୟ ଶ୍ରୀ ନରସିଂହ ଗୁପ୍ତଙ୍କୁ ଦେଖାକଲେ । ନିଜ ଅଞ୍ଚଳକୁ ଉନ୍ନୟନ ଅଧିକାରୀ ଭାବେ ସେ ଶ୍ରୀ ସୌମ୍ୟଦତ୍ତଙ୍କୁ ନେବା ପାଇଁ ଚାହିଁଲେ । ପୂର୍ବର ଉନ୍ନୟନ ଅଧିକାରୀ ଶ୍ରୀ ଶାଶ୍ୱତ ବର୍ମାଙ୍କୁ ଚନ୍ଦ୍ରବର୍ମନ ନିଜ ଅଞ୍ଚଳରେ ଆଦୌ ରଖିବାକୁ ଚାହୁଁ ନ ଥିଲେ ।

କିନ୍ତୁ ଏଭଳି ପରିବର୍ତ୍ତନ ସପକ୍ଷରେ ନ ଥିଲେ ଅମାତ୍ୟ ନରସିଂହ ଗୁପ୍ତ । ଯଦି ପ୍ରତ୍ୟେକ ନିର୍ବାଚନ ପରେ ଉନ୍ନୟନ ଅଧିକାରୀ ନିରାପତ୍ତା ଅଧିକାରୀ ଓ ପ୍ରଶାସନିକ ଅଧିକାରୀମାନଙ୍କର ଏମିତି ପରିବର୍ତ୍ତନ କରାଯାଏ ତେବେ ଶାସନର ନୈତିକ ମାନ ଓ ମାନସିକ ସାହସ ଉଭୟ ହ୍ରାସ ପାଇବ । ସେ ଚନ୍ଦ୍ର ବର୍ମନଙ୍କୁ ଏ ବିଷୟ ବୁଝାଇବାକୁ ଚେଷ୍ଟା କଲେ । ପୂର୍ବତନ ପାରିଷଦ ଶ୍ରୀ ବୃଷ୍ଣିକ ପୁଷ୍ପାଳକ ଯେତେବେଳେ ଶାଶ୍ୱତ ବର୍ମାଙ୍କୁ ଭଲପାଉ ନ ଥିଲେ ଏବଂ ତାଙ୍କର ସ୍ଥାନାନ୍ତରୀକରଣ ପାଇଁ ପ୍ରଚଣ୍ଡ ଉଦ୍ୟମ କରିଥିଲେ ବର୍ତ୍ତମାନ ଆଶା କରାଯାଉଥିଲା ଏବେ କ୍ଷମତାପ୍ରାପ୍ତ ଦଳର ପାରିଷଦ ଚନ୍ଦ୍ରବର୍ମନ ତାଙ୍କୁ ସମର୍ଥନ କରିବା କଥା ।

ଚନ୍ଦ୍ରବର୍ମନ କିନ୍ତୁ ଠିକ୍ ଓଲଟା କଥା କହିଲେ, "ସେଇ ବଦ୍‌ମାସଟା କାହାରି ନୁହେଁ । ସେ ତା' ବାପକୁ ବି ଛାଡ଼ିବନି । ସେ କାହାରି କଥା ଶୁଣିବନି ଆଉ ଖାଲି ନୀତିନିୟମ ଆଉ ଆଇନ୍ ଦେଖେଇବ । ତିନିବର୍ଷ ସେ ଉନ୍ନୟନ ଅଧିକାରୀ ରହିବାରୁ ବୃଷ୍ଣିକ ପୁଷ୍ପାଳକ ନିର୍ବାଚନରେ ପରାଜିତ ହେଲା ।"

ଅମାତ୍ୟ ନରସିଂହ ଗୁପ୍ତ କିନ୍ତୁ ଧୈର୍ଯ୍ୟ ହରାଇବା ଲୋକ ନୁହଁନ୍ତି, ଏ କଥାର ପ୍ରତିବାଦରେ କହିଲେ "ଆପଣତ ସେଇଠି ଭୁଲ୍ କରୁଛନ୍ତି ଚନ୍ଦ୍ରବର୍ମନ । ଆପଣ କାହିଁକି ଭୁଲିଯାଉଛନ୍ତି ଯେ ତଦ୍ୱାରା ଆପଣହିଁ ଲାଭବାନ ହୋଇଛନ୍ତି । ଶାଶ୍ୱତବର୍ମା ନିରପେକ୍ଷ ଓ ସଚ୍ଚୋଟଭାବେ କାର୍ଯ୍ୟ କରିବାରୁ ହିଁ ବୃଷ୍ଣିକ ପୁଷ୍ପାଳକ ବଦନାମ ହେଲେ । ସେ ଯେତେ ବେନିୟମ ଓ ଦୁର୍ନୀତିମୂଳକ କାର୍ଯ୍ୟ କରିବାକୁ ଚାପଦେଲେ ମଧ୍ୟ ଶାଶ୍ୱତ ବର୍ମା ତାହା ମାନିଲେ ନାହିଁ । ତେଣୁ ପୁଷ୍ପାଳକ ଲୋକହସା ହେଲେ । ନାଗରିକ ଗଣ ବୁଝିପାରିଲେ ଯେ ପୁଷ୍ପାଳକ କେବଳ ବ୍ୟକ୍ତିଗତ ସ୍ୱାର୍ଥ, ଅର୍ଥ ଲୋଭରେ ଶାଶ୍ୱତ ବର୍ମା ଭଳି ସଚ୍ଚୋଟ ଅଧିକାରୀଙ୍କୁ ନାନାଭାବେ ହଇରାଣ

Digitized by PPRACHIN, SOA

ହରକତ କରିବାକୁ ଚେଷ୍ଟା କଲେ । ତେଣୁ ପୁଷ୍ପାଳକ ବଦନାମ ହେଲେ ଏବଂ ଆପଣ ନିର୍ବାଚିତ ହେଲେ । ଆପଣ ଯଦି ଆସୁ ଆସୁ ଶାଶ୍ୱତ ବର୍ମାଙ୍କୁ ସ୍ଥାନାନ୍ତର କରିବାର ଜିଦ୍ ଧରିବେ ତେବେ ହୁଏତ ନାଗରିକମାନଙ୍କର ଆପଣଙ୍କ ପ୍ରତି ସମ୍ମାନ କମିଯିବ ।''

ଚନ୍ଦ୍ରବର୍ମନ କହିଲେ, ମୋ ପାଇଁ ମୋ ଦଳୀୟ କର୍ମୀମାନଙ୍କ ମତାମତ ବେଶୀ ଗୁରୁତ୍ୱପୂର୍ଣ୍ଣ । ସେମାନେ ମୋ ପାଇଁ କାର୍ଯ୍ୟ କରିଛନ୍ତି । ସେମାନଙ୍କ ସମର୍ଥନ ପାଇ ମୁଁ ନିର୍ବାଚିତ ହୋଇଛି । ସେମାନଙ୍କ କଥା ଯଦି ନ ରହେ, ସେମାନଙ୍କର ପେଟ ଯଦି ଅପୂରା ରହେ ତେବେ ମୋର ଆଉଥରେ ନିର୍ବାଚିତ ହେବାର ଆଶା କମ୍ । ନାଗରିକବୃନ୍ଦଙ୍କୁ ସନ୍ତୁଷ୍ଟ ରଖିବାର ଅନ୍ୟ ଉପାୟ ଅଛି । ସେମାନେ ଏବେ ଚାରିବର୍ଷ ଅପେକ୍ଷା କରନ୍ତୁ । ଶେଷ ବର୍ଷ ମୁଁ ସେମାନଙ୍କ କଥା ବୁଝିବି ।''

ଅଗତ୍ୟା ଅମାତ୍ୟ ନରସିଂହ ଗୁପ୍ତ ଶାଶ୍ୱତ ବର୍ମାଙ୍କ ସ୍ଥାନାନ୍ତର ଆଦେଶ ଦେଲେ । ତାଙ୍କ ସ୍ଥାନରେ ସୌମ୍ୟଦତ୍ତଙ୍କୁ ଲୋହିତ ମଣ୍ଡଳ ଅଞ୍ଚଳରେ ଅବସ୍ଥାପିତ କଲେ । ନିଜର ପ୍ରଶାସନିକ କର୍ତ୍ତବ୍ୟ ହିସାବରେ ସେ ଅଞ୍ଚଳର ସର୍ବୋଚ୍ଚ ଅଧିକାରୀ ଶ୍ରୀ କାମେଶ୍ୱର ଦେବଙ୍କୁ ଏକ ଗୁପ୍ତ ଚିଟାଉ ଲେଖି ସୌମ୍ୟଦତ୍ତଙ୍କ କାର୍ଯ୍ୟକଳାପ ଉପରେ ଦୃଷ୍ଟି ରଖିବାକୁ ନିର୍ଦ୍ଦେଶ ଦେଲେ ।

କାମେଶ୍ୱରଦେବ ଗୁପ୍ତ ଚିଟାଉଟି ପାଇ ସୌମ୍ୟଦତ୍ତଙ୍କ ବିଷୟରେ କିଛି ଜାଣିବାକୁ ଆଗ୍ରହ ପ୍ରକାଶ କଲେ । ଜଣାଗଲା ଯେ ଛ' ବର୍ଷ ତଳେ ସୌମ୍ୟଦତ୍ତ ଲୋହିତମଣ୍ଡଳ ଅଞ୍ଚଳରେ ଉନ୍ନୟନ ଅଧିକାରୀ ଥିଲେ । ସେତେବେଳେ ସେ ଚନ୍ଦ୍ରବର୍ମନଙ୍କର ଏକାନ୍ତ ଅନୁଗତ ଥିଲେ । ବିଧି ଓ ନୈତିକତାକୁ ଆଖିଠାର ମାରି ଚନ୍ଦ୍ରବର୍ମନଙ୍କୁ ନାନା ଆର୍ଥିକ ଲାଭ କରାଇ ଦେବାରେ ସୌମ୍ୟଦତ୍ତ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ।

ଲୋହିତ ମଣ୍ଡଳ ଅଞ୍ଚଳରେ ମାତ୍ର ସାତମାସ କାମ କରିବା ପରେ ସୌମ୍ୟଦତ୍ତ ଦିନେ କାମେଶ୍ୱରଦେବଙ୍କ ପାଖେ ନିଜର ସ୍ଥାନାନ୍ତର ଅନୁରୋଧ ନେଇ ପହଞ୍ଚିଲେ । କାମେଶ୍ୱର ଦେବଙ୍କ ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ । ସେ ସୌମ୍ୟଦତ୍ତଙ୍କୁ ଏହାର କାରଣ ପଚାରିଲେ । ସୌମ୍ୟଦତ୍ତ କହିଲେ ''ଆଜିକୁ ଛ'ବର୍ଷ ତଳେ ସବୁକଥା ସହିବାର ସୀମା ମଧ୍ୟରେ ଥିଲା । ଚନ୍ଦ୍ରବର୍ମନ ଓ ତାଙ୍କର ଅନୁଗତମାନେ ଅନେକ ସ୍ଥାନରେ ପ୍ରଶାସନିକ ଓ ଆର୍ଥିକ ନୀତିନିୟମ ଲଂଘନ କରିବାକୁ ଚାପ ଦେଉଥିଲେ ଏବଂ ମୁଁ ଅନେକ ସ୍ଥାନରେ ବିବେକ ଆଖିରେ ପୁଟୁଳି ବାନ୍ଧି ସେମାନଙ୍କ କାମ କରୁଥିଲି । କିନ୍ତୁ ଅନେକ ଥର ବେନିୟମ କାମ କରିବାକୁ ନମ୍ରଭାବରେ ମନା କରୁଥିଲି ଏବଂ ବିଭିନ୍ନ ଆଳ ଦେଖାଇ ସେଭଳି ଚାପରୁ ଖସିଯାଇ ପାରୁଥିଲି ।

Digitized by PPRACHIN, SOA

ଚନ୍ଦ୍ରବର୍ମନ ଓ ତାଙ୍କର ଅନୁଗତମାନେ ମୋ ଜରିଆରେ ଅନେକ ଅର୍ଥ ଉପାର୍ଜନ କରିଥିଲେ କିନ୍ତୁ ଅନେକ କିଛି ଜନହିତକର କାର୍ଯ୍ୟ ମଧ୍ୟ କରାଯାଇଥିଲା । ଜଣେ କାମିକା ଲୋକ ଭାବେ ମଧ୍ୟ ମୋର ଖ୍ୟାତି ଥିଲା । ସେମାନଙ୍କର ବରାଦୀକାମ ବ୍ୟତୀତ ମୋ ମନମୁତାବକ ଅନେକ ସର୍ବସାଧାରଣଙ୍କର ଲାଭ ହେଲାଭଳି ଉନ୍ନତିମୂଳକ କାର୍ଯ୍ୟ ମଧ୍ୟ ମୁଁ କରିଥିଲି । ତାହା ମୋତେ ଅନେକ ସନ୍ତୋଷଆଣି ଦେଉଥିଲା । ଲୋକଙ୍କ ଆଗରେ ଅନ୍ତତଃ ମୁଁ ମୁହଁ ଟେକି ଚାଲିପାରୁଥିଲି ।

ଏବେ କିନ୍ତୁ ଚନ୍ଦ୍ରବର୍ମନ ଅନେକ ବଦଳି ଯାଇଛନ୍ତି । କେବଳ ତାଙ୍କ ବରାଦୀ କାମ ବ୍ୟତୀତ ଅନ୍ୟ କୌଣସି କାର୍ଯ୍ୟ ହେବନାହିଁ । ତାଙ୍କ ଲୋକଙ୍କ ଛଡ଼ା ଆଉ କେହି କୌଣସି କାମ ପାଇବେ ନାହିଁ ଯେପରି ଶତକଡ଼ା ଶହେ କାମରେ ସବୁ ନୀତି ନିୟମକୁ ଜଳାଞ୍ଜଳି ଦେଇ କେବଳ ତାଙ୍କର ଅର୍ଥ ଉପାର୍ଜନ ହେବ । କାର୍ଯ୍ୟର ମାନ, ସ୍ଥାୟିତ୍ୱ ଆଦି ତାଙ୍କର ଦାୟିତ୍ୱ ହେବନାହିଁ । ସେ ହିଁ ହେବେ ଲୋହିତ ମଣ୍ଡଳ ଅଞ୍ଚଳର ସାର୍ବଭୌମ କ୍ଷମତା ସଂପନ୍ନ ଅଧିକାରୀ । କାର୍ଯ୍ୟାଳୟର ଅସରପା ମଧ୍ୟ ତାଙ୍କ ଆଦେଶ ବିନା ଚଳପ୍ରଚଳ ହୋଇପାରିବ ନାହିଁ । ଏ ସବୁ ସହିବା ଆଉ ମୋ ପକ୍ଷେ ସମ୍ଭବ ହେଉନାହିଁ ତେଣୁ ମୋତେ ଏଥିରୁ ମୁକ୍ତି ଦିଅନ୍ତୁ ।’’

କାମେଶ୍ୱରଦେବ କିନ୍ତୁ ଏତିକିରେ ସନ୍ତୁଷ୍ଟ ହେବା ଲୋକ ନୁହଁନ୍ତି । ସ୍ୱେ କହିଲେ ‘‘ନା ନା ସୌମ୍ୟଦତ୍ତ, ତୁମେ ଆଉ କିଛି ଗୁପ୍ତ ରଖୁଛ । ତୁମେ ଚନ୍ଦ୍ର ବର୍ମନଙ୍କର ଯେଉଁ ସବୁ ଗୁଣଗ୍ରାମର ବର୍ଣ୍ଣନା କଲ ତାହା ଆଜିକାଲି ପାଞ୍ଚାଳ ଗଣରାଜ୍ୟର ଦଳମତ ନିର୍ବିଶେଷରେ ଅଧିକାଂଶ ପାରିଷଦଙ୍କ ପକ୍ଷେ ପ୍ରଜୁଜ୍ୟ । ତୁମେ ଅନ୍ୟ ଅଞ୍ଚଳରେ ମଧ୍ୟ ଏଭଳି ପରିସ୍ଥିତିରେ କାର୍ଯ୍ୟ କରିଛ । ଏଠାରୁ ଏଭଳି ପଳାୟନର ଉଦ୍ଦେଶ୍ୟ କଣ, ବିଶେଷତଃ ଯେତେବେଳେ ଏତେ ପ୍ରଚେଷ୍ଟା କରି ଚନ୍ଦ୍ରବର୍ମନ ତୁମକୁ ଲୋହିତ ମଣ୍ଡଳ ଆଣିଛନ୍ତି ?’’

ସୌମ୍ୟଦତ୍ତ କହିଲେ— ମହାଭାଗ, ଆପଣଙ୍କ ଭଳି ଜଣେ ଅଭିଜ୍ଞ ଓ ପୋଖତ ପ୍ରଶାସକଙ୍କୁ ମୁଁ ଆଉ ଗୁପ୍ତ କ’ଣ ରଖିବି ? ଛ’ବର୍ଷ ତଳେ ମୁଁ ଯେତେବେଳେ ଲୋହିତମଣ୍ଡଳରେ ଥିଲି, ଜଣେ ପ୍ରଧାନ ଶିକ୍ଷୟିତ୍ରୀଙ୍କ ପ୍ରତି ମୋର ଅହେତୁକ ଦୁର୍ବଳତା ଦେଖାଦେଇଥିଲା । ଏ କଥା ବାହାରେ ପ୍ରାୟ କେହି ଜାଣି ନ ଥିଲେ । ସେ ଓ ମୁଁ ଦୁହେଁ ବିବାହିତ ଥିଲୁ ଏବଂ ଅତି ସନ୍ତର୍ପଣରେ ଅନ୍ତରଙ୍ଗଭାବେ ମିଳାମିଶା କରୁଥିଲୁ । ଚନ୍ଦ୍ର ବର୍ମନ ଏକଥା କୌଣସି ଉପାୟରେ ଜାଣିପାରିଥିଲେ ଏବଂ ମୋର ଏ ଦୁର୍ବଳତାର ଲାଭ ଉଠାଉଥିଲେ ।

Digitized by PPRACHIN, SOA

ଲୋହିତ ମଣ୍ଡଳରୁ ସ୍ଥାନାନ୍ତରିତ ହେଲାପରେ ମୁଁ ଏ ଦୁର୍ବଳତାରୁ ଦୂରେଇ ଯାଇଥିଲି । ଏବେ ସୁଖୀ ପାରିବାରିକ ଜୀବନ କଟାଉଛି । ଚନ୍ଦ୍ରବର୍ମନ ସେହି ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଏବେ କିନ୍ତୁ ପୁଣିଥରେ ଲୋହିତମଣ୍ଡଳରେ ଆଣି ରଖାଇଛନ୍ତି । ମୁଁ ସେହି ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଦେଖିଲେ ନିଜ ଉପରୁ ଯେପରି ସମସ୍ତ ନିୟନ୍ତ୍ରଣ ହରାଇ ବସୁଛି । ଚନ୍ଦ୍ର ବର୍ମନଙ୍କର ଅସଲ ଉଦ୍ଦେଶ୍ୟ ଯେ ମୁଁ କିପରି ପୁଣି ମୋ ଦୁର୍ବଳତାର ଶିକାର ହୁଏ ଏବଂ ସେ ପୂର୍ବଭଳି ମୋତେ ହାତବାରିସି ଭାବେ ବ୍ୟବହାର କରିବେ । ରାଜକୀୟ ଉନ୍ନୟନ କାର୍ଯ୍ୟରେ ମୁଁ ତ ଅନେକ ଆଗରୁ ମୋ ଆତ୍ମାକୁ ବିକ୍ରୀ କରି ଦେଇଛି । ପାରିବାରିକ ଓ ସାମାଜିକ କ୍ଷେତ୍ରରେ ମୁଁ ଆଉ କୌଣସି ଅଶାନ୍ତି ଆଣିବାକୁ ଚାହୁଁନାହିଁ ।

ଏଥର ଚନ୍ଦ୍ରବର୍ମନ ମୋଠାରୁ ଯେପରି ସଂପୂର୍ଣ୍ଣ ଭୃତ୍ୟର ଆନୁଗତ୍ୟ ଆଶା କରୁଛନ୍ତି, ଯଦି ମୁଁ ସେ ଆଶା ପୂରଣ କରେ ତେବେ କେବଳ ଯେ ମୋର ରାଜକାର୍ଯ୍ୟର ଭବିଷ୍ୟତ ଅନ୍ଧାର ହେବ ତା ନୁହେଁ, ମୋର ଇହକାଳ, ପରକାଳ ଧ୍ୱଂସ ପାଇବ ଓ ମୋର ଦଶ ପିଢ଼ିର ବଂଶଧରମାନେ ନର୍କଗାମୀ ହେବେ । ଦ୍ୱାପର ଯୁଗ ଏବେ ସରିଆସିଲାଣି ଏବଂ କଳିକାଳ ପାଖେଇ ଆସୁଛି । ଏ ଦୁଇ ଯୁଗର ସଂଧିକ୍ଷଣର କାଳ । ହୁଏତ କଳିକାଳରେ ମୋର ଉତ୍ତର ପୁରୁଷ ଏଭଳି ଆନୁଗତ୍ୟ ପ୍ରଦାନକୁ ନିଜର ଭାଗ୍ୟ ମନେ କରିବେ ଏବଂ ପରଦାର ଗମନକୁ ଏକ ପୌରୁଷୋଚିତ ଯୋଗ୍ୟତା ଭାବେ ଗଣନା କରିବେ କିନ୍ତୁ ମହାଭାଗ, ଏ ଦ୍ୱାପର ଯୁଗରେ ମୋର ଏଭଳି ଆନୁଗତ୍ୟ ପ୍ରତି ବିରକ୍ତି ଆସିଲାଣି ଓ ଆଉଥରେ ସମ୍ଭାବ୍ୟ ଚାରିତ୍ରିକ ସ୍ଖଳନ ପ୍ରତି ଭୟ ଉତ୍ପନ୍ନ ହେଲାଣି । ଆପଣ ଅମାତ୍ୟ ନରସିଂହ ଗୁପ୍ତଙ୍କୁ ଦୟାକରି ଗୁପ୍ତ ଚିଟାଉ ପ୍ରେରଣ କରି ମୋତେ ଏଠାରୁ ତୁରନ୍ତ ସ୍ଥାନାନ୍ତରିତ କରନ୍ତୁ । ମୋର ଧର୍ମପତ୍ନୀ ଓ ଦୁଇଟି ଶିଶୁଙ୍କ ଦାୟିତ୍ୱ ଆପଣଙ୍କୁ ଲାଗିଲା ।''

ଗଭୀରଭାବେ ଚିନ୍ତା କରି ଏ ବିଷୟରେ ପରବର୍ତ୍ତୀ ପଦକ୍ଷେପ ନେବାପାଇଁ କାମେଶ୍ୱରଦେବ ଦୁଇଦିନ ସମୟ ଚାହିଁଲେ ଏବଂ ସୌମ୍ୟଦତ୍ତଙ୍କଠାରୁ ସ୍ଥାନାନ୍ତରପାଇଁ ଗୁହାରି ପତ୍ର ରଖିଲେ । ପ୍ରଶାସକର ରାଜନୈତିକ ଆନୁଗତ୍ୟର ସଂଜ୍ଞା ଏ ଯୁଗପରିବର୍ତ୍ତନର ସନ୍ଧିକାଳରେ ଏକ ନୂତନ ପରିଚ୍ଛଦର ସନ୍ଧାନରେ ରାଜରାସ୍ତାକୁ ପାଦ କାଢ଼ିଥିଲା ।

Digitized by PPRACHIN, SOA

ଭାଗ୍ୟ ନିୟନ୍ତା

ସୁପର କରପୋରେସନର ଏକଜିକ୍ୟୁଟିଭ୍ କ୍ଲବ୍‌ରେ ଗୋଟିଏ ସାନ୍ଧ୍ୟ ପାର୍ଟିର ଆୟୋଜନ । ଏହି ବହୁରାଷ୍ଟ୍ରୀୟ କରପୋରେସନର ହେଡ୍ ଅଫିସ୍ ଓ ରିଜିଓନାଲ ଅଫିସଗୁଡ଼ିକର ଅଧିକାରୀମାନେ ଦୁଇଦିନ ଧରି ବ୍ୟସ୍ତ ଥିଲେ ଏକ ବାର୍ଷିକ ସମୀକ୍ଷା ବୈଠକରେ । ଏହି ସାନ୍ଧ୍ୟ ପାର୍ଟିର ଉଦ୍ଦେଶ୍ୟ ଥିଲା ଏକ ବନ୍ଧୁମିଳନ ।

ତା ପରଦିନ ସକାଳୁ ଚାଲିଯିବେ ଅଧିକାରୀମାନେ ଆପଣା ଆପଣା କାର୍ଯ୍ୟସ୍ଥଳକୁ । ମୁଖ୍ୟଦପ୍ତରର ଅଧିକାରୀମାନେ ମଧ୍ୟ ଏତେ କାର୍ଯ୍ୟ ବ୍ୟସ୍ତ ରହିବେ ଯେ ମାସ ମାସ ଧରି ଫୁରସତ ନ ଥିବ କାହା ସଙ୍ଗେ କାହାର କଥାବାର୍ତ୍ତା ପାଇଁ ।

ଏହି ପାର୍ଟିରେ ନ ଥିଲା କୌଣସି ଭାଷଣ କି ସଙ୍ଗୀତର ମନୋରଞ୍ଜନର ଆୟୋଜନ । ଚାରି ଛ'ଜଣ ସୁବିଧାରେ ବସିଲା ଭଳି ହଲଟିରେ ପଡ଼ିଥିଲା ଅନେକ ଟେବୁଲ । ଛୋଟ ଛୋଟ ଦଳରେ ହିଁ ଚାଲେ ମୁକ୍ତ ଓ ଅଣାଆନୁଷ୍ଠାନିକ ମତ ବିନିମୟ ମିଳାମିଶା ହୁଏ ଅନ୍ତରଙ୍ଗ । ଅନେକ ପାର୍ଟିରେ ଗୋଟିଏ ଦୁଇଟି ଛୋଟ ପେଗ୍ ପରେ ଆରମ୍ଭ ହୁଏ ସମସ୍ତ ସଂକୋଚହୀନ ଅଧ୍ୟାୟ ।

ଏକ ବଡ ଟେବୁଲରେ ସେଦିନ ବସିଥିଲେ କରପୋରେସନର ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର, ପ୍ଲାନିଙ୍ଗ୍ ଧର୍ମେଶ ଝା । ଅନ୍ୟ ପାଞ୍ଚଟି ଚଉକି ଦଖଲ କରିଥିଲେ ତିନୋଟି ରିଜିଓନାଲ ଅଫିସରୁ ଆସିଥିବା ଡେପୁଟି ଜେନେରାଲ ମ୍ୟାନେଜର, ହେଡ୍ ଅଫିସ୍‌ରୁ ଜି.ଏମ୍. ମାର୍କେଟିଙ୍ଗ ଓ ଜି.ଏମ୍. ସେଲ୍‌ସ । କିଛି ପାନୀୟ, ଚିକେନ୍ ଟିକ୍‌କା ଓ ମିକ୍‌ସଚର ଉଦରସ୍ଥ ହେଲା ପରେ ଆରମ୍ଭ ହେଲା କଥାବାର୍ତ୍ତା ।

ଆରମ୍ଭ କଲେ ଧର୍ମେଶ ଝା । ଆମ ଦେଶ ଆଜି ନୂତନ ଶିଳ୍ପ ବିପ୍ଳବର ଦ୍ୱାର ଦେଶରେ । ସରକାରଙ୍କର ଉଦାରୀକରଣ ନୀତି ନିଶ୍ଚିତ ଭାବେ ବୃହତ୍ ଶିଳ୍ପଗୁଡିକର ପ୍ରଗତି ସପକ୍ଷରେ । କେଉଁ ଶିଳ୍ପରେ କେତେ ଅର୍ଥ ବିନିଯୋଗ ହେବ, କେଉଁ ସାମଗ୍ରୀ କେତେ ପରିମାଣରେ ଉତ୍ପାଦନ ହେବ ଏ ବିଷୟରେ ଆଉ କୌଣସି କଟକଣା ନାହିଁ । ଅନ୍ତ ହୋଇଛି ଲାଇସେନ୍‌ସ କୋଟା ଏବଂ ପରମିଟ୍ ରାଜ । ଗତ ତିନି ବର୍ଷ ଧରି ଆମ କଂପାନୀର ଶେୟାରର ମୂଲ୍ୟ ବଢ଼ିଛି ସିନା କମି ନାହିଁ । ଏମ୍.ଡି. ଏଥିପାଇଁ ଅଶେଷ ଧନ୍ୟବାଦର ପାତ୍ର ।

ଡି.ଜି.ଏମ୍. ସାଉଥ୍, ଏସ୍.ଏନ୍. ତିୱାରି ଧର୍ମେଶ ଝାଙ୍କୁ ସମର୍ଥନ ଜଣାଇଲେ – ସାର୍ ଆପଣଙ୍କ ଭାଷଣଟି ମଧ୍ୟ ଚମତ୍କାର ହୋଇଥିଲା । ଏଠି ଚାକିରି କଲାଦିନଠାରୁ

Digitized by PPRACHIN, SOA

ଏଭଳି ଉତ୍ସାହଜନକ ପୁଣି ପ୍ରେରଣାଦାୟକ ଭାଷଣ ଆମେ କେବେ ଶୁଣି ନ ଥିଲୁ । ତା ଛଡ଼ା ଏମ୍.ଡି. ତଲୱାର ସାହେବଙ୍କର ତ ଆପଣଙ୍କ ସଂଗେ ରୋଜ୍ ପରାମର୍ଶ । କରପୋରେସନ୍‌ର ଏ ସାଫଲ୍ୟରେ ଆପଣଙ୍କର ଅବଦାନ କ'ଣ କୌଣସି ଗୁଣରେ କମ୍ ? ଆପଣ ତ ଆମ ଯୁବ ଗୋଷ୍ଠୀର ଆଦର୍ଶ ।

ଡି.ଜି.ଏମ୍. ରମେଶ ରଙ୍ଗନାଥନ ଆରମ୍ଭ କଲେ ତାଙ୍କର ସ୍ୱଭାବ ସୁଲଭ ବକ୍ତୃତାଦେବା ଭଙ୍ଗୀରେ । ଆମ ସୁପର କରପୋରେଶନ ଦେଶର ଅନ୍ୟ ସମସ୍ତ ବହୁରାଷ୍ଟ୍ରୀୟ କଂପାନୀଗୁଡ଼ିକଠାରୁ ଆଜି ଅନେକ ଆଗରେ । ଆମ ପ୍ରଗତି ଏଭଳି ଅବ୍ୟାହତ ରହିଲେ ଆଉ ଦୁଇବର୍ଷରେ ଆମେ ଦେଶରେ ହୋଇଯିବା ନମ୍ବର ଓ୍ୱାନ୍ । ତେଣୁ ଆମକୁ ଲାଗିବାକୁ ହେବ ଦ୍ୱିଗୁଣ ଉତ୍ସାହରେ । ଏମ୍.ଡି. ରାଜନ୍ ତଲୱାର ଗଲା ଦୁଇଟି ବର୍ଷ ହେଲା କରପୋରେସନକୁ ଯେଉଁ ତୁଙ୍ଗ ଶିଖରରେ ନେଇ ବସାଇ ପାରିଛନ୍ତି ସେଥିପାଇଁ ତାଙ୍କୁ ଆସନ୍ତାମାସ ଅବସର ନ ଦେଇ ତାଙ୍କର କାର୍ଯ୍ୟକାଳ ଆଉ ଦୁଇ ବର୍ଷ ବୃଦ୍ଧି କରିବା ନିହାତି ଆବଶ୍ୟକ ।

ଜେନେରାଲ ମ୍ୟାନେଜର ସେଲସ୍ ଉତ୍ପଳ ଚକ୍ରବର୍ତ୍ତୀ ଏହି ପ୍ରସ୍ତାବରେ ଆଦୌ ଏକମତ ହୋଇପାରିଲେ ନାହିଁ । ନିର୍ଭୀକଭାବେ ସେ କହିଲେ ସୁପର କରପୋରେସନର ଆଜିର ଉନ୍ନତି ସାମୂହିକ ଉଦ୍ୟମର ଫଳ । ଜଣେ ଏମ୍.ଡି. କେବଳ ଏଥିପାଇଁ ଏକ୍ସଟେନ୍‌ସନ ପାଇବେ କାହିଁକି ? ମୁଁ ନୀତିଗତ ଭାବେ ଏଭଳି ଯେ କୌଣସି କାର୍ଯ୍ୟକାଳ ବୃଦ୍ଧିର ଘୋର ବିରୋଧୀ । କିନ୍ତୁ ଯଦି ଏମ୍.ଡି. ଆଉ ଦୁଇବର୍ଷ ଚାକିରି କରିବେ ତେବେ ପ୍ରତ୍ୟେକ ଶ୍ରମିକ ମଧ୍ୟ ସେ ସୁବିଧାର ଭାଗୀଦାର ହେଉ । ଉତ୍ପାଦନ ବୃଦ୍ଧି ଓ ବ୍ୟୟ ସଂକୋଚନ ପାଇଁ ଶ୍ରମିକମାନଙ୍କର ଅବଦାନ ମହାନ୍ । କାର୍ଯ୍ୟକାଳ ବୃଦ୍ଧି ଯଦି ସଫଳତାର ପୁରସ୍କାର ହୁଏ ତେବେ ଆମ କରପୋରେସନର କେହି ଏ ବର୍ଷ ଅବସର ନେବା ଉଚିତ ନୁହେଁ ।

ଟେବୁଲଟିରେ ରାଜତ୍ୱ କଲା ଏକ ଅସ୍ୱାଭାବିକ ନୀରବତା । ବହୁରାଷ୍ଟ୍ରୀୟ କଂପାନୀରେ ଏ ଯାଏ କୁଆଡ଼େ ଥିଲା ଏ ଉଗ୍ରପନ୍ଥୀ ମାର୍କସିଷ୍ଟ ? ପରିସ୍ଥିତି ସଜାଡ଼ି ନେବା ପାଇଁ ପାଟି ଖୋଲିଲେ ଧର୍ମେଶ୍ ଝା । ଆମେତ ଆଜି ଏଇଠି ବସି ବସି ଏମ୍.ଡି.ଙ୍କ ଏକ୍ସଟେନ୍‌ସନ୍ ଉପରେ ନିଷ୍ପତ୍ତି ନେବା ନାହିଁ । ତେଣୁ ଏଥିରେ ଅଯଥା ବାଦ ବିବାଦ କାହିଁକି ? ନା କ'ଣ କହୁଛନ୍ତି ? ମିଃ ତିୱାରୀ ?

ମିଃ ତିୱାରୀ କିଛି କହିବା ପୂର୍ବରୁ ଡି.ଜି.ଏମ୍. ନର୍ଥ ଠକ୍କୁର ବିକ୍ରମ ସିଂହ ଆଲୁୱାଲିଆ ଆଲୋଚନାରେ ଭାଗନେଲେ । କୌଣସି ନିଷ୍ପତ୍ତିରେ ଆମର କିଛି କରିବାର ନାହିଁ, କିନ୍ତୁ କରପୋରେସନ୍ ବିଷୟରେ କିଛି କହିବାର ନିଶ୍ଚୟ ଅଛି । ସୁପର କରପୋରେସନ ମାସକୁ ପଚାଶ ହଜାର ଟଙ୍କା ଆମକୁ ଦରମା ଦେଉନାହିଁ

Digitized by PPRACHIN, SOA

କେବଳ ଫାଇଲ ଚାଷ କରିବା ପାଇଁ । ଆମେ କ'ଣ କେବଳ ଫାଇଲରେ ଦି'ଗାର ମାରି ସୁତୁଲି ବାନ୍ଧିବା ପାଇଁ ଦରମା ନେଉଛୁ ? ଯଦି ଆଲୋଚନା ଆରମ୍ଭ ହେଲାଣି ତେବେ କିଛି କଥା ପଡୁ ।

ଧର୍ମେଶ ଝା ବଡ଼ ଅସ୍ୱସ୍ତି ବୋଧ କଲେ । ଆଜିର ଟେବୁଲରେ ଉପସ୍ଥିତ କର୍ମକର୍ତ୍ତାମାନଙ୍କ ମଧ୍ୟରେ ସେଥିରେ ସବୁଠାରୁ ଉଚ୍ଚପଦାରୂଢ଼ । ଏମ୍.ଡି. ରାଜନ୍ ତଲୱାରଙ୍କ ଅବସର ଗ୍ରହଣ ପରେ ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ପ୍ରୋଜେକ୍ଟସ ଜୀବେଶ ପନ୍ଥଙ୍କ ପାଳି ତା'ପରେ ଧର୍ମେଶ ଝା; ଜୀବେଶ ପନ୍ଥଙ୍କ ଚାକିରି ଆଉ ମାତ୍ର ବର୍ଷେ । ଏମ୍.ଡି.ଙ୍କ ଏକ୍ସଟେନ୍‌ସନ୍ ସପକ୍ଷରେ କହିଲେ ତାଙ୍କର ନିଜର ଏମ୍.ଡି. ହେବାର ସୁଯୋଗ ହାତଛଡ଼ା ହୋଇପାରେ । ଏଣେ ବିପକ୍ଷରେ କିଛି ମାତ୍ର କହିଲେ ଏମ୍.ଡି. କାନକୁ କଥାଯିବ । ଚାକିରି ଶେଷ ଚାରିବର୍ଷ ନିହାତି ଜଗିରଖି ନ ଚଳିଲେ ଏମ୍.ଡି. ହେବା ଆଶା ବୃଥା ।

ଜି.ଏମ୍. ମାର୍କେଟିଂ ଶାଶ୍ୱତ ପଟବର୍ଦ୍ଧନ ଏ ପର୍ଯ୍ୟନ୍ତ ଚୁପ୍‌ଚାପ୍ ଶୁଣୁଥିଲେ । ଏହି ଅସ୍ୱସ୍ଥିକର ପରିସ୍ଥିତିକୁ ସୁଧାରିନେବା ପାଇଁ ସେ ଶେୟାର ବଜାର କଥା ଆରମ୍ଭ କଲେ ।

ଉତ୍ପଳ ଚକ୍ରବର୍ତ୍ତୀ କିନ୍ତୁ ଛାଡ଼ିବା ଲୋକ ନୁହଁ । ଉଦାରୀକରଣ ଓ ପୃଥ୍ୱୀକରଣ ତ ନିଶ୍ଚୟ ଖୁବ୍ ଭଲ କାର୍ଯ୍ୟକ୍ରମ । କିନ୍ତୁ ତା'ମାନେ କ'ଣ ଆମେ ଏଠାରେ ଆମେରିକା ଭଳି ଅବସର ଗ୍ରହଣକୁ କଂପାନୀ ଏକଜିକ୍ୟୁଟିଭ୍‌ମାନଙ୍କର ନିଜ ଇଚ୍ଛା ଉପରେ ଛାଡ଼ିଦେବା ? ସେପରି ହେଲେ ତ କଫିନ୍‌ରେ ବନ୍ଦ ହୋଇ ଗଲା ଆଗରୁ ଏଠାରେ କେହି ଅବସର ନେବେ ନାହିଁ । ଶେଷକୁ ମଲାଯାଏ ଉପଦେଷ୍ଟା ଚାକିରିରେ ରହିବେ । ଉତ୍ପଳ ଚକ୍ରବର୍ତ୍ତୀ ନିଜ ଭାଷାରେ ନିଜେ ସନ୍ତୁଷ୍ଟ ଜଣାପଡ଼ିଲେ । ତା'ପରେ ସେ କହିଚାଲିଲେ ବନ୍ଦ ନ ହୋଇ ରଂଜନ ତଲୱାର ସଫଳତାର ଯେଉଁ ଶିଡିରେ ଆଜି ପାଦଦେଇଛନ୍ତି ତାଙ୍କୁ ଦୁଇବର୍ଷ କ'ଣ ? ପାଞ୍ଚବର୍ଷ ମଧ୍ୟ ଏକ୍‌ଟେନସନ୍ ମିଳିପାରେ । ସେ କେବଳ ଜଣେ ସଫଳ ଏକ୍‌ଜିକ୍ୟୁଟିଭ ନୁହଁନ୍ତି । ବୋର୍ଡର ଡାଇରେକ୍ଟର, ବ୍ୟାଙ୍କରମାନଙ୍କୁ କିଭଳି ଖୁସି ରଖିବାକୁ ହୁଏ ସେ ଜାଣନ୍ତି । ତେଣୁ ଆପଣମାନେ ସମର୍ଥନ କରନ୍ତୁ ବା ନକରନ୍ତୁ, ତଲୱାର ସାହେବ ନିଶ୍ଚୟ ଏକ୍ସଟେନ୍‌ସନ୍ ପାଇବେ । ଶେୟାର ବଜାରରେ ଆମର ଦର ନ କମିଲେ କିମ୍ବା କମ୍ପାନୀ କ୍ଷତି ନ ସହିଲାଯାଏ ଏମ୍.ଡି.ଙ୍କୁ କିଏ ଅବସର ନେବାକୁ ଦେବ ? ଝା ସାହେବ ସିନା କିଛି କହୁନାହାନ୍ତି କିନ୍ତୁ ସେ କ'ଣ ଏ ବିଷୟରେ ଚିନ୍ତିତ ନୁହଁନ୍ତି ?

ଶାଶ୍ୱତ ପଟ୍ଟବର୍ଦ୍ଧନ ପୁଣିଥରେ ଚେଷ୍ଟାକଲେ କଥାର ମୋଡ଼ ବଦଳାଇବା ପାଇଁ । ଆପଣମାନଙ୍କର କ'ଣ ଆଉ କିଛି କଥାବାର୍ତ୍ତା ନାହିଁ ? ଜାଣନ୍ତି ଏଥର କ୍ୟାମ୍ପସ୍

Digitized by PPRACHIN, SOA

ରିକ୍ରୁଟ୍‌ମେଣ୍ଟରେ ମୋର କ'ଣ ଅଭିଜ୍ଞତା ? ଦିଲ୍ଲୀ, କାନପୁର, ବମ୍ବେ ଓ ମାଡ୍ରାସ ବୁଲି ଆସିଲି । ବି. ଟେକ୍ ଓ ଏମ୍. ଟେକ୍‌ର ଶେଷବର୍ଷ ଛାତ୍ରମାନଙ୍କ ମଧ୍ୟରୁ ପ୍ରାୟ ଶହେ ଜଣଙ୍କ ସଙ୍ଗେ କଥାବାର୍ତ୍ତା ହେଲା । ମାସକୁ ତିରିଶ ହଜାରରୁ କେହି କମ୍‌ରେ ଚାକିରି ଆରମ୍ଭ କରିବାକୁ ରାଜି ନୁହଁନ୍ତି । କିନ୍ତୁ ପାଞ୍ଚବର୍ଷ ପାଇଁ ବଣ୍ଡ ଲେଖିବାକୁ କେହିହେଲେ ସମ୍ମତି ଦେଲେ ନାହିଁ । କାରଣ କ'ଣ ଜାଣନ୍ତି ? ସମସ୍ତେ ଚାକିରିରେ ଯୋଗ ଦେଲା ପରେ ମଧ୍ୟ ଆଇ.ଏ.ଏସ୍. ପାଇଁ ପଢ଼ିବେ । ଏବେ ତିରିଶ ବର୍ଷ ବୟସ ଯାଏ ସିଭିଲ ସର୍ଭିସ ପରୀକ୍ଷା ଦେଇହେବ । ଚାରିଥର ପରୀକ୍ଷାରେ ହାଜିରା ଦେଇ ହେବ । ଚାକିରି ଆରମ୍ଭ କରିବେ ସେମାନେ, ନ'ଦଶହଜାର ଟଙ୍କାରେ କିନ୍ତୁ ସେଥିପାଇଁ ସୁପର କରପୋରେସନର ତିରିଶ ହଜାର ଟଙ୍କା ଦରମା ଛାଡ଼ି ଦେବା ପାଇଁ ତିଳେ ହେଲେ କୁଣ୍ଠାବୋଧ କରିବେ ନାହିଁ । କୌଣସି ବିଭାଗ ବା କଂପାନୀ ଜଣେ କର୍ମଚାରୀକୁ ତିରିଶ ବର୍ଷ ହେଲାଯାଏ ଗ୍ୟାରେଣ୍ଟି ଦେଇ ପାରିବ ନାହିଁ ଯେ, ସେ ରହିଯିବ ।

ଏ ବର୍ଷ ତ ପାଞ୍ଚଜଣ କେବଳ ଆମ କଂପାନୀ ଚାକିରି ଛାଡ଼ିଛନ୍ତି । ଜଣେ ଆଇ.ଏ.ଏସ୍.ରେ ଦୁଇଜଣ ଇନ୍‌କମ୍ ଟ୍ୟାକ୍ସରେ, ଜଣେ କଷ୍ଟମ୍ସ ସେଣ୍ଟ୍ରାଲ ଏକ୍‌ସାଇଜରେ ଓ ଆଉ ଜଣେ ଆଇ.ପି.ଏସ୍.ରେ ଯୋଗ ଦେଇଛନ୍ତି । ଏତେ ଅଧିକ ଦରମା ଦେଲା ପରେ ଆମେ ଯଦି ଦେଶର କ୍ରିମ୍‌କୁ ଆକର୍ଷିତ ନ କରିବା ତେବେ ଆମ କରପୋରେସନ୍‌ର ଭବିଷ୍ୟତ କ'ଣ ? ଆପଣମାନେ ଏକଥା ଚିନ୍ତା ନ କରି ଏମ୍.ଡି. କେବେ ଅବସର ନେବେ ବା ଏକ୍‌ଷ୍ଟେନ୍‌ସନ୍ ପାଇବେ ସେ ଚର୍ଚ୍ଚାରେ ଲାଗିଛନ୍ତି ? ପଚବର୍ଦ୍ଧନଙ୍କ ଉକ୍ତିରେ ବିରକ୍ତିର ସ୍ୱର ।

ଏସ୍.ଏନ୍. ତିୱାରୀ ପୁଣି କିଛି କହିବାକୁ ଆଗେଇ ଆସିଲେ । ଦୁଇବର୍ଷ ତଳେ ଆମ କରପୋରେସନ୍‌ରୁ ଚାକିରି ଛାଡ଼ି ଆଇ.ଆଇ.ଟି. ଟପର ବିମଲ ଗୁପ୍ତା କଷ୍ଟମ୍ସ ଆଣ୍ଡ ସେଣ୍ଟ୍ରାଲ ଏକ୍‌ସାଇଜ୍‌ରେ ଜଏନ୍ କରିଛି । ମୋ ସାଙ୍ଗେ ଦେଖା ହୋଇଥିଲା ପନ୍ଦରଦିନ ତଳେ । ମୁଁ ପଚାରିଲି ଯେ ସେ ମାସକୁ କୋଡ଼ିଏ ହଜାର ଟଙ୍କା କମ୍ ପାଇ କେମିତି ଚଳୁଛି ? ସେ କ'ଣ ସତରେ ଖୁସି ? ସେ ମତେ କ'ଣ କହିଲା ଜାଣନ୍ତି ? ତା ଅଫିସ ଆଲମିରା ଭିତରୁ ଗୋଟିଏ ସୁନ୍ଦର ଇମ୍ପୋର୍ଟେଡ୍ ନେକ୍‌ଟାଇ ବାହାର କଲା । କହିଲା ଏଇଟା ମୋତେ କିଏ ଦେଇଛନ୍ତି ଜାଣନ୍ତି ? ରାମ ଶରଣ ବାଜୋରିଆ ଜାପାନରୁ ଫେରି ମୋତେ କାଲି ନିଜେ ଦେଇଯାଇଛନ୍ତି । ସୁପର କରପୋରେସନ୍‌ରେ ମୋର ଏ ସମ୍ମାନ ଥିଲା କି ? ମୁଁ ବାଜୋରିଆ ଗ୍ରୁପ୍‌ଠାରୁ କୌଣସି ଅର୍ଥ ବା ସାହାଯ୍ୟ କେବେ ନେଇନାହିଁ ବା ନେବି ନାହିଁ କିନ୍ତୁ ସମ୍ମାନରେ ନିଜେ ବାଜୋରିଆ ଶେଠ୍ ଦେଇଥିବା

Digitized by PPRACHIN, SOA

ନେକ୍‌ଟାଇଟି ବ୍ୟବହାର କରିବି । ଟଙ୍କାରେ କ'ଣ ଥାଏ ? ମନି କ'ଣ ହାପିନେସ୍ ଦେଇପାରେ ?

ଡଃ ବିକ୍ରମ ସିଂହ ସମର୍ଥନ କଲେ ତିୱାରୀ ଓ ପଟ୍ଟବର୍ଦ୍ଧନଙ୍କୁ । ମୋର ମଧ ସେଇ ଅଭିଜ୍ଞତା । କ୍ୟାମ୍ପସ ରିକ୍ରୁଟ୍‌ମେଣ୍ଟରେ ଆଇ.ଆଇ.ଏମ୍. ଅହମ୍ମଦାବାଦ, ଲକ୍ଷ୍ନୌ, କଲିକତା ଓ ବାଙ୍ଗାଲୋର ଯାଇଥିଲି । ସେଠାରେ ଶତକଡ଼ା ପଚାଶ ଭାଗ ଛାତ୍ର ଆଇ.ଆଇ.ଟି. ଗ୍ରାଜୁଏଟ୍ । ଅନ୍ୟମାନେ ବିଜ୍ଞାନ, କଳା, ବାଣିଜ୍ୟର ପ୍ରତିଭାବାନ୍ ଯୁବକ ଓ ଯୁବତୀ । ରାତି ଦଶଟା ଯାଏ ମ୍ୟାନେଜମେଣ୍ଟ ପାଠ । ପରଦିନର କ୍ଲାସ ପାଇଁ ପ୍ରସ୍ତୁତି । ତା'ପରେ ତିନି ଚାରିଘଣ୍ଟା ପଢ଼ୁଛନ୍ତି ଆଇ.ଏ.ଏସ୍. ପାଇଁ । ଜିମ୍‌ନାସିୟମରେ, ଲାଇବ୍ରେରିରେ, କ୍ଲବ୍‌ରେ ସବୁଠାରେ ଖାଲି ସିଭିଲି ସର୍ଭିସ୍ ଚର୍ଚ୍ଚା । ମ୍ୟାନେଜମେଣ୍ଟ ପାଠ ସତେ ଯେଭଳି ଏକଦମ୍ ଗୌଣ ଏବଂ ଆଇ.ଏ.ଏସ୍. ପାଇବାକୁ ଯିବା ରାସ୍ତାରେ କେବଳ ଏକ ସରାଇଘର । ମୁଁ ଦେଖିଲି ଦୁଇଜଣ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ମଧ ଏମ୍.ବି.ଏ.ର ଛାତ୍ର । ସେମାନେ ଲାଗି ପଡ଼ିଛନ୍ତି ଆଇ.ଏ.ଏସ୍. ପାଇଁ । ଏଭଳି ବନ୍ଧ ପାଗଳାମି ତ ଅନ୍ୟ କୌଣସି ଦେଶରେ ନ ଥିବ । କହିଲେ ଦେଖି ଏ କ'ଣ ଆମର ଉଦାରୀକରଣ ପାଇଁ ପ୍ରସ୍ତୁତି ?

ଏସ୍.ଏନ୍. ତିୱାରୀ ନିଜ ଝିଅ ଚନ୍ଦ୍ରା ବିଷୟରେ କହିଲେ । ଏମ୍.ବି.ବି.ଏସ୍. ଅନର୍ସ ପାସ୍ କରି ଏବେ ହାଉସ୍ ସର୍ଜନ ହୋଇଛି ଚନ୍ଦ୍ରା ତିୱାରୀ । ଏମ୍.ଡି. ବା ଏମ୍.ଏସ୍. ଏଣ୍ଟ୍ରାନ୍ସ ପରୀକ୍ଷା ପାଇଁ ଚେଷ୍ଟା ନ କରି ଦିନରାତି ସିଭିଲ ସର୍ଭିସ୍ ପରୀକ୍ଷା ପାଇଁ ଲାଗିପଡ଼ିଛି । କହୁଛି, ଆଇ.ଏ.ଏସ୍. ନ ହେଲେ ତ ଏମ୍.ଡି. କରିବା ପାଇଁ ଅନେକ ସମୟ ଅଛି । ଏବେ ତରବର କାହିଁକି ? କେବଳ ସେ ନୁହେଁ ତା ବ୍ୟାଚର ପନ୍ଦର ଜଣ ଡାକ୍ତରୀ ଛାତ୍ରଛାତ୍ରୀ ମନପ୍ରାଣ ଦେଇ ଲାଗିଛନ୍ତି ଆଇ.ଏ.ଏସ୍. ହେବା ପାଇଁ ।

ମୋ ବନ୍ଧୁ ଡଃ ମାଖନଲାଲ ପୁରୋହିତ ତା ଝିଅ ପାଇଁ ପାତ୍ର ଦେଖିବାକୁ କରମଣ୍ଡଳ ଷ୍ଟିଲ୍ ଲିମିଟେଡର ଅଫିସରସ୍ ହଷ୍ଟେଲସ୍ ଯାଇଥିଲା । ସେ ଆଶା କରିଥିଲା ପ୍ରତି ରୁମ୍‌ରେ ଟି.ଭି. ନ ହେଲେ ଷ୍ଟେରିଓ ମ୍ୟୁଜିକ ସିଷ୍ଟମ ବାଜୁଥିବ । ଟ୍ରେନୀ ଇଂଜିନିୟର ଓ ମ୍ୟାନେଜରମାନେ ମଉଜମସ୍ତି କରୁଥିବେ । କିନ୍ତୁ ସେ କ'ଣ ଦେଖିଲା ଜାଣନ୍ତି ? ପୂରା ହଷ୍ଟେଲ ଚୁପ୍‌ଚାପ୍ । ଯେମିତି କେହି କେଉଁଠି ନାହାନ୍ତି । ପ୍ରତ୍ୟେକ ନିଜ ନିଜ ପ୍ରକୋଷ୍ଠ ଭିତରୁ କବାଟ କିଳି ଦେଇ ସିଭିଲ୍ ସର୍ଭିସ୍ ପରୀକ୍ଷା ପାଇଁ ପ୍ରସ୍ତୁତିରେ ଲାଗିଛନ୍ତି । ଶୋର ଶବ୍ଦ କିଛି ନାହିଁ । ଠିକ୍ ଯେମିତି ଦିନେ ରାଣୀ ଗୁଣ୍ଡିଚା ଦେବୀଙ୍କ ମନରେ ସନ୍ଦେହ ହୋଇଥିଲା ।

Digitized by PPRACHIN, SOA

ବୁଢ଼ା ବଢ଼େଇ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ମୂର୍ତ୍ତି ତିଆରି କରୁ କରୁ ପ୍ରାଣ ହରାଇଛି ।

ରମେଶ ରଙ୍ଗନାଥନ୍ ଏ ପର୍ଯ୍ୟନ୍ତ ଚୁପ୍ ଥିଲେ । ଆମର ଏହି ଜାତୀୟ ପାଗଳାମି କଥା ଚର୍ଚ୍ଚା କରି ଲାଭ କ'ଣ ? ଆମେ କିଭଳି ନୀତି ନିୟମରେ ନିଯୁକ୍ତି, ଦରମାହାର ଧାର୍ଯ୍ୟ, ପଦୋନ୍ନତି ଓ ଅବସର ଆଦି ବିଷୟରେ ନିଷ୍ପତ୍ତି ନେଲେ କରପୋରେସନରେ ଯୋଗ ଦେବାକୁ ଦେଶର କ୍ରିମ ଆସିବେ ସେ କଥା ପ୍ରଥମେ ବିଚାର କରାଯାଉ । କେବଳ ଅଧିକ ଦରମାର ଲୋଭ ଯଥେଷ୍ଟ ନୁହେଁ । ନିଷ୍ପତ୍ତି ନେବାର ସ୍ୱାଧୀନତା ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ଆମ କରପୋରେସନ୍‌ରେ ଏ ବିଷୟରେ କ'ଣ ଗଣତାନ୍ତ୍ରିକ ବିକଳ୍ପ ଅଛିକି ? ପ୍ରତିଭାଶାଳୀ ଯୁବକ ଯୁବତୀଙ୍କୁ ଆକର୍ଷିତ କରି ଯଦି କେବଳ ମରଣାନ୍ତକ ପରିଶ୍ରମ କରିବାକୁ କୁହାଯାଏ ? ସେମାନଙ୍କର ବ୍ୟକ୍ତିତ୍ୱର ବିକାଶ ପାଇଁ ଉପଯୁକ୍ତ ବାତାବରଣ ଯଦି ସୃଷ୍ଟି ନ କରାଯାଏ ? ଯଦି କେବଳ ଟାରଗେଟ୍ ପହଞ୍ଚିବା ବା ଅତିକ୍ରମ କରିବା ସଫଳତାର ଏକମାତ୍ର ମାପକାଠି ରୂପେ ଦେଖାଯାଏ ତେବେ ସୃଜନଶୀଳତାର ସ୍ଥାନ କେଉଁଠି ? ଏତେବେଳେ ଯଦି ଏକ୍ସଟେନସନ୍ ଦେଇ ଅନେକ ପଦୋନ୍ନତିର ପଥରୁଦ୍ଧ କରାଯାଏ ତେବେ ଅବସ୍ଥା ସମ୍ଭାଳି ହେବ ତ ?

ଉତ୍ପଳ ଚକ୍ରବର୍ତ୍ତୀ ଏଥର ହୋଇଉଠିଲେ ଅଧିକ ମୁଖର । ସିଭିଲି ସର୍ଭିସ୍‌ରେ ଯେଉଁ ପ୍ରକାରର ସୃଜନଶୀଳତାର ଆଦର କରାଯାଏ ଆମେ ତାହା ଜାଣିଛୁ । ସେଠାରେ ମଧ୍ୟ ଖୁବ୍ ଈର୍ଷା ଓ ମାରପେଞ୍ଚ । ଅସଲ କଥା ହେଲା ସେଠାରେ ଏବେ ମଧ୍ୟ ବହୁତ କ୍ଷମତା ଏବଂ ଏହି କ୍ଷମତାର ଅପପ୍ରୟୋଗ କରି ସୁବିଧା ନିଆଯାଏ ଅନେକ । ଅଳ୍ପ ବୟସରେ ଏହି ଅଫିସରମାନେ ନିଷ୍ପତ୍ତି ନେବାର ଆସନ ଦଖଲ କରନ୍ତି । ସେହି ନିଷ୍ପତ୍ତି ଜରିଆରେ କାହାକୁ ସାହାଯ୍ୟ କରାଯାଏ, କାହାକୁ ହଇରାଣ କରାଯାଏ ବା ଆଉ କାହାଠାରୁ କିଛି ଆଦାୟ କରାଯାଏ । କ୍ଷମତା ଜାହିର୍ କରି ଏକ ଅପୂର୍ବ ଆତ୍ମସୁଖ ହାସଲ କରାଯାଏ । ଯୌବନ, ଧନସଂପତ୍ତି, ପ୍ରଭୁତ୍ୱ ଓ ଅବିବେକତା ଏ ଚାରୋଟିର ସମାବେଶ ହେଲେ ପରିଣାମ ଅନେକ ସମୟରେ ଭୟାବହ ହୋଇଯାଏ । ଧନ ସଂପତ୍ତି ଠୁଳ କରିବା ସରକାରୀ ଚାକିରିର ଦରମାରୁ ସମ୍ଭବ ନୁହେଁ । ଯୌତୁକରୁ ଏବଂ ଦୁର୍ନୀତିରୁ ହିଁ ଜଣେ ଅଫିସର ଅଳ୍ପ ଦିନରେ ଧନସଂପତ୍ତିର ମାଲିକ ହୋଇଥାଏ । ଆଉ କେତେଜଣ ଚାକିରି ସାଙ୍ଗେ ବେପାର କରି ପଇସା ଅର୍ଜନ କରନ୍ତି ।

ଉତ୍ପଳବାବୁ ଏଥର ଅଧିକ ଦାର୍ଶନିକ ହୋଇଉଠିଲେ । ମଣିଷ ସବୁବେଳେ ଭଗବାନଙ୍କ ପ୍ରତି ଈର୍ଷାଳୁ । ଭଗବାନ ସମସ୍ତଙ୍କ ଭାଗ୍ୟ ନିୟନ୍ତ୍ରଣ କରନ୍ତି ।

Digitized by PPRACHIN, SOA

ମଣିଷ ଭାବେ ମୁଁ ଯଦି କିଛି ଦିନ ପାଇଁ ଭଗବାନ ହୁଅନ୍ତି ଏବଂ ମୋ ପାଖ ଲୋକମାନଙ୍କର ଭାଗ୍ୟ ନିୟନ୍ତ୍ରଣ କରନ୍ତି ତେବେ କେତେ ଭଲ ହୁଅନ୍ତା ସତେ । ସିଭିଲ୍ ସର୍ଭିସ୍‌ରେ ଯୋଗ ଦେଇ ପ୍ରଭୁତ୍ୱ ଲାଭ ଓ କ୍ଷମତା ଜାହିର କଲେ ଅନେକଙ୍କର ଏହି ଭାଗ୍ୟ ନିୟନ୍ତା ଭାବଟି ମନକୁ ଆସେ । ଏହି ଡେମିଗଡ୍ ବା ଉପଦେବତା ଆସନ ଲାଭ କରିବାର ଯେଉଁ ଆନନ୍ଦ, ଉନ୍ମାଦନା ତାହା ଅନେକ ଉପଭୋଗ କରନ୍ତି । ଅନେକ ମଧ୍ୟ ତାର ଦୁରୁପଯୋଗ କରି ଲଜ୍ଜାହୀନ ଭାବେ କଳାଧନ କମାନ୍ତି । କେତେକ ଅବିବେକୀ ବେପରୱାହୋଇ ଅନ୍ୟକୁ ଦୁଃଖ ଦେଇ ସୁଖ ପାଆନ୍ତି । ଅବଶ୍ୟ ଅନେକ ଅଧିକାରୀ ଏବେ ମଧ୍ୟ ସଚ୍ଚୋଟ, ନିର୍ଭୀକ ଓ ବିବେକବନ୍ତ ଅଛନ୍ତି । ମନ ପ୍ରାଣ ଦେଇ କାମ କରୁଛନ୍ତି ।

ଆମ କରପୋରେସନ ଆର୍ଥିକ ଦିଗରୁ ଅନେକ କ୍ଷମତାଶାଳୀ । ଆଜିର ଉଦୀୟମାନ ମେଧାବୀ ଯୁବକ ଯୁବତୀମାନଙ୍କୁ ଆମେ ଯେତେ ଉଚ୍ଚହାରରେ ଦରମା ଦେଲେ ମଧ୍ୟ ଆମ ଚାକିରି ସେମାନଙ୍କ ମଧ୍ୟରେ ଏହି ତଥାକଥିତ ଐଶ୍ୱରୀୟ ସ୍ୱାଭିମାନର ସୃଷ୍ଟି କରିପାରି ନାହିଁ । ଏଠାରେ ସେମାନେ ଅତି ବୃହତ୍‌କାୟ ମେସିନ୍‌ର ନଟ୍‌ବୋଲ୍ଟ ଭଳି ନିଜକୁ ଭାବନ୍ତି । ଏକ ଉଚ୍ଚମାନର କାର୍ଯ୍ୟକ୍ଷମତା ଓ କର୍ମଠତା ଦିନ ପରେ ଦିନ ଓ ବର୍ଷ ପରେ ବର୍ଷ ଜାରି ରଖିବାକୁ ଯାଇ ସେମାନଙ୍କ ମଧ୍ୟରୁ ଅନେକ ସାତ ଆଠ ବର୍ଷ ପରେ ମାନସିକ ସ୍ତରରେ ଏକଦମ୍ ଭାଙ୍ଗିପଡୁଛନ୍ତି । କେତେଜଣ ବାବାଜି ମଧ୍ୟ ହୋଇଯାଇଛନ୍ତି । ଯେଉଁ ଅର୍ଥ ସେମାନେ ଦରମା ରୂପେ ଅର୍ଜନ କରୁଛନ୍ତି ତା'ଠାରୁ ଢ଼େର ଅଧିକ କରପୋରେସନ୍ ସେମାନଙ୍କଠାରୁ କାମ ନେଉଛି । ଏଠାରେ କୌଣସି ମୁହୂର୍ତ୍ତରେ ହେଲେ ସେମାନଙ୍କର ଭାଗ୍ୟ ନିୟନ୍ତା ଭାବ ଜାଗ୍ରତ ହୋଇପାରୁ ନାହିଁ । ତେଣୁ ସିଭିଲ ସର୍ଭିସ୍‌ର ଏହି କ୍ଷମତା ଉପଭୋଗ କରିବା ପାଇଁ ସେମାନେ ଆଜି ବ୍ୟାକୁଳ । ସିଭିଲ ସର୍ଭିସ୍‌ର ନିର୍ଭୀକତା ଓ ସ୍ୱଚ୍ଛନ୍ଦତା ପାଇଁ ସେମାନେ ଆଗ୍ରହୀ ।

ଏସ୍.ଏନ୍.ତିୱାରୀ ଏଥିରେ ସଂପୂର୍ଣ୍ଣ ସମ୍ମତ ନ ଥିଲେ । ଏହି ପାଗଳାମିକୁ କେବଳ କ୍ଷମତା-ଲିପ୍‌ସା ଓ ଅର୍ଥଲୋଭର ଅନ୍ୟନାମ ଦେଇଥିଲେ ସେ । କଳା, ବିଜ୍ଞାନ ବା ବାଣିଜ୍ୟର ଛାତ୍ର ହୁଅନ୍ତୁ, ଇଂଜିନିୟରିଂ, ଡାକ୍ତରୀ ମ୍ୟାନେଜମେଣ୍ଟ ବା ଆକାଉଣ୍ଟାନ୍‌ସିର ଛାତ୍ର ହୁଅନ୍ତୁ, ସମସ୍ତେ ଆଜି ସିଭିଲ ସର୍ଭିସ୍ ପାଇଁ କାହିଁକି ପାଗଳ । ଆଇ.ଏ.ଏସ୍., ଆଇ.ପି. ଏସ୍. ଇନ୍‌କମ୍ ଟ୍ୟାକ୍ସ, କଷ୍ଟମ୍‌ସ୍ ଓ ସେଣ୍ଟ୍ରାଲ ଏକ୍‌ସାଇଜ୍ ଚାକିରି ପାଇଁ ଆଜି ଖୁବ୍ ଭିଡ଼ । ଇଣ୍ଡିଆନ୍ ଫରେନ୍ ସର୍ଭିସ୍, ଅଡିଟ୍ ଏଣ୍ଡ ଆକାଉଣ୍ଟସ, ରେଲ୍‌ୱେ ସର୍ଭିସ୍ ଇତ୍ୟାଦି ଦିନେ ଭାରତ ସରକାରଙ୍କର ବେଶ୍ ସମ୍ମାନଜନକ ସେବା ରୂପେ ଗଣାଯାଉଥିଲା । ଏବେ ଏ ସବୁର ସ୍ଥାନ

Digitized by PPRACHIN, SOA

ଖୁବ୍ ତଳେ । କାରଣ ସେ ସବୁ ସେବାରେ କ୍ଷମତା ନାମକ କେକ୍‌ଟି ହୁଏତ ନାହିଁ ବା ଖୁବ୍ କମ୍ ଅଛି ।

ଷାଠିଏ ଓ ସତୁରି ଦଶକରେ ଯେଉଁମାନେ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ବା ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ପ୍ରୋବେସନାରୀ ଅଫିସର ଭାବେ ଚାକିରି ପାଉଥିଲେ ସେମାନଙ୍କ ମଧ୍ୟରୁ ଅନେକ ଆଲାଏଡ୍ ବା ଆଇ.ପି.ଏସ୍. ଚାକିରି ପାଇ ମଧ୍ୟ ଯୋଗ ଦେଉ ନ ଥିଲେ । ବିନା ଝାମେଲାରେ ଶାନ୍ତିପୂର୍ଣ୍ଣ ଭାବେ ଚଳିବା ପାଇଁ ଯଦି ରୁଚିସଂପନ୍ନ ଚାକିରିଟିଏ ହେଲା ତେବେ କାହିଁକି ଅଡୁଆରେ କିଏ ପଶିବ ? ବ୍ୟାଙ୍କ ପି.ଓ. ଚାକିରିରେ ପ୍ରଥମ ମାସର ଦରମା ସିଭିଲ୍ ସର୍ଭିସ୍‌ର ପ୍ରଥମ ମାସ ଦରମାଠାରୁ ସେତେବେଳେ ସାଢ଼େ ପାଞ୍ଚଶହ ଟଙ୍କା ପର୍ଯ୍ୟନ୍ତ ଅଧିକ ଥିଲା । ଏବେ କିନ୍ତୁ ଯୁଗ ବଦଳିଯାଇଛି । ମୂଲ୍ୟବୋଧ ଅଲଗା, ସାମାଜିକ ବ୍ୟବସ୍ଥା ଅଲଗା । ଅର୍ଥ ଏବେ ସେତେ ଗୁରୁତ୍ୱପୂର୍ଣ୍ଣ ନୁହେଁ । ଅର୍ଥକରୀକ୍ଷମତା ତା'ଠାରୁ ଅନେକ ଅଧିକ ଗୁରୁତ୍ୱପୂର୍ଣ୍ଣ ।

ଜି.ଏମ୍. ମାର୍କେଟିଂ ଶାଶ୍ୱତ ପଟ୍ଟବର୍ଦ୍ଧନ ଏଥର ଆଉ ଗୋଟିଏ ଦିଗ ପ୍ରତି ଦୃଷ୍ଟି ଆକର୍ଷଣ କଲେ । ସିଭିଲ ସର୍ଭିସରେ କିଛି କାମ ନ କଲେ ମଧ୍ୟ ଚାକିରି ଯିବ ନାହିଁ । ଏଭଳି ନିରାପତ୍ତା ଓ ସୁରକ୍ଷା ଭାରତ ବ୍ୟତୀତ ପୃଥିବୀର ଆଉ କୌଣସି ଚାକିରିରେ ଥିବାର ନଜିର ନାହିଁ । ଚାକିରି ଜୀବନରେ ବିଭିନ୍ନ ପ୍ରକାରର ଅଭିଜ୍ଞତାର ସୁଯୋଗ ଦେଇଥାଏ ସିଭିଲ ସର୍ଭିସ । ଅନ୍ୟକୌଣସି ଚାକିରି ବା ଧନ୍ଦାରେ ଏତେ ପ୍ରକାରର ବିଭିନ୍ନତା ନ ଥାଏ । ଏତେ ବେଶୀ ଲୋକଙ୍କ ସଙ୍ଗେ ମିଶିବାର ସୁଯୋଗ ନ ଥାଏ ।

ନିଜେ ନିତାନ୍ତ ଆକ୍ରମଣାତ୍ମକ ବା ଆତ୍ମଘାତୀ ଭୂମିକାରେ ଅବତୀର୍ଣ୍ଣ ନ ହେଲେ ଏ ଚାକିରିଗୁଡ଼ିକରେ ଧୂଳି ମଳି ନାହିଁ । ନିଜର କର୍ମଠତାର ମାନ ନିଜେ ସ୍ଥିର କରିହେବ । ସାତଦିନରେ ଏଭରେଷ୍ଟ ଆରୋହଣ କରିବା ଭଳି ଉଚ୍ଚାକାଂକ୍ଷାରୂପୀ ବୃଶ୍ଚିକର ତୀବ୍ର ଦଂଶନରେ ତୁମେ ଯଦି ଜୀବନସାରା ବ୍ୟତିବ୍ୟସ୍ତ ହେଉଥାଅ ତେବେ ତୁମେ ଏକ ଶିଶୁ ଶ୍ରେଣୀ ଛାତ୍ରର ମାନସିକତାର ସ୍ତର ଅତିକ୍ରମ କରିନାହଁ ବୋଲି କୁହାଯିବ । ଯଦି ଏଭଳି ପିଲାଳିଆ ମାନସିକତା ତୁମର ନାହିଁ ତେବେ ତୁମେ ବେଶ୍ ନିରାପଦ ।

ଉତ୍କର୍ଷର ପୂଜାରୀ ହେଲେ ହୁଏତ ଦୁଃଖ ପାଇବ, କଷ୍ଟ ପାଇବ ଓ ଡାଇବେଟିସ୍, ବ୍ଲଡପ୍ରେସର ଭୋଗିବ । କାମ ଚଳାଇନେଲେ ଅଖଣ୍ଡ ଶାନ୍ତି ଲାଭ । ସୁରକ୍ଷା ଓ ନିରାପତ୍ତା ସିଭିଲ ସର୍ଭିସେସ୍‌ର ଏକ ମୁଖ୍ୟ ଆକର୍ଷଣ । ସିଭିଲ୍‌ସର୍ଭିସେସ୍‌ରେ ଆଜି ଯେ ରାଜେନ୍ଦ୍ରାସନେ ସେ କାଲି ଫକୀର ହେବାର ସମ୍ଭାବନା ବହୁତ

Digitized by PPRACHIN, SOA

କମ୍ । ହୁଏତ ଅର୍ଥକାରୀ ବା ଉଚ୍ଚକ୍ଷମତା ସଂପନ୍ନ ପଦବୀ ଚାଲିଯାପାରେ କିନ୍ତୁ ପେଟ ଅପୋଷା ରହିବ ନାହିଁ । ଆମ ଦେଶରେ ମାନବର ଭାଗ୍ୟ ଠିକ୍ ମୌସୁମୀ ବାୟୁ ଭଳି ଅନିଶ୍ଚିତ ।

ଏ ଅସ୍ଥିର ଦୁନିଆରେ ସିଭିଲ୍ ସର୍ଭିସ୍‌ର ସୁରକ୍ଷା ଓ ନିରାପତ୍ତା ହିଁ ଏକମାତ୍ର ସ୍ଥିର ଓ ନିଶ୍ଚିତ ବସ୍ତୁ । ଆମ ସୁପରକରପୋରେସନ୍‌ରେ ଏ ସୁରକ୍ଷା ବା ନିରାପତ୍ତା କାହିଁ ? ଜଣେ ସବ୍ କଲେକ୍ଟର ରାଜ୍ୟର ଚିଫ୍ ସେକ୍ରେଟେରୀଙ୍କ ସଙ୍ଗେ ଯେତେ ନିର୍ଭୀକ ଭାବେ କଥା ହୋଇପାରେ ଆମ କରପୋରେସନରେ ଜଣେ ଜି.ଏମ୍.ଏମ୍.ଡି. ସଙ୍ଗେ ସେତିକି ସ୍ୱଚ୍ଛନ୍ଦରେ କଥା ହୋଇପାରିବ ନାହିଁ । ବସ୍‌ଙ୍କର କୌଣସି ଭୁଲ ପ୍ରତି ଆଙ୍ଗୁଠି ଦେଖାଇବା ଦୂରର କଥା ।

କଥାବାର୍ତ୍ତାର ମୋଡ଼ଟି ଏମ୍.ଡି. ରାଜନ ତଲୱାରଙ୍କ ଏକଷ୍ଟେନ୍‌ସନ୍ ଛାଡ଼ି ଅନ୍ୟଦିଗକୁ ଚାଲିଯାଇଥିବାରୁ ଧର୍ମେଶ ଝା ଅନେକଟା ଆଶ୍ୱସ୍ତ ବୋଧ କରୁଥିଲେ । ପାଖ ଟେବୁଲରେ ବସି ଏହି କଥାବବାର୍ତ୍ତାକୁ ସଯତ୍ନସହକାରେ ଶୁଣୁଥିଲେ ସିନିୟର ସିକ୍ୟୁରିଟି ମ୍ୟାନେଜର ୱାଦୁଦ୍ ରେହମାନ୍ । ସେ ହଠାତ୍ ଉଠିଆସି ଛିଡ଼ାହେଲେ ରମେଶ ରଙ୍ଗନାଥନଙ୍କ ଚଉକି ପାଖରେ । ''ରମେଶବାବୁ ଆପଣଙ୍କ ବାମ ପଟର କୋର୍ଟ ପକେଟରେ କ'ଣ ରଖିଛନ୍ତି ମୁଁ ଦେଖିପାରେ କି ?''

ରମେଶ ରଙ୍ଗନାଥନଙ୍କ ମୁହଁରୁ ହଠାତ୍ ସବୁ ରକ୍ତ ଶୁଖିଗଲା । ଛେପ ଢୋକି ଥତମତ ହୋଇ ସେ କହିଲେ ମୋ ପକେଟରେ ମୋର ଡାଏରି, ସିଗାରେଟ ପ୍ୟାକେଟ୍, ପର୍ସ ଓ ରୁମାଲ ଅଛି । ଆପଣଙ୍କ କ'ଣ ହେବ ଏ ସବୁ ଜିନିଷ ?

ୱାଦୁଦ୍ ରେହମାନ୍ ଆଉ କାଳବିଳମ୍ବ ନ କରି ରଙ୍ଗନାଥନଙ୍କ ପକେଟରେ ହାତ ପୂରାଇ ଯାହା କାଢ଼ି ଆଣିଲେ ତାହା ଥିଲା ଏକ ପକେଟ ଟେପ୍‌ରେକର୍ଡର । ଏକ ଶକ୍ତିଶାଳୀ ଟେପ୍‌ରେକର୍ଡର ଯେଉଁଥିରେ ଦଶ ଫୁଟ ବ୍ୟାସାର୍ଦ୍ଧ ମଧ୍ୟରେ ସମସ୍ତ କଥୋପକଥନ ରେକର୍ଡ ହୋଇପାରିବ ।

କିଛି ସମୟ ଟେପ୍‌ଟି ବଜାଇ ଓ୍ୱଦୁଦ୍ ରେହମାନ ରେକର୍ଡ ହୋଇଥିବା କଥୋପକଥନ ଶୁଣାଇଲେ । ତା'ପରେ ସୁଇଚ୍‌ଟି ବନ୍ଦ କଲେ । ସମସ୍ତେ ସ୍ତବ୍ଧ ହୋଇ ରମେଶ ରଙ୍ଗନାଥନଙ୍କ ଆଡ଼େ ଅନାଇଥିଲେ । ଏବେ ସେମାନେ ବୁଝିପାରୁଥିଲେ କାହିଁକି ରମେଶ ରଙ୍ଗନାଥନ ଏମ୍.ଡି.ଙ୍କର କାର୍ଯ୍ୟକାଳ ବୃଦ୍ଧି କଥା ନିଜେ ଉଠାଇଥିଲେ । ଅନ୍ୟମାନେ ଆଲୋଚନାର ମୋଡ଼ ପରିବର୍ତ୍ତନ କରିବାକୁ ଚାହିଁଲାବେଳେ ରମେଶବାବୁ ପୁଣି ସେହି କଥାକୁ ଫେରି ଆସିବାକୁ ଚାହିଁ ଥିଲେ, ଯେଉଁମାନେ ଏମ୍.ଡି. ରାଜନ୍ ତଲୱାରଙ୍କ କାର୍ଯ୍ୟକାଳ ବୃଦ୍ଧି ବିଷୟରେ ପ୍ରତିକୂଳ ମନ୍ତବ୍ୟ ଦେଇଥାନ୍ତେ

Digitized by PPRACHIN, SOA

ତାକୁ ସେ ରେକର୍ଡ କରି ତଲୱାରଙ୍କୁ ଶୁଣାଇ ଥାନ୍ତେ । ଆଶ୍ୱସ୍ତ ହେଲେ ଧର୍ମେଶ ଝା । ସେ ଆଦୌ ପାଟି ଫିଟାଇ ନାହାନ୍ତି ଏମ୍.ଡି.ଙ୍କ ବିଷୟରେ ।

ଉତ୍ପଳ ଚକ୍ରବର୍ତ୍ତୀ କିନ୍ତୁ ନ ଥିଲେ ଚୁପ୍ ରହିବା ଲୋକ, ହଠାତ୍ ଉଠିଯାଇ ସେଇ ପକେଟ ଟେପରେକର୍ଡରଟି ୱାଦୁଦ୍ ରହେମାନଙ୍କ ହାତରୁ ଛଡ଼ାଇ ଆଣି ତାକୁ ତଳେ କଚାଡ଼ି ଦେଲେ ବେଶ୍ ଜୋରରେ । ତା ପରେ ନିଜ ଯୋତାରେ ତାକୁ ମାଡ଼ିମକଚି ଚୂନା କରିଦେଲେ ।

ଶାଶ୍ୱତ ପଟ୍ଟବର୍ଦ୍ଧନ ଧର୍ମେଶ ଝାଙ୍କୁ କହିଲେ, ‘‘ବୁଝିଲେ ସାର୍, ସିଭିଲ୍ ସର୍ଭିସ୍‌ରେ ବୋଧେ ଏପରି ରମେଶ ରଙ୍ଗନାଥନମାନଙ୍କ ସଂଖ୍ୟା ଏବେ ମଧ୍ୟ କମ୍ ଏବଂ ସେମାନଙ୍କ କଥା ଶୁଣି ପ୍ରଭାବିତ ହେଉଥିବା ଲୋକଙ୍କ ସଂଖ୍ୟା ମଧ୍ୟ କମ୍ । ଜଣେ କିମ୍ବା ଅଳ୍ପ କେତେଜଣଙ୍କର ବ୍ୟକ୍ତିଗତ ମର୍ଜିରେ ସେଠାରେ ପଦୋନ୍ନତି ବା ଚାକିରିର ନିରାପତ୍ତା ନିର୍ଭର କରେ ନାହିଁ । ତେଣୁ ସିଭିଲ୍‌ସର୍ଭିସ୍‌ରେ ଅଧିକ ସଂଖ୍ୟକ ଅଧିକାରୀ ନିର୍ଭୀକ ଓ ସ୍ପଷ୍ଟବାଦୀ । ଅସାଧୁତା, କାନଫୋଡ଼ିବା, ଗୋଡ଼ ଟାଣିବା ପ୍ରକୃତି ସେଠାରେ ମଧ୍ୟ ଏବେ ଠାଏ ଠାଏ ରହିଛି । ନୈତିକ ମାନର ଅବନତି ହେଲାଣି । କିନ୍ତୁ ଜଣେ ଚାହିଁଲେ ଏ ସବୁଠାରୁ ଅନେକ ଦୂରରେ ରହି ମଧ୍ୟ ସମ୍ମାନଜନକ ଭାବେ ବଞ୍ଚିରହି ପାରିବ । ସମ୍ବିଧାନ ଓ ଆଇନ୍‌ର ସୁରକ୍ଷା ସେ ନିଶ୍ଚୟ ପାଇବ । ସବୁଠାରୁ ଦୁର୍ଭାଗ୍ୟଜନକ ବାତାବରଣରେ ହୁଏତ ୟା ହୋଇପାରେ ଯେ ନୀତି ଓ ନୈତିକତାକୁ ଜଳାଞ୍ଜଳି ନ ଦେଲେ ଜଣେ କ୍ଷମତାର ସର୍ବୋଚ୍ଚ ଶିଖରକୁ ଯାଇ ନ ପାରେ । କିନ୍ତୁ ଠିକ୍ ରାସ୍ତାରେ ଥିଲେ ତା’ର ଦରମାଟି ସେ ପାଇବ । ତା’ପାଇଁ କାର୍ଯ୍ୟ ସାଧନର ଉପାୟର ପବିତ୍ରତା ଠୁଁ ନିର୍ମଳତା ଆହୁରି ଗୁରୁତ୍ୱପୂର୍ଣ୍ଣ । ପ୍ରଶାସନ, ନ୍ୟାୟପାଳିକା ଓ ବିଧାନସଭା ପ୍ରତି ଥିବା ସାମ୍ବିଧାନିକ ଉତ୍ତର ଦାୟିତ୍ୱ ଓ ପ୍ରତିବଦ୍ଧତା ତା’ଚାକିରିର ସବୁଠାରୁ ଶକ୍ତ ରକ୍ଷା କବଚ । କେତେଜଣ ଦୂରାତ୍ମା ଅବଶ୍ୟ ନିଜ ପାଇଁ ରାଜନୈତିକ ରକ୍ଷାକବଚ ଯୋଗାଡ଼ କରିଥାନ୍ତି, କିନ୍ତୁ ଏଥିପାଇଁ ସେମାନଙ୍କୁ ବେଶ୍ ମୂଲ୍ୟ ଦେବାକୁ ପଡ଼େ । ବେଳେବେଳେ ଠିକଣା ସମୟରେ କବଚଟି ଖସିପଡ଼େ ଆଉ ସେମାନେ ଲୋକହସା ଓ ଅପଦସ୍ଥ ହୁଅନ୍ତି ।

ଆମ କରପୋରେସନ୍‌ରେ ଲାଭ ଓ ଟାରଗେଟ୍ ବେଶୀ ଗୁରୁତ୍ୱପୂର୍ଣ୍ଣ । ଭଲମନ୍ଦ ଯେ କୌଣସି ଉପାୟରେ ଟାରଗେଟ୍ ପହଁଞ୍ଚିବାକୁ ହେବ, ଲାଭ ଅର୍ଜନ କରିବାକୁ ହେବ । ବ୍ୟକ୍ତିଗତ ନୈତିକତା ଓ ମୂଲ୍ୟବୋଧ ଆନୁଷ୍ଠାନିକ ଲକ୍ଷ୍ୟ ହାସଲ ତୁଳନାରେ ତୁଚ୍ଛ ଏକାନ୍ତ ଗୌଣ । ସିଭିଲ୍ ସର୍ଭିସ୍‌ରେ ପିଉରିଟି ଅପ୍ ମିନ୍‌ସ, ପିଉରିଟି ଅଫ୍ ଏଣ୍ଡସ୍ ଭଳି ସମାନ ଗୁରୁତ୍ୱପୂର୍ଣ୍ଣ ।

Digitized by PPRACHIN, SOA

ସମସ୍ତେ କେବଳ ଯେ କ୍ଷମତା, ଯୌତୁକ ବା ଅର୍ଥ ଲୋଭରେ ସିଭିଲ୍ ସର୍ଭିସ୍‌ରେ ଯୋଗ ଦେଉଛନ୍ତି ତା'ନୁହେଁ । କ୍ଷମତାରେ ରହି ସମାଜ ସେବାର ଅଭିଳାଷ ସିନା ଅନେକ ଦିନୁ ଦୂରେଇ ଗଲାଣି କିନ୍ତୁ ଦି'ବକ୍ତ ଇଜ୍ଜତ କୀ ରୋଟୀ ଖାଇବାର ଅଭିଳାଷ ଏବେ ମଧ୍ୟ ମରିଯାଇନାହିଁ ।

ଇତିମଧ୍ୟରେ ରମେଶ ରଙ୍ଗନାଥନ୍ କାହାକୁ ନକହି ଭିଡ଼ ମଧ୍ୟରେ କୁଆଡ଼େ ଲୁଚି ଯାଇଛନ୍ତି ।

ବରଫ କ୍ୟୁବ୍ ଭାସୁଥିବା ପାନୀୟର ପର୍ବ ସରିଲା ପରେ ଗରମ୍ ସୁପ୍ ଓ ଡିନରର ପର୍ବ ଆରମ୍ଭ ହେଲା । ଇ.ଡି. ଧର୍ମେଶ ଝା ଆପଣାକୁ ଭାଗ୍ୟବାନ ମଣୁଥିଲେ । ଏମ୍.ଡି. ରାଜନ୍ ତଲୱାର ତାଙ୍କୁ କେବେହେଲେ ଭୁଲ ବୁଝିବେ ନାହିଁ ।

ଏସ୍.ଏନ୍.ତିୱାରି ଖୁସି ଥିଲେ । ତାଙ୍କ ଝିଅ ଏପରି କିଛି ଭୁଲ କରୁନାହିଁ ସିଭିଲ୍ ସର୍ଭିସ୍ ପରୀକ୍ଷା ପାଇଁ ଚେଷ୍ଟା କରି ।

ଉତ୍ପଳ ଚକ୍ରବର୍ତ୍ତୀ ମଧ୍ୟ ଖୁସି । ସେ ସୁପରକରପୋରେସନରେ ଏତେ ବର୍ଷ କାମ କରି ମଧ୍ୟ ନିଜ ମେରୁଦଣ୍ଡ ଏ ପର୍ଯ୍ୟନ୍ତ ସଳଖ ରଖିଛନ୍ତି । ଇମାନ ଓ ସ୍ୱାଭିମାନର ସଉଦା କରିନାହାନ୍ତି ରଙ୍ଗନାଥନ୍ ଭଳି । ତଲୱାର ସାହେବ୍ ଏକ୍ସଟେନ୍‌ସନ୍ ପାଇଲେ ବା ନ ପାଇଲେ ତାଙ୍କର ଯାଏ ଆସେ ନାହିଁ । ସେ ଯେତେଦିନ ଯାଏ ସୁପର କରପୋରେସନରେ ଥିବେ ମୁଣ୍ଡ ଉଚ୍ଚା କରି ଛାତି ଫୁଲେଇ ଚାଲିବେ ।

Digitized by PPRACHIN, SOA

କାଳ, ଅକାଳ ଓ ମହାକାଳ

ଦଶମ ଶତାବ୍ଦୀର କଥା ।

ଅଙ୍ଗ ଦେଶରେ ସମ୍ରାଟ ଦୁର୍ଜୟ ସେନ ରାଜୁତି କରୁଥାନ୍ତି । ରାଜ୍ୟଶାସନ ପାଇଁ ସେ ଥିଲେ ମହାରାଜା । ସେନାବାହିନୀର ମଧ ସେ ଥିଲେ ମୁଖ୍ୟ । କୌଣସି ସେନାପତିଙ୍କୁ ତାଙ୍କର ବିଶ୍ୱାସ ନ ଥିଲା ବା ଦେଶରକ୍ଷା ଦାୟିତ୍ୱରେ ସେ ଆଉ କାହାକୁ ରଖି ନ ଥିଲେ ।

ସେତେବେଳେ ଅଂଗ ସାମ୍ରାଜ୍ୟ ଥିଲା ପୂର୍ବରେ ବ୍ରହ୍ମପୁତ୍ର ନଦଠାରୁ ପଶ୍ଚିମରେ ସିନ୍ଧୁନଦ ପର୍ଯ୍ୟନ୍ତ । ଦକ୍ଷିଣରେ ଗୋଦାବରୀ ନଦୀଠାରୁ ଉତ୍ତରରେ ହିମାଳୟ ପର୍ବତମାଳା ପର୍ଯ୍ୟନ୍ତ ବ୍ୟାପ୍ତ । ଦୁର୍ଜୟ ସେନ୍ ଥିଲେ ଜଣେ ମହା ପରାକ୍ରମୀ ଏକଛତ୍ରବାଦୀ ଶାସକ । ସୈନ୍ୟବାହିନୀ, ନୌସେନା, ପୁରୋହିତ, ଗୁପ୍ତଚର, କଟୁଆଳମାନଙ୍କ ପିଛା ଦେଶର ରାଜସ୍ୱର ଶତକଡ଼ା ଅଶୀଭାଗ ଅର୍ଥ ଖର୍ଚ୍ଚ ହେଉଥିଲା । ସାମ୍ରାଜ୍ୟର ସୀମା ବୃଦ୍ଧି ତଥା କ୍ଷମତା ବୃଦ୍ଧି ଥିଲା ଚରମ ଲକ୍ଷ୍ୟ । ଯୁଦ୍ଧ ଓ ହିଂସା ବଳରେ ସମ୍ରାଟ ରାଜ୍ୟ ପରେ ରାଜ୍ୟ ଜୟ କରି ଆଧିପତ୍ୟ ବିସ୍ତାର କରିଚାଲିଥିଲେ । ଦେଶରେ କୃଷି, ଶିଳ୍ପ ବାଣିଜ୍ୟ, ଶିକ୍ଷା, ଗମନାଗମନ, ସ୍ୱାସ୍ଥ୍ୟ ବା ଅନ୍ୟାନ୍ୟ କୌଣସି ଉନ୍ନୟନ କାର୍ଯ୍ୟ ପାଇଁ ତାଙ୍କର ନ ଥିଲା ଆଗ୍ରହ ।

ସୈନ୍ୟ ଓ ଗୁପ୍ତଚରମାନଙ୍କୁ ସେ ଅତ୍ୟଧିକ ବେତନ ଦେଇ ଖୁସି ରଖିଥାନ୍ତି । ଦେଶର ଆଇନ୍ ଦେଇଥାଏ ପୁରୋହିତମାନଙ୍କୁ ଅଖଣ୍ଡ କ୍ଷମତା । ସେମାନଙ୍କର ଥିଲା ନିଜ ନିଜ ଅଞ୍ଚଳରୁ ପ୍ରାୟଶ୍ଚିତ ଧନ ଆଦାୟ କରିବାର କ୍ଷମତା । କୌଣସି କର୍ମଚାରୀ ଯଦି ସମ୍ରାଟଙ୍କ ଆଜ୍ଞା ଉଲ୍ଲଂଘନ କରୁଥିଲେ ବା ନିଜେ ଧନୀ ହେବାକୁ ଚେଷ୍ଟା କରୁଥିଲେ ତେବେ ସମ୍ରାଟ ତାଙ୍କୁ କରୁଥିଲେ ମୃତ୍ୟୁଦଣ୍ଡରେ ଦଣ୍ଡିତ । ଏ ମୃତ୍ୟୁଦଣ୍ଡ କୌଣସି ନ୍ୟାୟ ବିଚାର କରାଯାଇ ବିଚାରାଳୟରେ ଘୋଷଣା କରାଯାଉ ନ ଥିଲା । ସମ୍ରାଟଙ୍କ ଗୁପ୍ତଚରମାନେ ଖବର ଆଣୁଥିଲେ ଏବଂ ତାଙ୍କର ଗୁପ୍ତ ମୃତ୍ୟୁଦଣ୍ଡ ଆଦେଶ ଅତ୍ୟନ୍ତ କୌଶଳର ସହ କାର୍ଯ୍ୟକାରୀ ହେଉଥାଏ । ଲୋକେ ଜାଣୁଥିଲେ କୌଣସି ଦୁର୍ବୃତ୍ତ ଦ୍ୱାରା କର୍ମଚାରୀଙ୍କର ହତ୍ୟା ହେଲା ।

ଠିକ୍ ସେହିପରି ସୈନ୍ୟବାହିନୀରେ ଯଦି କୌଣସି ଅଧିକାରୀ ସମ୍ରାଟଙ୍କ ବିରୁଦ୍ଧରେ ସାମାନ୍ୟତମ ସ୍ୱର ଉତ୍ତୋଳନ କରିବାର ଆସ୍ପର୍ଦ୍ଧା କରୁଥିଲା, ମୃତ୍ୟୁ କେଉଁ ଆଡୁ ଆସି ତାକୁ ଗ୍ରାସ କରୁଥିଲା ଏକଥା କେହି ଜାଣୁ ପାରୁ ନ ଥିଲେ । ଆରକ୍ଷୀମାନଙ୍କ

Digitized by PPRACHIN, SOA

ମଧ୍ୟରେ, ସୈନ୍ୟବାହିନୀରେ, ପ୍ରଶାସନରେ, ଏବଂ ପୁରୋହିତମାନଙ୍କ ମଧ୍ୟରେ ସମ୍ରାଟଙ୍କ ଗୁପ୍ତଚରମାନେ ଥିଲେ ସର୍ବବ୍ୟାପୀ ।

ଥରେ ଅଙ୍ଗଦେଶରେ ପଡ଼ିଲା ଅକାଳ । ବର୍ଷାଋତୁରେ ଅନାବୃଷ୍ଟି । ଟାଁସିଆ ଖରା । ଚାଷ ଉଜୁଡ଼ିଗଲା । ଚାରିଆଡ଼େ ପଡ଼ିଲା ହାହାକାର । ସମ୍ରାଜ୍ୟର ଅନ୍ୟାନ୍ୟ ଭୂଭାଗରେ କେତେକ ରାଜ୍ୟରେ କୃଷି ଏତେ କ୍ଷତିଗ୍ରସ୍ତ ହୋଇ ନ ଥିଲା । ସମ୍ରାଟ ଇଚ୍ଛା କରିଥିଲେ ସମଗ୍ର ସାମ୍ରାଜ୍ୟରୁ ଖାଦ୍ୟ ଆଣି ଅଙ୍ଗ ଦେଶରେ ମରୁଡ଼ିର ମୁକାବିଲା କରିପାରିଥାନ୍ତେ । କିନ୍ତୁ ସେ ମରୁଡ଼ିର ଉପଯୁକ୍ତ ଚିତ୍ର ପାଇ ପାରିଲେ ନାହିଁ । ଭୟରେ ଲୋକଙ୍କ ପାଟି ଫିଟୁ ନ ଥାଏ । ଚାରିଆଡ଼େ ସମ୍ରାଟଙ୍କ ଗୁପ୍ତଚରମାନଙ୍କୁ ଓ ଅପ୍ରତ୍ୟାଶିତ ମୃତ୍ୟୁଦଣ୍ଡକୁ ଭୟ ।

ଗୁପ୍ତଚରମାନେ କିନ୍ତୁ ସମ୍ରାଟଙ୍କୁ ରାଜ୍ୟରେ ମରୁଡ଼ି ଜନିତ ଖାଦ୍ୟାଭାବ ବିଷୟରେ ପ୍ରକୃତଚିତ୍ର ଜଣାଇବାକୁ ଡରୁଥାନ୍ତି । କାରଣ କେତେବେଳେ ଯେ ସେ କ୍ରୋଧିତ ହୋଇ କାହାର ହତ୍ୟାପାଇଁ ଆଦେଶ ଦେବେ ତାର ଠିକ୍ ଠିକଣା ନ ଥିଲା । ଅବସ୍ଥା ଅସମ୍ଭାଳ ହେଲା ବେଳକୁ କେତେକ ବିବେକବନ୍ତ ଓ ସାହସୀ ଗୁପ୍ତଚର ଖାଦ୍ୟାଭାବ, ପୁଣି ଅନାହାରର ଅଭିଯୋଗ କଥା ଲେଖିଲେ ।

ଖାଦ୍ୟାଭାବ, ଅନାହାରର ଖବର ପାଇ ଅଙ୍ଗ ସମ୍ରାଟ ଦୁର୍ଜୟ ସେନ ଗୋଟିଏ ବିଶେଷ ଘୋଷଣା ଜାରିକଲେ । ରାଜ୍ୟରେ ଖାଦ୍ୟାଭାବ କଥା ସେ ଲୋକମାନଙ୍କଠାରୁ ନିଜେ ଶୁଣିବାକୁ ଚାହାଁନ୍ତି । ତେଣୁ ସମ୍ରାଟଙ୍କ ଉଆସର ପ୍ରାଙ୍ଗଣରେ ଏକ ବିଶାଳ ଭୋଜିର ଆୟୋଜନ କରାଯାଉ । ସାଦର ନିମନ୍ତ୍ରଣ ରାଜଧାନୀର ତିରିଶ ହଜାର ଲୋକ ସମସ୍ତଙ୍କୁ ଦିଆଯାଉ ।

ଡେଙ୍ଗୁରା ପିଟାହୋଇ ନଗରରେ ନିମନ୍ତ୍ରଣ ଜାରି କରାଗଲା । ସମ୍ରାଟ ଏକ ଭୋଜିକୁ ସମସ୍ତଙ୍କୁ ନିମନ୍ତ୍ରଣ କରିଛନ୍ତି । ନଗରର ଆବାଳବୃଦ୍ଧବନିତା ସମସ୍ତେ ଦିନ ଏଗାରଟା ବେଳକୁ ଉଆସରେ ହାଜର ହେବେ ।

ତିନିଦିନ ଧରି ପ୍ରଚାର କରାଗଲା । ଭୋଜିଦିନ ନଗରରୁ ପ୍ରାୟ କୋଡ଼ିଏ ହଜାର ଲୋକ ଆସି ଉଆସରେ ବିଶାଳ ପ୍ରାଙ୍ଗଣରେ ହେଲେ ଉପସ୍ଥିତ । ପାଞ୍ଚ ହଜାର ସୈନ୍ୟ ଥିଲେ ପ୍ରାଙ୍ଗଣର ଚତୁର୍ଦ୍ଦିଗରେ ପୂର୍ବରୁ ସଜ୍ଜିତ ।

ସମ୍ରାଟ୍ ଦୁର୍ଜ୍ଜୟ ସେନ ଉଆସର ଉପର ମହଲା ବାତାୟନ ପାଖରେ ଆସି ଦଣ୍ଡାୟମାନ ହେଲେ । ତଳେ ଥିବା ବିଶାଳ ଜନ-ସମୁଦ୍ରକୁ ସେ ଲକ୍ଷ୍ୟ କଲେ । ସମସ୍ତଙ୍କୁ ବସିଯିବାକୁ ଆଦେଶ ଦେଲେ । ବର୍ତ୍ତମାନ ସମସ୍ତଙ୍କୁ ଭୋଜି ପରଷା ଯିବ । ଉଆସରୁ ପ୍ରାୟ ଏକ ସହସ୍ର ଦାସ ଆସି ଉପସ୍ଥିତ ଜନତାଙ୍କୁ ଖାଦ୍ୟ ପରଷିବାର ଅଭିନୟ କଲେ । ସତେ ଯେମିତି ସେମାନେ ବଡ଼ ବଡ଼ ହଣ୍ଡା ବୋହିଆଣି ବିଭିନ୍ନ ପ୍ରକାରର ଖାଦ୍ୟ ପରଷୁଛନ୍ତି । ପ୍ରାୟ ପନ୍ଦର ମିନିଟ୍ କାଳ

Digitized by PPRACHIN, SOA

ଏହିଭଳି ମିଛିମିଛିକା ଖାଦ୍ୟ ପରସା ଚାଲିଲା ।ତା ପରେ ଏହି ଦାସମାନେ ଉଆସ ମଧ୍ୟକୁ ଚାଲିଗଲେ । ସମ୍ରାଟଙ୍କ ସୈନ୍ୟମାନେ ଧନୁରେ ଶର ଯୋଖି, ଖଣ୍ଡା ଓ ବର୍ଚ୍ଛା ଉଠାଇ ଚତୁର୍ଦ୍ଦିଗରେ ଛିଡ଼ା ହୋଇ ରହିଲେ ।

ଗୁରୁଗମ୍ଭୀର ସ୍ୱରରେ ସମ୍ରାଟଙ୍କ ପରବର୍ତ୍ତୀ ଆଦେଶ– ''ସମସ୍ତେ ଖାଇବା ଆରମ୍ଭ କରନ୍ତୁ'' । ଜନତା ସ୍ତମ୍ଭୀଭୂତ । ''କିଏ ଖାଇବାକୁ ପାଇନାହିଁ ଛିଡ଼ା ହୁଅ ।'' ସୈନ୍ୟବାହିନୀର ଡରରେ କେହି ଠିଆହେବାକୁ ସାହସ କଲେ ନାହିଁ । ତା'ପରେ ଆଦେଶ ଆସିଲା, ''ଏଥର ଖାଇବା ଆରମ୍ଭ କର'' ।

ପନ୍ଦର ମିନିଟ୍ ପରେ ସମ୍ରାଟ ପୁଣି ଆଦେଶ ଦେଲେ– ''କିଛି ଭୟ କରିବା ଦରକାର ନାହିଁ । କେଉଁମାନେ ଆଜି ଖାଇନାହଁ ସେମାନେ ଛିଡ଼ା ହୁଅ'' ପୁନର୍ବାର ଶ୍ମଶାନର ନୀରବତା ବିରାଜମାନ କଲା ।

ପରବର୍ତ୍ତୀ ଆଦେଶ, ''ରାଜ୍ୟରେ କାହାକୁ ଖାଇବାକୁ ମିଳୁନାହିଁ ? ମୁଁ ଦେଖିବାକୁ ଚାହେଁ । କିଏ ଅନାହାରରେ କଷ୍ଟ ପାଉଛି ? ଛିଡ଼ା ହୁଅ ବା ହାତ ଟେକ'' ପୁଣି ସେହି ନୀରବତା ଓ ସ୍ତବ୍ଧତା ।

ଦୁର୍ଜୟ ସେନ ଏଥର ଉଚ୍ଚସ୍ୱରରେ ହସି ଉଠିଲେ । ବଜ୍ର-ଗମ୍ଭୀର ସ୍ୱରରେ ଘୋଷଣା କଲେ, ''ମୋ ରାଜ୍ୟରେ ତାହାହେଲେ କେହି ଅନାହାରରେ କଷ୍ଟ ପାଉନାହାଁନ୍ତି । ବଦ୍‌ମାସ ଗୁପ୍ତଚରମାନେ ଭୁଲ ଖବର ଦେଉଛନ୍ତି । ଦୁର୍ଜୟ ସେନର ରାଜ୍ୟରେ ଦୁର୍ଭିକ୍ଷ ଓ ମହାକାଳ ପଶିବାକୁ ଡରିବ । ମୁଁ ଥାଉ ଥାଉ ମୋର ବିନା ଆଦେଶରେ ଅକାଳ କିଭଳି ମୋ ପ୍ରଜାମାନଙ୍କ ପ୍ରାଣ ନେଇଯିବ ? ମୋ ଶାସନ ତା'ହେଲେ ଅଛି କାହିଁକି ? ପ୍ରଜାମାନଙ୍କର ଜୀବନ ମୋ ପାଖରେ ବନ୍ଧା । ମହାକାଳ ମୋର ଅଧୀନ । କେବଳ ମୋରି ଆଦେଶରେ ହିଁ ମୋ ପ୍ରଜାମାନଙ୍କର ମୃତ୍ୟୁ ସମ୍ଭବ, ଅନ୍ୟଥା ନୁହେଁ । ଯାହାକୁ ଖାଦ୍ୟ ମିଳୁନାହିଁ ତା' ପାଇଁ ମୋ ଉଆସର ଦ୍ୱାର ସବୁଦିନ ସବୁ ସମୟରେ ଖୋଲା । ରାଜ୍ୟରେ କୌଣସି ଅକାଳ ନାହିଁ । କେହି ଅନାହାରରେ ମରିବେ ନାହିଁ । ଉଆସରେ ସବୁଦିନ ଭୋଜି ହେବ । ଯିଏ କ୍ଷୁଧାର୍ତ୍ତ ସିଏ ଆସି ଏଠି ମନଇଚ୍ଛା ଖାଇଯାଅ'' ।

ଆଜିର ଅଙ୍ଗଦେଶରେ ଗଣତନ୍ତ୍ରର ଶାସକ ଓ ପ୍ରଶାସକ କାଳ, ଅକାଳ, ମହାକାଳଙ୍କୁ ଆଉ ଭୟଭୀତ କରାଇ ପାରୁ ନାହାନ୍ତି ବା ସେମାନଙ୍କୁ ହାତମୁଠାରେ ରଖିଛନ୍ତି ବୋଲି ବାହାସ୍ଫୋଟ ମାରୁନାହାନ୍ତି । ମୃତ୍ୟୁର କାରଣ ଖୋଜିବାର ସ୍ୱାଧୀନତା ନାଗରିକମାନଙ୍କର ଅଛି । ସମସ୍ତେ ଶାନ୍ତିରେ ନିଶ୍ୱାସ ମାରୁଛନ୍ତି । କାଳ, ଅକାଳ ଓ ମହାକାଳ ଏ ତ୍ରିସତ୍ୟଙ୍କୁ ସମସ୍ତେ ମାନି ନେଇଛନ୍ତି । ବନ୍ଧୁକ ମୁନରେ ଡରାଇ କ୍ଷୁଧାର୍ତ୍ତଙ୍କୁ ନୀରବ କରାଯାଇ ପାରୁନାହିଁ, କାରଣ ନ୍ୟାୟପାଳିକା ମଧ୍ୟ ସଜାଗ । ପ୍ରକୃତରେ ଲୋକେ ଖାଇବାକୁ ପାଉଛନ୍ତି ନା ନାହିଁ ଏକଥା ଲୁଚି ପାରୁନାହିଁ ।

Digitized by PPRACHIN, SOA

ନବବଧୂ

ହାତେ ଲମ୍ବର ଓଢ଼ଣାଟି ଟାଣି ବୋହୂଟି ସଂଭ୍ରମରେ ଆସି କାନ୍ଥକୁ ଲାଗି ଠିଆ ହେଲା ।

ପଛରେ ଯେଉଁ ପ୍ରାପ୍ତବୟସ୍କା ଛିଡ଼ା ହୋଇଥିଲେ ସେ ବୋଧେ ତା'ର ମା' କିମ୍ବା ଶାଶୁ । ଟିକିଏ ଆଗେଇ ଆସି କହିଲେ, ''ମା', ଏଇଟି ମୋ ବୋହୂ । ଟିକିଏ ଚେକ୍‌ଅପ୍ କରିଦିଅ । ବୋହୂ ମୋର ବୋଧେ ମା' ହେବାକୁ ଯାଉଛି ।

ଉଡାମଲପେଟ୍ ସବ୍‌ଡିଭିଜନାଲ ହସ୍‌ପିଟାଲର ଲେଡିଡାକ୍ତର ସୁରେଖା ଗଣେଶନ । ଓଢ଼ଣା ଟାଣି ଠିଆ ହୋଇଥିବା ବୋହୂଟିକୁ ସାଙ୍ଗରେ ନେଇ ଇନ୍‌ସ୍‌ପେକ୍‌ସନ୍ ଚାମ୍ବରକୁ ଗଲେ । ଶ୍ରୀମତୀ ଗଣେଶନ ଛ'ମାସ ହେଲା ପ୍ରସୂତି ଓ ସ୍ତ୍ରୀରୋଗରେ ସ୍ନାତକୋତ୍ତର ଉପାଧି ହାସଲ କରି ବିଶେଷଜ୍ଞ ଭାବେ ହସ୍‌ପିଟାଲରେ ଯୋଗ ଦେଇଥିଲେ ।

ପରୀକ୍ଷା ସରିଲା । ସୁରେଖା ଚ୍ୟାମ୍ବର ବାହାରକୁ ଆସି ରେଜିଷ୍ଟରରେ ଲେଖିବାକୁ ବସିଲେ । ଶାଶୁଙ୍କୁ ପାଖକୁ ଡାକି କହିଲେ, ''ମାଉସୀ ଭଲ ଖବର, ଆପଣ ଏଯାଏ ଜାଣି ନାହାନ୍ତି କିପରି ? ଆପଣ ଜେଜେମା ହେବାକୁ ଯାଉଛନ୍ତି । କୁହନ୍ତୁ– ''ବୋହୂ ନାଁ କ'ଣ ?''

''ଶକୁନ୍ତଳା ଆୟାର''

''ଆପଣଙ୍କ ନା ? ''ସାବିତ୍ରୀ ଆୟାର''

ଆପଣଙ୍କ ପୁଅ ନାଁ ?

''ବିନ୍ଦୁ ମାଧବନ୍ ଆୟାର ।''

ଘର କେଉଁଠି ?

ଏଇ ପାଖ ଗାଁ, ନୀଲମ୍‌ପେଟ୍ ।

''ଶୁଣନ୍ତୁ ମାଉସୀ, ବୋହୂର ଭଲ ଯତ୍ନ ନେବେ । ତାଙ୍କୁ ଭଲ ଖାଇବାକୁ ଦେବେ । ରକ୍ତଶୂନ୍ୟତା ଯେମିତି ନ ହୁଏ । ବୋହୂ ମନ ଯେମିତି ସବୁବେଳେ ଖୁସି ରହେ ଦେଖିବେ । ତା'ମନରେ କୌଣସି ଦୁଃଖ ବା ଚିନ୍ତା ରହିଲେ ପିଲା ଉପରେ ଖରାପ ପ୍ରଭାବ ପଡ଼ିବ । ଚାରିମାସ ଗର୍ଭ ହେଲାଣି । ମୁଁ ଔଷଧପତ୍ର, ପ୍ରତିଶେଧକ ଟିକା ସବୁ ଲେଖିଦେଉଛି । ଯାହା ପରୀକ୍ଷା ଦରକାର ତା' ମଧ୍ୟ

Digitized by PPRACHIN, SOA

ଲେଖିଦେଉଛି । କେଉଁ ଦିନ କେଉଁ ଟିକା ନେବ ମନେ ପକାଇ ନେଇଯିବେ । ୟା ତା କଥାରେ ପଡ଼ି ଡାକ୍ତରଙ୍କୁ ନ ପଚାରି କୌଣସି ଔଷଧ ଦେବେ ନାହିଁ । ଜ୍ୱର ହେଲେ ମୋତେ ଆସି ପଚାରିବେ ।''

ଡଃ ସୁରେଖା ଲକ୍ଷ୍ୟ କଲେ ଯେ ଶାଶୁଙ୍କ ମୁହଁରୁ ଯେମିତି ରକ୍ତ ଶୁଖିଗଲା । ''ମା' ତୁମେ ଭଲ କରି ଦେଖିଛ ତ ? ଗର୍ଭ ଚାରିମାସର ହେଲାଣି ? ଆମେ କିଛି କେମିତି ଜାଣି ପାରିଲୁ ନାହିଁ ?'' ନରମ ଲାଜୁଆ କଣ୍ଠସ୍ୱର ବୃଦ୍ଧାଙ୍କର ।

ବୋହୂ ଶକୁନ୍ତଳା ଏତିକିବେଳେ ଚାମ୍ବର ବାହାରକୁ ଆସିଲା । ଶାଶୁ ଚୁପ୍ ହୋଇଗଲେ । ଡଃ ସୁରେଖା କହିଲେ, ''ମୁଁ ଯାହା ଦରକାର ସବୁ ଲେଖିଦେଇଛି । ଆପଣ କିଛି ବ୍ୟସ୍ତ ହୁଅନ୍ତୁ ନାହିଁ । ବୋହୂ ଲାଜ କରିଥିବ, କହି ନ ଥିବ । ମୁଁ ଶକୁନ୍ତଳାକୁ ସବୁ ବୁଝାଇ କହି ଦେଇଛି । ବୋହୂ କାଳେ ଭୁଲିଯିବ ଆପଣ ଏଇ ଲେଖାରୁ ସବୁ ପାଇଯିବେ ।''

ଏହି ପ୍ରଥମ ଚେକ୍ ଅପ୍ ପରେ ଆଉ ଶକୁନ୍ତଳାକୁ ସୁରେଖା ଦେଖି ନାହାନ୍ତି । ତାଙ୍କର ଏହା ମଧ୍ୟରେ କୋଜିକୋଡ଼ ବଦଳି ହୋଇଛି ।

ଘଟଣାର ଚାରିବର୍ଷ ପରେ ଦିନେ ବିନ୍ଦୁମାଧବନ୍ ଆୟାର ଓ ତାଙ୍କ ମା' ସାବିତ୍ରୀ ଆସି ଦେଖାକଲେ । ସେମାନଙ୍କର ନାମ ବା ମୁହଁ କିଛି ଆଉ ମନେ ନ ଥିଲା ସୁରେଖାଙ୍କର । ସାବିତ୍ରୀ ପ୍ରଥମେ କଥା ଆରମ୍ଭ କଲେ । ''ମା' ତୁମର ମନେ ଅଛି ? ଚାରିବର୍ଷ ତଳେ ଉଡ଼ାମଲପେଟ୍ ସବ୍‌ଡିଭିଜନାଲ ହସ୍‌ପିଟାଲରେ, ମୁଁ ବିନ୍ଦୁ ଓ ମୋ ବୋହୂ ଆପଣଙ୍କ ପାଖକୁ ଆସିଥିଲୁ ? ''ସୁରେଖା ମୁଣ୍ଡ ହଲାଇଲେ । ''ମୋର କିଛି ମନେ ନାହିଁ'' ସାବିତ୍ରୀ ପର୍ଶରୁ ପ୍ରେସ୍କ୍ରିପ୍‌ସନ୍‌ଟି କାଢ଼ି ସୁରେଖାକୁ ଦେଲେ । ପ୍ରେସ୍କ୍ରିପ୍‌ସନ୍ କାଗଜଟି ପଢ଼ିଲାପରେ ସୁରେଖାଙ୍କର ପୂର୍ବକଥା କିଛି କିଛି ମନେ ପଡ଼ିଲା ସେ କହିଲେ, ''ମନେ ପଡ଼ିଲା । ବୋହୂର କ'ଣ ଆଉ ପିଲାପିଲି ହେବ କି ?'' ସାବିତ୍ରୀ କହିଲେ, ''ସେ ଅଲକ୍ଷଣୀ କଥା କହନି ମା', ତମ ପାଖକୁ ମୁଁ ତାକୁ ଯେଉଁ ଦିନ ଆଣିଥିଲି, ତାର ବାହାଘର ଦୁଇମାସ ପୂରି ନ ଥିଲା । ଏଣେ ଦେଖିଲାବେଳକୁ ପେଟରେ ଛୁଆ ଚାରିମାସର । ତମକୁ ମା' ଆମେ ଲାଜରେ କିଛି କହି ନ ଥିଲୁ । ଘରକୁ ଗଲା ପରେ ତା ବାପାକୁ ଡାକି ଆମେ ତାକୁ ଘରୁ ବାହାର କରିଦେଲୁ । ସେ ଯାହା ଜିନିଷ ଆଣିଥିଲା ସବୁ ଫେରାଇ ଦେଲୁ । ଲୋକେ ଜାଣିଲେ କେଲେଙ୍କାରି ହେବ ବୋଲି ଆମେ କିଛି ହୋ ହାଲ୍ଲା କରି ନ ଥିଲୁ । ତମେ କୁହ ମା' ଏଇଟା କ'ଣ ତା ପାଇଁ, ଆଉ ତା' ବାପା ମା'ଙ୍କ ପାଇଁ ଠିକ୍

Digitized by PPRACHIN, SOA

କାମ ହେଲା ? କେଉଁ ମଣିଷ ପଦବାଚ୍ୟ ଲୋକ ପେଟରେ ଦୁଇମାସର ପାପଛୁଆ ରଖି ଝିଅ ବାହା ଓ କନ୍ୟା ବିଦା କରିବ ?

ଡଃ ସୁରେଖାଙ୍କର ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ । "ତା ପରେ କ'ଣ ହେଲା ମାଉସୀ ?"

"ଆଲୋ ମା', ସେ ଅଲକ୍ଷଣୀ କ'ଣ କଲା ଜାଣିଛୁ ? ବାପଘରେ ଯାଇ ପେଟ ସଫା କରିଦେଲା । ତା'ପରେ ଆମ ନାଁରେ ପୋଲିସ୍ ଥାନାରେ କେଶ୍ କରିଦେଲା । ଆମେ କୁଆଡ଼େ ପଚାଶ ହଜାର ଟଙ୍କା ଓ ହିରୋହୋଣ୍ଡା ମଟରସାଇକେଲ ତା ବାପାକୁ ମାଗିଲୁ । ସେ ନ ଦେଲାରୁ କୁଆଡ଼େ ବୋହୂକୁ ମାଡ଼ଧର୍ କଲୁ । ଆଉ ଘରୁ ବାହାର କରିଦେଲୁ । ଚାରିଟା ଖବରକାଗଜରେ ଆମ ନାଁରେ କୁତ୍ସାରଚନା କଲା । ମହିଳା କମିଶନ ଆଗରେ ଫେରାଦି ହେଲା । ଆମରି ଘରୁ ସେ ବାହାଘରର ପନ୍ଦର ଦିନ ପରେ ଚିଠି ଲେଖି କୁଆଡ଼େ ଏ ସବୁ ତା' ବାପାଙ୍କୁ ମାଗିଥିଲା । ମୋ ପୁଅ ବିନ୍ଦୁ ଆଉ ମୁଁ ବନ୍ଧା ହୋଇ ପୋଲିସ ହାଜତକୁ ଗଲୁ । ପରେ ଜାମିନରେ ଆସିଲୁ । ପୁଅ ମୋର ଚାକିରିରୁ ବରଖାସ୍ତ ହୋଇଗଲା । ଏବେ ଶୁଣୁଛି– ଆମକୁ ଦୁଇବର୍ଷ ଲେଖାଏଁ ଜେଲ୍ ହେବ ।"

'ତମେ ଆମକୁ ରକ୍ଷା କରିବ ମା', ତମେ କୋର୍ଟରେ କହିବ ତମେ ବୋହୂର ପରୀକ୍ଷା କରିଥିଲ ଆଉ କ'ଣ ସବୁ ଲେଖିଥିଲ । ଏଇ କାଗଜଟା ପଢ଼ି ନିଅ " ପୁତ୍ର ବିନ୍ଦୁ ମାଧବନ୍ ଆଖିରୁ ଲୁହ ପୋଛି କହିଲା– "ମାଡାମ୍, ଆପଣ ହିଁ ଆମର ଏକମାତ୍ର ଭରସା । ଆପଣ ଆମକୁ ଜେଲ୍ ଯିବାରୁ ବଞ୍ଚାନ୍ତୁ ।" ସୁରେଖା ସାବିତ୍ରୀ ଓ ବିନ୍ଦୁକୁ ଆଶ୍ୱାସନା ଦେଲେ ।

ତା ପରଦିନ କୋର୍ଟରେ ସୁରେଖା ଉପସ୍ଥିତ ହେଲେ ।

ସରକାରୀ ଓକିଲଙ୍କ ଜେରା ବେଳେ ସୁରେଖା ଯାହା ସବୁ ଘଟିଥିଲା ପ୍ରାଞ୍ଜଳଭାବେ କହିଲେ ତା'ପରେ ବୋହୂ ଶକୁନ୍ତଳାଙ୍କ ଓକିଲ ଡାଃ ସୁରେଖାଙ୍କୁ କିଛି ପ୍ରଶ୍ନ ପଚାରିଲେ ।"

–"ଆପଣ ମାସକୁ ପ୍ରାୟ କେତୋଟି ଗର୍ଭ ପରୀକ୍ଷା କରନ୍ତି ?

–ପ୍ରାୟ ପଚିଶ୍ ତିରିଶ୍‌ଟି ।"

ଅର୍ଥାତ୍ ଦିନେ ଦିନେ ଦୁଇ ତିନୋଟି କେଶ୍ ଆସେ । ଦିନେ ଦିନେ କିଛି ନାହିଁ ।"

–ଗଲା ଚାରି ବର୍ଷ ମଧ୍ୟରେ ପ୍ରାୟ ତିନି ହଜାରରୁ ଅଧିକ ମହିଳାଙ୍କର ଗର୍ଭ ପରୀକ୍ଷା କରିବେଣି । ଆଉ ଅନ୍ୟାନ୍ୟ ରୋଗୀ ପ୍ରାୟ ଦଶ ହଜାର ଦେଖିବେଣି, ସମସ୍ତଙ୍କୁ ମନେ ରଖିଛନ୍ତି ? ଦେଖିଲେ ସମସ୍ତଙ୍କୁ ଚିହ୍ନି ପାରିବେ ?

Digitized by PPRACHIN, SOA

—"ନା ନା" ଖୁବ୍ ଗମ୍ଭୀର ଭାବରେ କହିଲେ ଡଃ. ସୁରେଖା । "ଯା କ'ଣ ସମ୍ଭବ ?"

ଆପଣ କହିଲେ ଯେ, ଚାରିବର୍ଷ ତଳେ ଉଡ଼ାଲପେଟ୍‌ଠାରେ ସାବିତ୍ରୀଙ୍କ ବୋହୂଙ୍କର ଗର୍ଭ ପରୀକ୍ଷା କରିଥିଲେ ।"

ହଁ, କରିଛି ।

"କହି ପାରିବେ ସେହି ବୋହୂ କେମିତି ଶାଢ଼ି ପିନ୍ଧିଥିଲେ ?

ସୁରେଖା କହିଲେ— ଶାଢ଼ୀ ରଙ୍ଗ ମନେ ନାହିଁ, କିନ୍ତୁ ସେ ହାତେ ଲମ୍ବର ଓଢ଼ଣା ପକାଇଥିଲେ ।

—"ହସ୍‌ପିଟାଲ ରେଜିଷ୍ଟର ଦେଖି କୁହନ୍ତୁ । ସେପ୍ଟେମ୍ବର କୋଡ଼ିଏ ତାରିଖ ଦିନ ଉଡ଼ାମଲପେଟ୍‌ଠାରେ ଆପଣ ଠିକ୍ କାହାର ଗର୍ଭ ପରୀକ୍ଷା କରିଥିଲେ ?

—"ମୁଁ ତ କହିଛି— ଶକୁନ୍ତଳା ଆୟାର । ରେଜିଷ୍ଟର ଓ ପ୍ରେସ୍କ୍ରିପ୍‌ସନ୍‌ରେ ତାହାହିଁ ଲେଖାଯାଇଛି ।

—ଏ କଥା ନୋଟ୍ କରାଯାଉ । ନ୍ୟାୟମୂର୍ତ୍ତି ସାର୍ । ଆଗରୁ ଡଃ ସୁରେଖା କହିଛନ୍ତି ବୋହୂ ହାତେ ଲମ୍ବର ଓଢ଼ଣା ଟାଣିଥିଲେ । ସାର୍. ଡଃ ସୁରେଖା ଯାହାର ଗର୍ଭ ପରୀକ୍ଷା କରିଥିଲେ ତା'ର ନାମ ଶକୁନ୍ତଳା ଆୟାର । କିନ୍ତୁ ସାର୍ ମୁଁ ଯାହାଙ୍କ ପାଇଁ ଯୌତୁକ-ବିରୋଧୀ କେଶ୍ ଲଢୁଛି ତାଙ୍କ ନାମ ଶାନ୍ତିପ୍ରିୟା କର୍ଣ୍ଣମ୍ ।

—"ଆଚ୍ଛା ଡଃ ଗଣେଶନ୍, ଆପଣ କଣ ଶକୁନ୍ତଳା ଆୟାରଙ୍କ କୌଣସି ବିଶେଷ ଚିହ୍ନ ଅର୍ଥାତ୍ କଳାଜାଇ , କପାଳ ବା ଗାଲରେ ଦାଗ ବା କୌଣସି ଅନ୍ୟ ବିଶେଷ ଚିହ୍ନ କଥା ଲେଖିଛନ୍ତି ? ଯାହାକି ଆପଣ ଏବେ ଶାନ୍ତିପ୍ରିୟାଙ୍କ ଦେହରେ ଦେଖାଇପାରିବେ ?"

—"ଓକିଲ ସାହେବ ଶୁଣନ୍ତୁ, ଯଦି କୌଣସି ଦୁର୍ଘଟଣା ବା ଦଙ୍ଗା ହେଙ୍ଗାମା କେସ୍ ଆସେ ଆମେ ଦେହରେ ଚିହ୍ନ ଆସି ଦେଖୁ । ନ ହେଲେ ଖାଲି ରୋଗୀର ନାମ, ପିତାଙ୍କ ନାମ ଓ ଗ୍ରାମ ନାମ ଯଥେଷ୍ଟ ।" ସୁରେଖା କହିଲେ ।

"ସରକାରୀ ଓକିଲଙ୍କୁ ଆପଣ କହିଲେ ଯେ ସାବିତ୍ରୀଦେବୀଙ୍କ ଠାରୁ ଶୁଣି ଆପଣ ତାଙ୍କ ବୋହୂଙ୍କ ନାମ ଲେଖିଲେ । ବୋହୂ ନିଜ ନାମ ଆପଣଙ୍କୁ ନିଜେ କହି ନାହାନ୍ତି । ଏବଂ ଶୁଣନ୍ତୁ, ଡଃ ଗଣେଶନ୍, ସାବିତ୍ରୀଦେବୀ ଯାହାକୁ ଆପଣ ବୋହୂ ବୋଲି ଦେଖାଇଲେ ସେ ଆଉ ଜଣେ ସ୍ତ୍ରୀ ଲୋକ । ତାଙ୍କ ନାମ

Digitized by PPRACHIN, SOA

ଶକୁନ୍ତଳା, ଯାହାକି ଆପଣ ଲେଖିଛନ୍ତି ଏବଂ ଏପଟେ ସାବିତ୍ରୀଦେବୀ ଘରୁ ଯାହାକୁ ବାହାର କଲେ ସେ ହେଉଛନ୍ତି ତାଙ୍କ ବୋହୂ ଶାନ୍ତିପ୍ରିୟା ।

"ଶାନ୍ତିପ୍ରିୟା ଆଦୌ ଗର୍ଭବତୀ ନ ଥିଲେ ଏବଂ ଯୌତୁକ ଲୋଭରେ ସାବିତ୍ରୀ ଓ ବିନ୍ଦୁମାଧବନ୍ ଅକଥନୀୟ ଅତ୍ୟାଚାର ତାଙ୍କ ଉପରେ କରୁଥିଲେ । ଆପଣ ଲେଡି ଡାକ୍ତରଭାବେ ନିଜ କର୍ତ୍ତବ୍ୟ କରିଛନ୍ତି । ଏବେ ଯାଇପାରନ୍ତି ।"

ଡଃ ସୁରେଖା ସାକ୍ଷୀ ଆଡ଼ୁଡାରୁ ବାହାରି ଆସି ବ୍ୟସ୍ତ ହୋଇ ସାବିତ୍ରୀଦେବୀଙ୍କ ପାଖରେ ଆସି ବସିଲେ । ପଚାରିଲେ– "ମାଉସୀ, ଆପଣ ସେ ଦିନ ଏ ଭୁଲ୍ ନାମ କହିଲେ କେମିତି ?"

ସାବିତ୍ରୀଦେବୀ ଆଖିରୁ ଲୁହ ପୋଛୁ ପୋଛୁ କହିଲେ, "ବାହାଘର ପରେ ପ୍ରଥା ଅନୁସାରେ ଆମ ଘରେ ଶାନ୍ତିପ୍ରିୟାକୁ ଗୋଟିଏ ନୂଆ ନାମ ଦିଆଯାଇଥିଲା । ସେହି ନାମଟି ଶକୁନ୍ତଳା ।"

"ଏଇ ନାଁ ବଦଳରେ ଏତେ ଅନର୍ଥ ହେବ ବୋଲି ଆମେ କ'ଣ ଜାଣିଥିଲୁ ? ମାଛିକୁ ମ' ନ କହୁଥିବା, ହାତେ ଲମ୍ବର ଓଢ଼ଣା ଟାଣିଥିବା ଏଇ ବୋହୂଟିର ବାପା ମା' ତା' ନାଁ ଶାନ୍ତିପ୍ରିୟା ଯେ କେଉଁ ମୁହୂର୍ତ୍ତରେ ଦେଇଥିଲେ ଡଃ ସୁରେଖା ଗଣେଶନ୍ ତାହା ଭାବୁଥିଲେ । ବିନ୍ଦୁ ମାଧବନ୍ ଓ ତା' ମା ସାବିତ୍ରୀଙ୍କୁ ଛ' ମାସ ଲେଖାଏଁ ଜେଲ୍ ହେଲା । ରାଜ୍ୟର କାଗଜମାନଙ୍କରେ ଖବରଟି ପୋଲିସ୍‌ଙ୍କର ଯୌତୁକ-ବିରୋଧୀ ସେଲ୍ ଓ ରାଜ୍ୟ ମହିଳା କମିଶନରଙ୍କର ସାଫଲ୍ୟର ଗାଥା ରୂପେ ପ୍ରଥମ ପୃଷ୍ଠା ମଣ୍ଡନ କଲା ।

Digitized by PPRACHIN, SOA

ବସନ୍ତ ଉତ୍ସବ

ଅବୋଧପୁର ସିଟି କଲେଜ ଇଉନିୟନର କାର୍ଯ୍ୟକାରୀ କମିଟି ବୈଠକ ବସିଥାଏ । କଲେଜର ବସନ୍ତ ଉତ୍ସବ ପାଇଁ ପ୍ରସ୍ତୁତି ବିଷୟରେ ଆଲୋଚନା । ପ୍ରଥମ ପ୍ରଶ୍ନ ହେଲା, ଉଦ୍‌ଘାଟନ ଉତ୍ସବରେ ମୁଖ୍ୟ ଅତିଥି କାହାକୁ ଡକାଯିବ । କଲେଜ ଇଉନିୟନ୍‌ର ସଭାପତି ଓ ସଂପାଦକ ରାଜ୍ୟର ବିରୋଧୀଦଳର ସମର୍ଥିତ, ସାହାଯ୍ୟପ୍ରାପ୍ତ ପ୍ରାର୍ଥୀ । ତେଣୁ ସେମାନେ ମନ୍ତ୍ରିମଣ୍ଡଳର କୌଣସି ସଭ୍ୟଙ୍କୁ ନିମନ୍ତ୍ରଣ କରିବା ସପକ୍ଷରେ ନ ଥିଲେ । ତେଣୁ ବିଶ୍ୱବିଦ୍ୟାଳୟର କୁଳପତିଙ୍କୁ ଉଦ୍‌ଘାଟକ ଭାବେ ନିମନ୍ତ୍ରଣ କରିବା କଥା ଉଠିଲା ତା'ପରେ ଆଉ ଜଣେ ଅବସରପ୍ରାପ୍ତ ଅଧ୍ୟାପକଙ୍କୁ ମୁଖ୍ୟବକ୍ତା କରି ଡାକିବା ପାଇଁ ପ୍ରସ୍ତାବ ହେଲା ।

କଲେଜ ଇଉନିୟନର ସହ ସଂପାଦକ ପ୍ରଦୀପ୍ ରାଣା ଶାସକ ଦଳର ସମର୍ଥିତ ପ୍ରାର୍ଥୀ ଥିଲେ । ସେ କହିଲେ, କୁଳପତି କଲେଜର କି କାମରେ ଆସିବେ ? ମୁଖ୍ୟବକ୍ତା ଓ କୁଳପତି,ଦୁଇଜଣଙ୍କୁ ଅଧ୍ୟାପନା କ୍ଷେତ୍ରରୁ ନ ଡାକି ରାଜନୀତି କ୍ଷେତ୍ରରୁ ଡକାଯାଉ । ପ୍ରଦୀପ୍ ରାଣାଙ୍କ ଏ ପ୍ରସ୍ତାବରେ ସମସ୍ତେ ହଠାତ୍ ରାଜି ହୋଇ ପାରିଲେ ନାହିଁ । କଲେଜ ଇଉନିୟନର ସଭାପତି ଓ ସଂପାଦକ ବିରୋଧୀ ଦଳର ସମର୍ଥକ ହୋଇଥିବା ବେଳେ କେଉଁ ମନ୍ତ୍ରୀ ବା ରାଜି ହେବେ ଆସିବା ପାଇଁ ? ପ୍ରଦୀପ ରାଣା କହିଲେ,''ସେ ଦାୟିତ୍ୱ ମୁଁ ନେବି ।''

ପ୍ରଥମେ ପ୍ରସ୍ତାବ ଦେଲା ଜଙ୍ଗଲ ପଶୁପାଳନ ଓ ମତ୍ସ୍ୟ ବିଭାଗର ମନ୍ତ୍ରୀ ଶ୍ରୀ ଜଗଦୀଶ ରାଠୋରଙ୍କୁ ଡାକିବା ପାଇଁ । ସେ ଥିଲେ ଅବୋଧପୁର ଜିଲ୍ଲାର ମନ୍ତ୍ରୀ । ସେ ସିଟି କଲେଜର ପୂର୍ବତନ ଛାତ୍ର । କଲେଜ ଇଉନିୟନ ସଂପାଦକ କିନ୍ତୁ ଏଥିରେ ରାଜି ହେଲେ ନାହିଁ । ଶ୍ରୀ ରାଠୋର ଏତେ ସିଧା ସାଦା ମନ୍ତ୍ରୀ ଯେ ତାଙ୍କ ସଙ୍ଗେ ଦୂରଦର୍ଶନ କ୍ୟାମେରାଟିମ୍ ମଧ ଆସିବ ନାହିଁ । ସିଟି କଲେଜର ବସନ୍ତ ଉତ୍ସବ ହେବ,ଆଉ ଦୂରଦର୍ଶନରେ ତାହା ଦେଖା ନ ଗଲେ କେମିତି ହେବ ? ତେଣୁ ରାଠୋର ବାଦ୍ ପଡିଲେ । ଶେଷରେ ନିଷ୍ପତ୍ତି ହେଲା ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ଗୁମାନ ସିଂହଙ୍କୁ ଡକାଯିବ । ସେ ଜଣେ ଓଜସ୍ୱୀନୀ ବକ୍ତା,ଜଣେ ଟାଣୁଆ ମନ୍ତ୍ରୀ, ଦାଦା ଲୋକ । ସେ ଆସିଲେ ଦୂରଦର୍ଶନ କ୍ୟାମେରାଟିମ୍ ଆସିବା ନିଶ୍ଚିତ । ଦ୍ୱିତୀୟ ଦିନ କ୍ରୀଡ଼ାମନ୍ତ୍ରୀଙ୍କୁ ନିମନ୍ତ୍ରଣ କରାଯିବ । ସଭାପତି ଓ ସଂପାଦକ ରାଜଧାନୀ ଯାଇ ଦୁହିଁଙ୍କୁ ନିମନ୍ତ୍ରଣ କଲେ । ଶ୍ରୀ ଗୁମାନ ସିଂହ

Digitized by PPRACHIN, SOA

ନିଜର ପି.ଏ.ଙ୍କୁ ଡାକି ଦୂରଦର୍ଶନ କ୍ୟାମେରାର ସେ ଦିନର କାର୍ଯ୍ୟକ୍ରମ ବିଷୟରେ ଖବର ଜାଣିଲେ ଓ ତା'ପରେ ସମ୍ମତି ଦେଲେ ।

ମନ୍ତ୍ରୀଦ୍ୱୟଙ୍କ ସମ୍ମତି ଆଣିଲାପରେ ସଭାପତି ଓ ସଂପାଦକ ଗୋଟିଏ ମେଲୋଡ଼ି ଗ୍ରୁପର ସନ୍ଧାନରେ ଗଲେ । ପୂର୍ବେ ସ୍କୁଲ,କଲେଜମାନଙ୍କରେ କୌଣସି ଉତ୍ସବ ହେଲେ ଗୋଟିଏ ଏକାଙ୍କୀକା ବା ନାଟକ ପିଲାମାନେ ସାତ ଆଠ ଦିନ ରିହର୍ସାଲ କରି ମଞ୍ଚସ୍ଥ କରୁଥିଲେ । କିଛି ଉଦ୍‌ଘାଟନା ସଙ୍ଗୀତ ଓ ଉଦ୍‌ଯାପନୀ ସଙ୍ଗୀତ ମଧ୍ୟ ନିଜେ ସମବେତ ସଙ୍ଗୀତରେ ବୋଲୁଥିଲେ । ଆଜିକାଲି ଏ ସମସ୍ତ ମଧ୍ୟ ଭଡାରେ ବନ୍ଦୋବସ୍ତ କରାଯାଉଛି । ଫୁଲ ସଜାଇବା ପାଇଁ ଆଉ ପିଲାମାନେ ଫୁଲ ଆଣିବା ବା ମାଳ ଗୁନ୍ଥିବା ଦରକାର ନାହିଁ । ଫ୍ଲୋରିଷ୍ଟକୁ ବରାଦ ଦେଲେ ସୁନ୍ଦରଭାବେ ମଞ୍ଚ ସଜା ହୋଇପାରୁଛି । ଆଗେ କଲେଜର ପିଅନମାନେ ମିଶି ହଲ୍‌ରେ ଚଉକି ପକାଉଥିଲେ ଏବଂ ଇଉନିୟନ ଅଫିସ୍‌ରୁ ସେମାନଙ୍କୁ କିଛି ବକ୍‌ସିସ୍ ଦିଆଯାଉଥିଲା । ଏବେ ଏ କାମ ମଧ୍ୟ ଟେଣ୍ଟ ହାଉସ୍ ମାନେ କରୁଛନ୍ତି । ତେଣୁ କଲେଜ ବା ସ୍କୁଲରେ ଏ ଭଳି ଉତ୍ସବ ହେଲେ ଛାତ୍ରଛାତୀଙ୍କ ମଧ୍ୟରେ ଆଉ କୌଣସି ଉତ୍ସାହ ବା ଉଦ୍ଦୀପନା ଦେଖାଯାଉ ନାହିଁ । କେବଳ ଡିଗ୍ରୀ ନୁହେଁ ଏବେ ଉତ୍ସବ ମଧ୍ୟ ଯେମିତି ଏକ ପଣ୍ୟ ବସ୍ତୁ ହୋଇଯାଇଛି ।

ଅଧ୍ୟକ୍ଷ ଡଃ ପ୍ରଣବ ଭଟ୍ଟନାଗର ଦିନ ଏଗାରଟା ବେଳକୁ ରାଜଧାନୀରୁ ଗୋଟିଏ ଫୋନ୍ ପାଇଲେ । ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଫୋନ୍'' ଆମେ ଆଜି ପାଞ୍ଚଟାବେଳେ ଡାକବଙ୍ଗଳାରେ ପହଞ୍ଚିବୁ । ଆପଣ ପ୍ରସ୍ତୁତ ହେଲେ ଖବର ଦେବେ । ପିଲାମାନେ ଗୋଳମାଳ କରିବେ ନାହିଁ ତ ? ଆପଣଙ୍କ ଇଉନିୟନ ସଭାପତି ତ ନିଜେ ଡାକିଛନ୍ତି । କିନ୍ତୁ ଆଜିକାଲି ପିଲାଙ୍କୁ କି ବିଶ୍ୱାସ ?'' ଡଃ ଭଟ୍ଟାନଗର ମନ୍ତ୍ରୀଙ୍କୁ ପ୍ରତିଶୃତି ଦେଇ କହିଲେ,'' କିଛି ଗଣ୍ଡଗୋଳ ହେବନାହିଁ ସାର୍ ।ସବୁ ଠିକ୍ ଚାଲିଛି । ସଭାପତି ଆଉ ସଂପାଦକ ଦୁହେଁ ଦାୟିତ୍ୱ ସଂପନ୍ନ ପିଲା । ଆପଣ ନିଶ୍ଚିତ ଥାଆନ୍ତୁ ।''

ମନ୍ତ୍ରୀଙ୍କ ପ୍ରତିଶ୍ରୁତି ଦେଇ ଡଃ ଭଟ୍ଟନାଗର ପ୍ରସ୍ତୁତିକାର୍ଯ୍ୟ ତଦାରଖ କରିବା ପାଇଁ କଲେଜରେ ବୁଲି ଆସିଲେ । ବିଭିନ୍ନ ରୁମ୍‌ରେ ବକ୍ତୃତା, ପ୍ରବନ୍ଧ କ୍ଷୁଦ୍ରଗଳ୍ପର ପ୍ରତିଯୋଗିତା ଅନୁଷ୍ଠିତ ହେଉଥାଏ । ମଞ୍ଚକାମ ମଧ ଠିକ୍ ଗତିରେ ଚାଲିଥାଏ । ମାଇକ୍, ବିଜୁଳିସଂଯୋଗ ଆଦିର ଦାୟିତ୍ୱ ନେଇଥିବା ଦଳ ଆସି ପହଞ୍ଚିଯାଇଥା'ନ୍ତି । ଟେଣ୍ଟହାଉସ୍ ତରଫରୁ ଲୋକେ ଆସି ଚଉକି ପକା ଆରମ୍ଭ କରିଥାନ୍ତି । କଲେଜ ଇଉନିୟନ୍‌ର ଉପଦେଷ୍ଟା ଡଃ ଅଗସ୍ତି ବେଶ୍ ଉତ୍ସାହର ସହ ପିଲାଙ୍କ ସଙ୍ଗେ କାମରେ ଲାଗିଥାନ୍ତି ।

Digitized by PPRACHIN, SOA

ଡଃ ଭଟ୍ଟନାଗର ମଧ୍ୟାହ୍ନ ଭୋଜନ ପରେ ଆଉ ଥରେ ପ୍ରସ୍ତୁତିପର୍ବର ସମସ୍ତ ପଦକ୍ଷେପ ଟିକିନିଖି ଯାଞ୍ଚ୍ କଲା ପରେ ମନ୍ତ୍ରୀ ମହୋଦୟଙ୍କୁ ଫୋନ୍‌ରେ ଜଣାଇଲେ ।

ଠିକ୍ ତା' ପର କଥା । ଅଧ୍ୟକ୍ଷଙ୍କ ରୁମ୍‌କୁ ଚାରିଜଣ ଯୁବକ ପଶି ଆସିଲେ । ଦୁଇଜଣଙ୍କ ବେକରେ ବାଘ ନଖ ଲକେଟ୍ ଥିବା ହାର । ଆଉ ଦୁଇଜଣଙ୍କ ହାତରେ ଷ୍ଟେନ୍‌ଲେସ୍ ଷ୍ଟିଲ୍‌ର ବଳା । ଡଃ ଭଟ୍ଟନାଗର ସେଥିରୁ ତିନିଜଣଙ୍କୁ ପୁରାତନ ଛାତ୍ର ଓ ଆଉ ଜଣଙ୍କୁ ଏମ୍.ଏ. ପ୍ରଥମ ଭାଗର ଛାତ୍ର ବୋଲି ଜାଣିପାରିଲେ । ସେମାନଙ୍କ ମଧ୍ୟରୁ ଜଣେ କହିଲା— "ସାର୍, ବସନ୍ତ ଉତ୍ସବରେ ଆଡ୍‌ଭାଇଜର ଓ ପ୍ରେସିଡେଣ୍ଟ ମିଶି ଦୁଇ ହଜାର ଟଙ୍କା ପକେଟରେ ପକେଇ ଦେଲେଣି । ଆପଣ ଏଠି ବସି କ'ଣ କରୁଛନ୍ତି ?"

ଡଃ ଭଟ୍ଟନାଗର କହିଲେ, "ସେମାନେ ଅଗ୍ରିମ ଦିଆଯାଇଥିବା ଅର୍ଥ ଠିକ୍ ଖର୍ଚ୍ଚ କରୁଛନ୍ତି ନା ନାହିଁ ତାହା ଦେଖିବା ମୋ କାମ । ତୁମେ ସେଥିରେ ବ୍ୟସ୍ତ କାହିଁକି ? ମୋର ଅନୁମତି ନ ନେଇ ମୋ ରୁମ୍‌କୁ ଏମିତି ପଶି ଆସିଛ କାହିଁକି ?"

ଆଉ ଜଣେ ଯୁବକ ନିଜ ସାର୍ଟର କଲରକୁ ଟେକିଦେଇ କହିଲା— "ସାର୍ ଆପଣ କହିଲେ ତ ଆମେ ଏଇଲେ ବାହାରିଯିବୁ । ମିଟିଂରେ ଯେଉଁ କାଣ୍ଡ ହେବ ଆପଣ ସମ୍ଭାଳିବେ ତ ? ମନ୍ତ୍ରୀଙ୍କ ଆଗରେ ଆମେ ସମସ୍ତଙ୍କ ମୁଖା ଖୋଲିଦେବୁ । ବୋମା ମଧ୍ୟ ଦୁଇ ଚାରିଟା ରଖିଛୁ । କେତେବେଳେ ଅସାବଧାନ ହେଲେ ଫୁଟିଯାଇପାରେ ।"

ତୃତୀୟ ଯୁବକଟି କହିଲା, "ସାର୍ ଉତ୍ସବରେ ଆମର କିଛି ଭାଗ ନାହିଁ ?

ଖାଲି ଇଉନିୟନ ପ୍ରେସିଡେଣ୍ଟ ଆଉ ଆଡ୍‌ଭାଇଜରଙ୍କର ହାତ ଚିକ୍କଣ ହେବ । ଆଉ କିଏ ଆସିଥିଲେ ଆମେ କ'ଣ କିଛି କହିଥାନ୍ତୁ ? ମନ୍ତ୍ରୀ ଦୁଇଜଣ ଆସୁଛନ୍ତି ନା । ଏଇ ଯେଉଁମାନେ କଲେଜରେ ଚୁପ୍‌ଚାପ୍ ହେଉଛନ୍ତି ତାଙ୍କ ମୁହଁ କ'ଣ ବନ୍ଦ୍ କରିହେବ ?"

ଡଃ ଭଟ୍ଟନାଗର ଉପଦେଷ୍ଟା ଓ କଲେଜ ଇଉନିୟନ୍‌ର ସଭାପତି ଦୁହିଁଙ୍କୁ ଭଲଭାବେ ଜାଣିଥିଲେ ଏବଂ ଏ ପ୍ରକାରର ଉଦ୍ଦେଶ୍ୟମୂଳକ କୁତ୍ସାରଟନାରେ ବିଶ୍ୱାସ କରୁ ନ ଥିଲେ । କିନ୍ତୁ ହାତରେ ଆଉ ଦୁଇ ଘଣ୍ଟା ମାତ୍ର ସମୟ । ସଭାପତି, ସଂପାଦକ ଓ ଉପଦେଷ୍ଟାଙ୍କୁ ଡାକି ଯୁବକମାନଙ୍କର ସାମନା କଲେ ମଧ୍ୟ ମିଟିଂରେ ଯେ ବୋମା ନ ଫୁଟିବ ଏହାର କିଛି ନିର୍ଭରତା ନାହିଁ । ତେଣୁ ଅଗତ୍ୟା, ସେ କହିଲେ, "ତୁମେ ତେବେ କ'ଣ ଚାହୁଁଛ ?"

Digitized by PPRACHIN, SOA

ଚତୁର୍ଥ ଯୁବକଟି ଉତ୍ତର ଦେଲା, "ସାର୍ ଆମେ ତ ଚାରି ଦଉଡ଼ି କଟା । ଆମକୁ ଟଙ୍କା ହଜାରେ ଦେଲେ ଆମେ ଟାଉନ୍ ଛାଡ଼ି ଦୂରକୁ ଚାଲିଯିବୁ । ଆପଣଙ୍କର ମିଟିଂ ସୁରୁଖୁରୁରେ ହୋଇଯିବ ।

ଡଃ ଭଟ୍ଟନାଗର ଟେବୁଲ ଡ୍ରୟାର ଖୋଲି ଏକ ହଜାର ଟଙ୍କା ଜଣେ ଯୁବକ ହାତକୁ ବଢ଼ାଇ ଦେବା ପରେ ସେମାନେ ସୁନା ପିଲା ଭଳି ନମସ୍କାର ପକାଇ ଚାଲିଗଲେ ।

ସିଟି କଲେଜର ବସନ୍ତ ଉତ୍ସବ ଦୁଇ ଦିନ ଧରି ସୁରୁଖୁରୁରେ ପାଳିତ ହେଲା । ଡଃ ଭଟ୍ଟନାଗର ଲକ୍ଷ୍ୟ କଲେ, ଏ ଦୁଇ ଦିନଯାକ ଇଉନିୟନର ସହ-ସଂପାଦକ ପ୍ରଦୀପ ରାଣାଙ୍କୁ କେହି ହେଲେ କଲେଜରେ ଦେଖିଲେ ନାହିଁ । ସଭାପତି ଓ ସଂପାଦକଙ୍କ ସଂଗେ କଥାବାର୍ତ୍ତାରୁ ଅଧ୍ୟକ୍ଷ ଜାଣିଲେ ଯେ ସେହି ଗୁଣ୍ଡା ଯୁବକମାନଙ୍କ ସଙ୍ଗେ ସହସମ୍ପାଦକ ପ୍ରଦୀପ ରାଣା ଦୁଇ ଦିନଧରି ମଉଜ କରୁଥିଲେ ।

Digitized by PPRACHIN, SOA

ରାଜସାକ୍ଷୀ

ଲେଡିଡାକ୍ତର ସୌଗତା ମଲ୍ଲିକ ସରକାରୀ ଚାକିରିରେ ଯୋଗଦେବାର ମାତ୍ର କୋଡ଼ିଏ ଦିନ । ପୋଷ୍ଟମର୍ଟମ କେଶ୍‌ଟିଏ ଆସି ପହଞ୍ଚିଲା । ଡିମାପୁର ପ୍ରାଥମିକ ଚିକିତ୍ସା କେନ୍ଦ୍ରର ଏକ ପରଂପରା ଥିଲା, ଡାକ୍ତରମାନେ ପାଳିକରି ପୋଷ୍ଟମର୍ଟମ କରିବେ । ସେହି ପରଂପରା ଅନୁଯାୟୀ ଏଥର ଲେଡିଡାକ୍ତର ସୌଗତାଙ୍କ ପାଳି । ବରିଷ୍ଠ ଡାକ୍ତର ମୁର୍‌ଜାନୀଙ୍କୁ ସୌଗତା ଅନୁରୋଧ କଲେ, "ସାର୍ ! ମୋର ଚାକିରି ଜୀବନର ପ୍ରଥମ ଶବ ବ୍ୟବଚ୍ଛେଦ କେଶ୍ ଏଇଟି । ଆପଣ ଉପସ୍ଥିତ ରହିଲେ ମୋର ସାହସ ଆସିବ ।"

ଡଃ ମୁର୍‌ଜାନୀ ଓ ଡଃ ସୌଗତା ପୋଷ୍ଟମର୍ଟମ ରୁମ୍‌ରେ ପହଞ୍ଚିବାର ପନ୍ଦର କୋଡ଼ିଏ ହାତ ଆଗରୁ ଏକ ନାକଫଟା ଦୁର୍ଗନ୍ଧର ସମ୍ମୁଖୀନ ହେଲେ । ଶବ ସାଙ୍ଗରେ ଆସିଥିବା ପୋଲିସ୍ ହାବିଲଦାର ସଜ୍ଜନ ରାଓ କହିଲେ– "ଏଇ ଲୋକଟା ଆଠଦିନ ତଳେ ମରିଥିଲା । ଶବଟା ବିଲରେ ଯେଉଁଠି ପଡ଼ିଥିଲା ସେଇଟା ଦୁଇ ଥାନାର ସୀମାନ୍ତ । ଡିଫୁ ଥାନା କହିଲା ଲାଶ୍ ତାଙ୍କର ନୁହେଁ, ପୋୟାଙ୍ଗ ଥାନା କହିଲା ଲାଶ୍ ଆମର ନୁହେଁ । କୌଣସି ଥାନା ଲାଶ୍‌ର ଦାୟିତ୍ୱ ନେବାକୁ ରାଜିହେଲେ ନାହିଁ । ଏସ୍.ପି.ଙ୍କ କାନକୁ କଥା ଗଲା । ଜିଲ୍ଲା ବନ୍ଦୋବସ୍ତ ଅଫିସରଙ୍କୁ ସେ ଲେଖିଲେ । ଅମୀନ ଦୁଇଜଣ ଓ ଚେନ୍‌ମ୍ୟାନ୍ ଆସି ଜାଗା ମାପ କଲାରୁ ଜଣାଗଲା ଯେ ଲାଶ୍‌ର କାନ୍ଧ ଉପର ଅଂଶ ପୋୟାଙ୍ଗ ଥାନାରେ ଆଉ କାନ୍ଧ ତଳକୁ ଡିଫୁ ଥାନାରେ ପଡ଼ିଛି । ରିପୋର୍ଟ ପାଇଲା ପରେ ଏସ୍.ପି. ଆଦେଶ ଦେଲେ ଯେ ଲାଶ୍‌ର ଅପେକ୍ଷାକୃତ ବେଶୀ ଅଂଶ ଡିଫୁଥାନାର ସୀମା ପଡ଼ିଥିବାରୁ ଡିଫୁଥାନାରେ ହିଁ କେଶ୍ ଦାଏର ହେବା କଥା । ଏଥିରେ ଆଠଦିନ ଲାଗିଲା । ହେଲେ ଲାଶ୍ ଉଠାହେବା ଯାଏ ଦୁଇ ଥାନାର ସିପାହି ପାଳିକରି ତାକୁ ଜଗିଥିଲେ ।"

ଡଃ ସୌଗତା ଦେଖିଲେ ମୃତବ୍ୟକ୍ତିର ଲାଶ୍‌ଟି ବେଶ୍ ଫୁଲିଯାଇଥାଏ । ସେ ନାକରେ ରୁମାଲ ବାନ୍ଧି କାମ ଆରମ୍ଭ କଲେ । ଡଃ ମୁରଜାନୀ ପାଞ୍ଚ ମିନିଟରୁ ବେଶୀ ସମୟ ସେ ଗନ୍ଧରେ ଛିଡ଼ା ହୋଇରହି ପାରିଲେ ନାହିଁ । ସାଧାରଣ ଭାବେ ଗୋଟିଏ ଦୁଇଟି କଥା ବତାଇ ଦେଇ ସ୍ଥାନ ଛାଡ଼ି ଆସିଲେ । ଲାଶ୍‌ର ବେକରେ ଚାରୋଟି ବଡ଼ କଟା ଦାଗ ଥିଲା । କଟାଗୁଡ଼ିକ ବେଶ୍ ଗଭୀର । ମୃତ୍ୟୁର କାରଣ ବେଶ୍ ସହଜରେ ଅନୁମାନ କରି ହେଉଥିଲା । ସେହି କ୍ଷତଗୁଡ଼ିକ ବାଟେ ଅବିଶ୍ରାନ୍ତ ରକ୍ତସ୍ରାବ ଯୋଗୁଁ ହିଁ ବ୍ୟକ୍ତିଟିର ମୃତ୍ୟୁ ।

Digitized by PPRACHIN, SOA

ବେକରେ କ୍ଷତ ବ୍ୟତୀତ ଦେହର ଆଉ ଆଠଜାଗାରେ ତୀକ୍ଷ୍ଣ ଅସ୍ତ୍ର ସାହାଯ୍ୟରେ ଆକ୍ରମଣର ଦାଗ । ପ୍ରତ୍ୟେକଟି ଆକ୍ରମଣ ବେଶ୍ ଗଭୀର କ୍ଷତ ସୃଷ୍ଟି କରିଥିଲା । କ୍ଷତଗୁଡ଼ିକର ଦୈର୍ଘ୍ୟ, ପ୍ରସ୍ଥ ଓ ଗଭୀରତାରୁ ଅନୁମାନ କରାଗଲା ଯେ ଗୋଟିଏ ଫାର୍ଶା ଓ ଦୁଇଟି କୁରାଢ଼ି ଭଳି ଅସ୍ତ୍ର ବ୍ୟବହାର କରାଯାଇଥିଲା ।

ପୋଷ୍ଟମର୍ଟମରେ ଶରୀରର ଯେଉଁ ସବୁ ଅଂଶ ପରୀକ୍ଷା କରାଯିବା କଥା ସବୁ ପରୀକ୍ଷା କରାଗଲା । ଡଃ ସୌଗତା ରିପୋର୍ଟ ଲେଖିବା ପୂର୍ବରୁ ଡଃ ମୁରଜାନୀଙ୍କ ସହ କିଛି ଆଲୋଚନା କରିବାକୁ ଠିକ୍ ମନେକଲେ । ତାଙ୍କ ଚାକିରି ଜୀବନର ପ୍ରଥମ ପୋଷ୍ଟମର୍ଟମ ରିପୋର୍ଟ ଏଇଟି । ଅତ୍ୟନ୍ତ ସାବଧାନତାର ସହ ଲେଖା ନ ହେଲେ ପରେ ବିଚାରାଳୟରେ ଓକିଲମାନେ ହଇରାଣ କରିବେ ଏବଂ ସେ ନିଜେ ଲୋକହସା ହେବେ ।

ଡଃ ମୁରଜାନୀ କହିଲେ, ‘‘ଆଠ ଦିନର ପୁରୁଣା ଲାଶ୍‌ଟା । ଏତେ ପଚିଯାଇଛି ଯେ କ୍ଷତଗୁଡ଼ିକ ମୃତ୍ୟୁ ପୂର୍ବର ବା ମୃତ୍ୟୁ ପରର ତାହା ଜାଣିବା କଷ୍ଟ । କ୍ଷତଗୁଡ଼ିକ ମୃତ୍ୟୁ ପୂର୍ବର ଏହା ସଠିକ୍ ଜଣା ନ ଗଲେ, ମୃତ୍ୟୁ କ୍ଷତ ଜନିତ ବୋଲି ଲେଖିବା ସମ୍ଭବ ନୁହେଁ । ତେଣୁ ତୁମେ ସେମିତି ଲେଖିଦିଅ । ତେବେ ପରେ ଆଉ କୌଣସି ଝାମେଲା ରହିବନାହିଁ । ପୋଲିସ୍ ଆଠଦିନ ପରେ ପଚାସଢ଼ା ଲାଶ୍ ଆମ ପାଖକୁ ଆଣିବେ, ଆଉ ଆମେ ମୃତ୍ୟୁର କାରଣ ସମ୍ବନ୍ଧରେ ସଠିକ୍ ବୈଜ୍ଞାନିକ ତଥ୍ୟ ଲେଖିବା । ଏ କେଉଁ ଶାସ୍ତ୍ରର ନ୍ୟାୟ ? ’’ଡଃ ମୁରଜାନୀଙ୍କ କଥା ଶୁଣି ସୌଗତା ଆଶ୍ଚର୍ଯ୍ୟ ହେଲେ । ପୋଷ୍ଟମର୍ଟମ ରିପୋର୍ଟରେ କ୍ଷତ ସଂପର୍କରେ ଏଭଳି ବିଭ୍ରାନ୍ତିକର ମତ ଦେବା ଅର୍ଥ ହତ୍ୟାକାଣ୍ଡରେ କାହାକୁ ହେଲେ ଦାୟୀ କରାଯାଇପାରିବ ନାହିଁ ଏବଂ କେଶ୍‌ଟି ମୂଳରୁ ଆଗେଇବ ନାହିଁ । ବିଷ ପ୍ରକ୍ରିୟାରେ ବା ଅନ୍ୟ କାରଣରୁ ମୃତ୍ୟୁ ହୋଇଥିବାର କୌଣସି ପ୍ରମାଣ ଶବ ବ୍ୟବଚ୍ଛେଦରୁ ମିଳିନାହିଁ । ମୃତ୍ୟୁ ଯଦି ଅନ୍ୟ କୌଣସି କାରଣରୁ ହୋଇଥାନ୍ତା ତେବେ ଗୋଟିଏ ଲାଶ୍‌କୁ ଦଶ ବାର ଜାଗାରେ ହାଣିବାର ଆବଶ୍ୟକତା କିଛି ନ ଥିଲା । ତା’ଛଡ଼ା କ୍ଷତଗୁଡ଼ିକ ବାଟେ ପ୍ରଚୁର ରକ୍ତସ୍ରାବ ହୋଇଛି ଏହାର ପ୍ରମାଣ ମଧ୍ୟ କ୍ଷତ ଚାରିପଟେ ଲାଗି ରହିଥିବା ରକ୍ତ ଦାଗରୁ ସ୍ପଷ୍ଟ ଥିଲା । ତେଣୁ ଡଃ ସୌଗତା ଇଷ୍ଟଦେବ ତ୍ର୍ୟମ୍ବକେଶ୍ୱରଙ୍କୁ ସ୍ମରଣ କରି ନିଜେ ଯାହା ଠିକ୍ ମନେ କଲେ ତାହାହିଁ ଲେଖିଲେ ।

ଚାରିବର୍ଷ ପରେ କେଶ୍‌ଟି କୋର୍ଟକୁ ଆସିଲା । ସରକାରୀ ଓକିଲଙ୍କ ସଙ୍ଗେ ଆଲୋଚନା କରି ସୌଗତା କେଶ୍ ବିଷୟରେ କିଛି ଜାଣିବାକୁ ଚାହିଁଲେ । ମୃତ ବ୍ୟକ୍ତି ରଣଧୀର ବନ୍‌ଛୋର ଗୋଟିଏ ଟ୍ରକ୍‌ଡ୍ରାଇଭର ଥିଲା । ସେ ଥିଲା ମଦ୍ୟପୀ ଓ ଗୁଣ୍ଡା ପ୍ରକୃତିର । ଜିରାଂଗଜୋଂଗ ଗ୍ରାମ ଜାତୀୟ ରାଜପଥ ଉପରେ ଅବସ୍ଥିତ । ମୃତ୍ୟୁ ପୂର୍ବରୁ ଏକବର୍ଷ ମଧ୍ୟରେ ରଣଧୀର ଦୁଇଥର ସନ୍ଧ୍ୟାବେଳେ ରାସ୍ତାରେ ମହିଳାଙ୍କୁ ଏକୁଟିଆ ଦେଖି ସେମାନଙ୍କୁ ଟ୍ରକରେ ଦୂରକୁ ନେଇ ଯାଇ ବଳାତ୍କାର

Digitized by PPRACHIN, SOA

କରିଥିଲା । ଟ୍ରକ୍‌ର ହେଲ୍‌ପର ରସିକଲାଲ ଏଥିରେ ତାକୁ ସାହାଯ୍ୟ କରିଥିଲା । ପ୍ରଥମ ଥର କେଉଁ ଟ୍ରକ୍ ଓ କେଉଁ ଡ୍ରାଇଭର୍ ଏ କାଣ୍ଡ କରିଥିଲା କେହି ଜାଣି ପାରି ନ ଥିଲେ । ଦ୍ୱିତୀୟ ଥର ଧର୍ଷଣ ପରେ ସବୁ କଥା ଜଣା ପଡ଼ିଥିଲା । ଧର୍ଷିତା ମହିଳା ଦୁହେଁ ଆଉ ଦିନେ ରାତିରେ ରାସ୍ତାରେ ଜଗି ରହି ରାସ୍ତାରେ ସେହି ଟ୍ରକ ଓ ଡ୍ରାଇଭରଙ୍କୁ ଚିହ୍ନିପାରି ଗ୍ରାମବାସୀଙ୍କୁ ଦେଖାଇ ଦେଇଥିଲେ । ମହିଳାଦ୍ୱୟଙ୍କ ସ୍ୱାମୀ ଓ ଅନ୍ୟ ଚାରିଜଣ ମିଶି ସେହି ଟ୍ରକକୁ ନିର୍ଜନ ସ୍ଥାନରେ ଅଟକାଇ ଡ୍ରାଇଭର ରଣଧୀରକୁ ଗୋଡ଼ାଇ ଗୋଡ଼ାଇ ହତ୍ୟା କରିଥିଲେ, ରସିକଲାଲ କୌଣସିମତେ ଜୀବନ ବଞ୍ଚାଇ ଖସିଯାଇଥିଲା ।

ଏ ହତ୍ୟାର କେବଳ ଜଣେ ମହିଳା ପ୍ରତ୍ୟକ୍ଷଦର୍ଶୀ ସାକ୍ଷୀ ସାବିତ୍ରୀ ଗାଏନା । ହତ୍ୟାକାରୀମାନେ ଗୋଡ଼ାଇଲା ବେଳେ ଅନେକ ବାଟ ଦଉଡ଼ି ଆସିଲା ପରେ ଯେଉଁଠି ରଣଧୀର ଟାଙ୍ଗିଆ ଚୋଟ ଖାଇ ପଡ଼ିଯାଇଥିଲା । ତା'ଠାରୁ କୋଡ଼ିଏ ହାତ ଦୂରରେ ଗୋଟିଏ ଗୋଟିକିଆ ଘର ଥିଲା । ଏକ ଦୂରଗ୍ରାମରୁ ଉଠି ଆସି ଡିପ ଜମିଟିଏ କିଣି ସାବିତ୍ରୀ ଓ ତା' ବର ଗଣେଶ ଗାଏନା ସେଠାରେ ରହୁଥିଲେ । ଗଣେଶ ପାଖ ସହରର ମାଲଗୋଦାମରେ ଜଣେ ଶେଠଙ୍କ ଗୋଦାମ ଜଗାରଖା କରେ । ହତ୍ୟାକାଣ୍ଡଟି ଦିନ ଏଗାରଟା ବେଳେ ହୋଇଥିଲା । ସାବିତ୍ରୀ ଘର ବାଡ଼ିପଟେ ଲୁଗା ଶୁଖାଇଲା ବେଳେ ଛ' ଜଣ ଲୋକ କିଭଳି ଫାର୍ଶା ଓ କୁରାଢ଼ି ମାଡ଼ରେ ଏ ରଣଧୀରକୁ ମାରିଥିଲେ ସବୁ ଦେଖିଥିଲା । ପୋଲିସ୍‌ର ଅନୁସନ୍ଧାନ ବେଳେ ସେ ଏକଥା ସବୁ ବର୍ଣ୍ଣନା କରିଥିଲା ଏବଂ ତାହା ଅନୁସନ୍ଧାନ ରିପୋର୍ଟରେ ଲିପିବଦ୍ଧ ହୋଇଥିଲା । ସେହି ବର୍ଣ୍ଣନା ଅନୁଯାୟୀ ହିଁ ଛ' ଜଣ ଗିରଫ ହୋଇଥିଲେ ।

ଡଃ ସୌଗତାଙ୍କର ସାକ୍ଷ୍ୟଦିନ ହିଁ ସାବିତ୍ରୀଙ୍କର ସାକ୍ଷ୍ୟ ଦେବାର ଥାଏ । ଅଭିଯୁକ୍ତ ଆସାମୀମାନଙ୍କ ଓକିଲ ଫୋରନ୍‌ସିକ ବିଜ୍ଞାନର ବହିପତ୍ର ପଢ଼ି ପ୍ରସ୍ତୁତ ହୋଇ ଆସିଥିଲେ ଏବଂ ଡଃ ସୌଗତାଙ୍କ ରିପୋର୍ଟ ଓ ତାଙ୍କର ସାକ୍ଷ୍ୟ ମଧ୍ୟରେ ଅସଙ୍ଗତି ସୃଷ୍ଟି କରିବାକୁ ଚେଷ୍ଟା କଲେ । ସୌଗତା କିନ୍ତୁ ଏବେ ଚାରିବର୍ଷର ଅଭିଜ୍ଞତା ସଂପନ୍ନ ଲେଡିଡାକ୍ତର । ତେଣୁ ସେ ସବୁ ପ୍ରକାରର ପ୍ରଶ୍ନ ପାଇଁ ପ୍ରସ୍ତୁତ ଥିଲେ ।

ତାଙ୍କ ପରେ ଆସିଲା ସାବିତ୍ରୀଙ୍କ ସାକ୍ଷ୍ୟ । ଅଭିଯୁକ୍ତମାନଙ୍କର ପକ୍ଷରୁ ଓକିଲ ପଚାରିଲେ "ଆପଣ ଏହି ଆସାମୀମାନଙ୍କୁ ମୃତବ୍ୟକ୍ତିଟିକୁ ମାରିବାର ଦେଖିଛନ୍ତି ବୋଲି କହିଛନ୍ତି । ସେମାନେ ରଣଧୀରକୁ ହତ୍ୟା କଲାବେଳେ ଆପଣ କ'ଣ କରୁଥିଲେ ?

ସାବିତ୍ରୀ କହିଲେ, "ମୁଁ ବାଡ଼ିପଟେ କଚା ଲୁଗା ଶୁଖାଉଥିଲି ।" ସେତେବେଳେ କ'ଣ ଆପଣଙ୍କ ବାଡ଼ିକବାଟ ଖୋଲାଥିଲା ? ଓକିଲ ପଚାରିଲେ । –"ନା

Digitized by PPRACHIN, SOA

ବନ୍ଦ ଥିଲା'' । ଏକଥାଟି ଟିପାଯାଉ ମହାଭାଗ, ସାବିତ୍ରୀଙ୍କର ଘରର ବାଡ଼ିପଟ କବାଟ ବନ୍ଦ ଥିଲା ।

''ଆଚ୍ଛା ସାବିତ୍ରୀ ଦେବୀ, ଆପଣଙ୍କ ବାଡ଼ି ପଛପଟେ ଛଅଫୁଟ ଉଚ୍ଚର ଗୋଟିଏ ପ୍ରାଚୀର ଅଛି । ପ୍ରାଚୀରଟି ସଂପୂର୍ଣ୍ଣ ବାଡ଼ିପଟକୁ ବେଢ଼ି ରହିଛି । ପ୍ରାଚୀର ବାହାରେ ଆପଣଙ୍କର ଆଉ ଅଲଗା ବାଡ଼ି ନାହିଁ । ଆପଣ ଯେତେବେଳେ ବାଡ଼ିପଟେ ଛିଡ଼ା ହୋଇଥିଲେ ସେତେବେଳେ ଛ'ଫୁଟ ଉଚ୍ଚର ପ୍ରାଚୀର ଆରପଟେ କ'ଣ ହେଉଛି ଆପଣ କ'ଣ ଦେଖି ପାରୁଥିଲେ ? ଏବଂ ଏ ୵ଅଭିଯୁକ୍ତମାନଙ୍କୁ ପାଚେରୀ ଆରପଟେ ଥାଇ ମଧ୍ୟ ଦେଖିଥିଲେ ?

ସାବିତ୍ରୀଦେବୀ ଚୁପ୍ ରହିଲେ । ସରକାରୀ ଓକିଲ ଅତ୍ୟନ୍ତ ବ୍ୟସ୍ତ ହୋଇପଡ଼ିଲେ । ସେ ବିଚାରପତିଙ୍କ ଦୃଷ୍ଟି ଆକର୍ଷଣ କଲେ । ''ମହାଭାଗ, ପ୍ରତିପକ୍ଷର ଓକିଲ ଏକ ମିଥ୍ୟାକୁ ଜୋର ଜବରଦସ୍ତ ସରକାରୀ ସାକ୍ଷୀଙ୍କ ଉପରେ ଲଦି ଦେଉଛନ୍ତି । ମୁଁ ଏହାର ପ୍ରତିବାଦ କରୁଛି । ପୋଲିସ୍‌ର ପ୍ରାଥମିକ ଅନୁସନ୍ଧାନ ରିପୋର୍ଟରେ ଓ ଏସ୍.ପି.ଙ୍କ ପରିଦର୍ଶନ ରିପୋର୍ଟରେ ଏଭଳି କୌଣସି ପ୍ରାଚୀର ଥିବାର ଲେଖାଯାଇନାହିଁ । ପ୍ରାଚୀରର ଅସ୍ତିତ୍ୱ ନ ଥିଲାବେଳେ ସାବିତ୍ରୀଦେବୀ ପ୍ରାଚୀର କଥା କ'ଣ କହିପାରିବେ ?''

ଆସାମୀମାନଙ୍କ ଓକିଲ ବିଚାରପତିଙ୍କୁ ଏହି ସମୟରେ ଗୋଟିଏ ଦରଖାସ୍ତ ବଢ଼ାଇଦେଇ କହିଲେ, ''ସାର୍, ଆପଣଙ୍କୁ ଅପରାଧ ସ୍ଥାନ ଦେଖିବାକୁ ଆବେଦନ କରୁଛୁ । ସରକାରୀ ଓକିଲ ଯାହାକୁ ପ୍ରତ୍ୟକ୍ଷଦର୍ଶୀ ସାକ୍ଷୀ ବୋଲି ପେଶ କରିଛନ୍ତି ଏବଂ ଯାହାର ସାକ୍ଷ୍ୟ ଉପରେ ଏ ମୋକଦ୍ଦମାର ଫଳାଫଳ ସଂପୂର୍ଣ୍ଣ ନିର୍ଭରଶୀଳ, ତା'ର ବୟାନର ସତ୍ୟାସତ୍ୟ ଅପରାଧ ସ୍ଥଳରେ ପରୀକ୍ଷା କରି ଦେଖାଯାଉ ।

ସାତଦିନ ପରେ ମାନ୍ୟବର ଦୌରାଜଜ୍ ନିଜେ ଅପରାଧ ସ୍ଥାନକୁ ଯାଇ ଦେଖିଲେ । ଏକ ଛ' ଫୁଟ ଉଚ୍ଚର ସୁଉଚ୍ଚ ପ୍ରାଚୀର ସାବିତ୍ରୀ ଓ ଗଣେଶଙ୍କ ଘରର ବାଡ଼ିପଟେ ଓ ଦାଣ୍ଡପଟକୁ ଘେରି ରହିଛି । ସମସ୍ତ ଅଭିଯୁକ୍ତ ବ୍ୟକ୍ତି ନିର୍ଦ୍ଦୋଷରେ ଖଲାସ ହେଲେ ।

ସୌଗତା ଅନୁସନ୍ଧାନ କରି ପରେ ଏ କେଶ୍‌ର ରହସ୍ୟ ଜାଣିଲେ । ଆସାମୀମାନେ ଗିରଫ ହେବାର ତିନିମାସ ମଧ୍ୟରେ ହିଁ ଗ୍ରାମବାସୀମାନେ ଜଣେ ପ୍ରବୀଣ ଓକିଲଙ୍କୁ ପରାମର୍ଶ କରି ଚାନ୍ଦା କରି ଗଣେଶ ଓ ସାବିତ୍ରୀଙ୍କ ଘର ଚାରିପଟେ ଏକ ମଜବୁତ ଉଚ୍ଚ ପ୍ରାଚୀର ନିର୍ମାଣ କରିଦେଇଥିଲେ । ପୋଲିସ୍ ଅନୁସନ୍ଧାନ ସରିବା ପରେ ପରେ ପ୍ରାଚୀର କାମ ଆରମ୍ଭ ହୋଇଥିଲା ଏବଂ ପନ୍ଦର ଦିନ ମଧ୍ୟରେ ଏହା ସଂପୂର୍ଣ୍ଣ ହୋଇଥିଲା । ଚାରିବର୍ଷ ପରେ ସେ ପ୍ରାଚୀରଟି କେତେ ପୁରୁଣା ବା ନୂଆ ଜାଣିବାର ଉପାୟ ନ ଥିଲା ।

Digitized by PPRACHIN, SOA

ସ୍ତନ୍ୟ ପାନ

କଂଗୋଦରାଜ୍ୟର ସବୁଠାରୁ ଅନୁନ୍ନତ ଧବଳଗିରି ଜିଲ୍ଲାର କୁଲତାମୁଣ୍ଡି ଗ୍ରାମପଞ୍ଚାୟତର ଜାମଲିପାଲି ଗାଁରେ ସେଦିନ ସକାଳୁ ଭାରି ଗହଳି । ଗାଁ ମୁଣ୍ଡ ଆମ୍ବତୋଟା ସବୁଦିନେ ଥାଏ ନିର୍ଜୀବ, ନୀରବ ଆଉ ନୀରସ । ଘାସ ଓ ଅନାବନା ଗଛରେ ଭର୍ତ୍ତି । ଇତ୍ୟବସରରେ ତିନି ଚାରିଟା ଉଇ ହୁଙ୍କା ସଗର୍ବରେ ମୁଣ୍ଡ ଟେକି ଥାଆନ୍ତି ।

ଉଇ ହୁଙ୍କାମାନଙ୍କର ଏ ଗର୍ବ ପୂର୍ବେ ସହିପାରୁ ନ ଥିଲେ ଗାଁର ଗୌନ୍ତିଆ ଦେବାର୍ଚ୍ଚନ ବଗର୍ତ୍ତି । ଗାଁରେ ସେ ଥାଉଁ ଥାଉଁ ଆଉ କିଏ ମୁହଁ ଉପରକୁ କରି ଠିଆହେବ । ପ୍ରତି ତିନି ଚାରି ମାସରେ କ'ଣ ନା କ'ଣ ମେଳା ଯାତରା, ପାଲା, ଦାସକାଠିଆ, ଦଣ୍ଡ ନାଚ ସେଇ ଆମ୍ବତୋଟାରେ । ତେଣୁ ତୋଟା ଭୂଇଁଟା ସବୁବେଳେ ସଫା ସୁତୁରା । ହୁଙ୍କାମାନଙ୍କ ଗର୍ବ ଏବେ ବଢ଼ିଗଲା ଗୌନ୍ତିଆ ଗଲା ପରେ ।

ହେଲେ ଦିନେ ସକାଳୁ ଦେଖିଲାବେଳକୁ ସବୁ ଉଇହୁଙ୍କା ସଫା । ଆମ୍ବତୋଟା ଭୁଇଁ ଝଡ଼ା ଝଡ଼ି ହୋଇ ନୂଆ ଦିଶୁଛି । ଚାରିଟା କାଠ ଖଟ ପଡ଼ି ତା'ଉପରେ ତିଆରି ହୋଇଛି ଗୋଟିଏ ମଞ୍ଚ, ତା ଉପରେ ଟଣା ହୋଇଛି ସାମିଆନା । ଟେବୁଲ ଚଉକି ଚାରିଟା ଆସି ପଡ଼ିଲାଣି । ଗାଁ ଟୋକାମାନେ ଆସି ଭିଡ଼ ଜମାଇଛନ୍ତି ସେଇ ମଞ୍ଚ ଚାରିପଟେ ।

ସକାଳ ଆଠଟାବେଳକୁ ସହରରୁ ପହଞ୍ଚିଲା ଡାକବାଜିବାଲା । ଚାରିଟା ବଡ଼ବଡ଼ ଫୁଂଗା ଲଗାଇ ଡାକଦେଲା ''ହେଲୋ ଟେନ୍, ନାଇନ୍, ଏଇଟ୍, ସେଭେନ୍, ସିକ୍ସ, ଫାଇଭ୍, ଫୋର୍, ଥ୍ରୀ, ଟୁ, ୱାନ୍'' ତାପରେ ବାଜିଲା କିଛି ମନମତାଣିଆ ସିନେମା ଗୀତ । ଆସ୍ତେ ଆସ୍ତେ ତା'ପରେ ରୁଣ୍ଡହେଲେ ଅନେକ । ଗୀତ ଶୁଣିବାକୁ ଆସି ଜମାହେଲେ ଗାଁ ଝିଅମାନେ ।

ସକାଳ ସାଢ଼େ ଆଠଟା ବେଳକୁ ଆସିଲା ଗୋଟିଏ ଜିପ୍ । ସେଥିରୁ ଓହ୍ଲାଇଲେ ଦାଢ଼ି ରଖିଥିବା ପଂଜାବୀ, ପାଇଜାମା ପିନ୍ଧିଥିବା ଓ ଶାନ୍ତିନିକେତନ ବସ୍ତାନୀ ଧରିଥିବା ପାଞ୍ଚଜଣ ଯୁବକ ଓ ଚଉଡ଼ା ନେଳି ଧଡ଼ିଥିବା ଧଳାଶାଢ଼ି ପିନ୍ଧିଥିବା ଜଣେ ଅତ୍ୟାଧୁନିକା ଯୁବତୀ । ଏମାନେ ସାଙ୍ଗରେ ଆଣିଥିଲେ ଗୋଟିଏ ବ୍ୟାନର ସହ କିଛି ବାଦ୍ୟଯନ୍ତ୍ର । ମଞ୍ଚ ପଛଆଡ଼େ ବ୍ୟାନରଟିକୁ ଟାଙ୍ଗିଦେଲେ ସେମାନେ ।

Digitized by PPRACHIN, SOA

ଆମ୍ବତୋଟାରେ ଖେଳୁଥିବା ପୁଅପିଲା ଓ ଭିଡ଼ ଜମାଇଥିବା ଝିଅପିଲାମାନେ ଚେଷ୍ଟାକଲେ କ'ଣ ଲେଖାଯାଇଛି ପଢ଼ିବାକୁ । ବଡ଼ କଷ୍ଟରେ ଦୁଇଜଣ ଗୋଟି ଗୋଟି ଅକ୍ଷରକୁ ପଢ଼ିଲେ । ''ସ୍ତନ୍ୟପାନର ଆବଶ୍ୟକତା ଓ ଉପକାରିତା । ଗ୍ରାମୀଣ ସଚେତନତା ଶିବିର, ସଂବିତ୍'' ।

ଉପସ୍ଥିତ ଜନତା ମଧ୍ୟରୁ କେତେଜଣ ଏହାର ଅର୍ଥ ବୁଝିଲେ ଜଣା ଗଲା ନାହିଁ ।

ଦୁଇ ଘଣ୍ଟା ସିନେମା ଗୀତ ବାଜିବା ସରିଲା ବେଳକୁ ଆମ୍ବତୋଟାରେ ପିଲାଙ୍କୁ ମିଶାଇ ଶହେ ସରିକି ଲୋକ ଏକାଠି ହେଲେଣି । ଏତିକିବେଳେ ପହଞ୍ଚିଲେ ଆଉ ଗୋଟିଏ ଜିପ୍ ଗାଡ଼ିରେ ଜିଲ୍ଲା ନାରୀ ସେବା ସଦନର ସଭାନେତ୍ରୀ, ଜଣେ ଡାକ୍ତରାଣୀ, ଉପଜିଲ୍ଲାପାଳ ଓ ସଂବିତ୍ ସଂସ୍ଥାର ଚାରିଜଣ ସ୍ୱେଚ୍ଛାସେବୀ । ସେଦିନ ସଭାରେ ସଭାପତିତ୍ୱ କରୁଥିଲେ ଜିଲ୍ଲା ନାରୀ ସେବା ସଂଘର ସଭାନେତ୍ରୀ କମଳା ମେନନ, ଧବଳଗିରି ଜିଲ୍ଲାପାଳଙ୍କ ଧର୍ମପତ୍ନୀ । ମୁଖ୍ୟବକ୍ତା ଥିଲେ ବ୍ଲକ ପ୍ରାଥମିକ ଚିକିତ୍ସାକେନ୍ଦ୍ରର ଡାକ୍ତରାଣୀ ସ୍ୱାତୀ ଦେବାନ୍ । ମୁଖ୍ୟ ଅତିଥି ଥିଲେ ଉପଜିଲ୍ଲାପାଳ ଅନୁପମ ରାଠୋଡ । ଶୁଣିବାକୁ ଉପସ୍ଥିତ ଥିଲେ ଜାମଲିପାଲି ଗାଁର ଦୁଇବର୍ଷରୁ ଚଉଦ ବର୍ଷ ମଧ୍ୟରେ ପଚାଶ ପିଲା ।

'ସଂବିତ୍' ସଂସ୍ଥା ତରଫରୁ ପ୍ରଥମେ ପରିବେଶିତ ହେଲା ପ୍ରାରମ୍ଭିକ ସଂଗୀତ । ତତ୍‌ପରେ ଆରମ୍ଭ ହେଲା ସ୍ୱାଗତ ଭାଷଣ ଓ ଅତିଥିମାନଙ୍କର ପରିଚୟ । ଜିଲ୍ଲା ନାରୀ ସେବା ସଦନର ସଭାନେତ୍ରୀଙ୍କର ପ୍ରତିଭା ବୟାନରେ ଶତମୁଖ ହୋଇଉଠିଲେ ସଂବିତ୍‌ର ସଂପାଦକ ।

ତା'ପରେ ଚାଲିଲା ଉପଜିଲ୍ଲାପାଳଙ୍କ ପ୍ରଶଂସା । ତାଙ୍କ ଭଳି ଅଧିକାରୀ ଆଗରୁ କେହି ନ ଥିଲେ ଏବଂ ପରେ ମଧ୍ୟ ଆସିବେ ନାହିଁ । ଜାମଲିପାଲି ଗ୍ରାମର ଭାଗ୍ୟରେ ଏଭଳି ବିଶିଷ୍ଟ ଅତିଥିମାନଙ୍କର ଆଗମନ କିପରି ଏକ ନବଯୁଗର ବାର୍ତ୍ତାବହ, ଏକଥା ଘୋଷିତ ହେଲା ବହୁବାର । ତା'ପରେ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତରାଣୀଙ୍କର ଗୁଣଗାନ । ଏହିପରି କଟିଗଲା ପନ୍ଦର ମିନିଟ୍ । ଏକ ଆଶା ଥିଲା ଯେ ସଭା ଉପଲକ୍ଷେ କିଛି ନୂଆ ବାର୍ଦ୍ଧକ୍ୟ ଭତ୍ତା କାଳେ ବଣ୍ଟା ହେବ । ତେଣୁ ବୁଢ଼ାବୁଢ଼ୀ କେତେଜଣ ଆସିଥିଲେ । ସମନ୍ୱିତ ଗ୍ରାମ୍ୟ ଉନ୍ନୟନ ଯୋଜନାରେ ଯେଉଁମାନଙ୍କର ଦରଖାସ୍ତ ଦଶମାସ ହେଲା ବ୍ୟାଙ୍କକୁ ଯାଇ ପଡ଼ିରହିଥିଲା ସେମାନଙ୍କ ମଧ୍ୟରୁ ବାର ଜଣ ଆସି ଅପେକ୍ଷା କରିଥିଲେ କାଳେ ସଭାରେ ଋଣ ବଣ୍ଟନ ହେବ ।

ଉପଜିଲ୍ଲାପାଳଙ୍କୁ ଜଣାଯିବ ଗାଁର ବିଭିନ୍ନ ଅଭାବ ଅସୁବିଧା । ଗାଁ ବିଦ୍ୟାଳୟର ଶିକ୍ଷକ, ଗ୍ରାମସେବକ, କୃଷିସେବକ, ପଞ୍ଚାୟତ ସେକ୍ରେଟେରୀ ଥାନାବାବୁ ଓ ସମବାୟ

Digitized by PPRACHIN, SOA

ସମିତିର ସେକ୍ରେଟେରୀଙ୍କ ନାଁରେ ଅଭିଯୋଗ ପତ୍ର ଲେଖିବା ପାଇଁ ଗାଁର ନନ୍‌ଫର୍ମାଲ ସ୍କୁଲର ଶିକ୍ଷକ ମଧ ଆସି ଉପସ୍ଥିତ ।ଲୋକଙ୍କଠାରୁ ଦସ୍ତଖତ ଓ ଟିପଚିହ୍ନ ନେବାରେ ସେ ବ୍ୟସ୍ତ ଥା'ନ୍ତି । ଡାକବାଜି ଯନ୍ତ୍ର ବାଜିଲାପରେ ସିନେମା ଦେଖାହେବ ବୋଲି ଆଉ ଦଶପନ୍ଦର ମଧ ଆସିଥା'ନ୍ତି ।

ମୁଖ୍ୟବକ୍ତା ଭାବେ ପ୍ରଥମେ କହିଲେ ଡଃ ଶ୍ରୀମତୀ ସ୍ୱାତି ଦେବାନ୍ । ସଦ୍ୟ ଜନ୍ମ ହେବାପିଲାଠାରୁ ଆରମ୍ଭ କରି ଦୁଇବର୍ଷ ପର୍ଯ୍ୟନ୍ତ ପିଲାକୁ ମା'ହିଁ ସ୍ତନ୍ୟପାନ କରାଇବା ଉଚିତ୍ ପ୍ରଥମ ଚାରିମାସ ପର୍ଯ୍ୟନ୍ତ କେବଳ ମା'କ୍ଷୀର ହିଁ ପିଲାପାଇଁ ଯଥେଷ୍ଟ । ତା'ପରେ କିଛି କିଛି ଫଳରସ, ଡାଲିପାଣି ଦିଆଯାଇପାରିବ । ବଜାରରେ ମିଳୁଥିବା ଗୁଣ୍ଡକ୍ଷୀରରେ ରୋଗ ପ୍ରତିରୋଧକ ଶକ୍ତି ନାହିଁ । ଡଃ ସ୍ୱାତିଙ୍କ ପରେ ଜିଲ୍ଲା ନାରୀ ସେବା ସଂଘର ସଭାନେତ୍ରୀ ଶ୍ରୀମତୀ ମେନନ୍ ମଧ ସ୍ତନ୍ୟପାନର ଶିଶୁପାଇଁ ଓ ମା'ପାଇଁ ଆବଶ୍ୟକତା ଓ ଉପକାରିତା ବିଷୟରେ ବଖାଣିଲେ ଅନେକ କଥା । ଶିଶୁର ମସ୍ତିଷ୍କ ଓ ଚରିତ୍ର ଗଠନରେ ମଧ ସ୍ତନ୍ୟପାନର ଅସୀମ ପ୍ରଭାବ କଥା କହିଲେ ।

ଶେଷକୁ ଉଠିଲେ ପ୍ରଧାନ ଅତିଥି ଉପଜିଲ୍ଲାପାଳ ଅନୁପମ ରାଠୋଡ । ଏତିକିବେଳେ ମଞ୍ଚଆଡ଼କୁ କିଏ ଜଣେ ଆସିବାର ଦେଖାଗଲା । ପରିଣତ ବୟସ । ସବିଂତ୍ ସଂସ୍ଥାର କୌଣସି ସଭ୍ୟ ବି ତାଙ୍କୁ ଚିହ୍ନି ନାହାନ୍ତି । ମଞ୍ଚ ଉପରେ ବସିଥିବା ସଭାନେତ୍ରୀ ଡାକ୍ତରାଣୀ ବା ବକ୍ତୃତା ଦେବା ପାଇଁ ଛିଡ଼ା ହେଇଥିବା ଉପଜିଲ୍ଲାପାଳ ସମସ୍ତେ ତାଙ୍କର ଅପରିଚିତ । କିନ୍ତୁ, ଆଶ୍ଚର୍ଯ୍ୟ ! ଶ୍ରୋତାମାନେ ତାଙ୍କୁ ଭିଡ଼ଭିତରେ ଦୁଇକଡ଼କୁ ପାଖେଇଯାଇ ବାଟ ଛାଡ଼ି ଦେଉଛନ୍ତି ସମ୍ମାନରେ— ସଂଭ୍ରମରେ । ସତେଯେମିତି ବୃଦ୍ଧ ଲୋକଟି ସେ ଗାଁର ମୁଖିଆ । ତାଙ୍କ ପଛେପଛେ ଚାଲିଛନ୍ତି ଚାରିଜଣ ମହିଳା । କାଖରେ ସେମାନଙ୍କର ଛୋଟଛୋଟ ଛୁଆ । ବୃଦ୍ଧ ବ୍ୟକ୍ତିଜଣକ ପ୍ରଥମେ ଉଠିଲେ ମଞ୍ଚ ଉପରକୁ । ତାଙ୍କ ପରେ ପଛେ ଉଠିଲେ ମାଆ ଚାରିଜଣ ।

ଉପଜିଲ୍ଲାପାଳ ଅନୁପମ ବାବୁଙ୍କଠାରୁ ହଠାତ୍ ଡାକବାଜୀ ଯନ୍ତ୍ରଟାକୁ ଧରି ନେଇ ବୃଦ୍ଧଜଣକ କହିଲେ, ଏ ନୂଆ ବାବୁ, ବାବୁଆଣୀମାନେ ମୋତେ ଚିହ୍ନି ନାହାନ୍ତି । ମୋ ନାଁ, ମାନେବେଣ ଚୌଧୁରୀ । ଭାରତ ଛାଡ଼ ଆନ୍ଦୋଳନରେ ଦୁଇବର୍ଷ ଜେଲ୍ ଯାଇଛି । ସ୍ୱାଧୀନତା ପରେ ସର୍ବୋଦୟ ଆନ୍ଦୋଳନ ଓ ଭୂଦାନରେ ଯୋଗ ଦେଇଛି । ଜରୁରୀ ପରିସ୍ଥିତି ବେଳେ ପୁଣି ଦୁଇବର୍ଷ ଜେଲ ଯାଇଛି । ଏ ଗ୍ରାମୀଣ ସଚେତନ ଶିବିର କାହାପାଇଁ କରାଯାଉଛି ? ଏ ଗାଁର ଯେଉଁ ଚାରିଜଣ ମା'ଙ୍କର କୋଳରେ ଛୁଆ ଅଛନ୍ତି, ଦେଖୁଛନ୍ତି ଆପଣ ? ସେମାନେ

Digitized by PPRACHIN, SOA

ଜଙ୍ଗଲକୁ ପତର ଗୋଟେଇ ଚାଲୁଛନ୍ତି । ଏଣେ ଏପଟେ ଦୁଇଘଣ୍ଟା ହେଲା ଭାଷଣ ଚାଲିଛି । ମୁଁ ସେମାନଙ୍କୁ ଜଙ୍ଗଲକୁ ଯାଇ ଡାକି ଆଣିଛି ସେମାନଙ୍କୁ ଏଠି ମଞ୍ଚ ଉପରେ ସମସ୍ତେ ଦେଖନ୍ତୁ ।

ସବୁଠାରୁ ସାନ ଛୁଆ ହେଲା ସୁରୁବାଲିର, ଦୁଇମାସର । ସବୁଠୁ ବଡ଼ ଛୁଆ ହେଲା ସାଇବାନିର, ଛଅ ମାସର । ଆଲୋ ଡାକ୍ତରାଣୀ, ତୁ ଆସି ଏମାନଙ୍କୁ ପରୀକ୍ଷା କର । ଛୁଆ ଜନ୍ମହେବାର ଦୁଇଚାରିଦିନ ମଧ୍ୟରେ ଏମାନଙ୍କର ଥନରୁ କ୍ଷୀର ଶୁଖିଯାଇଛି । ଦୁଇବର୍ଷଯାଏ ଏମାନେ କିପରି ଛୁଆମାନଙ୍କୁ ସ୍ତନ୍ୟପାନ ଦେବେ ? ଏମାନେ ଖାଇବାକୁ କ'ଣ ପାଉଛନ୍ତି ଯେ ଦେହରେ କ୍ଷୀର ତିଆରି ହେବ ? ରକ୍ତରୁ କ୍ଷୀର ତିଆରି ହୁଏ । ଯେତେବେଳେ ପୁଷ୍ଟିକର ଖାଦ୍ୟ ଅଭାବରୁ ରକ୍ତହୀନତାରେ ସମସ୍ତେ ଭୋଗୁଛନ୍ତି, ସେତେବେଳେ ଏମାନଙ୍କର ଥନରେ କ୍ଷୀର କୁଆଡୁ ଆସିବ ? ସବୁଠୁ ପାଖ ଅଙ୍ଗନବାଡ଼ି କେନ୍ଦ୍ର ଏଠାରୁ ଛଅ କିଲୋମିଟର ବାଟ । ସେ ମଧ୍ୟ ବର୍ଷେ ହେଲା ବନ୍ଦ ।

ମଞ୍ଚର ଡାହାଣପଟେ ଗାଁର ଯେଉଁ ଅଭିଆଡ଼ୀ ଝିଅମାନେ ଠିଆହୋଇଛନ୍ତି ତାଙ୍କୁ ଉପଜିଲ୍ଲାପାଳ, ସଭାନେତ୍ରୀ ଆଉ ଡାକ୍ତରାଣୀ ସମସ୍ତେ ଦେଖନ୍ତୁ । ସେମାନଙ୍କର ବୟସ ପନ୍ଦରରୁ ବାଇଶ ଯାଏ ହେଲାଣି । କୌଣସି ଯୁବତୀର ସୁଲଭ ଅଂଗ ବିକାଶ ସେମାନଙ୍କ ଦେହରେ କେହି ଦେଖିବାକୁ ପାଉଛ ? ଦେଖ– ଛାତିର ପଂଜରା ହାଡ଼କୁ ଯେମିତି ଚମଡ଼ାହିଁ ଭିଡ଼ିଧରି ଘୋଡ଼େଇଛି । ଏମାନଙ୍କର ସ୍ତନ କାହିଁ ଯେ ଛୁଆ ହେଲେ ଏମାନେ ସ୍ତନ୍ୟପାନ କରାଇବେ ?

ଭାଣ୍ଡାମି କରୁଥିବା ସ୍ୱେଚ୍ଛାସେବୀ ସଂସ୍ଥା ସଂବିତ୍‌ର ବାବୁମାନେ ଶୁଣ । ଅନାହାର, ପୁଷ୍ଟିହୀନତା, ରକ୍ତଶୂନ୍ୟତା ଯୋଉଠି ଚିରନ୍ତନ ସତ୍ୟ, ବର୍ଷ ବର୍ଷଧରି ମ୍ୟାଲେରିଆରେ ଭୋଗି ସିକଲ୍ ସେଲସ୍ ଏନେମିଆ ବେମାରୀ ଯୋଉଠି ଶତକଡ଼ା ସତୁରିଭାଗ ଲୋକଙ୍କ ସାଥୀ, ଡାଇରିଆ ଓ ଗ୍ୟାଷ୍ଟ୍ରୋଏନ୍‌ଟେରାଇଟସ୍‌ରେ ଯୋଉ ଗାଁରେ ପ୍ରତିବର୍ଷ ପିଲାଏ ମରନ୍ତି ସେ ଗାଁରେ ସ୍ତନ୍ୟପାନର ଉପକାରିତା ଓ ଆବଶ୍ୟକତା ଉପରେ ସଚେତନତା ଶିବିର କରୁଛ ? ଲଜ୍ଜା ଲାଗୁନାହିଁ । ତମକୁ ସରମ ଆସୁନି କେମିତି ? ହଁ, ତୁମ ଗୁଣମାନ ତ ବେଶ୍ ଜଣାପଡୁଛି । କ୍ୟାମେରା ଧରି ଯେଉଁମାନେ ବାବୁ ବାବୁଆଣୀଙ୍କ ଫଟୋ ଉଠାଉଛ, ସେମାନେ ଏଇ ଚାରୋଟି ମା'ଙ୍କ ଫଟୋ ନିଅ ।

ଗ୍ରାମୀଣ ସଚେତନତା ଶିବିରରେ ହଜାରେ ଟଙ୍କା ଖର୍ଚ୍ଚ କରି ପାଞ୍ଚ ହଜାର ଟଙ୍କାର ବିଲ୍ କରି ପଇସା ନେବାର ଏ ଗୋଟିଏ ଉତ୍ତମ ଫନ୍ଦି ତୁମକୁ ଜୁଟିଛି ।

Digitized by PPRACHIN, SOA

''ଆଉ ଶ୍ରୀମାନ୍ ନବଯୁବକ ଅନୁପମବାବୁ, ତମକୁ କିଏ ସବ୍‌କଲେକ୍ଟର କଲା ? ଆଧୁନିକ ସଭ୍ୟତାର କେଶସି ଧାସ ବାଜି ନ ଥିବା ଦାରିଦ୍ର୍ୟ ପ୍ରପୀଡ଼ିତ କୁଲତାମୁଣ୍ଡି ଗ୍ରାମପଞ୍ଚାୟତର ଅନାମଧେୟ ଜାମଲିପାଲି ଗାଁକୁ ତୁମ ଆଇ.ଏ.ଏସ୍. ଚାକିରିର ଦେଢ଼ବର୍ଷ ମଧରେ ଥରେ ହେଲେ ଆସିଥିଲ ?ଏ ଗାଁରେ ପିଇବାପାଣିର ନଳକୂପ ଗଲା ଚାରିମାସ ହେଲା ମରାମତି ହୋଇନାହିଁ । ଖବର ନେଇଛ ? ଗଲାମାସରେ ତିନିଟାପିଲା ଝାଡ଼ାବାନ୍ତିରେ ଯମପୁର ଚାଲିଗଲେ । ତମେ କେଉଁଠି ଥିଲ ? ବର୍ଷେ ଭିତରେ ଦି'ଜଣ ମା' ପ୍ରସବ ସମୟରେ ଆରପାରିକୁ ଗଲେ । ତମର ଦେଖା ନ ଥିଲା । ଆଜି ସ୍ତନ୍ୟପାନର ଆବଶ୍ୟକତା ବିଷୟରେ ଭାଷଣ ମାରୁଛ । ହାଏରେ ବିଧାତା । ତମକୁ କଅଣ ଆଉ କହିବି ? ତମ ଶ୍ରୋତାମାନଙ୍କ ମଧ୍ୟରୁ କେଉଁମାନେ ସ୍ତନ୍ୟପାନ ଦେଇପାରିବେ ତୁମେ ଜାଣିଛ ?

ସ୍ତନର ସ୍ୱାସ୍ଥ୍ୟ ଓ ସୌନ୍ଦର୍ଯ୍ୟ ରକ୍ଷଣାବେକ୍ଷଣ ଦିଗରେ ଯେଉଁ ଦେଶମାନଙ୍କରେ ଆମ ରାଜ୍ୟର ବାର୍ଷିକ ବଜେଟ୍‌ଠାରୁ ଚାରି ଗୁଣ ବେଶୀ ଖର୍ଚ୍ଚ ହୁଏ ଯାଅ ସେଠାରେ ମା'ମାନଙ୍କୁ ବକ୍ତୃତା ଦେବ । ସେ ଦେଶରେ ମା'ମାନେ ଜୋର୍ କରି ଛୁଆମାନଙ୍କୁ କ୍ଷୀର ଛଡ଼ାନ୍ତି । ଔଷଧ ଖାଇ ସ୍ତନରେ କ୍ଷୀର ତିଆରି ବନ୍ଦ କରାନ୍ତି । ଆମ ରାଜ୍ୟରେ ସ୍ତନ୍ୟପାନ ଛଡ଼ା ଦ୍ୱିତୀୟଖାଦ୍ୟ ମା'ପିଲାଙ୍କୁ ଦେବାପାଇଁ ଅକ୍ଷମ, ଏଠି ପୁଷ୍ଟିକର ଖାଦ୍ୟ ଅଭାବରୁ ଦୁଇ ଚାରିଦିନ ପରେ ମା' ସ୍ତନରୁ କ୍ଷୀର ଶୁଖିଯାଏ । ଖାଦ୍ୟ ଅଭାବରୁ ଯେଉଁଠି ଯୁବତୀର ସ୍ତନ ଗଠିତ ହେବା ପୂର୍ବରୁ ପଞ୍ଜରା ହାଡ଼ ଭିତରେ ପଶିଯାଏ ସେଠି ଏ ପ୍ରହସନ କାହିଁକି ଓ କେତେଦିନ ? କେତେଦିନ ଆମେ ଆଉ ଲୋକଙ୍କୁ ଠକିବା ?'' ମାନବେଶ ଚଉଧୁରୀ ଯେମିତି ଝଡ଼ଭଳି ଆସିଥିଲେ ଠିକ୍ ସେମିତି ଚାଲିଗଲେ । ସଭାଟି ନିମିଷକେ ଭାଙ୍ଗିଗଲା, ଠିକ୍ ଯେପରି ସତ୍ୟରୂପୀ ଆଲୋକର ଆଗମନରେ ଅପସରିଯାଏ, ଅସତ୍ୟର ଅନ୍ଧାର ।

Digitized by PPRACHIN, SOA

ବାପ ପୁଅ ରାତି ଅନିଦ୍ରା

ରାତିରେ ନିଦ ନ ଥାଏ ଝୁନ୍‌ଝୁନ୍ ଜିଲ୍ଲାର ନୂତନ ଜିଲ୍ଲାପାଳ ଶ୍ରୀ ବ୍ରଜମୋହନ ଉପାଧ୍ୟାୟଙ୍କୁ । ପଞ୍ଚାୟତ ଓ ପଞ୍ଚାୟତ ସମିତି ପାଇଁ ନିର୍ବାଚନ ଘୋଷଣା ସରିଥାଏ । ପ୍ରାୟ ପନ୍ଦର ବର୍ଷ ବ୍ୟବଧାନ ପରେ ରାଜ୍ୟରେ ଏଭଳି ନିର୍ବାଚନ । ଅନେକ ଦିନ ଧରି ପଞ୍ଚାୟତସମିତିର ସଂପ୍ରସାରଣ ଅଫିସର ଓ ଗ୍ରାମସେବକମାନେ ସରପଞ୍ଚ ଦାୟିତ୍ୱ ତୁଲାଇଥାନ୍ତି ଓ ଏସ୍.ଡି.ଓ.ମାନେ ପଞ୍ଚାୟତସମିତି ଚେୟାରମ୍ୟାନ୍ ଦାୟିତ୍ୱ ମଧ୍ୟ । କେତେକ ରାଜନୀତିଜୀବି ସରକାରୀ କଳ ଉପରେ ନାନାବିଧ ଚାପ ପ୍ରୟୋଗ କରି ବିଭିନ୍ନ କମିଟିରେ ଅଧ୍ୟକ୍ଷତା କରି ଗ୍ରାମଠାରୁ ଆରମ୍ଭ କରି ଜିଲ୍ଲାସ୍ତର ପର୍ଯ୍ୟନ୍ତ ନିରଙ୍କୁଶ କ୍ଷମତାର ଅଧିକାରୀ ହୋଇଥାନ୍ତି । ସେମାନଙ୍କ ମଧ୍ୟରୁ ଏବଂ ସରକାରୀ କର୍ମଚାରୀମାନଙ୍କ ମଧ୍ୟରୁ ଅନେକ ଏଭଳି କ୍ଷମତାକୁ ଅପପ୍ରୟୋଗ କରି କିଛି ଅର୍ଥ ଉପାର୍ଜନର ପନ୍ଥା ଖୋଲିଥାନ୍ତି ।

ଏଭଳି ପରିସ୍ଥିତିରେ ନ୍ୟସ୍ତସ୍ୱାର୍ଥମାନଙ୍କର ଅନ୍ତର୍ଘାତୀ କାର୍ଯ୍ୟର ଆଶଙ୍କା ଥାଏ । ମୁକ୍ତ ତଥା ଅବାଧ ପଞ୍ଚାୟତ ନିର୍ବାଚନ କରାଇବା ଦିଗରେ ଜିଲ୍ଲାପାଳଙ୍କ ଭୂମିକା ଅତ୍ୟଧିକ ଗୁରୁତ୍ୱପୂର୍ଣ୍ଣ । ନିର୍ବାଚନ ପଦ୍ଧତି, ନୀତିନିୟମର ପ୍ରତ୍ୟେକ ଦିଗରୁ ତନ୍ନତନ୍ନ ଅଧ୍ୟୟନ କରି କିଭଳି ଗ୍ରାମ୍ୟସ୍ୱାୟତ୍ତଶାସନ ସଂସ୍ଥାଗୁଡ଼ିକୁ ଯୋଗ୍ୟ ପ୍ରତିନିଧିମାନେ ନିର୍ବାଚିତ ହୋଇଆସିବେ, ସେ ବିଷୟରେ ଜିଲ୍ଲାପାଳ ଶ୍ରୀ ଉପାଧ୍ୟାୟ ଏକ ନିଖୁଣ ଯୋଜନା ପ୍ରସ୍ତୁତ କରି ତାର ପ୍ରତ୍ୟେକଟି ପଦକ୍ଷେପ କିଭଳି ସୁଚାରୁରୂପେ ନିଆଯିବ ସେଥିପାଇଁ ଅକ୍ଳାନ୍ତ ପରିଶ୍ରମ କରିବା ସଂଗେ ସଂଗେ ନିର୍ବାଚନ ଘୋଷଣା ଦିନରୁ ଚିନ୍ତା ବଢ଼ିଯାଇଥିଲା ତାଙ୍କର ।

କୌଣସି ପଞ୍ଚାୟତକୁ କିଭଳି ସେହି ପଞ୍ଚାୟତ ବା ତା'ର ପାଖ ପଞ୍ଚାୟତର ବାସିନ୍ଦା କର୍ମଚାରୀ ନିର୍ବାଚନ ଡିଉଟିରେ ନ ଯିବେ ତାହା ଦେଖାଗଲା । ନୂତନ ପ୍ରକଳ୍ପର ଶୁଭଦେବା କାର୍ଯ୍ୟ ଆରମ୍ଭ ହେଲାନାହିଁ ।

ବେଳେବେଳେ କାର୍ଯ୍ୟାଳୟରୁ ଛୁଟିନେଇ କେତେଜଣ ସରକାରୀ କର୍ମଚାରୀ ରାଜନୈତିକ ଦଳପାଇଁ କାର୍ଯ୍ୟକରିବାକୁ ଯାଇଥାନ୍ତି ।

ସେଭଳି ଛୁଟିମଞ୍ଜୁର କରାଗଲା ନାହିଁ । ରାଜନୈତିକ କର୍ମୀମାନଙ୍କ ସଙ୍ଗେ ସଂଶ୍ଳିଷ୍ଟ ହୋଇ ଯେଉଁ କର୍ମଚାରୀମାନେ ତୁହାକୁତୁହା ଧର୍ମଘଟ ଡାକରା ଦିଅନ୍ତି ସେମାନଙ୍କୁ ଦାୟିତ୍ୱରୁ ଦୂରେଇ ରଖାଗଲା । ସହରାଞ୍ଚଳର ଭଡ଼ାଟିଆ ଗୁଣ୍ଡାମାନେ

Digitized by PPRACHIN, SOA

ବୋମା, ଖଣ୍ଡା ଓ ବନ୍ଧୁକ ଧରି ଗାଁ ଗହଳିରେ ଲୋକମାନଙ୍କୁ ଯେପରି ଭୀତତ୍ରସ୍ତ ନ କରାନ୍ତି ସେ ଦିଗରେ ଦୃଷ୍ଟି ଦିଆଗଲା ଏବଂ ପ୍ରତିଷେଧମୂଳକ ଭାବେ ଆବଶ୍ୟକମତେ ଗିରଫଦାରୀ କରାଗଲା । ଭୋଟର ତାଲିକା ଯାଞ୍ଚ କରାଯାଇ ପ୍ରକୃତ ପଲ୍ଲୀ ବାସିନ୍ଦାମାନଙ୍କୁ ଚିହ୍ନଟ କରାଗଲା ଏବଂ କିଏ କେଉଁ ବୁଥ୍‌ରେ ଭୋଟ ଦେବେ ତାହା ମଧ୍ୟ ଯଥେଷ୍ଟ ଆଗରୁ ସ୍ଥିର କରାଯାଇ ପ୍ରଚାର ମାଧ୍ୟମରେ ଜଣାଇ ଦିଆଗଲା । ଆବଶ୍ୟକମତେ ପୁଲିସ୍ ମୁତୟନ କରାଗଲା ।

ନିର୍ବାଚନର ପୂର୍ବରୁ ଶ୍ରୀ ବ୍ରିଜମୋହନ ନିଜେ ଯାଇ ସବୁ ବ୍ଲକ ଅଫିସ୍ ଓ ଅନେକ ଗୁରୁତ୍ୱପୂର୍ଣ୍ଣ ପଞ୍ଚାୟତ ଅଫିସ୍ ବୁଲି ଆସିଲେ । ନିର୍ବାଚନ ଦିନ ଭୋଟଗ୍ରହଣ କାର୍ଯ୍ୟ ସୁରୁଖୁରୁରେ ହେଲା । ଭୋଟ ଗଣତି ପରେ ଫଳାଫଳ ଘୋଷଣା ବେଳେ ହିଂସାକାଣ୍ଡ ଘଟିବାର ସମ୍ଭାବନା ପାଇଁ ଆବଶ୍ୟକ ପୋଲିସ୍ ବନ୍ଦୋବସ୍ତ କରାଯାଇଥାଏ । ଶ୍ରୀ ଉପାଧ୍ୟାୟ ଠିକ୍ କଲେ ଅପରାହ୍ନ ଚାରିଟାରୁ ରାତି ନ'ଟା ମଧ୍ୟରେ ତିନି ଚାରୋଟି ବ୍ଲକ୍ ଅଫିସ୍ ନିଜେ ବୁଲି ଆସି ପରିସ୍ଥିତି ଅନୁଧ୍ୟାନ କରିବେ । ପଳାଶପୁର ବ୍ଲକ୍ ଅଫିସ୍‌ରେ ଯେମିତି ବ୍ରିଜମୋହନଙ୍କ ଗାଡ଼ିଯାଇ ପହଞ୍ଚିଛି, ବି.ଡି.ଓ. ଶ୍ରୀ ମିଶ୍ର ଓ ଚାରିଜଣ ସଂପ୍ରସାରଣ ଅଫିସର ବ୍ଲକ୍ ଅଫିସ୍‌ରୁ ବାହାରିଆସି ତାଙ୍କୁ ନମସ୍କାର ଜଣାଇଲେ । ଅତି ଉତ୍‌ଫୁଲ୍ଲ ହୋଇ ପଳାଶପୁର ବି.ଡି.ଓ. ଶ୍ରୀ ମିଶ୍ର କହିଲେ, ''ଆମେ ଜିତିଗଲୁ ସାର୍— ଆମେ ଜିତିଗଲୁ ସାର୍. ଶଳାଙ୍କୁ ଠିକ୍ ପାନେ ହୋଇଛି ।''

ବ୍ରିଜମୋହନ ଆଶ୍ଚର୍ଯ୍ୟ ହୋଇ ପଚାରିଲେ, ''କିଏ ଜିତିଲା, ଠିକ୍ କରି କୁହନ୍ତୁ । ଶ୍ରୀ ମିଶ୍ର ପୁଣିଥରେ ଉତ୍‌ଫୁଲ୍ଲ ହୋଇ କହିଲେ– ''ଆମେ ଜିତିଗଲୁ ସାର୍'' ବ୍ରିଜମୋହନ ନିଜର କ୍ରୋଧକୁ ଚାପିରଖି କହିଲେ– ''ମିଶ୍ରବାବୁ, ଜାଣିଛନ୍ତି କାହା ସାଙ୍ଗେ କଥା ହେଉଛନ୍ତି ? ମୁଁ ଝୁନ୍‌ଝୁନ୍‌ର କଲେକ୍ଟର ବ୍ରିଜମୋହନ ଉପାଧ୍ୟାୟ'' ।

ତତ୍‌କ୍ଷଣାତ୍ ନିଜର ଭୁଲ ହୃଦୟଙ୍ଗମ କରି ଶ୍ରୀ ମିଶ୍ର କହିଲେ ''ସାର୍ ଆମ ମନ୍ତ୍ରୀ ଜିତିଗଲେ ତ, ସେଇଥିପାଇଁ ଖୁସିରେ ଏମିତି କହିଦେଲି, କିଛି ଭାବିବେ ନାହିଁ ସାର୍'' ।

ଶ୍ରୀ ଉପାଧ୍ୟାୟ ଏଥର ନିଜର ସ୍ୱର ଆହୁରି ଗମ୍ଭୀର ଓ ଉଚ୍ଚ କରି କହିଲେ, ''ଆପଣଙ୍କ ମନ୍ତ୍ରୀ କିଏ ବା ଆପଣ କେଉଁ ମନ୍ତ୍ରୀଙ୍କ ଲୋକ ମୁଁ ଜାଣିନାହିଁ । ମୁଁ ଏତିକି ଜାଣିଛି ଯେ କୌଣସି ମନ୍ତ୍ରୀ ମୋ ଜିଲ୍ଲାରୁ ସରପଞ୍ଚ ବା ପଞ୍ଚାୟତ ସମିତି ଚେୟାରମ୍ୟାନ୍ ପାଇଁ ନିର୍ବାଚନ ଲଢୁ ନ ଥିଲେ । ତେଣୁ ସେ ବା ଆପଣ ଜିତିଲେ କିପରି ?''

Digitized by PPRACHIN, SOA

ଶ୍ରୀ ମିଶ୍ର, ନମ୍ର ହୋଇ ହାତଯୋଡ଼ି କହିଲେ, ''ସାର୍ ପୁଣି ଭୁଲ ହୋଇଗଲା'' ଆମ ଜିଲ୍ଲା ମନ୍ତ୍ରୀ ଶ୍ରୀ ତାପସ ଚତୁର୍ବେଦୀଙ୍କ ଖାସ୍ ଲୋକ ଶ୍ରୀଭୋରା ପଞ୍ଚାୟତସମିତି ଚେୟାରମ୍ୟାନ୍ ନିର୍ବାଚନରେ ବହୁତ ଭୋଟରେ ଜିତିଗଲେ ! ତେଣୁ ମୁଁ ଟିକିଏ ବେଶୀଖୁସି ହୋଇଯାଇଥିଲି ସାର୍'' ସାର୍, ଭୁଲ ହୋଇଗଲା ସାର୍ । ଶ୍ରୀ ବ୍ରିଜମୋହନଙ୍କ ଗୋଡ଼ ଧରି ଶ୍ରୀ ମିଶ୍ର ପଡ଼ିଗଲେ । ସଂପ୍ରସାରଣ ଅଧିକାରୀମାନେ ଧୀରେ ଧୀରେ ପଛେଇଯାଇ ଲୁଚିଗଲେ । ବ୍ରିଜମୋହନ ଘୁଞ୍ଚି ଆସିଲେ ଏବଂ କହିଲେ, ''ମିଶ୍ର ବାବୁ ଆପଣ ଅତିଖୁସିରେ ପାଗଳ ହୋଇଯାଇଛନ୍ତି ଦେଖୁଛି ।''

ନିର୍ବାଚନ ଓ ଭୋଟ ଗଣତି ବିଷୟରେ ଅନ୍ୟକିଛି ବିସ୍ତୃତଭାବେ ଜାଣିବା ପାଇଁ ଶ୍ରୀ ଉପାଧ୍ୟାୟ ଆଉ ବ୍ଲକ ଅଫିସ୍ ଭିତରକୁ ଗଲେନାହିଁ । ବି.ଡି.ଓ., ତାଙ୍କ କର୍ମଚାରୀମାନଙ୍କୁ ଉଲ୍ଲାସ ଉତ୍ସବ ପାଳନ କରିବାକୁ ଛାଡ଼ିଦେଇ ସେ ଗାଡ଼ିରେ ଆସି ବସିଲେ ।

''ସାର୍ ଟିକିଏ ଚା' ଜଳଖିଆ ଖାଇ ଯାଆନ୍ତୁ । ଆମ ମନ ଭାରି ଦୁଃଖ ହେବ । ସାର୍ ଆଉ ଏମିତି ଭୁଲ ହେବନାହିଁ'' ।

ମିଶ୍ରବାବୁଙ୍କର ଅନୁନୟ କଣ୍ଠସ୍ୱର । କିନ୍ତୁ ଶ୍ରୀ ଉପାଧ୍ୟାୟଙ୍କ ଗାଡ଼ି ହରିଶ୍‌ପୁର ବ୍ଲକ ରାସ୍ତାରେ ସେତେବେଳକୁ ଆଗେଇ ଚାଲିଥିଲା । ସେ ମନକୁମନ କହୁଥିଲେ – ବାପପୁଅ ରାତି ଅନିଦ୍ରା, ହେଲେ ମୁଗୁରା ପଛ ମେଲା ।'' ସେ ଯେତେ ପରିଶ୍ରମ କରନ୍ତୁ ଯେତେ ସାହସିକତାର ପ୍ରଦର୍ଶନ କରନ୍ତୁ, ବି.ଡ.ଓ. ଏବଂ ସଂପ୍ରସାରଣ ଅଧିକାରୀମାନେ ଯେଉଁଠି ଏତେମାତ୍ରାରେ ଅନୁଗତ ଓ ବୋକଚାବୁହା ସେଠାରେ ନିର୍ବାଚନରେ ପ୍ରଶାସକ ନିରପେକ୍ଷତା ଆଶା କରିବା ନିର୍ବୋଧତା ନୁହେଁ ତ ଆଉ କ'ଣ ?

———o———

Digitized by PPRACHIN, SOA

ଜନ୍ମ ୧୯୪୯ରେ । ଶ୍ରୀ ସଚ୍ଚିଦାନନ୍ଦ ତ୍ରିପାଠୀ ଅବସରପ୍ରାପ୍ତ ଆଇ.ପି.ଏସ୍. ଓ ଶ୍ରୀମତୀ ବିଷ୍ଣୁପ୍ରିୟା ଦେବୀଙ୍କ ଦ୍ୱିତୀୟ ପୁତ୍ର ।

ଗ୍ରାମ– ବାଙ୍କୀ ସବ୍‌ଡିଭିଜନର ସୁବର୍ଣ୍ଣପୁର, ବାସସ୍ଥାନ– ଆଠଗଡ଼ ସହର ଓ ପିଲଗ୍ରୀମ୍ ରୋଡ୍, କଲେଜଛକ, କଟକ ।

ସ୍କୁଲଶିକ୍ଷା ଢେଙ୍କାନାଳ ସହର ଜର୍ଜ ଉ.ପ୍ରା. ସ୍କୁଲ, ବଲାଙ୍ଗୀର ସହରର ଟିକ୍ରାପଡ଼ା ଇଉ.ପି. ସ୍କୁଲ, ବଏଜ ଏମ୍.ଇ. ସ୍କୁଲ, ପୃଥ୍ୱୀରାଜ ହାଇସ୍କୁଲ, କଟକ ନଗରୀର ରାଣୀହାଟ ହାଇସ୍କୁଲ ଓ ରେଭେନ୍‌ସା କଲେଜ, ଉତ୍କଳ ବିଶ୍ୱବିଦ୍ୟାଳୟ ବାଣୀ ବିହାରର ସ୍ନାତକୋତ୍ତର ରାଜନୀତି ବିଜ୍ଞାନ ବିଭାଗ ।

ଶିକ୍ଷା ସମାପ୍ତି ପରେ ପ୍ରଥମେ ଅଧ୍ୟାପକ ସ୍ନାତକୋତ୍ତର ରାଜନୀତି ବିଜ୍ଞାନ ବିଭାଗ, ବାଣୀବିହାର, ପରେ ଶିକ୍ଷାନବିଶ୍ ଅଫିସର ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ । ରାୟଗଡ଼ାର ଉପ-ଜିଲ୍ଲାପାଳ, ଅବିଭକ୍ତ ଗଞ୍ଜାମ ଓ ସମ୍ବଲପୁର ଜିଲ୍ଲାର ଜିଲ୍ଲାପାଳ । ଓଡ଼ିଶା ସରକାରଙ୍କ ବିଭିନ୍ନ ବିଭାଗ ଓ ନିଗମରେ ପ୍ରଶାସନିକ ଦାୟିତ୍ୱ ପାଳନ ।

ପ୍ରଥମ କ୍ଷୁଦ୍ରଗଳ୍ପ ସଂକଳନ 'ଅଦୃଶ୍ୟ ପୋଷାକ' ଫେବୃୟାରୀ ୧୯୯୭ରେ ପ୍ରକାଶିତ । ବିଭିନ୍ନ ସମୟରେ ସମ୍ବାଦପତ୍ର ଓ ପତ୍ରିକାରେ ପ୍ରଶାସନ, ଇତିହାସ ଓ ସଂସ୍କୃତି ଉପରେ ପ୍ରବନ୍ଧ ପ୍ରକାଶିତ ହୋଇଛି । ସଂପ୍ରତି ରାଜ୍ୟ ସରକାରଙ୍କର ପର୍ଯ୍ୟଟନ, ସଂସ୍କୃତି, କ୍ରୀଡ଼ା ଓ ଯୁବ ସେବା ବିଭାଗର ଶାସନ ସଚିବ ଭାବେ ଭୁବନେଶ୍ୱରରେ ଅବସ୍ଥାପିତ ।

ବିଦ୍ୟାପୁରୀ
ବାଲୁବଜାର, କଟକ ୭୫୩୦୦୨

ISBN 81-7411-260-X   ଟ ୭୦.୦୦

Digitized by PPRACHIN, SOA